ମାର୍ଚ୍ଚ ୨୦୨୧




Photo by Dr. Ranjit Kumar Sahu, USA

**ISSN NO – 2582-208X**

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଓଡିଆମାନେ ହେଲେ ଶାନ୍ତିପ୍ରିୟ। ଏଣୁ ଆଗରୁ ଓଡିଆମାନେ ଓଡିଶା ବାହାରକୁ ଯିବାକୁ ଚାହୁଁନଥିଲେ । ପାଠଶାଠ ପଢି ଛୋଟ ଚାକରୀଟିଏ ହେଲେ ମଧ୍ୟ ଓଡିଶାରେ ଯଦି ମିଳିଗଲା ତେବେ ତାହାଠାରୁ ଭଲକଥା କିଛି ନାହିଁ ବୋଲି ଭାବୁଥିଲେ। ତେଣୁ ଘରର ଆଖପାଖରେ, ଆଉ ଅଧିକ ବାଟ ହେଲେ ଭୁବନେଶ୍ୱର ପର୍ଯ୍ୟନ୍ତ ଚାକିରି ଖୋଜା ଯାଉଥିଲା। ମୋର ମନେଅଛି, ୧୯୯୭ ମସିହାରେ ମୋର ଯେତେବେଳେ ବ୍ୟାଙ୍କରେ ପ୍ରଥମ ପୋଷ୍ଟିଂ ଗୌହାଟୀରେ ହେଲା, ସେତେବେଳେ ପରିବାର ପରିଜନ, ସାଙ୍ଗସାଥି ଆଉ ବନ୍ଧୁବାନ୍ଧବମାନେ ଅନେକ ପ୍ରକାର କଥା କହି ଏତେ ଦୂରରେ ଚାକରୀ ନକରିବା ପାଇଁ ପରାମର୍ଶ ଦେଇଥିଲେ ଆଉ ବହୁତ କଷ୍ଟରେ ମୁଁ ଘର ବାହାରକୁ ପାଦ କାଢିଥିଲି। କିନ୍ତୁ, ଆଜିକାଲି ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ଆଜିକାଲି କେବଳ ଭାରତବର୍ଷରେ ନୁହେଁ, ଓଡିଆମାନେ ପହଞ୍ଚି ପାରିଛନ୍ତି ପୃଥିବୀର ଅନେକ ଦେଶରେ ଆଉ ସହରରେ କେବଳ ନିଜ ଦକ୍ଷତା ଯୋଗୁ। ଜୀବିକା ଅର୍ଜନ ପାଇଁ ଦୂରରେ ରହିବା ସତ୍ତ୍ୱେ ବାହାରେ ରହୁଥିବା ଓଡିଆମାନେ ନିଜର ସଂସ୍କୃ ତି କୁ ବଞ୍ଚାଇ ରଖିବା ପାଇଁ ଅନେକ ପ୍ରକାରର ଚେଷ୍ଟା ମଧ୍ୟ କରି ଚାଲିଛନ୍ତି । ବିଭିନ୍ନ ସ୍ଥାନ ମାନଙ୍କରେ ଓଡିଆ ସମାଜ ଗଠିତ ହୋଇ ଓଡିଶାର ସଂସ୍କୃ ତି କୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ମନେ ପକେଇବା, ଓଡିଆ ପର୍ବପର୍ବାଣୀ ପାଳନ କରିବା ଏବଂ ଏହା ସଙ୍ଗେ ସଙ୍ଗେ ନୂଆ ପିଢିକୁ ଓଡିଶାରେ ଐତିହ୍ୟ ଓ ସଂସ୍କୃତିକୁ ଜଣାଇବା କାର୍ଯ୍ୟ ଚଳାଇଛନ୍ତି। ଆଉ ଏଇଥିପାଇଁ ଆଜି ଓଡିଶା ବାହାରେ ରହିଲେ ମଧ୍ୟ, ନିଜ ଜନ୍ମଭୂମି ଆଉ ମାତୃଭାଷା ପାଇଁ କିଛିଟା ଅବଦାନ କରିବାର ଇଚ୍ଛା ପ୍ରତ୍ୟେକ ଓଡିଆଙ୍କ ପାଖରେ ଦେଖାଯାଇଛି ।

ଓଡିଶାରେ ରହିଛି ଅନେକ ଦର୍ଶନୀୟ ସ୍ଥାନ, ମନ୍ଦିର, ପାହାଡ, ପର୍ବତ, ନଦୀ, ହ୍ରଦ ଓ ସମୁଦ୍ର । କିନ୍ତୁ ଏସବୁ ଥିବା ସତ୍ତ୍ୱେ ଓଡିଶା ଆଜି ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିପାରୁନାହିଁ । ଏହାର କାରଣ ହେଉଛି ପ୍ରଚାର ଓ ପ୍ରସାରର ଅଭାବ । ଆମ ରାଜ୍ୟରେ ଅନେକ ନଦୀ ଏବଂ ସମୁଦ୍ର ଥିବାବେଳେ ଏପର୍ଯ୍ୟନ୍ତ ଗୋଟିଏ ଭଲ "ୱାଟର୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ" ଦେଖିବାକୁ ମିଳେନାହିଁ । ଆମ ରାଜ୍ୟରେ ଏପରି ଅନେକ ସୁନ୍ଦର ସ୍ଥାନ ଅଛି ଯେଉଁଠାକୁ ଗଲେ ସେଠାରୁ ଆଉ ଫେରିବାକୁ ମଧ୍ୟ ଇଚ୍ଛା ହୁଏନାହିଁ ଏହାର ସୌନ୍ଦର୍ଯ୍ୟତା ଓ ପ୍ରାକୃତିକ ପରିବେଶ ଯୋଗୁ । ଚାରିଆଡେ ପ୍ରକୃତିର ସୁନ୍ଦର ପରିବେଶ । କିନ୍ତୁ ଏହିସବୁ ଯାଗା ବିଷୟରେ ଅନେକ ଲୋକେ ଜାଣିନାହାନ୍ତି । ଆମ ଓଡିଶାରେ ଅନେକ ପ୍ରକାରର ପର୍ବପର୍ବାଣୀ ପାଳନ କରାଯାଏ । ଆଉ ଯଦି ଏହି ପର୍ବପର୍ବାଣୀମାନଙ୍କୁ ନେଇ କିଛିଟା ଭିନ୍ନ ଧରଣର ପରିବେଶ ସୃଷ୍ଟି କରାଯାଇ ପାରନ୍ତା, ତାହାହେଲେ ପର୍ଯ୍ୟଟକମାନେ କେବଳ ଯେ ଓଡିଶା ପ୍ରତି ଆକର୍ଷିତ ହୁଅନ୍ତେ ତାହାନୁହେଁ, ଓଡିଶା ବିଷୟରେ ଅନେକ କଥା ମଧ୍ୟ ଜାଣି ପାରନ୍ତେ ।

ଓଡିଶା ହେଉଛି ଏକ ଗ୍ରାମ ବହୁଳ ରାଜ୍ୟ । ଏକ ଗ୍ରାମ ବହୁଳ ରାଜ୍ୟ ହିସାବରେ, ଏଠାରେ "ରୁରାଲ୍ ଟୁରିଜିମ୍" ଆରମ୍ଭ କରିବାପାଇଁ ଯଥେଷ୍ଟ ସୁଯୋଗ ରହିଛି । ଆଜିକାଲି ଅନେକ ରାଜ୍ୟରେ "ରୁରାଲ୍ ଟୁରିଜିମ୍" ଏବଂ "ବ୍ରେଡ୍ ଆଣ୍ଡ ବ୍ରେକଫାଷ୍ଟ" ସ୍କିମ ଆରମ୍ଭ ହୋଇଗଲାଣି ଏବଂ ପର୍ଯ୍ୟଟକଙ୍କ ଦ୍ୱାରା ଆଦୃତ ହୋଇପାରିଛି ମଧ୍ୟ । ଅବଶ୍ୟ ଓଡିଶା ସରକାର ପର୍ଯ୍ୟଟନର ବିକାଶ ପାଇଁ ଏବେ ଅନେକ ପ୍ରକାର ପଦକ୍ଷେପ ନେଉଛନ୍ତି, କିନ୍ତୁ ତାହା ଆଜିର ଦିନରେ ଯଥେଷ୍ଟ ନୁହେଁ । ପର୍ଯ୍ୟଟନ ମାନଚିତ୍ରରେ ଓଡିଶାକୁ ଆଗକୁ ନେବାକୁ ହେଲେ ଅନ୍ୟ ରାଜ୍ୟମାନଙ୍କ ପରି ଆକ୍ରାମକ ନୀତି ଗ୍ରହଣ କରିବାକୁ ପଡିବ ଯେଉଁଥିପାଇଁ ପ୍ରତ୍ୟେକ ଓଡିଆଙ୍କ ଅବଦାନ ମଧ୍ୟ ଆବଶ୍ୟକ ।

ଜୟ ଓଡିଶା, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

# ଭିତର ପୃଷ୍ଠାରେ....


| | | |
|---|---|---|
| କଣା ଭାଇ | ଡକ୍ଟର ବିଜ୍ଞାନୀ ଦାସ | ୧୨ |
| ନାରୀ ନାରାୟଣୀ | ପ୍ରାଧାପିକା ଜ୍ୟୋତ୍ସ୍ନା ରାୟ | ୨୬ |
| ପ୍ରହସିତା | ଡ. ଶକୁନ୍ତଳା ଗୁପ୍ତା | ୩୦ |
| ହସର ଲୁଚକାଳି | ସସ୍ମିତା ପଟ୍ଟନାୟକ | ୩୧ |
| କେତେ ଅସହାୟ ଏ ତମେ | ଗୁରୁକଲ୍ୟାଣ ମହାପାତ୍ର | ୩୩ |
| ବିବଶତା | ଅଳକା ମହାନ୍ତି | ୩୫ |
| ମୋହମୟ ମୁଦ୍ରା | ମନୀଷା ପଣ୍ଡା | ୪୧ |
| ହଜିଲା ଦିନ | କବିତା ନନ୍ଦ | ୪୩ |
| ରେ ବାଉଳ ମନ | ଶାନ୍ତିଲତା ମିଶ୍ର | ୪୪ |
| ମାର୍ଚ୍ଚ ମାସ ସନ୍ଧ୍ୟା | ଡକ୍ଟର ନୀଳମାଧବ କର | ୪୬ |
| ଯଜ୍ଞ ମାହାତ୍ମ୍ୟ ଓ ବିଧି | ବରଦା ପ୍ରସନ୍ନ ଦାସ | ୪୭ |
| ତୁମେ କଏ? | ଡ.ମନୋରଞ୍ଜନ ବିଷୋୟୀ | ୪୯ |
| ଏ ରଙ୍ଗ ରହିଲେ ହେଲା | ରୀତା ଅପରାଜିତା ମହାନ୍ତି | ୫୦ |
| ଆଜିର ନାରୀ | ଭାସ୍କର ଚନ୍ଦ୍ର ଖଣ୍ଡା | ୫୧ |
| ମୋ' ବୋଉ ଆଜିବି ମୋତେ ଡାକେ | ଶଶଧର ମହାପାତ୍ର | ୫୪ |
| କଛି | ସୁବାସ ଚନ୍ଦ୍ର ମୁଦୁଲି | ୬୦ |
| ଚନ୍ଦ୍ରଭାଗାରେ ସୂର୍ଯ୍ୟ ଦର୍ଶନ | ଦାଶରଥି ଶତପଥୀ | ୬୧ |
| ସ୍ତ୍ରୀ | ସରୋଜ ଲକ୍ଷ୍ମୀ ମହାନ୍ତି | ୬୪ |
| କେତେ ବେଳେ (ସଂଯୋଜୀ କବିତା) | ରାଜେଶ୍ ରଥ | ୬୬ |

| | | |
|---|---|---|
| ବୀର ସେନା | ରଶ୍ମୀବାଳା ଶତପଥୀ | ୬୮ |
| ଅସାଧାରଣ ସୁନ୍ଦରବନ | ଅଶୋକ ବିଶ୍ୱାଳ | ୬୯ |
| ବସନ୍ତ ଆସିଛି ଫଗୁଣ ନେଇ | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୭୮ |
| ବସନ୍ତ କହୁଛି | ନନ୍ଦିନୀ ରାଉତ | ୭୯ |
| ଜୀବନ ଯୁଦ୍ଧ | ଡ. ପ୍ରସନ୍ନ କୁମାର ବଳ | ୮୧ |
| ମାନସିକ ଦେବାଳଆପଣ | ସନାତନ ମହାକୁଡ | ୮୨ |
| କାଚ | ଆରତୀ ସାହୁ (ଆଶା) | ୮୩ |
| ପ୍ରଶ୍ନଟିଏ | ଡ. ଜ୍ଞାନେଶ୍ୱର ମିଶ୍ର | ୯୦ |
| ମାନସୀ | ତ୍ରିପତି ପ୍ରଧାନ | ୯୨ |
| ସ୍ୱାମୀ ବିବେକାନନ୍ଦ | ରାମ ଚନ୍ଦ୍ର ପ୍ରଧାନ | ୯୪ |
| ମୁଁ, କେତେବଡ କବି ହେଇଛି | ବୈଦ୍ୟନାଥ ପଣ୍ଡା | ୯୫ |
| ଝିଅ ଦେଖା | ପଲ୍ଲବୀ ଦାସ | ୯୮ |
| ମଧୁମତି | ବିନୟ ମିଶ୍ର | ୧୦୨ |
| ନାରୀ | ଯଶୋବନ୍ତ ନାୟକ | ୧୦୪ |
| ସ୍ମାର୍ଟ | ଜୁମର ନାଥ ପାତ୍ର | ୧୦୫ |
| ମା ବୃୟାତ୍ ସତ୍ୟମ୍ ଅପ୍ରିୟମ୍ | ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ | ୧୦୭ |
| ନାଁ ତା କଟକ | ରାଜକିଶୋର ସାଇଁ | ୧୧୦ |
| କବାଘର ଛାଇ | ପ୍ରିୟଦର୍ଶିନୀ ମହାନ୍ତି | ୧୧୨ |
| ବିଦ୍ୟା ଦାୟିନୀ | ସତ୍ୟନାରାୟଣ ମିଶ୍ର | ୧୧୪ |
| ଶୀତ | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୧୧୫ |
| ପ୍ରକୃତିପ୍ରେମୀ | ସୁଶୀଲ କୁମାର ମହାପାତ୍ର | ୧୧୭ |
| 'ପାଣ୍ଡୁଲିପି'ର ଅନ୍ତର୍ଦାହ | ପ୍ରିୟରଞ୍ଜନ ସାହୁ | ୧୧୯ |

| | | |
|---|---|---|
| ସ୍ମୃତି | କରଣ ମୟ ସେନାପତି | ୧୨୧ |
| ଖବର ଠାକୁର ଶ୍ରୀଜଗନ୍ନାଥ: ବାଲି ଗାଁ ଦାସ | ସୁଷମା ପରିଜା | ୧୨୨ |
| ଗାଆଁକୁ ପାରୁନ ଭୁଲି | ଶିଶିର କୁମାର ପଣ୍ଡା | ୧୨୯ |
| ଭଜନ ଅନୁଲୋମ ବିଲୋମ | ଡ. ଅର୍ଜୁନ ଚରଣ ବାରିକ୍ | ୧୩୦ |
| ଅଫୁଟା ଫୁଲ | ଅଲେଖ ମେହେର | ୧୩୨ |
| ନନ୍ଦନବନ | ନିରଞ୍ଜନ ସାହୁ | ୧୩୪ |
| ଚତୁର୍ଥ ସୁନ୍ଦରୀ | ପ୍ରଶାନ୍ତ କୁମାର ନାଥ | ୧୩୫ |
| କରୁଛି ଗୁହାରି | ଅମ୍ବିକା ସ୍ୱାଇଁ | ୧୩୭ |
| ଦାମନଯୋଡ଼ିର ଶୀତ ଗୀତ | ବିଜୟ କୁମାର ଜେନା | ୧୩୯ |
| ଯାଯାବର ଯତ୍ନ | କୃଷ୍ଣ ଚନ୍ଦ୍ର ବାରିକ୍ | ୧୪୨ |
| ପ୍ରଥମ ସ୍ପର୍ଶ | ବାସନ୍ତୀ ଲତା ଜେନା | ୧୪୪ |
| ଶିଶୁ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୪୬ |
| ବାଉଁଶ ଖଣ୍ଡୀ | ଆଲୋକ କୁମାର ପଣ୍ଡା | ୧୪୭ |
| ପୁତ୍ର ମୋହ | ଅର୍ଜୁନ ମେହେର (ଆଶ୍ରିତ) | ୧୪୮ |
| କବିତା, ଜୀବନ ସଂଗୀତ | ଆଶୁତୋଷ ମେହେର | ୧୫୦ |
| କର ନାହିଁ ଆଉ ଟାଣ | ନରେନ୍ଦ୍ର ପ୍ରସାଦ ବେହେରା | ୧୫୧ |
| ଏକ ଅଗ୍ନିଶିଖାର ସ୍ମରଣେ: | ପ୍ରିୟବ୍ରତ ପାତ୍ର | ୧୫୩ |
| ଦୁଃଖ | ସୁଶୀଲ୍ କୁମାର ଭୋଇ | ୧୫୮ |
| ମୋ ଭାରତ ମହାନ | ଗୀତାଞ୍ଜଳି ସ୍ୱାଇଁ | ୧୬୦ |
| ବୁଦ୍ଧିହୀନ ମଣିଷ | ତପସ୍ୱିନୀ ନନ୍ଦ | ୧୬୨ |
| ବୈଦେହୀର ବଳଦାନ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୬୩ |
| ସଂଜୀବନୀ | ଦିନବନ୍ଧୁ ବେଜ | ୧୬୭ |

| | | |
|---|---|---|
| ଜାଗର ଜାଳବି | ଦୀନବନ୍ଧୁ ପୋଇ | ୧୬୯ |
| ଭୁଲ | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୧୭୧ |
| କରୋନା କାଳେ କାଳଆ | କୀର୍ତ୍ତି ଦେବୀ | ୧୭୩ |
| ବୋଉ ଲୋ ବଞ୍ଚିଥା ତୁ ଶହେ ବରଷ | ଶେଷଦେବ ପଣ୍ଡା | ୧୭୭ |
| ରୂପଶୋଭା | ରଶ୍ମିତା ସାହୁ | ୧୭୯ |
| ଜୟ ମାଗୋ ସରସ୍ୱତୀ | କୌସ୍ତୁଭ ଜାଲ | ୧୮୦ |
| ଅଚହ୍ନା ବନ୍ଧନ | ଜୟଲକ୍ଷ୍ମୀ ସେଠୀ | ୧୮୧ |
| ମୁଁ ପୁସ୍ତକ | ତପନ କୁମାର ସାହୁ | ୧୮୫ |
| ଯାହାକୁ ଯିଏ | ହରେରାମ ପଣ୍ଡା | ୧୮୭ |
| ଏଡ଼ାନ୍ତି ଏମାନେ | ରୁଦ୍ର ନାରାୟଣ ଦାଶ | ୧୮୮ |
| ସାହିତ୍ୟ ଓ ସମାଜ | ଶ୍ୟାମସୁନ୍ଦର କୁମ୍ଭାର | ୧୮୯ |
| ମହୁଆ | ସତ୍ୟରଞ୍ଜନ ସ୍ୱାଇଁ | ୧୯୧ |
| ଜୀବନ | ଭଗିରଥୀ ଯାନୀ | ୧୯୩ |
| ତୁମେ ଶୋଇଗଲା ପରେ | ପ୍ରତିମା ମେହେର | ୧୯୫ |
| ନୂଆ ବରଷ | ଅମରନାଥ ବାରିକ | ୧୯୬ |
| ଆମ ଗାଁ  ଜଗନ୍ନାଥ | ସରୋଜ କୁମାର ଜେନା | ୯୮ |
| ଅଭୁଲା ସ୍ମୃତି | ରୀମା ମେହେର | ୨୦୨ |
| କରୋନା ଭାଗବତ | ଶମ୍ଭୁନାଥ ଦାସ | ୨୦୩ |
| ମରୀଚକା | ବିଶ୍ୱ ରଞ୍ଜନ ମହାନ୍ତି | ୨୦୪ |
| ସନ୍ଧ୍ୟା | ସରୋଜ କୁମାର ସାହୁ | ୨୦୫ |
| ଭରଷା | ଝରଣା ବାରିକ | ୨୦୬ |
| ଋତୁ ରାଜ ବସନ୍ତ | ସୁଲୋଚନା ବେହେରା | ୨୦୯ |
| କାର୍ଗିଲ ବିଜୟ ଦିବସ | କଲେଶ କୁମାର ଭୋଇ | ୨୧୧ |
| ସେଇ ଅନ୍ଧାର ରାତିରେ | ବିଜୟ କୁମାର ପଣ୍ଡା | ୨୧୨ |

| | | |
|---|---|---|
| ମୋ ସାଙ୍ଗ ମାମିନା(ସୁଭଦ୍ରା) | ସଙ୍ଗୀତା ମହାନ୍ତି | ୨୧୪ |
| ବିଶ୍ୱାସ | ଚୈତନ୍ୟ ବାଗ | ୨୧୫ |
| ବୃକ୍ଷ | ଦେବାର୍ଚ୍ଚନ  ମେହେର | ୨୧୭ |
| ମାଗୁଣି ରଖ ଦୟାମୟ | ଧରିତ୍ରୀ ଦାସ | ୨୧୯ |
| ଛୋଟ ମୋର ନାଆଟି | ପ୍ରଫେସର ଅନତା ପଣ୍ଡା | ୨୨୦ |
| ଭକତ | ନବ କୁମାର ଦାସ | ୨୨୪ |
| ବିଜୁବାବୁ | ଅଜିତ ପାଢ଼ି | ୨୨୫ |
| ଦୁର୍ଲ୍ଲଭ ଦୃଶ୍ୟ | ଖଗେଶ୍ୱର ବାଗ | ୨୨୭ |
| ପୁରୁଷ ବି କାନ୍ଦିପାରେ | ଅର୍ପିତା ଦାସ | ୨୨୮ |
| ଦୂରତ୍ୱ | କେଶରୀ ପ୍ରସାଦ ମହାନ୍ତି | ୨୨୯ |
| ପ୍ରିୟସୀ | ସିଦ୍ଧେଶ୍ୱର ତ୍ରିପାଠୀ | ୨୩୧ |
| ଜଳ | ଜନ୍ମେଜୟ ନାୟକ | ୨୩୨ |
| ଅଙ୍ଗେନୱ୍ କଥା | ସୁଧାଂଶୁ ଶେଖର ସୁତାର | ୨୩୩ |
| ମୋ କଳାହାଣ୍ଡି ସାଜିଛି ସମଗ୍ର ବିଶ୍ୱର ଭାତହାଣ୍ଡି | ଦିନେଶ ମେହେର | ୨୩୫ |
| ଜୀବନ ଆୟୁଷ | ବିଜୟ କୁମାର ସାହୁ | ୨୩୮ |
| ମୁଁ ଓ ତୁ | ଦେବାଶିଷ୍ ସାଗର | ୨୪୦ |
| ସୋମବାର | ଦୁଷ୍ମନ୍ତ ବେହେରା | ୨୪୧ |
| ଭାରତ ମାଁ | ଜିତୁରାମ ସାହୁ | ୨୪୪ |
| ମୋ ଜୀବନ | ମୃଣ୍ମୟୀ ପ୍ରଧାନ | ୨୪୬ |
| କେତେ ଅସହାୟ ଏ ଜୀବନ | ସଞ୍ଜୟ କୁମାର ନାଏକ | ୨୪୮ |
| ମୁଇଁ ତ ଗରିବ ଛାତ୍ର | ମହେଶ୍ୱର ସାହୁ | ୨୪୯ |
| ମରୀଚକା | ଅରୁଣ କୁମାର ମହାନ୍ତି | ୨୫୨ |
| ମୁଁ ନାହିଁ କ ତମେ ନାହଁ | ପ୍ରିୟଦର୍ଶୀ | ୨୫୩ |

| | | |
|---|---|---|
| ନାରୀ | ବିଶ୍ୱଜିତ୍ ନାଥ | ୨୫୫ |
| ମୃତ୍ୟୁ ପରେ ମାନବ ଶରୀର କ'ଣ ହେବ**?** | ବାଲ୍ମୀକି ନାୟକ | ୨୫୭ |
| ତୁମ ବିନା | ସମ୍ୟଜିତ ପାତ୍ର | ୨୬୧ |
| ଆମ ପରିବାର | ସତ୍ୟବ୍ରତ ନାୟକ | ୨୬୨ |
| ବସନ୍ତ ବିରହୀ | ଶିତିକଣ୍ଠ ଗାଇଗରିଆ | ୨୬୪ |
| ମହାଭାରତ କଥା | ନରେନ୍ଦ୍ର ପ୍ରସାଦ ବେହେରା | ୨୬୬ |
| ଅବଶେଷ | ତପୁ ମାହାର୍ଣ୍ଣା | ୨୬୯ |
| ସନ୍ଧ୍ୟା | ସୁଚରିତା ମେହେର | ୨୭୦ |
| ଶୀତଋତୁ | ସୋମନାଥ ରାଜଗୁରୁ | ୨୭୨ |
| ଶୀତଳ କନ୍ୟା | ଦୁର୍ବାଦଳ କରାଳୀ | ୨୭୩ |
| ମୁକ୍ତିର ମୃତ୍ୟୁ | ସୂର୍ଯ୍ୟକାନ୍ତ ମଲିକ | ୨୭୫ |
| ଏକପଦୀ ସମ୍ଭାର | ରୋହିତ ସେଠୀ | ୨୮୦ |
| ତୁମ ପାଇଁ ସିନା | ଅଜୟ କୁମାର ବେହେରା | ୨୮୨ |
| ଫେରିଲା ତୁମ ନାମର ମୋ ଚଠି | ମେନନ୍ ସାହୁ | ୨୮୪ |
| ଜୀବନ | ରାଧାରାଣୀ ରାଉଳ | ୨୮୫ |
| ରୂପାନ୍ତର | ପଙ୍କଜିନୀ ଭୋଇ | ୨୮୬ |
| ଶୀତ ସକାଳ | ଲଲାଟେନ୍ଦୁ ବାରିକ | ୨୯୪ |
| ରଙ୍ଗତୂଳୀ | ମିତ୍ରଭାନୁ ବିଶ୍ୱାଳ | ୨୯୫ |
| ସମ୍ପର୍କ | ନିରଂଜନ ପଧାନ | ୨୯୭ |
| କଳାକର ଶ୍ରୀ ଜଗନ୍ନାଥ | ପ୍ରଦୀପ କୁମାର ଜିଲିକାର | ୨୯୮ |
| ପାତାଳୀ ଶ୍ରୀକ୍ଷେତ୍ରରେ ଦିବ୍ୟ ଅନୁଭୂତି | ଶୁଭ୍ରାଂଶୁ ଶେଖର ପାଢୀ | ୩୦୨ |
| ମୋ ଗାଆଁ | ଜଗନ୍ନାଥ ପ୍ରଧାନ | ୩୦୫ |

| | | |
|---|---|---|
| ମୁଁ ଦାଦନ କହୁଛି | ସନାତନ ଦାସ | ୩୦୬ |
| ଦଶମ ଶ୍ରେଣୀଙ୍କୁ ବିଦାୟ | ସେବକାନ୍ତ ନନ୍ଦ | ୩୦୮ |
| ଅଜଣା ପ୍ରେମ | ଶୋଭଗିନ ବିଶି | ୩୧୦ |
| ଡିଜିଟାଲ ଦୁନଆ | ରୁବ୍ଲିନ୍ ସାହୁ | ୩୧୨ |
| କେବେ ଯଦି ପୁଣି ଦେଖାହୁଏ | ବିଭୁତି ରଞ୍ଜନ ପାନଗ୍ରାହୀ | ୩୧୩ |


# ଆଞ୍ଚଳିକ


| | | |
|---|---|---|
| ଫେନ ପଡବା କାଁଥି | ଶୁକଦେବ ସାହୁ | ୩୧୬ |
| ପରକୁତିର୍ ଉତରେନ୍ | ସୁନୀଲ କୁମାର ଅଗସ୍ତି | ୩୧୮ |
| ହଜି ଜଉଛେ ଗ୍ରାମ୍ | ସହଦେବ ଧରୁଆ | ୩୧୯ |
| ପୁଡ଼ାବା ଆଗୁ କହୁଛେ ଗ୍ରବନ୍ | ସତ୍ୟନାରାୟଣ ମିଶ୍ର | ୩୨୨ |
| କଲିଯୁଗର୍ ମୁନୁଷ୍ ଚଲନ୍ | ବାଙ୍କାବିହାରି ମହାକୁର | ୩୨୪ |
| ଫଲସା ଫୁଲ | ଏମ୍ ବିଜୟ କୁମାର | ୩୨୭ |


# ଶିଶୁ ବିଭାଗ


| | | |
|---|---|---|
| ନୂଆ ଶାଗ ବେସର | ଡ଼ଃ ରଞ୍ଜିତ କୁମାର ସାହୁ | ୩୩୦ |
| ଆମ ଘର | ଅମରନାଥ ବାରିକ୍ | ୩୩୪ |
| ଫଗୁଣ ମାସଟି ଭଲ | କୁଞ୍ଜବିହାରୀ ସାହୁ | ୩୩୬ |
| ପ୍ରବାସୀ ପକ୍ଷୀ ଓ ଚିଲିକା | ନୀଳମାଧବ ସାହୁ | ୩୩୭ |
| କର୍ମନିଷ୍ଠ ମଧୁସ୍ମିତା | ଅଶୋକ କୁମାର ପ୍ରଧାନ | ୩୪୧ |
| ସୌଦାମିନୀ | ଧରିତ୍ରୀ ଦାସ | ୩୪୨ |
| ଚନ୍ଦ୍ର | ରିୟାନ୍ସ ପଣ୍ଡା | ୩୪୪ |

| | | |
|---|---|---|
| ମାର୍ଚ୍ଚ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୪୫ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୩୪୬ |


**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**


ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

# କଣା ଭାଇ



ଡକ୍ଟର ବିଜ୍ଞାନୀ ଦାସ

ବହୁତ ଦିନ ପରେ କଣା ଭାଇଙ୍କ ସହିତ ଦେଖା । ମନରେ ବିଶ୍ୱାସ ବି ଆସୁନଥିଲା ଯେ ସେଦିନର ସମସ୍ତଙ୍କର ସେ ବୋଲକରା କଣା ଭାଇ ଆଜି ଦେଶର ଜଣେ ସୁପ୍ରସିଦ୍ଧ ବୈଜ୍ଞାନିକ । ବମ୍ବେ ସହରରେ ଜଣେ ପ୍ରତିଷ୍ଠିତ ଓଡିଆ ଓ ଦୁଇଟି ସଫଳ ଡାକ୍ତର ଏବଂ ଆଉ ଜଣେ ସଫଳ ବୈଜ୍ଞାନିକ ପୁତ୍ରଙ୍କର ଜନକ ।

ମନ ପୁଣି ଥରେ କଣା ଭାଇଙ୍କ ମୁହଁକୁ ଚାହିଁଲା । ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପାଳନ ଉପଲକ୍ଷେ ହେଉଥିବା ସମ୍ବର୍ଦ୍ଧନା ସଭାରେ ଚାରିଜଣ ମୁଖ୍ୟ ଅତିଥି ମଞ୍ଚ ଉପରେ ଉପସ୍ଥିତ ଥିଲେ । କଣା ଭାଇ ଓରଫ କଳ୍ପତରୁ ମିଶ୍ର, ମନ ଅର୍ଥାତ୍ ମନସ୍ୱିନୀ ଦାଶ, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ଦାସ ଓ ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରଣାଳୟର ଜଣେ ପଦସ୍ଥ କର୍ମଚାରୀ ପ୍ରମୋଦ ଶତପଥୀ । ମନ୍ତ୍ରୀଙ୍କର ଆସିବାର ଥିଲା । ହେଲେ ଗ୍ରାମର କେତେକ ଅନ୍ୟ ଏକ ପାର୍ଟି ସମର୍ଥକ ଯୁବଗୋଷ୍ଠୀ ମନ୍ତ୍ରୀଙ୍କ ଆସିବାକୁ ନେଇ ଗଣ୍ଡଗୋଳ ଆରମ୍ଭ କରିଦେଇଥିଲେ । ମନ୍ତ୍ରୀଙ୍କୁ କେମିତି କଳାପତାକା ଦେଖେଇବେ ଓ ବିକ୍ଷୋଭ ପ୍ରଦର୍ଶନ କରିବେ ସେଥିପାଇଁ ସମସ୍ତ ପ୍ରସ୍ତୁତି କରିଥିଲେ । ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କର ନିବେଦନକୁ ମଧ୍ୟ ଶୁଣିନଥିଲେ ।

ମନ୍ତ୍ରୀ ଉପସ୍ଥିତ ଥିଲେ ହୁଏତ ଭଲ ହୋଇଥାନ୍ତା । ଗ୍ରାମର ଏ ବାଳକା ହାଇସ୍କୁଲଟିକୁ ବିଶେଷ ପରିଚୟ ମିଳଥାନ୍ତା । ସ୍କୁଲର ସମସ୍ତ ଅସୁବିଧାର ସୁବିଧା ହେବାପାଇଁ କିଛିଟା ସୁଯୋଗ ମିଳଥାନ୍ତା । ତେବେ ଅନ୍ୟ ପାର୍ଟିର ଯୁବଗୋଷ୍ଠୀର ପିଲାମାନଙ୍କୁ ବୁଝେଇବା ଏତେ ସହଜ ନୁହେଁ । ସେମାନଙ୍କୁ ମଦ ପିଇ, ମୁଗ୍ଧ କରି ରଖିବାର ଯେଉଁ ଅସ୍ତ୍ର ସବୁ ସଜିଲା କରି ଆଜିକାଲିର ନେତାମାନେ ରଖିଛନ୍ତି, ସେସବୁ ଆକର୍ଷଣରୁ ଅଧିକ ଆକର୍ଷଣ ଯୋଗେଇବା ହିଁ ଆଜିକାଲି ସଚ୍ଚୋଟ ଲୋକଙ୍କ ପକ୍ଷେ ଅତି କଷ୍ଟକର ।

ତେବେ କଣା ଭାଇ କୁଆଡେ ପରାମର୍ଶ ଦେଇଥିଲେ, "ଦେଖନ୍ତୁ, ଆପଣମାନେ ଏ ସ୍ୱତନ୍ତ୍ର ଦିନଟି ପାଇଁ ଏକ ସୁନ୍ଦର ଉତ୍ସବର, ସମାରୋହର ପରିକଳ୍ପନା କରିଛନ୍ତି । ତାକୁ ନେଇ ଅଶାନ୍ତି, ଅସନ୍ତୋଷ ଓ କ୍ରାନ୍ତି ଜମା ବି ଭଲ ଲାଗିବନି । ମନ୍ତ୍ରୀ ବରଂ ନ ଆସନ୍ତୁ । ଯଦି ତାଙ୍କ ଆସିବାରେ ଗାଁରେ ଏମିତି ଆନ୍ଦୋଳନ ସୃଷ୍ଟି ହେବାର ଧମକ ଆସୁଛି, ତେବେ ମନ୍ତ୍ରୀଙ୍କୁ ବାଦ ଦିଆଯାଉ । ଆମେମାନେ ଆପଣମାନଙ୍କ ସମସ୍ତ ନିବେଦନ ମନ୍ତ୍ରୀଙ୍କ ପାଖରେ ପହଞ୍ଚାଇଦେବୁ । ସେ ଦାୟିତ୍ୱ ମୁଁ ନେଉଛି ।"

ତାପରେ ଆଉ ମନ୍ତ୍ରୀ ଆସିଲେନି । ମନ୍ତ୍ରୀଙ୍କ ବିନା ବି ସବୁକିଛି ସୁନ୍ଦର ଭାବେ, ସୁରୁଖୁରୁରେ ପାଳିତ ହେଲା । ତେବେ କଣା ଭାଇଙ୍କର ଏମିତି ଏକ ନୂଆ ରୂପ ମନକୁ ବଡ ବିସ୍ମିତ କରୁଥିଲା । ମନଟା ଖୁଜୁବୁଜୁ ହେଲା । ଏ କଣା ଭାଇ, ଯାହାଙ୍କୁ ଦିନେ ସାରା ଗାଁର ଲୋକ ନିନ୍ଦନ କରି ଦେଖୁଥିଲେ, ସେମାନଙ୍କର ଭୃତ୍ୟ ଭଳି ବ୍ୟବହାର କରୁଥିଲେ, ସିଏ କେମିତି ଏତେ ଦୂରରେ ପହଞ୍ଚିଗଲେ ମ? ବାପରେ ବାପ୍ । କଣ ନ ଦିଶୁଛନ୍ତି କଣା ଭାଇ ଆଜି । ସୌମ୍ୟ, ସୁନ୍ଦର ବପୁଧାରୀ ଏକ ସୁଦର୍ଶନ, ଭଦ୍ରଲୋକ । ତାଙ୍କ ଆଖିକୁ ଭଲଭାବେ ନିରୀକ୍ଷଣ କରି ଦେଖିବାକୁ ଇଚ୍ଛା ହେଉଥିଲା ମନର । ଆଜିବି ତାଙ୍କ ଆଖି ସେମିତି କଣା ଅଛି ନା, ସିଏ କିଛି ପ୍ଲାଷ୍ଟିକ୍ ସର୍ଜରୀ କରି ଠିକ୍ କରେଇ ଦେଇଛନ୍ତି ? ହେଲେ ସେ ସଭାମଞ୍ଚରେ ସେମିତି କିଛି ସୁଯୋଗ ମିଳିନଥିଲା । ସିଏ ମଧ୍ୟ ଚଷମା ପିନ୍ଧିଥିଲେ ।ତାପରେ ଏମିତି ଏକ ବୟସରେ ସିଏତ ଆଉ ଯାଇ ତାଙ୍କ ପାଖରେ ଠିଆହୋଇ ପଚାରିନଥାନ୍ତା ନା, "ହେ କଣା ଭାଇ, ଦେଖେଇଲ, ଦେଖେଇଲ ତମ ଆଖି, ସେମିତି କଣା ଅଛି ନା ଠିକ୍ ହୋଇଯାଇଛି ?"

ହେଲେ ସଭା ସରିବା ପରେ କଣା ଭାଇ ହିଁ ନିଜ ତରଫରୁ ମନକୁ ଡାକି ପଚାରିଥିଲେ, "ତୁ ରହୁଛୁ ତ କିଛିଦିନ ଗାଁରେ? କାଲିର ଯେଉଁ ସଭା ଅଛି, ସେଇଟା ପାଇଁ ତୁ ରହିବୁ ନା ନାହିଁ? ତୋ ସାଙ୍ଗରେ ଗପିବାକୁ ବହୁତ ଇଚ୍ଛା ହେଉଛି ।ଆମେରିକାରେ ରହୁଛୁ ପରା । କେଉଁଠି ?"

"ମୁଁ ଓ୍ୱାସିଂଟନ୍ ଡିସି ପାଖରେ ରହେ । ମେରୀଲାଣ୍ଡ ରେ ।"

"ତୋ ଠିକଣା ଦେବୁ ତ । ଫୋନ୍ ନମ୍ବର ଓ ଇମେଲ୍ ମଧ୍ୟ ଦେବୁ । ମୋ ପୁଅ, ବୋହୂ ବି ଆମେରିକାରେ ରହୁଛନ୍ତି । ନ୍ୟୁୟର୍କ ରାଜ୍ୟରେ । ଆମେ ଗତବର୍ଷ ଯାଇଥିଲୁ । ହେଲେ ମୋ ପାଖରେ ତ ତୋର ଫୋନ୍ ନମ୍ବର୍ ନଥିଲା । ତେଣୁ ଯୋଗାଯୋଗ କରିପାରିଲିନ ।"

"ନିଶ୍ଚୟ କଣା ଭାଇ । ତମ ସହିତ କାଲି ନିଶ୍ଚୟ ଦେଖାହେବ । ଆମେ ସେଇଠି ବେଶି ଗପିବା । ତମକୁ ବି ଏମିତି ସଫଳ ଦେଖି ମତେ ଭାରି ଭଲ ଲାଗୁଛି । ଯେମିତି ଲାଗୁଛି ଗୋଟିଏ ପରୀ ରାଇଜର କାହାଣୀ । ମୁଁ ତ ବିଶ୍ୱାସ କରିପାରୁନ ।"

"କଣା ଭାଇ" ବୋଲି ସମ୍ବୋଧନ କରିବା ପରେ ମନକୁ କେଜାଣି କାହିଁକି ଦୋଷୀ ଦୋଷୀ ଲାଗିଲା । ଏତେ ବଡଲୋକ । ତାଙ୍କୁ ସିଏ ଏମିତି ଭାବେ ସମ୍ବୋଧନ କରିବା କଣ ଠିକ୍ ହେଲା ? ସେଇଟା ତା ମୁହଁରେ ଦିଶିଗଲା । କଣା ଭାଇ ପଚାରିଲେ, "କଣ ଭାବୁଛୁ କି ? ତୋ ମୁହଁରେ ଏମିତି ପ୍ରତିଫଳନ । ଯେମିତି କିଛି ଗୋଟିଏ ମସ୍ତବଡ ଭୁଲ୍ କରିଦେଇଛୁ । କୋଉଠି କିଛି ଛାଡିଆସିନୁ କି ଭୁଲିଯାଇନୁ ତ?"

"ନା । ସେମିତି କିଛି ନୁହେଁ । ଅସଲ କଥା ହେଲା ....।"

"ମତେ କଣା ଭାଇ ବୋଲି କହିଦେଲୁ । ହେଲେ ମୁଁ ସେମିତି କିଛି ଭାବେନ । ଏ ଗାଁରେ ମୁଁ ତ କଣା ନାମରେ ପରିଚିତ ନା । ବରଂ ମୁଁ ଖୁସି ଅନୁଭବ କରୁଛି ଯେ ତୁ ଏତେଦିନ ପରେ ବି ମତେ ସେମିତି ଖୋଲା ହୃଦୟରେ, ନିଷ୍କପଟ ମନରେ ସମ୍ବୋଧନ କରିଛୁ । ଜାଣିଛୁ, ଡଲି ଅପା ମତେ ଏବେ କଣ ସମ୍ବୋଧନ କରୁଛି ?"

"କଣ ?" - ମନ ମନରେ କୌତୁହଳ ।

"ଭାଇ କାନ୍ତ, ମତେ କିଛି କହିଲ କି ?"

"ବାଃରେ କଣା ଭାଇ । ଡଲି ଅପା ସେମିତି କହୁଛି । ମୁଁ ତ ବିଶ୍ୱାସ କରିପାରୁନ ।" - ମନ ମନରେ ଡଲି ଅପାର ସ୍ମୃତି ଆସିଗଲା ଓ ସିଏ ବହେ ହସିଲା ।

ହଠାତ୍ ମନ ମନରେ ଆଉ ଗୋଟିଏ ପ୍ରଶ୍ନ ଆସିଲା, "ଆଚ୍ଛା କଣା ଭାଇ, ଡଲି ଅପା କଣ ପାଇଁ ଆସିନ ? ତମେ ତ ନିଶ୍ଚୟ ଜାଣିଥିବ ।"

"ଡଲି ଅପାର ନୂଆ ନାତୁଣୀଟିଏ ହୋଇଛି । ସିଏ ତାର ସେବା କରୁଛି । ତାର ଭାରି ଇଛାଥିଲା ଆସିବାକୁ । କହୁଥିଲା, ମନ କେତେଦିନ ପରେ ଆସିବ, ଟିକେ ଦେଖିଥାନ୍ତି । ହେଲେ ଯୋଗକୁ ଏହି ସମୟରେ ତାର ନାତୁଣୀଟିଏ ହେଲା । ସିଏ ଏବେ ରାଉରକେଲାରେ ତା' ଝିଅ ପାଖରେ ଅଛି ।"

ମନ ପୁଣି ପଚାରିଲା, "ତମେ କଣ ଆଜି ଆମ ଗାଁରେ ରହୁଛ ନା ତମ ଗାଁକୁ ଫେରିଯିବ ।"

"ମୋ ଡ୍ରାଇଭର୍ ଗାଡି ନେଇ ଆସିବ । ମୁଁ ଆମ ଗାଁକୁ ଫେରିଯିବି । ଏଠିତ ମାମୁଁ ଘରେ କେହି ଏବେ ରହୁନାହାନ୍ତି । ଘର ସେମିତି ଖାଲି ପଡିଛି । ଅବଶ୍ୟ ମୋ ପୁତୁରା ପାଖରେ ଚାବି ଅଛି । ହେଲେ ଏକା କାହିଁକି ସେଠି ରହିବି **?**"

"ହଉ ହେଲା, ତମେ ତାହେଲେ କାଲି ସକାଳେ ଆମ ଘରକୁ ଆସୁନ । ୯ଟା, ଦଶଟା ବେଳକୁ । ଆମେ ତାହେଲେ ଭଲରେ ଘଣ୍ଟାଏ କଥା ହୁଅନ୍ତେ । ସ୍କୁଲ୍‌କୁ ଗଲେ ସେଠି ହଠାତ୍ ସମସ୍ତେ ଘେରିଯିବେ । ଭଲରେ କଥା ହୋଇପାରିବାନି । ତମଠାରୁ ବହୁତ କଛି ଶୁଣିବାର ଅଛି ।"

ମନର ଅବୁଝାମଣା ଏଡି ନପାରି କଣା ଭାଇ "ହଁ" ଭରିଲେ ।

ଏହି ସମୟରେ ଜଣେ ଛାତ୍ରୀ ଆସି ସେମାନଙ୍କୁ ଭୋଜନ କରିବା ପାଇଁ ଭିତରକୁ ଡାକନେଲା । ଭୋଜନ ସମୟରେ ସ୍କୁଲ୍‌ର ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହିତ ସ୍କୁଲ୍‌ର ଭବିଷ୍ୟତକୁ ନେଇ ଅନେକ ଆଲୋଚନା ଚାଲିଲା । ତେଣୁ କଣା ଭାଇଙ୍କ ସହିତ ବ୍ୟକ୍ତିଗତ କଛି ଆଲୋଚନା କରିହେଲାନି ।

ସେଦିନ ରାତିରେ କଣା ଭାଇଙ୍କର ଅନେକ ସ୍ମୃତି ମନକୁ ଆସିଲା । ତା ସହିତ ଡଲି ଅପାର ବି । ସିଏ ଚାଳିଶି ବର୍ଷ ତଳର କଥା । ସେତେବେଳେ କଣା ଭାଇ ଆସି ମନର ଗାଁରେ ରହି ପାଠ ପଢୁଥିଲେ । ଡଲି ଅପା କଣା ଭାଇ ଠାରୁ ତିନି ବର୍ଷ ବଡ । ହେଲେ ଏମିତି ବ୍ୟବହାର କରେ ଯେମିତି ସିଏ କଣା ଭାଇର ଗାର୍ଡିଆନ୍, ବସ୍, ମାଲିକ ସବୁ କଛି । କଣା ଭାଇ ପ୍ରକୃତରେ କଣା କି ନୁହେଁ ସେକଥା ଭଲଭାବେ ଜାଣିନି ମନ କି ତାଙ୍କ ଆଖିକୁ ଯାଇ ପରୀକ୍ଷା କରିନି । ହେଲେ ସିଏ ଏମିତି କାମ କରନ୍ତି ଯେ, ତାଙ୍କୁ କଣା ନକହି ରହିହେବନି । ସିଏ ଚାଲୁଥିବେ ତ ତେଲ ବୋତଲ ଆଗରେ ଥିବ ଜାଣିପାରିବେନି । ତେଲ

ବୋତଲରେ ଗୋଡ ମାରିଦେବେ, ସବୁ ତେଲ ଢାଳ ହେଇଯିବ । ସେଇଠି ଜିନଷ ଥିବ, ତାଙ୍କୁ ଦେଖାଯିବନ । କେତେ କାଚ ଗ୍ଲାସ୍ ଭାଙ୍ଗିଛନ୍ତି । କପ୍, ପ୍ଲେଟ୍ ଭାଙ୍ଗିଛନ୍ତି । ଗାଳ ବି ଶୁଣନ୍ତି । ହେଲେ ଯେଉଁ କଥାକୁ ସେଇ କଥା । ତାଙ୍କ ମାମୁଁ କାହାଘରକୁ ପୂଜାପାଠ କରିଗଲେ କଣା ଭାଇକୁ ସାହାଯ୍ୟ କରିବା ପାଇଁ ନଅନ୍ତି । ହେଲେ ସେଠି ସବୁ ଅଘଟଣ ଘଟାନ୍ତି କଣା ଭାଇ । ଥରେ ଦୀପରେ ଘିଅ ଦେବେ କଣ, ମହୁ ଢାଳଦେଲେ । ଦୀପ ଜଳବ କଣ, ଲିଭିଗଲା । ଗୃହସ୍ଥ ବଡ ଚଡିଲେ । "ଆପଣଙ୍କ ଭଣଜା କଣ ଅନ୍ଧ ନା କଣା, କଛି ଜାଣି ପାରୁନାହାନ୍ତି ?" ତାଙ୍କ ମାମୁଁ ବି ଭାରି ଚଡିଲେ, "ହଁ ସେଇଟା କଣା ।" ସେଇଦିନରୁ ତାଙ୍କ ନା କଣା ହେଇଗଲା ।

ଥରେ ମନେ ଅଛି ତୋଟାରେ କେମିତି ଡଲି ଅପା କଣା ଭାଇଙ୍କୁ ସମସ୍ତଙ୍କ ସାମନାରେ କାନଧରି ଉଠ୍‌ବସ୍ କରେଇଥିଲା । ମେ ମାସ । ତୋଟାରେ ଆମ୍ବ ଗଛ ସବୁ ପାଚଲା ଆମ୍ବରେ ଭର୍ତ୍ତି । ଟିକେ ପବନ ହେଲେ ସବୁ ଛୁଆ ଦୌଡିଯାଆନ୍ତି ତୋଟାକୁ । ଆମ୍ବ ପଡିବ ଓ ସେମାନେ ସାଉଁଟିକି ଆଣିବେ । ଡଲି ଅପା କଣା ଭାଇକୁ ନେଇ ଯାଇଥାଏ । ମନ ବି ତା' ବଡ ଅପା ସହିତ ଯାଇଥାଏ । ଯେତେବେଳେ ଆମ୍ବଟିଏ ପଡେ ସେମାନେ ସବୁ ଛକକି ରହିଥାନ୍ତି । କିଏ ଯାଇ ଆମ୍ବକୁ ପ୍ରଥମେ ସଂଗ୍ରହ କରିବ । ମନ ବଡ ଚତୁର । ତାକୁ ସବୁ ଆମ୍ବ ଦିଶେ ଓ ଆମ୍ବ ପଡିବାର ଶବ୍ଦ ବି ସିଏ ବାରିପାରେ । ହେଲେ କଣା ଭାଇଙ୍କୁ କଛି ବି ଦେଖାହେବନ । ସିଏ ସେଇଠି ଥିବେ । ହେଲେ ଆମ୍ବ ତାଙ୍କୁ ଦିଶିବନ । ମନ ଯାଇ ତାଙ୍କ ପାଦ ପାଖରେ ପଡିଥିବା ଆମ୍ବ ଗୋଟେଇ ଆଣିବ, ହେଲେ କଣା ଭାଇ ଅଣ୍ଡାଳ ହେଉଥିବେ । ଡଲି ଅପା ଭାରି ରାଗିଗଲା । କଣା ଭାଇଙ୍କୁ କହିଲା, "ଆଛା, ତୁ କଣ କରିବୁ ଜୀବନରେ କହିଲୁ ? ତୁ ସେଇଠି ଠିଆ ହେଇଛୁ, ତୋ ପାଖରେ ଆମ୍ବ ପଡିଛି, ତତେ ଦେଖାଯାଉନ । ଖାଲି ଗେଫେଇବୁ । କୌଣସି କାମକୁ ନୁହେଁ । ପରବର୍ତ୍ତୀ ଆମ୍ବ ପଡିଲେ ତୁ ଯଦି ନ ପାଇଛୁ ନା, ତତେ ଏଠି କାନ ଧରି ଉଠ୍‌ବସ୍ କରେଇବି, ଆଉ ଏକଗୋଡିଆ କରି ଠିଆ କରେଇବି । ଆଜି ତୋର ଘରେ ଖାଇବାପିଇବା ବନ୍ଦ ।"

ପରବର୍ତ୍ତୀ ଆମ୍ବ ବି ମନ ପାଇଲା । କଣା ଭାଇ ନୁହେଁ । ଡଲି ଅପା କଣା ଭାଇଙ୍କୁ ଦ ଦେଲା । କାନ ଧରି ଦଶଥର ଉଠ୍‌ବସ୍ କରେଇଲା । ତାପରେ ଏକଗୋଡିଆ କରି ଠିଆ କରେଇଲା । ତୋଟାର ମାଲିକ ଯେତେବେଳେ ଆସିଲେ, ସେତେବେଳେ ସମସ୍ତେ ତାଙ୍କୁ ଲୁଚ ଘରକୁ ପଳେଇଆସିଲେ । ହେଲେ ଏକଗୋଡିଆରେ ଠିଆ ହୋଇ ରହିଥିଲେ କଣା

ଭାଇ । ତୋଟା ମାଲିକ ତାଙ୍କୁ ପଚାରିଲେ, "ଆରେ ତୁ ସେମିତି ଠିଆଟା କାହିଁକି ହେଇକି ରହିଚୁ ? କାହିଁ, କୋଉଠି ଆମ୍ବ ସବୁ ରଖିଚୁ ?" ଦେଖିଲା ବେଳକୁ ତାଙ୍କ ପାଖରେ ଆମ୍ବ କୁଆଡୁ ଆସିବ ? ତୋଟା ମାଲିକ ଭାବିଲା ପିଲାଟା ବୋଧହୁଏ ସେଇ ବାଟ ଦେଇ କୁଆଡେ ଯାଉଥିଲା କି କଣ, ପଡିପୁଡି ଗଲା । ସେଥିପାଇଁ ଆଉ କିଛି କହିଲାନି । ହେଲେ ସେଦିନ ଡଲି ଅପା ତାଙ୍କ ଖାଇବା ବନ୍ଦ କରିଦେଇଥିଲା । ଶେଷରେ, ନିଜେ ସଂଗ୍ରହ କରିଥିବା ଆମ୍ବରୁ ନେଇ ମନ ତାଙ୍କ ଘରେ କିଛି ଦେଇଆସିଲା ଓ କହିଲା, "ଡଲି ଅପା, ଏବେ ତ ତୁ କଣା ଭାଇଙ୍କୁ ଖାଇବାକୁ ଦେ । ବିଚରା ଭୋକିଲା ରହିବେ । ସମସ୍ତେ ତାଙ୍କ ଆଗରେ ଖାଇବ।" ଅସଲ କଥା ହେଲା, କଣା ଭାଇଙ୍କର ମାମୁଁ ସବୁବେଳେ ବାହାରେ ଥାଆନ୍ତି । ତାଙ୍କୁ ଘରର ଭିତର ଖବର ଜଣା ନଥାଏ । ଆଉ ତାଙ୍କ ମାଇଁଙ୍କର ବି ହଜାର କାମ ଥାଏ।

କେତେବେଳେ ଧାନ ଉଁଷେଇବେ ତ କେତେବେଳେ ଗୋରୁଗାଈକୁ ଖାଇବାକୁ ଦେବେ, ପୁଣି ରୋଷେଇ କରିବେ । ତେଣୁ ଡଲି ଅପା ହିଁ ଘରର ମାଲିକାଣି । ଆଉ କଣା ଭାଇଙ୍କର ଭାଗ୍ୟ ସେଇ ଡଲି ଅପା ହାତରେ ହିଁ ଥାଏ । ସିଏ ଉଠ୍ କହିଲେ କଣା ଭାଇ ଉଠନ୍ତି, ବସ୍ କହିଲେ ବସନ୍ତି ।

କଣା ଭାଇଙ୍କର ସରଳତା ପାଇଁ ଅନ୍ୟ ସମସ୍ତେ ବି ତାଙ୍କୁ ସେମିତି ବ୍ୟବହାର କରୁଥିଲେ । କିଏ କହିବ, "ଆରେ କଣା, ଟିକେ ଗୋଡଟା ମୋଡିଦେଲୁ ।" କଣା ଭାଇ ବିନା ପ୍ରତିବାଦରେ ଗୋଡ ମୋଡିଦେବେ । କିଏ କହିବ, "ଆରେ କଣା, ଟିକେ ଗଲୁ ଦୋକାନରୁ ତେଲ ନେଇଆସିବୁ ।" ସିଏ ସେକଥା ବି କରିବେ । ଏମିତି ବିଲରୁ ତରଭୁଜ ଆଣିବା ଠାରୁ ଆରମ୍ଭ କରି କୁଅରୁ ପାଣି କାଢିବା ପର୍ଯ୍ୟନ୍ତ କାମ ବି ସିଏ କରିଦିଅନ୍ତି । ମନର ବେଳେବେଳେ ଦୟା ହୁଏ । ମନକୁ ତା' ଜେଜେମା ଯେତେବେଳେ ଯାହା ଭଲ ଜିନିଷ ଖାଇବାକୁ ଦିଅନ୍ତି, ସିଏ ନେଇ ଅଧା ଡଲି ଅପାର ଅଜାଣତରେ କଣା ଭାଇଙ୍କୁ ଦେଇଆସେ। ତେବେ ଗୋଟିଏ ଗୁଣ କଣା ଭାଇଙ୍କର ଭଲ ଥିଲା । ସିଏ ସବୁକଥା ଠିକ୍ ରେ ଶୁଣନ୍ତି । ସେଥିପାଇଁ କ୍ଲାସ୍ ରେ ଫାଷ୍ଟ ହୁଅନ୍ତି । ମାଷ୍ଟର୍ ଯାହା ପଢାନ୍ତି, ସିଏ ସବୁ ମୁଣ୍ଡର ରଖିଥାନ୍ତି। ସେଇ ଗୋଟିଏ କାରଣ ପାଇଁ ତାଙ୍କ ମାମୁଁ ମାଇଁ ତାଙ୍କୁ ବାହାବା କରନ୍ତି । ସପ୍ତମ ଶ୍ରେଣୀରେ ବୃତ୍ତି ପାଇ କଣା ଭାଇ ସହରକୁ ପଢିବାକୁ ଚାଲିଗଲେ । ତା' ପରଠାରୁ ମନର ଆଉ ତାଙ୍କ ସହିତ ଭଲରେ ଦେଖାହୋଇନି । କାରଣ, ମନ ବି ବଡ ଝିଅଟିଏ ହୋଇଗଲା ଓ ସବୁ କଟକଣା ତା' ଉପରେ ଜାରି ହୋଇଗଲା । ପୁଅମାନଙ୍କ ସହିତ ଅତି ମିଳାମିଶା କରିବାକୁ

ସେ ସମୟରେ ଭଲ ଦୃଷ୍ଟିରେ ନଆ ଯାଉନଥିଲା । ଅତଏବ, କଣା ଭାଇ କେବେ ଗାଁକୁ ଆସିଲେ ବି ଏମିତି ଦେଖା ହେଉଥିଲା, ହେଲେ ମନ ଆଉ ବେଶି ଗପୁନଥିଲା କି ମିଶୁନଥିଲା । ସେମାନେ ଆଉ ସେ ବୟସରେ ତୋଟାକୁ ଆମ୍ବ ସାଉଁଟିବା ପାଇଁ ଯାଉନଥିଲେ ।

ତାପରେ ମ୍ୟାଟ୍ରିକ୍ ପରୀକ୍ଷା ସରିବା ପରେ ମନ ମଧ ସହର ଯାଇ କଲେଜରେ ପଢ଼ିଲା । ଶେଷରେ ବାହା ହୋଇଗଲା ଓ ଆମେରିକା ଚାଲିଗଲା । ବିଗତ ଚାଳିଶି ବର୍ଷ ଭିତରେ କଣା ଭାଇ କଥା ସିଏ ଏତେଟା ଭାବିନଥିଲା କି ତାଙ୍କ ତାଙ୍କ ସହିତ ଭେଟ ହୋଇନଥିଲା । ଅସଲ କଥା ହେଲା ମନକୁ ବି ନିଜ ଗାଁରେ ଅଧିକ ସମୟ କଟେଇବାକୁ ଅବସର ମିଳୁନଥିଲା । ବର୍ଷେ ଦୁଇବର୍ଷରେ କେବେ ଯଦି ଆମେରିକାରୁ ଫେରୁଥିଲା ତ, ଶାଶୁ ଘରେ ଓ ଶାଶୁଘରର ସଂପର୍କୀୟଙ୍କୁ ନେଇ ବିତି ଯାଉଥିଲା ସେସବୁ ସମୟ । ଛୁଟି ସରିଯାଉଥିଲା । ତାପରେ ତାଙ୍କ ଘରର ବି କେହି ଗାଁରେ ରହୁନଥିଲେ । ସମସ୍ତେ ଏବେ ଭୁବନେଶ୍ୱରରେ ହିଁ ରହୁଥିଲେ । ସାନ ଭାଇ ସେଠି ଡାକ୍ତର ଥିଲା । ବଡ ଘରଟିଏ ତିଆରି କରେଇଥିଲା ଓ ବାପା, ବୋଉ ସେଇଠି ହିଁ ରହୁଥିଲେ । ସେତେବେଳେ ଗାଁକୁ ଆସିଲେ ଘଡିଏ, ଦୁଇଘଡି ପାଇଁ ଆସୁଥିଲା, ପୁଣି ସଞ୍ଜବେଳକୁ ଶାଶୁଘରକୁ ଫେରି ଯାଉଥିଲା । ତାପରେ କଣା ଭାଇଙ୍କର ତ ସେଇଟା ନିଜ ଗାଁ ନଥିଲା । ତାଙ୍କ ସହିତ ଦେଖା ବି କେମିତି ହୁଅନ୍ତା ? ଏତେ ବର୍ଷ ପରେ ବାଳକା ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ କରୁଥିବାରୁ ସେମାନେ ସେ ଅଞ୍ଚଳର ସମସ୍ତ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହିତ ଯୋଗାଯୋଗ କରିଥିଲେ । ସେଇଥି ପାଇଁ କଣା ଭାଇଙ୍କୁ ବି ନିମନ୍ତ୍ରଣ କରାଯାଇଥିଲା ଓ ସିଏବି ଆସିବାକୁ ରାଜି ହୋଇଯାଇଥିଲେ ।

ତା' ପରଦିନ କଣା ଭାଇ ସତରେ ଦିନ ନଅଟା ବେଳକୁ ଆସି ମନ ଘରେ ପହଞ୍ଚିଲେ । ମନର ଭାଉଜ ଚାହା ଓ ଜଳଖିଆ ସବୁ ପ୍ରସ୍ତୁତ କରିଥିଲେ ଓ ମନ ଏବଂ କଣା ଭାଇ ଡ୍ରଇଂରୁମ୍ ରେ ବସି ଗପ ଜୋଡିଲେ । କଣା ଭାଇଙ୍କର ମନ ବିଷୟରେ ଜାଣିବାକୁ ଆଗ୍ରହ ଯେତିକି ଥିଲା, ମନର ତାଙ୍କ ବିଷୟରେ ଜାଣିବାକୁ ତାଠାରୁ ଅଧିକ ଆଗ୍ରହ ଥିଲା । ଏମିତି ଏକ ଦୀନହୀନ ଭଳି ଶୈଶବ କଟେଇଥିବା ଛୁଆଟି ସତରେ କେମିତି ଏମିତି ପରିବର୍ତ୍ତନ ହୋଇଗଲା । ସେଇଟାକୁ ହିଁ ଭାଗ୍ୟ କୁହାଯାଏ ।

ମନ କହିଲା, "କଣା ଭାଇ, ତମେ ଆରମ୍ଭ କର । ତମେ ତ ଛୋଟ ବେଳେ ମୋଠାରୁ ବି ଉଚ୍ଚତାରେ ଛୋଟ ଥିଲ । ହଠାତ୍ ଏତେ ଡେଙ୍ଗା, ଏମିତି ଗୋରା, ପୁଣି ବିଶିଷ୍ଟ ବୈଜ୍ଞାନିକ,

କେମିତି ହେଇଗଲ ଯେ ? ମୁଁ ସେଥିପାଇଁ ବହୁତ ଖୁସି । ହେଲେ, ତମକୁ ନ ଦେଖିଥିଲେ ସତରେ ମୁଁ ବିଶ୍ୱାସ କରିନଥାନ୍ତି ।"

କଣା ଭାଇ ହସିଲେ । "ତୁ ଠିକ୍ କହିଛୁ ମନ । ମୋ ଜୀବନ ସତରେ ଗୋଟିଏ ମିରାକଲ୍ । ନହେଲେ ମୋ ଭଳ ପିଲାର ଭବିଷ୍ୟତ ତ କେବଳ ଏ ଚରଣ ଭଳ ହିଁ ହେବାର ଅନୁମାନ କରିହେବ ।"

ଚରଣ କଣା ଭାଇଙ୍କର ଦାଦା ପୁଅ ଭାଇ । ସିଏ ତାଙ୍କ ଗାଁରେ ରହି ପାଠ ପଢୁଥିଲା । ସେ ସ୍କୁଲ୍‌ର ଭଲ ଅଧାପକ ନଥିଲେ । କଣା ଭାଇ ସିନା ଆସି ତାଙ୍କ ମାମୁଁଘରେ ରହି ପଢିଲେ, ହେଲେ ଚରଣ, ନଜ ଗାଁରେ କଛି ସୁଯୋଗ ପାଇଲାନ । କଷ୍ଟେମଷ୍ଟେ ତୃତୀୟ କ୍ଲାସ୍ ରେ ମ୍ୟାଟ୍ରିକ୍ ପାସ୍ ଘରେ ଗାଁରେ ରହୁଛି । ଅନ୍ୟପଟେ ଭଲ ସ୍କୁଲ୍ ରେ ପଢିବାର ସୁଯୋଗ ପାଇ ଓ ବୃତ୍ତି ପାଇ କଣା ଭାଇ ପ୍ରଥମ ପାହାଚ ଉଠିଗଲେ । ତାପରେ ମ୍ୟାଟ୍ରିକରେ ଭଲ କରି ସ୍କଲାର୍‌ସିପ୍ ପାଇ ଭଲ କଲେଜ୍ ରେ ପଢିଲେ ଓ ଦ୍ୱିତୀୟ ପାହାଚ ଉଠିଲେ ।

ମନ ପଚାରିଲା, "ତମେ କଣ ଏକା ଆସିଛ ? ଭାଉଜ ଆସିନାହାନ୍ତି ?"

"ସିଏ କଟକରେ ଅଛନ୍ତି । ହୋଟେଲ୍ ରେ ।"

"ସିଏ କଣ ଗାଁରେ ଚଳପାରିବେନ ବୋଲି ଆସିଲେନ ? ନହେଲେ ଏକା ହୋଟେଲରେ କାହିଁକ ଅଛନ୍ତି ?"

"ସିଏ ଗୋଟିଏ କାହାଣୀ । ତୋ ଭାଉଜକୁ ଏ ଗାଁରେ ପଶିବାକୁ ଦିଆଯାଇନଥିଲା । ତାକୁ ଜୀବନରେ ମାରିଦେବାକୁ ସୁପାରି ଦିଆଯାଇଥିଲା । ସେଇଥିପାଇଁ ।"

"ଏସବୁ କଣ କହୁଚ କଣା ଭାଇ । ନା ସେମିତି ଜୋକ୍ କରୁଛ । କାହିଁକ ସିଏ କଣ ଏମିତି କଲେକ ?"

"ସିଏ ଖ୍ରୀଷ୍ଟ ଧର୍ମର ଝିଅ । କେଉଁଝର ଜିଲ୍ଲାର ଆଦିବାସୀ ପଲ୍ଲୀରେ ତାଙ୍କ ଘର ।" ମନର ଆଖି ଦୁଇଟି ଉପରକୁ ହୋଇଗଲା । ଏତେ ରୋମାଞ୍ଚକର କାହାଣୀ । ପୁଣି କଣା ଭାଇଙ୍କ ଜୀବନରେ । ବାଃ, ଇଏତ ବଡ ମଜାଦାର ଲାଗୁଛି । ଅବଶ୍ୟ ତାଙ୍କୁ ମାରିଦେବାକୁ ଯୋଜନା କରାହୋଇଥିବାଟା ଏତେ ଭଲକଥା ନୁହେଁ ।

କଣା ଭାଇ କହି ଚାଲିଥିଲେ, "ମୁଁ ତାଙ୍କୁ କଲେଜରେ ଭେଟିଥିଲି । ସିଏ ମତେ ଭଲ ଲାଗିଥିଲେ । ତାପରେ ଆମେ ଯେତେବେଳେ ବାହା ହେବାକୁ ସ୍ଥିରକଲୁ, ଆମ ଘରେ ସମସ୍ତେ ବିଦ୍ରୋହ କଲେ । ବ୍ରାହ୍ମଣ ଘର ପୁଅ, ଧର୍ମ ନଷ୍ଟ କରିବ । ଏମିତି କରି ବହୁତ ଡ୍ରାମା ଚାଲିଲା । ହେଲେ ମୁଁ ଜିଦ୍ କରି ତାଙ୍କୁ ବିନା ଆଡମ୍ବରରେ କଟକରେ ବାହା ହୋଇପଡିଲି ଓ ଘରକୁ ନେଇଗଲି । ସେଦିନ ବଡବାପା ଦୁଇଜଣ ଗୁଣ୍ଡାଙ୍କୁ ଠିକ୍ କରି ରଖିଲେ ଯେ ଆମେ ଫେରିବା ସମୟରେ ଯେମିତି ତାଙ୍କୁ ସେମାନେ ଅପହରଣ କରି ନେଇଯିବେ ଓ ମାରିଦେବେ । କେବଳ ଡଲି ଅପା ତାଙ୍କୁ ବଞ୍ଚେଇଦେଲା ।"

"କଣ କହୁଛନ୍ତି ଆପଣ ? ଇଏ ସତରେ ତ ଗୋଟିଏ ଉପନ୍ୟାସର ମାର୍ମିକ ଘଟଣା ଭଳି ଲାଗୁଛି ।"

"ହଁ, ଡଲି ଅପା ଏ ସବୁ ଜାଣିଥିଲା । କାରଣ ବଡବାପା ମାମୁଁଙ୍କ ସହିତ ଏ ବିଷୟରେ କଥାବାର୍ତ୍ତା କରିବାକୁ ତାଙ୍କ ଘରକୁ ଯାଇଥିଲେ । ମାମୁଁ ଡଲିଅପାକୁ କହିଲେ । ଡଲିଅପା ଆମ ଘରକୁ ଆସିଲା ଓ ଫେରିବା ସମୟରେ ସେଇ ଗାଡିରେ ତା ଭାଉଜଙ୍କୁ ଧରି ତମ ଗାଁକୁ ଫେରିଆସିବା ବାହାନାରେ କଟକ ନେଇଗଲା ।"

"ଇଏତ ଭୟାନକ କଥା । ହଁ, ସତରେ, ମୁଁ ବି ଭାଉଜଙ୍କ ସ୍ଥାନରେ ଥିଲେ ଠିକ୍ ସେଇଆ କରିଥାନ୍ତି । ଆପଣଙ୍କ ବଡବାପା ଏମିତି ନିଷ୍ଠୁର ?"

"ହଁ । ବାପା କି ଦାଦା ତାଙ୍କ ସାମନାରେ ପାଟି ଫିଟାନ୍ତିନି । ଏବେ ଅବଶ୍ୟ ସିଏ ଆଉ ନାହାନ୍ତି । ହେଲେବି ତୃପ୍ତି ମନରେ ସେମିତି ଡର ରହିଯାଇଛି । ତାର ଅନେକ ସାଙ୍ଗ କଟକରେ ଅଛନ୍ତି । ତେଣୁ ମୁଁ ଗାଁକୁ ଆସିଲେ ସିଏ କଟକରେ ସ୍ୱାଧୀନ ଭାବେ ରହିବ ବୋଲି ହୋଟେଲ୍ ରେ ରହେ, ସାଙ୍ଗମାନଙ୍କ ସହିତ ବୁଲାବୁଲି କରେ, ବଜାର ଯାଇ ଲୁଗାପଟା କିଣାକିଣି କରେ ଓ ନିଜକୁ ଉପଭୋଗ କରେ ।"

ମନ ଜାଣିଲା, କଣା ଭାଇଙ୍କ ପତ୍ନୀଙ୍କ ନାମ "ତୃପ୍ତି" ବୋଲି । ପଚାରିଲା, "ତୃପ୍ତି ଭାଉଜ କଣ କିଛି ଚାକରି କରନ୍ତି ?"

"ହଁ, ସିଏ ଜଣେ ବହୁତ ଭଲ ଡାକ୍ତର । ସେଥିପାଇଁ ତ ଦୁଇଟି ପୁଅ ଡାକ୍ତର ହେଲେ ।ସାନ ପୁଅ ହିଁ ମୋ ଭଳି ବିଜ୍ଞାନ ପଢିଲା, ଓ ଆମେରିକାରେ ଯାଇ ପି.ଏଚ୍.ଡି. କଲା ।

ହଠାତ୍ ମନ ମନରେ ଗୋଟିଏ ଧାରଣା ଆସିଲା । ସିଏ କହିଲା, "କଣା ଭାଇ, ଆପଣ ଭାଉଜଙ୍କୁ ଫୋନ୍ କରି ଜଣାନ୍ତୁ ସିଏ ତାଙ୍କ ହୋଟେଲରେ ରହିବେ ବୋଲି । ଆମେ ଏବେ କଟକ ଯିବା ଓ ଭାଉଜଙ୍କୁ ଧରି ଅପରାହ୍ନ ବେଳକୁ ଫେରିଆସିବା ।"

"ତୋ ମୁଣ୍ଡ ଖରାପ ହେଲାଣି ନା କଣ ? ପ୍ରଥମରେ ସିଏ ତ ଆସିବେନ । ଦ୍ୱିତୀୟରେ ସ୍କୁଲ୍‌ର ୧୧ଟା ବେଳେ ଯେଉଁ ମିଟିଙ୍ଗ୍ ଅଛି, ସେଇଟାରେ ରହିବୁନ ନା କଣ?"

"ସତରେ କଣା ଭାଇ । ମୁଁ ସିରିୟସ୍ । ଏଇଟା ହିଁ ସୁଯୋଗ । ଭାଉଜଙ୍କୁ ଗାଁକୁ ଅଣେଇବାର। ତମେ ତାଙ୍କୁ ଖାଲି ଫୋନ୍ କରି କୁହ ସିଏ କୁଆଡେ ନଯାଇ ହୋଟେଲ୍ ରେ ଥିବେ । ଅନ୍ୟ ସବୁ କଥା ମୁଁ ସମ୍ଭାଳବି ।"

"ଇଏ କ ବାପ ଗୁଣ ଢିଙ୍କି ଗିଳ କଥା କହୁଚୁ ତୁ ।" - କଣା ଭାଇ ଏକଦମ ହଡବଡେଇ ଗଲେ । ହେଲେ ମନ ନଛୋଡବନ୍ଧା । କଣା ଭାଇଙ୍କ ଡ୍ରାଇଭର୍ ବାହାରେ ଅପେକ୍ଷା କରିଥିଲା । ମନ ତାକୁ ଯାଇ କହିଲା, "ଆମେ ଏବେ ଏଇ ଭଳ ଭାବେ କଟକ ଯିବା ଓ ତୃପ୍ତି ଭାଉଜଙ୍କ ହୋଟେଲ୍‌କୁ ଯିବା ।"

ଡ୍ରାଇଭର୍ ପ୍ରସ୍ତୁତ ହୋଇଗଲା । ସକାଳର ଜଳଖିଆ ତ ସେମାନେ ଖାଇଥିଲେ । ମନର ଭାଉଜଙ୍କୁ ଜଣେଇ ସେମାନେ କଟକ ବାହାରିଗଲେ । ବାଟରେ କଣା ଭାଇ ତାଙ୍କ ପତ୍ନୀଙ୍କୁ ଫୋନ୍ କରି ଜଣେଇଦେଲେ ଯେ ସିଏ କଟକ ଫେରୁଛନ୍ତି । ତୃପ୍ତି ଭାଉଜ ହୋଟେଲ୍ ରେ ରହିଥିଲେ । ଆଜିକାଲି ଗାଁ ଗହଳର ରାସ୍ତାଘାଟ ସବୁ ସିମେଣ୍ଟରେ ତିଆରି ହୋଇଛି ଓ ଅନେକ ମୁଖ୍ୟ ରାସ୍ତା ସବୁ ପ୍ରଶସ୍ତ ହୋଇଯାଇଛି । ତେଣୁ ଯେଉଁ କଟକରେ ପହଞ୍ଚିବାକୁ ଆଗେ ଦିନଟିଏ ଲାଗିଯାଉଥିଲା, ଏବେ ନଜର ଗାଡି ଥିଲେ, ଦରକାର ପଡିଲେ, ନଜ ଗାଁରେ ରହି ବି ଜଣେ କଟକରେ ପ୍ରତିଦିନ ଅଫିସ୍ କାମ କରିପାରିବ । ଏଇତ, ଜମା ଦେଢଘଣ୍ଟା କ ଦୁଇଘଣ୍ଟା ଲାଗିବ । ମନ ଓ କଣା ଭାଇ ଯାଇ ଗୋଟାଏ ବେଳକୁ ପହଞ୍ଚିଗଲେ । ତୃପ୍ତି ଭାଉଜଙ୍କୁ ଅନେକ ବୁଝାବୁଝି କରେଇ ମନ ତାଙ୍କୁ ଧରି ଗାଁକୁ ଫେରିଲା।

ପ୍ରଥମେ ତ ସିଏ କଛି ବୁଝିପାରିଲେନ । ହେଲେ ମନ ବୁଝେଇଦେଲା । ସମାଜକୁ ଏମିତି ଡରି ରହିଲେ ସମାଜ ସେମିତି ଡରେଇ ରଖିବ । ଯେଉଁଟା କରଣୀୟ ଓ ଯୁକ୍ତିଯୁକ୍ତ, ତାହା କରିବା ଉଚତ । ତାପରେ ଏତେବର୍ଷ ପୂର୍ବର ଚଳଣିକୁ ପ୍ରାଧାନ୍ୟ ଦେଇ, ଜଣେ ଉଚ୍ଚଶିକ୍ଷିତା

ନାରୀ ଯଦି ଡରି ରହିବ, ତେବେ ଅନ୍ୟମାନେ ଶିଖିବେ କଣ । ସେଇ ଉଦାହରଣ ନେଇ ନା, "ଝିଅ ଜନମ ତ ସେମିତି । ଅନ୍ୟର ଦୟାରେ, ଅନ୍ୟର ଅନୁଗ୍ରହରେ, ଅନ୍ୟର ବିଗ୍ରହରେ ହିଁ ତା ଜୀବନର ସଫଳତା ନିର୍ଭର କରୁଛି । ସିଏ ସମାଜର ଖେଳଣା କଣ୍ଢେଇଟିଏ ମାତ୍ର । ତାର ସ୍ୱତନ୍ତ୍ରତା ନାହିଁ । ସ୍ୱାଧୀନତା ନାହିଁ ।"

"ହେଲେ ମୁଁ ସେଠି କରିବି କଣ ? ମୋର ତ କିଛି ଭୂମିକା ନାହିଁ ।" - ତୃପ୍ତି ଭାଉଜ କହିଥିଲେ ।

ମନ ଅନୁରୋଧ କଲା, "ଆଜି ମଞ୍ଚରେ ମୋର ବକ୍ତବ୍ୟ ଦେବାର ଅଛି । ଛାତ୍ରୀମାନଙ୍କୁ ଉଦବୋଧନ ଦେବାର ଅଛି । ହେଲେ ମୁଁ ଚାହେଁ ଯେ, ଆପଣ ମୋ ବଦଳରେ ସେମାନଙ୍କୁ ଉଦବୋଧନ ଦେବେ । ସେ ବିଷୟରେ ମୁଁ ଆମ ସ୍କୁଲ୍‌ର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହିତ କଥା ହୋଇଯାଇଛି । ସିଏ ବି ଅନେକ ଖୁସି । ତାପରେ କଣା ଭାଇଙ୍କ ବଡବାପା, ମାନେ ଯିଏ ଆପଣଙ୍କୁ ଉତ୍ପୀଡନ ଦେଇଥିଲେ ଓ ଡରେଇଥିଲେ, ସିଏ ତ ଆଉ ନାହାନ୍ତି । ତାଙ୍କ ସମସାମୟିକ ବ୍ୟକ୍ତି ଅନେକ ସବୁ ମରିହଜି ଗଲେଣି । ସେ ସମୟର ସାମାଜିକ ଚଳଣି ବି ଅନେକଟା ବଦଳ ଗଲାଣି । ସେମାନେ ଟିଭି ଦେଖିପାରୁଛନ୍ତି । ଦେଶ, ବିଦେଶର ଖବର ଜାଣୁଛନ୍ତି । ସମସ୍ତଙ୍କ ମନରେ ତେଣୁ ସଚେତନତା ଆସିଯାଇଛି । ଅନ୍ୟ ଦେଶର ନାରୀମାନଙ୍କର ଜାଗରଣ ଓ ସ୍ୱାଧୀନତା ସେମାନେ ଦେଖିପାରୁଛନ୍ତି । ଆପଣ କଣ ସେଇ ଚାଳିଶି ବର୍ଷ ତଳର ସମାଜକୁ ଗ୍ରହଣ କରି ରହିଥିବେ ନା ବର୍ତ୍ତମାନର ସମାଜ ସହିତ ସାଲିସ୍ କରିବେ ?"

ସେଦିନର ସାଂସ୍କୃତିକ କାର୍ଯ୍ୟକ୍ରମ ସନ୍ଧ୍ୟା ୬ଟା ବେଳକୁ ଆରମ୍ଭ ହେବାର ଥାଏ । ପ୍ରଥମେ, ଉଦ୍ବୋଧନୀ ସଭା ଓ ପରେପରେ ଡ୍ରାମା ହେବାର ଥାଏ । ସଭାରେ କେବଳ ମନର ଭାଷଣ ଦେବାର ଥିଲା ଓ ତାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିଲା । ହେଲେ ମନ ନେଇ ସମସ୍ତଙ୍କ ସାମନାରେ ତୃପ୍ତି ଭାଉଜଙ୍କୁ ଉପସ୍ଥାପିତ କରିଦେଲା । ପ୍ରାରମ୍ଭରେ ଜଣେଇଲା, "ଆଜି ଆମ ଗହଣରେ ମୋର ସାଙ୍ଗ, ଜଣେ ବିଶିଷ୍ଟ ମହିଳା ଡାକ୍ତର ତୃପ୍ତି ମିଶ୍ର ଅଛନ୍ତି । ସିଏ ନିଜେ ହିଁ ନାରୀ ଶକ୍ତିର ଉଦାହରଣ । ଆସନ୍ତୁ ତାଙ୍କଠାରୁ ଶୁଣିବା ଆମ ସ୍କୁଲ୍‌ର ଛାତ୍ରୀମାନଙ୍କ ପାଇଁ କିଛିଟା ପ୍ରେରଣାତ୍ମକ ଆତ୍ମବିଶ୍ୱାସର କଥା ।"

ତାପରେ ତ ତୃପ୍ତି ଭାଉଜଙ୍କ ଭାଷଣ ସମସ୍ତଙ୍କ ମନ ମୋହି ନେଲା । କେହି ବି ଜାଣି ପାରିଲେନ ସିଏ କଣା ଭାଇଙ୍କ ପତ୍ନୀ ବୋଲି । ଗାଁରେ ତ କେହି ତାଙ୍କୁ ଦେଖିନଥିଲେ । ଆଉ କଣା ଭାଇଙ୍କ ପରିବାରର ଯେଉଁମାନେ ତାଙ୍କୁ ଦେଖିଥିଲେ, ସେମାନେ ସବୁ ସହରରେ ରୁହନ୍ତି । ଗାଁରେ ନଥିଲେ । ସଭାକାର୍ଯ୍ୟ ସମାପନ ହେବା ପରେ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ କେତେକେତେ ଛାତ୍ରୀମାନେ ଆସି ତୃପ୍ତି ଭାଉଜଙ୍କ ସହିତ କଥାବାର୍ତ୍ତା କଲେ ଓ ତାଙ୍କୁ ପ୍ରଶ୍ନରେ ପୋତି ପକାଉଥିଲେ । ଏମିତି କ ସ୍କୁଲର ଅନ୍ୟାନ୍ୟ ଶିକ୍ଷୟିତ୍ରୀ ମାନେ ମଧ୍ୟ ତାଙ୍କୁ ପ୍ରଶଂସାରେ ପୋତି ପକାଉଥିଲେ । ଅନେକ ଆସି ମନକୁ ବି ପ୍ରଶଂସାରେ ପୋତି ପକେଇଲେ, "ଯାହାହେଉ, ଆପଣ ଆପଣଙ୍କ ସାଙ୍ଗଙ୍କୁ ଆମ ସ୍କୁଲକୁ ଆଣିଲେ, ଆପଣଙ୍କୁ ବହୁତ ଧନ୍ୟବାଦ ।"

ମନ ମଧ୍ୟ ଅନେକଟା ପରିତୃପ୍ତି ପାଉଥିଲା । ଏତେଦିନ ପରେ ତାକୁ ଏକ ଅନନ୍ୟ ଓ ଉତ୍ତମ କାର୍ଯ୍ୟ କରିବାର ଅବସର ମିଳିଲା । ହୁଏତ ସିଏ ଏସବୁ କିଛି ବି କରିନଥାନ୍ତା । ଯେମିତି ସବୁ ସ୍ଥିର ହୋଇ ରହିଥିଲା, ସେମିତି ରହିଥାନ୍ତା । ମନ ସକାଳେ ସ୍କୁଲର ମିଟିଙ୍ଗ୍ କୁ ଯାଇଥାନ୍ତା, ସ୍କୁଲ୍ ରେ ମଧ୍ୟାହ୍ନ ଭୋଜନ କରିଥାନ୍ତା । ତାପରେ ଘରକୁ ଫେରି ଟିକେ ଶୋଇଥାନ୍ତା ଓ ସନ୍ଧ୍ୟା ଛଟା ବେଳକୁ ଯାଇ ସଭା ମଞ୍ଚରେ ଉଦ୍ବୋଧନୀ ଦେଇଥାନ୍ତା । ତାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିଥାନ୍ତା ଓ ଆସନ୍ତା କାଲି ସକାଳୁ ଭୁବନେଶ୍ୱର ଫେରିଯାଇଥାନ୍ତା । ହେଲେ କଣା ଭାଇଙ୍କ ସହିତ ସକାଳ ଜଳଖିଆ ଖାଇବା ଓ ତାଙ୍କ ପତ୍ନୀଙ୍କ ବିଷୟରେ ଜାଣିବା ପରେ ସେଦିନର ରୁଟିନ୍ ପୁରାପୁରି ବଦଳିଗଲା । ପୁଣି ଏମିତି ଆଶ୍ଚର୍ଯ୍ୟଭାବେ ବଦଳିଗଲା ଯେ, ମନ ମଧ୍ୟ ନିଜକୁ ବିଶ୍ୱାସ କରିପାରୁନଥିଲା । ହଠାତ୍ ତା ମୁଣ୍ଡକୁ ଏମିତି ଖିଆଲ ଆସିଲା କେମିତି ?

ଏମିତି ଅନେକ ଖିଆଲ ସବୁ ମନ ମୁଣ୍ଡକୁ ହଠାତ୍ ଆସେ । ପାରିପାର୍ଶ୍ୱିକ ପରିସ୍ଥିତିର ପ୍ରଭାବରେ ବେଳେବେଳେ ତା ମସ୍ତିଷ୍କ ହଠାତ୍ ତ୍ୱରାନ୍ୱିତ ହୋଇଯାଏ । ସେତେବେଳେ ନ ଭାବିପାରୁଥିବା ଖିଆଲ ତା' ମୁଣ୍ଡ ଭିତରକୁ ଆସିଯାଏ । ସବୁ ଖିଆଲ ଯେ ଠିକ୍ ଥାଏ, କହିହେବନି । ତେବେ କୌଣସି ସ୍ୱତନ୍ତ୍ର ଖିଆଲ ଆସିଲେ, ମନ ତାକୁ ହାତଛଡା କରେନି ।

ସେଇ ଖିଆଲରେ ହିଁ ମାତିଯାଏ । ବିପଦ ବିନା ଜୀବନ ଆଉ କଣ ? ନୂତନତା ବିନା ଜୀବନ ଆଉ କଣ ? ସେଇଥିପାଇଁ ତ ପ୍ରକୃତିର ଏ ଋତୁଚକ୍ର । ଅହରହ ପରିବର୍ତ୍ତନଶୀଳ

ପ୍ରକୃତି । କଛି ପୁରୁଣା ଜିନଷ ହଜିଯାଏ । ନୂଆ ଜିନଷ ମିଳଯାଏ । ନୂଆ ଜିନଷର ପ୍ରାପ୍ତିରେ ପୁରୁଣା ଜିନଷ ହଜାଇବାର ଦୁଃଖ ନଜେ ହଜିଯାଏ ।

ସେଦିନ ତୃପ୍ତି ଭୂଉଜ ମନର ଘରେ ରାତ୍ରିଯାପନ କଲେ । ତାଙ୍କୁ କଣା ଭାଇଙ୍କ ଘରକୁ ନେଇ ହଠାତ୍ ସମସ୍ତଙ୍କୁ ଏତେ ବଡ ଧକ୍କା ଦେଇ ବିସ୍ମିତ କରାଇବାକୁ ଚାହୁଁନଥିଲା ମନ । ସବୁ ଏମିତି ଧୀରେଧୀରେ ହେଉ । ଭଲଭାବେ ହେଉ । ସବୁ ପରିବର୍ତ୍ତନରେ କଛିଟା ଧାରାବାହିକତା ରହୁ । ନହେଲେ ଘଟିଥିବା ଘଟଣାର ପରବର୍ତ୍ତୀ ଫଳାଫଳକୁ ହୁଏତ ସାମନା କରିହେବନ, ରୋକହେବନ । ଆଉ ଯଦି ଫଳାଫଳ ଭୟାବହ ହୁଏ ତ, ମଣିଷ ଅଣନଃଶ୍ୱାସୀ ହୋଇଯିବାର ସମ୍ଭାବନା ଅଛି ।

ପରଦିନ ସକାଳେ ମନ ଓ ତା' ଭାଇ, ଭୂଉଜଙ୍କ ସହିତ ତୃପ୍ତି ଭୂଉଜ କଟକ ଫେରିଆସିଲେ। ଅବଶ୍ୟ କଣା ଭାଇ ବି ଫେରିଥିଲେ, କନ୍ତୁ ଅଲଗା, ନଜ ଗାଡିରେ । କଟକରେ ସେମାନେ ହୋଟେଲରେ କଛି ସମୟ ବିଦାୟ ପୂର୍ବର ଶେଷ କଥା ହୋଇଥିଲେ। ତୃପ୍ତି ଭୂଉଜ ମନକୁ ଧନ୍ୟବାଦ ଦେଇ କହିଲେ, "ସତରେ ତମ ଖିଆଲକୁ ପ୍ରଶଂସା ନକରି ମୁଁ ରହିପାରୁନ । ଏମିତି ଏକ ଘଟଣା ଘଟିଯିବ ବୋଲି ମୁଁ କେବେ ବି ବିଶ୍ୱାସ କରିନଥିଲି । ଏମିତି କ ମୋ ଶାଶୁ, ଶ୍ୱଶୁର ବି ଅନେକ ଥର କହିଛନ୍ତି ଗାଁକୁ ଯିବାକୁ, ହେଲେ ମୁଁ ସେମାନଙ୍କୁ ମୋ ମନର ଭୟ ଜଣେଇ ଯାଇପାରିନଥଲି । ସେମାନେ ଆଉ ବାଧ କରିନଥିଲେ । ଏବେ ମୁଁ ନଶ୍ଚୟ ଯିବି । କେବଳ ତମକୁ ଭାବି ହିଁ ଯିବି । ଆଉ ତମର ସେ

ବାଳକା ହାଇସ୍କୁଲ୍ର ଛାତ୍ରୀମାନଙ୍କ ପାଇଁ ଯିବି ।"

ପରେ ମନ ଖବର ରଖିଥିଲା, ଗାଁରେ ସମସ୍ତେ ଏବେ ସେଦିନ ସୁବର୍ଣ୍ଣ ଜୟନ୍ତୀରେ ଭାଷଣ ଦେଇଥିବା ତୃପ୍ତି ଭୂଉଜଙ୍କୁ ଚହ୍ନି ସାରିଲେଣି । ସେମାନେ ମନକୁ ଅନେକ ପ୍ରଶଂସା କରୁଛନ୍ତି। ଏମିତି କ ବାଳକା ସ୍କୁଲ୍ ରେ ପ୍ରତିବର୍ଷ ପୁରାତନ ଛାତ୍ରୀଙ୍କ ପାଇଁ ଡିସେମ୍ବର ମାସରେ ଏକ ସମାବେଶ ରଖିବା ପାଇଁ ସ୍ଥିର କରାଯାଇଛି । ଆସନ୍ତା ବର୍ଷରେ ସେ ସମାବେଶରେ ତୃପ୍ତି ଭୂଉଜଙ୍କୁ ମୁଖ୍ୟ ଅତିଥି କରି ଆଣିବାକୁ ବି ନମନ୍ତ୍ରଣ ପଠାଯାଇଛି ଓ ସେ ସ୍ୱୀକାର କରିଛନ୍ତି ।

ଏବେ ସେ ଘଟଣାର ଚାରିବର୍ଷ ପୂରିଗଲାଣି । ଏଇ ଚାରିବର୍ଷ ଧରି କଣା ଭାଇ ଓ ତୃପ୍ତି ଭୂଉଜଙ୍କ ସହିତ ମନର ସଂପର୍କ ବଢିଛି । ସ୍କୁଲ୍ ପାଇଁ ସେମାନେ ମିଶି ଏକ ମେଧାବୃତ୍ତି

ପ୍ରତିଷ୍ଠା କରେଇଛନ୍ତି । ମନ ତ ଆଉ ତାପରେ ଡିସେମ୍ବର ମାସରେ ଯାଇପାରିନି, ତେବେ ତୃପ୍ତି ଭାଉଜ ଓ କଣା ଭାଇ ପ୍ରତିବର୍ଷ ଯାଇ ଡିସେମ୍ବରର ସମାବେଶରେ ଯୋଗ ଦେଉଛନ୍ତି ଓ ଛାତ୍ରୀମାନଙ୍କୁ ପ୍ରେରଣା ଓ ଉତ୍ସାହ ଯୋଗାଉଛନ୍ତି ।

ମନ ସବୁବେଳେ ସେମାନଙ୍କ ସହିତ କଥାବାର୍ତ୍ତା କରିବାବେଳେ ପଗ୍ଗରେ, "ଆଉ ଆପଣମାନେ ଆମେରିକା କେବେ ଆସୁଛନ୍ତି ?"

ସିଏ ଏବେ ବି ଡକ୍ଟର୍ କଳ୍ପତରୁ ମିଶ୍ରଙ୍କୁ "କଣା ଭାଇ" କହି ସମ୍ବୋଧନ କରେ ।

-୦-

ରଦରେଫାର୍ଡ ଓ୍ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ନାରୀ ନାରାୟଣୀ



ପ୍ରାଧାପିକା ଜ୍ୟୋତ୍ସ୍ନା ରାୟ

ନାରୀଟିଏ ନାରୀ ନୁହେଁ ସ୍ୱୟଂ ନାରାୟଣୀ
ପ୍ରେମର ବୈଦୁର୍ଯ୍ୟମଣି ମମତାର ପୂତମନ୍ଦାକନୀ
କନ୍ୟା ସେ ଭଗିନୀ ଜାୟା ପ୍ରେମିକା ଜନନୀ
ସର୍ବଦା ସେ ସ୍ନେହମୟୀ ମଙ୍ଗଳକାରିଣୀ। ।
ପୁରୁଷର ସହଯାତ୍ରୀ ସମକକ୍ଷ ଜୀବନସଙ୍ଗିନୀ
ସଂସାର ଜଟିଳପଥେ ପ୍ରତିପଦେ ପ୍ରେରଣାଦାୟିନୀ
ନ୍ୟାୟର ମୂରତି ପୁଣି ସତ୍ୟ- ଧର୍ମ- ଶାନ୍ତିପୂଜାରିଣୀ
ସର୍ଜନାର କର୍ତ୍ତ୍ରୀ, ଧାତ୍ରୀ ,ସଂସାରପାଳନୀ
ଆଲୋକବର୍ତ୍ତିକା ସିଏ ପଥପ୍ରଦର୍ଶିନୀ। ।
ଅନ୍ୟାୟ ଅନୀତିପଥେ ସାଜିପାରେ ସଂହାରକାରିଣୀ
ଅନନ୍ତ ଶକ୍ତିର ଉତ୍ସ ସତେ ଅବା ଦେବୀ କାତ୍ୟାୟନୀ
କିଏ କହେ ଅବଳା ଦୁର୍ବଳା ତାକ...
ନୁହେଁ ତ ସେ ଅଶିକ୍ଷିତା
ଦୀନାହୀନା ଅବା ଅସହାୟା
ପୁରାଣରେ ପୁରୋଭାଗା ଓଜସ୍ୱିନୀ ତେଜସ୍ୱିନୀ
ସିଏ ପରା ପ୍ରାତଃ ସ୍ମରଣୀୟା
ଧନଧାନ୍ୟେ ରୂପଗୁଣେ ବିଦ୍ୟାବୁଦ୍ଧି ଜ୍ଞାନ କଉଶଳେ

ଦେଇଛି ତା ପରିଚୟ
ହୋଇଛି ସେ ବିଶ୍ୱ ବନ୍ଦନୀୟା।।
ତଥାପି ମନରେ ଜାଗେ ଅସୁମାରୀ ପ୍ରଶ୍ନ  ଆଜି
ସମାଜରେ ନାରୀ କାହିଁ ପାଏନା ତା ନ୍ୟାଯ୍ୟ ଅଧିକାର
ପାଏନା ସୁରକ୍ଷା ଅବା ସହଯୋଗ ମନ ମୁତାବକ
ଜୀବନ ଦୁଃସହ ହୁଏ  ପାଏନା ଆଦର ଶ୍ରଦ୍ଧା
ଆକାଂକ୍ଷିତ ସମ୍ମାନ ଟିକକ!
ନିର୍ଯାତିତା ନିସ୍ପେଷିତା  ହୁଏ ନିକାଞ୍ଚନେ
ପୁରୁଷର ପଞ୍ଝା ତଳେ ସନ୍ଧେ ସଂଗୋପନେ?
ସଂସାର ରଥରେ ପର୍  ଦୁଇଗୋଟି  ଚକ
ଜଣେ ନାରୀ ଅନ୍ୟଟି ପୁରୁଷ
ପୁରୁଷ କ ଦିଏ ତାକୁ ପୂର୍ଣ୍ଣ ସହଯୋଗ
ଗ୍ଭଲିବାକୁ ଜୀବନର ପଥ
ହାଏ ହାଏ  ମୂଢ଼ ଏ ପୁରୁଷଜାତି
ଯେତିକ ବୁଝିବା କଥା ଆଜି ଯାଏ
ନାରୀକୁ ସେ ବୁଝିନ ସେତିକ
ନୁହେଁ ତ ସେ ପଣ୍ୟଦ୍ରବ୍ୟ
ଅବା ନୁହେଁ ଭୋଗର ସାମଗ୍ରୀ
ରୁଷ୍ଟ ହେଲେ ନାରୀଜାତି ସମାଜେ ଦୁର୍ଗତି।

ସମାଜର ରୀତିନୀତି କଛି ବୋଲି କଛିନାହିଁ ଆଜି
ଅଡୁଆ ସୂତାର ଖିଅ...ଯାହାଥିଲ୍ ଗଲ୍ଣି ଚୂଲିକ
ଆଇନ୍ଆଖିରେ ବନ୍ଧା ଗାନ୍ଧାରୀର ପଟି
ଶୂନଶାନ୍ ରାସ୍ତାରେ... ନିର୍ଭୟରେ ନାରୀଟିଏ

ଏକା ଏକା କୁହ ସତେ ଗ୍ଭଲିବ କେମିତି?
କାମାନ୍ଧ ପୁରୁଷ ଯେତେ ଭୋଗକୁ ବିଭବ ମଣି
କର୍ଦ୍ଦମାକ୍ତ ମନ ନେଇ ବୁଲୁଛନ୍ତି ଗଳକନ୍ଦି ପଶି
ଅଜଗରି କାମନା କ୍ଷୁଧାରେ ଶୋଷୁଛନ୍ତି -
ଲୁଟୁଛନ୍ତି ପଳପଳ ନାରୀମାଂସ ନିର୍ଲ୍ଲଠ ପଣରେ
ରୁଦ୍ଧକରି ପଥ ପ୍ରଗତିର, ପଶାପାଲି ସତରଞ୍ଜି ପାତି
ଛଳନାର ଛକାପଞ୍ଝାତଳେ ସରଳ ପ୍ରାଣରେ
ଆହା, ଅକାରଣେ ଗରଳ ଭରନ୍ତି
'ମାତୃଜାତି ପୂଜନୀୟା 'ପୁର୍ବଣୋକ୍ତି ନୁହଁଇ ଅସତ୍ୟ
ନାରୀକୁ ସମ୍ମାନ ଯହିଁ ଦେବତାର ବାସ ତହିଁ
ସେହି ଦେଶ ସବୁଠୁ ସମୃଦ୍ଧ।
ନାରୀ ବିନା ନାହିଁ ସୃଷ୍ଟି ନାହିଁ ସ୍ଥିତି ନାହିଁ ବି ଉନ୍ନତି
ଜଗତର ହିତପାଇଁ
ନାରୀଟିଏ ଗ୍ଭହେଁ ଆଜି ଧାପେ ସ୍ୱାଧୀନତା
ବନ୍ଧନରୁ ଲୋଡେ ଟିକେ ମୁକ୍ତି।।
ନାରୀଭାଗ୍ୟେ ଲେଖା କ'ଣ
ଚରକାଳ ଦୁଃଖର ଦୁର୍ଦ୍ଦିନ?
ନାରୀ କଣ ଗ୍ଭହେଁନାହିଁ ମାନ ସନମାନ
ସ୍ୱାଭିମାନୀ ସ୍ୱଚ୍ଛନ୍ଦ ଜୀବନ?
କାହିଁକି ସେ ନ୍ୟାୟପାଇଁ ନତମସ୍ତକରେ
ହାତପାତି ଠିଆ ହେବ ସମାଜର ବଡ଼ଦାଣ୍ଡେ
କାକୁସ୍ଥ ମୁଦ୍ରାରେ ...ଗୋଡ଼ଭଙ୍ଗି -କାନପାତି
ମାଗୁଥିବ ବାରମ୍ବାର ଦିଅହେ ସୁରକ୍ଷା ମୋତେ-
ବଞ୍ଚିବାର ଅଧିକାର ଦିଅ.. ଦିଅ ମୋର ନ୍ୟାଯ୍ୟ ଅଧିକାର..

ଆକାଶ ଧରିତ୍ରୀ କମ୍ପି ଶୁଭୁଥିବ ତାଣ୍ଡବଲୀଳାର ହସ
ଜହ୍ଲାଦ ପୁରୁଷମାନେ କରୁଥିବେ କବନ୍ଧର ନୃତ୍ୟ
ଭରିଭରି ଲୁହର ସମୁଦ୍ର.....

ନା ନା ଆଉ ନୁହେଁ ଜାଗି ଉଠ ନାରୀଜାତି
ମାଟିପରେ ପାଦରଖି ଶକ୍ତହୋଇ ଠିଆହୁଅ ଏବେ
ଦିଅ ନାହିଁ ନାରୀତ୍ୱକୁ ତିଳତିଳ ଜଳାଞ୍ଜଳି ଆଉ
କରଧ୍ୱଂସ ସମାଜରୁ ଦ୍ୱେଗଲିପ୍ସୁ
କାମାନ୍ଧ ଏ ଜହ୍ଲାଦମାନଙ୍କୁ
ଦୁର୍ଗା ହୁଅ କାଳି ହୁଅ ନିଜପାଇଁ ଲଢ଼ ଦର୍ପେ
ଲେଖ ନୂଆ ଇତିହାସ ନୂଆ ସମ୍ବିଧାନ
ମାନସ ମନ୍ଥନ ହେଉ ସଂସାର ସରଗ ହେଉ
ମାତୃଜାତି ଲଭନ୍ତୁ ସମ୍ମାନ ।।

ବାଲେଶ୍ୱର, ଓଡ଼ିଶା

# ପ୍ରହସିତା



ଡ. ଶକୁନ୍ତଳା ଗୁପ୍ତା

ନଷ୍ଠୁର ପ୍ରେମଶାସ୍ତି
ଭକ୍ତି ଗଞ୍ଜନେ
ବୈରାଗୀ ତ୍ୟାଗେ
ହସ୍ତ କଙ୍କଣ, କର୍ଣ୍ଣ ମେଖଳା
ଉନ୍ମୁକ୍ତପାଟବସ୍ତ୍ର, କେଶସଜ୍ଜ୍ୟା
ଉଲଗ୍ନା ପତିତା ପରିତ୍ୟକ୍ତା ।

ଅପବାଦ ରାଜରାସ୍ତେ
ଶତ ଗିଦ୍ଧ ମଧ୍ୟେ
ଅଲିଅଳ ସୀମନ୍ତିନୀ
ପୟରେ ରୁଧିର ଅଳତା
ଅର୍ଦ୍ଧଦଗ୍ଧ ବକ୍ଷେ
ପ୍ରେମ ମରୀଚକା ।

ଯୁଗାନ୍ତରେ ଅକ୍ଷୟ
ଜନ୍ମ ମୃତ୍ୟୁ ପ୍ରହସନ ଉର୍ଦ୍ଧ୍ୱେ
ଏ' କ ଅବ୍ୟକ୍ତ ଶାଶ୍ୱତ ପ୍ରାପ୍ତି !
ଉନ୍ମତ୍ତ ସର୍ବସ୍ୱାନ୍ତ କରି
ପରିଶେଷେ ଅବତରେ
ନୈଶ୍ୱର ମୁକ୍ତିର
ପ୍ରେମ ମରୁନଈ !?

ରାଉରକେଲା

# ହସର ଲୁଚକାଳି



ସସ୍ମିତା ପଟ୍ଟନାୟକ

ଆଜି ଏଇ ପାଚଲ୍ ବାଳେ
ବସି ମୁଁ ଭାବେ ବେଳେ ବେଳେ....

ଛୋଟ ବେଳର ସେଇ ବହି ବସ୍ତାନ ବୋଝ
ମା ବାପାଙ୍କ ଖାଇ ବି ମାଡ଼
ମୁହଁରେ ଥିଲ୍ ଏକ ଖୋଲ୍ ହସର ଛାପ।।

ସାଇକେଲରେ ଯାଇ କାହିଁ କେତେ ଦୁର
ଖର୍ ତର୍ର ନ ଥିଲ୍ ତ କଛି ଡର
ମୁହଁରେ ତଥାପି ରହୁଥିଲ୍ ଖୋଲ୍ ହସର ଛାପ।।

କଲେଜ ର୍ଯାଗିଙ୍ଗ ବେଳର କଷ୍ଟ
ହଷ୍ଟେଲର ଖାଇ ପାଣିଆ ଡାଲି ଆଉ ଶୁଖିଲ୍ ଭାତ
ସେମିଷ୍ଟାର ପାସ ପାଇଁ  କରି କେତେ ଜାଗର
ହସକୁ ଲ୍‌ଗି ନଥିଲ୍ ତଥାପି କାହାରି ନଜର ।।।

ସମୟ୍ର ସହ ବୁଦ୍ଧି ହେଲ୍ ଟିକେ ପାକଳ
ଆରମ୍ଭ ହେଲ୍ ସୁଖ ଦୁଃଖର ମାପ ଗୃପ
ଆଉ ତା ସହ ହିସାବ ତେଲ ଲୁଣ ସଂସାରର
ସେତେବେଳେ ମୁହଁରୁ ଖସିଲ୍ ଟିକେ ହସର ଛାପ।।

ଆଉ ଟିକେ ବଢ଼ିଲ୍ ବୟସ
ତା ସହ ବଢିଲ୍ କର୍ତ୍ତବ୍ୟ ସବୁ ଆଡର
ଅଧିକ ରୁ ଅଧିକ ହେଲ୍ ମୋହ ମିଥ୍ୟା ସଂସାରର
ମୁହଁ ରେ ରହିଗଲ୍ ମୃଦୁ ହସର ଛାପ।।।

ସବୁ ଦିଗରେ ବଢ଼ି ଗ୍ଲିଲି
କନ୍ତୁ ସେଇ ଖୋଲ୍ ହସ  କୋଉଠି ଯେମିତି ଛାଡ଼ି ଦେଇ ଆସିଲି
ଆଜି ପୁଣି ଖୋଜୁଚ ସେ ହସ କାଳେ ହସି ଦେବି ବୋଲି।।।

ଆଜି ଏଇ ପାଚଲ୍ ବାଳେ
ବସି ମୁଁ ଭ୍ବେ ବେଳେ ବେଳେ...

ଏ ପୁରୁଣା ଜୀବନକୁ ଫେରିବାର ତ ବାଟ ନାହିଁ
ଆଉ ଆଜି ବାପା ମାଙ୍କ ହାତରେ ସେ ଛାଟ ନାହିଁ
ଏଇ ଖୋଲ୍ ସଂସାର ର ରଜ ଦୋଳରେ ମଥା ମୋର ଘୁରି ଯାଉଛି
ହେଲେ ପୁରୁଣା ସାଙ୍ଗ ମାନଙ୍କ ଆସରରେ ବେଳେବେଳେ ସେଇ ହସ ଫେରି ପାଉଛି ।।

# କେତେ ଅସହାୟ ଏ ତମେ



ଗୁରୁକଲ୍ୟାଣ ମହାପାତ୍ର

ଏ ବିଶାଳ ବିଶ୍ୱରେ ତମେ
ହୋଇପାର ବିନ୍ଦୁଟାଏ,
ମାତ୍ର ତମେ ଏକ ପ୍ରେରଣାର
କେନ୍ଦ୍ର ବିନ୍ଦୁ ପରି ମନେ ହୋଇଥାଏ
ମୋର, ଯିଏ ଅନ୍ତର୍ଦୃଷ୍ଟିକୁ ମୋର
ସମୃଦ୍ଧ କରିଦେଇ ଉଦବୁଦ୍ଧ
କରିଥାଏ ମୋତେ ଅଗ୍ରଗମନ ସକାଶେ ।

ମୋ ଚତୁଃପାର୍ଶ୍ୱରେ ତୁମ ଉପସ୍ଥିତି,
ସୁମନରେ ସୁରଭିରେ ବିହ୍ୱଳତ କରିଥାଏ
ମୋତେ ପ୍ରତି ମୁହୂର୍ତ୍ତରେ,
କାହିଁକି କେଜାଣି ଏକ ପ୍ରକାର
ଅନିର୍ବଚନୀୟ ଆନନ୍ଦରେ
ମୁଁ ବିହ୍ୱଳତ ହୋଇଯାଏ ।

କେବେ କେବେ ବି ମନେହୁଏ
ତମେ ଯେପରି ଅନନ୍ୟ,
ଇତସ୍ତତାବୋଧରେ ଭରିଯାଏ
ହୃଦୟ ମୋ,
ମୁଁ ଖାଲି ସ୍ତୁତି କରିଥାଏ ତୁମର

ଏକ ମନୋରମ କାବ୍ୟିକ ଭାଷାରେ ।
ମାତ୍ର ବେଳେବେଳେ ଭାଙ୍ଗିଯାଏ ମୁଁ
ଆପଣା ଭିତରେ ଯେହେତୁ,
ମନେ ହୋଉଥାଏ ତୁମପରି ଏକ
ଅସୀମତାର ପ୍ରତୀକକୁ ମୋର ସୀମିତ
ଜ୍ଞାନରେ ପରିମାଣରେ ପରିକଳ୍ପନା
କରିବା ଯେପରିକି ଅସମ୍ଭବ ଓ ଅବାସ୍ତବ ।

ପ୍ରକୃତରେ ତେଣୁ ମନେ ହୋଇଥାଅ
ଯେପରିକି ଦୁର୍ବୋଧର ଘନ ଅନ୍ଧକାର,
ଆଉ ସେହି ଅନ୍ଧକାର ମଧ୍ୟରେ ଆପେ
ଅଣ୍ଡାଳ ଅଣ୍ଡାଳ ତମର ସନ୍ଧାନ କରୁ କରୁ
ତମକୁ ମୁଁ ପାଏ ନାହିଁ, ଅଥଚ
ମୁଁ ଅଣନଃଶ୍ୱାସୀ ହୋଇଯାଇ
ଯେପରିକି ଆପଣାର ସତ୍ତା
ହରାଇ ଥାଏଁ ଅତି ବିଚିତ୍ର ଭାବରେ ।
ସମ୍ଭବତଃ ତମେ ଅଦ୍ଭୁତ
ଓ ଅତୁଳନୀୟ !
ମୁଁ ବିସ୍ମିତ ହୋଇଯାଏଁ ।

ଭୁବନେଶ୍ୱର

# ବିବଶତା



ଅଳକା ମହାନ୍ତି

ବହୁତ ଦିନ ପରେ ରୁନୁ ଟିକେ ନିଶ୍ୱାସ ମାରିଲା । ଭୁବନେଶ୍ୱର ରୁ ନାନ ପୂର ଯିବା ଆସିବା କରି ପନ୍ଦର ବର୍ଷ ପରେ କେତେ କୁହା ପୋଛା କରିବା  ପରେ ତାକୁ ଭୁବନେଶ୍ୱର ର ୟୁନିଟ୍ ୮ ହାଇ ସ୍କୁଲ କୁ  ଟ୍ରାନ୍ସଫର୍ କରିଦେଲେ । ଦୌଡ଼ି ଦୌଡ଼ି ସେ ନିଜକୁ ବି ଭୁଲି ଯାଇଥିଲା । ବିବାହ କରିବା ପୂର୍ବରୁ ସବୁ ଝିଅ ଯେମିତି ସ୍ୱପ୍ନ ନେଇ ଆସି ଥାନ୍ତି, ସେ ସବୁ କେବଳ ସ୍ୱପ୍ନ ଥିଲା ବୋଲି ସେ ଅନୁଭବ କରି ସାରି ଥିଲା । ଘରେ ଶାବତ ପୁଅ ଭାଇ (ଦିଅର) ଦୁଇଟି ପ୍ରାଇମେରୀ ସ୍କୁଲ୍ ରେ । ଶାଶୁ କିଛି କରିବାକୁ ନାରାଜ୍ । ଶ୍ୱଶୁର ସଦା ବିଷ୍ଣୁ, ଖାଲି କହିବେ, -- "ବୋହୂ!! ତୋତେ ମୋ ଘର ଲଗିଲା । ଏ ତୋର ଦିଅର ନୁହେଁ, ପୁଅ । ତାଙ୍କ ଜୀବନ ଭାର ତୋ ଉପରେ " ।

ସୌଭାଗ୍ୟ ବାବୁ ସତରେ  ଭାଗ୍ୟବାନ । ରୁନୁ କୁ ପାଇ ସେ ମାତୃ ବିୟୋଗ କୁ ଭୁଲି ଯାଇଥିଲେ । ନିଜର ଅମାୟିକ ସାଧାସିଧା ମଣିଷ ପଣିଆ ପାଇଁ ସମସ୍ତଙ୍କର ପ୍ରିୟ ପାତ୍ର । ନିଜ କାମ ଆଉ ପରିବାର କଥା ଛଡା ସେ ରୁନୁ ସହିତ ବି ଏତେ କଥା ହୁଅନ୍ତି ନାହିଁ.. ଛାଇ ପରି ରହି ସବୁ କାମରେ ହାତ ବଟେଇ ଦିଅନ୍ତି । ସାନ ଭାଇ ଦୁଇ ଜଣ ଙ୍କୁ ପାଖରେ ବସି ହୋମ୍ ୱାର୍କ କରେଇ ଦେବା ଠୁ ଆରମ୍ଭ କରି ସ୍କୁଲ ର ସବୁ ଦାୟିତ୍ୱ ରୁନୁ ଆଉ ସୌଭାଗ୍ୟ ବାବୁ ଙ୍କର । ସ୍ନେହ ଆଦରରେ ପିଲା ଦୁହେଁ ଡକ୍ଟର ଇଞ୍ଜିନିୟରିଂ କରି ଜଣେ ଆମେରିକା ରେ ଆଉ ସାନ ପୁଅ ଆପୋଲୋ ରେ ହୃଦ୍ ରୋଗବିତ୍। ହେଲେ ରୁନୁ କୁ ବାପ ଘର ସମସ୍ୟା ପ୍ରତି ଦିନ ଅସ୍ତବ୍ୟସ୍ତ କରି ଥାଏ । ସବୁ ଭାଇ ଭଉଣୀ ଆଖ ପାଖରେ ଅଛନ୍ତି । ବାବା ମାଆ ବି ଭାଇନା ପାଖରେ ଖୁସିରେ । ମା ଯେତେ ଖୁସି ରେ ଥିଲେ ବି ସାନ ପୁଅ କୁ ଝୁରି ହେଉଛି । ଠାକୁର ପାଖରେ ମୁଣ୍ଡ ପିଟି ପିଟି ଆବୁ କରି ସାରିଲାଣି । ସତୁରି ବର୍ଷ ବୟସ ରେ ଲକ୍ଷେ ଉପାସ । କାନ୍ଦି କାନ୍ଦି ଆଖି ଶୁଖି ଗଲାଣି ପାଞ୍ଚ ବର୍ଷ ହେଲା.. କହେ

-ମୋ ହୀରା ପୁଅ  ବେକରେ ତୁ କାଳ ନାଗୁଣୀ ଗୁଡାଇ ଦେଲୁ ରୁନୁ । କ ଗୁଣି କଲା ସେ ଝିଅ ଆଉ ତା ମା, ମୋତେ ଦେଖିବାକୁ ବି ଟିକେ ଆସୁନ ମୋ ପୁଅ ।

ରୁନୁ କାନ୍ଦି ପକାଏ ମନେ ମନେ, ବୁଝାଏ ମା କୁ,

-ଦେଖ, ହୃଦୟ ର ଭାଷା ସମସ୍ତେ ବୁଝନ୍ତି । ପଶୁ ପକ୍ଷୀ କୁ ପୋଷିଲେ ବି ସେମାନେ ଆମକୁ ଛାଡି ଯାଉ ନାହାନ୍ତି । ତୁ ମନ ଦୁଖଃ କର ନାହିଁ.. ଦେଖିବୁ ତୋ ପୁଅ ଆସିବ ।

ବାବା ଜଣେ ଶିକ୍ଷକ, କେତେ ପଇସା ବେତନ । ସେଥିରେ ପୁଅ ଝିଅ ସମସ୍ତଙ୍କ ପାଇଁ ପାଠ ପଢା ଖର୍ଚ୍ଚ। ବଡ ପୁଅ ଆଉ ରୁନୁ କୁ ପଢାଇ, ସେମାନେ ଚାକରି କରୁ କରୁ ବାହା କରାଇ ଦେଇ ଥିଲେ । ଦୁଇ ଜଣ ଯାକ ବି ଶିକ୍ଷକ । ହେଲେ ସମସ୍ତେ ମିଶି ସାନ ଭାଇ କୁ ସିପିଂ କର୍ପୋରେସନ ରେ ପାଠ ପଢାଇ ଚାକରି ପର୍ଯ୍ୟନ୍ତ ବହୁତ ସାହାଯ୍ୟ କରିଥିଲେ । ଆଶା ଥିଲା ଭାଇ ବିଦେଶରେ ରହି ବହୁତ ରୋଜଗାର କଲେ ବାବା ଙ୍କ କରଜ ସବୁ ସୁଝି ଯିବ.. ଆଉ ଟିକେ ସୁଖରେ ରହିବେ । ସାନ ଭଉଣୀ ବାହାଘର ରେ ବି ବହୁତ୍ କରଜ ହୋଇ ଯାଇ ଥିଲା। ବାବା ଙ୍କ ପେନସନ  ବେନଫିଟ୍  ଯାହା ପାଇ ଥିଲେ, ସେ  ସବୁ କରଜ ସୁଝି ଦେଲେ । ବଡ ଭାଉଜ ତାଙ୍କ ଗାଁ ପାଖ ସ୍କୁଲ ରେ ଟିଚର. ଶନିବାର ଦିନ ଆସନ୍ତି, ସୋମବାର କୁ ଯାଆନ୍ତି । ବଡ ଭାଇନା, ମା - ବାବା  ସବୁ ଏକାଠି ଥାନ୍ତି । ରୁନୁ, ମୁନୁ (ସାନ ଭଉଣୀ) କେବେ କେବେ ମନ ଲାଖି ଡିସ୍ (ଖାଦ୍ୟ ପେୟ) ଧରି ଆସନ୍ତି । ଭାଇ ଭଉଣୀ ମିଶି ମଝିରେ ମଝିରେ ବାବା ମାଆ ଙ୍କୁ ଖୁସି କରିବାକୁ ଚେଷ୍ଟା କରନ୍ତି ପାର୍ଟି କରି...

ହେଲେ ମା କଣ ଭୁଲିବା ଲୋକ, ରୁନୁ କୁ ଦେଖିଲେ ମନେ ପଡିଯାଏ କ କଣ..

-ରୁନୁ, ତୋତେ ମୁଁ ମନା କରୁଥିଲି, ବାପ ଛେଉଣ୍ଡ ଝିଅ, ମା ତାର ବହୁତ୍ ତେଜ-ତରାଟ, ବହୁତ୍ ଅହଙ୍କାର  ମନରେ ତାର.. ସେ ଗୋଟେ ଇଞ୍ଜିନିୟର ର ସ୍ତ୍ରୀ ବୋଲି.. ଦିଟା କୋଠା କଟକ ରେ ତା ସ୍ୱାମୀର କରିଛି ବୋଲି.. ସ୍ୱାମୀ ନଥିଲେ କଣ ହେବ.. ସେ କାହାକୁ ତା ସମାନ ଭାବେ ନାହିଁ... ମାତା ଗୁଣେ ଦୁହିତା । ମା ହାଇ କୋଟିଆଣି। ମୋତେ ତା ପାସଂଗ ରେ ପକାଇବ ନାହିଁ  । ତୁ ତ ଜମା ଶୁଣିଲୁନ, ତା ମିଠା କଥା ରେ ଭାସି ଗଲୁ । ସେ ମା ଝିଅ ମୋ ସୁନା ସଂସାର କୁ ଚୁନା କରି ଦେଲେ ।

ରୁନୁ ସମ୍ଭାଳ ପାରୁ ନଥାଏ..

- ମା, ଆପଣା ସୁନା ଭେଣ୍ଡି, ପର ସହ କାହିଁ ଏତେ ଚୁଟି ଭିଡ଼ା ଭିଡି । ତୋ ପୁଅ କୁ କଣ ସେ ମାଡି ବସି ରଖିଛନ୍ତି!!! ଏଇଠି 4 କ. ମି ଦୂର ରେ ଥାଇ ଆସୁନ । ଶୋର ଜବ ହେଲା ପର ଠାରୁ ତ ସେ ସବୁ ବେଳେ ଭୁବନେଶ୍ୱର ଆସୁଛି । ଖାଲି ଗୋଟେ ମୁଣ୍ଡିଆ ମାରି ଦେଇ ଯାଉଛି ଯେ ଯାଉଛି.. ସେଥିପାଇଁ ସେମାନେ କଣ ଦାୟୀ??

ବଡ ଭାଇ କହିଲେ, " ନା ରୁନୁ ତୁ ଜାଣିଛୁ ତାଙ୍କ ମା ଆଉ ଝିଅ ଗୁଡ଼ାଏ ଅନ୍ଧ ବିଶ୍ୱାସ ମୁନା ମୁଣ୍ଡରେ ଭରିଛନ୍ତି । ତୋତେ ଲକ୍ଷ୍ମୀଛାଡି, ମୁନ କୁ ଅଶୁଭ କନ୍ୟା, ଏମିତି କେତେ କଣ କହି ତା ମୁଣ୍ଡ ଖରାପ କରିଛନ୍ତି..ତାର ଝିଅ ମୁଣ୍ଡ ଛୁଇଁ କହିଛନ୍ତି ଏଇଠି ନ ରହିବାକୁ.. ତୁ ଜାଣିଛୁ, ମୁନା ତା ଝିଅ କୁ କେତେ ଭଲ ପାଏ, ତାର ସରଳତାର ଖୁବ୍ ଫାଇଦା ଉଠାଉ ଛନ୍ତି... କେମିତି ଆସିବ ସେ??

---ଆରେ, କଣ ଏମିତି କହିଦେଲେ ହେଇ ଯାଏ.. ତାଙ୍କ ସ୍ୱାର୍ଥ ପାଇଁ ସେ କଛି ବି କହିବେ, ଏ ମୂର୍ଖ କଣ ବୁଝି ପାରୁନ?? ସେ ପୁଣି science ପଢୁ ଥିଲା.. ଧିକ ଆମ ଶିକ୍ଷା ଦୀକ୍ଷା!!

ରୁନୁ ଆଉ ରହି ପାରିଲାନ.. ସିଧା ଫୋନ ଲଗାଇ ମୁନା କୁ କହିଲା, ମା ଦେହ ଭଲ ନାହିଁ । ତୋତେ ଦେଖି ବାକୁ ଖୋଜୁଛନ୍ତି। ଏତିକ କହି ଫୋନ ରଖି ଦେଲା ।

--ଦେଖୁଛି ସେ ଆସୁଛି କ ନାହିଁ.. ଗୋଟେ ଗୋଳ ପାଣି ଥିବା ପୁଷ୍କରିଣୀରେ ପଶି ଯାଇଛି ବୋଲି ଅନୁଭବ କରୁଥାଏ.. ତାକୁ କଛି ବି ପରିଷ୍କାର ଦେଖା ଯାଉ ନଥାଏ.. ମୋ ଭାଇ ର ଅପାରଗତା କ ସେ ସ୍ତ୍ରୀ ଦି ଜଣ ଙ୍କର ଜୟ ଜୟକାର... ହେଲେ ତାର ଆତ୍ମ ବିଶ୍ୱାସ ତାକୁ ଓହରି ଯିବାକୁ ଦେଉ ନଥାଏ.. ମନେ ମନେ କହୁ ଥାଏ.., ସ୍ୱାର୍ଥ ଉପରେ ସତ୍ୟ ଆଉ ପ୍ରେମ ର ଜୟ ନିଶ୍ଚୟ ହେବ..

ଘରେ ମୁନା ଅସ୍ଥିର.. କଛି କହି ପାରୁ ନଥିଲେ । ସ୍ତ୍ରୀ ଙ୍କ ଆଗେ ମୁହଁ ଖୋଲି କଥା କହିବାର କ୍ଷମତାକୁ କୁ ସେ ବିବାହ ର ପ୍ରଥମ ଦିନରେ ହରାଇ ବସିଥିଲେ । ନିଜ ର ହୀନ ମାନ୍ୟତା ତାଙ୍କୁ ସବୁ ବେଳେ ତାଙ୍କ ସ୍ତ୍ରୀ ଆଗରେ ଛୋଟ କରି ରଖିଛି । ନିଜ ପିତା ଙ୍କ ଆର୍ଥିକ ଅନାଟନ ତାଙ୍କ ପାଇଁ ଏକ ଲଜ୍ଜାଜନକ କଥା ବୋଲି ସେ ନିଜେ ଭାବି ଆତ୍ମ ସମର୍ପଣ କରି ଏକ ଦାସତ୍ୱ ଜୀବନ ଯାପନ କରୁଛନ୍ତି । ପକ୍ଷୀ ପଞ୍ଜୁରୀ ରେ ଥରେ ପସିଲେ ନା ଭିତରେ ଖୁସି ନା ବାହାରେ । ବାହାର ର ଚଳଣିକୁ ସେ ପାଞ୍ଚ ବର୍ଷ ହେଲା ଭୁଲି ଗଲେଣି, ଏକ ବାଧ

ସନ୍ତାନ ପରି କାମ କରି ଗ୍ଲୁଲି ଛନ୍ତି ସ୍ତ୍ରୀ ମୋନକା ଇଶାର୍ ରେ । ସେ ନଜକୁ ଲକ୍ଷ୍ମୀବନ୍ତ କହି ବହୁତ ଶୁଣାନ୍ତି.. କହନ୍ତି..

- ମୁଁ ବାହା ହୋଇ ଆସିଲ୍ ବେଳକୁ ତୁମର ଗୋଟେ ଗଦି, ତକଆ ଆଉ ଦି ଗ୍ଲରିଟା ବାସନ ଥିଲ୍.. ମୋ ଲକ୍ଷ୍ମୀ ପାଦ ପଡ଼ିଲ୍ ପରେ ତୁମେ ଆଜି କୋଉଠି ଦେଖ ।

ସରଳ ମନରେ ମୁନା ଗ୍ରହଣ କରନ୍ତି, "ବୋଧହୁଏ ସତ ହୋଇ ଥିବ.. ଏବେ ଯୋଉ ମୁଠା ମୁଠା ପଇସା ଆସୁଛି, ସ୍ତ୍ରୀ ଙ୍କ ପାଇଁ.. ମାଆ ବି କହେ, ସ୍ତ୍ରୀ ଘର ର ଲକ୍ଷ୍ମୀ" ।

ମା କୋଳରେ ମୁଣ୍ଡ ରଖି ଶୋଇବା, ନାନୀ ଦୁଇଜଣ ଙ୍କ ଗେଲ ଆଦର, ଭାଇନା ଙ୍କ ଆକଟ, ବାପା ଙ୍କ ଉଚ୍ଚାକାଂକ୍ଷା ଆଜି ତାଙ୍କୁ ଏ ସୋପାନ ରେ ପହଞ୍ଚାଇଛି । ହାତୀ ଯେମିତି ଗୋଟେ ସାମାନ୍ୟ ଶିକୁଳ ରେ ବାନ୍ଧି ହୋଇ ଭାବେ ମୁଁ ବନ୍ଦୀ, ସେମିତି ମୁନା ମାନସିକ ସ୍ତର ରେ ବାନ୍ଧି ହୋଇ ରହି ଥିଲେ ସ୍ତ୍ରୀ ଙ୍କ ପଣତ କାନ ରେ ।

ହେଲେ ବଡ ନାନୀ ତାଙ୍କର ମା ଠାରୁ କମ ନୁହେଁ । ବଡ ନାନୀ କୁ ସେ କେବେ ଅମାନ୍ୟ କରି ପାରନ୍ତିନ । ହେଲେ ଗ୍ଲେର ଙ୍କ ପରି ମୁହଁ ଲୁଗ୍ଲଇ ବୁଲନ୍ତି । ଆଜି ତାର ଫୋନ ଆସିଛି, ମା ଦେହ ଭଲ ନାହିଁ । କଣ କରିବେ କଣ କରିବେ ହୋଇ, ସନ୍ଧ୍ୟା ବେଳେ ପାରିବା ଆଉ medicine ଆଣିବେ ବୋଲି କହି ବାହାରିଲେ ମା ପାଖକୁ ।

ସ୍ତ୍ରୀ ଙ୍କର ପୂର୍ବ ତାଗିଦ୍.. ଜଲଦି ଆସିବ.. କରୋନା ହେଉଛି । ପରିବା ଅଛି.. କଣ ହେବ ପରିବା..??!!ଏମିତି ବହୁତ କଛି..

--ଆରେ ନାହିଁ.. ମୁଁ ମେଡିକାଲ ଷ୍ଟୋର ଯିବି ତ ପରିବା ଆଣିବି ଭାରି ବୋଲି କହୁ ଥିଲି.. ତା ହେଲେ ଖାଲି ମେଡିକାଲ ଷ୍ଟୋର ରୁ ଯାଇ ଆସୁଛି ।

-ହଉ ଯାଅ.. ଫୋନ ଘରେ ରଖି ଯାଅ.. ସେଥିରେ ବି ଭାଇରସ୍ ଆସୁଛି ।

(କାଳେ ସେ ଘର ଲୋକଙ୍କୁ ଫୋନ କରିବେ, ସେ ହିସାବ ବି ଦେବାକୁ ପଡିବ ସ୍ତ୍ରୀ ଙ୍କୁ..)

ମୁନା କହିଲେ - ନାହିଁ,, ମୁଁ ପ୍ୟାକେଟ୍ ରେ ରଖିବି.. କାହା ସହିତ କଥା ହେବିନ । କଛି ଅସୁବିଧା ହେଲେ ତୁମକୁ ଫୋନ କରିବି ଖାଲି ।

ଜଲଦି ହଲଦି ଗାଇ ଖୁଣ୍ଟ ରୁ ଖୋଲିବା ପରି ଯାଇ ଗାଡି ରେ ବସି ସିଧା ମା ପାଖରେ ହାଜର ।

ସମସ୍ତେ ଦେଖି ଖୁସି, ମା କାନ୍ଦୁଛି ତାର ଚଗ୍ ଚରିତ ରୀତି ରେ । ଭାଇନା ବାହାରେ ଭିତରେ ହେଉଛନ୍ତି । ବାବା କହିଲେ,

- ମୁନା, ଟିକେ ଟିକେ ଆସୁନୁ .. ମା ଦେହ ଭଲ ରହୁନ.. କାନ୍ଦୁଛି ବୋବାଉଛି । କୋଳ ପୋଛା ପୁଅ ତୁ, ତାର ଅବିଚ୍ଛେଦ୍ୟ ଅଙ୍ଗ ଥିଲୁ ।। ଏମିତି କଣ ଆମେ ଦୋଷ କଲୁ ଯେ ତୁ ଦେଖା ବି ଦେଉନାହୁଁ..???

-ବାବା, ଝିଅ ଦେହ ଭଲ ନଥିଲା, ଅଫିସ କାମ, ଝିଅ କୁ ଭଲ ସ୍କୁଲ ରେ ଆଡମିସନ ପାଇଁ ବହୁତ ଚେଷ୍ଟା ଚାଲିଛି.. ମନ୍ତ୍ରୀ ଙ୍କ ଗୋଡ ନ ଧରିଲେ ଭଲ ସ୍କୁଲ ମିଳୁନ.. ଲକ୍ଷ ଲକ୍ଷ ଟଙ୍କା ଡୋନେଶନ୍ । କଣ କରିବି.. ଟାଇମ ନାହିଁ ।

ନଜ ସ୍ତ୍ରୀ କଥା କେମିତି କହିବେ.. ନଜ ଅର୍ଜିତ କର୍ମ.. ଗ୍ରେର ଙ୍କ ପରି ଝିଅ, ଅଫିସ କଥା କହି କଥା କୁ ଲୁଚାଇ ବାକୁ ଚେଷ୍ଟା କରୁଥିଲେ.. ଠିକ୍ ଏତିକ ବେଳେ ଘଣ୍ଟି ବାଜିଲା.. ମୋବାଇଲ ଉଠାଇ ଦେଖିଲେ ମୁନା, ସ୍ତ୍ରୀ ଙ୍କ ଫୋନ.. ଯେମିତି ହାତ ଥରି ଉଠିଲା ତାଙ୍କର.. ଛୋଟ ପିଲା ଟିଏ ଯେମିତି ଗ୍ରେରି କରୁ କରୁ ବଡ ଲୋକଙ୍କ ହାବୁଡରେ ପଡି ଯାଏ.. ସେମିତି ଭୟାକୁଳ କଣ୍ଠରେ କହିଲେ...

ହଁ.. କୁହ. କଣ ହେଲା??

--------???

--ଆରେ ଲାଇନ୍ ଲାଗିଛି, ମୋର ଟର୍ନ୍ ଆସିଲେ ସିନା ନେଇ କ ଯିବି..

-------------

ଆରେ ଭିଡିଓ କଲ୍ କଣ କରିବ ମ.. ଲୋକେ କଣ ଭାବିବେ.. କରୋନା ସମୟରେ..

..... - - - - - - -

---ହଉ ଆସୁଛି!

ରୁନୁ, କହିଲା... "ମୁନୁ, କଣ ମିଛୁଆ ହେଲୁ ଶେଷକୁ!!!!" ତୋତେ ନେଇ ଆମେ ଗର୍ବ କରିଥିଲୁ ବୋଲି ଆଜି ଭଗବାନ ଆମର ଖର୍ବ କରିଛନ୍ତି.. କାହିଁକି କଣ ବୋଉ କୁ ଦେଖିବାକୁ ଆସିବାକୁ ତୋତେ ମନା?????

--ନା ନାନୀ.. ଧୀରେ ଧୀରେ ସେ change ହେଉଛି.. ଟିକେ ଧର୍ଯ୍ୟ ଧର..

--ତୋ ମାଆ ର ଦେହ ଭଲ ନାହିଁ, ତୁମେ ଦୁଇଜଣ ଏକତ୍ର ଆସିବା କଥା, ତୁ ଏକା ଆସିଛୁ ପୁଣି ମିଛ କହି କ?? ତୋ ଶାଶୁ ପାଖକୁ ତ କଟକ ଯାଉଛ.. କଏ ତୋତେ ମନା କରୁଛି..???

--ନାନୀ ମୋ ଶାଶୁ ବି ତ ଏକା, ମୋ ମା ବି ସେ.. ତାଙ୍କୁ ଦେଖିବାକୁ ବି ପଡିବ..

--ଯଦି ସେଠାକୁ ଯିବାକୁ ମିଛ କହୁନୁ, ଏଠିକି କାହିଁକି??କଣ ମା ତୋତେ ଜନ୍ମ କରିଛି ଏଇ ତାର ଭୁଲ???!!!

--ନାନୀ, ଏମିତି ଉତ୍ୟକ୍ତ ହେଇଯାନା.. ମୁଁ କହୁଛି, ସେ ଚେଞ୍ଜ ହେବ.. ମୁଁ ନେଇ କ ଆସିବି..

--ହଉ.. ଆଜି ମୋର ବି ଶେଷ କଥା ମନେ ରଖ.. ମୁଁ ବାହା କରାଇଛି.. ବୋଉ ମୋତେ ସବୁବେଳେ ଉଲୁଗୁଣା ଦେଉଛି.. ଯଦି ସତ କହିବାର ସାହସ କରିବୁ, ଏ ଘର କୁ ଆସିବୁ.. ନହେଲେ ଆଜି ଠାରୁ, ଆମେ ତୋ ପାଇଁ ମୃତ.. ତୋର ଆସିବା ଦରକାର ନାହିଁ.. ତୁମ ଭାଷା ରେ ଆମେ ସବୁ ଅଲକ୍ଷଣା.. ଯା ସ୍ତ୍ରୀ କୁ କହିବୁ ଝାଡି ଦେବ ଗୁଣିଆ ଡାକ..

ଆମେ ତୋତେ ଭଲ ପାଉ ଥିଲୁ.. ପାଇବୁ.. ତୋର ବିବଶତା କୁ ଆମେ ସମ୍ମାନ ଦେଇ କହୁଛୁ.. ତୁ ଶାନ୍ତି ରେ ରହ!!!

ନଭୀ ମୁମ୍ବାଇ, ମହାରାଷ୍ଟ୍ର

# ମୋହମୟ ମୁଦ୍ରା



ମନୀଷା ପଣ୍ଡା

ଚନ୍ଦ କୁ ନେଇ ମୋ କବିତା:

ଦେଖି ପାରୁଛ,
ଏ ମୋହ ର ଶିକୁଳ ବନ୍ଧନ ରେ
ଅଷ୍ଟାଙ୍ଗ ଅବୟବ ମୋର,
ବସି ଯାଇଛି ମୁଁ ସେଇ ମୋହ ମୟ ମୁଦ୍ରା ରେ,
କେମିତି ମୁକୁଳ ବି କୁହ**?????**



ସଂକ୍ରମିତ ମୁଁ ଯେମିତି
ସଂସାର ମାୟା ଭୁତାଣୁ ର ଅବାଞ୍ଛିତ
ଆକ୍ରମଣ ରେ,
ଶାନ୍ତି କୁ ଶୋଷି ନେବା ପରେ
ଦୁର୍ବଳ ମୋ ଆତ୍ମ ପ୍ରତ୍ୟୟ
ଅବିରତ ବିଚଳତ କରୁଛି
କପଟ ପଣ କେଇଟା,
ବିଭସ୍ତ ସଂକେତ ବାଟ ଓଗାଳେ,
ଘୃରି ପାଖ ଆତ୍ମୀୟତା ର ଅନେକ ବିଦ୍ରୁପ ପରେ,
ନତ ମସ୍ତକ ହୋଇ ବସି ଯାଇଛି,
ମୁକୁଳବା ର ଅନେକ ପ୍ରୟାସ
ମରି ସାରିଛି ମୋ ଭିତରେ,

ଭାଗ୍ୟ ଖେଳଛି କପଟ ପଶା,
ସ୍ଥିର ନିଶ୍ଚିନ୍ତ ମୋ ହାରିବା ପଣ,
ସତ ଚେଷ୍ଟା ପରେ ବି ବିଫଳ ପ୍ରୟାସ ସବୁ କୁ
ଅନ୍ତର ରେ ଗୁପି ଧରି ଅସହାୟ ମନ ସହ
ମୁଁ ଏମିତି ଏକ ମୋହ ମୟ ମୁଦ୍ରା ରେ।।।।।।

ଶିକ୍ଷୟିତ୍ରୀ
ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,
ଅଙ୍କଗ୍ରନ୍ଥିପୁର, ଢେଙ୍କାନାଳ

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କିମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

ହ୍ୱାଟସଆପ୍ ନଂ-9594993733

# ହଜିଲା ଦିନ



କବିତା ନନ୍ଦ

କେତେ ଭଲ ଥିଲା, ସେଇ ଦିନ ଯେବେ
ପିଲା ମୋର ଥିଲେ ଛୋଟ
ଦିନ ରାତି ମତେ ଅଣ୍ଟୁ ତ ନଥିଲା
ଶୁଣି ଶୁଣି ତାଙ୍କ ହଛ ॥
ନିଜ ହାତେ ରାନ୍ଧି ପରଶୁ ଥିଲୁ ମୁଁ
ସମସ୍ତଙ୍କୁ ଏକ ସାଥେ
ସେମାନଙ୍କ ପେଟ ପୂରିଗଲେ ଭରି
ଖୁସି ଲାଗୁଥିଲା ମତେ ॥
ବୋଉ ବୋଉ ଡାକ ହୁରି ପଡୁଥିଲା
ଜବାବ ଶୁଣିବା ପାଇଁ
ଡର ଦିଅନ୍ତିନ, ବେଳେବେଳେ ଚଟି
ଉଠେ ମୁଁ ସେଇଥିପାଇଁ ॥
ଆଜି କେତେଦୂରେ କିଏ ରହିଲାଣି
ଦେଖି ହୁଏନାହିଁ ନିତି
କେତେ ଭଲ ଥିଲା ସେ ହଜିଲା ଦିନ
ଫେରି ଆସନ୍ତା କେମିତି

ସହନାଜପୁର, ଗୋପାଳପୁର, କଟକ

# ରେ ବାଚାଳ ମନ



ଶାନ୍ତିଲତା ମିଶ୍ର

ରେ ବାଚାଳ ମନ ! ଧନ ଜନ ତାଙ୍କୁ ମାଗୁ କାହିଁକ !

ଛାଡି ଯିବାକୁ ତ ହେବ ଇଁ ଦିନେ, କ କରିବୁ ସେ ସବୁ ନେଇକ !

ମାଗିବୁ ଯଦି ମାଗିନେ, ତପ୍ତ ମରୁରେ ସହଜେ ଚାଲିବାର ଶକତି ।

ସାହାସ, ବଳ ଦେଲେ ଲଂଘି ଯିବୁ ଦୁଃଖ ଗିରି, ସେଇ ହେବ ତୋର

ବଡ ସଂପତ୍ତି ।

ସମୟ ସାରି, ଧନ ଜନ ତାଙ୍କୁ ମାଗୁ କାହିଁକ !

ଦେଖି ପାରୁନୁ କ ? କେଡେ ବେଗେ ଚାରିଦିଗୁ ଝଡ ଆସୁଛି ମାଡି !

କଟି ମିଟି ଅନ୍ଧାର ଭିତରେ, ବିଜୁଳି ସହିତ ମାରି ଘଡଘଡି ।

ଆଗ ପଛ ନଭାବି ଚାହୁଁ ଚାହୁଁ ଯିବ ତତେ ଅଚରେ ଗ୍ରାସି ।

ତାକୁ ପ୍ରତିହତ କରିବା ପାଇଁ ମାଗିନେ ରେ ମନ, କଛି ବଜ୍ର ଶକ୍ତି ।

ସମୟ ସାରି, ଧନ ଜନ ତାଙ୍କୁ ମାଗୁ କାହିଁକ !

ଯେବେ ମାଡି ଆସିବ ଏକା ସଙ୍ଗେ ସହସ୍ର ଅଜଣା ବିପତ୍ତି ।

ଧନ ଜନ ରକ୍ଷା କରି ପାରିବେ କ ତତେ, ରହି ତୋ କତି ।

ସହସ୍ର ସିଂହର ପରାକ୍ରମ ଯଦି ଦେହ ମନେ ଥିବ ତୋହର ।

ସେ ବିପଦକୁ ଅଚରେ ହୋଇ ଅତିକ୍ରାନ୍ତ, ପାଇଯିବୁ ନିସ୍ତାର ।

ସମୟ ସାରି, ଧନ ଜନ ମାଗି ନେଇ କ କରିବୁ !

ବାଇଆ ମନ ତୁ ପାଗଳା ମନ, ଭିତରେ ରଖିଛୁ ଏତେ କପଟ !

ମୋହ ମାୟା ମିଛ ଲାଳସାରେ ପଡି ହଉ ଅଛୁ ନିତି ଛଟପଟ ।

ମହାମେରୁ ପରି ଅପାର ଶକ୍ତି ପାଇବା ପାଇଁ ତୁ ନିତି କର ପ୍ରାର୍ଥନା ।

ଅଚରେ ପାରି ହେବୁ ଭବ ସାଗର, ମନେରେ ନକର କିଛି ଶୋଚନା ।

ତେଣୁ ସମୟ ସାରି, ଧନ ଜନ ତାଙ୍କୁ କିଛି ମାଗନା !

କେହି ରହି ନାହାଁନ୍ତି ଯଦି ତୁ କେମିତି ରହି ଯିବୁ ସଂସାରେ !

ଅଦିନେ ଅକାଳେ ଅନିଛାକୃତେ ଛାଡିଯିବୁ ସବୁ ଏଇ ମର୍ତ୍ତ୍ୟରେ !

ସଂସାର ଦୁର୍ଗମ ପଥ ପାରି ହେବୁ ସହଜେ କେମିତି ମନେ ଭାଳ ।

ଲାଘବ କଷ୍ଟେ ଆନନ୍ଦ ମନେ ଫେରି ଯିବୁ, ଯଦି ଥିବ ସାହାସ ଅପାର ।

ତେଣୁ ସମୟ ସାରି, ମାଗ ନାହିଁ ତାଙ୍କୁ ଧନ ଜନ ଅସାର !

ରଚେଷ୍ଟର, ମିନେସୋଟା,
ଯୁକ୍ତରାଷ୍ଟ୍ର ଆମେରିକା

# ମାର୍ଚ୍ଚ ମାସ ସନ୍ଧ୍ୟା



ଡକ୍ଟର ନୀଳମାଧବ କର

ମାର୍ଚ୍ଚ ମାସ ସବୁ ସନ୍ଧ୍ୟାରେ, ବିଷର୍ଣ୍ଣ ଦିଶୁଥିବା
ମୋ ଏକାକୀତ୍ତ୍ୱର ସଂଜ୍ଞା - ଖୋଜୁ ଖୋଜୁ
ମୋତେ ଫେରିବାକୁ ପଡ଼େ - ଅତୀତର
ରଙ୍ଗମାନଙ୍କ ଲୁଚକାଳି ଖେଳକୁ - ଯେବେ
ମୋ ପାଖରେ ଥିବା ରଙ୍ଗଟିର ନାଁ ଥିଲା
କଳା - ତାକୁ ଲେପିହେଇ ମୁଁ
ହଜିଯିବାକୁ, ଲୁଚ ଯିବାକୁ, ଅସ୍ତିତ୍ୱ ହରେଇବାକୁ
ଗୁହିଁଥିଲି ବେଶ କଛି ସମୟ
ବର୍ଷା ଟୋପେ ହେବାଯାଏ, ପାଣି ମୁନ୍ଦେ ପାଇ
ଶୁଖିଲା କାଠଗଡ଼ରେ ଶିଉଳ କ
ଦି'ଟା ସାବଜା ପତ୍ର ବାହାରି
ପବନରେ ଥିରି ଥିରି କହିବା ପର୍ଯ୍ୟନ୍ତ
ଯେ, ମୁଁ ଏଯାଏଁ ବଂଚଛି ବୋଲି ...
ମୁଁ ସେମିତି ମୃତପ୍ରାୟ ଦିଶୁଥିଲି
ଏବେ ବି ଦିଶୁଛି, ମାର୍ଚ୍ଚ ମାସ ସଂଧ୍ୟାର
ମଳିନ ଆଲୁଅରେ -
ବୋଧେ ବର୍ଷା ହେବାଯାଏ - ମୋତେ
ମରିଯିବାକୁ ପଡିବ - ଜରବି ଯିବାକୁ ହେବ
ଋତୁ ବଦଳବାର କରୁଣ ଆଶାଟେ ନେଇ

ଓଲଭରହାମ୍ପଟନ, ୟୁକେ
madhab@yahoo.com

# ଯଜ୍ଞ ମାହାତ୍ମ୍ୟ ଓ ବିଧି



ବରଦା ପ୍ରସନ୍ନ ଦାସ

୧. ଜାତି, ଧର୍ମ ନିର୍ବିଶେଷରେ ପ୍ରତ୍ୟେକ ମଣିଷ ଯଜ୍ଞ କାର୍ଯ୍ୟ କରିବା ଉଚିତ । କାରଣ ଏହା ପରିବେଶକୁ ବିଶୋଧନ କରାଏ ।

୨.ଜନସାଧାରଣଙ୍କ ଦାନରେ ଯଜ୍ଞ ହେଲେ ସୁଫଳ ମିଳେ ।

୩.ଆଧ୍ୟାତ୍ମିକ ଚେତନାର ଉତ୍ତରଣ ହୋଇଥାଏ ।

୪.ପଞ୍ଚମହାଭୂତ ତଥା କ୍ଷିତି (ପୃଥିବୀ), ଆପ (ଜଳ), ତେଜ (ଅଗ୍ନି), ମରତ(ବାୟୁ), ବ୍ୟୋମ(ଆକାଶ) ରେ ସନ୍ତୁଳନ ସଂଭବ ହୋଇଥାଏ ।

୫.ଯଜ୍ଞ କଳର ଗତି ରୋଧନ କରେ ।

୬.ଯଜ୍ଞ ଦ୍ୱାରା କର୍ତ୍ତା, ଦାତା, ଶ୍ରଦ୍ଧାଳୁ ଭକ୍ତ ଓ ଦର୍ଶନାର୍ଥୀମାନଙ୍କ ପ୍ରାରବ୍ଧ ନଷ୍ଟ ହୁଏ ।

୭.ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ମଧ୍ୟରେ ଯଜ୍ଞ କାର୍ଯ୍ୟ କରାଯାଏ ।

୮.ଯଜ୍ଞକର୍ତ୍ତା ସାତ୍ତ୍ୱିକ ଭୋଜନ କରିବା ଉଚିତ । କୌଣସି ପ୍ରକାରର ମାଦକ ଦ୍ରବ୍ୟ ସେ ସର୍ବଦା ପରିହାର କରିବା ବିଧେୟ ।

୯.ସମିଧା, ଘୃତ, ସାକଲ୍ୟ ଆଦି ଶୁଦ୍ଧ ଏବଂ ନିର୍ମଳ ହେବା ଆବଶ୍ୟକ । ଯଜ୍ଞକୁଣ୍ଡ ଭିତରକୁ କୀଟ, ପତଙ୍ଗ ଆଦି ଯେପରି ଯାଇପାରିବେନି ସେଥିପାଇଁ ସଜାଗ ହେବା ବିଧେୟ ।

୧୦.ପତି-ପତ୍ନୀ ଉଭୟେ ବା ଜଣେ ଏକାକୀ ଯଜ୍ଞ କରିପାରିବେ ।

୧୧.ଧଳା ପୋଷାକ ପିନ୍ଧି ଯଜ୍ଞ କାର୍ଯ୍ୟ କରଣୀୟ ।

୧୨.ଯଜ୍ଞ କାଳରେ ମନ୍ତ୍ରୋଚ୍ଚାରଣ ଅତ୍ୟନ୍ତ ଲାଭଦାୟକ ଅଟେ । ମନ୍ତ୍ରୋଚ୍ଚାରଣ କରି ନପାରିଲେ, ମନ୍ତ୍ର ଶେଷରେ କେବଳ ସ୍ୱାହା ଉଚ୍ଚାରଣ କରାଯାଇପାରେ ।

୧୩.ଯଜ୍ଞ କର୍ତ୍ତା ଯଜ୍ଞୋପବୀତ ଧାରଣ କରିବା ଉଚିତ ।

୧୪.ମୁଖ୍ୟ ଯଜମାନ ପତି ପତ୍ନୀ ଯଜ୍ଞକୁଣ୍ଡର ପଶ୍ଚିମ ଭାଗରେ ପୂର୍ବାଭିମୁଖୀ ହୋଇ ବସିବେ । ଯଜ୍ଞ କାର୍ଯ୍ୟରେ ପତ୍ନୀ-ପତିର ଦକ୍ଷିଣ ଭାଗରେ ବସିବେ । ଯଜ୍ଞ କାର୍ଯ୍ୟ କରାଉଥିବା ପୁରୋହିତ କୁଣ୍ଡର ଦକ୍ଷିଣଭାଗରେ ଉତ୍ତରାଭିମୁଖୀ ହୋଇ ବସିବେ ।

୧୫.ଋତୁ ଅନୁକୂଳ ହୋମ ସାମଗ୍ରୀ ପ୍ରସ୍ତୁତ କରିବା ଉଚିତ । ଶୁଦ୍ଧ ଗୋଘୃତ ଯଜ୍ଞ କାର୍ଯ୍ୟ ପାଇଁ ବିଶେଷ ଲାଭ ଦାୟକ ଅଟେ । (ହୋମ ସାମଗ୍ରୀରେ ଧୂପ, ଗୁଗଗୁଳ, କାଜୁ, କସମିସ୍, ଶୁଖିଲା ନଡିଆ, ଲବଙ୍ଗାଦି ମିଶାଇଲେ ହୋମ ସାମଗ୍ରୀର ଗୁଣାତ୍ମକ ମୂଲ୍ୟ ବଢିଥାଏ ।

୧୬.ଯଜ୍ଞ କାର୍ଯ୍ୟର ପୂର୍ଣ୍ଣାହୁତି ପରେ ଆଉ କୌଣସି ଆହୁତି ଦିଆଯାଇନପାରେ । ପୂର୍ଣ୍ଣାହୁତିରେ କଞ୍ଚା ନଡିଆ ଆଦି ଦେବା ନିଷିଦ୍ଧ ଅଟେ ।

୧୭.ଯଜ୍ଞ ପୂର୍ବରୁ ସଂକଳ୍ପ ପାଠ ଉଚ୍ଚାରଣ ଅବଶ୍ୟ କରିବା ଉଚିତ । ଯଦି ନିଜେ ଯଜ୍ଞ କରୁଛନ୍ତି ତେବେ କରନ୍ତୁ । ଓମ୍ ତତ୍ ସତ୍........କ୍ରିୟତେ ପର୍ଯ୍ୟନ୍ତ । ଯଦି ନିଜେ କରୁନାହାନ୍ତି, ତେବେ ସଂକଳ୍ପ ପାଠ ପୁରୋହିତ ଅବଶ୍ୟ କରାଇବେ ।

୧୮. ବିଶେଷ ଯଜ୍ଞରେ ଯଥା – ପର୍ବବିଶେଷ, ସଂସ୍କାର ବିଶେଷ, ଜନ୍ମଦିନ ଇତ୍ୟାଦି ଦିନ ସ୍ୱସ୍ତିବାଚନ ଏବଂ ଶାନ୍ତିକରଣ ଉଭୟ ଅଥବା ଯେକୌଣସି ଗୋଟିଏ ଅବଶ୍ୟ ପାଠ କରିବେ ।

୧୯.ବୃହତ୍ ଯଜ୍ଞରେ ବିଶେଷ ଆହୁତି ଦିଆଯିବା ଉଚିତ ।

୨୦.ସ୍ୱିଷ୍ଟକୃତ ଆହୁତିରେ ଘୃତ ଅଥବା ଭାତ ଦେବା ଉଚିତ ।

ବରଦା ପ୍ରସନ୍ନ ଦାସ, ସଂଗ୍ରାହକ

# ତୁମେ କଏ?



ଡ.ମନୋରଞ୍ଜନ ବିଷୋୟୀ

ତୁମେ କୌଣସି କବିତାର
ଆଶ୍ରିତ ନୁହଁ
ତୁମକୁ ନେଇ
ଲେଖା ଯାଇପାରେ
ଅନେକ କବିତା
କାରଣ ତୁମେ ଗୋଟେ
ଦରଦୀ କବିତା
ଯେତେ ଲେଖିଲେ
ସେତେ ଉଛୁଳେ
ଛାତିତଳ
ତେଣୁ ତୁମକୁ ଲେଖୁଛି
ଏତେ ସହଜରେ
ଏତେ ସରଳରେ
ପୁଞ୍ଜେ ଶବ୍ଦକୁ ନେଇ
ହେଲେ ସେହି
ଶବ୍ଦର ଜାଲରେ
କେବେ ଯୋଡି ହୋଇଯାଇଛି
ମୋ ଜୀବନର ବର୍ଣ୍ଣମାଳା
ଏକଥା ମୁଁ
ନଜେ ହିଁ ଜାଣେନା ।

ସ୍ନାତକୋତ୍ତର ଓଡିଆ ବିଭାଗ,
ବ୍ରହ୍ମପୁରବିଶ୍ୱବିଦ୍ୟାଅଳୟ

# ଏ ରଙ୍ଗ ରହିଲେ ହେଲା



ରୀତା ଅପରାଜିତା ମହାନ୍ତି

ଆଜି ଯିଏ ରାଜା କାଲି ସେ ଭିକାରୀ
ସବୁ ତ ସମୟର ଖେଳ
ଏସବୁ ନ ବୁଝି ଯେ ମିଥ୍ୟା ଗର୍ବରେ ମାତେ ।
ପ୍ରଭୁ କାହା ଗର୍ବ ରଖନ୍ତି ନାହିଁ
ସେ ଗର୍ବ ସେ କରନ୍ତି ଖର୍ବ ।
ଦାନ ପାଇଁ ବଳୀ କରୁଥିଲା ଗର୍ବ
ତିନ ପାଦ ଭୂମି ମାଗି
ପ୍ରଭୁ ତାକୁ ପାତାଳ କୁ ଚାପିଦେଲେ
ହୀରଣ୍ୟକଶ୍ୟପ ନିଜ ବର ପାଇଁ
ଗର୍ବରେ ମାତି ପ୍ରଭୁ ଙ୍କ ଅସ୍ତିତ୍ୱ କରେ ସନ୍ଦେହ
ନୃସିଂହ ରୂପରେ ପ୍ରଭୁ କଲେ ତାର ବିନାଶ
ମିଛ ରଙ୍ଗ ସବୁ ସତ୍ୟ କେବଳ ମୋ ପ୍ରଭୁ .....।
ଆଜି ବଳ ବୟସ ଜୋର ରେ
ଯେଉଁ ରଙ୍ଗ ଦେଖଉଛି
ହେ ମଣିଷ
ଦିନେ ସବୁ ଗର୍ବ ହେବ ଖର୍ବ
ଏ ରଙ୍ଗ ରହିଲେ ହେଲା
ଦିନ ଆସିବ ଫୁଟିବା ଫୁଲ
ମଉଳ ଯିବ
ଆମେ ଯିବୁ ଝାଉଁଳ
ତା ଆଗରୁ ଚାଲ ଯିବା ସୁଧାରି
ଆଉ କେହି କରିବନି ଆମକୁ କଟାକ୍ଷ
ଏ ରଙ୍ଗ ରହିଲେ ହେଲା।

ପ୍ଲଟ ନ -୮୩(ସି) ଭୁବନେଶ୍ୱର -୨୧

# ଆଜିର ନାରୀ



ଭାସ୍କର ଚନ୍ଦ୍ର ଖଣ୍ଡା

ନାରୀ ଅଟେ ସୃଷ୍ଟିର ଆଧାର। ନାରୀ ବିନା ସୃଷ୍ଟି କଳ୍ପନାତୀତ। ଅତୀତ ଆଉ ବର୍ତ୍ତମାନ ମଧ୍ୟରେ ରେଖାଙ୍କିତ କଲେବି ଏହା ଧୃବକ ସତ୍ୟ। ଆମ ଭାରତୀୟ ସଂସ୍କୃତି ରେ ନାରୀର ମାନ ସର୍ବଦା ଉଚ୍ଚରେ ରହି ଆସିଛି। ଆମ ସଂସ୍କୃତି କହେ "ଯତ୍ର ପୂଜ୍ୟନ୍ତେ ନାରୀ, ତତ୍ର ରମନ୍ତି ଦେବତା"। ଅହଲ୍ୟା ବାଈ, ଦୁର୍ଗାବତୀ ପରି ନାରୀ ମାନଙ୍କ ପାଇଁ ଆମ ଇତିହାସ ଗର୍ବିତ।

ଆଜି ଆଧୁନକ ନାରୀ ଉଚ୍ଚ ଶିକ୍ଷିତା। ସମାଜ ଆଜି ନାରୀଙ୍କୁ ପୁରୁଷମାନଙ୍କ ସହିତ ସମାନ ଦର୍ଜା ଦେଉଥିଲେ ମଧ୍ୟ ପ୍ରାଧାନ୍ୟ ବିସ୍ତାର କରି ଆସୁଥିବା ପୁରୁଷାଭିମୁଖି ସମାଜ ବାସ୍ତବରେ ନାରୀଜାତିକୁ ଆନ୍ତରିକ ସମ୍ମାନ ଦେଇ ସେମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସମାନ ରୂପେ ପରିଗଣନା କରୁଛି କି**?** ଏଇ ପ୍ରଶ୍ନବାଚୀର ଘେରରେ ଯଦି ଆମେ ଅବଲୋକନ କରୁ ଆଜିର ସମାଜରେ ଘଟୁଥିବା ବିଭିନ୍ନ ଘଟଣାବଳ କହେ କଛି ଭିନ୍ନ।

ଆଜିବି ନାରୀ ନର୍ଯାତନାର ଶିକାର। ଯୌତୁକ ଜନତ ବ୍ୟାଧିରୁ ଆଜିର ତଥାକଥିତ ଶିକ୍ଷିତ ସମାଜ କଣ ମୁକୁଳ ପରିଛି କି**?** ଶୁଣା ଯାଏ ଆଜିବି ନାରୀର କରୁଣ କ୍ରନ୍ଦନ। ଶାଶୁ, ଶ୍ୱଶୁର, ନଣନ୍ଦ ସର୍ବୋପରି ନଜର ସ୍ୱାମୀ ହାତରେ ମଧ୍ୟ ଯୌତୁକ ଜନତ ମୃତ୍ୟୁର ଶିକାର ହେଉଛି ଆଜି ନାରୀ। କେତେବେଳେ ନବବିବାହିତା ନାରୀକୁ କରୋସିନରେ ଜାଳ ଦେଇ ଅବା ବିଷ ଖୁଆଇ ତାକୁ ଆତ୍ମହତ୍ୟାର ରୂପ ଦେବାକୁ ପ୍ରୟାସ କରା ଯାଉଛି।

ସମାଜର ଲୋଲୁପ ଦୃଷ୍ଟିରୁ ନାରୀର ସୁରକ୍ଷା ଆଜିବି ସେଇଭଳ ପ୍ରଶ୍ନବାଚୀର ଘେରରେ, ଆଇନ ପ୍ରଣୟନ ହୋଇ ତା ବାଟରେ ଚାଲିଛି। ସମାଜର ଭାବନା ବୋହି ଚାଲିଛି ଏକ ଭିନ୍ନ

ରାସ୍ତାରେ। ସେଇଟା ଗୋଟେ କଣ ଜିନଷ ?? ବଢି ଚାଲିଛି ନାରୀ ନର୍ଯାତନା । ଆସିଛିକି ପୈଶାଚକ ମନୋବୃତ୍ତିର ପରିବର୍ତ୍ତନ? କୋମଳମତି ଶିଶୁ ଠାରୁ ଆରମ୍ଭ କରି ପ୍ରାପ୍ତବୟସ୍କା ପର୍ଯ୍ୟନ୍ତ କେହି ସେଇ ଅମାନୁଷିକ ବର୍ବର ଜଘନ୍ୟ ଅପରାଧର କବଳରୁ ପାଇ ପାରୁନାହାଁନ୍ତି ମୁକ୍ତି। ଛବି ରାଣୀ ହତ୍ୟାକାଣ୍ଡ ଠାରୁ ଆରମ୍ଭ କରି କେତେ ନର୍ଭୟା ଯେଏଇ ଲୋଲୁପ ଦୃଷ୍ଟିର ଶିକାର ହେଉଛନ୍ତି ତା'ର ପ୍ରକୃତ ତଥ୍ୟ ନାହିଁ।

ନାରୀ ନର୍ଯାତନାକୁ ରୋକିବା ପାଇଁ ସମାଜର ପ୍ରତ୍ୟେକ ବ୍ୟକ୍ତି, ଅନୁଷ୍ଠାନ, ସ୍ୱୟଂସେବକ ସଂସ୍ଥା (NGO) ମାନଙ୍କର ଗୁରୁ ଭୂମିକା ରହିଛି। ଖାଲି ଆଇନ୍ ପ୍ରଣୟନ ଦ୍ୱାରା ଏଇ ସାମାଜିକ ବ୍ୟାଧିକୁ ବନ୍ଦ କରାଯାଇ ପାରିବ ନାହିଁ। ଏଥିପାଇଁ ଜନଜାଗରଣ ସୃଷ୍ଟି କରି ମାନସିକ ସ୍ତରରେ ପରିବର୍ତ୍ତନର ଯଥେଷ୍ଟ ଆବଶ୍ୟକତା ରହିଛି। ଆମକୁ ଆମ ଶିକ୍ଷାବ୍ୟବସ୍ଥାରେ ପରିବର୍ତ୍ତନ ଆଣି ସମସ୍ତ ବିଦ୍ୟାଳୟରେ ପ୍ରାଥମିକ ସ୍ତରରେ ନୈତିକ ଶିକ୍ଷାର ବିକାଶ ଦିଗରେ ଧ୍ୟାନ ଦେବାର ଆବଶ୍ୟକତା ଅଛି।

ସମୟର ତାଳେ ତାଳେ ପରିବର୍ତ୍ତନ ଅବଶ୍ୟମ୍ଭାବୀ। ଆଜି ନାରୀ କନ୍ତୁ ଉଚ୍ଚ ଶିକ୍ଷା ଲାଭ କରିବାର କୌଣସି ଅବରୋଧ ନାହିଁ। ସେଦିନ ଆଉ ନାହିଁ ଯେଉଁଠି ପାଠ ପଢା ନେଇ ଝିଅକୁ କୁହା ଯାଉଥିଲା, "ଲୋ ରେବତୀ, ଲୋ ରେବି, ଲୋ ନଆଁ, ଲୋ ଚୁହ୍ଲି।

ନାରୀ ଆଉ ପୁରୁଷ ଗୋଟିଏ ଶଗଡର ଦୁଇ ଚକ ସଦୃଶ। ଆଜିର ଆଧୁନକ ନାରୀ କାନ୍ଧରେ କାନ୍ଧ ମିଳାଇ, ଉଚ୍ଚ ଶିକ୍ଷା ଲାଭ କରି ପ୍ରତ୍ୟେକ କ୍ଷେତ୍ରରେ ସେମାନେ ପୁରୁଷ ସମାଜ ଠାରୁ ସମାନ ବା ଆଗରେ ରହିଛନ୍ତି। ଇନ୍ଦିରା ଗାନ୍ଧୀ, ମାର୍ଗାରେଟ ଥାଚର, ପ୍ରତିଭା ପାଟିଲଙ୍କ ଭଳି ଅନେକ ପ୍ରତିଭା ସମାଜର ପଥ ପ୍ରଦର୍ଶକ। ଆଜି ନାରୀ ଆଉ ରୋଷେଇ ଘର ଭିତରେ ବନ୍ଦୀ ନୁହଁ।

ଭାରତୀୟ ସଂସ୍କୃତି "ପରିବାର" ହେଉଛି ମୂଳଦୁଆ। ଯଦିଓ ଯୌଥ ପରିବାର ସଂଖ୍ୟା ହ୍ରାସ ପାଇବାରେ ଲାଗିଛି ତଥାପି ପରିବାରର ଢାଞ୍ଚା ଆଜି ମଧ୍ୟ ଅକ୍ଷୁର୍ଣ୍ଣ। ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକ ଆମ ପରିବାର କୈନ୍ଦ୍ରିକ ଜୀବନଶୈଳୀ ପ୍ରତି ଆକୃଷ୍ଟ। ସମାଜର ଉନ୍ନତି, ସୁନ୍ଦର ଏବଂ ସୁସ୍ଥ ବାତାବରଣ ଗଢିବା ଦିଗରେ ନାରୀର ଅବଦାନ ଅତୁଳନୀୟ। ପିଲା ଜନ୍ମାବସ୍ଥାରୁ ପ୍ରାଥମିକ

ସଂସ୍କାର, ଶିକ୍ଷା ସବୁକିଛି ମାଆ ପାଖରୁ ପାଇଥାଏ। ପରବର୍ତ୍ତୀ ସମୟରେ ତାର ବ୍ୟକ୍ତିତ୍ୱ ସେଇ ମୂଳଦୁଆ ଢାଞ୍ଚାରେ ହିଁ ବିକଶିତ ହୋଇଥାଏ। ନାରୀ ଜନନୀ, ଭଗିନୀ ଓ ଜାୟା ଭାବରେ ବିଭିନ୍ନ ଭୂମିକାର ରୂପ ନେଇ ସମାଜକୁ କେବଳ ସୁଖ ପ୍ରଦାନ କରି ଆସୁଅଛି। ମାଆ ର ନିଃସ୍ୱାର୍ଥପରତା , ତା'ର ଅନାବିଳ ପ୍ରେମ ନିକଟରେ ଆମେ ସମସ୍ତେ ନତ ମସ୍ତକ। ସେଥିପାଇଁ ଉକ୍ତି ଅଛି "*ଜନନୀ ଜନ୍ମ ଭୂମିଷ୍ଟ, ସ୍ୱର୍ଗାଦପି ଗରୀୟସି*"

ଆଜିର ନାରୀ ପୁରୁଷ ସହିତ ସମକକ୍ଷ। ସମାଜରେ ନାରୀ ଉଚ୍ଚ ଶିକ୍ଷା ଲାଭ କରି ଆତ୍ମନିର୍ଭରଶୀଳ ହୋଇ ନିଜର ସୁରକ୍ଷା ସହିତ ସମାଜକୁ ଅନେକ କିଛି ଅବଦାନ କରୁଛି। ଆଜିର ଶିକ୍ଷିତ ସମାଜ, ପୁଅ ଆଉ ଝିଅ ଭିତରେ ପାତର ଅନ୍ତର ନକରି ସମଦୃଷ୍ଟି ରଖି ସମସ୍ତଙ୍କ ପାଇଁ ସମାନ ସୁବିଧା ଯୋଗାଇଦେବା ଉଚିତ୍। ମାନସିକ ସ୍ତରରେ ପରିବର୍ତ୍ତନ ଆଣି ଆମ୍ଭକୁ ଏକ ସୁସ୍ଥ ସମାଜ ଗଠନ ଦିଗରେ ନାରୀର ଅବଦାନର ଗୁରୁତ୍ୱକୁ ହୃଦୟଙ୍ଗମ କରିବାକୁ ହେବ। ତେବେ ଯାଇଁ ଭ୍ରୁଣ ହତ୍ୟା, ଯୌତୁକ ଜନିତ ନାରୀ ନିର୍ଯାତନା ଏପରି ସବୁ ସମାଜିକ ବ୍ୟାଧିର ନିରାକରଣ ହୋଇ ପାରିବ।

ଆଜିବି ନାରୀର ହୃଦୟ ସେଇ କୋମଳମତି, ସର୍ବଂସହା, ତା ପାଖରେ ଭରି ରହିଛି ସେଇ ଅସୀମ ଶକ୍ତି ଆଉ ସିଏ ସୃଷ୍ଟିର ଆଧାର। ଚିର ବନ୍ଦନୀୟା ସେଇ ନାରୀ। ଆଜିର ନାରୀ ପୁରୁଷ ମାନଙ୍କ ଭଳି ଘରେ ବାହାରେ ସବୁ କ୍ଷେତ୍ରରେ ପାରଙ୍ଗମତା ପ୍ରଦର୍ଶନ କରି ନିଜ ଦକ୍ଷତାର ପ୍ରତିପାଦନ କରିପାରିଛନ୍ତି, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

ରୋଡ୍ ନମ୍ବର ୩,
ଜଗନ୍ନାଥ ନଗର, ଭୁବନେଶ୍ୱର

# ମୋ' ବୋଉ ଆଜିବି ମୋତେ ଡାକେ



ଶଶଧର ମହାପାତ୍ର

ଦିନେ ପାହାନ୍ତି ସ୍ୱପ୍ନରେ ଆସି
ଉଠେଇଦେଇ କହିଲୁ
ଆସୁନୁ, ଆସି'ଯା ଶୀଘ୍ର,
ଆକାଶରେ ମେଘ ଢାଙ୍କି ଆସିଲାଣି,
କୂଳରେ ପର୍ ଡଙ୍ଗା ଲାଗିଲାଣି,
ଏବେ ଘାଟରୁ ଛାଡିଦେବ ଯେ
ମୁଣ୍ଡର ହାତମାରି ଅନେଇ ବସିଥିବୁ,
ନିଜ ମୁଣ୍ଡର ଦୋଷ ଲଦୁଥିବୁ
ଗୁହୁଁ ଗୁହୁଁ ବେଳ ଗଡିଯିବ
ସଞ୍ଜ ନଇଁ ନଇଁ ଆସିଯିବ,
ମୁଁ ପର୍ ଅନେଇ ବସିଛି ଆରପାରିରେ,
ତୋ' ଅପେକ୍ଷାରେ, ତୁ ଆସିବୁ ବୋଲି,
ସତରେ ବୋଉ ! ତୁ ଠିକ୍ କହିଦେଇଯାଉ
ମୋ' ମନଭିବୁଥାଏ ଯାହା,
ମନ ଖୋଜୁଥାଏ ଯାହା
ତୋତେ ଖୋଜିଲା ବେଳକୁ
ନା ସେତେବେଳେ ତୁ ଥାଉ ଘାଟରେ,
ନା ତୁ ଥାଉ ଘରରେ ।
ନିଦରୁ ଉଠି ଆଖି ମଳମଳ ବସିଲି ଖଟ ଦାଢରେ,
ଆଖି ସେମିତି ବୁଜି ଅଣ୍ଡାଳଲି,

ହାତ ବୁଲେଇଲି ଗୁରିଆଡେ,
ଭାବୁଥିଲି ଏଥର ଛୁଇଁଦେବି କ ତୋତେ ?
ଆଖି ଖୋଲି ଦେଲି,
କାହିଁ କେହି କୁଆଡେ ତ ନାଇଁ ?
ଏ' ସ୍ୱପ୍ନ ନା ସତ !
କାହିଁକି ତୁ ହଠାତ୍ ଏମିତି ଆସୁ ?
ଏମିତି ଅବେଳାରେ କାହିଁକି ଆସୁ ଯେ ?
ଖୋଜିଲା ବେଳକୁ ତୁ ନଥାଉ,
ତୋ' ଜାଗାକୁ ଗ୍ଳଲିଯାଇଥାଉ,
ଯେଉଁଠୁ ଆସିଥାଉ
ତୁ ତ ଜାଣୁ କେତେ ମନ ଦୁଃଖ ହୁଏ ମୋ'ର ?
ନଦ ପାକଳ ନହେଇଥିଲେ ତୋତେ
ଗାଳ କରିବାକୁ ଇଚ୍ଛା ହୁଏ,
ଯେମିତି ଇଚ୍ଛା ହେଉଥିଲା
ସ୍କୁଲରେ ପାଠ ପଢୁଥିଲା ବେଳେ
ଅନ୍ତର ଭିତରେ ସେବେ ଜଳୁଥାଏ ମୁଁ ।
ସକାଳୁ ଉଠି ଚର ଚର କରି ଘର ଓହଳାଉ
ତୁ "ଉଠ୍, ଉଠ୍" କହି ପାଟି ଚଲାଉଥାଉ
ଡେରିରେ ଉଠିଲେ କାଳେ ଘରୁ
ଲକ୍ଷ୍ମୀ ଛାଡି ଗ୍ଳଲିଯିବେ !
ଲକ୍ଷ୍ମୀଙ୍କର ଆଉ କାମ ଧନ୍ଦା ଯେମିତି ନାହିଁ
ଆଚ୍ଛା କହ ତ ?
ତୁ ଏକା ସେମିତି ନା ସବୁ ମା'ମାନେ ସେମିତି ?
ବିଛଣାରୁ ଉଠୁ ଉଠୁ ତୁମର ଢଙ୍ଗ ବାହାରେ,
ସବୁ ମା'ମାନଙ୍କର !
ତୁମମାନଙ୍କୁ ଗ୍ରତିସାରା ନଦ ହୁଏ ନାହିଁ ନା କ'ଣ ?
ଆଜିକାଲି ସକାଳେ ବିଛଣା ଛାଡିଲେ କ

ରାତିରେ ବିଛଣାକୁ ଗଲେ ତୋତେ ହିଁ
ମନେ ପକାଏ ଲୋ ବୋଉ !
ଏ' ଏକ ଅଭ୍ୟାସରେ ପଡିଗଲାଣି,
ନହେଲେ ସେ'ଦିନ ଆଦୌ ଭଲ ଲାଗେନ
ତୁ ଥିଲୁ ଅଭୟଦାୟିନୀ, ଚୀର ନମସ୍ୟା ମା'ଟିଏ,
ତୋ' ଚେହେରା ଯେତେ ଲୁଚବାକୁ ଚେଷ୍ଟା କଲେବି
ମନ ଖୋଜେ ଆପେଆପେ
ସେହି ଅଦୃଶ୍ୟ ନାରୀଶକ୍ତିକୁ, ମା'ଟିକୁ,
କେମିତି ଭୁଲିବି କହ ?
ତୁ ପରା ଜନ୍ମଠୁଁ ଏଡେ ବଡ ହେବା ଯାଏ
ତୋ' ଭଲପାଇବାର ଉଛୁଳା ନଇ ସୁଅରେ କେତେ ଭସେଇଛୁ,
ବିଛଣାରେ ଶୋଇ ଆସ୍ତେଆସ୍ତେ ଖୋଲେ
ତୁ ପକାଇଥିବା ସଂପର୍କର ଗଣ୍ଠି,
ଦିର୍ଘ ନିଃଶ୍ୱାସଟିଏ ମାରେ
ଆଉ ତୁ ଥାଉ ସେ' ନିଃଶ୍ୱାସରେ
ତୋ' କୋରଡ ଭିତରେ ପଶିଯାଇଥିବା ସେଇ
ଦିଓଟି ଆଖି, ଶୁଖିଲା ମୁହଁ, ଝାପ୍‌ସା ଝାପ୍‌ସା ଦିଶୁଥିବା
ମଳିନ ଚେହେରା ଥରେ ମନଚକ୍ଷୁରେ ଦେଖିଦେଲେ
ଭଲରେ ଦିନଟା କଟିଯାଏ ଲୋ ବୋଉ !
ଭୁଲି ହେଇଯାଏ ସବୁ
ଜମାଟ ବାନ୍ଧିଥିବା ସଂସାର ଯାକର ଦୁଃଖ,
ଯେମିତି ମିଳଯାଏ ସ୍ୱର୍ଗର ପାରିଜାତ,
ମନରେ, ଦେହରେ ଶକ୍ତି ବଢି ହେଇଯାଏ ଚ୍ଚରିଗୁଣ
ଯେମିତି ତୋ'ର ସେହି ରୋଗୀଣା ଦେହରେ
ଥାଏ ଅସରନ୍ତି ଶକ୍ତି,
ଯେମିତି ଏକ ଐଶୋରିକ ଶକ୍ତି,
ନଦେଖିଲେ ବିଶ୍ୱାସ ହୁଏନା,

ସକାଳୁ ଗ୍ଭତିଯାଏ ଖଟି ଖଟି
ତୋ' ଦେହରେ ଏତେ ବଳ ଥାଏ,
ସେ' ସବୁ ଆସେ କେଉଁଠୁ ଲୋ ବୋଉ ?
ତୁ କଣ ଏକ ପରପେଚୁଆଲ ମେସିନ୍ ?
ମୁଁ ଜାଣେ ତୁ ଆଜି ଅଶରୀରି
ତୁ ଏକ ଶୂନ୍ୟଦେହୀ
ଶୂନ୍ୟରେ, ମହା ଶୂନ୍ୟରେ ତୋ' ବାସ
ଶୂନ୍ୟରୁ ମୋ' ମନ ଭିତରକୁ ଆସୁ,
ସ୍ୱପ୍ନରେ ହେଉ କି ଜାଗ୍ରତରେ ହେଉ,
ନିମନ୍ତ୍ରଣରେ ହେଉ କି ବିନା ନିମନ୍ତ୍ରଣରେ ହେଉ,
ତୁ ଆସିଯାଉ,
ନାନୋ ସେକେଣ୍ଡର ଆସିଯାଉ,
ଏମିତ ଆସୁଥା, ଯାଉଥା,
ଏମିତି ଭଲ ପାଉଥା,
ବେଳାରେ କି ଅବେଳାରେ,
ଏମିତ ନିଦ ଭାଙ୍ଗୁଥା ।
ଏବେ ନିବାର ସତ୍ୟ କରିଛି,
ଆଉ ତୋତେ ଗାଳି ନକରିବାକୁ, ନଚଡିବାକୁ,
କିଛି ଚିନ୍ତା ନାଇଁ,
ମୁଁ ପର୍ ଏବେ ବଢି ଗଲିଣି, ବୁଢା ହେଲିଣି,
କେବେଠୁଁ ବାପାଟିଏ ହେଇଗଲିଣି,
ଯାହା ଦିନେ ତୁ କଳ୍ପନା କରିପାରି ନଥିଲୁ !
ଅମଣିଷ ଟେ ହେଇଯିବି ବୋଲି କହୁଥିଲୁ !
ତୁ ଭାବୁଥିଲୁ ମୁଁ ସେମିତି ଅବୁଝା, ବୁଦ୍ଧି ଶୁଦ୍ଧି ନଥିବା
ବାଳକଟିଏ ହେଇ ରହିଯାଇଥାନ୍ତି,
ବୟସର ଗ୍ଭପରେ ଆଜି ନିରବି ଗଲାଣି ସ୍ୱର
ବୟସ ପୋଛି ନେଇଛି ସବୁ ଗ୍ଭଗ, ହିଂସା, ମାନ, ଅଭିମାନ,

ପିଲ୍‌ଦିନର ଉଷୁମ ରକ୍ତ ଏବେ ଥଠା ପଡିଗଲ୍‌ଣି
ଯାହା କାଲି ଥିଲା, ଆଜି ସେଇଆ ନାଇଁ,
ସମୟ ବଦଳ ଗଲ୍‌ଣି ।
ତୁ କ'ଣ ସେତେବେଳେ ଭାବୁଥିଲୁ କେଜାଣି ?
ମୁଁ ଶୋଇଥିଲେ ଅନ୍ୟମାନେ ଆଗକୁ ଗ୍ଲିଯିବେ,
ବହୁତ ଆଗକୁ,
ଆଉ ମୁଁ ପଛେଇଯିବି,
ମୁଁ ଉଠି ଦୌଡିବାକୁ ଆରମ୍ଭ କଲେ
କାଳେ ଗୋଡ ଖସିଯିବ, ମୁଁ ପଡିଯିବି,
ତେଣୁ, ତୁ ବଞ୍ଚିଥିଲ୍ ବେଳେ
ଆମକୁ ପ୍ରସ୍ତୁତ କରୁଥିଲୁ,
ଆମେ ଠିକ୍ ସମୟରେ ଉଠୁଁ,
ଗ୍ଲିବା ଅରମ୍ଭ କରିବା ପୂର୍ବରୁ
ଭଲଭାବେ ନଃଶ୍ୱାସ ଦି'ଟା ମାରୁ,
ତା'ପରେ ଗ୍ଲୁ,
ଆଜି ଆମ ପିଲ୍‌ଙ୍କର ସକାଳ ହୁଏ
ଦିନ ଗୋଟାଏ କ ଦି'ଟାରେ ବୋଉ !
ଆମର ଦେହଶୁହା ହେଇଗଲ୍‌ଣି ଦେଖି ଦେଖି,
ଆମେ ନୀରବ ଦ୍ରଷ୍ଟା,
ବଦଳ ଗଲ୍‌ଣି ଏବେ ଜୀବନର ମୋଡ
ବୟସ ମାଡରେ ମୁଁ ଏବେ ଏକ ଥୁଣ୍ଟା ଗଛ ଭଳ ବୋଉ !
ଶାରୀରିକ ଓ ମାନସିକ ଯନ୍ତ୍ରଣାରେ ହୁଏ ଛଟପଟ,
କଏ ଜାଣେ କେବେ ଦିନେ ଅବେଳରେ ଭୁଷୁଡି ପଡିବ ?
ସେ' ଦିନକୁ ଅପେକ୍ଷା,
ତୁ ବି ଗଲୁ, ମୁଁ ବି ଦିନେ ଯିବି,
ପୁଣି ସଂସାର ଗ୍ଲିବ ତା' ବାଟରେ,
ନଷ୍ଟେ ତା' ବାଟରେ ବୋଉ !

("ମଦରସ୍ ଡେ' ଉପଲକ୍ଷେ ଏ' ଲେଖା । ବୋଉ ଆଜକୁ ୩୫ ବର୍ଷ ହେଲା ସ୍ୱର୍ଗପୁରେ । ସ୍କୁଲରେ ପାଠ ପଢୁଥିଲା ବେଳେ ସକାଳୁ ବିଛଣାରୁ ଉଠିବା ଡେରି ହେଲେ ପ୍ରଚୁର ଗାଳ ବର୍ଷଣ କରେ । ସେତେବେଳେ ମୁଁ ମନେ ମନେ ଭୀଷଣ ବିଗୁଡୁଥିଲି । ବେଳେ ବେଳେ ମୁଁ ଓଲଟା ତାକୁ ଗାଳ କରୁଥିଲି । ଈଶ୍ୱରଙ୍କ ଉପରେ ରାଗୁଥିଲି, ଏମିତି ମା' ଟିଏ ବାଛିକି ଦେଲ କାହିଁକି ? ଆଜି ବି ସେ' ମୋ' ସ୍ୱପ୍ନରେ ଆସି ଡାକେ, ଉଠେଇବାକୁ ଚେଷ୍ଟା କରେ । ସେ' ଦିନ ଓ ଆଜି ଭିତରେ ଏତିକି ପାର୍ଥକ୍ୟ ଯେ ଆଜି ମୁଁ ତାକୁ ଗାଳ କରିପାରୁନ । ସମୟ ବଦଳ ଯାଇଛି, ତା' ସହିତ ମୁଁ ବି ବଦଳ ଯାଇଛି । )

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# କଛି



ସୁବାସ ଚନ୍ଦ୍ର ମୁଦୁଲି

ମୁଁ ଆସିଥିଲି ମାଗିବାକୁ କଛି
କନ୍ତୁ ମୁଁ ଦେଖୁଛି,
ତୁମେ ମୋ ଠାରୁ ଦୁଃଖୀ
କେବଳ ତୁମେ ନୁହଁ
ତୁମ ସଂଗେ ଭାଇ ଭଉଣୀ ବି
ହାତ ପାଦ ନଥାଇ
ତୁମେ ଅଛ କେମିତି ?
ଯାହା ଦେଖୁଛି
ତାହା କହୁଛି
କନ୍ତୁ ଅଲଗା ଶୁଣିଛି କାନେ
ହାତ ପାଦ କାଳେ ତୁମେ ଦେଇଛ ଲୁଚେଇ
ମୁଁ ସେ ହାତ ପାଦ
ଦେଖିବାକୁ ଗୃହେଁ ନାହିଁ
ପାର ଯଦି ମୋ ଠାରୁ
ନଅ ତୁମେ କଛି ॥

ପ୍ରାକ୍ତନ ବରିଷ୍ଠ ପ୍ରୟୋଗଶାଳା ପ୍ରାଯୁକ୍ତିକ
ଜିଲ୍ଲା ମୁଖ୍ୟ ଚକସ୍ୱାଳୟ, ସମ୍ବଲପୁର

# ଚନ୍ଦ୍ରଭାଗାରେ ସୂର୍ଯ୍ୟ ଦର୍ଶନ

ଦାଶରଥି ଶତପଥୀ

ସକଳ ଶକ୍ତିର ଆଧାର ଭଗବାନ ସୂର୍ଯ୍ୟଦେବ ହେଉଛନ୍ତି ପ୍ରତ୍ୟକ୍ଷ ଦେବତା, ଯାହାଙ୍କ ମହତ୍ତ୍ୱପୂର୍ଣ୍ଣତା ତଥା ଜୀବଜଗତ ପ୍ରତି ପରିବେଶ ସନ୍ତୁଳନ ଠାରୁ ଆରମ୍ଭ କରି ଜଗତର ସ୍ଥିତି ପାଇଁ ତାଙ୍କର କାର୍ଯ୍ୟ ଓ ନାମର ବିଭିନ୍ନ ଶାସ୍ତ୍ର, ବିଜ୍ଞାନ ଓ ଦର୍ଶନ ମଧ୍ୟରେ ଭୂରି ଭୂରି ପ୍ରଶଂଶା କରାଯାଇଛି । ସେ ମାଘମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଜନ୍ମଗ୍ରହଣ କରିଥିଲେ ବୋଲି ଉଲ୍ଲେଖ ରହିଛି ।

ବୈଦିକ ଯୁଗରେ ଆର୍ଯ୍ୟ ଋଷିମାନଙ୍କର ସୌର ଜଗତ ବିଷୟରେ ଯେତିକି ଧାରଣା ସବୁ ରହିଥିଲା ପୁରାଣ ଯୁଗ ବେଳକୁ ସୌର ମଣ୍ଡଳର ଗ୍ରହମାନଙ୍କର ଅବସ୍ଥିତି କାର୍ଯ୍ୟକାରିତା ଉପରେ ଅଶେଷ ଜ୍ଞାନ ଅର୍ଜନ ହୋଇପାରିଥିଲା ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ମାନବ ସମାଜ ପାଇଁ ଏହା ଆଶୀର୍ବାଦ ଭାବେ କାମ କଲା । ସୂର୍ଯ୍ୟଦେବଙ୍କ ବିଷୟରେ କେବଳ ଆଧାତ୍ମିକ ଭାବନା ନୁହେଁ, ବୁଦ୍ଧିମତ୍ତାର ବିକାଶ ତଥା ମାନବ ସମାଜର ସୁସ୍ଥ ପରିବେଶ ସହ ନିରାମୟ ଜୀବନଯାପନ ପାଇଁ ଉଦ୍ଦିଷ୍ଟ ।

ଋକ୍ ବେଦରେ ସୂର୍ଯ୍ୟଦେବଙ୍କୁ ଅନ୍ଧକାର ବିନାଶ ଭାବେ ବର୍ଣ୍ଣନା କରାଯାଇଅଛି । ସେ କାଳଚକ୍ରର ନିୟାମକ, ତେଣୁ ଦିନ ରାତି, ମାସ ବର୍ଷ, ଯୁଗ ସୃଷ୍ଟି କରୁଛନ୍ତି । ଏହି ବେଦରେ ସୂର୍ଯ୍ୟଦେବଙ୍କୁ ଜଡ ଓ ଚେତନ ଉଭୟଙ୍କ ଆତ୍ମା ବୋଲି ବିଚାର କରାଯାଇଛି । ସମସ୍ତଙ୍କଠାରେ ସମାନ ଦୃଷ୍ଟି ନିକ୍ଷେପ କରିବା ସହିତ ଜୀବଜଗତରେ ମାନସିକ ସ୍ଥିତିର ସନ୍ତୁଳନ ରକ୍ଷା ତଥା ଶାରୀରିକ ସ୍ୱାସ୍ଥ୍ୟର ପ୍ରଧାନ ରକ୍ଷକ ଭାବେ ବିବେଚନା କରାଯାଇଛି । ସକଳ ଜୀବଜଗତ ସୂର୍ଯ୍ୟଙ୍କ ଦ୍ୱାରା ଅବଲମ୍ବିତ ।

ରାମାୟଣରେ ରହିଥିବା ଦୃଷ୍ଟାନ୍ତ ଅନୁସାରେ ପ୍ରଭୁ ରାମଚନ୍ଦ୍ର ବଶିଷ୍ଠଙ୍କ ପରାମର୍ଶକ୍ରମେ ସୂର୍ଯ୍ୟଦେବଙ୍କୁ ସନ୍ତୁଷ୍ଟ କରି ଲଙ୍କା ବିଜୟ କରି ରାବଣଙ୍କୁ ନିଧନ କରିଥିଲେ। ମହାଭାରତରେ ଧର୍ମରାଜ ଯୁଧିଷ୍ଠିର ସୂର୍ଯ୍ୟପୁତ୍ର ଭାବେ ପରିଚତ ଏବଂ ସେ ବନଗମନ କରିବା ସମୟରେ ସୂର୍ଯ୍ୟଙ୍କର ଅଷ୍ଟୋତ୍ତର ଶତନାମ ପାଠକରି ସୂର୍ଯ୍ୟଙ୍କୁ ସନ୍ତୁଷ୍ଟ କରିଥିଲେ। ପୁରାଣଶାସ୍ତ୍ରରେ ବର୍ଣ୍ଣନା ଅନୁସାରେ ଜଣାପଡେ ଯେ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ଅତ୍ୟନ୍ତ ରୂପବନ୍ତ ଥିଲେ। କେତେକ ଘଟଣାରେ ଶ୍ରୀକୃଷ୍ଣ କ୍ରୋଧାନ୍ୱିତ ହୋଇ କୋଷ୍ଠରୋଗରେ ଆକ୍ରାନ୍ତ ହୋଇଯିବା ପାଇଁ ଶାମ୍ବକୁ ଅଭିଶାପ ଦେଇଥିଲେ। ଫଳରେ ଶାମ୍ବ କୁଷ୍ଠରୋଗରେ ଆକ୍ରା ହେଲେ ଏବଂ ପରବର୍ତ୍ତୀ ଅବସ୍ଥାରେ ନାରଦଙ୍କ ପରାମର୍ଶକ୍ରମେ ମୈତ୍ରବନ (ଅର୍କକ୍ଷେତ୍ର) କୋଣାର୍କକୁ ଆସି ତପସ୍ୟାରେ ସୂର୍ଯ୍ୟଦେବଙ୍କୁ ସନ୍ତୁଷ୍ଟ କରି ରୋଗମୁକ୍ତ ହୋଇଥିଲେ। ସେତେବେଳେ ସେ ସାକ ଦ୍ୱୀପରୁ ମଗ-ବ୍ରାହ୍ମଣମାନଙ୍କୁ ଅଣାଇ କୋଣାର୍କଠାରେ ସୂର୍ଯ୍ୟ ପୂଜା କରିଥିଲେ। ତା ପରେ ଶାମ୍ବ ଅଖଣ୍ଡ ଭାରତର୍ର ମୁଲତାନ ଠାରେ (ଏବେର ପାକସ୍ଥାନ) ସୂର୍ଯ୍ୟ ଉପାସନା ଲାଗି ମନ୍ଦିରମାନ ନିର୍ମାଣ କରାଇଥିଲେ। ସେବେଠାରୁ ଭାରତବର୍ଷର ବିଭିନ୍ନ ସ୍ଥାନରେ ସୂର୍ଯ୍ୟ ମନ୍ଦିର ନିର୍ମାଣ ହେବାକୁ ଲାଗିଲା। ଏଣୁ ମହାରାଷ୍ଟ୍ର, ଗୁଜୁରାଟ, ମଥୁରା, ଉଜ୍ଜୟିନୀ ଆଦି ଅନେକ ସ୍ଥାନରେ ସୂର୍ଯ୍ୟମନ୍ଦିରମାନ ଦେଖିବାକୁ ମିଳେ। ଓଡିଶାର ଖଣ୍ଡଗିରି ଅନନ୍ତ ଗୁମ୍ଫାର ସୂର୍ଯ୍ୟପ୍ରତିମା ଠାରୁ ଆରମ୍ଭ କରି ଭଦ୍ରକ ଜିଲ୍ଲାର ପାଳଆ ବିରଞ୍ଚିନାରାୟଣ ମନ୍ଦ୍ର ସୋନପୁର, ଖିଚଂ ଆଦି ସ୍ଥାନରେ ସୂର୍ଯ୍ୟମନ୍ଦିର ତଥା ସୂର୍ଯ୍ୟ ଉପାସନାର ନିଦର୍ଶନ ମିଳଥାଏ। ଗଙ୍ଗବଂଶୀୟ ପ୍ରଥମ ନରସିଂହ ଦେବ ବିଶ୍ୱପ୍ରସିଦ୍ଧ ସୂର୍ଯ୍ୟମନ୍ଦିର କୋଣାର୍କ (ଅର୍କକ୍ଷେତ୍ର) ଠାରେ ନିର୍ମାଣ କରାଇଥିଲେ। ଏଣୁ ଏହି ପୁଣ୍ୟକ୍ଷେତ୍ର ଚନ୍ଦ୍ରଭାଗାରେ ମାଘ ଶୁକ୍ଳ ସପ୍ତମୀ ଠାରୁ ଅର୍ଥାତ ସୂର୍ଯ୍ୟଦେବଙ୍କ ଜନ୍ମଦିନରେ ଏକ ମହାମେଳା ଅନୁଷ୍ଠିତ ହୋଇଥାଏ। କୋଣାର୍କ ସୂର୍ଯ୍ୟ ମନ୍ଦିରରୁ ବିଜେ ପ୍ରତିମା ଚନ୍ଦ୍ର ସୂର୍ଯ୍ୟଙ୍କ ରଥରେ ଅଷ୍ଟଚଣ୍ଡୀ ଓ ଅଷ୍ଟଶମ୍ଭୁଙ୍କୁ ବିମାନରେ ଷଷ୍ଠୀ ରାତିରେ ଅଣାଯାଇ ଏକ ବିରାଟ ମେଳଣ କରାଯାଏ। ତା ପରେ ସକଳ ଦେବତାମାନଙ୍କ ତୀର୍ଥସ୍ନାନ ପରେ ମାଘ ସପ୍ତମୀର ବଢିଭୋରରୁ ଅନ୍ୟ ସମବେତ ଲକ୍ଷ ଲକ୍ଷ ଭକ୍ତବୃନ୍ଦ ଚନ୍ଦ୍ରଭାଗାରେ ପବିତ୍ରତା ସହକାରେ ବୁଡ ପକାଇଥାନ୍ତି।

"ଚନ୍ଦ୍ରଭାଗା ଜଳେ ଯେ ସ୍ନାତି ବିଧିପୂର୍ବକଂ
ଚନ୍ଦ୍ରତୁଲ୍ୟ ବପୁର୍ଧୃତ୍ୱା ଚନ୍ଦ୍ରଲୋକଂ ବ୍ରଜନ୍ତି ତୋ" ॥

ମାଘ ସପ୍ତମୀରେ ଚନ୍ଦ୍ରଭାଗାରେ ବୁଡ ସହିତ ପ୍ରଥମ ସକାଳର ସୂର୍ଯ୍ୟ ଦର୍ଶନ ଶାରୀରିକ ସ୍ୱାସ୍ଥ୍ୟ ଉତ୍ତମ ରହିବା ସହିତ ଅନେକ ଘାତ ପ୍ରତିଘାତରୁ ରକ୍ଷା ମିଳଥାଏ ଓ ପାତକରୁ ମୁକ୍ତି ମିଳ ପୁଣ୍ୟଫଳ ମିଳଥାଏ ବୋଲି ଆବାହମାନ କାଳରୁ ବିଶ୍ୱାସ ରହିଆସିଛି ।

ଦାଶରଥି ଶତପଥୀ, ଭା.ପ୍ର.ସେ.
ସଚିବ, ଓଡିଶା ବିଧାନସଭା

# ସ୍ତ୍ରୀ



ସରୋଜ ଲକ୍ଷ୍ମୀ ମହାନ୍ତି

ମୁଁ ନୁହେ ରମ୍ଭା କ ମେନକା ଇନ୍ଦ୍ର  ସଭାର
ନୁହେଁ ମୁଁ  କାଚଫୁଲ ଟଳମଳ ବିନ୍ଦୁଏ କାକର
ମୁଁ ମିଠା ତାତି ଶୀତ ସକାଳ ନରମ ଖରାର
ମୋତିଟିଏ ପୋହଳା ଦ୍ୱିପର
ଆଞ୍ଜୁଳାଏ ବାସ୍ନା ମାଳତୀ କୁଞ୍ଜର
କୋମଳ ପରସ ଆଉ ଛାତିଏ ପୁଲକ
ମିଠା ଦରଦର
ନାଲି ଓଢଣା ମୁଁ ସ୍ନେହ ସଂସ୍କାରର,
ତୁମେତ ଖଣ୍ଡେ ଆକାଶ, ମୁଁ ଅଧାଏ ମାଟି
ମୁଁ ଭଦ୍ରା ରୁଦ୍ରା ପୁଣି କମଳନୀ
ନବରଙ୍ଗୀ ରୁଣୁଝୁଣୁ ପାଣିକାଚ ମୁଠେ
ତାରକସି ଜୋଡାଏ ଝୁଣ୍ଟିଆ
ଝଲମଲ ମୋତିଗୁନ୍ଥା ସିନ୍ଦୁର ଫରୁଆ
କଛି ଓଜନଆ  ଲୁହ ସମାହାର
ଘୁରିବୁଲେ ତୁମ ବଳୟରେ
କରିପାରେ ସବୁକୁ ମୋର
ପଲକ ମେଲାଇ ଦେଖେ
ସବୁଥିରେ ନାଁ  ତ ତୁମର
ତୁମ ପିଲା ତୁମ ଗାଡି ଘରତ ତୁମର
ମୋର ବୋଲି ମୋ ଛୋଟ ପୂଜାଘର
ହାଣ୍ଡି କରଚୁଲିର ମୋ ରୋଷେଇ ଘର
ନିର୍ମୂଳ ଲଟାପରି ମୁଁ ଖାଲି ଲଟିଗ୍ଲେ

ଅଣ୍ଟିରେ ପୁର୍‌ଇ ସବୁ ଆବର୍ଜନା
ଘରଟା ଜାକର
ତଥାପି  ତ ସବୁ ଖୁସି ମୋର
ମୋର ଯେ ଅଧିକାର ତୁମ ହୃଦୟର
ସେଇଠି ତ ଲେଖାହୁଏ  ପାପ ପୂଣ୍ୟ ମୋର
ହିସାବ  ସେ ମୋ ଆଖି ଲୁହର
ସାଥି ହୋଇ ଗ୍ଲିଥିବା ଶେଷ ଗ୍ତିଯାଏ
ହାତଧରି ଦୁହେଁ ଦୁହିଁଙ୍କର ।

**271/3,** ଏ.ଭି. ରେସିଡେନ୍ସି,
ପୋ-କଟ୍, ଭୁବନେଶ୍ୱର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# କେତେ ବେଳେ
# (ସଂଯୋଜୀ କବିତା)



ରାଜେଶ୍ ରଥ

ଶୁଭ୍ର ପାରିଜାତର  ନୈସର୍ଗିକ ତା ଭିତରେ
କେତେବେଳେ ଯେ ସୋନ୍ଦର୍ଯ୍ୟର  ପ୍ରତିବିମ୍ବ କୁ ସାଉଁଟି ବାକୁ ଅହ ମୀୟତା ରହେ
ତ କେତେବେଳେ କୃଷ୍ଣ ଲାଲ୍ୟିତ  ଜୀମୂତର ଫାଶ କୁ ତରିବାର ଅହେତୁକ ତା ।

ଶାଶ୍ୱତ ଜୀବନର ବିତୃଷ୍ଣ  ହପ୍ରାସଙ୍ଗିକତା ଭିତରେ
କେତେବେଳେ ସୁଖର ସବୁଜୀମା କୁ ସ୍ପର୍ଶ କରିବାର ସ୍ମିତଭାବ,
ତ କେତେବେଳେ ବିଭ୍ରାନ୍ତ ମନର ତରଙ୍ଗୀଣି କୁ କୂଳାୟିତ କରିବାର ପ୍ରଚେଷ୍ଟା ।

କେତେବେଳେ ଯେ ମାନ - ଅପମାନ, ବାଦ - ବିବାଦ କୁ ତରୀବାର ଓଜୋସ୍ୱିନୀତା
ତ କେତେବେଳେ ବିବାଦୀୟ ସଂକୀର୍ଣ୍ଣ ତା କୁ ବୁଝିବାରେ ଉଦ୍ରେକ ଜିଜ୍ଞାଶୁ
ତ କେତେବେଳେ ମାନସପଟରେ ମୁଦ୍ରିତ ହୋଇଥିବା ବିବର୍ଣ୍ଣୟ ଅଘଟଣ ଗୁଡ଼ିକର ପ୍ରତିବେଦନା ।

ସଂସାରିକ ଦୋ ଛକ ଭିତରେ କେତେବେଳେ ହୃଦ କନ୍ଦର କୁ ବାଆଁରେଇବା ର ପ୍ରତିଶୃତି ହୀନ ଲାଞ୍ଛନା
ତ କେତେବେଳେ ଅବଚେତନ ମନେ ବ୍ୟର୍ଥ ଭାବନାର ଆପେକ୍ଷିକ ତା ।

କେତେବେଳେ ଯେ ତାନକ ସୁଖ ସମ୍ପଦରେ ବିଭୋରିତ ସ୍ମୃତି
ତ କେତେବେଳେ ମାରୁ ମରୀଚକା ପୂର୍ଣ୍ଣ ରେତ୍ ର ଆକର୍ଷି,
ତ କେତେବେଳେ ଚଳନ୍ତି ଇଶ୍ୱରଙ୍କର  ଅବସମ୍ଭାବ୍ୟ ଭାବଧାର୍ କୁ ପୂର୍ଣ୍ଣ କରିବାର ନିଷ୍ଠା ।

କେତେବେଳେ ଘୃଟଶି ଉଦ୍ଧୃତ ଠାରୁ ପ୍ରୌଢ଼ ଶିକ୍ଷିତ ପଥରେ ଲଭିତ ଶିକ୍ଷଣ ସୌଧ ର ଶାଳୀନତା ପୂର୍ଣ୍ଣ ଔଜୋକ୍ତିକ ବ୍ୟବହାର,
ତ କେତେବେଳେ ଅବସମ୍ଭାବୀ ଭାବଧାର୍ ସହିତ ଆଦର୍ଶ, ଅନୀଳ ଓ ଏକୀଭୂତ କରିବାର ପ୍ରୟାସ ।
ତ କେତେବେଳେ ସଚେତନ ହୋଇ ପୂର୍ଣ୍ଣ ସମର୍ପି ଭାବ ରଖି ଐଶ୍ୱରୀୟ ଭାବନାରେ ନୟୋଜିତ କରିବାର ଏକ ଶାଣି ତ ଧାର୍

ଏଇତ ଜୀବନ, ସୁଖ ଓ ଦୁଃଖ ର ସମାଗମ ।।

ଗଣିତ ଶିକ୍ଷକ, ଆସ୍କା,ଗଞ୍ଜାମ

# ବୀର ସେନା



ରଶ୍ମୀବାଳା ଶତପଥୀ

ଆଜିର ଦେଶ ପ୍ରେମ
ବଦଳାଏ ସୃଷ୍ଟିକ୍ରମ।
ଚକ୍ଷୁ କଲେ ଉନ୍ମୋଚନ
ସହି ହୁଏନା ଉତ୍ପୀଡନ।
କେତେ ବଦଳ ଯାଇଛି
ପ୍ରେମର ପରିଭାଷା
ମାତୃଭୂମି ନୁହେଁ ସୁରକ୍ଷିତ
ସ୍ୱାର୍ଥ ପୂର୍ଣ୍ଣ ହିଁ ଆଶା।
ଈର୍ଷା ଅହଙ୍କାର କ୍ରୋଧ
କରେ ଉନ୍ନତିର ପଥରୋଧ।
ସ୍ୱସ୍ୱାର୍ଥେ ପାଗଳ ମଣିଷ
କରି ବସେ ଅଶେଷ ଅପରାଧ।
ମାଗିଥିଲ ରକ୍ତ ସ୍ୱାଧୀନତା ପାଇଁ
ଜୀବନ ଉତ୍ସର୍ଗ କରିଥିଲ ଏହି ଦେଶ
ପାଇଁ, ଆଜାଦ୍ ହିନ୍ଦ୍ ଫଉଜ ଗଢ଼ିଥିଲ
ଇଂରେଜ ଙ୍କୁ ତଡ଼ିବ ପାଇଁ।
ଜୟ ହିନ୍ଦ୍ ର ଧ୍ୱନ ଶୁଣି
ଚମକ ଥିଲେ ଇଂରେଜସେନା
ବନ୍ଦୀ କରି ଶେଷ କରିବାକୁ
କରିଥିଲ ନାନା ଯୋଜନା।

ଯାଜପୁର ଟାଉନ୍, ଯାଜପୁର

# ଅସାଧାରଣ ସୁନ୍ଦରବନ- 6



ଅଶୋକ ବିଶ୍ୱାଳ

"କେତେ ପାଣି ହେବ?"- ଗୋବିନ୍ଦ ନିର୍ମଳକୁ ପଚାରିଲା । ନଦୀଟା ଚଉଡା ଆଉ ଗଭୀର ଲାଗୁଥିଲା । ଅଧିକ ଗଭୀର ନଦୀରେ ଭଉଁରି ହୁଏନା । ପାଣି ଜୋରରେ ବୋହିବା ଜଣା ପଡେନା ।

"ନିଶ୍ଚିତ ଭାବେ ୧୦୦ ଫୁଟରୁ ଅଧିକ ।"- ନିର୍ମଳ କହିଲା ।

"ଏତେ ପାଣି ! ବିଶ୍ୱାସ ହେଉନି ।"– ଗୋବିନ୍ଦ କହିଲା ।

"ଗୋବିନ୍ଦ ତୁ ଏ କୂଳରୁ ସେକୂଳ ପହଁରି ଯିବୁ?"- ନିର୍ମଳ ପଚାରିଲା ।

"ପହଁରି ଯିବି ।"- ଗୋବିନ୍ଦ କହିଲା ।

ଗୋବିନ୍ଦର ମୁହଁରେ ସାହାସ ବାରି ହୋଇ ପଡୁଥିଲା । ପତଳା ଲମ୍ବା ଶରୀର । ଦେହରେ ଶକ୍ତି ଥିଲା ପରି ଜଣା ପଡୁଥିଲା । ଲୁଣିଆ ପାଣିରେ ଭାସିବା ଅପେକ୍ଷାକୃତ ସହଜ । କିନ୍ତୁ ଏମିତି ଭଉଁରି ଖାଉଥିବା ପାଣିରେ ଏକ କିଲୋମିଟର ପହଁରିବା କିଛି ସହଜ କଥା ନୁହେଁ । ଅବଶ୍ୟ ଏଠି ଭଉଁରି ନାହିଁ ।

"ତଳୁ ମାଟି ନେଇ ଆସିବୁ ।"- ନିର୍ମଳ ଗୋବିନ୍ଦକୁ ଚିଡାଇବା ଭଳି ପ୍ରଶ୍ନ କରୁଥିଲା । ଏତେ ତଳକୁ କେହି ବୁଡ଼ୁକ ମାରି ଯାଇ ପାରିବ ନାହିଁ ।

ଗୋବିନ୍ଦର ମୁଣ୍ଡ ଖାଲି ହୋଇ ଯାଉଥିଲା । ଏକ ପୁରୁଣା ମାଝି ସାଙ୍ଗରେ ଥିଲେ । ସେ ନଦୀକଥା ଅନେକ ଜାଣନ୍ତି ।

"ଏତେ ତଳକୁ ମଣିଷ ପକ୍ଷରେ ଯିବା ଅସମ୍ଭବ । ପ୍ରେସରରେ ଛାତି ଫାଟିଯିବ । ଡାଇଭରମାନେ ବିନା ଅମ୍ଳଜାନରେ ୨୦-୩୦ ଫୁଟ ବୁଡିପାରନ୍ତି । ତା'ଠାରୁ ଅଧିକ

ବୁଡିବାକୁ ହେଲେ ସାଧନ ଦରକାର । ପାଣି ଏଠି ଶହେଫୁଟ ଗଭୀର ହୋଇପାରେ ।”- ପୁରୁଣା ମାଝି କହିଲେ ।

ଏମିତି ପାଣି ଉପରେ ସେମାନଙ୍କର ଅନେକ କଥା ଚ୍ଛଲିଲା । ପାଣିର ରଙ୍ଗ । ପାଣିର ବୁଲିବା, ପବନ ଆସିଲେ ପାଣିରେ ଉଠୁଥିବା ଢେଉ । ଏମିତି ଅନେକ କଥା ।

ବୋଟ ସାଧାରଣ ଗତିରେ ଚ୍ଛଲୁଥିଲା । ନଦୀରେ ଢେଉ ବଢୁଥିଲା । ଏତେ ବଡ଼ ନଦୀରେ ଖୋଲା ପବନ ଜୋରରେ ବୋହୁଥିଲା । ବୋଟ ଡେଉଁଥିଲା ପଡୁଥିଲା । ତାରୁକ ଡ୍ରାଇଭର ରୁମରେ ବସି ପାଣିକୁ ଅନାଇଥିଲା । ଏମିତି ଯାଉ ଯାଉ ମଝିରେ ବୋଟର ଇଞ୍ଜିନ ବନ୍ଦ ହୋଇଗଲା । ଗୋବିନ୍ଦ ଚେଷ୍ଟା କଲା । ଉପରୁ ତାରୁକର ଘଣ୍ଟି ବାରବାର ବାଜୁଥିଲା । କଛି ହେଉନାହିଁ । ଇଞ୍ଜିନରେ ପବନ ବା ପାଣି ପଶିଯାଇଛି । ଇଞ୍ଜିନ ଷ୍ଟାର୍ଟ ହେଲାନାହିଁ । ତାରୁକ ତଳକୁ ଓହ୍ଲାଇଗଲା ।

ସପନବାବୁ ପାଣିକୁ ଅନାଇଲେ । ସୂର୍ଯ୍ୟ ପ୍ରାୟ ମୁଣ୍ଡ ଉପରେ । ଆକାଶଟା ଗାଢ ନୀଳ । ଲହଡି ସବୁ ତୁହାକୁ ତୁହା ମାଡି ଆସୁଛି । ନିର୍ମଳ ସୂର୍ଯ୍ୟାଲୋକ ପଡି ଲହଡିର ଧାର ଚମକୁଛି । ଥଣ୍ଡା ପବନ ବୋହୁଛି । ସେ ଆସି ମଙ୍ଗ ଉପରେ ଠିଆ ହୋଇଗଲେ । ସେଇଠୁ ଠିଆ ହୋଇ ପାଣିକୁ ଚ୍ଛହିଁବାକୁ ଭଲ ଲାଗୁଥିଲା । ପାଣି ଗୋଳଆ ଲାଗୁନ । ଏଠି ଗାଢା ସବୁଜ । ତାଙ୍କର ଇଚ୍ଛାହେଉଥିଲା ସେ ପାଣିକୁ ଡେଇଁ ପଡନ୍ତେ ଆଉ ପାଣିରେ ବହୁତ ସମୟ ଯାଏଁ ପହଁରନ୍ତେ । ଏତେ ପାଣିରେ ତାହା କରିବା ସମ୍ଭବ ନୁହେଁ । ନଦୀରେ ଶାର୍କ ଥାଇପାରନ୍ତି । ଖୋଲା ସମୁଦ୍ର ମଧ ବେଶି ବାଟ ନୁହେଁ ।

ସେ ଦୂର କୂଳକୁ ଅନାଇଲେ । ସେପଟେ ଘୋର ଜଙ୍ଗଲ । ଘର ଦ୍ୱାର କେଉଁଠି ନାହିଁ । ଆରେ ସେଇଠି କଣ ?

ସେ ଚମକ ପଡିଲେ । ତାଙ୍କ ହୃତପିଣ୍ଡ ଜୋରରେ ଧକ୍ ଧକ୍ କରି ଉଠିଲା । ତାଙ୍କର ଧମନୀରେ ରକ୍ତ ପ୍ରବାହ ଲାଭା ପରି ଗରମ ହୋଇଗଲା । ଏକ ଦୂରକଣରେ ଏକ ବଡ଼ ବୋଟ ଠିଆ ହେଲା ପରି ଲାଗୁଥିଲା । ଏତେ ତଳକୁ ମାଛଧରା ବୋଟ ଆସେନାହିଁ । ଏପଟେ ମାଛଧର ପାଇଁ ଅନୁମତି ମିଳେନା ।

ତାହେଲେ ଏମାନେ କଏ? ଆଉ କଣପାଇଁ ଏତେ ଭିତର ଅଛନ୍ତି? କିଛିସ୍ପଷ୍ଟ ଦେଖାଯାଉନଥିଲା । ସେ ପ୍ରାୟ ଥରଥର ହେଉଥିବା ହାତରେ ବାଇନାକୁଲାରଟା ଉଠାଇନେଲେ । ବାଇନାକୁଲରରେ ଦେଖିବାରୁ ଜଣା ପଡୁଥିଲା ଯେ ବୋଟରେ କିଛି ଲୋକ ମୁଣ୍ଡରେ କପଡା ବାନ୍ଧି ବସିଛନ୍ତି ।

"ଏମିତିଆ ଲୋକ ବି.ଏସ.ଏଫ. ନୁହଁନ୍ତି । ସେମାନେ ମୁଣ୍ଡରେ କପଡା ବାନ୍ଧନ୍ତି ନାହିଁ । ତାହେଲେ?"- ସପନବାବୁଙ୍କ କଣ୍ଠ ଥରୁଥିଲା ।

"ଏମିତିଆ ଲୋକେ ଜଳଦସ୍ୟୁ ହୋଇପାରନ୍ତି ।"- ନିର୍ମଳ କହିଲା । ତାରୁକ କିଛି କହୁନଥିଲା । ନିର୍ମଳ ଉପରେ ପଡି କହିଲା । ପାଣିରେ ଡରିବାଟା ଭଲ ନୁହେଁ । କି ନିର୍ମଳ ଏକ ସାଧାରଣ କର୍ମଚାରୀ । ସେ ଏତେ ଭିତରକୁ ପଶେନା । ମନରେ ଯାହା ଆସେ କହିଦିଏ ।

"ଜଳଦସ୍ୟୁ !"- ସପନବାବୁ ଜୋରରେ ଚମକିଲା ଭଳି କହିଉଠିଲେ । ସମସ୍ତେ ଚମକି ପଡିଲେ । ଜଣେ ଜଣଙ୍କଠୁ ବାଇନାକୁଲାର ଟାଣିନେଇ ଅନାଉଥିଲେ । ସମସ୍ତଙ୍କ ମୁଣ୍ଡ ହଲୁଥିଲା । ଏଇ ଲୋକମାନେ କିଛି ସାଧାରଣ ଲୋକ ହୋଇ ନଥିବେ । ନିଶ୍ଚିତ ଭାବେ ଗ୍ରେ କାରବାରୀ କରୁଥିବା ତସ୍କର ।

ସେମାନେ ତାରୁକର ବୋଟଠାରୁ ପ୍ରାୟ ଏକ କିଲୋମିଟର ଦୂରରେ ଅଛନ୍ତି । ସେ ବୋଟ ଉପରେ ଲୋକେ ବସିଛନ୍ତି । ଯଦି ଏପଟୁ ଆସନ୍ତି ଆଉ ଏ ବୋଟକୁ ଗୋଡାନ୍ତି? ତେବେ କଣ ହେବ? ଦେବଶ୍ରୀ ଥରିଯାଉଥିଲେ । ଏ ତସ୍କରଗୁଡା ନିର୍ଦ୍ଦୟ । ନିଜ ଉପସ୍ଥିତିକୁ ଲୁଚାଇବାପାଇଁ ସେମାନେ ଏମାନଙ୍କୁ ମାରି ମଧ୍ୟ ଦେଇପାରନ୍ତି ।

କାହିଁ କେଉଁଠି କିଛି ସାହାର୍ଯ୍ୟ ମିଳିବାର ଆଶା ନାହିଁ । ପାଖ ଆଖରେ କିଛି ଦେଖା ବି ଯାଉନି । ମୋବାଇଲ କାମ କରୁନି । ଜି.ପି.ଏସ. ହିସାବରେ ପାଖରେ ବି.ଏସ.ଏଫ୍. ର କ୍ୟାମ୍ପ ନାହିଁ । ସେମାନେ ଯଦି ଆକ୍ରମଣ କରନ୍ତି ବଞ୍ଚିବାର ଆଶା ନାହିଁ। ସମସ୍ତଙ୍କ ହୃଦୟର ଗତି ବଢିଗଲା ।ତାରୁକ ତଳକୁ ଦୌଡିଆସି ଇଞ୍ଜିନ ସଜାଡିବାରେ ଲାଗିଗଲା । ଏପଟେ ଗୋଆସାବା ନଦୀ ଲାଗୁଥିଲା ସମୁଦ୍ରାପାଣିରେ ବଡବଡ ଢେଉ ଆସୁଥିଲା । ଢେଉଯୋଗୁ ତାରୁକର ବୋଟ ସେହି ଅଜଣା ବୋଟ ଆଡକୁ ଭାସି ଯାଉଥିଲା । ଯଦି ଏମାନଙ୍କର ବୋଟ ଷ୍ଟାର୍ଟ ନହୁଏ ଏମିତିବି ଏ ବୋଟ ସେହି ଅଜଣା ଲୋକମାନଙ୍କ ଆଡକୁ ଭାସି ଚାଲିଯିବ ।

ଜଣକ ପରେ ଜଣେ ବାଇନାକୁଲାର ନେଇ ସେହି ଅଜଣା ବୋଟକୁ ଲକ୍ଷ୍ୟ କରି ଚାଲୁଥିଲେ । ନିର୍ମଳ ଧାରାବିବରଣୀ ଦେଉଥିଲା । ସେ ବୋଟରେ କଣ ଘଟୁଛି ଇତ୍ୟାଦି । ସେ ଲୋକମାନେ କେମିତି ବସିଛନ୍ତି । କଣ ପିନ୍ଧିଛନ୍ତି ଇତ୍ୟାଦି ।

ସେପଟେ ଦୂର ବୋଟରେ କିଛି ହଲଚଲ ହେଲା ଭଳି ଲାଗିଲା । ସେମାନେ ନିଶ୍ଚିତ ଭାବେ ତାରୁକର ଠିଆ ହୋଇଥିବା ବୋଟକୁ ଲକ୍ଷ୍ୟ କରିଥିବେ । ସେପଟେ ବୋଟ ଚାଲିଲା ଭଳି ଲାଗୁ ନଥିଲା । ପାଣି ଭିତରେ, ଅଜଣା ଯାଗାରେ ଜଳଦସ୍ୟୁଙ୍କୁ ଭେଟିବା ନିଶ୍ଚିତ ଭାବେ ଭୟଙ୍କର ହେବ । ସେମାନଙ୍କ ବୋଟ ତାରୁକର ବୋଟଠାରୁ ଜୋରରେ ଚାଲିବ । ସେମାନେ ସମସ୍ତଙ୍କୁ ମାରି ଦେଇ ପାରନ୍ତି ବା ବନ୍ଦୀ ବନାଇପାରନ୍ତି । ପାଖରୁ ସବୁକିଛି ଛଡେଇ ନେଇପାରନ୍ତି । କଣ ହେଲା କେହି କେବେ ଜାଣି ପାରିବେ ନାହିଁ । ତାରୁକ କିଛି ଆଉ ଭାବି ପାରୁନଥିଲା । ସେ ଥରି ଯାଉଥିଲା ।

ସମସ୍ତଙ୍କ ଲୋମ ଭୟରେ ଟାଙ୍କୁରି ଉଠିଲା । ଏବେ ସପନବାବୁ, ପାଓଲି, ଦେବଶ୍ରୀ ଆଉ ଅରିନ୍ଦମ ଡର କଣ ବୁଝି ପାରିଲେ । ଅଜଣା ଅଶୁଣା ଯାଗାରେ ପ୍ରାଣ ହାରିବା କଥା ସେମାନେ ଭାବି ପାରୁ ନଥିଲେ । ଏକ ଖୋଲା କୋଠରି ଭିତରେ ଭୟ ବିଷୟରେ କହିବା ସହଜ । ଏମିତି ହେଲେ କାହାକୁ ଶଙ୍କାଲାଗିବ ନାହିଁ । କିଛି ଲୋମକୂପ ରୋମାଞ୍ଚିତ ହେବନାହିଁ । ହୃଦୟର ଗତି ତୀବ୍ର ହେବନାହିଁ । କିନ୍ତୁ ଅଜଣା ଯାଗାରେ ଅସହାୟ ହୋଇଗଲେ ଭୟ କଣ ତାହା ସହଜରେ ବୁଝିହୁଏ । ହୃତପିଣ୍ଡର ହାତୁଡି ପିଟା ଶବ୍ଦଟା ସ୍ପଷ୍ଟ ଜଣାପଡେ ।

ସମୁଦ୍ର ଆଉ ଅଳ୍ପ କେଇ କିଲୋମିଟର ଦୂରରେ । ଖୋଲାନଦୀ ଦେଇ ପବନ ଜୋରରେ ବୋହିଆସୁଥିଲା । ଇଞ୍ଜିନ ନଚାଲିଲେ ବୋଟ ସେପଟକୁ ଡଡି ହୋଇଯିବ । ବେଶି ହେଲେ ଅଧଘଣ୍ଟା ବା ଘଣ୍ଟାଏ । ସେପଟେ କିଏ ଅପେକ୍ଷା କରୁଛି ଜଣା ନାହିଁ । ବାଘଠାରୁ ମଣିଷର ଭୟ ଅଧିକ ଭୟାନକ । ବାଘ ଆକ୍ରମଣ କରି ଥରକରେ ମାରିଦେଇ ପାରେ । କିନ୍ତୁ ମଣିଷ ବାଘ ଠାରୁ ଅଧିକ କ୍ରୁର । ମଣିଷ ମନର କିଛି ଠିକଣା ନାହିଁ । ମଣିଷ ମରଣଠାରୁ ଅଧିକ ଯନ୍ତ୍ରଣା ଦେବ ଆଉ ଧୀରେଧୀରେ କରି ମାରିବ ।

ଏବେ ସମସ୍ତେ ଜାଣିପାରୁଥିଲେ ମଣିଷର ଭୟ କେତେ ବଡ଼ । ସମସ୍ତେ ଭିତରେ ଭିତରେ ଥରିଗଲେ । ଅରିନ୍ଦମ ଜଲଦି ଜଲଦି ବୋଟକୁ ଠିକ କରାଇବା ପାଇଁ ଡାକ ପକାଉଥିଲେ ।

ଦେବଶ୍ରୀ କଣ ପାଇଁ ଏ ରାସ୍ତାରେ ଆସିଲେ ବୋଲି ନିଜର ଭାଗ୍ୟକୁ ନିନ୍ଦିବାକୁ ଆରମ୍ଭ କରୁଥିଲେ । ପାଓଲି ପାଣିକୁ ଅନାଇଥିଲେ । ସେ ନିଜକୁ ଶାନ୍ତ ରଖିବା ପାଇଁ ଚେଷ୍ଟା କରୁଥିଲେ । ତାଙ୍କରି ପାଇଁ ଅନ୍ୟ ବନ୍ଧୁମାନେ ଏତେ ଭିତରକୁ ଆସିଛନ୍ତି । ସେ ବ୍ୟସ୍ତହେଲେ ଅନ୍ୟମାନେ ବିଚଳିତ ହୋଇପଡିବେ । ସପନବାବୁଙ୍କ ଆଖି ସେ ଲୋକମାନଙ୍କ ବୋଟ ଉପରେ ଅଠାଭଳି ଲାଗିଥିଲା ।

ଏ ଭିତରେ ଅଧଘଣ୍ଟା ବିତିଗଲା । ଦିନ ବାରଟା । ସୂର୍ଯ୍ୟ ଠିକ ଉପରେ ଥିଲା । ପାଣି ନାଚୁଥିଲା ।ପାଣିରେ ସୂର୍ଯ୍ୟ ନାଚୁଥିଲା । ପବନରେ ବୋଟ ନାଚୁଥିଲା । ଦୂରର ଜଙ୍ଗଲ ଝାପସା ଦେଖା ଯାଉଥିଲା ।ସମସ୍ତେ ଅଣନିଃଶ୍ୱାସୀ ଅନୁଭବ କରୁଥିଲେ । ବାହାରେ ପବନ ଜୋରରେ ବୋହୁଥିଲା । ଖୋଲା ପବନ । ପବନ ପ୍ରଦୂଷଣ ରହିତ । କିନ୍ତୁ ଡରରେ ଭରିଥିବା ପବନ ଛାତିକୁ ରୁନ୍ଧି ଦେଉଥିଲା । ମନଟା ପତଳା ଡାଳ ହନୁମାଙ୍କଡର ଓଜନରେ ନଇଁଗଲା ଭଳି ଏକଦମ ତଳୁଆ ହୋଇଯାଇଥିଲା ।

ଭାଗ୍ୟକୁ କିଛି ସମୟପରେ ଇଞ୍ଜିନ ଗର୍ଜ୍ଜନ କରି ଉଠିଲା । ମେଞ୍ଚାଏ କଳା ଧୂଆଁ ଆକାଶକୁ ଉଠିଗଲା । ବୋଟ ଜୋରରେ ଆଗକୁ ଗଲିଲା । ତାରୁକ ଅପେକ୍ଷା ନକରି ଇଞ୍ଜିନକୁ ଜୋରରେ ଚଲାଉଥିଲା । ଦୂରର ବୋଟରେ କିଛିହଲଚଲ ଦେଖା ଯାଉଥିଲା । ସେହି ଲୋକମାନେ ଲକ୍ଷ୍ୟ କରୁଛନ୍ତି । ଯାହାହେଉ ସେମାନେ କିଛି କଲେନି । ଦୁଇ ବୋଟ ଭିତରେ ଭିତରେ ଦୂରତା ଅଧ କିଲୋମିଟରୁ ଅଧିକା । ଜଳଦସ୍ୟୁ ହୋଇଥିଲେ ବି ତାରୁକ ବୋଟ ପାଖରେ ପହଞ୍ଚିବାକୁ ସମୟ ଲାଗିବ । ଏ ଭିତରେ ତାରୁକ କିଛି ସୁବିଧା ଯାଗାରେ ପହଁଚି ଯିବ । ବୋଟ ନଗଲିଥିଲେ କଥାଟା ଅଲଗା ହୋଇଥାନ୍ତା ।

ସପନବାବୁ ଏକ ସହଜ ନିଃଶ୍ୱାସ ନେଲେ । ଦେବଶ୍ରୀ ଆଉ ଅରିନ୍ଦମ ଏକ ଧ୍ୟାନରେ ସେ ବୋଟକୁ ଅନାଇ ରହିଥିଲେ । ଆଉ ତାରୁକର ବୋଟ ପୂର୍ବ ଗତିରେ ଗର୍ଜ୍ଜନ କରି ଗଲୁଥିଲା। ଆଉ ପାଣିରେ ଟିକେ ଅଟକି ଆଉ କିଛି ଆଲୋଚନା କରିବା ପାଇଁ କାହାର ମନେ ପଡୁନଥିଲା ।

ଏ ଭିତରେ ସେମାନେ ସେହି ବୋଟଠାରୁ ଅନେକ ଦୂର ଆସିଗଲେଣି । ଆଉ ସେ ବୋଟଟା ଦେଖାଯାଉନି । ଏପଟ ଅନେକ ନିରାପଦ । ଓଃ କି ଦୁଃସମୟ ଥିଲା । ସମସ୍ତେ ଶାନ୍ତିରେ ନିଃଶ୍ୱାସ ନେଉଥିଲେ । ଜଙ୍ଗଲର ସୁନ୍ଦରତା ସେମାନଙ୍କ ମନକୁ ଛୁଉଁଥିଲା । ଆଗରେ

ବିପଦଥିଲେ ଦୁନିଆ ଯେତେ ସୁନ୍ଦର ହେଲେ ସେହି ସୁନ୍ଦରତାକୁ ଉପଭୋଗ କରାଯାଇନପାରେ । ଜୀବନ ବଞ୍ଚାଇବାକୁ ସମସ୍ତେ ପ୍ରଥମେ ଭାବନ୍ତି । ଜୀବନ ଥିଲେ ପରେ ସୁନ୍ଦରତାକୁ ଉପଭୋଗ କରାଯିବ ।

ଏକ ପକ୍ଷୀ ପାଣିରେ ଭାସୁଥିଲା । ସେ ଛୋଟ ପାଉଁଶିଆ ରଙ୍ଗର ପକ୍ଷୀ ଲାଗୁଥିଲା ଯେମିତି ଏକ ଛୋଟ ବତକ । ମୋଟା ବେକ, ଛୋଟ ଶରୀର । ଏ ପକ୍ଷୀଟା ଛୋଟ ଛୋଟ କଙ୍କଡ଼ା ଧରିବାରେ ଓସ୍ତାଦ୍ । ପକ୍ଷୀଟା ଖୁବ୍ ଜୋର୍‌ରେ ସେ କାଦୁଅ ମାଟି ଉପରେ ଗ୍ଭଲିଗଲା । ଆଉ ଏକ କଙ୍କଡ଼ାକୁ ଧରିନେଲା । ଏହାର ଚଞ୍ଚୁଟା ହଲଦିଆ । ବେକକୁ ଟିକଏ ହଲାଇଦେଲା । ଥଣ୍ଟ ଭିତରେ କଙ୍କଡ଼ାଟି ଏହା ଭିତରେ ମରିଯାଇଥାଏ । ପକ୍ଷୀଟି ସଙ୍ଗେ ସଙ୍ଗେ ସେ ଛୋଟ କଙ୍କଡ଼ାକୁ ଗିଳଦେଲା । ଏହା ବେକଟି ଲମ୍ବା ହୋଇଗଲା । ପକ୍ଷୀଟି ଟିକଏ ବୁଲିଗଲା । ତା'ପରେ ଆଉ ଏକ ନୂଆ ଶିକାର ଖୋଜିବୁଲୁଥିଲା ।

ଭଟ୍ଟାର ସମୟ । ଗଛର ଗୋଟିଏ ଡାଳ ପାଣି ଉପରକୁ ନଇଁ ଆସିଥିଲା । ତଳ ପତ୍ର ଗୁଡ଼ାରେ ଟିକଏ କାଦୁଅ ଲାଗିରହିଥିଲା । ଭଟ୍ଟା ଯୋଗୁଁ ସେ କାଦୁଆ ପତ୍ରଗୁଡ଼ିକ ଦେଖାଯାଉଥିଲା । କାଦୁଆଚଡ଼ାରେ ପ୍ରାୟ ପାଣି ଶୁଖିଗଲାଣି । ଲାଗୁଥିଲା ଯେମିତି ଗୋଟିଏ ଭଲ ଗାଧୁଆ ପରେ ସେ କାଦୁଆଚଡ଼ାଟି କିଏ ପୋଛି ସଫା କରିଦେଇଛି । ପାଳ ରଙ୍ଗର ଶ୍ୱାସମୂଳ ଗୁଡ଼ିକ କାଦୁଆଚଡ଼ାରେ ଭରିଯାଇଥିଲା । ଗଛ ଗୁଡ଼ିକ ଅବଶ୍ୟ ଟିକଏ ଦୂରରେ ଥିଲା । ଯେଉଁଠି ବି ଟିକଏ ଖାଲି ଜମି ଥିଲା ସେଥିରେ ପେନ୍‌ସିଲି ଭଳଆ ମୂନ ସବୁ ଉପରକୁ ଉଠିଆସିଥିଲା । ତା' ଭିତରେ କେତେଟା ମାଙ୍କଡ଼ ଚେରମୂଳ ଖୋଜିବାରେ ବ୍ୟସ୍ତ ଥିଲେ ।

ଗୋଟିଏ ମାଙ୍କଡ଼ ପାଣି ପାଖକୁ ଆସିଗଲା । ଆଉ ସେଇଠି ଏକ ନରମ ମୂଳକୁ ତାଡ଼ି ଉପାଡ଼ିଦେଲା । ଏଠି କାଦୁଅ ଖୁବ୍ ନରମ ଆଉ ପତଳା କାଦୁଅ । ମାଙ୍କଡ଼ଟି ସେ କାଦୁଅରେ ବସିଯାଇ ମୂଳକୁ ଧୋଇବାକୁ ଲାଗିଗଲା । ତା' ହାତଟି ପାଣିରେ ଖୁବ୍ ଜୋର୍‌ରେ ଏପଟେ ସେପଟ ହେଉଥିଲା । ଏକ ଧଳା ପେନ୍‌ସିଲ୍ ଭଳଆ ଶ୍ୱାସମୂଳଟି ତା' ହାତରେ ଥାଏ । ତା'ପରେ ସେ ମୂଳଟିକୁ ନଜ ମୁହଁକୁ ନେଇଗଲା । ଟିକଏ କାଦୁଅ ଲାଗିଛି ପୁଣି ବାହାରକରି ମୂଳଟିକୁ ଧୋଇଦେଲା । ସେହି ପାଣିର ଧାରରେ ମାଙ୍କଡ଼ଟି ମୂଳଟିକୁ ଧୀରେ ଧୀରେ ଖାଇବାକୁ ଲାଗିଗଲା । ତା'ର ଛୋଟ ଛୁଆଟି ପାଣିର ପାଖରେ ରହି ମା'କୁ ଭଲ ଭାବରେ ଲକ୍ଷ୍ୟ କରୁଥିଲା । ସେ ପାଣିର ଧାରକୁ ଆସିଲା । ଛୁଆଟି ମା' ଭଳଆ କୂଳକୁ

ଯିବାକୁ ଗ୍ଭହୁଁଥିଲା । ସେ ପାଣିର ପାଖରେ ଆସି ଏମିତିଆ ମୂଳକୁ ଖୋଜିଲା । ତା'ପରେ ହାତରେ ଜୋର୍‌ରେ ସେ ମୂଳକୁ ଟାଣିଆଣିଲା । ତା' ହାତଟି କାଦୁଅ ଭିତରେ କାନ୍ଧ ପର୍ଯ୍ୟନ୍ତ ପ୍ରାୟ ପଶିଗଲା । ଏ ମାଙ୍କଡ଼ ଛୁଆଟି ମୂଳ ତାଡ଼ିବାରେ ବ୍ୟସ୍ତ ହୋଇଯାଇଥିଲା । ସେଇଠୁ ଗୋଟିଏ ନରମ ମୂଳକୁ ସେ ଖୋଜି ଧରିଲା ଆଉ ତା'କୁ ଟାଣି ଆଣିଲା । ତା'ପରେ ପାଣି ଧାରକୁ ଯାଇ ଦି' ହାତରେ ସେ ମୂଳକୁ ସଫା କରିବାକୁ ଲାଗିଗଲା । ତା' ହାତଟା ଖୁବ୍‌ଜୋର୍‌ରେ ଏପଟ ସେପଟ ହେଉଥାଏ । ଆଖିଟା ସେ ମୂଳ ଉପରେ ଲାଗିଥାଏ । ଥରେ ମୂଳ ସଫା ହୋଇଗଲା ପରେ ଏ ଛୋଟ ଛୁଆ ମାଙ୍କଡଟି ସେହି ପାଣି ଧାରରେ ତା'କୁ ଖାଇବାକୁ ଲାଗିଲା । ପାଟିରେ ସେହି ମୂଳ ଭରିଯାଇଥାଏ । କିଛି ଗ୍ଭେବାଇବା ପରେ ସେ ମୂଳକୁ ଫୋପାଡ଼ିଦେଲା ଓ ପାଣି ପିଇବାକୁ ଲାଗିଲା । ଏମିତି ମାଙ୍କଡ଼ର ଦଳ କାଦୁଆଚଡ଼ାରୁ ମୂଳ ସବୁ ଖୋଜିବୁଲୁଥିଲେ ଆଉ ମୂଳ ଖାଉଥିଲେ । କିଛି ସମୟ ପରେ ସେମାନେ କାଦୁଆଚଡ଼ା ଛାଡ଼ି ଗ୍ଭଲିଗଲେ । କାଦୁଆଚଡ଼ାରେ ଏକଦମ୍ ଶାନ୍ତି ଫେରିଆସିଲା ।

## ବାଘଭୟ

ପରଦିନ ଦିନସାରା ବୋଟ ଛୋଟ ନାଳ ବା ଉପନଦୀରେ ଗ୍ଭଲିଲା । ସୁନ୍ଦରବନଟାରେ ସବୁଆଡେ ନାଳ ବା ନଈ । ଜାଲ ଭଳି ଛନ୍ଦି ହୋଇଯାଇଛି । ଥରେ ପଶିଗଲେ ନ ଜାଣିଥିଲେ ବାହାରିବା ପ୍ରାୟ ଅସମ୍ଭବ । ହଠାତ୍ ନାଳଟା ଏକ ନଈକୁ ଆସି ଛୁଇଁ ଯାଏ । ତାପରେ ପାଣି ଖୁବ ଗୋଳଆ ହୋଇଯାଏ । ଜୁଆର ଯେମିତି ମାଡି ଆସିଲା ଭଳିଆ ଲାଗେ। ଭରା ପାଣିରେ ଛୋଟ ବୋଟ ଗୁଡାକ କେମିତି ହଲି ଯାଆନ୍ତି । ବେଳେ ବେଳେ ପବନ ଟିକିଏ ହେଲେ ସମ୍ଭାଳିବା କଷ୍ଟ ହୋଇପଡେ । ପତଳା ଉପନଦୀରେ ବୋଟ ବହୁତ ବେଳ ହେଲା ଗ୍ଭଲିଥିଲା ।

ସେମିତି ପାଣିରେ ବିଶେଷ କିଛି ଘଟିଲା ନାହିଁ । ଭଟ୍ଟାରେ ଉପନଦୀରେ ଯାଇ ହେଉଥିଲା ।

ଲମ୍ବା ଯାତ୍ରାରେ ସୁନ୍ଦରବନରେ ଜଙ୍ଗଲର ରୂପ ପ୍ରତି ମୁହୂର୍ତ୍ତରେ ବଦଳ ଯାଉଥିଲା । ଲୁଣା ଜଙ୍ଗଲ ଭିତରଟା ବେଶ ଘଞ୍ଚ । ଅନ୍ୟ ଜଙ୍ଗଲ ଏତେ ଘଞ୍ଚ ନୁହେଁ । ଏସବୁ ଜଙ୍ଗଲରେ ଯାତାୟତ କରିବା ବହୁତ କଷ୍ଟ । ସବୁଆଡେ ରକମ ରକମର ଚେର ବାହାରକୁ ବାହାରି ଆସିଛି । କିଛି ଗଛକୁ ଟେକ ଧରିଲା ପରି ଟେକ ରଖିଛନ୍ତି । ଆଶ୍ଚର୍ଯ୍ୟର କଥା । କିଛି ଚେର ତ ଖୁବ ଶକ୍ତ । ସେଥିରେ ଛନ୍ଦି ହୋଇ ଜଣେ ପଡିଯିବ । ଏହି ଚେର ଗୁଡାକ ପାଇଁ

ଲୁଣା ଜଙ୍ଗଲରେ ବୁଲି କରି ଯିବା ମୋଟେ ସହଜ ନୁହେଁ । ତା' ଛଡା ଏ ଜଙ୍ଗଲରେ ଭୀଷଣ ବିଷାକ୍ତ ସାପ, ବାଘ ଇତ୍ୟାଦି ଭରି ରହିଛନ୍ତି । ସବୁବେଳେ ସାବଧାନ ହେବା ଆବଶ୍ୟକ ।

ଅନେକ ପ୍ରଜାରର ପକ୍ଷୀ ଅଲଗା ଅଲଗା ଯାଗାରେ ଥିଲେ । ଏ ସବୁ ଜଙ୍ଗଲରେ ଦଳ ଦଳ ହୋଇ ପକ୍ଷୀ ଦେଖା ଯାଆନ୍ତି ନାହିଁ । କନ୍ତୁ ଅନେକ ପକ୍ଷୀ ଅଛନ୍ତି । ଭିନ୍ନ ଭିନ୍ନ ଆକାରର ମାଛରଙ୍କା ଚଢେଇ ବହୁତ ଅଛନ୍ତି । ସେ ଚଢେଇ ଗୁଡାକ ପାଖକୁ ଆସି ଉଡି ଚାଲିଯାଉଥିଲେ । ଗୋଟିଏ ଛୋଟ ମାଛରଙ୍କା ଚଢେଇ ବହୁତ ସମୟ ଧରି ଗୋଟିଏ ଯାଗାରେ ହେଲିକପ୍ଟର ରହିଲା ଭଳ ପବନରେ ରହିଥିଲା । ତା'ର ଛୋଟ ଡେଣା ଜୋରରେ ହଲୁଥଲା, ମୁଣ୍ଡ ତଳୁଆ ହୋଇଯାଇଥିଲା । ଏମିତିଆ ମଜାଳଆ ପକ୍ଷୀମାନଙ୍କୁ ଦେଖିବାକୁ ଭଲ ଲାଗୁଥିଲା ।

ଏହା ଭିତରେ ପାଣି ଧୀରେଧୀରେ ଶୁଖି ଆସିଲା । ଭଟ୍ଟା ଜୋରରେ ପଡିଥିଲା । ଏକ ଛୋଟ ନଦୀ ଭିତରେ ପାଣି ଶୁଖିଯାଉଥିଲା । ବୋଟ କଛି ଦୂର ଯାଇ ପାରିଲା । ତେଣିକ ଆଉ ପାଣି ନାହିଁ । କାତ ମାରି ବି ଆଗକୁ ଯିବା ସମ୍ଭବ ନୁହେଁ । ସେପଟେ କାଦୁଆ କୂଳରେ ଗୋଟିଏ ବିଶାଳ ପକ୍ଷୀ ଏକୁଟିଆ ଚରୁଥିଲା । ଖୁବ ଲମ୍ବା ଗୋଡ । ଲମ୍ବା ବେକ ଆଉ ଅସ୍ୱାଭାବିକ ଭାବେ ମୋଟା ଥଣ୍ଟ । ପକ୍ଷୀଟା କନ୍ତୁ ଗେଣ୍ଡାଳଆ ନଥିଲା । ଗେଣ୍ଡାଳଆ ପକ୍ଷୀର ଥଣ୍ଟ ମଝିରେ କଛି ଖୋଲା ଯାଗା ଅଛି । ସେଇଥିପାଇଁ ତା'କୁ ଓପନ ବିଲଡ ଷ୍ଟର୍କ କୁହାଯାଏ । ଷ୍ଟର୍କ ଜାତିର କଛି ପକ୍ଷୀ । ଜାଣି ହେଲା ନାହିଁ । ବାଇନାକୁଲାରରେ ମଧ୍ୟ ବାରି ହେଉ ନଥିଲା । ବୋଟ ଟିକେ ପାଖେଇବାରୁ ପକ୍ଷୀଟି ବିରାଟ ଡେଣା ଖୋଲି ଉଡି ଚାଲିଗଲା ଆଉ ଗଛ ଉହାଳରେ କେଉଁଆଡେ ଲୁଚଗଲା ।

ଏମିତି କଛି ସ୍ୱାଭାବିକ ଆଉ ଅସ୍ୱାଭାବିକ ପକ୍ଷୀମାନଙ୍କୁ ଦେଖି ସମୟ ବିତିଯାଉଥିଲା ।

ହରିଣଭଙ୍ଗା ନଦୀଟା ଅଳ୍ପ ଦୂରରେ ଥିଲା । ସେ ନଦୀ ବହୁତ ଚଉଡା, ପ୍ରାୟ କିଲୋମିଟର ଚଉଡା । ଏ କୂଳରୁ ସେକୂଳ ଯାଏଁ ଦେଖା ଯାଉନ । ସେମିତି ନଦୀରେ ରାତିରେ ଲଙ୍ଗର ପକାଇ ହେବନ । ଏକ ଶାଖା ନଦୀରେ ଲଙ୍ଗର ପକାଗଲା । ଆଜି ପର୍ଯ୍ୟନ୍ତ କଛି ଘଟିନ । ବୋଟରେ ସମସ୍ତେ ନଶ୍ଚିତ ଥିଲେ । ଏତେ ଲମ୍ବା ଯାତ୍ରା ପରେ ସମସ୍ତେ ଥକ ଯାଇଥିଲେ । ଖାଇବାଟା ଶିଘ୍ର ହେବ । ସମସ୍ତେ ନଜ ନଜ ଯାଗାକୁ ଚାଲିଗଲେ ।

ସେ ରାତିରେ କିନ୍ତୁ ବହୁତ କିଛି ଜଲଦି ଜଲଦି ଘଟିଗଲା ।

ପାଓଲି ଆଉ ଅନ୍ୟମାନେ ଅଳ୍ପ ସମୟ ହେଲା ତଳକୁ ଯାଇଥିଲେ । ହରିଣଭଙ୍ଗା ନଦୀ ମୁହାଣରୁ ବୋଟ କିଛି ଶହ ଫୁଟ ଭିତରେ ଥିଲା । ଜୁଆର ସିଧା ମାଡ ହେବନାହିଁ । ଆଉ ଲଙ୍ଗର ବାନ୍ଧିବା ସହଜ ହେବ । ବୋଟଟା ଛୋଟ ନଦୀ ମଝିରେ ଥିଲା । ପାଣିରେ ନଦୀଟା ଫୁଲୁଥିଲା । କିଛି ଡରିବାର ନଥିଲା ।କିନ୍ତୁ କଥାଟା ଠିକ ଓଲଟା ହୋଇଗଲା ।

ଉପର ଡେକରେ ଗୋବିନ୍ଦ ଆଉ ନିର୍ମଳ ବସିଥିଲେ । ସେମାନେ ସେମିତି ଗପସପ କରୁଥିଲେ । ଖାଇବା ସମୟ ୮ଟାରୁ ଆରମ୍ଭ ହେବ । ବାହାରେ ଥଣ୍ଡା ପବନ । ସୁଲୁ ସୁଲିଆ ଥଣ୍ଡା ପବନରେ ଦେହ କମ୍ପି ଯାଉଥିଲା । ଦିନସାରା ଇଞ୍ଜିନ ରୁମରେ ବସିଥିବା ହେତୁ ଗୋବିନ୍ଦକୁ ଖୋଲା ପବନ ଭଲ ଲାଗୁଥିଲା । ଇଞ୍ଜିନ ଭିତରେ ବହୁତ ସମୟ ବସିଲେ ଘଡଘଡ ଶବ୍ଦରେ କାନ ତାବଦା ହୋଇଯାଏ । ମନ ଟିକିଏ ଖୋଲା ପବନ ଆଉ ଖୋଲା ପରିବେଶ ଚାହେଁ । ସେମିତି ବସିବାକୁ ଦୁହିଁକୁ ଭଲ ଲାଗୁଥିଲା । କହିବାକୁ ଗଲେ ଜଣେ ଜଣଙ୍କୁ ସବୁବେଳେ ଚଡାନ୍ତି । ସେମାନଙ୍କ ଭିତରେ ଅନ୍ୟଥା ଭଲ ଦୋସ୍ତି ଥାଏ । ପାଖରେ କିଏ ନଥିଲେ ଜଣେ ତ ଆଉ ଜଣକ ସହ ଲାଗିବ । ମଣିଷର ପ୍ରକୃତି ।

ହଠାତ୍ ବୋଟ ପଛପଟେ କିଛି ପଡିବାର ଶବ୍ଦ ଆସିଲା । କିଏ ଯେମିତି ପାଣିରେ ଲମ୍ଫ ଦେଲା । ପାଖରେ ଟର୍ଚ୍ଚ ଥିଲା । ସୁନ୍ଦରବନର ପାଣିରେ ଭୁସଭୁସ ଶବ୍ଦ ହେଉଛି ବିପଦ । କିଏ ପାଣିରେ ଖସି ପଡିଲାନତ । ନଦୀର ଡଲଫିନ ଏମିତି ଜୋରରେ ବାଡେଇ ହେବନ । ଡଲଫିନ ବା ଶିଶୁମାର ପାଣିରେ ଫଳମାରେ । ବଡ଼ ମାଛ ଫଳ ମାରନ୍ତି । କିନ୍ତୁ ଭୁଷକରି ଶବ୍ଦ ହେବ କଥା ନୁହେଁ ।

କିଏ କଣ ପାଣିରେ ଖସି ପଡିଲା । ସ୍ରୁହୁଁ ସ୍ରୁହୁଁ ପାଣିରେ ଭାସିଯିବ । ଗୋବିନ୍ଦ ବ୍ୟସ୍ତ ହୋଇ ଟର୍ଚ୍ଚ ପକାଇଲା । ଏକ ଲମ୍ବା ଧଳା ରସି ପାଣି ଉପରକୁ ଛୁଇଁଗଲା ।

ସେ ଚମକି ପଡିଲା ଆଉ ତା' ପାଟି ଖନ୍ନ ମାରିଗଲା । ସେ କେବଳ ବା' ବା' କରୁଥିଲା ।

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

# ବସନ୍ତ ଆସିଛି ଫଗୁଣ ନେଇ



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ଥିରିଥିରି ବହେ ବସନ୍ତ ପବନ
ଛୁପି ଛୁପି ଆସେ ଧରାକୁ ଫଗୁଣ
ଶୁଭିଲାଣି କାନେ କୋଇଲିର ଗାନ
ଖୁସିଲାଗେ ଶୁଣି ତାହାର ସେ ତାନ ॥

ଆମ୍ରକାନନେ ଶୋଭିତ ବଉଳ ପୁଣି
ଚଉଦିଗ ଯାକ ହଳଦୀ ରଙ୍ଗେ କରିଛି ଛାଉଣୀ
ବାସରେ ଆଣଇ ଅପୂର୍ବ ମହକ
ସଭିଁଙ୍କ ହୃଦୟେ ଭରେ ଅସୀମ ପୁଲକ ॥

ବସନ୍ତ ଆସିଛି ଶ୍ରୀପଞ୍ଚମୀ ନେଇ
ମା ବାଗ୍ଦେବୀଙ୍କ ପୂଜନ ପାଇଁ
କ୍ଷେତରେ ସୋରିଷ ଫୁଲର ରଙ୍ଗ
ହୃଦେ ସୃଷ୍ଟି କରେ ଖୁସି ତରଙ୍ଗ ॥

ଫଗୁଣ ଆସିଛି ଧରାକୁ କେତେ ଆନନ୍ଦରେ
ସପ୍ତରଙ୍ଗର ଅବିରକୁ ଆଣିଛି ତା ସାଥୀରେ
ରଙ୍ଗ ଖେଳବାକୁ ଗୋବିନ୍ଦ ରାଇ
ବସନ୍ତି ବିମାନେ ସଜେଇ ହୋଇ ॥

ମଠସାହି, ତୁଳସିପୁର

# ବସନ୍ତ କହୁଛି



ନନ୍ଦିନୀ ରାଉତ

ମହୁଲ ବାସିଲା ବଉଳ ହସିଲା
କୋଇଲି ଡାକଲା କୁହୁ
ମନ ମତାଣିଆ ବସନ୍ତ ର ତାନ
ଝରୁଅଛି ସତେ ମହୁ.... 1

ଶୁଭ ଆଗମନେ ସୁନ୍ଦର ସ୍ୱପନେ
ଆସିଛି ସେ ଭାବ ନେଇ
ବସୁଧା କୁ ଆଜି ଧନ୍ୟ କରିଦିଏ
ମନ ପ୍ରାଣ ତାର ଦେଇ... 2

ଧରା ବକ୍ଷେ ଆଜି ଶୁଭ ଲଗନ ରେ
ପାଦପେ ପଲ୍ଲବେ ସାର
ମଧୁର ମୂର୍ଚ୍ଛନା ଶୁଭୁଛି ସର୍ବତ୍ର
ମହୀ ଦିଶେ କ ସୁନ୍ଦର?.. 3

ସଡ଼କ ଧାର ରେ ସବୁଜ ସୁନ୍ଦର
ପାଦପ ହୋଇଛି ଠିଆ
ପଥିକ ମାନଙ୍କୁ ଛାଇ ଟିକେ ଦେଇ
କେତେ ଖୁସି ପାଏ ଆହାଃ.... 4

ପର ଉପକାର ପାଇଁ ଏ ଜୀବନ
ସମୀର ଯାଉଛି କହି
ମଳୟ ଆଗମେ କର୍ମ ଜୟଗାନ
ଯାଉଅଛି ଗାଇ ଗାଇ .... 5

ସରିତ ଝରୁଛି ଦିବାନଶି ଏଠି
ପର ଉପକାର ପାଇଁ
ବୃକ୍ଷ ଟି ଦେଉଛି ସୁଶୀତଳ ଛାଇ
କେବେ ଭୁଲି ଯାଉ ନାହିଁ... 6

ମାନବ ଜୀବନ ଧନ୍ୟ ହୋଇଯିବ
ପର ଉପକାର କର
ବସନ୍ତ କହୁଛି ଏହି କଥା ଗୋଟି
ଶୁଣ ଆହେ ନାରୀ ନର..... 7

ବାଲିପଙ୍ଗା, ଅନୁଗୁଳ

# ଜୀବନ ଯୁଦ୍ଧ




ଡ. ପ୍ରସନ୍ନ କୁମାର ବଳ

ମାନବ ଜୀବନ ସଂଗ୍ରାମମୟ ଜନ୍ମେ କୁଆଁ କୁଆଁ କାନ୍ଦେ,
ଯେବେ ବଡ ହୁଏ ବାଲ୍ୟକାଳଠାରୁ ନ ପଢିବା ବାଟ ଫନ୍ଦେ ।୧।
ଆଉ ଟିକେ ବଡ ହୋଇଗଲ୍ ପରେ କଟୁଚକ୍ରୀ ହୋଇଯାଏ,
ମା ବାପାଙ୍କର ଅନାବିଳ ସ୍ନେହ ସହଜରେ ଭୁଲିଯାଏ ।୨।
ଶ୍ରମିକଟିଏ ତ ସାରାଦିନ ଖଟି ସଂସାର ଚଳାଉଥାଏ,
ବନ୍ଦ ବାନ୍ଦ ହେଲେ ଭାଗ୍ୟକୁ ଆଦରୀ ଉପାସରେ ରହିଯାଏ ।୩।
ରୋଗବାଗ ହେଲେ ଭାଗ୍ୟକୁ ଆଦରୀ ଘରେ ପୁଣି ପଡିଥାଏ,
ଭଗବାନ କୃପା ହୋଇପାରେ ଯଦି ଆପେ ଭଲ ହୋଇଯାଏ ।୪।
ଛାତ୍ରଟିଏ ପୁଣି ଦିନରାତି ଖଟି ପାଠ ପଢିଥାଏ ସତେ,
ଚାକିରୀ ଆଶାରେ ବାରଦାଣ୍ଡ ବୁଲେ ହୋଇ ବିଚଳିତ ମତେ ।୫।
ଚାକିରୀଆଟି ତ ଚାକିରୀ କରୁଛି ତା ଘର ସଂସାର ପାଇଁ,
ଏ ମହଙ୍ଗା ଯୁଗେ କେତେ ବା ମିଳୁଛି ଦୁଃଖଟା ତ ସରୁନାହିଁ ।୬।
ସୈନକଟିଏ ତ ଦେଶ ସେବା କରେ ସୀମା ପାଶେ ପାଶେ ରହି,
ଜାଣେନା ଜୀବନ କେବେ ଚାଲିଯିବ ଆହା କରିବାକୁ ନାହିଁ ।୭।
କୃଷକ ଜଣକ ଚାଷ କରିଥାଏ ଖରାବର୍ଷା ସବୁ ଖାଇ,
ବନ୍ୟା ଓ ମରୁଡି ସବୁ ପୋଛି ନିଏ ଦୟା ସତେ କିଛି ନାହିଁ ।୮।
ଏ ଜୀବନ ଏକ ଯୁଦ୍ଧକ୍ଷେତ୍ର ସତେ ସହଜରେ ନଅନାହିଁ,
କର୍ମ କରିଯାଅ ଆଶାକୁ ନରଖି ଅନ୍ୟ କିଛି ଚାରା ନାହିଁ ।୯।
ଜୀବନ ଯୌବନ ସବୁ କ୍ଷଣସ୍ଥାୟୀ ମିଛ ମାୟା ଏ ସଂସାର,
ଜୀବନ ଯୁଦ୍ଧରେ ଜିତିବାକୁ ହେଲେ ପରୋପକାର ହିଁ ସାର ।୧୦।

ଉପ ମହାପ୍ରବନ୍ଧକ,
ପଞ୍ଜାବ ନେସନାଲ୍ ବ୍ୟାଙ୍କ, କୋଲକତା

# ମାନସିକ ଦେବାଳଆପଣ



ଧରମ ଦୁବେ



ସନାତନ ମହାକୁଡ

ତୁମେ କେତେ ପ୍ରକାରେ
ଉସୁକାଇ ପାରେ ଯେ -
ତୁମେ
ମାନସିକ ରୂପେ
ଦେବାଳଆ ହୋଇଯାଇଛ
ଧନ ଲୁଟି
ଘରେ ନିଆଁ ଲଗାଇ
ଯେଉଁ ଡାଳରେ ବସ ସେଇ ଡାଳକୁ ହାଣି
ଭଙ୍ଗା ନାଆରେ ନଇ ପହଁରି
ଅବା ପୁଣି
ଜହ୍ନ ଉପରେ ଛେପ ପକାଇ ।

ବେରୁଆଁବାରୀ, ନୟାଗଡ, ଓଡିଶା

# କାଚ



ଆରତୀ ସାହୁ (ଆଶା)

କାଚ ନେବ କ ଗୋ  କାଚ । କାଚ ପିନ୍ଧବୁ କ ଗୋ ବୋହୁ ? ଭଲ  ନାଲ୍ ଟକଟକଆ କାଚ ଆଣିଛେଇଁ । ଔରଙ୍ଗାବାଦୀ କାଚ ।

କାଚୱାଣୀ ଝି ମାଆକୁ କାଚ ପିନ୍ଧେଇ ଦିଅନ୍ତି କହି କହି । ପୁରୁଣା କାଚ ତୁଟେଇ ଦିଅନ୍ତି । ମାଆ ଏକଛୁଟି ନୁଗା ପାଲଟି କାଚ ପିନ୍ଧେ । କାଚୱାଣୀ ଝି (ପିଇସୀ) ପଠାଣ ଘରର । ତେଣୁ ନୁଗା ପାଲଟି ପିନ୍ଧନ୍ତି ସମସ୍ତେ । ପିନ୍ଧି ସାରିଲ୍ ପରେ ମାଆ ଜୁହାର ହୁଏ ଭୁଇଁରେ ମୁଣ୍ଡ ଗାଡ଼ି,  ପାଦ ଛୁଇଁ ।

- ବୁଢ଼ୀ ହେଇଥା,  ପାଚଲ୍ ମୁଣ୍ଡରେ ସିନ୍ଦର ପିନ୍ଧ, କାଚ ସିନ୍ଦର ବଜ୍ର ହେଉ ।

- ଛୁଆ କାଚ ଆଣିଛ କଗୋ ନାନୀ, ଆମର୍ କୁନ ପିନ୍ଧତା ।

ମୁଁ ମଧ ଆଗଭର ହେଇ ବସିପଡେ । ଆମେ ସାନଛୁଆ । ନାବାଳକା, ତେଣୁ ଲୁଗା ପାଲଟିବା ଦରକାର ନାହିଁ ।

ଟିକ ଟିକ ନାଲି ନେଳ କାଚ ମୋତେ ଭି ପିନ୍ଧେଇ ଦିଅନ୍ତି ବିନା  ପଇସାରେ  । ତେଣିକ ମୋ କାଚ ମୋ ହାତରେ ଓଳଏ ରହୁ କ ଦିନେ ଦି ଦିନ । ମାଆ ପରି ମୋର କାଚ ବଜ୍ର ହେବାର ସମୟ ଆସି  ନଥିଲ୍ ସେତେବେଳେ  ? ସତରେ ମାଆ ଯେତେ କାମ କଲେ ବି ସେମିତି ବଜ୍ର ପରି ରହିଥାଏ କାଚ ତା ହାତରେ ମଳଛିଆ ହେବା ପର୍ଯ୍ୟନ୍ତ, ଛଅମାସ ବରଷେ । ପୁଣି ଝି ନଜେ ଆସନ୍ତି କମ୍ପା ଭଇ ଡାକ ଆଣେ ।

କେମିତି ଅପୂର୍ବ ସମ୍ପର୍କ, କ ଅଦ୍ଭୁତ ସମନ୍ୱୟ, କ ସହୃଦୟତା ? ଯେ ଯାହା ସ୍ଥାନରେ ଔଚିତ୍ୟ ଦର୍ଶେଇ କାମ କରି ଯାଆନ୍ତି । ମନ ଛୋଟ କରନ୍ତି ନାହିଁ । କେହି କାହାପ୍ରତି ଦୁର୍ଭାବନା ଆଣନ୍ତି ନାହିଁ । ପଠାଣ ସାହିରେ, ପଠାଣ ପଠାଣୁଣୀ ମାନେ ସୌଭାଗ୍ୟ ଦାୟକ, ସୌଭାଗ୍ୟ ଦାୟିନୀ । ତାଙ୍କରି ହାତରୁ କାଚ ସିନ୍ଦୁର ନାଇଲେ ଶ୍ରୀମନ୍ତିନୀ ହେବେ ଝିଅ ବୋହୂ ।

ସମାଜ ଏହାକୁ ହିଁ କୁହାଯାଏ ।

ଆମେ ଯେତେବେଳେ ମିଡିଲ ସ୍କୁଲରେ ପଢୁଥିଲୁ ହାତରେ କାଚ ନଥିଲେ ମହାନ୍ଦ୍ର ମାଷ୍ଟର ମଣିବନ୍ଧ ଗଣ୍ଠିକୁ ଛାଟରେ ପିଟୁଥିଲେ । ତେଣୁ ହାତରେ ଚୁଡ଼ି ଥିବା ନହାତି ଆବଶ୍ୟକ ଥିଲା। ତାପରେ ସମୟ ଆସିଲା,

ଏକ ହାତେ ଏଚଏମଟି ଘଡ଼ି
ଆରହାତେ ସୁନାଚୁଡ଼ି ।

ବର୍ତ୍ତମାନ ପାଣିକାଚ ନହାତି ଜରୁରୀ ନୁହେଁ । ଯିଏ ମାନିଲା ଯିଏ ନ ମାନିଲା । ସେଥିପାଇଁ ମୋର ଜଣେ ଫେସବୁକ ଅଦେଖା ଭାଇ ବୋଧେ ଖୁସିରେ ଲେଖିଲେ,

"ତମ ଫୋଟୋ କୁ ନିରେଖି ଦେଖିଲି,

ହଁ, କାଚ ଅଛି ହାତରେ.😃😃😃""

ମୁଁ ଗୁରି ପାଞ୍ଚ ବରଷର ହେଇଥାଏ । ଆମକୁ ବାଖୁଣୀ ( କାହାଣୀ ) ଶୁଣାନ୍ତି ଦମୟନ୍ତୀ ଝି। ଟିକେ ଦୂର ସମ୍ପର୍କୀୟା । ଅର୍ଦ୍ଧ ଶତକ ପାର କରିଥିଲେ ସୁଦ୍ଧା କୋମଳାଙ୍ଗି, ଷୋଡ଼ଶୀ ମାନଙ୍କ ପରି । ଛୁଇଁ ଦେଲେ ସତେ ଯେମିତି ଦାଗ ପଡ଼ିଯିବ । ଆମଘରେ ତାଙ୍କର ବାସ। ବାଲ୍ୟ ବିଧବା । ମାଆର ବୋଲହାକ କରନ୍ତି । ପ୍ରାୟ ଆମଘରେ ଖାଆନ୍ତି ପିଅନ୍ତି । ସାର୍ବଦିନ ରୁହନ୍ତି ।

ତାଙ୍କର ଗୋରା ତକତକ ରଙ୍ଗକୁ ସାଦା ମଝଲା (ବିଧବା ଧୋତି) ମୋତେ ଭଲ ଲାଗେ ନାହିଁ (ସବୁବେଳେ କନ୍ତ ଧଳା ପିନ୍ ପିନ୍) । ହାତ ଖାଲି, ସିନ୍ଥା ଖାଲି, କପାଳ ଖାଲି, ପାଦ ଖାଲି ।

କାହାଣୀ କହିଲା ବେଳେ ସମସ୍ତେ ଶୁଣୁଥାନ୍ତି, ମୁଁ କନ୍ତ ଗପଟିକୁ ଦେଖୁଥାଏ ତନ୍ମୟ ହେଇ। ଦମୟନ୍ତୀ ଝିକୁ ନାୟିକା ରୂପରେ ରଖି । ଗୋରା କପାଳରେ ସକାଳର ଲାଲ୍ ବାଳସୂର୍ଯ୍ୟ ପରି ସିନ୍ଦୁର ବିନ୍ଦୁ, ସିନ୍ଥା ଭର୍ତ୍ତି ସିନ୍ଦୁର, ନାକରେ ଟିକେ ସିନ୍ଦୁର ଛିଟିକା, ହାତରେ କହୁଣି ପର୍ଯ୍ୟନ୍ତ ନାଲି କାଚ ଆଉ ପାଦରେ ରୁଣୁ ଝୁଣୁ ଚଉଡ଼ା ପାଉଁଜି । ନାଲି ଆମ୍ବକଷିଆ ପାଟ ଓଢ଼ଣା ଭିତରେ ଗୋଲାପ ପାଖୁଡ଼ା ରଙ୍ଗର ପତଳା ଓଠ ମଝିରେ କମନୀୟ ହସଟିଏ ।

ଝି କୁହନ୍ତି,

- କୁନ ଗୋ ଝୁମଉଛୁ କ, ତୁଇ ହୁଁ ନାଇଁ ମାରଲେ ବାଖୁଣୀ ନାଇଁ କହିବି ।

- ହୁଁ, ହୁଁ, ହୁଁ

ମୋର ସ୍ୱପ୍ନ ଭଙ୍ଗିଲେ ସବୁ ହୁଁ ଯାକ ଏକା ବେଳକେ ବାହାରି ପଡ଼ନ୍ତି ମୁହଁରୁ ।

ଝି ମିଛ ରାଗରେ କାହାଣୀ ଅଧାରେ ରଖି ପଦ ଯୋଡ଼ନ୍ତି,

- ବାଖୁଣୀ ବାଖୁଣୀ ବାଖୁଣୀ
ତୋର ମୁଣ୍ଡରେ ବେଡେ ଉକଣୀ ।

କଂସା ଥାଳରେ ବର କନ୍ୟାକୁ ଶୋଇ ପକେଇ କୁଆଡ଼େ ତାଙ୍କର ବାହାଘର ହେଇଥିଲା । ସତ୍ୟ କରାକରି ହେଇଥିଲେ ଉଭୟ ପକ୍ଷର ମାଆ ବାପ । ରୂପ କାହାଣୀ ପରି ।

ପୁଅ ହେଲେ ମଇତ୍ର ବସେଇବି, ଝିଅ ହେଲେ ବିଭା କରେଇବି ।

କନ୍ୟା ହୋସ୍ ସମ୍ଭାଳବା ବେଳକୁ ତାର ଛୁଆ ବର ହଇଜାରେ ବାହା ଗଣ୍ଠିଆଳ ଛିଣ୍ଡାଇ ଗ୍ଲଲିଗଲ୍ ଚରଦିନ ପାଇଁ । ଏତେ ବଡ଼ ଜୀବନଟା ରଙ୍ଗହୀନ କରି । ସମ୍ପୂର୍ଣ୍ଣ କଳାଧଳା ।

ମୁଁ ଦେଖିଛି, କାଚ ଦେଖିଲେ ତାଙ୍କର ଆଖିରେ ଚମକୁଥିବା ତାଗ୍ଧ ଦୁଇଟି ଆହୁରି ତେଜୋଦୀପ୍ତ ହେଇ ଜଳେ । ସେ କାଚଗ୍ଧଣୀ ଝିକୁ ଡାକ ତାଙ୍କ କାଚ ମାନଙ୍କରେ ହାତ ବୁଲାନ୍ତି । ଅତି କୋମଳ ଭ୍ବବରେ ଆଉଁସି ଦିଅନ୍ତି । ସତେ କ ଆଉଁସୁଛନ୍ତି ନଜର ବେରଙ୍ଗ ଜୀବନକୁ । କଛି ଛୋଟ ଛୋଟ ନାଲି, ନେଳ ଶାଗୁଆ କୁନ କାଚ କଣି ରଖନ୍ତି । ମୁଁ ସ୍କୁଲରୁ ଆସିଲେ ମୋ ହାତରେ ପିନ୍ଧେଇ ଦିଅନ୍ତି ଅତି ସଗ୍ଧଗରେ ।

ମୋ ଜେଜୀମା ବିରକ୍ତ ହୁଏ ତାଙ୍କ ହାତରୁ କାଚ ପିନ୍ଧୁଛି ବୋଲି ।

- ଅମଙ୍ଗଳଆଣିଟା, ଛୁଆ ଦିନରୁ ଘ**କୁ ଖାଇଲା । ତା ହାତରୁ କାଚ ପିନ୍ଧୁଛୁ ନା ? ଆଉ ଦିନେ ଦେଖିଲେ ହାଡ଼ଗୋଡ଼ ଭ୍ଙ୍ଗିଦେବି ।

ମୁଁ ଏ କାନରେ ପୁରେଇ ସେ କାନରେ ବାହାରେଇ ଦିଏ । ଠାକୁର ସେଇଥିପାଇଁ ପା ଦୁଇଟା କାନ ଦେଇଛନ୍ତି । ଏଣ୍ଟ୍ରି, ଏଗଜିଟ୍ ।

ଝି ତୁଣ ତରକାରୀ ବଡ଼ ନକ୍ ଜିକ୍ ରେ ସୁଆଦିଆ କରି ଗ୍ଧନ୍ଧନ୍ତି । ବଡ଼ି ଆଳୁ ସୋରିଷ, ଆଳୁ ପୋସ୍ତ, ଜହ୍ନି ଗ୍ଲେପା ଗ୍ଧଇ, ଆଳୁଗ୍ଲେପା ଭଜା ଆଉ ଚେଙ୍କା (ଖଟା) ତୋଗ୍ଧଣି କାଞ୍ଜି । ଆଃ ବର୍ତ୍ତମାନ ମଧ ପାଟି ନାଳେଇ ଯାଉଛି । ମୋ ପାଇଁ ଯେମିତି ହେଲେ ଟିକେ ରଖି ଥିବେ ଯଦି କେବେ ଆମଘରେ ନଖାଇ ନଜେ ଗ୍ଧନ୍ଧିଥାନ୍ତି । ଆମ ଗଳକୁ ଲ୍ଗି ତାଙ୍କର ନୁଆଁଣିଆ ଗ୍ଲଳଆ ଖଣ୍ଡେ ।

- କେଡ଼େ ଚେଙ୍କା କାଞ୍ଜି ଗା ଗୋ, କୁକୁର ପିଛାରେ ଦେଲେ କାଏଁ କରିବ ।

ଜେଜୀ କହି ନାଗିଥିବ ଇଆଡେ ସୁଡୁକ ଯାଉଥିବ କାଞ୍ଜି ।

ଭ୍ବରି ହୀନ କପାଳୀ ମୋର ସେଇ ସ୍ନେହୀ ଦମୟନ୍ତୀ ଝି ।

ମୁଁ ଯେତେବେଳେ ଟିକେ ବୁଝିବାର ହେଲି, ଝି ର କାହାଣୀର ମୋଡ଼ ବଦଳଗଲା । ରୂପ କାହାଣୀରୁ ନିଜ ଅଙ୍ଗେନିଭା କାହାଣୀ ।

ସାଗୁ ଖଉବେଳ ମୋର ତାଙ୍କରି ନିଜ ଦିହର, ନିଜ ଅନୁଭବର  ଗପ ଶୁଣି ତାଙ୍କରି ଗୁଳଆରେ ବିତେ ।

ତାଙ୍କ ମାଆ କାଚ ପିନ୍ଧନ୍ତି ତାଙ୍କଠାରୁ ଲୁଚ । ସେ ଛୋଟ ଥିଲାବେଳେ । ସେ ଦେଖିଦେଲେ କଥା ସରିଲା ।

- ମାଆ ଗୋ , ମୁଇଁ ଭି ପିନ୍ଧବି ଗୋ କାଚ । ତୁଇ ଏକଲା ପିନ୍ଧି ପକଉଛୁ । ଏ ବାପା, ଦିଅନା ପଇସା । ମୁଇଁ କାଚ ପିନ୍ଧବି । ଏ କାଚଉଣୀ, ମୋତେ ବି ପିନ୍ଧେଇ ଦିଅ ନା ଗୋ।

ଉହା କାଢ଼ି କାନ୍ଦି କାନ୍ଦି ମାଟିରେ ଲୋଟି ଯାଆନ୍ତି । ପଠାଣ କାଚଉଣୀ ବି କାନ୍ଦି ପକାଏ  । କେମିତି ରିଓ୍ୱାଜ ଏମାନଙ୍କର ? ଛୋଟ ଛୁଆଟାକୁ ବେରଙ୍ଗ କରି ରଖି ଦେଇଛନ୍ତି । ବିଧବା ହେଲା ତ ଦୋଷ କଣ ତାର ? ଛୋଟ ଛୁଆରୁ ନିକାହ କରି ଦେଉଛନ୍ତି । ଆଃ !!

ସେ ଲୁଗୁଇ ଆଖି ପୋଛି ପକାନ୍ତି । ତାଙ୍କର ମଜହବରେ ସେ ପଶିବାକୁ କଏ ?

ଆହୁରି ଅନେକ ଗୁପ୍ତ କଥା,

ଝି ଯେହେତୁ ସୁନ୍ଦରୀ ଥିଲେ, ଅନେକ କୁତ୍ସିତ ନଜର ପଡୁଥିଲା ତାଙ୍କ ଉପରେ । ଜଣେ ବୟସ୍କ ଗୁମାସ୍ତା ତାଙ୍କର କମଜୋରି (କାଚ ପ୍ରତି) ଧରିପକାଇ, ତାଙ୍କୁ କାଚ ଲୋଭ ଦେଖାଇ ନେଇ ଯାଇଥିଲେ ତାଙ୍କ ଖଳା ବାଡ଼ିକୁ । ତାପରର ଘଟଣା ଚୁମ୍ବକରେ କହିଥିଲେ ସେ । କନ୍ତ ପରି, କମ୍ବା ଝଉଫୁଲ ହେବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ସେ ।

ଆହୁରି ମହାପାତ୍ର ସାହିର ଦେବୀ ପ୍ରଶନ୍ନଙ୍କର ନିରବ ପ୍ରେମ ତାଙ୍କ ପ୍ରତି । ଜାଗର ମେଳାରେ ନିରବରେ ମାଳେ ନାଲି ନେଳ କାଚ ପୁରେଇ ଦେଇଦେବା ତାଙ୍କ ଅଣ୍ଟିରେ । ସେଥିପାଇଁ ଉଭୟେ ଘରେ ମାଡ଼ ଖାଇବା । ଦେବୀ ପ୍ରଶନ୍ନଙ୍କୁ ପଢିବା ପାଇଁ ତାଙ୍କ ଠାରୁ ଦୂରକୁ କଲିକତା ପଠାଇ ଦେବା । ଏମିତି ଅନେକ କଛି ।

ମୋ ବାହାଘର ବେଳକୁ ଭାଇମାନେ ଆଧୁନିକ ବିଚାରଧାରାରେ ଅନୁପ୍ରାଣିତ ହେଇ ସାରିଥିଲେ। ତେଣୁ ଝିଙ୍କୁ ବାରଣ ନଥିଲା ବେଦୀ ପାଖରେ । କିନ୍ତୁ ସେ ଆସି ନଥିଲେ ଜାଣି ଜାଣି । କାଳେ ମୋର ଅମଙ୍ଗଳ ହେବ ।

ବିଦାୟ ବେଳେ ନୂଆ ନାଲି ସାଲୁକନା ପୁତୁଳଟିଏ ଗୁଞ୍ଜି ଦେଇଥିଲେ ଝି ମୋର ହାତରେ ସମସ୍ତଙ୍କ ନଜର ଆଢୁଆଳରେ । ମୁଁ ଶାଶୁଘରେ ତାକୁ ଖୋଲି ଦେଖିଥିଲି । ମାଳେ ନାଲି ନେଳ କାଚ । ସମୟର ଧୂଳରେ ମଳଛିଆ ହେଇ ଯାଇଥିଲା । ମୁଁ ଲୁହରେ ଅଥୟ ହେଇ ପଡ଼ି ଥିଲି । ବିଦା ଲୁହ ସାଙ୍ଗରେ ଏଇ ଲୁହ ମିଶି ଯାଇଥିଲା ।

ମୋ ବାହାଘର ବର୍ଷେ ପରେ ଝିଙ୍କୁ ପକ୍ଷାଘାତ ହେଇ ଗୋଡ଼ ଦୁଇଟା ଅଚଳ ହେଇ ଯାଇଥିଲା। ଚିକିତ୍ସା କରେଇ ଥିଲେ ମୋ ଭାଇମାନେ କିନ୍ତୁ ଧାଇଁ ଧାଇଁ କାମ କରୁଥିବା, ନଇକୁ ଯାଉଥିବା, ପାଣି ଆଣୁଥିବା ସଜ ଫରଫର ମଣିଷଟା ଅଥର୍ବ ପଙ୍ଗୁ ହେଇ ଯାଇଥିଲା, ଅଚଳ, ସ୍ଥିର ।

ମୁଁ ଯାଇଥିଲି କିଛିଦିନ ପରେ । ସେମିତିରେ ବି ସେ ଘୁସୁରି ଘୁସୁରି ମୋ ପାଇଁ ବଡ଼ି ସୋରିଷ ଆଉ ଜହ୍ନି ଚୋପା ଚାଇ କରି ଦେଇଥିଲେ । ଧଳା ପିନ୍ ପିନ୍ ମଝଲାଟା ତାଙ୍କର ପ୍ରଥମ ଥର ପାଇଁ ମଳଛିଆ ଦେଖିଲି । ପଚାରି ଥିଲେ,

- କାଚଗା ପିନ୍ଧିଲୁ କଗୋ କୁନ ?

ମୋର କଲିଜା ଭିତରେ କଣ ସବୁ ଭାଙ୍ଗିରୁଜି ଯାଉଥିଲା ।

ମୁଁ ଫେରିବାର ମାସେ ପରେ ପୁଣି ମୋତେ ଯିବାକୁ ପଡିଥିଲା । ଝି ମୋର ରାତିରେ ଶୋଇ ଆଉ ସକାଳୁ ଉଠି ନଥିଲେ ।

ମୁଁ ସାଲୁକନା ପୁତୁଳ କାଢ଼ି ପନ୍ଦର ବର୍ଷୀୟା ହାତ ମାପର କାଚ ପୁରେଇବାକୁ ଚେଷ୍ଟା କରୁଥିଲି ମୋର ସତେଇଶ ବର୍ଷୀୟା ହାତରେ । ବୃଥା ଚେଷ୍ଟା ।

ଶୀଘ୍ର ଆମେ ପହଞ୍ଚି ଥିଲୁ ଆମ ଗାଁରେ । ମୋ ପାଇଁ ଶବକୁ ରଖା ହେଇଥିଲା । ସବୁ ସଜିଲ୍ ହେଇ ସାରିଥିଲା । ମୁଁ ଥିରକକ ଯାଇ ଝିର ମୁଣ୍ଡ ପାଖରେ ସାଲୁକନା ପୁଟୁଳ ଥୋଇ ଦେଇଥିଲି ।

ବାଖୁଣୀ କୁହା ବାଖୁଣୀଟିଏ ସବୁଦିନ ପାଇଁ କରବୀ ଯାଇଥିଲା । ବାଖୁଣୀ ବନ ଯାଇଥିଲା ।

ବସନ୍ତ ବିହାର, ନୂଆ ଦିଲ୍ଲୀ

# ପ୍ରଶ୍ନଟିଏ



ଡ. ଜ୍ଞାନେଶ୍ୱର ମିଶ୍ର

**ସମୁଦ୍ର –**

କେତେ ବ୍ୟାପ୍ତ କେତେ ସେ ଉଦାର
ନଦୀ ପାଣି ହେଉ ଗୋଳଆ, ସ୍ୱଚ୍ଛ ବା ମଧୁର
ସବୁ ଜଳ କୋଳେଇ ସେ ନଏ
କାହାରିକୁ ଅଲଗା ରଖେନା
ସମଦୃଷ୍ଟି, ଦୟା ସୁ ବିଗ୍ରହ ତାର
କେହି କରିପାରେ କ କଳନା

**ପବନ –**

ଫୁଲର ସୁଗନ୍ଧ ବାସନା, କଳର ଧୂଆଁ
ନର୍ଦ୍ଦମା, ନାଳ ଦୁର୍ଗନ୍ଧ ମଳରେ
ସମସ୍ତଙ୍କୁ ବସାଇ କାନ୍ଧରେ
ବିଞ୍ଚି ହୋଇଯାଏ ନଥାଏ ଛଳନା
ମନରେ ନଥାଏ ତିଳେ ଘୃଣାର ଭାବନା

**ସୂର୍ଯ୍ୟ -**

ସକଳ ଶକ୍ତିର ଆଧାର
ଛାତ ଘର, ନଡାଘର, ପହ୍ଲା ଓ କୁଡିଆ
ଦ୍ରୁମ ଲତା ଘାସ ତାର ନଥାଏ ବିଗ୍ରହ
ଚତୁର୍ଦ୍ଦିଗେ ବିଛାଇ ଦିଏ ଆଲୋକ ତାହାର
ଯା ବିହୁନେ ଏ ଜଗତ ଘନ ଅନ୍ଧକାର

**ମଣିଷ –**

ଶ୍ରେଷ୍ଠଜୀବ ବୋଲି କୁହଇ ସଂସାର
କରେ କମ୍ପା ଏତେ ଭେଦଭାବର ବିଗ୍ଯର
ସ୍ୱାର୍ଥ, ଈର୍ଷା, ହିଂସା, ଯୁଦ୍ଧ ଧର୍ମ କ ତାହାର
ମାନବିକତା ଭୁଲିଯାଏ ପାପ, ଲୋଭ, ଲଭ ସେ ଭୁଲେନା
ସମସ୍ତେ ମିଳମିଶି ଆନନ୍ଦେ ଜୀଇଁବା
ଏ ମଣିଷକୁ ଭଲ କାହିଁକ ଲାଗେନା **??**

କୋଲକତା

# ମାନସୀ



ତ୍ରିପତି ପ୍ରଧାନ

ମୋ ମନ ମାନସୀ କହିଥିଲ୍ ହସି
ଫେରିବି ମହକ ଯାନରେ
ଗାଉ ଥିବ ଗୀତ ଆମ୍ର ଡାଳେ ପିକ
କୁହୁ କୁହୁ ବେଣୁ ତାନରେ (୧)

ବେଣୁର ଝଙ୍କାର ବାଦନେ ଭ୍ରମର
ପୁଷ୍ପିତ ସୁମନ ବନରେ
ଚନ୍ଦ୍ରିକାର ରଙ୍ଗ ମନ ରଙ୍ଗାରଙ୍ଗ
ନୃତ୍ୟ କରୁଥିବେ ଢଙ୍ଗରେ(୨)

ମଳୟ ସମୀର ବିଞ୍ଚିଣ ସୁଧୀର
ଚଉ ହରୁ ଥିବ ସାଥିରେ
ବସନ୍ତ ଓଢଣୀ ନୟନ ନଳନୀ
ଟାଣି ପ୍ରଭାକର କରରେ (୩)

ମୋ ପ୍ରିୟା ଆସିବ ମୋ କୋଳେ ଲୋଟିବ
ବସିବ ମଧୁର ଭାଷରେ
ଫଗୁଣ ଆଗମେ ଗ୍ରାମ ଆମ୍ର ବନେ
ଝଡା ବଉଳର ଶେଯରେ (୪)

ବାନ୍ଧବୀ ଘୁଙ୍ଗୁର କୋକିଳର ସ୍ୱର
ଶୁଣି ପାରୁ ନାହିଁ କାହିଁରେ
ତିତିଲି ଫଅନ କଲ୍ ହିନୀମାନ
ପ୍ରେମ ନିମନ୍ତ୍ରଣ ରଥରେ (୫)

ଖୋଜି ଉପବନ ମୋବେନ ନୟନ
ଶୁଣି ନର ମଧୁ ଶୁନରେ
ଗ୍ୱେଷଣୀ ଦେଖିଲି ପ୍ରିୟା ନପାଇଲି
କୃତ୍ରିମ କୁସୁମ ସଙ୍ଗରେ (୬)

ଚନ୍ଦ୍ରିକାର ଚନ୍ଦ୍ର ନୃତ୍ୟେ ବିମୋହିତ
ଦେଖି ଧାଇଁଲିମୁ କତିରେ
ହସ୍ତକୁ ପ୍ରସାରି ପୁଲକତ ଭରି
ମସ୍ତକ ବାଜିଲ୍ କାନ୍ଥରେ (୭)

ଶୀତଳ ପବନ ବହେ ଘନଘନ
ରୁଦ୍ଧ ଦ୍ୱାର ଗୁମ୍ଫା ଗୃହରେ
ମାନସୀର କୋଳ ନପାଇ ବିକଳ
ଚକ୍ଷୁ ଭରି ଗଲ୍ ଲୁହରେ (୮)

ସପନ ଭାଙ୍ଗିଲ୍ ପ୍ରକୃତି ଖୋଜିଲ୍
ପ୍ରିୟା ସାନ୍ନିଧତା ପାଇଁରେ
ଆଧୁନିକ ନାମେ କୃତ୍ରିମ ପ୍ରାଙ୍ଗଣେ
ଋତୁ ରାଣୀ ଗୁଣ କହିଁରେ ॥

ସଂସ୍କୃ ଶିକ୍ଷକ, ଚକଟି

# ସ୍ୱାମୀ ବିବେକାନନ୍ଦ



ରାମ ଚନ୍ଦ୍ର ପ୍ରଧାନ

ଅବତରି ଆସ ହେ ବିବେକାନନ୍ଦ
ଏ ଧରାକୁ ପୁଣି ଥରେ
ବେଦ ବେଦାନ୍ତର ମର୍ମସ୍ପର୍ଶୀ ଗାଥା
ଶୁଭୁ ତୁମ ବକ୍ତୃତାରେ ।
ତବ ନୀତିବାଣୀ ଅନୁଚନ୍ତା କଥା
ଶୁଣାଅ ସଭିଙ୍କ କାନେ
ଜ୍ଞାନବୀଜ ବୁଣି ଭର ଆତ୍ମିୟତା
ଆମ ଏ କଳୁଷ ମନେ ।
ମାନବର ଧର୍ମ ଦିଅ ହେ ଶିଖାଇ
ଜାଳଦେଇ ଜ୍ଞାନଦୀପ
ବ୍ରହ୍ମଚର୍ଯ୍ୟ ବ୍ରତେ ଆଲୋକ ଦେଖାଇ
ଦୂର କର ମାନସ୍ତାପ ।
ସାଧନା ମାର୍ଗରେ ଯୁବ ସମାଜକୁ
ଦିଅ ଆଧ୍ୟାତ୍ମିକ ଜ୍ଞାନ
ଆତ୍ମ ସଂଯମର ଦୃଢ଼ ମନୋବଳେ
ଶ୍ରେଷ୍ଠ କର ତନୁମନ ।
ପ୍ରେମ ଡୋରେ ବାନ୍ଧି ବଦଳାଇ ଦିଅ
ସ୍ୱାର୍ଥପର ମନୋଭାବ
ଜାତିସ୍ମର ସାଜି ନୀତି ଆଦର୍ଶରେ
ହୁଅ ହେ ଯଶସ୍ୱୀ ଭବ ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ

# ମୁଁ କେତେବଡ କବି ହେଇଛି



ବୈଦ୍ୟନାଥ ପଣ୍ଡା

ସଭିଏଁ ତ ଏଠି
ଲେଖିବାରେ ବ୍ୟସ୍ତ
ପାଠକ କଏ ସେ ହେଉଛି
ଲେଖା ବଢ଼ି ଗଲେ
କେହି ପଢ଼ନ୍ତିନ
ଲେଖା ତ ଅପଢା ରହୁଛି
ମାନପତ୍ର ଲୋଭ ବଢୁଛି
ଦୟାକ୍ଷମା ଗୁଣ କମିଛି
କାହା ପିଠିପରେ
ଗୋଡ଼ ରଖିକଏ
ଚଢ଼ିବାକୁ ଚେଷ୍ଟା କରୁଛି
ଧରାଧରି କରି
ଚଢ଼ିଗଲା ଯିଏ
(ସିଏ)ବଡ଼ କବି ବୋଲି ଭାବୁଛି
ଛନ୍ଦ ମାତ୍ରା ଭାଷା ଭୁଲୁଛି
ବନାନ ଗୋଟିଏ
କରିପାରୁନାହିଁ
ଉପାଧି ଟା ଧରି ବୁଲୁଛି
ଲୋକଙ୍କୁ ଦେଖିଲେ
ଛାତିକୁ ଫୁଲେଇ
(କହେ)ଦେଖ କେତେ ମାନପତ୍ର ପାଇଛି

ମୁଁ କେତେବଡ କବି ହେଇଛି.
ପ୍ରକୃତ ଲେଖକ
କହେ ନାହିଁ କେବେ
ଏତେ ସେତେ ମୁଁ ଲେଖିଛି
ମାନପତ୍ର କୁ ସେ
ଗ୍ରହେନାହିଁ କେବେ
(କହେ) ଦେଶ ଜାତି ପାଇଁ ଲେଖୁଛି
ସାହିତ୍ୟିକ ପାଶେ
ରହିଥାଏ ସଦା
ଦରଦୀ ହୃଦୟ ଗୋଟିଏ
ପର ଦୁଃଖ ଦେଖି
ଲେଖେ ସେ କବିତା
ଝରାଇ ସେ ଲୁହ ଟୋପିଏ
ଧାଇଁଯାଏ ସିଏ
ଦୁଃଖୀର ପାଖକୁ
ସମବେଦନା ସେ ଜଣାଏ
ପର ଦୁଃଖେ ଦୁଃଖୀ
ହୋଇଯାଇ ସିଏ
ଜୀବନକୁ ତାର ବିତାଏ
କବିତା ରେ ସିଏ
ଆଙ୍କିଦିଏ ପୁଣି
ସମାଜ ହଞ୍ଚକ ବାରତା
କିଏ ଭଲ କହୁ
କିଏ ମନ୍ଦ କହୁ
ନଥାଏ ତ ତାର ତିଳେ ଚନ୍ତା
କବିତା ମାଧ୍ୟମେ
ଜଣାଉ ଥାଏ ସେ

ସମାଜର ରୀତିନିତି କଥା
ସମାଜ କେବିବି
ବୁଝେନାହିଁ ତାକୁ
ଦେଇଥାଏ ତାର ମନେ ବ୍ୟଥା
ତଥାପି ବି ତିଳେ
ଦୁଃଖ ନାହିଁ ତାର
ଲେଖୁଥାଏ ସେ ଲେଖୁଥିବ
ସେ,ପରିକା ଲୋକ
ଯେଉଁଠି ଦେଖିବ
କବି ବୋଲି ତାକୁ ପ୍ରଣମିବ ||

ଅବଦଲ ପୁର, ଯାଜପୁର

# ଝିଅ ଦେଖା



ପଲ୍ଲବୀ ଦାସ

ମାଆ ଚିଲାଉଥାନ୍ତି ସୁମି ଦିଦି ଉଦ୍ଦେଶ୍ୟରେ -"ସୁମି ଟିକେ କ୍ଷୀରି ଟା ଘାଣ୍ଟି ଦେଲୁ, ଲାଗିଯିବ ହାଣ୍ଡିରେ" ଝନ୍ ଝାନ୍ ଚୁଡ଼ି ଶବ୍ଦ କରି ସୁମି ଦିଦି ହାତରେ ମେଞ୍ଚାଏ ଚୁଡ଼ି ପିନ୍ଧି ପିନ୍ଧି ଚାଲି ଗଲା ରୋଷେଇ ଘରକୁ କ୍ଷୀରି ଘାଣ୍ଟିବାକୁ । ପୁଣି ଆସି ମୁଣ୍ଡରେ କ୍ଲିପ ମାରୁଥିଲା ଆଉ ମତେ ବାରମ୍ବାର ପଚାରୁଥିଲା -"ମୀନୁ, କହିଲୁ କୋଉ ହେୟାର ଷ୍ଟାଇଲ୍ ଟା ମାନିବ ମତେ" । ମୁଁ ତାକୁ ଚିଡ଼େଇବାକୁ ଯାଇ କହିଲି -"ତୋ ଲମ୍ବା ସିଧା ଚୁଟିରେ କିଛି ବି ଷ୍ଟାଇଲ୍ କଲେ ରହିବନି ଖସି ଯିବ" । ପୁଣି ତା ଚିନ୍ତା ଦେଖି, ତାକୁ ସାହାଯ୍ୟ କଲି ଗୋଟେ ସୁନ୍ଦର ଖୋସା ବିନେଇବାରେ । ଅଧା ଖୋସା ବାନ୍ଧିଛି କି ନାହିଁ ପୁଣି ବାପା ବାହାର ପଟୁ ଡାକ ଛାଡ଼ିଲେ, "ସୁମି ଟିକେ ପାଣି ଗ୍ଲାସ ଦିବୁ !" ଦିଦି ଜଲଦି ଖୋସା ବାନ୍ଧି ଚାଲିଗଲା ବାପାଙ୍କୁ ପାଣି ଦିବାକୁ । ରାତି ସାରା ଭାବି ଭାବି ମୋତେ ନିଦ ହୋଇନଥିଲା ଯେ -"ଦିଦି ବିନା ମୁଁ କ'ଣ କରିବି ! ସେ ଏ ଘରୁ ଗଲା ପରେ ଘରର ସବୁ କାମ କରିବ କିଏ !" ଏବେ ଟିକେ ହାଲକା ନିଦରେ ଆଖି ଲାଗିଗଲା କେତେବେଳେ ଜାଣି ପାରିଲିନି । ନିଦରେ ଶୁଣା ଯାଉଥିଲା ମାଆ ସୁମି ଦିଦିକୁ କେତେ କ'ଣ ବତାଉଥାନ୍ତି । ମାଆଙ୍କ ପାଟିରେ ମୁଁ ଆଖି ମଳି ମଳି ପ୍ରାୟ ଗୋଟେ ଘଣ୍ଟା ପରେ ଉଠିଲା ବେଳକୁ ଦିଦି ମୋର ଗୋଟେ ପରୀ ପରି ଦିଶୁଥିଲା । ମତେ ଅନେଇ କହିଲା -"ଦେଖିଲୁ ମୀନୁ, ମୁଁ କେମିତି ଦେଖା ଯାଉଛି" । ଦିଦିକୁ ମୁଁ ବହୁତ ଥର ଶାଢ଼ିରେ ଆଗରୁ ଦେଖିଥିଲି କିନ୍ତୁ ଆଜିର ଦେଖିବା କିଛି ଅଲଗା ଥିଲା । ମୋ ଦିଦିକୁ ପୁଅ ଘର ଲୋକ ଦେଖିବାକୁ ଆସୁଥିଲେ ଆଜି । ନୀଳ ଶାଢ଼ିରେ ଗୋଲାପି ଧଡ଼ି ଆଉ ହାତରେ

ମେଞ୍ଜାଏ ନୀଳ ଚୁଡ଼ିରେ ମୋ ଦିଦି ବେଶ୍ ସୁନ୍ଦର ଦିଶୁଥିଲା । ମାଆ ହୁଏତ ତା ଶାଢ଼ି ବଦଳେଇ ଦେଲେ, କାରଣ ନଦରେ ଶୋଇବା ପୂର୍ବରୁ ଦିଦି ଆଉ ଗୋଟେ ଫିକା ରଙ୍ଗର ଶାଢ଼ି ପିନ୍ଧିଥିଲା ଆଉ ଯେତେ କହିଲେ ବି ବଦଳୁ ନଥିଲା, ଏପାଳ ବୋଧେ ମାଆ ଆସି ବଦଳାଇ ଦେଲେ ଜବରଦସ୍ତି । କାନରେ ବଡ ନୀଳ କାନ ଫୁଲ ଆଉ ମଥାରେ ବଡ କଳା ଟିକଲି ତା ସାଥିରେ ଓଠରେ ଗୋଲାପି ଲିପିଷ୍ଟିକରେ ଦିଦି ପୁରା ହିରୋଇନ୍ ଲାଗୁଥିଲା ମତେ। ଗ୍ଲଲିଗଲା ବେଳକୁ ରୁଣୁ ଝୁଣୁ ଶବଦ ହଉଥିଲା, ତା ପାଦ ଦିଟାକୁ ଦେଖିଲା ବେଳକୁ ପାଉଁଚ ଲଗେଇଥିଲା ଆଜି ବୋହୁତ୍ ଦିନ ପରେ । ଏତେ ଦିନ ହେଲା ତା ସାଧାରଣ ରୂପରେ ତାକୁ ଦେଖି ଦେଖି ଆଜିର ଏ ମନ ଲୋଭା ରୂପ ମତେ ବୋହୁତ୍ ଆଲଗା ଲାଗୁଥିଲା । ଲାଗୁଥିଲା ଯେମିତି ଦିଦି ତା ନୂଆ ସଂସାରକୁ ନୂଆ ନୂଆ ରଙ୍ଗରେ ସଜେଇବାକୁ ପୁରା ପ୍ରସ୍ତୁତ ଅଛି ।

ଗ୍ରେଷେଇ ଏଯାଏ ସରି ନଥିଲା , ଦିଦି ମୋର ଦୌଡ଼ି ଯାଉଥିଲା ବାକ ଗ୍ରେଷେଇରେ ମାଆଙ୍କୁ ସାହାଯ୍ୟ କରିବାକୁ, କାଳେ ତା make up ଖରାପ ହେଇଯିବ ଭାବି ତା ହାତଟାକୁ ଧରି ଦେଇ କହିଲି -"ଦିଦି ମୁଁ ଯାଉଚ"। ତଥାବି ସେ ଶୁଣି ନଥିଲା ହସି ହସି ଗ୍ଲଲି ଯାଇଥିଲା ଗ୍ରେଷେଇ କରିବାକୁ । ଗ୍ରେଷେଇ ସାରି ଝାଳ ନାଳ ହୋଇ ଆସି ବସି ପଡ଼ିଲା ମୋ ପାଖରେ ଟିକେ ଫ୍ୟାନ ପବନ ପାଇଁ । ହଠାତ୍ ମାଆଙ୍କ ପାଟି ପୁଣି ଶୁଭିଲା -"ସୁମି, ସେମାନେ ଆଉ ପାଞ୍ଚ ଦଶ ମିନଟ୍ ରେ ଆସି ପହଁଚ ଯିବେ, ସବୁ କାମ ଶୀଘ୍ର ସାରିଦେ" । ଏତିକ ଶୁଣୁ ଶୁଣୁ ମୁଁ ଗୋଟେ କୁଦା ରେ ବେଡ୍ ରୁ ଡିଆଁ ମାରିଲି ତଳକୁ କାରଣ ଦିନ ବାରଟା ହବ ପ୍ରାୟ ଏଯାଏ ମୁଁ ଦାନ୍ତ ଘସି ନଥିଲି କ ଗାଧୋଇ ନଥିଲି, ବାସ୍ ବେଡ୍ ରେ ପଡ଼ି ପଡ଼ି ଦିଦି କୁ ଦେଖୁଥିଲି। ମୁଁ ଗ୍ଲଲି ଗଲି ମୋ ବାଟରେ ମୋ ନତ୍ୟ କର୍ମ ସାରିବାକୁ । ସବୁ କାମ ସାରି ପ୍ରାୟ କୋଡିଏ ମିନଟ୍ ପରେ ଆସିଲା ବେଳକୁ ଦିଦି ଥରୁଥିଲା ମିରର ଆଗରେ ଠିଆ ହୋଇ। ହାତରେ କାଜଲ ଧରିଥିଲା ଲଗେଇବାକୁ କନ୍ତୁ ଲଗେଇ ପାରୁନଥିଲା, ନୂଆ ଲୋକଙ୍କୁ ଦେଖା କରିବା ଆତଙ୍କରେ । ମତେ ଭାରି ମଜା ଲାଗୁଥିଲା ତାକୁ ଏଇ ଅବସ୍ଥା ରେ ଦେଖି । ହାତରୁ କାଜଲ ଟା ଟାଣି ନେଇ ମୋ ଆଡ଼କୁ ତା ମୁହଁ ବୁଲେଇଦେଇ ଆଙ୍କି ଦେଲି ଦିଟା ଲମ୍ବା ମୋଟା କଳା ଗାର ତା ଆଖି ଦିଟା ରେ । ଆଙ୍କି ସାରିବା ପରେ ଆରମ୍ଭ କଲି

ମୋ ଲମ୍ବା ଚଉଡ଼ା ପ୍ରବଚନ ବଡ ପାଟିରେ, ତାକୁ ଟିକେ ସାହସ ଦବା ପାଇଁ , କିନ୍ତୁ ମୋ ପାଟି ଶୁଣି ମାଆ ବାହାର ପଟ ଘରୁ ଦୌଡ଼ି ଆସି କହିଲା - "ମୀନୁ , ଟିକେ ଧୀରେ ପାଟି କର ସେମାନେ ବସିଛନ୍ତି ଖରାପ ଭାବିବେ " । ୟା ଭିତରେ ସେମାନେ ଆସି ଗଲେଣି ବୋଲି ମତେ ଜଣା ନଥିଲା । ଦିଦି ଚାଲି ଯାଇଥିଲା ରୋଷେଇ ଘରକୁ ଦହି ସରବତ ଆଣିବାକୁ, ହଠାତ୍ କାଚ ଗ୍ଲାସ ପଡ଼ିବାର ଶବଦରେ ମାଆ ଆଉ ମୁଁ ଦୌଡ଼ି ଥିଲୁ ରୋଷେଇ ଘରକୁ । ସେଠି ଯାଇ ଦେଖୁ ତ, ଦିଦି ଛାନିଆ ଆଉ ଭୟରେ ଗ୍ଲାସ ଗୋଟେ ଭାଙ୍ଗି ସାରିଛି । ମାଆ ତାକୁ ସାହସ ଦେଇ ଭଲରେ ବୁଝେଇ ପୁଣି ତାକୁ ଧରି ଚାଲିଲା ତା ଶାଶୁ ଘର ଲୋକଙ୍କ ଆଗକୁ । ମୁଁ ଆଶ୍ଚର୍ଯ୍ୟ ହଉଥିଲି ମାଆ କେମିତି ଆଜି ଦିଦି କୁ ଗାଳି ଦେଲାନି ଗ୍ଲାସ ଭାଙ୍ଗିବାରୁ, ଆଗରୁ ତ ବୋହୁତ୍ ଗାଳି କରେ । ତା ଶାଶୁ ଘର ଲୋକଙ୍କୁ ଦେଖିବାକୁ ମୁଁ ବି ଯାଇଥିଲି ଦିଦି ପଛେ ପଛେ ଆଉ ଦୂରରୁ ଠିଆ ହୋଇ ଦେଖୁଥିଲି ମୋ ଦିଦି ର ଆଉ ଗୋଟେ ନିରୀହ ରୂପ । କହିବାକୁ ଗଲେ ଦିଦି ମୋର ଜମା ନିରୀହ ନୁହେଁ କାରଣ ସେ ମତେ ପଢେଇବା ବେଳେ ବୋହୁତ୍ ବାଡାଏ । କିନ୍ତୁ ଆଜି ସେ ମତେ ବୋହୁତ୍ ନିରୀହ ଲାଗୁଥିଲା । ସମସ୍ତଙ୍କୁ ମୁଣ୍ଡିଆ ମାରିବା ସାରି ସେ ବସିଥିଲା ମାଆଙ୍କ ପାଖରେ । ମୁଁ ଯାଇ ସମସ୍ତଙ୍କୁ ମୁଣ୍ଡିଆ ମାରି ବସି ଗଲି ବାପାଙ୍କ ପାଖରେ । ଦିଦି ର ଶାଶୁ ଘର ଲୋକ ତାକୁ ବୋହୁତ୍ ଶାନ୍ତ ଭାବୁଥିଲେ, କହୁଥିଲେ -"ଝିଅ ଟା କେତେ ଚୁପ୍ ଚାପ୍, ଠିକ୍ ଆମ ପୁଅ ପରି ଶାନ୍ତ, ଇତ୍ୟାଦି " । ମୋର ଇଛା ହଉଥିଲା, ଚଲେଇକି କହିବାକୁ - "ତମେ ଯାହାକୁ ଏତେ ଶାନ୍ତ ଭାବୁଛ ସେ ବହୁତ ଚଣ୍ଡି ଟା ମତେ ବହୁତ ମାରେ" । କିନ୍ତୁ କହି ପାରିଲିନି କାରଣ ମୋ ଦିଦି ର ଖୁସି ଲୁଚ ରହିଥିଲା ଏଇ ନୁଆ ସମ୍ପର୍କ ରେ । ମତେ ଜଣା ଥିଲା ମୋ ଦିଦି କେବଳ ମୋ ଆଗରେ ବାଘ ଆଉ ସବୁଠି ମୂଷା ଛୁଆ । ଦିଦି ର ଆଖି ଦିଟା ବହୁତ ସୁନ୍ଦର, ଆଉ ଯୋଉଟିଷ ଆଜ୍ଞା କହୁଥିଲେ "ମାଆ ରେ, ତୁ ବହୁତ ଲକ୍ଷ୍ମୀମତିଆ କାରଣ ତୋ ଆଖି ଦିଟା କଜଳ ପାତିଆ ଆଖି", ଏତିକି ଶୁଣି ଦେଇ ମୋ ବାପା ମାଆ ଆଉ ଟିକେ ଖୁସି ରେ ଗଦ ଗଦ ହୋଇଗଲେ । ମୋର ଇଛା ହଉଥିଲା କହିବାକୁ - "ଆରେ ମତେ ବି କିଏ ଟିକେ ବାହାବା ଦିଅ, ତାକୁ କାଜଲ ମୁଁ ଲଗେଇ ଦେଇଚ ସେଥିପାଇଁ ସେ ଆହୁରି ସୁନ୍ଦର ଦିଶୁଛି"। କେହି ମତେ ବାହାବା ଦିଅନ୍ତୁ ବା ନଦିଅନ୍ତୁ, ଦିଦି କିନ୍ତୁ ତା ଆଖିର ଇସାରା

ରେ ମତେ ଜଣେଇ ଦେଲା । ବେଶ୍ ସୁରୁଖୁରୁ ରେ ଝିଅ ଦେଖା ସରିଗଲା, ଆଉ ଭିଣେଇ ଭାଇ ଗଲା ବେଳେ ମତେ ଚଡେଇଦେଇ ଗଲେ । ସମସ୍ତଙ୍କର ଝିଅ ଆଗରୁ ପସନ୍ଦ ଥିଲା କିନ୍ତୁ ମୋ ଦିଦି ର ଡର ବୋହୁଟ୍, ନିଜ ଭିତରେ ସଙ୍କୁଚିତ ସେ, ବୋହୁଟ୍ ଚିନ୍ତା ଥିଲା ତାର, ତା ରଙ୍ଗ ରୂପ କାଳେ କାହାକୁ ପସନ୍ଦ ନ ଆସିବ ଭାବି । ଦିଦି ର ବିଶ୍ବାସ ହଉନି ଯେ ତା ବାହାଘର ଠିକ୍ ହୋଇସାରିଛି ବୋଲି କାରଣ ସେ ଦେଖିଛି ତା ଆଖି ଆଗରେ ମାଉସୀମାନଙ୍କ ପାଇଁ ବାର ବାର ବିବାହ ପ୍ରସ୍ତାବ ଆସିବା ଆଉ ଭାଙ୍ଗି ଯିବା, କୋଉଠି ଜାତକ ପାଇଁ ତ ଆଉ କେଉଁଠି ରୂପ ରଙ୍ଗ ପାଇଁ । ଦିଦି ଭାବୁଥିଲା ତା ବାହାଘର ପାଇଁ ମଧ୍ୟ ସେମିତି କିଛି ହବ ବୋଲି । ନିଜକୁ ପ୍ରସ୍ତୁତ କରିଦେଇଥିଲା ବାର ବାର ପିଲାମାନଙ୍କ ସହ ମିଶିବାକୁ ଆଉ ପୁଅ ର ପରିବାର ସହ ମିଶିବାକୁ, କିନ୍ତୁ ତା ଜୀବନରେ ଗୋଟେ ଥରରେ ସବୁ ଠିକ୍ ହୋଇଯିବ ବୋଲି ସେ କେବେ ଭାବି ନଥିଲା । ବିବାହର ବଜାରରେ ତାର କିଣା ବିକା ହୋଇନଥିଲା । ଧୀରେ ଧୀରେ ତାର ବିଶ୍ବାସ ଆସୁଥିଲା ଯେ, ଆଜି ବି ଦୁନିଆରେ କିଛି ଭଲ ପରିବାର ଅଛନ୍ତି ବୋଲି ଆଉ ନିଜକୁ ପ୍ରସ୍ତୁତ କରୁଥିଲା ସେମିତି ଏକ ପରିବାର ରେ ନିଜକୁ ସାମିଲ୍ କରିବାକୁ ।

ନୂଆ ଶାସନ, ଢେଙ୍କାନାଳ ଜିଲ୍ଲା, ପିନ୍ – **759001**

# ମଧୁମତି



ବିନୟ ମିଶ୍ର

ବୈଶାଖୀର ଝଞ୍ଜା ବାତ ନିଃଶ୍ୱାସ ପ୍ରୀତିର ଅନ୍ତିମ,
ଅସହ୍ୟ ଲ୍‌ଗିଲ୍ କବା ଦେହର ଉଷୁମ ?
ଜ୍ୟେଷ୍ଠର ଗ୍ରୀଷ୍ମ ପ୍ରଚଣ୍ଡ ଅନୁତାପାନଳ,
ପ୍ରଣୟର  ଅ6ଷ୍ଟାତ୍ତର କଲଶ ଶୀତଳ ସ୍ୱେଦର,

ସ୍ନାନାନ୍ତେ ପ୍ରୀତିର ଜ୍ୱର କରେ ଅସ୍ତବ୍ୟସ୍ତ।
ନିଷ୍ଠୁର ହେଲ କାହିଁକ ପ୍ରିୟତମ କୁହ,
ତୁମ ବିରହରେ ଆଜି ସନ୍ତାପିତ ମନ,
ଆଷାଢ଼ର କୁଳଶ ଯନ୍ତ୍ରଣା ସହେନାହିଁ ପ୍ରାଣ,

ଆଖିରେ ମୋ ଦେଇଗଲ ଶ୍ରାବଣର ଧାର୍,
ଭେଦୁଏ ଭେଦେଇ ଥିଲ ମୋ ଜର୍ଜ୍ଜରିତ ବୁକୁ,
ଅଶିଣରେ ଆସିଥିଲ୍ କାଶତଣ୍ଡି ସାଜି,
ପୂର୍ଣ୍ଣଗର୍ଭା କରିଥିଲ ପ୍ରିତୀ ସନ୍ତକରେ।

କାର୍ତ୍ତିକର ହିମ ବିନ୍ଦୁ ସ୍ନେହର ମୁକୁତା,
ଅଞ୍ଜଳୀରେ ଭରିଥିଲ ମୋର ଆବେଗରେ,
ମଗୁଶିରେ ଆଙ୍କିଦେଲ ଆଲିଙ୍ଗନେ ଝୋଟି,
ପୌଷର ଶୀତୁଆ ସଂଜେ ନେଲ ଗୋ ସାଉଁଟି।

ମାଘ ର୍‌ତି ଉଷ୍ମତାର୍ ସ୍ମୃ ତି ମୋ ହୃଦୟେ
ଉନ୍ମନା କରୁଛି କମ୍ପନେ ପ୍ରାବରଣ ଦେହେ,

ମଳୟ ସୁଗନ୍ଧ ବାଆ ବଉଳର ସାଥେ,
ଆସ ଆସ ପ୍ରିୟ ମୋର ଫଗୁଣର ହାତେ।

ମଧୁ ଚଇତାଳୀ ହୋଇ ଚଇତି ସଞ୍ଜରେ,
ମିଳନର କାକଳି ଶୁଣାଅ ମୋତେ ଜୀବନ ସନ୍ଧ୍ୟାରେ,
ଭୁଲିନାହିଁ ତୁମକୁ ଗୋ ପ୍ରିୟ ତୁମେ ମୋର ସାଥି,
ସବୁ ଋତି ମଧୁମୟ ହେଉ ସାଜିବି ମୁଁ ତୁମ ମଧୁମତି।

ମଲ୍ଲୀପୁର, ଗଡନଆଳ, ଖୋର୍ଦ୍ଧା

# ନାରୀ



ଯଶୋବନ୍ତ ନାୟକ

ହେ ନାରୀ **!!** ତୁ କାହିଁକ କେବେ ପ୍ରତିବାଦ କରୁନ
ଯଜ୍ଞରୁ ସମ୍ଭୁତା ଯାଜ୍ଞସେନୀ ହୋଇ ବି
ସହିଯାଉ ପାଞ୍ଚପତିଙ୍କ ସୌର୍ଯ୍ୟକୁ ନେଇ
ସତୀ ସୀତା ହୋଇ ବି ରହୁ ବସୁଧାକୁ ଆଦରି

ହେ ନାରୀ **!!** ତୋର କେତେବେଳେ କେଉଁ ରୂପ
ଝିଅ, ଭଗିନୀ, ଜାୟା ଓ ଜନନୀ
ତୁ ପୁଣି ହୋଇପାରୁ ଅଭିମାନନୀ ପ୍ରେୟସୀ
ଦେଖେଇପାରୁ ଦୁର୍ଗା ରୂପ ସମାଜ ମଙ୍ଗଳ ପାଇଁ

ହେ ନାରୀ **!!!** ତୁ ତ ସକଳ ଶକ୍ତିଧାରିଣୀ ଶକ୍ତିମୟୀ
ତଥାପି ସମସ୍ତଙ୍କ ଅତ୍ୟାଚ୍ଚର ସହୁ କାହିଁକ
କାହିଁକ ରହୁ ଦୁଷ୍କର୍ମ ପୀଡ଼ିତା ଆଖ୍ୟା ପାଇ
କୁଳଟା ପାଲଟୁ ସମସ୍ତଙ୍କ ପେଟ ଚହ୍ନି ଚହ୍ନି

ହେ ନାରୀ **!!** ତୁ ତ ଦୟାମୟୀ କୋମଳାଙ୍ଗୀ
ଛଳନା କରିପାରୁ ପ୍ରେମିକ ସହିତ କେମିତି
ଜନ୍ମକଲ୍ ଛୁଆକୁ ଖାଦ୍ୟ ନ ଦେଉ ବା କାହିଁକ
ଶାଶୁ ଶ୍ୱଶୁରଙ୍କୁ ବଇରୀ ଭ୍ବୁ କହ କେମିତି

ଚନ୍ଦାହାଣ୍ଡି, ନବରଙ୍ଗପୁର

# ସ୍ମାର୍ଟ ...



ଜୁମର ନାଥ ପାତ୍ର

....
ଖେଞ୍ଚା ଖେଞ୍ଚି ହେଇ
ରହିବାକୁ ହୁଏ
ପାଲଟା ଯାଏ ଲୁଗା ସେଇଠି
ଗେଞ୍ଜା ଗେଞ୍ଜି ହେଇ
ଲଗେଜ ବେଗ୍ ଥୁଆ କୋଣରେ ସେଇଠି
ଲମ୍ବା ସତରଞ୍ଜି ଉଠେନ କେବେ
ରାତି ଦିନ ଶୋଇଥାଏ
ବିଗ୍ଧର୍ ବେଚେଲରଙ୍କ
ଦୁଷ୍କର୍ମର ଶିକାର ହେଉଥାଏ
ଏ ସ୍ମାର୍ଟ ସିଟି ପୋଲ ତଳ
ଛୋଟ ଚଟି ଘରଟି
ସ୍ମାର୍ଟ ଟୋକାଙ୍କ ଚଲମ ଧୁଆଁ ରେ
ପୂରିଯାଏ ତା ' ଭିତର ଟି
ଯେବେ ରାତି ଆସିଯାଏ ଝଅଟି
ଆଉ ସକାଳ ଟା ...
ସ୍ୱଚ୍ଛ ପରିମଳ ଆମ୍ଭୁଡା ଆମ୍ଭୁଡି
ଆଗ ପଛ ଠେଲା ଠେଲି
କଳଣି ନଥାଏ କବାଟେ
ସେତ ଏଇମିତି ମେଲାମେଲି
ହା ହା ...ଏଇମିତି

ସ୍ମାର୍ଟ ସିଟି
ସ୍ମାର୍ଟ ଜୀବନ ର
ସ୍ମାର୍ଟ ଜୀବନ ଶୈଳୀ
ସ୍ମାର୍ଟ ଏ ରିତି ନିତୀ ...

ବାଲେଶ୍ୱର

# ମା ବୃୟାତ୍ ସତ୍ୟମ୍ ଅପ୍ରିୟମ୍



ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ

ଭାଷା ମଣିଷର ଜୀବନୀ ଶକ୍ତିର ପରିପ୍ରକାଶ । ତାର ଚନ୍ତା, ଭାବନା ସବୁକଛି ଭାଷା ମାଧ୍ୟମରେ ସେ ପ୍ରକାଶ କରେ । ବାକଶକ୍ତି ଜୀବନର ମେରୁଦଣ୍ଡ ପରି, କନ୍ତୁ ଜଗିରଖି କଥା ନ କହିଲେ ତାହା ପ୍ରଭୂତ କ୍ଷତି ଘଟାଏ ।

ମୃଦୁ ଏବଂ ମଧୁର ବଚନ କାହାକୁ ବା ଭଲ ନ ଲାଗେ ! ମଧୁର ବଚନ ଦ୍ୱାରା ଜଣେ ଗୋଟିଏ ରାଜ୍ୟର ସମ୍ପତ୍ତି ଆୟତ୍ତ କରିପାରେ ପୁଣି ସେହି ବଚନରେ କାହାରି ଜୀବନହାନ ବି ହୋଇପାରେ । ମୃଦୁ ଓ ମଧୁର ବଚନରେ ବନ୍ଧୁବାନ୍ଧବ, ସାଇପଡିଶା ସମସ୍ତେ ଆୟତ୍ତ ହୋଇଥାନ୍ତି, ଜଣେ ସମ୍ମାନାସ୍ପଦ ହୋଇଥାଏ, ବନ୍ଧୁ ବତ୍ସଳ ହୋଇଥାଏ । ତେଣୁ ବେଦବାଣୀ କହେ - "ସତ୍ୟମ୍ ବୃୟାତ୍, ପ୍ରିୟମ୍ ବୃୟାତ୍ , ମା ବୃୟାତ୍ ସତ୍ୟମ୍ ଅପ୍ରିୟମ୍ ।"

ଅର୍ଥାତ ସବୁବେଳେ ସତ୍ୟ କଥା କୁହ, ପ୍ରିୟ କଥା କୁହ, କେବେହେଲେ ଅପ୍ରିୟ କଥା କୁହ ନାହିଁ କ ମନରେ କଷ୍ଟ ଦିଅନାହି । ଅପ୍ରିୟ କଥା କହିବା ଦ୍ୱାରା କଷ୍ଟ ଦ୍ୱିଗୁଣିତ ହୋଇଥାଏ, କଳହ ବଢେ । କେହି ସେପରି ଲୋକଙ୍କୁ ଭଲ ପାଆନ୍ତି ନାହିଁ । କୁଆର କର୍କଶ ସ୍ୱର କାହାକୁ ବା ଭଲଲାଗେ, ସମସ୍ତେ କୋଇଲିର ସ୍ୱରକୁ ଭଲ ପାଆନ୍ତି କାରଣ ତାହା ଶ୍ରୁତିମଧୁର । ମଧୁରତା ମଣିଷର ସହଜାତ ପ୍ରବୃତ୍ତି ।

ସତ୍ୟଂ ବଦ - ସବୁବେଳେ ସବୁ ପରିସ୍ଥିତିରେ ସବୁ ସ୍ଥାନରେ ସତ୍ୟ କହିବା ଏବଂ ସତ୍ୟ ଆଚରଣ କରିବା ନିମନ୍ତେ ବେଦମାନେ କହିଛନ୍ତି । ସଦାଗ୍ରତ ନ ରହିଲେ ସେ ସତ୍ୟ ବ୍ୟକ୍ତ କରିବ କପରି ? ବ୍ୟକ୍ତିଗତ ଜୀବନରେ ଶୃଙ୍ଖଳା, ନମନୀୟତା, ଈଶ୍ୱର ବିଶ୍ୱାସ, କର୍ତ୍ତବ୍ୟନିଷ୍ଠା ଆଦି ଥିଲେ ସତ୍ୟବଚନ ପାଟିରୁ ବାହାରିବ । କଠୋରତା, ଅବିଶ୍ୱାସ, ଅବଜ୍ଞା, ଅହଂକାର ଆଦି ମଧ୍ୟରେ ବଞ୍ଚି ରହିଥିବା ମନୁଷ୍ୟ ପାଟିରୁ ସତ୍ୟବଚନ ବାହାରିବ କେମିତି ?

କଠୋର ଶବ୍ଦ, ମିଥ୍ୟା ଆଚରଣ, ଅହଂକାରପୂର୍ଣ୍ଣ କଥା ସବୁ କେଉଁଠାରୁ ଆସେ ? ମଣିଷର ମନ ଭିତରେ ଥିବା ପୁଞ୍ଜିଭୂତ ଅସନ୍ତୋଷ ଓ ଅପୂର୍ଣ୍ଣ କାମନା ଗୁଡିକ ତାକୁ କଠୋର ଭାଷା କହିବାକୁ ଏବଂ ମିଥ୍ୟା କହିବାକୁ ପ୍ରବର୍ତ୍ତାଇ ଥାନ୍ତି । ସେ ଶବ୍ଦଗୁଡିକ ବହୁ ବର୍ଷ ଧରି ମନ ଭିତରେ ବସାବାନ୍ଧି ରହିଥାଏ ଏବଂ ତାହା ସ୍ଥଳ ବିଶେଷରେ ବାହାରି ଆସେ । ମନ ଭିତରେ ବିଦ୍ରୋହାତ୍ମକ ଚନ୍ତା ଗୁଚ୍ଛ ଏକାଠି ହୋଇଗଲେ ବାହାରକୁ ବାହାରି ଆସିବା ପାଇଁ ଛଟପଟ ହୁଅନ୍ତି ଏବଂ ତାହା ଶବ୍ଦର ତୀର ପରି ବାହାରକୁ ବାହାରି ହୃଦୟକୁ ବିଦ୍ଧ କରି କ୍ଷତବିକ୍ଷତ କରିଦିଅନ୍ତି । କାମନାଗୁଡିକୁ ଆୟତ୍ତରେ ରଖିଥିବା ଲୋକମାନେ ଅଳ୍ପ କଥା କହନ୍ତି ଏବଂ ଅନ୍ୟ ବିରୁଦ୍ଧରେ ବିଷ ଉଦଗାର କରନ୍ତି ନାହିଁ । ଇନ୍ଦ୍ରିୟମାନେ ମନକୁ ବିଷାକ୍ତ କରିପକାନ୍ତି । ତା ପରେ ମନୁଷ୍ୟ ହିତାହିତ ଜ୍ଞାନ ଭୁଲି ଯାହାପାରେ ତାହା କରେ ଏବଂ ଯାହା ମନକୁ ଆସେ ତାହା କହିଦିଏ । ମନୁଷ୍ୟ ତାର ବିଚାରଣା ଶକ୍ତି ହରାଏ ଏବଂ ପଶୁତୁଲ୍ୟ ବ୍ୟବହାର କରେ ।

ମାତ୍ର ସତ୍ୟ ର କୌଣସି ବିକଳ୍ପ ନାହିଁ । ତାହା ସୂର୍ଯ୍ୟ ପରି ଜାଜ୍ୱଲ୍ୟମାନ ଏବଂ ଅମଳନ । ସତ୍ୟ କେବଳ ସତ୍ୟ ତାହା ଆପେକ୍ଷିକ ନୁହେଁ କି ଆଂଶିକ ନୁହେଁ । ସେ କେବେ ଲୁଚ ରହେ ନାହିଁ କି ଆଢୁଆଳରେ ରହିପାରେ ନାହିଁ । ସତ୍ୟ ଆଚରଣ କରିଥିବା ବ୍ୟକ୍ତି ମାନେ ଚର ଅମର । ମହାତ୍ମାଗାନ୍ଧୀ, ସ୍ୱାମୀ ବିବେକାନନ୍ଦ ଆଦି ଜ୍ୱଳନ୍ତ ଉଦାହରଣ ଏବଂ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର ମଧ୍ୟ ବଡ ଉଦାହରଣ । ସେମାନେ ସତ୍ୟ ରକ୍ଷା ନମନ୍ତେ, ପଦପଦବୀ, ନଜ ଜୀବନ, ଭୋଗବିଳାସ ସହିତ କେବେହେଲେ ସାଲିସ୍ କରି ନାହାଁନ୍ତି । ସେଥିପାଇଁ ସେମାନେ ଆଦର୍ଶ ଏବଂ ସାମାଜିକ ପ୍ରେରଣାର ଉତ୍ସ ହୋଇ ରହିଆସିଛନ୍ତି ଏବଂ ରହିଥିବେ ମଧ୍ୟ । ସେଥିପାଇଁ ମର୍ଯ୍ୟଦା ପୁରୁଷୋତ୍ତମ ରାମଚନ୍ଦ୍ର ଙ୍କର ପ୍ରାଧାନ୍ୟ ଏ ଯାବତ୍ ପ୍ରାତଃ ସ୍ମରଣୀୟ ହୋଇ ରହି ଆସିଛି ।

ପଞ୍ଚ ଇନ୍ଦ୍ରିୟ ମଧ୍ୟରୁ ଜିହ୍ୱା ବା ରସନେନ୍ଦ୍ରିୟ ଅନ୍ୟତମ । ଅନ୍ୟ ୪ଟି ଇନ୍ଦ୍ରିୟ କେବଳ ଗୋଟିଏ ଲେଖାଏଁ କାର୍ଯ୍ୟ କରିଥାନ୍ତି । କନ୍ତୁ କେବଳ ରସନେନ୍ଦ୍ରିୟର ଦୁଇଟି କାର୍ଯ୍ୟ ରହିଛି । କଥା କହିବା ଏବଂ ଖାଦ୍ୟ ଖାଇବା । ପିତା, କଷା, ଖଟା, ମିଠା, ଲୁଣି ଇତ୍ୟାଦି ଚାଖିବା ଏବଂ ଚାରି ପ୍ରକାର ଖାଦ୍ୟ : ଚବ୍ୟ, ଚୋଷ୍ୟ, ଲେହ୍ୟ, ପେୟ ଖାଇବା କାର୍ଯ୍ୟ ପାଟି କରେ ।

ଅନ୍ୟ ଗୋଟିଏ ସବୁଠାରୁ ବଡ କାମ କରେ ପାଟି । ତାହା ହେଲା କଥା କହିବା । ପାଟି ଯାଉ ସିଆଉ କଥା ନ କହିବା ପାଇଁ ପାଟି ଭିତରେ ଦୁଇଧାଡି ଶକ୍ତ ଦାନ୍ତର ପାଚେରୀ ଦିଆଯାଇଛି । ଜିଭ ଟିକିଏ ଏପଟ ସେପଟ ହେଲେ ଦାନ୍ତ ଭିତରେ ପଶି କଟିଯିବ ।

ଏହାର ଏକମାତ୍ର କାରଣ ହେଲା ମଣିଷ ଜଣେ ବ୍ୟକ୍ତି ଭାବରେ ଆଚରଣରେ ଓ ଉଚ୍ଚାରଣରେ ଭିନ୍ନ ହୋଇଯାଏ । ଯାହା କରେ ତାର ଚିନ୍ତା ଭିତରେ ନ ଥାଏ । ତେଣୁ ଚିନ୍ତା ଗୋଟେ ପ୍ରକାର କଥା ଗୋଟେ ପ୍ରକାର ଆଉ କାର୍ଯ୍ୟ ଆଉ ଏକ ପ୍ରକାର । ଜଣେ କଣ କଥା କହିବ ତାହା ଚିନ୍ତା କରି କହେ ନାହିଁ । ସତ୍ୟ କହିବା ପରିବର୍ତ୍ତେ ପୁଞ୍ଜିଭୂତ ଅସନ୍ତୋଷ ବାହାରକୁ ଖପଖାପ୍ ବାହାରି ଆସେ । ତାକୁ ଘୋଡାଇବାକୁ ଛଳନାର ଆଶ୍ରୟ ନେବାକୁ ପଡେ । ମିଥ୍ୟାର ଆଶ୍ରୟ ନେବାକୁ ପଡେ । ସତ୍ୟ କହୁଥିବା ଲୋକର ଭୟ ନ ଥାଏ । କିନ୍ତୁ ସତ୍ୟ କହିବାର ଅର୍ଥ ନୁହେଁ ଯେ ସତ୍ୟ କହି ଅନ୍ୟକୁ ଆଘାତ ଦେବା । ସତ୍ୟ ଏପରି କୁହାଯିବା ଉଚିତ୍ ଯେପରି ଅନ୍ୟ ଜଣେ ତାକୁ ହୃଦୟଙ୍ଗମ କରି ପାରିବ କିନ୍ତୁ ତାକୁ କଷ୍ଟ ହେବନାହିଁ ।

ଭଗବାନ ସତ୍ୟସାଇ କହନ୍ତି -

**The tongue is the armour of the heart. It guards ones life. Loud talk, wild talk, talks full of anger, all these affect the health of man. They breed anger and hate in others, they wound, they excite, they enrage, they estrange.**

ମଣିଷ କଥା କହିଲା ବେଳେ **4**ଟି ଭୁଲ୍ କରେ ।

**1.** ଥରେ ମିଛ କହିଲେ ତାକୁ ପ୍ରମାଣ କରିବାକୁ ଆହୁରି ମିଛ କହେ ।

**2.** ନିଜକୁ ବଡ କରି ଅନ୍ୟକୁ ଛୋଟ କରି ନିଜର ଆତ୍ମବଡିମା ପ୍ରକାଶ କରେ ।

**3.** ବିନା କାରଣରେ ଅନ୍ୟର ନିନ୍ଦା କରି ଆନନ୍ଦ ପାଏ ।

**4.** ଅତ୍ୟଧିକ ଗପିବା ଦ୍ୱାରା ଅଯଥା କଥା କହି ନିଜକୁ ଅନ୍ୟ ଆଗରେ ଛୋଟ କରିଦିଏ ଏବଂ ଅନେକ ଭୁଲ କରି ପକାଏ ।

ସେଥିପାଇଁ ଜଗିରଖି ଭାବିଚିନ୍ତି କଥା କହିବା ଏବଂ ବେଶୀ କଥା ନ କହିବା ଦ୍ୱାରା ଅପ୍ରିୟ କଥା ପାଟିରୁ ବାହାରିବ ନାହିଁ । ବେଦ ବାଣୀକୁ ପାଳନ କରି ଅପ୍ରିୟ କଥା ନ କହିବାକୁ ଚେଷ୍ଟା କରିବାରେ ଆମ ସମସ୍ତଙ୍କର ମଙ୍ଗଳ ନିହିତ । ଏହା ଅନେକ ସମସ୍ୟାର ସମାଧାନର ବାଟ ଫିଟାଏ ।

ପ୍ଲଟ ନ. ୪୬୧୯/୨୧, ପୋଖରୀପୁର ଭିଲେଜ
ପୋ. ଚନ୍ଦ୍ରଶେଖର ପୁର, ଭୁବନେଶ୍ୱର – ୭୫୧୦୧୬

# ନାଁ ତା କଟକ



ରାଜକଶୋର ସାଇଁ

ଏଇ ଆମ ରାଇଜର ପୁରାତନ ସହର
ନାଆଁ ତା କଟକ ଆଉ ବର୍ଷ ତାକୁ ହଜାର ।୦।

ମହାନଦୀ କାଠଯୋଡି ଯାର ଜୀବନ ରେଖା
ଆପଦେ ବିପଦେ ଦିଏ ମାଆ ଚଣ୍ଡୀ ସୁରକ୍ଷା
ସାରା ଓଡିଶାର ଥିଲା ଦିନେ ଏ ପ୍ରାଣକେନ୍ଦ୍ର
କର୍ମଭୂମି କରିଥିଲେ ମହାମନଷୀ ବୃନ୍ଦ
ଭାଇଚାରା ଭାବ ଏଥି ଜୀବନର ଆଧାର ।୧।

ଜନମ ଦେଇ ମହାନ ଦେଶଭକ୍ତ ସୁବାଷ
ଖ୍ୟାତି ଯାର ବ୍ୟାପିଗଲା ଦେଶ ଆଉ ବିଦେଶ
ତ୍ୟାଗବୀର ଗୋପବନ୍ଧୁ ଏଠୁ ଛାପି "ସମାଜ"
ବିଦେଶୀଙ୍କୁ କଲେ ବଶ ଦେବାପାଇଁ ସ୍ୱରାଜ
ବହନ କରେ ଐତିହ୍ୟ ବାରବାଟୀ ଯାହାର ।୨।

ଭୁବନେଶ୍ୱର ହେବାରୁ ରାଜଧାନୀ ଆମରି
ଅଲୋଡା ହୋଇ ପଡୁଛି ଏ ପ୍ରାଚୀନ ନଗରୀ ।
ସରକାରୀ କାର୍ଯ୍ୟାଳୟ ଏଠୁ ଉଠି ଯାଉଛି
ଗୁରୁତ୍ୱ ହରାଇ କ୍ରମେ ଏ ଶ୍ରୀହୀନ ହେଉଛି ।
ହେବା ଯୋଗୁଁ ଅବହେଳା ଆଉ ବାଛ ବିଚାର ।୩।

ଯାର ଶିଳାବନ୍ଧ ସ୍ଥାପି ମରକତ ନରେଶ
ଲଭିଲେ ଗୌରବ ଆଉ ଯଶ କୀର୍ତ୍ତି ଅଶେଷ ।
ଭୂମିପୁତ୍ର ବିଜୁବାବୁ ପୂର୍ବ ଗ୍ରଇଜ ମୁଖ୍ୟ
ନବ ଉତ୍କଳ ନର୍ମାତା ସ୍ୱର୍ଗେ ପାଆନ୍ତି ଦୁଃଖ ।
ଅତି ପ୍ରିୟ ଭୂମି ତାଙ୍କ ହେବାରୁ ସାତ ପର ।୪ ।
ସଂସ୍କୃତି ର ବାର୍ତ୍ତାବହ ଏ ପୁରୁଣା କଟକ
ସଭିଏଁ ହୋଇ ଏକାଠି ୟାର ରଖିବା ଟେକ ।
ସାମ୍ୟ ମୈତ୍ରୀ ମହାମନ୍ତ୍ର ହେଲେ ସବୁରି ଧ୍ୟେୟ
ଅନ୍ୟାୟ ଭଜିବ ନଦ୍ରା ହିଂସା ହେବ ବିଲୟ ।
ବାଜିବ ବିଜୟ ଭେରୀ ଶିରୀ ଫେରିବ ୟାର ।୫ ।

ଗ୍ରଇଜର ମୁଖିଆଙ୍କୁ ଆମ ଏଇ ମିନତି
ଦିଅନ୍ତୁ ସେ ଶୁଭଦୃଷ୍ଟି ୟାର ବିକାଶ ପ୍ରତି ।
ତୁଣ୍ଡରୁ ଖସିଲେ କଥା ଆଉ ଲେଉଟେ ନାହିଁ
କୀର୍ତ୍ତିରାଜି ହେଲେ ଲୀନ ଆଉ ଫେରିବ କାହିଁ ।
ନହେଲେ ଉତ୍ତର ପିଢ଼ୀ ଦୋଷ ଦେବ ଆମର ।୬ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

# ନଦାଘର ଛାଇ



ପ୍ରିୟଦର୍ଶିନୀ ମହାନ୍ତି

ଏଠି ସେଠି ସବୁଠି ଦେଖ
ନଦାଘର ର୍ଜୁତି,
ଖଜୁରୀ ଗଛର ଛାଇରେ
ହାଲିଆ ମାରେ ତାଳଗଛ,
ତାଳଗଛରେ ବାଇଆ ବସା,
ବସାରେ ବାଇଚଢ଼େଇ
ଗଣନା କରୁଛି,
ଛାଇ ହେବା ପାଇଁ ଆଉ କେତେ ଦିନ!

ଦୂର ଗୃକୁଣ୍ଡା ମୂଳରୁ
ଗୋରୁଆଳ ପିଲ୍ର
କୁହୁକ ଗୀତ,
ଗୀତରେ ଗୀତରେ
ଛାଇର ମନ୍ତ୍ର...
ମାଟିରୁ ମୁଠେ ଆଣି
ଉଡେଇଦିଏ ପବନରେ
ଆଉ କୁହେ ... ଦେଖ୍
ମାଟିକୁ ବି କେତେ ତୃଷ୍ଣା..!

ମାଟି ବି ଫାଟି
ହୋଇଛି ଉପରମୁହାଁ
ମମତା ଟିକକ ପାଇଁ,

ପୁଞ୍ଜା ପୁଞ୍ଜା ବଉଦ ଆକାଶେ ସିନା
ନଦାଘର ଛାଇ ନାହିଁ।

ଅଣ୍ଟିରୁ ତଣ୍ଟି ଯାଏଁ
ନଦାଘର ତୀବ୍ର ଜ୍ୱଳା,

ନଦାଘର ତହ ତହ କରଣ ଭିତରେ
ସଭିଏଁ ଖୋଜନ୍ତି
ଘଡ଼ିଏ ଛାଇର ବିଶ୍ରାମ,
ଛାଇର ତଲାସରେ
ତମାମ ମାଟି ଆଉ ବ୍ୟୋମ...

(ଶିକ୍ଷୟିତ୍ରୀ)
ଖୋର୍ଦ୍ଧା

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ବିଦ୍ୟା ଦାୟିନୀ

ସତ୍ୟନାରାୟଣ ମିଶ୍ର

କଏ କହେ ତତେ ବିଦ୍ୟା ଦାୟିନୀ ତ
କଏ କହେ ସରସ୍ଵତୀ
କଏ କହେ ବୀଣା ବାଦିନ ମାଆ ଗୋ
ବାଗ୍ଦେବୀ ବାଣୀ ଭାରତୀ
ପଦ୍ମସନୀ ଶୁଭ୍ର ବସନା ଜନନୀ
ମରାଳ ବାହିନୀ ବରଦା
ପଦ୍ମଯୋନ ସୁତା ଭୁବନ ବନ୍ଦିତା
ବିଷ୍ଣୁ ମୋହିନୀ ସାରଦା
ନାମେ ତୋ ଶକତି ନାମେ ତୋ ଭକତି
ଅଜ୍ଞାନ ତିମିର ନାଶିନୀ
କଳା ଭଣ୍ଡାର ର ମାଲି କାଣି ତୁମେ
ନୃତ୍ୟ ସଙ୍ଗୀତ ର ସାରଣୀ
ଶ୍ରୀପାୟରେ ତୋର ସରଣ ଦେବୁ ଗୋ
ଏତିକ ଦାସ ର ମାଗୁଣି
କଞ୍ଚିତ କରୁଣା ସିଞ୍ଚିବୁ ମୋ ମାଥେ
ବିଦ୍ୟା ନଧି ଧୀ ମନ୍ଦାକନ

ସିଂଧେକେଲ୍, ବଲାଙ୍ଗୀର

# ଶୀତ



ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ନବ ବଧୂ ସାଜି ଶୀତ ଆସେ ଆଜି
ଧବଳ କୁହୁଡି ଓଢଣା ଟାଣି,
ଧରଣୀ ବୁକୁରେ ସବୁଜ ପଲ୍ଲବ
ଦିନକର ସ୍ପର୍ଶେ ଲାଗୁଥାଏ ସତେ
ବୁଣି ଦେଇଛି କେ ମୁକୁତା ମଣି ।।
କୁଳ ନାରୀ ଦେହ ପଖାଳ ଦେଉଛି
ଧୀର କଣ୍ଠ ତାର ଶୀତକୁ ଥରେ,
ବୁଢ଼ୀ ମାଉସୀଟା ଦାଣ୍ଡ ଖରକୁଛି
ପ୍ରାପତ ବୟସ ନାହିଁଟି ଅଳସ
ତରତରେ ବାସି କାମକୁ ସାରେ ।।
ଶୁଭୁଅଛି ଧୀରେ ଦୂର ମନ୍ଦିରରେ
ମନ୍ତ୍ର ଧ୍ୱନ ଆଉ ଘଣ୍ଟ ଶବଦ
କାଶିଆ କପିଳା ମୁଖେ ଦେଇ ଦାନା
ମୁଗ ବୁଜୁଳା କୁ କାନ୍ଧରେ ପକାଇ
ଚଷା ପୁଅ ଯାଏ ଚଷିବ କ୍ଷେତ ।।
କଅଁଳ ଖରାରେ ଶିଶୁ ଖେଳୁଅଛି
ଜଗି ବସି ପଢେ ପାଶେ ଭାଇଟି ,,
ଗାଁଆ ମୁଣ୍ଡଟାରେ କୁଟା କାଠି ଜାଳ
କଛି ଦରବୁଢ଼ା ଜାକଜୁକ ହୋଇ
ହାତ ସେକୁଥା'ନ୍ତି ହୋଇ ଏକାଠି ।।
ବିଳମ୍ବରେ ସିନା ଆସିଲା ଏ ଶୀତ

ଥରାଇ ଦେଉଛି ସାରା ଶରୀର,,
ଦିନ କେଇଟାରେ ଆଇଷ୍ଣ ପୂରିବ
ଗ୍ଳଲିଯାଇ ଦୂରେ ଆଖି ଠାରୁଥିବ
ସୂର୍ଯ୍ୟ ପରଶିବେ ଗ୍ରୀଷ୍ମ ଜହର ।।

ଚକାପଦା, ବେଗୁନଆ, ଖୋର୍ଦ୍ଧା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ପ୍ରକୃତିପ୍ରେମୀ

ସୁଶୀଲ କୁମାର ମହାପାତ୍ର

ପ୍ରକୃତି ଆଉ ମଣିଷ.. ଦୁହେଁ ଆବହମାନ କାଳରୁ ଅଙ୍ଗାଙ୍ଗୀ ଭାବେ ଜଡିତ I ଦୁନିଆରେ ମଣିଷ ସର୍ବଶ୍ରେଷ୍ଠ ଜୀବ I କେତେବେଳେ ଅସହାୟ ହେଲେ ପ୍ରକୃତିକୁ ଭଲ ପାଇବା ଆରମ୍ଭ କରେI ନିଜର ବ୍ୟସ୍ତ ବିବ୍ରତ ଜୀବନରେ ନିଜ ସ୍ୱାର୍ଥ ସାଉଁଟିବାରେ କାହା କଥା ମନେ ପଡ଼େନି I ମନେ ପଡ଼େନି ମା ର ମମତା ପିତା ର ତ୍ୟାଗ I ଏଠି  ମଣିଷ ନିଜକୁ ସର୍ବଶ୍ରେଷ୍ଠ କରି ଗଢି ତୋଳିବାପାଇଁ ପ୍ରଚେଷ୍ଟା ରେ କେମିତି ନିଜ  ଆୟୁ ସାରି ଦିଏ ଜାଣିପାରେନି I ତଥାପି ଏଇ ସ୍ୱାର୍ଥପର ଦୁନିଆ ରେ ଯେ ପ୍ରକୃତିପ୍ରେମୀ ଅଛନ୍ତି  ଭାବିଲେ ବିଶ୍ୱାସ ହୁଏନି I ମନେ ହୁଏ ଯିଏ ପ୍ରକୃତିପ୍ରେମୀ ସେ ହିଁ ମାନବପ୍ରେମୀ I

ନୂଆ ଚାକରୀ, ସାଙ୍ଗ ମାନଙ୍କ ସହ ପାରାଦ୍ୱୀପ ବାହାରିଲୁ I ଯିବାବାଟରେ ରଘୁନାଥପୁର ପଡେ I ସେଇଠି ଜଳଖିଆ ପାଇଁ ଅଟକିଲୁ I ହଟାତ ଦେଖା ହେଲା ବଡ଼ି ଭାଇ ଙ୍କ ସହ I ବଡ଼ି ଭାଇ ସହ ଏମିତି ଯେ ଦେଖା ହେବ ଭାବି ନଥିଲି I ବୟସ ହେଇ ଯାଇଛି ତଥାପି ନିଜ ଦେହରେ ବୟସର ଛିଟା ନାହିଁ I ମନ ବହୁତ ଦୁଃଖରେ ଥିଲା ଭଲ ଲାଗିଲା I ପାଖକୁ ଗଲି ନମସ୍କାର କଲି I ଭାଇ ବହୁତ ସ୍ୱାଭିମାନୀ I ଅମାୟିକ ଲୋକ I ତାଙ୍କ ମୁଖ ମଣ୍ଡଳ ରେ ବିଷଣ୍ଣର ଭଷା ବାଦଲ ଦେଖି ମୋ ହଜମ ହେଲାନି I ପଚାରିଲି ଭାଇ ଭୁବନେଶ୍ୱର ଛାଡିକି ଏଠି, ପୁଣି ଟେନସନ ଥିଲା ଭଳି ଲାଗୁଚ?  ହସି କହିଲେ ନାଇଁ ମ ସେମିତି କିଛି ନାହିଁ, ଚାଲ ଘରକୁ ଯିବା ପଖରେ ମୋ ଘର I ମନା କରିପାରିଲିନି I ସାଙ୍ଗ ମାନଙ୍କ ସହ ଘରକୁ ଗଲୁ I ପ୍ରକୃତି ର ଅନନ୍ୟ ସମ୍ଭାର I ଚତୁଃପାର୍ଶରେ ଆମ୍ବ ପଣସ ଲେମ୍ବୁ ଆହୁରି ଅନେକ ଫଳ ଆଉ ପୁଷ୍ପ ବୃକ୍ଷର  ସମ୍ଭାର I ଘର ନା  ଆଶ୍ରମ ବୁଝିପାରିଲିନି I ହଜି ଗଲି କଳ୍ପନା ରାଇଜରେ....

ସମୟ ର ତାଳେ ଦେଖା ହୁଏ ଏମିତି ଏକ ମଣିଷ ସହ ଯାହା ସହ ଯେତେ ନିବିଡ଼ତା ହୁଏ, ସେହି ଲୋକ ର ବ୍ୟାପକ ପରିଧିର ପରିସର ବିଷୟରେ ସେତେ ଅଧିକ ଜାଣିବାରେ ସମର୍ଥ

ହୁଏ । ସତରେ ମଣିଷ ଭଳ ମଣିଷ ଟିଏ । ଛୋଟ ଦିନରୁ ଗୋଟେ କଥା ଶୁଣି ମୁଣ୍ଡ ରେ ଯେମିତି ଖଞ୍ଜା ହୋଇଯାଇଥିଲା, କଟକଆଙ୍କୁ ସହଜେ ବିଶ୍ୱାସ ନାହିଁ । ବଦ୍ରି ଭାଇ ବି ଅବିଭକ୍ତ କଟକ ଜିଲ୍ଲା ର । ମୁ ବି ଏମିତି ବିଶ୍ୱାସ କରୁ ନଥିଲି । କନ୍ତୁ ଧିରେ ଧିରେ ସେଇ ମଣିଷ ପଖରେ ମୁ କେବେ  ନତମସ୍ତକ ହେଲି ଜାଣିପାରିଲିନ । ମନେ ହୁଏ ମା ପେଟର ଭାଇ ନ ହେଲେ ବ ବଡ ଭାଇ ଠୁ କମ ନୁହେଁ । ଗୋଟେ ତ ତାଙ୍କର ଶିକ୍ଷା ଯାହା କରିପାରିବନ କହିବନ । ଆଉ ସତ ଯେତେ କଷ୍ଟ ଦେଉ ପଛେ ମିଛ କହି ନଜକୁ ବଡ ଦେଖାଇବ ନାହିଁ । ସତରେ ମଣିଷ ଠୁ ଆଉ କଣ ଶିଖିବ । ମନେ ଭାବେ ଯୋଉଠି ଗାନ୍ଧୀ ଗୋପବନ୍ଧୁ ଙ୍କୁ ଲୋକେ ବୁଝିପାରୁନଥିଲେ ଇଏ କଏ**?**  କନ୍ତୁ ମଣିଷ ଭଳ ମଣିଷ ଲାଗେ । ହଟାତ ପ୍ରକୁତିସ୍ଥ ହେଲି ଭାଇଙ୍କ ଡାକରେ କହିଲେ ଆରେ ଆଉ ସବୁ ଭଲ । କଣ ଚାଲିଛି । କଣ  କହିବି କହିଲି ଭାଇ ମନ ଦୁଃଖ କଣ ପାଇଁ  । ତୁମ ଘର ତ ସ୍ୱର୍ଗ ଭଳ, କୋଉ ଆଶ୍ରମ ଠୁ କୋଉ ଗୁଣରେ କମ ନାହିଁ । ତୁମେ ଯେ ପ୍ରକୃତି ପ୍ରେମି ଜାଣି ନଥିଲି । ଭାଇ କହିଲେ ଆରେ ମୁ ଗୋଟେ ଅଭିଶପ୍ତ ମଣିଷ ହୋଇ ଯାଇଛି । ଏଇ ସାମନାରେ ଦୁଇ ଟି ଆମ୍ବ ଗଛ ଦେଖୁଛ । ତାଙ୍କୁ ପୁଅ ଭଳ ସ୍ନେହ ଦେଇ ବଢେଇଛି । କନ୍ତୁ ସୁରକ୍ଷା ଦେଇପାରୁନ ମୁ । ଧିକ ମୋତେ, କହି ଆଖିରୁ ଅଶ୍ରୁ ଧାର ବହି ଆସିଲା । ଅଶ୍ରୁ ଭିତରେ ପ୍ରେମକୁ ମୁ ଦେଖୁଥାଏ । ଭାବୁଥାଏ ଏମିତି କଥାରେ ବି ମଣିଷ କୋହ ବାହାରେ **!** ଭାଇ କହିଲେ ଆ ଗଛ ଦୁଇଟା ଭାବୁଥିବେ ଏ କାହିଁକି ଆମକୁ ବଢ଼ାଇ ଏମିତି କଷ୍ଟ ଦେଉଛି । କନ୍ତୁ ମୁ କଣ କରିପାରିବି ସକାଳୁ **7** ଜଣ ସ୍ତ୍ରୀ ଲୋକ ଡାଳ ଭାଙ୍ଗି ନେଲେନ । ଶେଷରେ ମୁଢି ବାଲା ବି ଦୁଇ ଚାରି ଡାଳ ଭାଙ୍ଗି ନେଇଗଲା । ଆଜି ମକର ସଂକ୍ରାନ୍ତି ବୋଲି ମୋ ଗଛ ର କଣ ଭାଗ୍ୟ ଖରାପ**?** ବଉଳ  ଆସିବ ବୋଲି ମୁ ଅପେକ୍ଷାରେ କନ୍ତୁ ସୁରକ୍ଷା ଦେଇପାରୁନ । ଲାଗିଲା ମୋତେ ବଦ୍ରି ଭାଇ ଯେମିତି ମଣିଷ ନୁହେଁ ମଣିଷ ରୁପି ବୃକ୍ଷର ମା ଟିଏ । ମୋ ଦେହର ଲୋମ ସବୁ ଯେମିତି  ଠିଆ ହୋଇ ଯାଉଥାଏ । ଆଜି ବି ବୃକ୍ଷ କୁ ଏମିତି ଭଲ ପାଉଥିବା ଲୋକ ଅଛନ୍ତି । ସତରେ ଦେଖା ହେଲା ଆଜି ଏମିତି ମଣିଷଟିଏ । ଯିଏ କ ଭୁବନେଶ୍ୱର ଚାକଚକ୍ୟ ଜୀବନ ଛାଡିକ ଗାଁ କୁ କଣ ପାଇଁ ଆସୁଚ**?**  ଏମିତି ବି ମଣିଷ ଅଛନ୍ତି **....** ପ୍ରକୃତି ପ୍ରେମୀ ସତରେ ମାନବ ପ୍ରେମୀ**...** ଇଚ୍ଛା ହୋଉଥାଏ ତାଙ୍କ ପାଦ ଛୁଇଁ ପ୍ରଣାମ କରିବାକୁ । ଶିବ କହିଲା ଭାଇ ଯିବା କ**??** ଯିବା ପୂର୍ବରୁ  ଇଚ୍ଛା ହୋଉଥାଏ ଏହି ଆଶ୍ରମ ରେ ଦୁଇ ଦିନ ରହିଯାନ୍ତି କ**???**

ବୀରମହାରାଜପୁର, ସୁବର୍ଣ୍ଣପୁର

# 'ପାଣ୍ଡୁଲିପି'ର ଅନ୍ତର୍ଦାହ



ପ୍ରିୟରଞ୍ଜନ ସାହୁ

ସାଇତି ରଖିଛି ଯେ କେତେ ସ୍ମୃତି...
କେତେ ସୁଖଦ ଅଭିବ୍ୟକ୍ତି
ସାଥେ ପୁଣି ବିନିଦ୍ର କାଳରାତ୍ରିର ଦୁଃଖଦ ଅନୁଭୂତି
ବୁଝିଛି ଏତିକି ନିଜ ପରିଚିତି
ବାସ୍ ! ସେ କେବଳ ସ୍ରଷ୍ଟା ଭାବନାର...
...ଜୀବନ୍ତ ପ୍ରତିକୃତି...!

ସେ ପରା ମାନସ ସନ୍ତାନ
ଚିନ୍ତା ଚେତନାର ଜାଗରଣ
ସେଲାଗି ଆତ୍ମୀୟତାକୁ ଝୁରେ ପ୍ରତିକ୍ଷଣ...।

ସ୍ଥାନ ଦିଏ ବକ୍ଷେ ସୃଜନର ନିଃଶ୍ୱାସ
କହିଛି ବ୍ୟକ୍ତିତ୍ୱର ଆଭାସ...
ଲେଖନୀ ସଜାଇଥିଲା ଶୃଙ୍ଗାରେ
ସେହି ଆପଣାର ଏବେ ଗଣା ବର୍ଜ୍ୟରେ..
ବନ୍ଧୁତ୍ୱର ଭଗ୍ନରାଗିଣୀକୁ ହୁଏ ସେ ଗୁମୁରି
କାଳବକ୍ଷେ ସେ ଅବା ଯିବ ଅପସରି..?

ପରପିଢ଼ି ତ' ଆଧୁନିକତାରେ କବଳିତ
କେ' ଦେବ ମୂଲ୍ୟ - ମାନପତ୍ର..?!

ଜର୍ଜରିତ ହୁଏ ସେ ପ୍ରତ୍ୟହ
କେବେ କଏ ରୋକିବ ତା' ଦୁଃଖ ପ୍ରବାହ...??

ବାସ୍ ! ସତେ ଅବା ସେ...
ଯାତନାସ୍ତୁପର ସାକାର
ବ୍ୟଥିତ ଅନ୍ତର୍ଦାହ 'ପାଣ୍ଡୁଲିପି'ର.....!!!!

ରସୁଲଗଡ଼, ଭୁବନେଶ୍ୱର

# ସ୍ମୃତି



କରଣ ମୟ ସେନାପତି

ସ୍ମୃତି ଗୋ ତୁମେ ପାହାନ୍ତି ରାତିର
 ମିଠା ମିଠା ଏକ ସ୍ୱପ୍ନ
ଓ୍ତ୍ରି ଗୋ ତୁମେ ପ୍ରେମର ରାଇଜେ
 ନୂଆଁ ଏକ ରୁପା ଜହ୍ନ ।
ସ୍ମୃତି ଗୋ ତୁମେ ବରଷା ରାତିର
 ପ୍ରେମଭରା ଏକ ତାତି
ସ୍ମୃତି ଗୋ ତୁମେ ଅତୀତ ପୃଷ୍ଠାର
 ଅଲିଭା ଅଫେରା ଗୀତି ।
ସ୍ମୃତି ଗୋ ତୁମେ ଯୌବନ ବେଳାର
 ନୂଆଁ ଏକ ଅନୁଭୂତି
ସ୍ମୃତି ଗୋ ତୁମେ ଦିଗହଜା ଏକ
 ଜୀବନର ପରିସ୍ଥିତି ।
ସ୍ମୃତି ଗୋ ତୁମେ ଝରି ପଡୁଥିବା
 କୋହରେ ଭରା ଲୋତକ
ସ୍ମୃତି ଗୋ ତୁମେ ପ୍ରେମୀ ଯୁଗଳଙ୍କ
 ସାଇତା ଶେଷ ସନ୍ତକ ।

ଜୁନାଗଡ, କଳାହାଣ୍ଡି

# ଭାବର ଠାକୁର ଶ୍ରୀଜଗନ୍ନାଥ: ବାଲି ଗାଁ ଦାସ



ସୁଷମା ପରିଜା

ତିନିଦିନ ତିନି ରାତି ବିତି ଗଲାଣି । ସେଇଠି ସେମିତି ବାରଣ୍ଡାକୁ ଆଉଜି ଶୂନ୍ୟ ଦୃଷ୍ଟିରେ ଚାହିଁ ରହିଛନ୍ତି ସେ । କେତେବେଳେ କାନ୍ଦୁଛନ୍ତି, କେତେବେଳେ ହସୁଛନ୍ତି, କେତେବେଳେ "ମୋ କାଳିଆ" "ମୋ କାଳିଆ" କହି ଭୂମିରେ ଲୋଟି ଯାଉଛନ୍ତି ତାର ଠିକଣା ନାହିଁ । ଦିନ ମଜୁରିଆ ଲୋକ, ମଜୁରୀ ଲାଗିଲେ ସିନା ଚଳିବ । ନହେଲେ ଚୁଲି ଅଜଳା ରହିବା ସାର ହେବ ସିନା। ଘରେ ଯାହା ବି ଖୁଦ ଚାଉଳ ଥିଲା ସବୁ ସରିଲାଣି ଦି' ପ୍ରାଣୀ ଖାଇବେ କ'ଣ? କେଉଁ ନଉଁଛୁଣା ଯୋଗରେ ଲୋକଟା ପୁରସ୍ତମ ଯାଇଥିଲା ଯେ ସେଠାରୁ ଫେରି ସବୁ ବୁଦ୍ଧିଶୁଦ୍ଧି ହଜେଇ ବସିଛି । ଗୁଣୁଗୁଣୁ ହୋଇ ମନକୁ ମନ ଗରଗର ହେଉଥାନ୍ତି ସୁମତୀ । ଚାରିଆଡ ଦରଣ୍ଡା ଦରଣ୍ଡି କରି ଯେଉଁ ଗଣ୍ଡାକ ଖୁଦ ମାଠିଆରେ ପଡିଥିଲା ସେଇ ଗଣ୍ଡାକ ଜାଉ କରି ବାଡିର କଳମ ଶାଗ ତୋଳି ଭଜା ଟିକିଏ କରି ବଢା ବଢି କଲେ ସେ । ବାରଣ୍ଡାରେ ବସିଥିବା ସ୍ୱାମୀଙ୍କୁ ଡାକ ଡାକ ନ ଶୁଣିଲାରୁ ହାତ ଧରି ଆଣି ଖାଇବା ଥାଳି ପାଖରେ ବସାଇ ଦେଇ କହିଲେ, "ହେଇଟି ଶୁଣୁଛ ତିନିଦିନ ହେଲାଣି ବହୁତ ନାଟ ଲଗେଇଲଣି, ଆଉ ନାଟ କର ନାହିଁ । ଭୋକରେ ମୋ ପେଟ ଆଉଟୁ ପାଉଟୁ ହେଲାଣି । ତମେ ଖାଇ ସାରିଲେ ଯାହା ବଳିବ ମୁଁ ଖାଇ ସାରି ଟିକେ ବିଶ୍ରାମ ନେବି । ଖରା ତେଜରେ ଦିହ ମୁଣ୍ଡ ଝାଇଁ ମାରି ଯାଉଛି ।

ସ୍ଥାଣୁ ଭଳିଆ ବସି ରହିଥିଲେ ସ୍ୱାମୀ ଜଣକ । ତାଙ୍କର ଦୃଷ୍ଟି ସ୍ଥିର ହୋଇ ରହି ଯାଇଥିଲା ବଢା ହୋଇଥିବା ଧଳା ଜାଉ ଆଉ ତା' ମଝିରେ ଥୁଆ ହୋଇଥିବା କଳା ଶାଗଭଜା ଉପରେ। ଦେଖି ଦେଖି କ'ଣ ମନରେ ଭାବିଲେ କେଜାଣି କାନ୍ଦି ଉଠିଲେ ଭୋ ଭୋ କରି । "ଇଏ ସେହି, ଇଏ ସେହି" କହି ହସି ଉଠିଲେ । କ'ଣ କ'ଣ କହି ଉଠି ଆସିଲେ ସୁମତୀ, ଲୁଗା କାନିରେ ଲୁହ ପୋଛିଦେଇ ଖାଇବା ପାଇଁ ଅନୁରୋଧ କଲେ । ଝର ଝର

ହୋଇ ଲୁହ ଗଡି ପଡୁଥିବା ସ୍ୱାମୀଙ୍କ ଆଖିରୁ । ସେ ଗାଇ ଉଠିଲେ "ଏଇ ତ ସେ ଚକା ଆଖିରେ, ଦେଖିଥିଲି ଯାହା ରଥ ଉପରେ, ଏଇତ ସେ ...." ଗାଇ ଗାଇ ନାଚ ନାଚ ବାହାରି ଗଲେ ବାଡି ପଟକୁ । ବାଡ଼ିପଟରେ ନଡିଆ ଗଛ ଭର୍ତ୍ତି । ନଡିଆ ବାହୁଙ୍ଗା, ନଡିଆ କତା, ନଡିଆ ସଢେଇ ସବୁ ବିଛାଡି ହୋଇ ପଡି ରହିଛି । ଗୋଟେଇ ଆଣିଲେ ସଢେଇ ଦୁଇଟି । ଗିନ ଭଳ ବଜାଇବାକୁ ଲାଗିଗଲେ, କଣ୍ଠରୁ ଝରି ପଡୁଥିଲା ସେଇ ଗୀତ, ଏଇତ ସେ ଚକା ଆଖିରେ, ଦେଖିଥିଲି ଯାହାରଥ ଉପରେ ...... ।

ସ୍ୱାମୀଙ୍କୁ ଏମିତି ପାଗଳ ଭଳ ନାଚୁଥିବାର ଦେଖି ବ୍ୟାକୁଳତ ହୋଇ ଉଠିଲା ସୁମତୀଙ୍କ ହୃଦୟ । ସେ ଧାଇଁ ଯାଇ ପାଖ ପଡୋଶୀମାନଙ୍କୁ ଡାକ ଆଣିଲେ । ସମସ୍ତେ ବୁଝାବୁଝି କଲେ ମଧ୍ୟ ନାଚଗୀତ ବନ୍ଦ ହେଲା ନାହିଁ ତାଙ୍କର । ପଡୋଶୀଙ୍କ ମଧ୍ୟରେ ଜଣେ କହିଲେ, ବୁଝିଲ ! ଦାସିଆଭାଇ ଆମ ସାଙ୍ଗରେ ପୁରସ୍ତମ ଯାଇଥିଲ।। ରଥ ଉପରେ ଚତୁର୍ଦ୍ଧାମୂରତିଙ୍କୁ ଦେଖି ପାଗଳ ପରି ଛୁଟିଗଲା ରଥପାଖକୁ ଟିକଏ ରଥ ଦଉଡି ଛୁଇଁବା ଲାଗି । ସେତିକ ବେଳେ ଆମ ପାଖ ଗାଁର ଅଗଣି ମିଶ୍ରେ ତାଙ୍କୁ ଦେଖି ପକେଇଲେ । "ଆରେ ଆରେ .... ଠାକୁର ମାର୍ ହୋଇଯିବେ ଅଛୁବ ଜାତିର ଛାଇ ପଡିଲେ" କହି ଚଲ୍ଲେଇ ପକେଇଲେ ଯେ ପାଖରେ ଥିବା ଲୋକମାନେ ପର୍ ଦାସିଆ ଭାଇକୁ ଭିଡିଓଟାରି ତଳେ ପକେଇ ଦେଲେ, ଥୋକାଏ ତା' ପିଠି ଉପରେ ଚଢି ଗଲେ ଆଉ ଗୋଇଠା ବିଧା ଲଦି ଦେଇଗଲେ । ସେଇ ମାଡ ଖାଇବା ଭିତରେ ବି ଦାସିଆଭାଇ ଜିଦି ଛାଡି ନଥିଲା ପର୍ । କାନ୍ଦିକାନ୍ଦି କହୁଥିଲା ରଥ ଦଉଡି ଟାଣିବି, କାଳଆକୁ ଟିକେ ପାଖରୁ ଦେଖିବି, ଆମକୁ ତ ଦେଉଳ ଯିବା ମନା, ବରଷକେ ଥରେ କାଳଆ ଆସିଛି ଆମକୁ ଦେଖିବା ଲାଗି, ଆମେ ତାକୁ ଚର୍ମନେତ୍ରରେ ଦେଖିବୁ, ଏ ପାପୀ ଜନ୍ମରୁ ଉଦ୍ଧାର ପାଇବୁ । ଗୋସେଇଁ ! ମତେ ଛାଡିଦିଅ, ମୁଁ ମୋ ବାଡିର ନଡିଆଟିଏ ତୋଳ ଆଣିଛି ତାକୁ ଦେବି ବୋଲି । ତାକୁ ଦେଇ ଥରୁଟିଏ ଦେଖାକରି ଫେରିଯିବି ଗାଁକୁ କନ୍ତୁ ଲୋକମାନେ ତା କଥା ଶୁଣିଲେ ନାହିଁ । ତାକୁ ମାଡ ମାରି ବିଦା କରିଦେଲେ । ସେ ମନଦୁଃଖରେ ଆମ ସାଙ୍ଗେ ଫେରି ଆସିଲା । ସେଇ କଥାଟା ତାକୁ ଭାରି ବାଧୁଛି ବୋଧେ ସେଥିଲାଗି ସିଏ ପାଗଳ ଭଳଆ ହେଉଛି ।

ମୁଣ୍ଡରେ ହାତ ଦେଇ ବସି ପଡିଲେ ସୁମତୀ । କ'ଣ କହିବେ, କାହାକୁ କହିବେ, ସେ ଦୁଇହାତ ଯୋଡି ମୁଣ୍ଡରେ ଲଗାଇ କହିଲେ "ମୋ ସ୍ୱାମୀଙ୍କୁ ଭଲ କରିଦିଅ ପ୍ରଭୁ ! ତୁମ ବିନା ମୋର ଆଉ କେହି ସାହା ଭରସା ନାହିଁ ।"

ପୁରସ୍ତମ ନକଟବର୍ତ୍ତୀ ଗାଆଁ ଟିଏ ବାଲିଗାଁ । ଅଚ୍ଛୁବ ହରିଜନ ଜାତିର ଲୋକ ସେଠାରେ ନଡିଆ ଗୃଷ କରି ତାଙ୍କର ଜୀବିକା ନିର୍ବାହ କରନ୍ତି । ଦାସିଆ ସେମାନଙ୍କ ମଧ୍ୟରୁ ଜଣେ । ପରିବାର କହିଲେ ସ୍ୱାମୀ, ସ୍ତ୍ରୀ ଦୁଇଜଣ । ନଡିଆ ଗଛରୁ ଯାହା ଆୟ ହୁଏ ସେଇଥିରେ ସ୍ୱାମୀ ସ୍ତ୍ରୀ ଚଳ ଯାଆନ୍ତି । ବେଳେବେଳେ ମୂଲ ମଜୁରୀ ମିଳଲେ କରିଥାଏ ଦାସିଆ । ଉପର ଖର୍ଚ୍ଚ ବି ଚଳଯାଏ ସେଥିରେ ଦି ଗ୍ଚରି ସନ ହେଲା ବାତ୍ୟା ହୋଇ ନଡିଆ ଗଛ ସବୁ ଉପୁଡି ପଡିଲା । ଦାସିଆର ମୂଲଲାଗି ଚଳବା ଛଡା ଅନ୍ୟ ଉପାୟ ରହିଲା ନାହିଁ । ଯେଉଁ ଦିଓଟି ନଡିଆଗଛ ବଞ୍ଚି ରହିଲା ସେଥିରେ ବି ଫଳ କମ୍ ଆସିଲା । ସେଇ ଫଳରୁ ଗୋଟିଏ ଧରି ଦାସିଆ ଗାଁ ଲୋକଙ୍କ ସହିତ ଯାଇଥିଲା ରଥଯାତ୍ରା ଦେଖିବାକୁ । ଜାତିରେ ହରିଜନ ହେଲେ କ'ଣ ହେବ ଦାସିଆର କାଳଆ ଠାକୁରଙ୍କ ପ୍ରତି ଭାରି ବିଶ୍ୱାସ । ଗାଁ ଭାଗବତ ଘରେ ସବୁଦିନେ ଭାଗବତ ପଢା ହେଲାବେଳେ ସେ ଯାଇଁ ଭାଗବତ ଶୁଣେ। ଭକ୍ତିରେ ବିଭୋର ହୋଇ ଭାବେ ପ୍ରଭୁ କେତେ କେତେ ପାପୀଙ୍କୁ ଉଦ୍ଧାର କରିଛନ୍ତି । ତାଙ୍କ କରୁଣା କ'ଣ ମୋ ଉପରେ ହେବ ନାହିଁ? ଥରଟିଏ ମୁଁ କଣ ତାଙ୍କୁ ପାଖରେ ଦେଖି ପାରିବି ନାହିଁ? କୋଉ ଜନ୍ମରେ କୋଉ ପାପ କରିଥିଲି ଯେ ଏ ଜନ୍ମରେ ମୁଁ ନୀଚ କୂଳରେ ଜନ୍ମ ନେଲି । ବାଇଶି ପାହାଚ ଉପରେ ଚଢି କାଳଆର ମୁହଁ ଦେଖି ପାରିଲି ନାହିଁ । ଏଇ ଜନ୍ମରେ ଥରୁଟିଏ ମତେ ତୁମକୁ ଦେଖିବାର, ତୁମକୁ ଛୁଇଁବାର ସୁଯୋଗ ଦିଅ ପ୍ରଭୁ ! ମୁଁ ଏ ଜନ୍ମରୁ ଉଦ୍ଧାର ପାଇଯାଏ। ଲୋକଙ୍କ ମୁଖରୁ ଶୁଣିଥିଲା ଯେ ପ୍ରଭୁ ବର୍ଷକୁ ଥରେ ରଥଯାତ୍ରାରେ ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ଆସି ତା'ପରି ପତିତମାନଙ୍କୁ ଦର୍ଶନ ଦିଅନ୍ତି । ସେଠି ଜାତିପତିର ଭେଦଭାବ ନଥାଏ । ସମସ୍ତେ ତାଙ୍କୁ ଦର୍ଶନ କରି, ସ୍ପର୍ଶ କରି, ଏକାକାର ହୋଇ ଯାଆନ୍ତି । ସେଇ ବ୍ରହ୍ମସ୍ୱରୂପରେ ରଥ ଉପରେ ଜଗନ୍ନାଥଙ୍କୁ ଦର୍ଶନ କଲେ ମଣିଷର ପୁର୍ନଜନ୍ମ ହୁଏ ନାହିଁ, ସେ ମୋକ୍ଷ ହୋଇଯାଏ । ସେଇ ଆଶା ନେଇ ବଡ କଷ୍ଟରେ ଗ୍ଚଲିଗ୍ଚଲି ସେ ଗାଁ ରୁ ଯାଇଥିଲା ପୁରସ୍ତମ ରଥଯାତ୍ରା ଦେଖିବା ଲାଗି । ହେଲେ ଅଗଣି ଗୋସେଇଁଙ୍କ ଅସହଣୀପଣ ଯୋଗୁଁ ସେ ରଥଯାତ୍ରା ତ ଦେଖିପାରିଲା ନାହିଁ ବରଂ ଗୁଡାଏ ମାଡ ଖାଇ ଖଣ୍ଡିଆ ଖାବରା ହୋଇ ଘରକୁ ଫେରିଲା । ତା'ର ଖୁବ୍ ଅଭିମାନ ହେଉଥିଲା କାଳଆ ଠାକୁରଙ୍କ ଉପରେ ।

ସେଠି ଏତେ ଲୋକ ଥିଲେ, ଜଣେ ଦାସିଆ ଯଦି ତାଙ୍କୁ ଛୁଇଁ ଦେଇ ଥାଆନ୍ତା କ ତାଙ୍କ ରଥ ଦଉଡି ଟିକଏ ଟାଣି ଦେଇଥାଆନ୍ତା, କ'ଣ ଟା ଅସୁବିଧା ହୋଇ ଯାଇଥାଆନ୍ତା ତାଙ୍କର । ସେତିକ ଦୟା ମଧ ସେ ଦାସିଆକୁ କଲେ ନାହିଁ । ଦାସିଆ ମନେ ମନେ ସ୍ଥିର କଲା ନାଁ, ଆଉ ପୁରସ୍ତମ ଯିବି ନାହିଁ ତାକୁ ଦେଖିବାକୁ । ମନେ ମନେ ନଡିଆ ତ ଯାଚ ସାରିଛି, ଯେମିତି ହଉ ଦବାକୁ ପଡିବ, ଏସନ ତ ତା'ର ନଡିଆଟିକୁ ଗୋସେଇଁ ଫୋପାଡି ଦେଲେ । ଆର ସନକୁ ଆଉ କାହା ହାତରେ ହେଉ ପଛେ ନିଶ୍ଚୟ ନଡିଆଟିଏ ପଠାଇବ । ଯାଚ କରି ନ ଦେବା ମହାପାପ । ମୁଁ ସେ ମହାପାପରେ ଭାଗୀ ହେବି କାହିଁକି? ଏମିତି ଭାବି ଅପେକ୍ଷା କଲା ସିଏ ଆସନ୍ତା ସନକୁ ।

ସେ ବର୍ଷ ରଥ ଯାତ୍ରାକୁ ତାଙ୍କ ଗାଁ ର କାଳଆ ଗୋସେଇଁ ଯାଉଥାଆନ୍ତି ପୁରସ୍ତମ । କାଳଆ ଗୋସେଇଁ ଦାସିଆକୁ ଭାରି ଭଲ ପାଆନ୍ତି । ଭାଗବତ ଘରେ ଭାଗବତ ପଢିଲା ବେଳେ ସେ ଯେମିତି ନିର୍ନିମେଷ ନୟନରେ ଭାବବିହ୍ୱଳ ହୋଇ ଭାଗବତ ଶୁଣେ, ଆଉ ପ୍ରତିଦିନ ଭାଗବତ ପଢା ସରିଲା ପରେ ଗୋସେଇଁଙ୍କୁ ପଇସାଏ ଦି' ପଇସା ଦକ୍ଷିଣା ଦିଏ । ଭଲମନ୍ଦ ଦିନରେ ବାଡିରୁ ନଡିଆଟିଏ, ଶାଗ ଦି'ଟା, କଦଳୀ ଦି' ପୁଞ୍ଜା ତାଙ୍କ ପାଖରେ ଥୋଇ ଦେଇଆସେ । ସେଥିରେ କାଳଆ ଗୋସେଇଁ ଖୁବ୍ ପ୍ରୀତ ହୋଇଥାନ୍ତି ଦାସିଆ ଉପରେ । ସେଦିନ ଗଛରୁ ବାଛି ବାଛି ସବୁଠାରୁ ନିଖୁଣ, ସବୁଠାରୁ ବଡ ନଡିଆଟିଏ ତୋଳି ରଖିଲା ଦାସିଆ । ଗୋସେଇଁ ତା ଘରବାଟ ଦେଇ ଯିବାବେଳେ ନଡିଆଟି ସହିତ ଟଙ୍କାଟିଏ ବାଟଖର୍ଚ୍ଚ ମଧ ଦେଇଥିଲା କାଳଆ ଗୋସାଇଁଙ୍କୁ । କହିଥିଲା, "ବୁଝିଲ ଗୋସେଇଁ ଜଗାକୁ କହିବ- ବାଲି ଗାଁ ଦାସ ଏ ନଡିଆଟା ପଠାଇଛି ତୁମକୁ ଦେବା ଲାଗି । ଯଦି ସେ ରଥ ଉପରୁ ତା ହାତଟି ବଢେଇ ନଡିଆଟି ନିଏ ତ ଦେବ, ନହେଲେ ଫେରାଇ ଆଣିବ ମୋ ପାଖକୁ" । କାଳଆ ଗୋସେଇଁ ବୁଝି ପାରିଲେ ଭକ୍ତିରେ ଉବୁଟୁବୁ ହୋଇ ଦାସିଆ ଅଭିମାନ କରି ପୁରସ୍ତମ ଯାଉ ନାହିଁ । ତା' ନଡିଆଟି ସେ ରଥାରୁଢ ଜଗନ୍ନାଥଙ୍କୁ ନିଶ୍ଚୟ ଲାଗି କରିବେ ।

ଦାସିଆର ନଡିଆଟିକୁ ଧରି କାଳଆ ଗୋସେଇଁ ଗଲେଲେ ପୁରସ୍ତମ । ଗଲି ଗଲି ଯାଇ ପହଞ୍ଚିଲା ବେଳକୁ ଚତୁର୍ଦ୍ଧା ମୂରତିଙ୍କ ପହଣ୍ଡି ବିଜେ ସରିଗଲାଣି । ମହାର୍ଯା ଆସି ଛେରାପହଁରା କଲା ପରେ ରଥ ଗଡିବ । ଭିଡ ଠେଲି ରଥ ପାଖାପାଖି ହେଲେ କାଳଆ

ଗୋସାଇଁ । ଆସି ଠିଆ ହେଲେ ନନ୍ଦୀଘୋଷ ରଥ ପାଖରେ । ହାତ ଯୋଡି ପ୍ରାର୍ଥନା କଲେ ପ୍ରଭୁ ନୀଳାଦ୍ରୀ ବିହାରୀ ଶ୍ରୀଜଗନ୍ନାଥଙ୍କୁ । କାନ୍ଧରେ ପକାଇଥିବା ମୁଣିରୁ ଦାସିଆ ଦେଇଥିବା ନଡିଆଟି କାଢି ଦୁଇ ହାତରେ ଧରି ବଢାଇଦେଲେ ମୁଣ୍ଡ ଉପରକୁ । ଆଖି ବୁଜି ପ୍ରାର୍ଥନା କରି ଗୁଲିଥାଆନ୍ତି ସେ । କହୁଥାନ୍ତି "ପ୍ରଭୁ ଚକାଡୋଳା! ତୁ ତ ଭକତ ଭାବରେ ବନ୍ଧା । ତୋ ଭକତ ଦାସିଆ ଏ ନଡିଆଟି ଦେଇଛି ଆଉ କହିଚ ତୁ ହାତ ବଢେଇ ଏଇଟିକୁ ନେଲେ ମୁଁ ଦେବି, ଅନ୍ୟଥା ଏଇଟିକୁ ଏଇଠୁ ଫେରାଇ ନେଇ ତା'କୁ ଦେବି । ଏ ଭକ୍ତ ବତ୍ସଳ ! ତୁ ଭକ୍ତର ମାନରଖି ମୋ ହାତରୁ ଏ ନଡିଆଟି ନେ । ଜଗତ ଭଗତ ଜାଣନ୍ତୁ ତୋର ଭକ୍ତବତ୍ସଳ ପଣିଆ । ଜଗତରେ ତୋ ଶରଣପଞ୍ଜର ନାଁ ସାର୍ଥକ ହେଉ, ହେ ମହାବାହୁ ! ତୋ ବଳୟାର ଭୁଜ ବଢାଇ ଏ ନଡିଆଟିକୁ ନେ' ପ୍ରଭୁ !

ପ୍ରାର୍ଥନା ସାରି ଆଖି ଖୋଲିଲେ କାଳଆ ଗୋସେଇଁ, ଦେଖିଲେ ହାତରେ ନଡିଆଟି ନାହିଁ । ଆଚମ୍ବିତ ହେଲେ ସେ । ମନେ ମନେ ଭାବିଲେ ମୁଁ ସ୍ୱପ୍ନ ଦେଖି ନାହିଁ ତ? ସତରେ କ'ଣ ପ୍ରଭୁ ତାଙ୍କ ବଳୟାର ଭୁଜ ବଢାଇ ମୋ ହାତରୁ ନଡିଆଟି ନେଲେ? ଝର ଝର ହୋଇ ଆନନ୍ଦାଶ୍ରୁ ଗଡିପଡୁଥିଲା ଗୋସେଇଁଙ୍କ ଆଖିରୁ ସେ ଦାସିଆ ଭକ୍ତିର ଶକ୍ତିରେ ବିମୋହିତ ହୋଇ ଯାଉଥିଲେ । ପାଟି କରି କହି ଉଠିଲେ, ଧନ୍ୟ ଧନ୍ୟ ଧନ୍ୟ ତୁ ରେ ଦାସିଆ ବାଉରୀ! ଦଶ କୋଶ ଦୂରରେ ବସି ତୁ ଭାଗ୍ରାହୀଙ୍କୁ ଏମିତି ଭାବରେ ବାନ୍ଧିରଖିଛୁ ଯେ ସେ ହାତ ବଢାଇ ମୋ ହାତରୁ ତୋ' ନଡିଆଟି ନେଲେ । ତୋ' ଲାଗି ମୁଁ ବି ନିସ୍ତରି ଗଲିରେ ଦାସିଆ । ଧନ୍ୟ ତୁ, ଧନ୍ୟ ତୋ ବାପା ମାଆ । ଧନ୍ୟ ଧନ୍ୟ ଆମ ବାଲିଗାଁ, ଯେଉଁଠି ତୋ ଭଳି ଭକ୍ତଟିଏ ଜନ୍ମ ହୋଇଛି । ଆଖ ପାଖରେ ଥିବା ଲୋକ ସବୁ ବିସ୍ମିତ ହୋଇ ଶୁଣୁଥାଆନ୍ତି ତାଙ୍କ କଥା । ଏତିକି ବେଳେ ବଡପଣ୍ଡା ଜଣେ ବାହୁଧରି ପେଲିଦେଲେ କାଳଆ ଗୋସେଇଁଙ୍କୁ । କହିଲେ କଣ ଗୁଡିଏ ଭଡ ଭଡ ହଉଛ କହୋ କାଳଆ ନନା ! କଅଣ ହେଲା? କାଳଆ ଗୋସେଇଁ ସମସ୍ତ ବୃତ୍ତାନ୍ତ କହନ୍ତେ ହସି ହସି ବେଦମ ହେଲେ ବଡପଣ୍ଡା। ତାଚ୍ଛଲ୍ୟ କରି କହିଲେ ହଇ ହୋ ଗୋସେଇଁ! ତମେ ଭାଙ୍ଗଟିକେ ଅଧିକ ପକେଇ ଦେଇଛ କି? ନିଶାରେ ଏଣ୍ଡୁତେଣ୍ଡୁ ଗପୁଛ । ଆହେ ଗୋଟିଏ ହରିଜନ ତମକୁ ନଡିଆଟିଏ ଦେଲା, ତମେ ତାକୁ ପ୍ରଭୁଙ୍କୁ ବଢେଇଲ ଆଉ ପ୍ରଭୁ ତାକୁ ହାତ ବଢେଇ ନେଲେ । ଏଇଟା ଦିନରେ ଚନ୍ଦ୍ର ଦେଖିଲା ପରି ଗାଲୁ କଥା ନୁହେଁ ତ ଆଉ କ'ଣ? ତମ ମୁଣ୍ଡଟା ନିଶ୍ଚୟ ଖରାପ ହୋଇଗଲାଣି । ତାଙ୍କ ସାଙ୍ଗରେ ଥିବା ଅନ୍ୟାନ୍ୟ ପଣ୍ଡା ମନେ ମଧ ତାଙ୍କୁ ସମର୍ଥନ କରି

ହସି ଉଠିଲେ । ଲାଜ ଅପମାନରେ ମୁଣ୍ଡ ତଳକୁ ନଇଁଗଲା କାଳଆ ଗୋସେଇଁଙ୍କର, ଆଖିରୁ ଦି' ଟୋପା ଲୁହ ଗଡି ଆସିଲା । ସେ କାନ୍ଦ କାନ୍ଦ ହୋଇ ଗୁହାରୀ କଲେ ପ୍ରଭୁ ଚକାଡୋଳାଙ୍କୁ "ହେ ପ୍ରଭୁ ଅନାଥର ନାଥ! ଅଗତିର ଗତି! ଏ ଅପମାନ ମୋର ନୁହେଁ, ଦାସିଆର ନୁହେଁ, ଏ ଅପମାନ ତୋର, ତୋ ବର୍ମାୟା ଭକ୍ତର । ସତରେ ଯଦି ତୁ ଭକ୍ତର ଭାବଗ୍ରାହୀ, ତେବେ ତୁ ମୋ ହାତରୁ ଦାସିଆର ନଡିଆ ନେଇଛୁ ବୋଲି ପ୍ରମାଣ ଦେ' ଏଇ ବଡପଣ୍ଡାଙ୍କୁ । ଜଗତର ଭକତ ଦେଖନ୍ତୁ ତୋର ଭକ୍ତ ବତ୍ସଳତାର ପ୍ରମାଣ । ତୋର ପତିତପାବନ ନାମ ସାର୍ଥକ ହେଉ, ହେ ମହାବାହୁ ! ସାର୍ଥକ ହେଉ ।

ପଣ୍ଡାଙ୍କ ଟାହି ଟାପରା ଆଉ ହସ ଖେଳକୁ ସହି ନପାରି ଥକାମରା ହୋଇ ବଡଦାଣ୍ଡରେ ବସି ପଡିଲେ କାଳଆ ଗୋସେଇଁ । ଅନ୍ନଜଳ ବି ଗ୍ରହଣ କଲେ ନାହିଁ । କିଛି ସମୟ ଉତ୍ତାରୁ କଅଣ ଗୋଟିଏ ଆଣିବାକୁ ଦେଉଳ ଭିତରକୁ ଗଲେ ବଡପଣ୍ଡା । ଅନେଇ ଦେଲେ ରତ୍ନସିଂହାସନ ଉପରକୁ । ଚତୁର୍ଦ୍ଧା ମୁରତି ତ ନାହାନ୍ତି, କିନ୍ତୁ ନଡିଆ ସଢେଇ ଖଣ୍ଡ ବିଖଣ୍ଡିତ ହୋଇ ପଡିଛି ରତ୍ନସିଂହାସନ ଉପରେ । ଚମକ ପଡିଲେ ବଡ ପଣ୍ଡାଏ, "ଆରେ ଏଇ କ'ଣ ହେଲା, କ'ଣ ହେଲା କହି ହୁରି ଛାଡି ଡାକ ପକାଇଲେ ସମସ୍ତଙ୍କୁ । ସେବାୟତଗଣ ଏକଠୁଳ ହେଲେ ମନ୍ଦିର ଭିତରେ । ରତ୍ନସିଂହାସନ ଉପରେ ସଢେଇ ଖଣ୍ଡ ଗୁଡିକ ଦେଖି ଆଚମ୍ବିତ ହେଲେ ସମସ୍ତେ । ନିଜ ଭିତରେ କୁହାକୁହି ହେଲେ ତା' ହେଲେ ସତରେ କଣ ମହାପ୍ରଭୁ ଦାସିଆର ନଡିଆ ନେଇ ଖାଇଛନ୍ତି? ନହେଲେ ସଢେଇ କୋଉଠୁ ଆସିଲା ରତ୍ନସିଂହାସନ ଉପରେ! କଥାଟା ବିଦ୍ୟୁତ୍ ବେଗରେ ଖେଳଗଲା ପୁରସ୍ତମ ସାରା । ମାହାର୍ଯ୍ୟାଙ୍କୁ ଦୈବବାଣୀ ହେ  "ମୋର ଭକ୍ତ ଦାସିଆ ଦେଇଥିବା ନଡିଆ ମୁଁ ଗ୍ରହଣ କରିଛି। ସେଇ ପ୍ରମାଣ ଦେବା ପାଇଁ ସଢ଼େଇ ପକେଇଚ ରତ୍ନସିଂହାସନ ଉପରେ । ମାହାର୍ଯ୍ୟା! ତମେ ମୋ ଭକ୍ତ ଦାସିଆକୁ ଡକାଇ ଉପଯୁକ୍ତ ସମ୍ମାନ ଦିଅ । ତା' ବାଡ଼ିର ନଡିଆ ମୋର ସବୁଦିନ ପୂଜାରେ ଲାଗିବ । ତାର ସେ ସଢେଇ ବଜା କୀର୍ତ୍ତନ ମୁଁ ସବୁବେଳେ ଶୁଣିବି । ଭକ୍ତର ମାନ ରହୁ" । ମହାପ୍ରଭୁଙ୍କର ଆଦେଶକୁ ଅକ୍ଷରେ ଅକ୍ଷରେ ପାଳନ କଲେ ମାହାର୍ଯ୍ୟା । ଦାସିଆ ବାଉରୀକୁ ବାଲିଗାଁ ରୁ ଡକାଇ ଯଥା ମାନ୍ୟ ଦେଇ ଭକ୍ତ ଭାବରେ ପାଟଶାଢୀ ବନ୍ଧାଇଲେ । ବଞ୍ଚିଥିବା ଯାଏ ସେ ସଢେଇ ବଜେଇ କୀର୍ତ୍ତନ କରି ପ୍ରଭୁ ନାମ ଗାଇ ଗାଇ ଦିନ କାଟିଲା ତା' ବାଲିଗାଁ ମଠରେ ଥିବା ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଆଉ ସୁଦର୍ଶନ, ଚତୁର୍ଦ୍ଧାମୂରତିଙ୍କ ଆଗରେ । "ଭକ୍ତର ଭକ୍ତିରେ ବନ୍ଧା ଭଗବାନ" ଏକଥା ଜଗତ

ଭଗତ ଜାଣିଲେ । ଆଜି ମଧ୍ୟ ପୁରୀଠାରୁ ଅନତିଦୂରରେ ଥିବା ବାଲିଗାଁରେ ଦାସିଆ ବାଉରୀ ମଠ କାଳକାଳ ପାଇଁ ଭକ୍ତ ଆଉ ଭଗବାନଙ୍କର ଏକ ଆତ୍ମିକ ସଂପର୍କ ପ୍ରତିପାଦିତ କରୁଛି ଓ ଅନନ୍ତକାଳ ଯାଏଁ କରୁଥିବ ।

ଜୟ ଜଗନ୍ନାଥ, ଜୟ ଜଗନ୍ନାଥ, ଜୟ ଜଗନ୍ନାଥ ।

ମାର୍ଫତ - ବିଜୟ ଦାସ, ଶାରଳା ଭବନ,
ପୋତାପୋଖରୀ, ନୂଆବଜାର, କଟକ - ୭୫୩୦୦୪

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଗାଆଁକୁ ପାରୁନ ଭୁଲି



ଶିଶିର କୁମାର ପଣ୍ଡା

ଭୁବନେଶ୍ୱରରେ ଘର କରିଥିଲି
ଗାଆଁର ଜମିକୁ ବିକ
ହେଲେ ମୁଁ ପାରିନ ଏଯାଏ ସହରୀ
ଆଦପ କାଇଦା ଶିଖି ।
ଅଠର ବରଷ ରହିଲିଣି ଏଠି
ଗାଆଁକୁ ପାରୁନ ଭୁଲି
କେମିତି ବା ଯିବି କୋଉ ମୁହଁ ନେଇ
ଆଉ ମୁଁ ସେଠାକୁ ବୁଲି ?
କକା ଖୁଡ଼ୀ, ଭାଇ ଭାଉଜ ରୁହନ୍ତି
ପୁତୁରା ଝିଆରୀ ସାଥେ
ଶୁଣିଲି କୁଆଡ଼େ ଘର କରିଲେଣି
କାଦୁଅ ଲାଗୁନ ହାତେ ।
ଘର ପଛପଟ ପୁରୁଣା ଗାଧୁଆ-
ଘରକୁ ଯାଉନ କେହି
ପୁତୁରା କରିଛି ନୂଆ ପାଇଖାନା
ଦାମୀ ମାରବଲ ଦେଇ ।
ଆସିଗଲେ ରଜ, ପ୍ରଥମାଅଷ୍ଟମୀ
ଗାଆଁ ମୋ ଆଖିରେ ଭାସେ
ବୋଉ ହାତଗଢ଼ା ଏଣ୍ଡୁରି କାକରା
ମହମହ ହୋଇ ବାସେ ।

କୁଆଁସ, ମେରଦା କାଟିଆ, ଯାଜପୁର

# ଭଜନ ଅନୁଲୋମ ବିଲୋମ



ଡ. ଅର୍ଜୁନ ଚରଣ ବାରିକ୍

କମଳ ନୟନ ମଦନ ମୋହନ ଶ୍ରୀକୃଷ୍ଣ ଚନ୍ଦ୍ରରେ ମନ ।
କ୍ଷମା ସାଗର ନଟବର ଶ୍ରୀଧର ନରହରି ନାରାୟଣ ।୧।
ଖଣ୍ଡ ସରଦାର ନନ୍ଦର କୁମର ନୀଳମଣି ଜନାର୍ଦ୍ଦନ ।
ହରି ଭବ ଭୟ ହର ଦାମୋଦର କରେ ମୋହେ ସୁଦର୍ଶନ ।୨।
ଗତ ଆଗତ ବର୍ତ୍ତମାନ ମୋହନ ବଂଶୀଧର ଶ୍ୟାମଘନ ।
ଶରଣ ସୋଦର ଶ୍ରୀରାଧା ବର କୃଷ୍ଣ କଳୁଶ ନାଶନ ।୩।
ଘରଣୀ ଯାହାର ସିନ୍ଧୁ ସୁତା ବର କୁମର ଯାର ମଦନ ।
ବରୁଣ ଜାମାତା ବିଷ୍ଣୁ ବିଶ୍ୱପିତା କେଶବ କଞ୍ଜ ନୟନ ।୪।
ଓଁ କାର ମଧ୍ୟରେ ରାଧା ସହିତରେ ବିଜୟ ଜଗ ମୋହନ ।
ଲୟ ଲଗା ମନ ତା ରଙ୍ଗା ଚରଣ ଯମ ନ ଦେବ କଷଣ ।୫।
ଚରଣ ନଖ କୋଶୁ ଗଙ୍ଗା ବାହାରି ଜଗତ କରେ ପାବନ ।
ରତ୍ନ ସିଂହାସନ ମଣ୍ଡନ ଶ୍ରୀକୃଷ୍ଣ କଂସାରୀ ଯଦୁ ନନ୍ଦନ ।୬।
ଛନ୍ଦ ପରକାର ବାମେ ଗିରିବର ଟେକଲେ ମନମୋହନ ।
ଯମ ଦଣ୍ଡହାରୀ ହରି ଦଇତାରୀ ଜପରେ ମନ ବାରଣ ।୭।
ଜୟ ବୈକୁଣ୍ଠ ବିହାରୀ ଦନୁଜାରୀ ମାଧବ ମଧୁସୂଦନ ।
ମନ୍ତ୍ରର ଯନ୍ତ୍ରର ଜାଣଇ କାଳିଆ ବନମାଳିଆ ଶ୍ରୀକୃଷ୍ଣ ।୮।
ଝଗଡେ ଭଜ ମନ ନନ୍ଦ ନନ୍ଦନ ଶ୍ରୀହରି ରାଧା ମୋହନ ।
ଭଗବାନ ରାମ ପୁରୁଷ ଉତ୍ତମ ଭବମୋରୀ ରଘୁନାନ ।୯।
ନୟନାଭିରାମ ରୂପ ଘନଶ୍ୟାମ ରାଘବ ରଘୁନନ୍ଦନ ।
ବଳ ଦୁର୍ବଳର ଦେବକୀ କୁମର କରେ ମୁରଲୀ ମୋହନ ।୧୦।
ଟଳାଇ ପାରେ ସେ ମେରୁ ଗିରିବର ଅସାଧ୍ୟ କରି ସାଧନ ।

ଫଳଦାତା ବିଶ୍ୱପିତା ଜଗକର୍ତ୍ତା ଭାବରେ ପାଗଳା ମନ ।୧୧।
ଠକ ଯିବୁନାହିଁ ଆରେ ମନବାଇ ସୁମର ନନ୍ଦନନ୍ଦନ ।
ପତିତ ଜନଙ୍କ ତାରଣ ନିମନ୍ତେ ବାନା ପତିତ ପାବନ ।୧୨।
ଡରନାହିଁ ମନ କରି ଦରଶନ ଭୟଙ୍କର ଭବ ବନ ।
ନବଘନ ରୂପ କୋଟୀ ବିଶ୍ୱ ରୂପ ଭବ ତାପ କରେ ଚୂର୍ଣ୍ଣ ।୧୩।
ଢଳ ଢଳ ନୀଳ ସାଗରର ଜଳ ଲହରୀରେ ପରିପୂର୍ଣ୍ଣ।
ଧରଣୀ ଧାରଣ ଦେବ ନାରାୟଣ ସେହି ବରାହ ବାମନ ।୧୪।
ନମୋ ନାରାୟଣ ବ୍ରହ୍ମାଣ୍ଡ କାରଣ କ୍ଷୀର ସାଗର ଶୟନ ।
ଦୟଣା ମାଳଆ ଶ୍ରୀଖଣ୍ଡ ଚୂଳଆ ଶ୍ରୀହରି ଦଧିବାମନ ।୧୫।
ତପୀ ଜନ ତପ ହରି ବିଶ୍ୱରୂପ ସାଧବେ କର ମନନ।
ଥୟ ହୋଇ ମନ ଚନ୍ତ ଜନାର୍ଦ୍ଦନ ଭଣେ ଶିଶୁ ଅରଜୁନ ।୧୬।

ଅଧାପକ, ଇଂରାଜୀ ଭାଷା ସାହିତ୍ୟ,
ସା:ପୋ-ମହୁ, ଜି-କେନ୍ଦ୍ରାପଡା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବା ପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଅଫୁଟା ଫୁଲ



ଅଲେଖ ମେହେର

ଅ ଯୋଡି ସୁରକ୍ଷାରେ-ମଦନ ଦହନରେ
ଅ ପୁଷ୍ପବତୀ ବାଳା ପରେ
ଅମୃତ କଳେବର – ଯହିଁ ବିଜେ ଈଶ୍ୱର
ଅକ୍ଳେଶେ ବ୍ୟଭିଚ୍ଚର କରେ ।
ଅ ବିବେକତା,
ଅନ୍ତରେ ଶୂନ୍ୟ ମାନବତା,
ଅହି ସ୍ୱଭାବେ ନର ଜିତା ।
ଅଫୁଟା କଢ ଚଣ୍ଡ-ଭ୍ରମେ କରି ମୋହିତ
ଅଳ ତୃପ୍ତ କରେ ବାସନା,
ଅଗଣାର ବିଭବ-ନାଶେ କରି ତାଣ୍ଡବ
ଅବଳା ଭୋଗେ ନିର୍ଯ୍ୟାତନା ।
ଅମଡା ବାଟେ,
ଆତ୍ମା ପ୍ରାଣକୁ ହରି ଘଟେ,
ଅନାୟାସେ ଫିଙ୍ଗନ୍ତି ହାଟେ ।
ଅସୁମାରୀ ସ୍ୱପନ-ହେଲା ମନୁ ନଷ୍ଟିହୃ
ଆକାଶ ଶିରେ ଗଲା ପଡି,
ଅତି ଗେଲବସରେ-ମାତା ପିତା ହୃଦରେ
ଆନନ୍ଦେ ରଞ୍ଜୁଥିଲା ଭିଡି ।
ଅନ୍ତର ଝୁରେ,
ଅଶ୍ରୁରେ ଗଣ୍ଡଦେଶ ଭରେ
ଅବହେଳା ପାଇଁ ଧିକ୍କାରେ ।
ଅଇରି ସାଜି ବ୍ୟାଧ-କରି ଶିଶୁକୁ ବଧ

ଅଇନ ଦ୍ୱାରେ ଯାଏ ବର୍ତ୍ତି
ଅକଡ ଭାବେ ବୁଲେ-ସଭ୍ୟ ଶୟନ ତଳେ
ଅକଥ୍ୟ ହୋଇ ଚକ୍ରବର୍ତ୍ତି ।
ଅକ୍ଷମ ପିତା
ଅଜିରେ ଭେଟଇ ରିକ୍ତତା ।
ଅକ୍ଷିରୁ ହଜେ ମାଦକତା ।

ବି.ଦ୍ର: ଅ ଯୋଡି ସୁରକ୍ଷାରେ-ଅସୁରକ୍ଷିତ; ଅପୁଷ୍ପବତୀ-ଶିଶୁ କନ୍ୟା: କଶୋରୀକନ୍ୟା; ଅହି-ସାପ; ଅଳ-ଭ୍ରମରେ; ଘଟେ-ଶରୀରରେ; ଅଇରି-ଶତୃ; ଅଇନ-ଆଇନ; ଅକଡ-ବିଧିଶୂନ୍ୟ; ଅକଥ୍ୟ-ଅଶ୍ଳୀଳରେ; ଅଜିରେ-ଅଜଣାର; ଅକ୍ଷିରେ-ଆଖିରେ ।

ସୋହେଲ୍, ବରଗଡ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ନନ୍ଦନବନ

ନିରଞ୍ଜନ ସାହୁ

ଚୁନାଚୁନା ସ୍ୱପ୍ନ ଫୁଲମାନେ ଫୁଟି
ହସେ ମନ ଉପବନ
ଶାନ୍ତି ବିରାଜଇ ସୁଖ ହସୁଥାଏ
ଲାଗେ ସତେ ତପୋବନ ।
ନୂଆ ନୂଆ ସ୍ୱପ୍ନ କଢିମାନେ ଯେବେ
ଦେଖନ୍ତି ଆପଣାର ମୁହଁ
ମୋତେ ଲାଗୁଥାଏ କଢି ବିକଶିବା
କେବେ ବି ସମ୍ଭବ ନୁହଁ
ତଥାପି ବି ସ୍ୱପ୍ନ କଢିମାନେ ମୋର
ନାମୀଦାମୀ ଗଣ୍ଡିଧନ ।
ମନ ଉପବନେ ସ୍ୱପ୍ନ ଫୁଲ ଯେବେ
ବିତରେ ଆପଣା ବାସ
ନନ୍ଦନବନରେ ବିଚରଣ କରି
ହୁଏ ମୁହିଁ ଦରହାସ
ସେହି ସୁବାସର ଆଘ୍ରାଣରେ ମୋର
ପୁଲକିତ ହୁଏ ମନ ।

ନହଲପ୍ରସାଦ,
ଗନ୍ଧିଆପାଟଣା, ଢେଙ୍କାନାଳ

# ଚତୁର୍ଥ ସୁନ୍ଦରୀ



ପ୍ରଶାନ୍ତ କୁମାର ନାଥ

ଝିଅଟି ପ୍ରାୟ ଅଧିକାଂଶ ସମୟରେ ଜୋର୍ ଜବରଦସ୍ତି ମୋ ଅଫିସ୍ ଚ୍ୟାମ୍ବର ଭିତକୁ ପ୍ରବେଶ କରେ । ଝିଅଟିଏ କହିବି, ନା ତାକୁ ମଧ୍ୟବୟସ୍କା ମହିଳା କହିବି – ଭାବିପାରୁନ! ତା କେଶବିନ୍ୟାଶରୁ ବେଶ ପୋଷାକ, ସୁଢଳ ଶରୀରକୁ ଦେଖିଲେ କନ୍ତୁ ବେଶ୍ ଆଧୁନିକା ଭଳି ଜଣାଯାଏ । ପୁଣି ବହଳେ ମେକପ୍ କର୍‌ ମୁହଁ... । ସେ ଯାହା ହେଉ । ସିଏ କନ୍ତୁ ଆସୁଥିଲା, ବ୍ୟାଙ୍କର ଜଣେ କଷ୍ଟମର ହିସାବରେ । ବିନା ଅନୁମତିରେ ମୋ ସାମ୍ନା ଚେୟାରରେ ବସିପଡ଼ି ବୁଲେଇ ବଙ୍କାଇ ଶହେ ପ୍ରଶ୍ନ ପଚ୍ଚାରୁଥିଲା । ସତେ ଯେମିତି... ସିଏ ମୋତେ ଜେରାକରୁଥିଲା! ଉତ୍ତର ପାଇ ଫେରିଯାଏ, ପୁଣି ପରଦିନ ଅନ୍ୟ ଗୁଡ଼ାଏ ପ୍ରଶ୍ନ ନେଇ ଆସୁଥିଲା ।

ଝିଅଟିର ଆଖିର ଇଙ୍ଗିତ, ଦେହର ଭାଷା ଓ ବ୍ୟବହାରରୁ ଜଣାଯାଉଥିଲା ସେ ଯେଉଁ କଥା କହିବାକୁ ଚାହୁଁଛି ତାହା କହିପାରୁନ । ସତେ ଯେମିତି ସେ ସେକଥା କହିବାକୁ ସାହାସ ଓ ମଉକା ଉଣ୍ଡୁଥିଲା! ସେଥିପାଇଁ ବାରମ୍ବାର ଆସୁଥିଲା – ମୋ ଚ୍ୟାମ୍ବର, ମୋ ସାମ୍ନାରେ ବସି ୟାଡୁ ସିୟାଡୁ ଅଦରକାରୀ ପ୍ରଶ୍ନ ପଚାରି ସୁଯୋଗ ଖୋଜୁଥିଲା ।

ଏମିତି ପ୍ରାୟ ସେ କଛିଦିନ ଲଗାତର ଆସିଲା ।

ଝିଅଟି ବ୍ୟାଙ୍କ ଗେଟ୍ ଖୋଲି ଭିତରକୁ ପସିଲା ମାତ୍ରକେ ଅନ୍ୟାନ୍ୟ ସମସ୍ତ କର୍ମଚାରୀ, କ୍ୟାସିୟର ଠାରୁ ପିଅନ ସମସ୍ତେ ପରସ୍ପରକୁ ଚହାଁଚୁହିଁ ହୁଅନ୍ତି; ଠାରାଠାରି ହେଇ ଆଖିରେ ଆଖିରେ କଥା ହୁଅନ୍ତି ।

ମୁଁ ବି ଧୀରେ ଧୀରେ ବୁଝୁଥିଲି – କନ୍ତୁ ଅବୁଝା ହେଇ ରହୁଥିଲି; ଝିଅଟିକୁ ସାମ୍ନାରେ ଦେଖିଲେ ।

କନ୍ତୁ, ଆକସ୍ମିକ ଦୁର୍ଘଟଣା ଯୋଗୁଁ ଗୋଡ଼ ଦୁଇଟି ହରାଇବା ପରେ ମୋତେ ପ୍ରଥମ ସେଦିନ ସିଏ ଦେଖିଲାପରଠୁ, ମୋ ସହିତ ବାରମ୍ବାର କଥାହେବା ଇଚ୍ଛାଟା ତାର ବୋଧହୁଏ ଅକାଳେ ମରିଗଲା!

ସିଏ ଆଉ ମୋ ଚ୍ୟାମ୍ବରକୁ ଆସିଲା ନାହିଁ ।

ମୋ ମୁହଁ ଆଉ ଶରୀର ସୁଠାମ ଗଢ଼ଣ, ପୋଷାକ-ପରିପାଟି, ଅପୂର୍ବ କଣ୍ଠ ଏବଂ ବ୍ୟବହାର, ସୁନ୍ଦର ଗ୍ରାକରୀର ପ୍ରେମରେ ପଡ଼ିଥିବା ସେହି ଝିଅକୁ ସେଦିନଠୁ ଆଉ ମୁଁ ଦେଖିଲିନ, ମୋ ଚ୍ୟାମ୍ବର ଭିତରେ । ଏମିତି ବି କଛି ଦିନପରେ ଜାଣିଲି: ସିଏ ବ୍ୟାଙ୍କର କଷ୍ଟମର ହୋଇ ରହିନାହିଁ ।

ସତରେ – ବଡ଼ ଅଦ୍ଭୁତ କଥା – ସେ ମୋର ଏହି ଉର୍ଦ୍ଧାଂଶ ପ୍ରେମରେ ପଡ଼ି ହଜିଯିବା ଚତୁର୍ଥ ସୁନ୍ଦରୀ ଥିଲା ।

ଗୋବିନ୍ଦପୁର, ଟାଙ୍ଗି, କଟକ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# କରୁଛି ଗୁହାରି



ଅମ୍ବିକା ସ୍ୱାଇଁ

ଆହେ ଦୟାମୟ ଦିନ ଦୁଃଖ ହାରି
ସନ୍ତାନ ତୁମ କରୁଛି ଅଳି
ଏହି ଅଧମ କୁ ସୁ ପଥରେ ନେଇ
ସୁନ୍ଦର୍ ସଂସାର ଗଢ଼ ତୋଳ ।୧ ।

ହିଂସା, ଦ୍ୱେଷ, କ୍ରୋଧ ମୋର ହୃଦୟରୁ
ପ୍ରଭୁ ନିଅ ସବୁ ତୁମେ ହରି
ବୁଦ୍ଧି, ବିଦ୍ୟା, ଜ୍ଞାନ ଭଲ କର୍ମ ଗୁଣ
ହୃଦୟ ଅନ୍ଦରେ ଦିଅ ଭରି ।୨ ।

ଦୀନ, ଦୁଃଖୀ, ଜନ ସେବା କରିବାକୁ
ଲୋଡ଼ା ମୋର ଶକ୍ତି ଅସୁମାରୀ ।
ସମାଜ ର ସେବା କରି କରି ମୁହିଁ
ଆନନ୍ଦ ରେ ମନ ଯାଉ ପୁରି ।୩ ।

ନିଜ ଦୁଃଖ କଷ୍ଟ ବଳ ମୁଁ ପକାଇ
ସେବା କରିବି ଜଗତ ଜନ
ଦୁଃଖ କରିବିନି ସେବା କରି କରି
ଗଳି ଗଲେ ମୋର ଏ ଜୀବନ ।୪ ।

ଏତିକ ମାଗୁଣି ତୁମ ଚରଣ ରେ
କରୁ ଅଛି ଅଧମ ଅଜ୍ଞାନ
ତୁମ ଆଶିଷ ରେ ଆଗକୁ ବଢ଼ିବି
ଦିଅ ବାରେ ମୋତେ ଦିବ୍ୟ ଜ୍ଞାନ ।୫।

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା

# ଦାମନଯୋଡିର
# ଶୀତ ଗୀତ



ବିଜୟ କୁମାର ଜେନା

୨-
ଭଲ ପାଇବାକୁ ଫୁଲେଇ ଫୁଟିଛି
କାଲିର କଳକା ସିଏ,
ଫରୁଆ ଭିତରୁ ଫାଙ୍କି ଶୋଷିନେଲା
ମଧୁ ମଧୁକର ଟିଏ।
ଉବୁଟୁବୁ ହୁଏ ବୁଦୁବୁଦୁକଆ
ବୟସ ବଣରେ ଘାସ,
ଭଲ ପାଇବାର ଭସା କୁହୁଡ଼ିରେ
ଉଡ଼ି ଆସେ ନୁଆ ବର୍ଷ।
ସାତ ସପନର ସଜଳ ସଉକ
ଆକାଶ ଆଖିରେ ମୋହ,
ସଜବାଜ ହେଇ ଜଳ ଆଇନାରେ
ପାହାଡ଼ ଦେଖୁଛି ମୁହଁ।

ପାହାଡ଼ ମଝିରେ ଫୁଲଚୁଇଁ ଟିଏ
ଫର ଫର ହେଇ ଉଡ଼େ,
ପଥର ସନ୍ଧିରୁ ପାହାଡି ଝରଣା
ତର ତର ହୋଇ ଗଡେ।
ପାହାଡ଼ କଡ଼ର ଗୋହିରୀ ଗଡ଼ାରେ
ପଉଷ ମାସର ଗାଆଁ,

ଅଳପ ବଉଳ ଛାଇ ଆଲୁଅରେ
ଛଟକେ ଛାଆଁକୁ ଛାଆଁ।
ଶହେ ସେବତୀର ଶୀତଳ ଛୁଆଁରେ
ସରମେ ସାବନୀ ବହୁ,
ଦେହର ଦହକ ପବନେ ମହକ
ମଧୂପ ପରଖେ ମହୁ।

ଏ ଫୁଲ ଫୁଟିଛି ଆନନ୍ଦ ବୁଣିଛି
ଫୁଲଦାନୀ ପାଇଁ ନୁହେଁ,
ଶୀତ ସକାଳର କଅଁଳ ଖରାରେ
ସକାଳ ସାଉଁଳି ହୁଏ।
ଆକାଶ ଆଙ୍କୁଛି ଛାଇ ଆଲୁଅରେ
କହରା କୁହୁଡ଼ି ସାହା,
ପାହାଡ଼ ସଜାଏ ପ୍ରଣୟିନୀ ପାଇଁ
ପ୍ରତିଟି ପଥର ଆହା।
ଧାରେ ପାଣି ପାଇଁ ପଥର ପତାଏ
ପତର ସନ୍ଧିରେ ହାତ,
ସୁଦୂର ଦିଗନ୍ତ ନଳୀମା ଅନନ୍ତ
ଶୀତ ମିତ ସମବେତ।

ଆଜି ଦିନସାରା ମଗନ ମନଟା
ମାଳତୀ ମାଳରେ ମଜେ,
ବରଷ ଶେଷରେ କନକ ଗୋରୀକୁ
ଆଳତି ଆଳରେ ଖୋଜେ।
କେଉଁ ସୁନାଗନ୍ଧ ସରି ହେବ ନାହିଁ
ଫୁଲର ରଙ୍ଗକୁ ଦେଖି,
ଗେଣ୍ଡୁ ସେବତୀଙ୍କ ଫୁଲେଇ ଦେହରେ

ଯତନେ ହଳଦୀ ମାଖି ।
ଅସୁମାରୀ ତାଗ୍ ଏଇ ବାଟ ସାର୍
ପଉଷ'ର ପୁନର୍ବସୁ ,
ଏପାଖେ ଯେତିକ ତିମିର ସେପାଖେ
ସେତିକ ପୁଣ୍ୟର ଯୀଶୁ ।

ଦାମନଯୋଡି

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଯାଯାବର ଯତ୍ନ



କୃଷ୍ଣ ଚନ୍ଦ୍ର ବାରିକ୍

କେବେ କେବେ ଇଚ୍ଛା ହେଲେ ଅଧର ଆଗରୁ
ଫୋପାଡ଼ି ଦେଉଛ ଲିଓନାର୍ଡ ଦା ଭିନ୍ସ ର ଚନ୍ଦ ପରି
ମେଞ୍ଚାଏ ମୋନାଲିସା ହସ .....

ପ୍ରେମର ପରିମାଣ ଟା ଅଧିକା ହେଲେ ସମ୍ପର୍କ ଟା
ନିବିଡ଼ ହେବା ପରିବର୍ତ୍ତେ; ଲାଗୁଛି !
ଶସ୍ତା ସମ୍ପର୍କ ର ଶିଳାନ୍ୟାସ .....

"ପ୍ରାଧାନ୍ୟ", "ପ୍ରମୁଖ" ଏ ଶବ୍ଦ ଗୁଡ଼ାକ ଯେମିତି
ବିଗତ ଅତୀତ ର ବିଶ୍ଳେଷଣ ରେ ବିସ୍ତୃତ
କଛି ଅଲାଜୁକ ହୃଦୟ ର ମନଖୋଲା ଉପହାସ ...

ଦୂରତ୍ୱ ର ଲକ୍ଷ୍ୟଭେଦ ଆନୁମାନିକ; ହେଲେ!
ନିକଟରେ ତ ଆକର୍ଷଣ ସ୍ୱାଭାବିକ
ତଥାପି ସମୀପ ରେ ନାହିଁ ଶାନ୍ତି ର ନିଃଶ୍ୱାସ ....

ଖଣ୍ଡେ ଜ୍ୟା ରେ ଗଢି ହୁଏ ନାହିଁ ଜୀବନ ର ବୃତ୍ତ
ଲୋଡ଼ା ହୁଏ ମନକୁ ବୁଝୁଥିବା କୋମଳତା କେନ୍ଦ୍ର
ଓ ପୂର୍ଣ୍ଣ ବିଶ୍ୱାସ ର ବ୍ୟାସ ...

ତୁମ ର ଏ ଖିଆଲ ଭାବ ଦର୍ଶେଇ ଦେଇଛି
ଏ ବୋଧେ ଯାଯାବର ଯତ୍ନ ସହ ଅନଧିକାର
ଆଦର ର ଦେଖାଣିଆ ପ୍ରୟାସ ....

ପରସ୍ପର କୁ ପ୍ରାଧାନ୍ୟ ଦେବା ରେ ଥାଏ
ହୃଦୟ ର ପୂର୍ଣ୍ଣ ସମ୍ମତି ଓ ସହମତ
ତେବେ ଯାଇ ମହକବ ତନୁ ମନେ ସମ୍ପର୍କର ସୁବାସ ...

ରଜିବ, ବାଙ୍କୀ, କଟକ

# ପ୍ରଥମ ସ୍ପର୍ଶ



ବାସନ୍ତୀ ଲତା ଜେନା

୧୯୯୯ ମସିହା ଅକ୍ଟୋବର ୨୮ ତାରିଖରେ ପ୍ରବଳ ଘୂର୍ଣ୍ଣି ବାତ୍ୟା ଆସି ଥିଲା ଓଡିଶାକୁ । ନାମ ଥିଲା ସୁପର ସାଇକ୍ଲୋନ । ବହୁ ଧନ ଜୀବନ ନଷ୍ଟ କଲା । କେତେ ଘର ଭାଙ୍ଗିଲା । ଜଳ ସ୍ରୋତରେ ପ୍ରିୟ ପରିଜନ ଭାସି ଗଲେ । ଆଖିର ଲୁହ ପେଟର ଭୋକରେ ଜନ ଜୀବନ ଅସ୍ତ ବ୍ୟସ୍ତ ହେଉ ଥିଲେ । ସେହି ସମୟର ଏ ଘଟଣା । ଶମ୍ଭୁନାଥ ଓ ତାର ପତ୍ନୀ ଯମୁନା ସେହି ଜଳ ସ୍ରୋତରେ ଭାସି ଯାଇ ଥିଲେ । ଝିଅ ସାରଦା ତା ମାମୁଁ ଘରକୁ ଯାଇ ଥିବାରୁ ସେ ବଞ୍ଚି ଯାଇଥିଲା । ମାମୁଁ ଅଶୋକ ସାରଦାକୁ ବହୁତ ଭଲ ପାଆନ୍ତି । ସାହି ପଡିଶା ସାରଦାର ଭଦ୍ରତା ପାଇଁ ପ୍ରଶଂସା କରନ୍ତି । କିନ୍ତୁ ମାଇଁ ବିମଳା ସାରଦାକୁ ମୋଟେ ପସନ୍ଦ କରନ୍ତି ନାହିଁ । ଭଲ ପାଆନ୍ତି ନାହିଁ । କାରଣ, ବିମଳଙ୍କ ଝିଅ ଅମ୍ବିକା ଦେଖିବାକୁ ଭଲ (କଳା) ନୁହେଁ । ଆଉ ସାରଦା ଖୁବ ସୁନ୍ଦରୀ । ଗୋଟିଏ ଗୃଉଳର ଗଢ଼ା । ଲକ୍ଷ୍ମୀ ପ୍ରତିମା। ପିତା ମାତାଙ୍କର ବିୟୋଗ ବେଳକୁ ସାରଦା ସପ୍ତମ ଶ୍ରେଣୀରେ ପଢୁ ଥିଲା । ଅମ୍ବିକା ବି ସପ୍ତମ ଶ୍ରେଣୀରେ ପଢୁ ଥିଲା । ମାମୁଁ ଅଶୋକ ଦୁଇ ଭଉଣୀକୁ ଏକ ସ୍କୁଲକୁ ପଠାଇଲେ । ଅଶୋକ ବିଜନେସ କରନ୍ତି । ଯେଉଁ ଦିନ ଅଶୋକ ଘରେ ରହନ୍ତି ସେ ଦିନ ସାରଦା ସ୍କୁଲକୁ ଯାଏ । ନ ହେଲେ ମାଇଁ ବିମଳା ବାହାନା କରି ସାରଦାକୁ ଘର କାମରେ ଲଗାଇ ଦିଅନ୍ତି । ଅମ୍ବିକା ସ୍କୁଲକୁ ଯାଏ । ଏଥିପାଇଁ ପତି ପତ୍ନୀଙ୍କ ମଧ୍ୟରେ ବହୁ ଥର ଝଗଡା ହୋଇଛି । ପ୍ରଥମେ ପ୍ରଥମେ ଅମ୍ବିକା ସାରଦାକୁ ଭଲ ପାଉଥିଲା । କିନ୍ତୁ ନିଜ ମା' ବିମଳା ସାରଦା ବିରୁଦ୍ଧରେ ସବୁ ବେଳେ କହି କହି ସେ ବି ଆଉ ସାରଦାକୁ ଭଲ ପାଉ ନାହିଁ । ଛୋଟ ଛୋଟ କଥାରେ ତା ଉପରେ ଚିଡି ଚିଡି ହୁଏ । ଏମିତି ବି ଗୋଟିଏ ଦିନ ଯାଇ ନାହିଁ ଯେ ସାରଦା ମାଡ଼ ଗାଳି ତା ମାଇଁଙ୍କ ଠାରୁ ଖାଇ ନାହିଁ । ଦଶମ ପାସ ପରେ ସାରଦା ଘରେ ରହି କାମ ଦାମରେ ମାଇଁଙ୍କୁ ସାହାଯ୍ୟ କଲା । ଅମ୍ବିକା କଲେଜରେ ନାମ ଲେଖାଇଲା ।

ବିମଳାଙ୍କ ବାପଘର ସେହି ଗ୍ରାମରେ । ବିମଳାଙ୍କର ଭାଇ ପ୍ରଭାକର ଭଉଣୀ ଘରକୁ ପ୍ରାୟ ସମୟରେ ବୁଲି ଆସନ୍ତି । ଆସ୍ତେ ଆସ୍ତେ ପ୍ରଭାକର ଓ ସାରଦାଙ୍କ ମଧ୍ୟରେ ସମ୍ପର୍କ ଗଢି

ଉଠିଲା । ସାରଦା ଶାନ୍ତ, ସରଳ, ନମ୍ର । ଆଜ୍ଞା କାରୀ । ସର୍ବ ଗୁଣ ସଂପୂର୍ଣ୍ଣା ଝିଅଟିଏ । ପ୍ରଭାକରକୁ ସାରଦାର ସବୁ ଗୁଣ ଭଲ ଲାଗେ । ବନ୍ଧୁତ୍ୱ କେବେ ପ୍ରେମରେ ପରିଣତ ହୋଇଗଲା, ଜଣା ପଡିଲା ନାହିଁ । ସାରଦା ଦିନେ ପ୍ରଭାକରକୁ ନ ଦେଖିଲେ ତାକୁ କିଛି ଭଲ ଲାଗେ ନାହିଁ । ମନ ଖୋଜି ବୁଲେ ପ୍ରଭାକରକୁ । ଆଖି ପଥ ଚାହିଁ ରହେ । ପ୍ରଭାକରର ବି ସେଇ ଅବସ୍ଥା ।

କାଲି ପୂଜା ପାଇଁ ମାମୁଁ, ମାଇଁ ଓ ଅମ୍ବିକା ନୂଆ ଲୁଗା କିଣିବାକୁ ସନ୍ଧ୍ୟା ସମୟରେ ବଜାରକୁ ଯାଇ ଥିଲେ । ସାରଦା ଏକୁଟିଆ ଘରେ ରହି ଥିଲା । ପ୍ରଭାକର ଆସିଲା । ସାରଦା ତାକୁ ଚା, ଜଳଖିଆ ଦେଲା । ନିଜେ ଚା ପିଇଲା । ଦୁଇ ଜଣ କଥା ବାର୍ତ୍ତା ହେଲେ । ତାହା ଥିଲା ଏକ ଦୁର୍ବଳ ମୂହୁର୍ତ୍ତ । ପରସ୍ପରକୁ ଆଲିଙ୍ଗନ କଲେ । କେତେ ମିଠା ସ୍ୱପ୍ନ ଦେଖିବାକୁ ଲାଗିଲା ସାରଦା । କିଛି ସମୟ ବସିବା ପରେ ଭଉଣୀ ଭିଣୋଇ ଆସିବା ପୂର୍ବରୁ ପ୍ରଭାକର ନିଜ ଘରକୁ ଚାଲି ଯାଇଥିଲା । ଏକ ସପ୍ତାହ ପରେ ପ୍ରଭାକର ଉଚ୍ଚ ଶିକ୍ଷା ପାଇଁ ଭୁବନେଶ୍ୱର ଗଲା ପଢିବାକୁ । ସାରଦାକୁ ମାଇଁର ମାଡ଼ ଗାଳରୁ ରକ୍ଷା କରିବା ପାଇଁ ମାମୁଁ ଶମ୍ଭୁନାଥ ବିବାହ କରି ଦେଇଥିଲେ । ସାରଦା ବଡ଼ ଘରର ବହୂ ହେଲା । ସୁଖ ଶାନ୍ତିରେ ରହିଲା । ସେ ଦୁଇଟି ସନ୍ତାନର ଜନନୀ ହୋଇ ସାରିଛି ।

କିନ୍ତୁ ସେ ଦିନର ପ୍ରଥମ ଛୁଆଁ ସାରଦା ଆଜି ବି ଭୁଲି ପାରି ନାହିଁ । ସୁଖ ଶାନ୍ତି ପ୍ରାଚୁର୍ଯ୍ୟ ମଧ୍ୟରେ ଥିଲେ ମଧ୍ୟ ସାରଦା ବେଳେ ବେଳେ ଅତୀତକୁ ଫେରି ଯାଏ । ମନେ ପକାଏ ପ୍ରଭାକରର ପ୍ରଥମ ସ୍ପର୍ଶକୁ । ବେଳେ ବେଳେ ଭାବେ ମାମୁଁଙ୍କୁ ସାହସ କରି କହି ଦେଇ ଥିଲେ, ହୁଏତ ଆଜି ମୋର କାହାଣୀ ଅନ୍ୟ କିଛି ହୋଇଥାନ୍ତା । ସାରଦାକୁ ପ୍ରଭାକାରର ହାତ ମିଳିଲାନି । ଅଛି ଖାଲି ମୁଠା ମୁଠା ମଧୁର ସ୍ମୃତି । ପ୍ରଥମ ସ୍ପର୍ଶର ପ୍ରଥମ ଅନୁଭୂତି । ପ୍ରଥମ ପ୍ରେମର ଅକୁହା କଥା ।

ଶିକ୍ଷୟିତ୍ରୀ
ଗାନ୍ଧୀନଗର, ନବରଙ୍ଗପୁର

# ଶିଶୁ



ପ୍ରକାଶ ଚନ୍ଦ୍ର ପଣ୍ଡା

ତୋ ଓଠରେ ଦେଖିବାକୁ
ଚେନାଏ ହସ
ଭୁଲିଯାଏ ସବୁ ମୁଁ
ମୋ ଦୁଃଖଶୋଷ
ତୋତେ ନେଇ ମୁଁ
ଦେଖେ କେତେ ସପନ
ତୁ ପର୍ ଦୁଃଖୀର
ବାବୁ ଜୀବନ ଧନ
ବୃଦ୍ଧକାଳେ ତୁ ହେବୁରେ
ଆଶାର ପ୍ରଦୀପ
ତୋ କୋଳରେ ଲିଭିଯାଉ
ମୋ ଜୀବନ ଦୀପ
ମିଛମାୟା ସଂସାରରେ
ଲଗାଇଛୁ ମାୟା
ତୋର ହସ ମୋତେ ଦିଏ
ବଞ୍ଚିବାକୁ ଚାହା ॥

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

# ବାଉଁଶ ଋଣୀ



ଆଲୋକ କୁମାର ପଣ୍ଡା

ଭେକର ସ୍ୱାକ୍ଷର ମୋ' ଦେହରେ
ମୁଁ କାଳେ ଋଣୀ...ବାଉଁଶ ଋଣୀ
ଲୋକ ଦୃଷ୍ଟିରେ ମୁଁ କଅଁଳ ମୃଗୁଣୀ
ବିଡମ୍ବିତ ଶୈଶବ ମୋ'
ଆଶା ଲୋଟୁଛି ଋଜଋସ୍ତାରେ
ମୋତେ ସ୍ୱପ୍ନ ଦେଖିବାକୁ ମନା
ପ୍ରଜାପତି ଧରିବା ମନା
ଗୀତ ଗୁଣୁଗୁଣେଇବା ମନା
ଶୁଖିଲା ମୁହଁ ତ ମୋ' ପରିଚୟ
ବନ୍ଧା ପଡିଛି ଜୀବନ, ପଥ କଣ୍ଟକତ
ବା' ର ଟମକ ନନାଦରେ ଦେଖାଏଁ
ଖେଳ...ମଉଳଛି ବାସନା...
ବାଜି ଯିବନ ତ ମୋ' ଶେଷ ଘଣ୍ଟି ଆଉ ।

ଶିକ୍ଷକ, କପସିପାଲି ଆଶ୍ରମ ବିଦ୍ୟାଳୟ,
ବଲାଙ୍ଗିର

# ପୁତ୍ର ମୋହ



ଅର୍ଜୁନ ମେହେର (ଆଶ୍ରିତ )

ମୁଁ କିଏ ....?
ମୁଁ ମଧ୍ୟ
ସାମାନ୍ୟ  ମଣିଷ ଟିଏ, ଆପଣଙ୍କ ପରି କର୍ମ କରି ଚାଲେ ..!

ସକାଳ ନିତ୍ୟ କର୍ମ ପରେ ପରେ ପେଟ ପୋଷଣାର
ଚିନ୍ତାରେ ନିମଗ୍ନ ।
ନା ଅନ୍ୟ ଭାବନା ପାଇଁ ଅଛି ମୋ ପାଖରେ  ଯଥେଷ୍ଟ  ସମୟ
ନା ଫୁରୁସତ୍.....?

ନା ଅଛି ପର ନା ଡେଣା,
ନା ଉଡ଼ିବାକୁ ନିଜ  ଆକାଶରେ  କେବେ କରିଛି
ଚେଷ୍ଟା .....?

କାହିଁକି କରିବି ବ୍ୟର୍ଥ  ଆଶା.....
ମୋ ପାଖରେ ଅଛି ଏକ  ଠାକୁରଙ୍କର ଦେଇ
ଅମୂଲ୍ୟ  ଦାନ.....?

ମନ ଅଛି ତ ସଭିଙ୍କ ପାଖରେ
ସେ ଉଡ଼ି ପାରେ ଯୋଜନ, ଯୋଜନ,  ଜଳ, ସ୍ଥଳ,
ଗଗନ, ପବନ, ବଣ, ପାହାଡ଼,  ନଇ,ଝରଣା

ପୁଣି ଇଛା ହେଲେ ଫେରି ଆସେ ପିଞ୍ଜର୍‌କୁ ।
ରହିଯାଏ ମନ ମାରି **...?**

ମୋ ମନଟି କନ୍ତୁ ସମ୍ପୂର୍ଣ ଅଲଗା କସମର**.....!**
ଯେଉଁଠିକ ପଠେଇଲେ ଯାଏ ରହି ଯାଏ ତାର
ସମ୍ପୁର୍ଣ ଖବର ନେବା ପର୍ଯ୍ୟନ୍ତ ।

ଟିକନକ ଖବର ଆସି ଦେଇ ପାରେ ବୋଲିତ ସମାଜରେ
ଆଜି ମୁଁ ଜଣେ କବି ଓ ଗୀତିକାର **....!**

କଲମରେ ଉତାରି ନଏ ତାର ମନ ଗହନର କଥା।

କବି ଓ ଗୀତିକାର ର ନ ଥାଏ ଶିକ୍ଷା ଯୋଗ୍ୟତାର ଆବଶ୍ୟକ ନା କୌଣସି
ପ୍ରମାଣପତ୍ର **....?**

ଶବ୍ଦ କୁ ଶବ୍ଦ ଯୋଡ଼ି ଲେଖିପାରେ କବିତା
ପଦକୁ ପଦ ଯୋଡ଼ି ଲେଖିଦିଏଁ ମନଛୁଆଁ ଗୀତଟିଏ
ଏଇତ ମୋର ଅନନ୍ୟ ପରିଚୟ**.....!**

ଗୌଡ଼ପାଲି, ବୁର୍ଲା

# କବିତା, ଜୀବନ ସଂଗୀତ



ଆଶୁତୋଷ ମେହେର

କବିତା ଶୁଣାଏ ଜୀବନ ସଙ୍ଗୀତ ଗହିରିଆ ମନ କଥା
ହସ କାନ୍ଦ ଭରା ଲୁହ ଆଉ ଲହୁ ଛାତି ଭିତରର ବ୍ୟଥା।
ମନ ଆକାଶରେ କେବେ ଇନ୍ଦ୍ରଧନୁ ସାତରଙ୍ଗ ହସେ ରଙ୍ଗା
କଳା ବାଦଲ ର ନିରାଶା ବା କେବେ କରୁଥାଏ ମନ ଭଙ୍ଗା।।

ସବୁଜ ବନାନୀ ପକ୍ଷୀର କୂଜନେ ଛଳଛଳ ମନ ନଈ
କବିତା କଲ୍ଲୋଳେ ମୁଖରିତ କରେ ମନ ହୋଇ ଯାଏ ବାଇ ।
ଦୁଃଖ ଦରିଆର କୂଳେ କେବେ ଅବା ନିରାଶା ଲହଡି ଭାଙ୍ଗେ
ଆଖି ଲୁହ ଗାରେ ହୃଦୟ ଲହୁରେ କବିତା ର ପଦ ରଙ୍ଗେ।।

ଜୀବନ ରସରେ ଝଲ ଝଲ ହୁଏ କବିତା ର ପଦାବଳୀ
ଲୋହିତ ଭାବର ନୀଳ ମନେ ଭରା ଶବଦ ଗୁନ୍ଥୁରୀ ତୂଳୀ।
ଯାକ ଯୁକ ସବୁ ଭାବନା ର ଧାର ଫେଣ୍ଟା ଫେଣ୍ଟି ଦୁଃଖ ସୁଖ
କାଳଜୟୀ ସିଏ କବିତା ର ଭାଷା ମେଣ୍ଟାଏ ମନର ଭୋକ।।

୫୪ ଆର୍ଯ୍ୟପଲ୍ଲୀ
କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪

# କର ନାହିଁ ଆଉ ଟାଣ



ନରେନ୍ଦ୍ର ପ୍ରସାଦ ବେହେରା

ଡାକଡାକ ମୋର ଶୁଖିଲାଣି କଣ୍ଠ
ଦେଖାଦିଅ ଚକାଡୋଳା
କେତେଦିନ ଆଉ ଡାକବି ତୁମକୁ
ଗଡି ଯାଉଅଛି ବେଳା ।୧ ।

ଦିନ ଗଲାପରେ ସଞ୍ଜ ଆସିଥାଏ
ଆକାଶେ ଦିଶଇ ତାରା
ଖୋଜୁଛି ତୁମକୁ ଦର୍ଶନ ପାଇଁ କ
କାହିଁକି ଦେଉନ ଧରା ।୨ ।

ଜଗତ ବାସୀଙ୍କ ଦୁଃଖ ବୁଝିବାକୁ
ଶ୍ରୀକ୍ଷେତ୍ରେ କରିଛ ଘର
ଆଜି କାହିଁ ପ୍ରଭୁ ହେଉଛ ନିଷ୍ଠୁର
ଶୁଣିବାକୁ ଦୁଃଖ ମୋର ।୩ ।

ହୁଅନ ଅବୁଝା ହେ କଳାଠାକୁର
ନେତ୍ରଖୋଲି ଥରେ ଦେଖ
ବେଲୁବେଲୁ ଦୁଃଖ ହୁଏ ଅସମ୍ଭାଳ
ମିଳୁନାହିଁ ଟିକେ ସୁଖ ।୪ ।

ଅନ୍ୟାୟ ଅନୀତି ଗ୍ଭେରି ଡକାୟତି
ବଢିବଢି ଗ୍ଭଲେ ଆଜି
ମଣିଷ ଭାବୁଛି ସବୁଠୁ ଗ୍ଭଲାକ
ପାଇବେନ କେହି ଖୋଜି। ୫।

ହତ୍ୟା ଓ ଲୁଣ୍ଠନ ନାରୀ ଅସମ୍ମାନ
ପାଇଁ ଦେଉଛନ୍ତି ମନ
କଳୁଷିତ ଆଜି ହେଉଛି ସମାଜ
କପରି କଟିବ ଦିନ ।୬।

ଉପଯୁକ୍ତ ଶିକ୍ଷା ଦିଅ ସେମାନଙ୍କୁ
ଆହେ ପ୍ରଭୁ ଚକାଡୋଳା
ହାତେ ଖଣ୍ଡା ଧରି କର ବିଚରଣ
ହିଂସ୍ରଙ୍କର ବୁଢ଼ୁ ଭେଳା ।୮।

ତୁମେ ନ ଗ୍ଭହିଁଲେ ମଣିଷ ସମାଜ
ଧ୍ୱଂସ ହେବ ଦିନେ ଜାଣ
ଆସ ଅବତରି ରତ୍ନ ସିଂହାସନୁ
କର ନାହିଁ ଆଉ ଟାଣ ।୯।

ଜଗତ ଯାକର ଗୋଟିଏ ଦେବତା
ନୀଳଗିରି କ୍ଷେତ୍ରବାସୀ
କର ହସ୍ତକ୍ଷେପ ବଞ୍ଚିବ ସମାଜ
ସମସ୍ତେ ହୋଇବେ ଖୁସି ।୧୦।

ସଂଗ୍ରହକାରୀ--ନରେନ୍ଦ୍ର ପ୍ରସାଦ ବେହେରା,
ଆଳଦା, ଖଇରା,ବାଲେଶ୍ୱର

# ଏକ ଅଗ୍ନିଶିଖାର ସ୍ମରଣେ:

ପ୍ରିୟବ୍ରତ ପାତ୍ର

ଭାରତର ବୀରାଙ୍ଗନାମାନଙ୍କ ଲମ୍ବାଧାଡିରେ ସବା ଆଗରେ ସ୍ମୃତି ପଟକୁ ଆସିଯାନ୍ତି ରାଣୀ ଲକ୍ଷ୍ମୀବାଇ । ଦୀପ୍ତିମୟୀ ଚେହେରା ସାଙ୍ଗକୁ ଶାଣିତ ଖଡଗ, ଉଦ୍ୟତ ଢାଲ ଓ ମୁଣ୍ଡରେ ବନ୍ଧା ଗାଢ ନାରଙ୍ଗୀ ରଙ୍ଗର ଲମ୍ବା ରୁମାଲ – ଏସବୁକୁ ମିଶାଇ ଦେଲେ ଆଖି ଆଗରେ ଭାସିଉଠେ ଯେଉଁ ଦୁଃସାହସୀ ମହିଳାଙ୍କ ଚେହେରା – ସିଏ ହେଲେ ଲକ୍ଷ୍ମୀବାଇ । ଆଜକୁ ଦେଢଶହ ବର୍ଷ ତଳେ ଭାରତୀୟ ସମାଜରେ ମହିଳାମାନେ ଯେବେ ଘରକୋଣରେ ରନ୍ଧାବଢା କରି, ପିଲାଙ୍କ ଯତ୍ନ ନେବାହିଁ ଏକମାତ୍ର ସ୍ୱୀକୃତ କର୍ମରୂପେ ଗୃହୀତ ହୋଇଥିଲା – ସେଭଳି ଏକ ସମାଜରେ ଜିବନ ପ୍ରତି ତଥା ନିଜ ଦେଶମାତୃକା ପ୍ରତି ଏକ ଭିନ୍ନ ଦୃଷ୍ଟିକୋଣ ନେଇ ଜନ୍ମ ହୋଇଥିବା ଏହି ମହିୟସୀ ବୀରଙ୍ଗନା ଆମ ସମସ୍ତଙ୍କ ପାଇଁ ପ୍ରାତଃ ସ୍ମରଣୀୟା । ମାତ୍ର ୨୨ ବର୍ଷ ଜୀବନୀ ମଧ୍ୟରୁ ଶେଷ ଅଢେଇବର୍ଷର ସମର-ଜୀବନ, ଭାରତର ମୁକ୍ତି ସଂଗ୍ରାମର ଆକାଶରେ ଏକ ଜାଜ୍ୱଲ୍ୟମାନ ନକ୍ଷତ୍ର ।

ସିପାହୀ ବିଦ୍ରୋହର କେନ୍ଦ୍ରରେ ରହିଛି ତିନି ବନ୍ଧୁଙ୍କ କାହାଣୀ – ଯଥାକ୍ରମେ ସେମାନେ ହେଲେ ପେଶୱାର ଦ୍ୱିତୀୟ ବାଜିରାଓଙ୍କ ପୋଷ୍ୟପୁତ୍ର ନାନାସାହେବ, ବାଜିରାଓଙ୍କ ଜଣେ ସଭାସଦଙ୍କ ପୁତ୍ର ତାନ୍ତିଆଟୋପି ଓ ବାଜିରାଓଙ୍କ କର୍ମକାଣ୍ଡ ଓ ପୂଜାବିଧି କରୁଥିବା ଜଣେ ନୈଷ୍ଠିକ ବ୍ରାହ୍ମଣ ମୋରପନ୍ତ ତାମ୍ବେଙ୍କ କନ୍ୟା ଲକ୍ଷ୍ମୀବାଇ । ଲକ୍ଷ୍ମୀବାଇଙ୍କ ଜନ୍ମତିଥି ଥିଲା ୧୮୩୫ ମସିହା ନଭେମ୍ବର ୩୧ ତାରିଖ । ଏହି ତିନି ବନ୍ଧୁହିଁ ସିପାହୀ ବିଦ୍ରୋହର ଅକ୍ଷସମ ରହିଥିଲେ ଏବଂ ନେତୃତ୍ୱ ନେଇଥିଲେ । ଯଦିଓ ଲକ୍ଷ୍ମୀବାଇ ବୟସରେ ଅନ୍ୟ ଦୁଇଜଣଙ୍କଠାରୁ ଯଥେଷ୍ଟ ଛୋଟ ଥିଲେ, ତଥାପି ବୀରତ୍ୱ ଓ ସାହସିକତାରେ ସର୍ବାଗ୍ରେ ଥିଲେ । ଏହି କନ୍ୟା ଜଣକ ପରାଧୀନ ଭାରତର ଆକାଶରେ ଏକ ବିଜୁଳିକନ୍ୟା ଭଳି ଦେଖାଦେଇଥିଲେ ଏବଂ ଆଗାମୀ ଦିନରେ ଇଂରେଜମାନଙ୍କ ଅନ୍ତ ହେବା ସୁନିଶ୍ଚିତ ବୋଲି ଏକ ଚେତାବନୀ ଦେଇଯାଇଥିଲେ । ଠିକ୍ ଏମିତି ଏକ ବାର୍ତ୍ତା ଶ୍ରୀକୃଷ୍ଣଙ୍କ ଜନ୍ମ ସମୟରେ ଜଣେ ଦେବୀ କଂସକୁ ଦେଇଥିଲେ । ସମୟକ୍ରମେ ହତ୍ୟାକାରୀ କଂସ ଅପସରି ଗଲାପରି ଫିରିଙ୍ଗି ଶାସନ ମଧ୍ୟ ଅପସରି ଯାଇଥିଲା । ଶିଶୁ ଅବସ୍ଥାରେ ଏହି ତିନିବନ୍ଧୁ ଗଙ୍ଗାନଦୀ

କୂଳରେ ବନାରସ ନିକଟସ୍ଥ ବେଠୁର ନାମକ ଏକ ନିକଞ୍ଚନ ଗାଁର ପଡିଆରେ ଖେଳୁଥିଲେ, ନିଜ ଭିତରେ ପୁଣି ରାଜା, ରାଣୀ ବା ସେନାପତିର ଭୂମିକାରେ ନାଟକ କରୁଥିଲେ । ପୁଣି ସେଇ ତିନିବନ୍ଧୁ ନିଜର ଯୁବା ଅବସ୍ଥାରେ ଏତେବଡ ବିଦ୍ରୋହର କେନ୍ଦ୍ର ହୋଇଗଲେ – ଯାହାର ସମାନ୍ତରାଳ ଉଦାହରଣ ପୃଥିବୀରେ ନାହିଁ । ସେତେବେଳେ ରାଣୀଙ୍କ ବୟସ କୋଡିଏ, ନାନା ଓ ତାନ୍ତିଆଙ୍କ ବୟସ ଖୁବ୍ ବେଶୀରେ ପଚିଶି । ଏହି ତିନି ତରୁଣ / ତରୁଣୀ ଯାହା କରିଦେଇ ଯାଇଛନ୍ତି, ତାହା ନା କେବେ ହୋଇଥିଲା ନା ହେବ ।

ଇଂରେଜଙ୍କଠାରୁ ପରାସ୍ତ ହେବାପରେ ଦ୍ୱିତୀୟ ବାଜିରାଓ ନିଜର ମରହଟ୍ଟା ସାମ୍ରାଜ୍ୟର ରାଜଧାନୀ ପୁନା ଛାଡି ବନାରସ ନିକଟସ୍ଥ ବେଠୁର ଗ୍ରାମକୁ ଚାଲିଆସିଲେ । ଚୁକ୍ତି କ୍ରମେ ସେ କିଛି ପେନସନ୍ ପାଉଥିଲେ । ତାଙ୍କ ସାଙ୍ଗରେ ଚାଲିଆସିଲେ ତାନ୍ତିଆଙ୍କ ବାପା ଓ ଲକ୍ଷ୍ମୀବାଇଙ୍କ ବାପା । ତିନି ପରିବାର ପଡୋଶୀ ଭାବେ ରହୁଥିଲେ, ଗୋଟିଏ ଘରର ପିଲାପରି ଲାଳିତ ପାଳିତ ହେଉଥିଲେ । ଏକାଠି ପଡିଆରେ, ମୁକ୍ତ ଆକାଶ ତଳେ ରଣ କୌଶଳ ଶିକ୍ଷା କରୁଥିଲେ । କିଏ ଜାଣିଥିଲା ଶୈଶବର ସେଇ ଅସୀଚାଳନା ଓ ରାଜ୍ୟ ଶାସନର କ୍ରୀଡା ଦିନେ ଏତେବଡ ଭବିଷ୍ୟତକୁ ଜନ୍ମ ଦେବ? ପିଲାଦିନେ ଲକ୍ଷ୍ମୀବାଇଙ୍କ ନାମ ଥିଲା ମଣିକର୍ଣ୍ଣିକା, ବା ମାନୁ ବା ଛବିଲି । ପିଲାଦିନେ ମାନୁ ସବୁ କାର୍ଯ୍ୟରେ ନାନା ଓ ତାନ୍ତିଆଙ୍କ ସମକକ୍ଷ ହେବାପାଇଁ ଜିଦ୍ ଧରୁଥିଲେ । କିନ୍ତୁ କଟାକ୍ଷ ଉତ୍ତର ପାଉଥିଲେ – ତୁ ଝିଅପିଲା, ତୁ ବ୍ରାହ୍ମଣ ପିଲା, ଆମେ ପୁଅପିଲା, ଆମେ କ୍ଷତ୍ରିୟ ଯୋଦ୍ଧା । "ନାନା ଓ ତାନ୍ତିଆ ହାତୀ ଉପରେ ବସି ବୁଲିଲାବେଳେ ମାନୁ ନିଜର କୁନି କୁନି ହାତ ପ୍ରସାରି ହାତୀର ଗତିକୁ ପ୍ରତିରୋଧ କରି ଚତ୍କାର କରୁଥିଲେ – ମୁଁ ମଧ୍ୟ ରାଣୀହେବି, ହାତୀ ଉପରେ ବସିବି । ଏତେବଡ ଆସ୍ପର୍ଦ୍ଧା କରୁଥିବା କନ୍ୟା ଶିଶୁଟିର ବୟସ ସେତେବେଳକୁ ମାତ୍ର ପାଞ୍ଚବର୍ଷ । ସେତେବେଳେ ସାରା ଭାରତରେ ବାଲ୍ୟବିବାହ ଓ ସତୀଦାହ ଭଳି ପ୍ରଥାସବୁ ବଳବତ୍ତର ଥାଏ । ଝାନସୀର ରାଜା ଗଙ୍ଗାଧର ରାଓ ଥିଲେ ଜଣେ ଲୋକପ୍ରିୟ, ଅଥଚ ଅପାରଗ ଓ ବୈରାଗୀ ରାଜା । ତାଙ୍କର ପ୍ରଥମ ପତ୍ନୀଙ୍କ ମୃତ୍ୟୁପରେ ଢେର ଦିନ ବିଷାଦଗ୍ରସ୍ତ ରହିବା ପରେ ବଂଶ ବଞ୍ଚେଇବା ପାଇଁ ଯେତେବେଳେ ପୁନଶ୍ଚ ମଣିକର୍ଣ୍ଣିକାକୁ ବିବାହ କରିବା ପାଇଁ ପ୍ରସ୍ତାବ ପକେଇଲେ, ସେତେବେଳେ ତାଙ୍କ ବୟସ ଥିଲା ୪୫ ଏବଂ କନ୍ୟାଙ୍କ ବୟସ ମାତ୍ର ୭ ବର୍ଷ । ସମୟର ବିଚିତ୍ର ଗତିରେ ମଣିକର୍ଣ୍ଣିକା ହେଲେ ଝାନସୀର ରାଣୀ ଏବଂ ପୂର୍ଣ୍ଣବୟସ୍କା ହେବା ପର୍ଯ୍ୟନ୍ତ ସେ ଯୁଦ୍ଧବିଦ୍ୟା ଶିକ୍ଷାରେ ହିଁ ମନ ଦେଲେ । ରାଜ୍ୟର ତଥା ରାଜ୍ୟ ବାହାରର ଅସୀଚାଳକ, ଯୁଦ୍ଧବିଶାରଦ, ଅଶ୍ୱଚାଳକ, ତଥା ରାଜନୀତି ବିଶାରଦଙ୍କଠାରୁ ସେ

ଶିକ୍ଷାକଲେ । ଜୀବନର ସେହି ଅପୂର୍ବ ଚଉଦ ବର୍ଷ ଭିତରେ ସେ ଅବୁଝକଛି ଆୟତ କରିନେଲେ । ତାଙ୍କର ଗୋଟିଏ ପୁତ୍ର ସନ୍ତାନ ମଧ୍ୟ ଜନ୍ମ ହୋଇଥିଲା, କିନ୍ତୁ ତାର ଅକାଳମୃତ୍ୟୁ ହୋଇଥିଲା । ସେତେବେଳକୁ ବୃଦ୍ଧ ରାଜା ବଂଶରକ୍ଷାର ସମସ୍ତ ଆଶା ଛାଡିଦେଇ ଶଯ୍ୟାଶାୟୀ ହେଲେ ଏବଂ ଇଂରେଜ ସରକାର ଙ୍କୁ ଗୋଟିଏ ପୋଷ୍ୟପୁତ୍ର ଗ୍ରହଣର ଅନୁମତି ଭିକ୍ଷାକଲେ । ମୃତ୍ୟୁ ପୂର୍ବରୁ ନିଜର ଜଣେ ପୁତୁରା ଆନନ୍ଦରାଓଙ୍କୁ (ଯାହାର ପରବର୍ତ୍ତୀ ନାମ ଦାମଦୋର ରାଓ ହୋଇଥିଲା) ନିଜର ପୋଷ୍ୟପୁତ୍ର ରୂପେ ଗ୍ରହଣ କଲେ । ରାଜାଙ୍କ ମୃତ୍ୟୁରେ କୁଳୀନ ସମାଜ ଅଡିବସିଲା – ରାଣୀ ଲକ୍ଷ୍ମୀବାଇ ସ୍ୱାମୀଙ୍କ ଚତାରେ ଝାସ ଦେଇ ପରମ୍ପରା ରକ୍ଷାକରନ୍ତୁ । ରାଣୀ ସେକଠୋକ୍ ମନା କରିଦେଲେ, କହିଲେ ରାଜାଙ୍କୁ କଥା ଦେଇଛି ଦାମୋଦର ଯୋଗ୍ୟର ନହେବା ପର୍ଯ୍ୟନ୍ତ ମୁଁ ରାଜ୍ୟ ସମ୍ଭାଳବି, ଅତଏବ୍ ସତୀ ହେବାର ପ୍ରଶ୍ନ ଉଠୁନାହିଁ । ପୁନଶ୍ଚ କୁଳୀନ ସମାଜ ଦାବୀକଲା – ଅତି କମ୍ ରେ ରାଣୀ ଲାଣ୍ଡି ହେବାକୁ ପଡିବ । ଧଡିଥିବା ମସିଆ ସୂତାଲୁଗା ପିନ୍ଧି ସମସ୍ତ ରାଜକୀୟ ପରିପାଟିରୁ ଦୂରରେ ଅଛୁଁଆଙ୍କ ପରି ବଞ୍ଚିବାକୁ ହେବ । ରାଣୀ ତାକୁ ମଧ୍ୟ ଅଗ୍ରାହ୍ୟ କଲେ, ଯାହାକେବଳ ଚତାଭସ୍ମକୁ ଗଙ୍ଗାନଦୀରେ ବିସର୍ଜନ କରିଥିଲେ । ତତକାଳୀନ ସମାଜରେ ବ୍ରାହ୍ମଣ ପ୍ରଥା ତଥା ପରମ୍ପରାର କଂସାକବାଟକୁ ଗୋଇଠା ମାରି ନିଜସ୍ୱ ସ୍ୱାଧୀନ ଚିନ୍ତାରେ ବଞ୍ଚିରହିବା, ସମ୍ଭବତଃ ଇଂରେଜଙ୍କୁ ବିରୋଧ କରିବା ଠାରୁ ବି ଅଧିକ କଷ୍ଟକର ଥିଲା ।

ସିପାହୀ ବିଦ୍ରୋହ ଆରମ୍ଭ ପର୍ଯ୍ୟନ୍ତ ଝାନସୀ ଥିଲା ଇଂରେଜଙ୍କ ବିଶ୍ୱାସୀ ରାଜ୍ୟ । ତେଣୁ ଇଂରେଜମାନେ ଝାନସୀର ଷ୍ଟାରଫୋର୍ଟ ତଥା ସିଟି ଫୋର୍ଟକୁ କିଛି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ମଧ୍ୟ କରିଥିଲେ । ଏଣେ ସିପାହୀମାନେ ଯେବେ ପ୍ରବଳ ସଂଖ୍ୟାରେ ମାଡିଆସିଲେ, ଇଂରେଜମାନେ କାମଚଳା ମହାରାଣୀ ଲକ୍ଷ୍ମୀବାଇଙ୍କୁ ଝାନସୀ ସମ୍ଭାଳବା ଦାୟିତ୍ୱ ଦେଇଦେଲେ । ଲକ୍ଷ୍ମୀବାଇ ସୁଯୋଗ ଅପେକ୍ଷାରେ ଥିଲେ । ତୁରନ୍ତ ସେ ଝାନସୀ ଅଧିକାର କରିନେଲେ । ଏଣେ ରାଜସ୍ୱତ୍ୱଲୋପନୀତି ଅନୁସାରେ ପୁନଶ୍ଚ ଯେବେ ଲକ୍ଷ୍ମୀବାଇଙ୍କୁ ଝାନସୀ ସିଂହାସନରୁ ହଟେଇ ଦିଆଗଲା, ରାଣୀ କ୍ଷୁବ୍ଧ ହୋଇ ଇଂରେଜଙ୍କ ବିରୋଧରେ ସ୍ୱର ଉତ୍ତୋଳନ କଲେ । ଗୁରିଆଡେ ପ୍ରଗ୍ଭର କରିଦିଆଗଲା ଯେ ରାଣୀ ସିପାହୀ ମାନଙ୍କ ସହ ମିଳିତ ହୋଇ ଯୁଦ୍ଧରେ ଅବର୍ତ୍ତୀର୍ଣ୍ଣ ହେଲେ ।

ରାଣୀଙ୍କ ଦୁର୍ଦ୍ଧର୍ଷ ସେନାପତି ରେସେଲଦାର କାଲେ ଖାଁ ଏହି ପ୍ରଥମ ଯୁଦ୍ଧରେ ଅନେକ ଇଂରେଜ ସୈନ୍ୟ ତଥା ପରିବାରକୁ ହତ୍ୟାକଲେ, ଅନେକ ମୁଣ୍ଡ ସ୍କନ୍ଧଚ୍ୟୁତ ହୋଇ

ରାଜରାସ୍ତାରେ ଗଡିଲା । ଏହି ଯୁଦ୍ଧରେ ବିଜୟ ପାଇଁ ରେସେଲଦାର୍ ଙ୍କୁ ଅନେକ ଉପଢୌକନ, ମାନପତ୍ର ଓ କୃତଜ୍ଞତା ରାଣୀଙ୍କ ତରଫରୁ ମିଳଲା । କିନ୍ତୁ ରାଣୀଙ୍କ ଅନୁମତି ବିନା, ଯୁଦ୍ଧର ନିୟମ ଉଲଂଘନ କରାଯାଇ ମହିଳା ଓ ଶିଶୁଙ୍କୁ ହତ୍ୟା କରାଯାଇଥିବାରୁ ରିସେଲଦାରଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଗଲା ଏବଂ ସେ ଦିଲ୍ଲୀ ଚାଲିଗଲେ । ଏହି ଗଣହତ୍ୟା ପଛରେ କୌଣସି ଆଦେଶ ନାହିଁ ବୋଲି ରାଣୀଙ୍କ ତରଫରୁ ଯେତେ ସଫେଇ ଦିଆଗଲେ ମଧ୍ୟ ଇଂରେଜମାନେ ତାକୁ ଗ୍ରହଣ କଲେନାହିଁ ।

ଏଥର ଯୁଦ୍ଧ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲା । ଗୌରବର୍ଣ୍ଣା, କୃଷ୍ଣକେଶିନୀ ମହାରାଣୀ ମସ୍ତକରେ ଉଜ୍ଜ୍ୱଳ ରଙ୍ଗର ଲୋହିତ ରୁମାଲ ଭିଡି, ଏକ ଶୁଭ୍ର-ଆରବୀୟ ଘୋଟକ ଉପରେ ବସି ଦୁର୍ଗସାରା ପ୍ରସ୍ତୁତି ପର୍ବକୁ ପର୍ଯ୍ୟବେକ୍ଷଣ କରୁଥିଲେ । ଝାନସିର ପ୍ରସିଦ୍ଧ ଘନଗର୍ଜ ତୋପକୁ ମଧ୍ୟ ପ୍ରସ୍ତୁତ କରି ରଖାଗଲା । ରାଣୀ ନିଜ ଜୀବନ୍ତ ଅଶ୍ୱର ପିଠି ଥାପୁଡେଇଲା ପରି ଏହି ପ୍ରସିଦ୍ଧ ତୋପକୁ ହାତରେ ଆଉଁସି-ଧୋକାଦେବୁ ନାହିଁ, ଶତ୍ରୁ ଉପରେ କୁଦିପଡି ସମୂଳେ ଧ୍ୱଂସ କରିବୁ ବୋଲି କହୁଥିଲେ । ଷ୍ଟାରଫୋର୍ଟ ଦୁର୍ଗ ଅତ୍ୟନ୍ତ ସୁଦୃଢ ଥିଲା, ଏହାର କାନ୍ଥର ଓସାର ଷୋହଳ ଫୁଟ ପର୍ଯ୍ୟନ୍ତ ଥିଲା ଯାହାକି ସେ ସମୟର ସମସ୍ତ ବ୍ୟବହୃତ ଗୁଳିଗୋଳାକୁ ଗିଳିପକାଉଥିଲା । କାନ୍ଥର ମଧ୍ୟେମଧ୍ୟ ଗୁଳିଚାଳନା ପାଇଁ ମଧ୍ୟ ରନ୍ଧ୍ର ଥିଲା । ରାଣୀଙ୍କ ସେନା ଭିତରେ ଅଧାରୁ ଅଧିକ ଥିଲେ ଦୁର୍ଦ୍ଧର୍ଷ ପଠାଣ ଓ ଆଫଗାନୀ ଯୋଦ୍ଧାମାନେ । ଅଧିକାଂଶ ସମୟ ଶୁଭ୍ର ପୋଷାକ ପିନ୍ଧି, ବେକରେ ହୀରାର ମାଳା ପିନ୍ଧି, ଅଣ୍ଟାରେ ରତ୍ନ ଖଚିତ ମେଖଳା ସହିତ ଦୁଇଦୁଇଟି ରୂପାର ପିସ୍ତଲ ଝୁଲାଇ, ଅକସ୍ମାତ ସମ୍ମୁଖ ରଣ ପାଇଁ ଏକ ଛୁରୀକା ଝୁଲାଇ ରାଣୀ ଯେବେ ସେନାକୁ ତାଲିମ୍ ଦେଉଥିଲେ – ଲାଗୁଥିଲା ଯେମିତି ସ୍ୱର୍ଗରୁ ଯୁଦ୍ଧର ଦେବୀ ଓହ୍ଲାଇ ଆସିଛନ୍ତି । ଇଂରେଜ ସେନାପତି ରୋଜ୍ ଝାନସୀ ଦୁର୍ଗକୁ ପ୍ରବଳ ଆକ୍ରମଣ କଲେ । ଦୀର୍ଘ ସାତ ଦିନ ବ୍ୟାପି ପ୍ରବଳ ପ୍ରତିରୋଧ ଚାଲିଥିଲା, କିନ୍ତୁ ଜଣେ ବୁନ୍ଦେଲ ସର୍ଦ୍ଦାର ନିଜର ବ୍ୟକ୍ତିଗତ ଅପମାନର ପ୍ରତିଶୋଧ ସ୍ୱରୂପ ଦୁର୍ଗର କୌଣସି ଅଂଶପଟେ ଶତ୍ରୁ ସୈନ୍ୟକୁ ପଶିବାକୁ ଦେଇଥିଲେ, ଫଳରେ ଚାହୁଁ ଚାହୁଁ ଷ୍ଟାରଫୋର୍ଟ ରୋଜ୍ ଙ୍କ ଶିଖ ସୈନ୍ୟ, ଗୁର୍ଖା ସୈନ୍ୟ ଓ ଇଂରେଜ ସୈନ୍ୟଙ୍କ ଦ୍ୱାରା ପୁରିଗଲା । ସମସ୍ତଙ୍କ ଉପରେ ଭରସା ରଖିଥିବା ମହାରାଣୀ ଏଭଳି ଅପ୍ରତ୍ୟାଶିତ ବିଶ୍ୱାସଘାତକତାରେ ହତବିମ୍ବ ହୋଇପଡିଲେ । ଏକ ନିବୁଜ କୋଠରୀ ଭିତରେ ଆତ୍ମହତ୍ୟା ପାଇଁ ପ୍ରସ୍ତୁତ ହେଉଥିଲେ କିନ୍ତୁ ଚନ୍ଦନ ହଜୁରୀଙ୍କ ବାକ୍ୟ ମନ୍ତ୍ରରେ ଉଦବୁଦ୍ଧ ହୋଇ ପୁନଶ୍ଚ ପ୍ରସ୍ତୁତ ହେଲେ । ନିଜ ଶିଶୁ ପୁତ୍ରକୁ ଧରି ଦୁର୍ଗର କୌଣସି ଗୁପ୍ତ

ସୁଡଙ୍ଗ ରାସ୍ତାରେ ଘୋଡା ପିଠିରେ ପାର ହୋଇ ଗୋଆଲିୟର୍ ସୀମା ପର୍ଯ୍ୟନ୍ତ ଚାଲିଗଲେ । ସେଠାରେ ନାନାସାହେବଙ୍କ ଛାଉଣି ପଡିଥାଏ । ରାଣୀ ନିଜର ଖଡଗ ନାନାସାହେବଙ୍କୁ ଅର୍ପଣ କରି କହିଲେ – ମରହଟ୍ଟା ଜାତିର ମହାରାଜା ପେଶଓ୍ୱା, ମୁଁ ଖଡଗ ଅର୍ପଣ କରୁଛି, ମୁଁ ଆଉ ଯୁଦ୍ଧ କରିପାରିବି ନାହିଁ । ନାନା ପୁନଶ୍ଚ ରାଣୀଙ୍କୁ ଜୀବନର ଅନ୍ତିମ ଲକ୍ଷ୍ୟ ବିଷୟରେ ତଥା ଇଂରେଜ ମୁକ୍ତ ଭାରତବର୍ଷର ସ୍ୱପ୍ନ ଦେଖାଇଲେ । ନାନାଙ୍କ ପରାମର୍ଶକ୍ରମେ ଲକ୍ଷ୍ମୀବାଇ ହେଲେ ନାନାଙ୍କ ସେନାର ସେନାପତି । କୌଣସି ଏକ ଯୁଦ୍ଧରେ ରୋଜ୍ ଙ୍କ ସୈନ୍ୟଙ୍କୁ ଭୟଭୀତ କରାଇ ଦୂରକୁ ତଡିନେବା ବେଳେ ଅଜ୍ଞାନକ ଏକ ଗୁଳି ଆସି ରାଣୀଙ୍କ କପାଳରେ ବାଜିଲା । ରକ୍ତାକ୍ତ ଅବସ୍ଥାରେ ରାଣୀଙ୍କ ଶରୀରକୁ ଉଦ୍ଧାର କରାଗଲା ସତ, କିନ୍ତୁ ଜୀବନ ନଥିଲା । କୌଣସି ଭାରତୀୟ ସୈନ୍ୟ ହିଁ ସେଇ ଘାତକ ଗୁଳିଟି ଚଳାଇଥିଲେ, ଯାହାକୁ ଇଂରେଜମାନେ ଖୁବ୍ ସମ୍ମାନର ସହ ପୁରସ୍କୃତ କରିଥିଲେ ।

ଗୋଆଲିଅର୍ ଠାରୁ କିଛି ଦୂରରେ କାଟାକମରାଇ ଠାରେ ଏଇ ଯୁଦ୍ଧର ରାଣୀ ଟଳି ପଡିଥିଲେ । ଆଜି ସେଇ ଜାଗାରେ ଏକ ଝଙ୍କାଳିଆ ବରଗଛ ତଳେ ଏକ ଧଳା ଘୋଡା ଉପରେ ଆସୀନା ଲକ୍ଷ୍ମୀବାଇଙ୍କ ପ୍ରତିମୂର୍ତ୍ତି ରହିଛି । ସେଠାରେ ଭାରତର ତ୍ରିରଙ୍ଗା ପତାକା ଫରଫର ହୋଇ ଉଡୁଥାଏ । ଜୀବନ ଲମ୍ବା ହେବା ଜରୁରୀ ନୁହେଁ, ମହାନ୍ ହେବା ଜରୁରୀ – ଏହି ଦର୍ଶନରେ ବିଶ୍ୱାସ କରୁଥିବା ଭାରତର ନୂତନ ପିଢୀ ଶଙ୍କରାଚାର୍ଯ୍ୟ, ବିବେକାନନ୍ଦ ବା ପୁରାଣର ଅଭିମନ୍ୟୁଙ୍କ ଜୀବନୀ ପରି ଲକ୍ଷ୍ମୀବାଇଙ୍କ ଜୀବନୀ ମଧ୍ୟ ପଢିବା ଦରକାର ।

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

# ଦୁଃଖ



ସୁଶୀଲ୍ କୁମାର ଭୋଇ

ଯେବେ ଘରର ଗ୍ବରିକାନ୍ଥରେ ଆବଦ୍ଧ ହୋଇ ଲାଗିଥିବା
ଆଇନା ସାମ୍ନାରେ ଛିଡ଼ା ହୋଇ ପ୍ରଶ୍ନକରେ
ହେ ଆଇନା କହ ମୁଁ କଏ ଓ ମୁଁ କାହାର **!???**

ଆଇନାର ପ୍ରତିଛବି ମତେ ଉତ୍ତର ଦିଏ
ତୁ ଦୁଃଖ ଓ ଦୁଃଖ ତୋ ନିଜର,
ତୁ' ହବୁ ଅବା ଆଉ କାହାର **!!**

ଆଇନା ପ୍ରତିଛବିର ଉତ୍ତରକୁ ଲାଗେ ମତେ ଭାରି ଭଲ,
କାରଣ ଦୁଃଖ ଠାରୁ କଏ ହେବ ଅବା ଅତି ନିଜର **!!**

ଛଳନାମୟ ଦୁନିଆରେ କଏ ହୋଇଥାଏ କାହାର **!?**
ଏଠି ସମସ୍ତେ ତ' ସ୍ୱାର୍ଥପର କଏ ହେବ ବା ନିଜର
କେବଳ ଦୁଃଖ ହିଁ ଆପଣାର ।

ସମ୍ପର୍କ ଭାଙ୍ଗିଯାଏ,ଶରୀରରୁ ଜୀବନ ଛାଡ଼ିଯାଏ,
ସାବକକୁ ତା' ମାଆ ପକ୍ଷୀ ଛାଡ଼ି ଯାଏ ଓ
ବାସୀ ମଉଳା ଫୁଲ ଝରିଯାଏ **.....,,,,,,**
ହେଲେ **,,,,,,**
ଦୁଃଖ କେବେ ଭାଙ୍ଗେ ନାହିଁ,
ପୁଣି କେବେ ଛାଡ଼େ ନାହିଁ,

କମ୍ପା ସେ ମଉଳ ଝରେ ନାହିଁ,
ସବୁବେଳେ ସାଥେ ଥାଇ ଆପଣାର ହୋଇଥାଇ ।

ଦିନ ସରିଯାଏ, ରାତି ସରିଯାଏ
ଚନ୍ଦ୍ର ଓ ସୂର୍ଯ୍ୟଙ୍କର ଆତ ଜାତ ହେବା ମଧ ସରିଯାଏ।
କନ୍ତୁ ଦୁଃଖ କେବେ ସରେ ନାହିଁ .....

ସୁଖ ସିନା କ୍ଷଣସ୍ଥାୟୀ ଏଇଥାଏ ଏଇ ନାଇଁ ।
ହେଲେ, ଦୁଃଖ ଥାଏ ଦୀର୍ଘସ୍ଥାୟୀ
ରହିଥାଏ ସାଥେ ଯାଇ, ପରସେ କରେନା
କରିଲେ ଭୁଲେନା, ଆସିଥାଏ ଧାଇଁ ଧାଇଁ ....।

ଜୀବନଟା ଏକ ନିର୍ଭୀକ ପ୍ରେମିକ,
ଦୁଃଖ ଥାଏ ତା'ର ପ୍ରେମୀକା,
ଦୁଃଖ ବିନା ସତେ ଅଧୁରା ପ୍ରେମଟା
ଲାଗୁଥାଏ ଭାରି ବେସାହାରା.....।

ସାହାରା ପାଇଁ ତ' କେହି  ନଥାଏ,
ପାଖେ ଥାଏ ଖାଲି ଯନ୍ତ୍ରଣା,,,,,
ଯନ୍ତ୍ରଣା ଆଣଇ ଆପଣାର ପ୍ରିୟ
ଦୁଃଖର ଆଳତୀ ବନ୍ଦନା....।

ଦୁଃଖ ବିନା ଜୀବଟା ଅଧୁରା
ଦୁଃଖ ପାଇଁ ଜୀବନଟା ବେସାହାରା
ଦୁଃଖ ପାଇଁ ସୁଖର ନଥାଏ ମୂଲ୍ୟ
ଦୁଃଖ କେବଳ ଦୁଃଖ ହିଁ ଜୀବନ......।

ବରକୁଦା, ପାଞ୍ଚଗାଁ,ଜଟଣୀ, ଖୋର୍ଦ୍ଧା

# ମୋ ଭାରତ ମହାନ

ଗୀତାଞ୍ଜଳି ସ୍ୱାଇଁ

ହିମାଳୟ ଯାର ମୁକୁଟର ସମ
ମସ୍ତକରେ ଶୋଭାପାଏ
ଯା ଦେହର ହାର ଗଙ୍ଗା ଯମୁନା
କୁଳୁ କୁଳୁ ହୋଇ ବହେ।
କେତେ ସୁର ବୀର ଜନମି ଅଛନ୍ତି
ଏଇ ମାଟି ମାଆ କୋଳେ
ସ୍ୱର୍ଣ୍ଣ ଭୂମି ଏ ଭାରତ ଜନନୀ
ତା ମାଟିରେ ସ୍ୱର୍ଣ୍ଣ ଫଳେ।
କେତେ କୀର୍ତ୍ତି ରାଜି ବହନ କରିଛି
ଗିରିବୁକେ ଦିଶେ ଶୋଭା
ସବୁଜ ସୁଷମା କାନନ ଧରିଛି
ହୋଇଅଛି ମନଲୋଭା।
ଏମାଟିରେ ଜନ୍ମି ଗାନ୍ଧି ଗୋପବନ୍ଧୁ
କରିଲେ ଜୀବନ ଦାନ
ଭଗତ ସିଂ ସହିଦ ହୋଇଲେ
ଜାତିପାଇଁ ଦେଲେ ପ୍ରାଣ।
ଅତିତ ଗୌରବ ମନେ ପଡେ ଆଜି
ସାଧବ ପୁଅର କଥା
ଜାଭା ବୋର୍ନିଓ ଦ୍ୱୀପରେ ପହଞ୍ଚି
କଲେ ବ୍ୟବସାୟ ଚନ୍ତା।
ବିଦେଶୁ ଆଣିଲେ ଆମ ଦେଶ ପାଇଁ
ସାଥିରେ ନାନା ଦରବ
ବଳଷ୍ଠ ହୋଇଲା ମୋ ଭାରତ ଭୂଇଁ

ମନେ ରହିଲେ ସାଧବ।
କଳା ସଂସ୍କୃତି ରେ ପୁରି ରହିଅଛି
ମୋର ଏ ଜନମ ମାଟି
ପ୍ରଭୁ ଜଗନ୍ନାଥ ଓଡିଆଙ୍କ ପ୍ରାଣ
ବିଶ୍ୱେ ଟେକ ରଖିଅଛି।
ଏ ମାଟିରେ ଜନ୍ମି ହିନ୍ଦୁ ମୁସଲମାନ
ଭାଇ ଭାଇ ହୋଇଛନ୍ତି
ରାଗ ହିଂସା ଭାବ ମନରୁ ଦୂରେଇ
ଦେଶ ଉନ୍ନତି କରନ୍ତି।
ଗର୍ବ ଅହଂକାରଭୂଲି ଆମେ ମିଶି
ଆଚରିବା ଦେଶପ୍ରେମ
ଆମେ ତ ସଭିଏଁ ସ୍ୱାବଲମ୍ବି ହେବା
କରିଯିବା ଭଲକର୍ମ।
ଆମ ଇତିହାସ ପୃଷ୍ଠ ଖୋଲିଦେଲେ
ଦେଖିବ ବୀରଙ୍କ ଗାଥା
ଦେଶ ସ୍ୱାଧିନତା ପାଇଁ ସେହିମାନେ
ପାତି ଦେଇଛନ୍ତି ମଥା।
କେତେ ଯୋଦ୍ଧା ଏବେ ପ୍ରାଣ ବଳି ଦେଇ
ରୋଗ ମୁକ୍ତ କରୁଛନ୍ତି
ସେମାନଙ୍କୁ ଆମେ ସମ୍ମାନ ଜଣାଇ
ପାଦେ ଢାଳବା ପ୍ରଣତି।
ଆମରି ଦେହରୁ ରକତ ନିଗାଡି
ରଖିବା ମାଆ ସମ୍ମାନ
ବିଶ୍ୱ ଦରବାରେ ପରିଚୟ ଦେବା
ମୋ ଭାରତ ମହାନ।

କାନନ ବିହାର ଫେଜ୍-୨ ପଟିଆ
ଭୁବନେଶ୍ୱର-୨୪

# ବୁଦ୍ଧିହୀନ ମଣିଷ



ତପସ୍ୱିନୀ ନନ୍ଦ

ବୁଦ୍ଧିହୀନ ହେଲ୍ ଯେବେ ମଣିଷ
ଆୟୁ ତାର କ୍ଷୀଣ ହେଲ୍
ନକଟ ହୋଇଲ୍ ମରଣ
ଶ୍ରମ ତାର ବିଫଳ ହେଲ୍ ।
ବୁଦ୍ଧିହୀନ ମଣିଷ ପଶୁ ସଙ୍ଗେ ସମାନ,
ଆଦର ନ ପାଏ ହୁଏ ହିନମାନ ।
ମିଥ୍ୟା ର୍‌ଗ କ୍ରୋଧ ନଥାଏ ଯା ହୃଦେ,
ତାକୁ ଭୟ ନକରନ୍ତି ଜଗତ ଯାକ
ମୁଣ୍ଡପାତି ସହିଯାଏ ସମସ୍ତ ଦୁଃଖ
ଆହା କରିବାକୁ କେହି ନଥାନ୍ତି ତା ପାଶ ।
କର୍ମ କରିବାକୁ ସିଏ ନ ହୁଏ ହତାଶ
ତା କର୍ମକୁ କେହି ନ କରନ୍ତି ବିଶ୍ୱାସ ।
ବୁଦ୍ଧିଟି ଅଟଇ ବଳ ମଣିଷର
ବୁଦ୍ଧି ନାହିଁ ଯାର ବଳ କ ଉପକାର ।
ହତଭ୍‌ଗା ହୁଏ ସେ ଦୁନଆରେ
ଦିନ କାଟିବାକୁ କଷ୍ଟ ଲ୍‌ଗେ ଏ ସଂସାରେ ॥

ବନ୍ଧପାଲି, ବଲାଙ୍ଗିର

# ବୈଦେହୀର ବଳଦାନ



ସୁଧାଂଶୁ ଶେଖର ଦ୍ୱିବେଦୀ

## (ଏକ ସତ୍ୟ ଗାଥା)

୧୯୮୧ ମସିହା ଫେବୃଆରୀ ୧୩ ତାରିଖ। ତାମିଲନାଡୁର ମୀନାକ୍ଷୀପୁରମରେ ଡା. ନାସିରୁଦ୍ଦିନ କମାଲ ନଜ ସାଥୀଙ୍କ ସହିତ ଏକ ଦଳତ ପରିବାରକୁ ଅପହରଣ କରିନେଲେ। ଘରଲୋକ ସମସ୍ତେ ଇସଲାମ ଧର୍ମ ସ୍ୱୀକାର କରି ସାରିଥାନ୍ତି। କେବଳ ସେଇମାନେ କାହିଁକ ପ୍ରାୟତଃ ଏକ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ଧର୍ମାନ୍ତରଣ କରି ଜବରଦସ୍ତ ମୁସଲିମ କରା ହୋଇଥାଏ। ଆଉ ବୋଧହୁଏ ସେଥିପାଇଁ ମୀନାକ୍ଷୀପୁରମ ନାଁକୁ ବଦଳାଇ ରହମତ ନଗର ରଖା ହୋଇଥିଲା। ଦଳତ ପରିବାର ଜାତିରେ ଚମାର ଥିଲେ। ସେହି ପରିବାରର ୮ବର୍ଷ ର ଝିଅ ଥିଲା ବୈଦେହୀ। ସେ କୌଣସି ପ୍ରକାରେ ମୁସଲିମ ଧର୍ମକୁ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉନଥାଏ। ବାରମ୍ବାର ବଡ଼ ପାଟିରେ କହୁଥାଏ, "ମୁଁ ମରିଯିବି ପଛେ କଲମା (ଇସଲାମ ଧର୍ମର ମୂଳ ମନ୍ତ୍ର) ପଢିବିନାହିଁ।"

ପୁଣି ସେ ତା ଜେଜେ ବାପାଙ୍କୁ କହୁଥାଏ, "ଜେଜେ ବାପା! ତୁମେ ହିଁ ତ ମୋତେ ଗାୟତ୍ରୀ ମନ୍ତ୍ର ଶିଖାଇଥିଲ, ତୁମେହିଁ ତ କହିଥିଲ ପରମେଶ୍ୱରଙ୍କ ବାଣୀ ବେଦର ମୂଳ ମନ୍ତ୍ର। ତାକୁ ଉଚ୍ଚାରଣ କଲେ ସବୁପ୍ରକାର ମନୋକାମନା ପୂର୍ଣ୍ଣ ହୋଇଯାଏ। ତାହେଲେ ତୁମେ କୁହ ମୁଁ କଲମା କେମିତି ପଢିବି? ଯେଉଁମାନେ ମୋ ସହପାଠୀଙ୍କୁ ହତ୍ୟା କରିଛନ୍ତି। କାରଣ ସେମାନେ ବି ମୁସଲିମ ହେବାକୁ ଚାହୁଁନଥିଲେ। ତାହେଲେ ଆମେମାନେ ସେଭଳ ଧର୍ମକୁ କେମିତି ଆପଣାର କରି ପାରିବା? ପୁଣି ଯାହାକୁ ଆପଣାର ନକଲେ ମୃତ୍ୟୁର ଭୟ। ମୋର ଗାୟତ୍ରୀ ମନ୍ତ୍ର ପ୍ରିୟ। ଯାହା ମୋତେ ସବୁବେଳେ ନର୍ଭୟ କରିଥାଏ।"

"ମା'ରେ ଜୀବନ ରହିବତ ଧର୍ମ ରହିବ। ଜିଦ କରନା।ସେମାନଙ୍କ କଥା ମାନ ଇସଲାମ ଧର୍ମକୁ ଆପଣେଇ ନେ...।" ତା ଜେଜେ ବାପା ଅନ୍ତିମ ପ୍ରୟାସ କଲେ। "ନା ଜେଜେ ବାପା ମୁଁ କେବେବି ଇସଲାମ ଧର୍ମକୁ ଆପଣାର କରିବି ନାହିଁ।" ୮ବର୍ଷର ଝିଅ ବୈଦେହୀର ମୁହଁରେ ଗାମ୍ଭୀର୍ଯ୍ୟର ଭାବ ସୁସ୍ପଷ୍ଟ ହେଉଥାଏ।

"ବକଟେ ଝିଅ ତୁ ପୁଣି କଲମା ପଢିବାକୁ ଅସ୍ୱୀକାର କରୁଛୁ?" ଡା. ନାସିରୁଦ୍ଦିନଙ୍କ ପାଖରେ ଠିଆ ହୋଇଥିବା ମୌଲାନା ନୁରୁଦ୍ଦିନ ଖାଁ ବୈଦେହୀର ମୁଣ୍ଡ ଚୁଳକୁ ଧରି ଘୋଷାରି ଆଣିଲା ଓ ପରେ ପରେ ଚୁଲିରେ ଗରମ ହେଉଥିବା ପାଣି ଟବରେ ତା ମୁହଁକୁ ବୁଡ଼େଇ ଧରିଲା। ପାଣି ଫୁଟୁଥାଏ। ବୈଦେହୀର ଚକ୍ାର ଫୁଟନ୍ତା ପାଣି ଭିତରୁ ଅସ୍ପଷ୍ଟରୁ ଅସ୍ପଷ୍ଟ ହେଉଥାଏ। କିଛି ସମୟ ପରେ ଫୁଟନ୍ତା ପାଣି ଟବରୁ ବୈଦେହୀର ମୁହଁକୁ ବାହାର କରି ଆଣିଲା ନୁରୁଦ୍ଦିନ ଖାଁ। ସେତେବେଳକୁ ତା ମୁହଁରୁ ଚମଡା ଉତୁରି ଯାଇଥାଏ। ଯନ୍ତ୍ରଣାର ବେଦନାକୁ ସହିନପାରି କହିଲା, "ହେ ପ୍ରଭୁ! ମୋତେ ବଞ୍ଚାଇଦିଅ।" "ପଥର ଭଗବାନ ତୋତେ କେବେ ବଞ୍ଚାଇବାକୁ ଆସିବିନି। ମୋ କଥା ମାନ ଇସଲାମ ଧର୍ମ ଗ୍ରହଣ କରିନେ...ଦେଖିବୁ ତୋର ସବୁ ମଙ୍ଗଳ ହେବ। ନହେଲେ ଏଥର ତୋତେ ମୁଁ ସେଇ ଫୁଟନ୍ତା ପାଣିରେ ବୁଡ଼େଇଦେବି।" ମୌଲବୀ ନୁରୁଦ୍ଦିନ ରାଗରେ ଫଁ ଫଁ ହେଉଥାଏ। ବୈଦେହୀର ବାପା ମା' ଜେଜେ ବାପା ଆଉଥରେ ପ୍ରୟାସ ଉଦ୍ଦେଶ୍ୟରେ କହିଲେ, "ହଁରେ ମା' ତୁ ବି ଇସଲାମ ଧର୍ମ ଗ୍ରହଣ କରିନେ, ଆମେମାନେ ପରା ସବୁ ମୁସଲମାନ ହୋଇସାରିଛୁ।"

ମୌଲବୀର ରାଗ କମିନଥାଏ। ଅତିରିକ୍ତ ଉତକ୍ଷିପ୍ତ ହୋଇ ସଙ୍ଗେ ସଙ୍ଗେ ଧାଇଁଗଲା ଚୁଲି ମୁଣ୍ଡକୁ। ହାତରେ ମୁଠେ ଲଙ୍କାଗୁଣ୍ଡ ଆଣି ବୈଦେହୀର ମୁହଁରେ ଘଷି ଘଷି କହିଲା, "ଦୁଧ ଦାନ୍ତ ଭାଙ୍ଗିନାହିଁ, ବେଶି ବଡ଼ ବଡ଼ ଧର୍ମ କଥା ବଖାଣୁଛି। ବଞ୍ଚି ରହିବାକୁ ଚାହୁଁତ ଇସଲାମ ଧର୍ମ ଗ୍ରହଣ କରିନେ...।"

ବୈଦେହୀ ପୁଣିଥରେ ଯନ୍ତ୍ରଣାରେ ଛଟପଟ ହୋଇ ଚକ୍ାର କରି କହିଲା, "ତୁମେମାନେ ମୋତେ ଜୀବନରୁ ମାରିଦିଅ ପଛେ ହେଲେ ମୁଁ ଇସଲାମ ଧର୍ମ ଗ୍ରହଣ କରିବି ନାହିଁ।" ମୌଲବୀ ନୁରୁଦ୍ଦିନ ତ ରାଗରେ ହୁ ହୁ ହୋଇ ଜଳୁଥାଏ। ତାକୁ କିଛି ବୁଦ୍ଧି ବାଟ ଦେଖାଯାଉ ନଥାଏ। ସହସା ବୈଦେହୀର ମୁଣ୍ଡକୁ ଜଳନ୍ତା ଚୁଲି ଭିତରେ ପୁରେଇ ଦେଲା। ଚୁଲି ଭିତରେ

ତା ମୁଣ୍ଡ ଜଳ ଉଠିଲା । ତଥାପି ସେ ଅସ୍ପଷ୍ଟ ସ୍ୱରରେ କହୁଥାଏ, "ମୁଁ ଇସଲାମ ଧର୍ମ ଗ୍ରହଣ କରିବିନାହିଁ ।"

ହଠାତ ଡା.ନାସିରୁଦ୍ଦିନ ସଚେତ ହୋଇ ଏଭଳ କାର୍ଯ୍ୟରୁ କ୍ଷାନ୍ତ ହେବାଲାଗି ମୌଲବୀଙ୍କୁ ବାରଣ କରିବା ସହିତ ନିଜେ ବୈଦେହୀଙ୍କୁ ଧରି ଚୁଲିରୁ ଉଠେଇ ଆଣିଲେ । ବୈଦେହୀ ଅନ୍ତିମ କ୍ଷଣରେ ଡା.ନାସିରୁଦ୍ଦିନଙ୍କୁ ଆଶାଭରା ଦୃଷ୍ଟିରେ ଚାହିଁ କହୁଥାଏ, "ମୋ ଧର୍ମକୁ ରକ୍ଷା କରନ୍ତୁ ଡାକ୍ତରବାବୁ । ପଥର ଭଗବାନ ଆସିବେନି ହେଲେ ଆଜି ମୁଁ ଆପଣଙ୍କୁ ମୋର ଭଗବାନ ମାନିନେଇଛି । ମୋ ଧର୍ମକୁ ରକ୍ଷା କରନ୍ତୁ ।" ଏତିକ କହିବା ପରେ ସେ ଡା.ନାସିରୁଦ୍ଦିନଙ୍କ କୋଳରେ ଟଳିପଡ଼ିଲା ।

ଆଉ କିଛି ନଥାଏ । ବୈଦେହୀ ପୋଡି ଜଳ ପାଉଁଶ ହୋଇସାରିଥାଏ।ଡା.ନାସିରୁଦ୍ଦିନ କମାଲ ମଧ୍ୟ ଧର୍ମାନ୍ତରଣ କରୁଥିବା ଲୋକଙ୍କ ମଣ୍ଡଳୀରେ ସାମିଲ ଥାଆନ୍ତି । କିନ୍ତୁ ବୈଦେହୀ ତାଙ୍କଠାରେ କଣ ଦେଖିଲା ଜଣେ ବିଧର୍ମୀଙ୍କୁ ନିଜର ଧର୍ମ ବଞ୍ଚାଇବାକୁ ଗୁହାରି କଲା? ସେଇ ଅସହାୟ ବାଳକାର ଧର୍ମ ପ୍ରତି ଦୃଢ଼ନିଷ୍ଠୟ ଦେଖି ସେଦିନ ଡା.ନାସିରୁଦ୍ଦିନଙ୍କର ହୃଦୟ ବିଳାପ କରି ଉଠିଥିଲା । ଉକ୍ତ ଘଟଣା ପରେ ସେ ଚୁପଚାପ ଘରକୁ ଫେରି ଆସିଲେ । ଦୀର୍ଘ ୧୦ଦିନ ଘରୁ ବାହାରିଲେ ନାହିଁ କି ଭଲରେ ଖିଆପିଆ କଲେନାହିଁ । ବୈଦେହୀର କଥାକୁ ମନେପକାଇ ଦିନରାତି କେବଳ କାନ୍ଦିବାକୁ ଲାଗିଲେ । ପରେ ଗାୟତ୍ରୀ ମନ୍ତ୍ରର ଅର୍ଥ ଜାଣିବା ଲାଗି ଏକ ମନ୍ତ୍ର ବହି କିଣିଲେ । ମନ୍ତ୍ର ବହିଟିକୁ ଖୁବ ଗଭୀରଭାବେ ଅଧ୍ୟୟନ କରିବା ପରେ ୧୯୮୧ ନଭେମ୍ବର ୧୧ ତାରିଖରେ ଏକ ଜନସମୁହ ସମ୍ମୁଖରେ ବିଶ୍ୱ ହିନ୍ଦୁ ପରିଷଦ ଓ ଆର୍ଯ୍ୟ ସମାଜର ତତ୍ତ୍ୱାବଧାନରେ ନିଜର ପୁରା ପରିବାର ସହିତ ବୈଦିକ ଧର୍ମକୁ ଅଙ୍ଗୀକାର କରିନେଲେ । ସେ ତାଙ୍କ ନାଁ ବଦଳାଇ ଆଚାର୍ଯ୍ୟ ମିତ୍ର ଜୀବନ ରଖିଲେ । ତାଙ୍କ ସ୍ତ୍ରୀଙ୍କ ନାଁ ବେଗମ ନୁସରତ ଜାହାଁରୁ ଶ୍ରୀମତୀ ଶ୍ରଦ୍ଧାଦେବୀ ଏବଂ ତିନି ଝିଅ ଶମୀମ, ଶବନମ ଓ ଶିରିନ ନାଁକୁ ବଦଳାଇ ଆମ୍ରପାଲି, ଅର୍ଚ୍ଚନା ଏବଂ ଅପରାଜିତା ରଖିଲେ । ୧୯୮୧ ନଭେମ୍ବର ୧୫ ତାରିଖରେ ଆର୍ଯ୍ୟସମାଜ ଦ୍ୱାରା ଅନୁଷ୍ଠିତ ଏକ ଧାର୍ମିକ ସଭାରେ ସାନ୍ତାକ୍ରୁଜ (ମୁମ୍ବାଇ ସ୍ଥିତ) ରେ ତାଙ୍କର ଖୁବ ଭବ୍ୟ ସ୍ୱାଗତ ହେଲା । ଯେଉଁଠାରେ ସେ କେବଳ ଗୋଟିଏ କଥା କହିଲେ, "ମୁଁ ବୈଦେହୀକୁ ଫେରାଇ ଆଣି ପାରିବିନି ସତ ହେଲେ ହିନ୍ଦୁ ସମାଜକୁ ମୋର କୋଟି ବିନତୀ ମୋ ଝିଅ ତିନିଜଣକୁ ହିନ୍ଦୁ ଧର୍ମରେ ଗ୍ରହଣ କରନ୍ତୁ ।

ସେମାନେ ହିନ୍ଦୁ ପରିବାରର ବୋହୂ ହେଲେ ମୁଁ ଭାବିବି ମୋ ପାପର ପ୍ରାୟଶ୍ଚିତ କରିପାରିଛି। ସମ୍ଭବତଃ ମୁଁ ସେ କାର୍ଯ୍ୟ କରିନାହିଁ କିନ୍ତୁ ମୁଁ ଦୋଷୀ।କାରଣ ମୋ ଆଖି ସମ୍ମୁଖରେ ଜଣେ କୋମଳ ବାଳକାକୁ ନିର୍ମମ ହତ୍ୟା କରାଗଲା।"

ଆଚାର୍ଯ୍ୟ ମିତ୍ର ଜୀବନ ଶେଷ ଜୀବନ ବେଦ ଓ ଉପନିଷଦର ପ୍ରଚାର ଓ ପ୍ରସାର ଦିଗରେ ଲଗାଇ ଦେଇଥିଲେ।ବହୁତ କମ ଲୋକ ଜାଣିଛନ୍ତି ଜନ୍ମରୁ ଜଣେ ମୁସଲିମ ଡାକ୍ତର ହିନ୍ଦୁ ଧର୍ମ ଗ୍ରହଣ କରି ଧର୍ମଗୁରୁ ଭାବେ ଜୀବନ କାଳ ଅତିବାହିତ କରିଥିଲେ।

-----------------------

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

www.editor.vedantimagazine@gmail.com

# ସଂଜୀବନୀ

ଦିନବନ୍ଧୁ ବେଜ

ଆକାଶରେ ଅହରହ
ଅଗଣିତ ବ୍ୟୋମଯାନ ।
ଉଡ଼ାଜାହାଜ, ହେଲିକେପ୍ଟର
ଜେଟ ଓ ସାଏଁ କରି ଚରୁଥିବା
ମହାକାଶର ଛାତି ଚନ୍ଦ୍ରାୟନ ।
ସର୍ବଦା ଗମନା ଗମନ କରୁଥିବା
ଗାଡି ମୋଟର ବସ ଟ୍ରକ ଓ
ରେଳବାଇ ପରେବି ଗଡ଼େ ରେଳ
ଆହରହ ଛୁକ ଛୁକ କରି ।
ଦୁଇଚକଆ ଯାନ  ଅସଂଖ୍ୟ
ହେଉଛି ଚଳାଚଳ  ।
ଜଳରେ ଲଞ୍ଚ ଷ୍ଟିମର
ବୁଡାଜାହାଜ ଓ ପୋତର ଗହଳ
ଅଣନଶ୍ୱାସୀ କରିଥିଲା ବିଶ୍ୱକୁ ।
ଅଗଣିତ ଯାନବାହାନର ଗତି
କରୁଥିଲା ଅସ୍ତବ୍ୟସ୍ତ
ଆମ ସୁନ୍ଦର ପରିବେଶକୁ ।
କଳ କାରଖାନା
ଅହରହ ନଗାଡ଼ି ଗ୍ଲିଥିଲା ଧୂଳ,
ଧୂଆଁ ,ପାଉଁଶ ଓ ଦୂଷିତ ଜଳ
ଏପଟେ ପ୍ଲାଷ୍ଟିକର ପାର୍ଦୁର୍ଭାବ
କରି ଦେଇଥିଲା ଅସ୍ତବ୍ୟସ୍ତ

ସଚରାଚର ଜଗତକୁ ।
ତ୍ରାହି ତ୍ରାହି ଡାକରେ
ବୁରି ପଡୁଥିଲା ଜଗତ ଯାକ
ସବୁ ଏପଟ ସେପଟ ହେଲା
ପୂର୍ଣ୍ଣଚ୍ଛେଦ ପଡିଲା ଯାତ୍ରାର ।
କରିଦେଲା ମହାମାରୀ
ଚକ ଅଖ ବନ୍ଦ,
ମିଳଗଲା ସଂଜୀବନୀ
ପରିବେଶ ପରିସଂସ୍ଥାକୁ
ନୂଆରୂପ ନୂଆରଙ୍ଗ ନୂଆ
ଢଙ୍ଗନେଇ ଫେରୁଛି ପ୍ରକୃତି,
ଶହେ ବର୍ଷକୁ କଣ୍ଟ ଦେଇ ।

ବାସୁଦେବପୁର
ଭଦ୍ରକ-୭୫୬୧୨୫

# ଜାଗର ଜାଳବି



ଦୀନବନ୍ଧୁ ପୋଇ

ଜାଗର ଜାଳବା ପାଇଁ ଇଛା ହେଲା
ଆଣିଲି ଜାଗର କଣି
ତା ସହିତ ବେଲପତ୍ର ନେଇ ଯାଇ
ଲିଙ୍ଗରେ ଢାଳିଲି ପାଣି ।
କଏ କହେ ଶିବ ଭୋଳା ଆଶୁତୋଷ
ଅଳପେ ସନ୍ତୁଷ୍ଟ ହୁଏ
ମାନସିକ କରିଥରେ ଡାକ ଦେଲେ
ସଙ୍ଗେ ସଙ୍ଗେ ଫଳ ଦିଏ ।
ଲିଙ୍ଗ ପରେ କଞ୍ଚାଖୀର ବେଲପତ୍ର
ଲାଗି ପାଇଁ ଲୋଡ଼ାଯାଏ,
ଜାଗରରେ ଘିଅ ସଳତାକୁ ଦେଇ
ପଞ୍ଚାକ୍ଷର ଜପୁଥାଏ ।
ଫଗୁ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ରାତ୍ରୀ
ଜାଗର ଜାଳନ୍ତି ଭକ୍ତ
ଆଶୁତୋଷ ବାବା ଆଶିଷ ଦିଅନ୍ତି
ପଙ୍ଗୁ ବି ହୁଅଇ ଶକ୍ତ ।
କଏ ପୁତ୍ର ଆଶେ କଏ ପ୍ରୀତି ଆଶେ
ଜାଳ ରହେ ଉଜାଗର
ଓଁ ନମଃ ଶିବାୟପଞ୍ଚାକ୍ଷରମନ୍ତ୍ର
ଗାଉଥିବି ନିରନ୍ତର ।
ହେ ବ୍ରହ୍ମାଣ୍ଡ ପୁରୁଷ ପରମବ୍ରହ୍ମ ପ୍ରଭୁ

ତୁମେ ହିଁ ଓଁଙ୍କାରେଶ୍ୱର
ରୋଗ ବାଧି ଦୂର କର ପଶୁପତି
ଯୋଡ଼ି କହେ ଦୁଇ କର ।

ଗୋରଡାପାଳ, ଢେଙ୍କାନାଳ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଭୁଲ



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି

ସବୁ ଭୁଲ କଷ୍ଟ ଦିଏ,
ସବୁ କଷ୍ଟ-ଛାଡିଯାଏ ଚହ୍ନ;
ଯନ୍ତ୍ରଣାର ଅନ୍ତ-ର୍ଦାହ – ଦିଏ ମହାଶିକ୍ଷା;
ସୁଧୁରି ଯିବାକୁ ସଦା ମଣିଷକୁ-କରେ ସଚେତନ ।
ଦୁନଆଁର ବଡଦାଣ୍ଡେ-ଭୁଲ ବାଟ ପଡିଛି ଅନେକ;
ମାତ୍ର ସତ୍ୟପଥ ପଡିଅଛି-ଏକ;
ସେଥିପାଇଁ ଭୁଲ କରିବାଟା-ମଣିଷ ପକ୍ଷରେ,
ଅତ୍ୟନ୍ତ ସହଜ, ପୁଣି ଅତି ସ୍ୱାଭିବିକ ।
ବୁଝିସୁଝି, ଜାଣିଶୁଣି, ଆଖିବୁଜି,
ଭୁଲ ଯଦି କରିବସେ-ଏମାଟି ମଣିଷ;
ଆଇନୀକୁ ଫାଙ୍କିଦେଇ-କରେ ଶତ ଚେଷ୍ଟା;
ପ୍ରମାଣ କରିବା ପାଇଁ ନଜକୁ ନର୍ଦ୍ଦୋଷ;
ହେ ବନ୍ଧୁ ! ଏମିତି ଭୁଲ କରନା,
ଯହିଁ ହେବ ସର୍ବନାଶ ଆଉ ଜଣକର;
ତୁମ ନଜ ଭୁଲ ପାଇଁ ଅନ୍ୟକାର-ପରିବାର,
ଭାଙ୍ଗିରୁଜି ହେବ ଛାରଖାର ।
ଭୁଲ ଯଦି ଲଂଘେ ସୀମା; ସୁଧାରିବା କଷ୍ଟ;
କାରଣ ସେ ରଚଯାଏ-ଧ୍ୱଂସ ପରେ ଧ୍ୱଂସ;
ଠିକ ଯେମିତି-ଉପକ୍ଷିତ କ୍ଷୁଦ୍ର ଏକ ଅଗ୍ନିକଣା,
ନମିଷକେ ଏ ଧରାକୁ-ଜାଳ ପୋଡି-କରଇ ପାଉଁଶ ।
ନଜେ ଭୁଲ କରି ତୁମେ;

ଆନମୁଣ୍ଡେ ଦିଅନାହିଁ କେବେ ଅଠା ବୋଳ;
ଅନ୍ୟର ଉଷ୍ଣ ନିଶ୍ୱାସ-ଜଳନ୍ତା ଅଗ୍ନିରେ
ତୁମର ସର୍ବସ୍ୱ ଦିନେ ସବୁ ଯିବ ଜଳ ।
ଏଣୁ ବନ୍ଧୁ! ଭୁଲଟାଏ କରିବା ଆଗରୁ-
ଥରେ ମାତ୍ର ଭାବିକରି ଦେଖ;
ତୁମ ଭୁଲ ପାଇଁ ଜଣେ ସହୁଥାଏ, ନରକ ଯନ୍ତ୍ରଣା;
ଭୋଗୁଥାଏ ଦୁଃଖ ପରେ ଦୁଃଖ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
ରାଉରକେଲା, ଓଡିଶା

# କରୋନା କାଳେ କାଳିଆ



କୀର୍ତ୍ତି ଦେବୀ

ଈଶ୍ୱରଙ୍କ ସତ୍ତା ଅନୁଭବ କରିବା ଏକ ଦିବ୍ୟ ଅନୁଭୂତି । ଏହାକୁ ପ୍ରତ୍ୟେକ ବ୍ୟକ୍ତି ଉପଲବ୍ଧି କରନ୍ତି ନିଜସ୍ୱ ଶୈଳୀରେ ।

ଦିନ, ରାତି, ଜଳ, ସ୍ଥଳ, ଆକାଶ, ପବନ, ଜୀବ, ଜଡ, ଗଛ, ପତ୍ର ଦ୍ୱାରା ଆମେ ଏହାକୁ ଉପଲବ୍ଧି କରିଥାଉ । ଈଶ୍ୱର ଥିବାରୁ ଏହି ସଂସାର ଶୃଙ୍ଖଳିତ ଭାବରେ ଚାଲୁଛି । ଭଗବାନ ନ ଥିଲେ ଦିନ ଓ ରାତି ହେଉନଥାନ୍ତା । ସ୍ୱୟଂ ଜଗତର ନାଥ ଜଗନ୍ନାଥ ତାଙ୍କ ଦୁଇ ଆଖିରେ ଦିନ ଓ ରାତିକୁ ଧାରଣ କରିଛନ୍ତି । ଅର୍ଥାତ୍ ଗୋଟିଏ ଆଖିରେ ଚନ୍ଦ୍ର ଓ ଅନ୍ୟ ଗୋଟିଏ ଆଖିରେ ସୂର୍ଯ୍ୟଙ୍କୁ ଧରି ରଖିଛନ୍ତି । ବର୍ତ୍ତମାନ ସାରା ବିଶ୍ୱରେ କରୋନା ରୂପରେ ଯେଉଁ ମହାମାରୀ ଦେଖାଦେଇଛି, ଏହାକୁ ଅଳ୍ପେ ବହୁତେ ସମସ୍ତେ ଅନୁଭବ କରୁଛନ୍ତି । ନଭେମ୍ବର ମାସ ୨୦୧୯ ମସିହାରେ ଏହା ବିଶ୍ୱର କେତେକ ଦେଶରେ ପ୍ରଥମେ ଦେଖାଦେଲା । ଆମ ଭାରତରେ ଏହା ପ୍ରାୟ ଫେବୃୟାରୀ ମାସ ୨୦୨୦ ମସିହାରେ ଦେଖା ଦେଲା । ଏହି ମହାମାରୀ ବଢି ବଢି ଜୁନ୍ ମାସକୁ ଆମ ରାଜ୍ୟ ତଥା ଦେଶରେ ଜୀବନ ଜୀବିକାକୁ ବ୍ୟତିବ୍ୟସ୍ତ କରିପକାଉଥାଏ ।  ଏଥିପାଇଁ ଆମ ଦେଶର ସମସ୍ତ ରାଜ୍ୟରେ ଲକ୍ ଡାଉନ୍, ସଟ୍ ଡାଉନ୍, କନଟେନମଣ୍ଟ ଜୋନ୍, ଆଇସୋଲେସନ୍ ସେଣ୍ଟର ଏପରି ଅନେକ ନିୟମ ଲାଗୁ ହୋଇଥାଏ । ଏହାର ପ୍ରକୋପରୁ ରକ୍ଷା ପାଇବା ପାଇଁ ରେଳ ଚଳାଚଳ, ବସ ଯାତାୟତ, ବିମାନସେବା, ପାର୍କ, ମଲ୍, ହୋଟେଲ୍, ମାର୍କେଟ କମ୍ପ୍ଲେକ୍ସ, ଜିମ୍, ସ୍କୁଲ୍, କଲେଜ ଆଦି ବନ୍ଦ କରିଦିଆ ଯାଇଥାଏ । ବିଶେଷକରି ସାରା ଦେଶରେ ପ୍ରତ୍ୟେକ ଧାର୍ମିକ ସ୍ଥଳୀ ବନ୍ଦ କରିଦିଆଯାଇଥାଏ । ଫଳରେ ମନ୍ଦିର, ମସଜିଦ୍, ଗୁରୁଦ୍ୱାରା ତଥା ସମସ୍ତ ଧାର୍ମିକ ଉତ୍ସବକୁ ମଧ୍ୟ ବନ୍ଦ କରି ଦିଆଯାଇଥାଏ । କେନ୍ଦ୍ର ତଥା ରାଜ୍ୟ ସରକାର ସୋସିଆଲ୍ ମିଡିଆ ଓ ଟେଲିଭିଜନ୍ ଦ୍ୱାରା ଗୋଟିଏ ବାର୍ତ୍ତା ଦେଉଥାଆନ୍ତି – "ଆପଣମାନେ ସମସ୍ତେ

ଘରେ ରୁହନ୍ତୁ ଏବଂ ସୁରକ୍ଷିତ ରୁହନ୍ତୁ । ଅତି ଜରୁରୀ ହେଲେ ଘରୁ ବାହାରନ୍ତୁ ଏବଂ ମାସ୍କ ଓ ସୋସିଆଲ ଡିଷ୍ଟାନ୍ସ କୁ ପାଳନ କରନ୍ତୁ । ଛୋଟ ପିଲ୍ ଏବଂ ବୟସ୍କଙ୍କ ଯତ୍ନ ନଅନ୍ତୁ ।"

ଏହି ପରିପ୍ରେକ୍ଷୀରେ ସାଧାରଣ ଜନତା ମଧ୍ୟ ସହଯୋଗ କରୁଥାନ୍ତି ସରକାରଙ୍କୁ ଓ ସରକାରଙ୍କ ନୀତି ନିୟମକୁ । ଆମ ଦେଶ ତଥା ରାଜ୍ୟବାସୀ ଘରେ ରହି ନିଜର ଇଷ୍ଟ ଦେବତାଙ୍କୁ ସ୍ମରଣ କରୁଥାନ୍ତି ଏବଂ କରୋନାରୁ ରକ୍ଷା ପାଇବା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥାନ୍ତି । ଶ୍ରୀ ଜଗନ୍ନାଥ ହେଉଛନ୍ତି କୋଟିକୋଟି ଓଡିଆ ତଥା ସମଗ୍ର ବିଶ୍ୱବାସୀଙ୍କର ଠାକୁର । ସେ ହେଉଛନ୍ତି ବିଶ୍ୱ ନିୟନ୍ତା । ତାଙ୍କରି ସ୍ନାନଯାତ୍ରା ପଡିଥାଏ ଜୁନ୍ ମାସ ୫ ତାରିଖରେ । ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ବିନା ଭକ୍ତରେ ଏବଂ ପୁରୀ ସହରକୁ ୧୪୪ ଧାରା ଜାରି କରି ଏହା ଅନୁଷ୍ଠିତ ହେଲା । ପ୍ରତ୍ୟେକ ଲୋକ ତଥା ପୁରୀ ବାସିନ୍ଦା ଏହାକୁ ଦୂରଦର୍ଶନ ମାଧ୍ୟମରେ ଦେଖି ବହୁତ ଖୁସି ହେଲେ ।

ଏହା ପରେ ଆସୁଥାଏ ଶ୍ରୀଗୁଣ୍ଡିଚା ଯାତ୍ରା ବା ରଥ ଯାତ୍ରା । କରୋନା ରଥ ନିର୍ମାଣ କାର୍ଯ୍ୟ ୧୨ ଦିନ ପରେ ଆରମ୍ଭ ହେଲା । କରୋନା ରଥନିର୍ମାଣ କାର୍ଯ୍ୟ ୧୨ ଦିନ ପରେ ଆରମ୍ଭ ହେଲା । ରାଜ୍ୟ ସରକାର ସଂପୂର୍ଣ୍ଣ ଭାବରେ ମନା କରିଲେ ରଥଯାତ୍ରା ହେବନାହିଁ । କାରଣ କରୋନା ବ୍ୟାପି ଯିବାର ଅଧିକ ସମ୍ଭାବନା ଥାଏ । ଏଥିପାଇଁ ଜଗନ୍ନାଥ ପ୍ରେମୀମାନଙ୍କ ପକ୍ଷରୁ ଧାରଣା, ଅନଶନ ଏବଂ ହାଇକୋର୍ଟ ପର୍ଯ୍ୟନ୍ତ ମାମଲା ଗଲା । ଶେଷରେ ସବୁ ମାମଲା ସୁପ୍ରିମ କୋର୍ଟର ଦ୍ୱାରସ୍ଥ ହେଲା । ବହୁ କଳ୍ପନା ଜଳ୍ପନା ଚାଲିଥାଏ । ସମସ୍ତେ ବ୍ୟସ୍ତ ଥାଆନ୍ତି ସୁପ୍ରିମ କୋର୍ଟରେ ରାୟ ଉପରେ । ଏହା ମଧ୍ୟରେ ଅନେକ ଖବରକାଗଜ ଓ ଟିଭି ମାଧ୍ୟମରେ କହୁଥାନ୍ତି ଏହା ହେବ ଯଦି ଚତୁର୍ଦ୍ଧାମୂର୍ତ୍ତୀ ଚାହିଁବେ । ସେ ଚାହିଁଲେ ରଥ ଗଡିବ ବଡଦାଣ୍ଡରେ । ସେହି ସମୟରେ ମୁଁ ମଧ୍ୟ ଜଗନ୍ନାଥଙ୍କୁ କହିଲି- ତୁମ ରଥଯାତ୍ରା ହେଲେ ମୁଁ ଆମ ଘରେ ଭାତ ଓ ଡାଲମା ଭୋଗ ଲଗାଇବି ପହଣ୍ଡି ପୂର୍ବରୁ । ସବୁ ଇଚ୍ଛା ସେଇ ଇଚ୍ଛାମୟଙ୍କର । ରଥଯାତ୍ରା ପୂର୍ବଦିନ ପ୍ରାୟ ଦିନ ଚାରିଟା ପରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ ରଥଯାତ୍ରା ସପକ୍ଷରେ ଦେଲେ । ହେଲେ ଗୋଟିଏ ସର୍ତ୍ତ ରଖିଲେ କେବଳ ପୁରୀ ବଡଦାଣ୍ଡରେ ରଥଯାତ୍ରା ହେବ । ଓଡିଶା କିମ୍ବା ଅନ୍ୟ କୌଣସି ସ୍ଥାନରେ ରଥଯାତ୍ରା ହେବନାହିଁ । କୋଭିଡ ନିୟମ ଅନୁସାରେ ରଥଯାତ୍ରା ହେବ ।

ବର୍ତ୍ତମାନ ଦେଖନ୍ତୁ, କାଳଆର କରୁଣା ସମ୍ପର୍କରେ । ସିଏ ତ ଭାବର ଠାକୁର ତାଙ୍କୁ ଯେମିତି ଭାବିବ ସେ ସେମିତି ଲାଗିବେ । ମୋ ମନ ଭାରି ଖୁସିଥାଏ । କହିଥିବା କଥା ଅନୁସାରେ ରଥଯାତ୍ରା ପୂର୍ବଦିନ ରାତିରେ ରାନ୍ଧିବା ପାଇଁ ସବୁ ଆୟୋଜନ କରି ଶୋଇବାକୁ ଗଲାବେଳେ ମନେ ମନେ କହିଲି, "ତୁମକୁ ଖୁଆଇବା ପାଇଁ ଭୋଗ ଲଗାଇବି, କିନ୍ତୁ ତୁମେ କାହାକୁ ପଠାଇ ବା କେଉଁ ରୂପରେ ଆସି ଯଦି ଆମ ଘରୁ ଖାଇବ ତାହାହେଲେ ମୁଁ ଜାଣିବି ତୁମେ ଭକ୍ତ ଭାବକୁ ଦ୍ୱିଗୁଣିତ କରୁଛ । ଜୟ ଜଗନ୍ନାଥ ।" ଏହିକଥା କହି ମୁଁ ଶୋଇବାକୁ ଗଲି । ରଥଯାତ୍ରା ଦିନ ପହଣ୍ଡି ପୂର୍ବରୁ ମୁଁ ଠାକୁର ପୂଜା ଓ ଭୋଗ ଲଗାଇଥିଲି । ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଇଁ ଭାତ, ଡାଲମା, ଶିହଣି, ବାଇଗଣ ଭଜା ଓ ମସଲା ଦିଆ ଚଣା ତରକାରୀ କରି ଭୋଗ ଦେଲି । ତା ପରେ ମୁଁ ଟିଭିରେ ସିଧା ପ୍ରସାରଣ ଦେଖୁଥାଏ । ପ୍ରାୟ ୧୦ଟା ହେବ ଆମ ଘରର ଜଣେ ବ୍ୟକ୍ତି କହିଲେ କିଏ ଖାଇବାକୁ ମାଗୁଛି । ମୁଁ ଦେଖିଲି ବୁଢୀ ଲୋକଟିଏ । ତେଣୁ ୫ଟି ବିସ୍କୁଟ ନେଇ ଦେଲି । ଡର ବି ଲାଗୁଥାଏ କରୋନା ହୋଇଛି କେମିତି ଖାଇବାକୁ ଦେବି । ତାପରେ ତାଙ୍କୁ ପଚାରିଲି ତୁମେ ଭାତ ଖାଇବ, ସେ ହଁ କହିଲେ । ସେତେବେଳେ ମୁଁ ଜାଣିଲି ଇଏ ଜଗନ୍ନାଥଙ୍କ ରୂପର ଏକ ଅଂଶ । ମୁଁ ଗୋଟିଏ ଡବାରେ ସବୁ ଖାଇବା ନେଇ ଦେଲି । ସେହି ବୁଢୀ ଲୋକଟି ବାମ ହାତରେ ଧରି ଡାହାଣ ହାତରେ ଖାଇଦେଲେ ମୁଁ ଦେଉ ଦେଉ । ତାଙ୍କୁ ଦେଖିଲେ ଲାଗୁଥିଲା ବହୁତ ଦିନ ହେଲା କିଛି ଖାଇନାହାନ୍ତି । ତାପରେ ସେ କହିଲେ ମାଆ ଗୋଟେ ପରେ ଦହନ, ମୁଁ ସେପଟେ ବସି ଖାଇଦେବି ସବୁ । ସେହି ସମୟ ମୁଁ ନିଜେ ଦେଖିଛି ସେହି ବୁଢୀ ଲୋକଟି ମୁଣ୍ଡାରୁ ଦିବ୍ୟ ଜ୍ୟୋତି ବାହାରୁଥିଲା । ସେ ଏପରି କଥା କହୁଥାନ୍ତି ଯେପରି ତାଙ୍କ କଣ୍ଠ ବହୁତ ମଧୁର ।

ସେହି ଲୋକ ଜଗନ୍ନାଥଙ୍କର ରୂପ ବୋଲି କାହିଁକି କୁହାଯିବ ତାର ଅନେକ ପ୍ରମାଣ ମୋ ପାଖରେ ଥିଲା । ପ୍ରଥମେ ଭକ୍ତର ଭକ୍ତିକୁ ଭଗବାନ ସମ୍ମାନ ଦିଅନ୍ତି । ସେତେବେଳେ ସେ ଗୁରୁ ଶିଷ୍ୟ ନହୋଇ ଦୁଇ ବନ୍ଧୁ ହୋଇଯାଆନ୍ତି । ଯୁଗେ ଯୁଗେ ଭକ୍ତ ପାଇଁ ଭଗବାନ ଅବତାର ନେଇ ଆସନ୍ତି, ତାହାହିଁ ସର୍ବ ପ୍ରଥମ ଉଦାହରଣ । ଆମ ଘରେ ଦିଅଁ ଘରେ ଭୋଗ ଥିଲା କେହି ଖାଇ ନଥିଲେ । ସେଦିନ ମଙ୍ଗଳବାର ଥିବାରୁ ଆମ ଲାଇନରେ କେବେ ବି ଭିଖାରୀ ଆସନ୍ତି ନାହିଁ ଭିକ ମାଗିବାକୁ । ରଥଯାତ୍ରା ପୂର୍ବରୁ ଜଗନ୍ନାଥ ଅଣସର ଘରେ ଥିଲେ । ତେଣୁ ହୁଏତ ତାଙ୍କ ପାଟିକୁ ରଚ ଲାଗିଥିବ ମୋ ହାତରନ୍ଧା ଖାଦ୍ୟ । ଏଇ ଅନୁଭୂତି ମୋର ବହୁତ ଆଗରୁ ଅଛି । ତେଣୁ ଖୁବ କମ୍ ସମୟରେ ହିଁ ସେ ଚାଲିଯାଆନ୍ତି । ମୋର

ଅନେକ ପରିଚତ ବନ୍ଧୁ କହିଲେ ଆମେ ପୁରୀରେ ଥାଇ ଯାହା କରିପାରିଲୁ ନାହିଁ, ତୁ ତାହା ରାଉରକେଲାରେ ରହି କରିଦେଲୁ ।

ଏଠାରେ ଏତିକ କୁହାଯାଇପାରେ ଆତ୍ମସମର୍ପଣ, ଦୃଢନଷ୍ଠା, ପ୍ରେମ, ଭକ୍ତି, ଅଗାଧ ବିଶ୍ୱାସ ଓ ଭଲପାଇବା ଥିଲେ ଭଗବାନ ଭକ୍ତର ଘରେ ପ୍ରକଟ ହୁଅନ୍ତି । ଏହା ଯୁଗେ ଯୁଗେ ଶାସ୍ତ୍ର ସମ୍ମତ  ବୋଲି ବହୁ ବୁଦ୍ଧିଜୀବୀ କହିଛନ୍ତି । କରୋନା କାଳେ କାଳଆ ଏପରି ଡାକ ଶୁଣିବେ ବୋଲି ମୁଁ କେବେ ଭାବିନଥିଲି । ମୋର ବିଶ୍ୱାସ ଆପଣମାନେ ମଧ୍ୟ ଏପରି ଡାକନ୍ତୁ ଓ ଦିବ୍ୟ ଅନୁଭୂତିକୁ ନଜେ ଅନୁଭବ କରନ୍ତୁ । ହେ ଜଗତର ନାଥ ଜଗନ୍ନାଥ, ତୁମେ ଏହି ବିପଦରୁ ସାରା ବିଶ୍ୱକୁ ଉଦ୍ଧାର କର । ତୁମ ପାଖରେ ଏତିକ ପ୍ରାର୍ଥନା । ଜୟ ଜଗନ୍ନାଥ ।

ସିଭିଲ୍ ଟାଉନ୍ ସିପ୍, ରାଉରକେଲା

ବେଦାନ୍ତୀର ଆଗାମୀ ସଂଖ୍ୟା  ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **10** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

ହ୍ୱାଟସଆପ୍ ନଂ-9594993733

# ବୋଉ ଲୋ ବଞ୍ଚିଥା ତୁ ଶହେ ବରଷ



ଶେଷଦେବ ପଣ୍ଡା

ବୋଉ ଲୋ...
ବଞ୍ଚିଥା ତୁ ଶହେ ବରଷ,
ନାତି ଅଣନାତି ମେଳରେ ହସୁଥା
ନେ ମୋ' ବଳକା ଆୟୁଷ ।।

ଯାହା ମୁଁ ଖାଇବି ଖୁଦ କ ପଖାଳ
କ୍ଷିରୀ ପୁରି ଅବା ପାୟସ,
ପ୍ରତିଜ୍ଞା କରୁଛି ଭରିବି ତୋ' ପେଟ
ନୋହିଲେ ରହିବି ଉପାସ....
ବୋଉ ଲୋ, ବଞ୍ଚିଥା ତୁ.... ।

ସୀମନ୍ତେ ସିନ୍ଦୂର ଝଟକୁଥାଉ ଲୋ
ଲଭି କାଳଆଙ୍କ ଆଶିଷ,
ନତି ବୋଳହେବି ତୋ' ପାଦଧୂଳକୁ
ରହିଛି ଏ ମୋର ବିଶ୍ୱାସ...
ବୋଉ ଲୋ,ବଞ୍ଚିଥା ତୁ....।

କେଉଁଦିନ ତୋତେ ଅଭ୍ବ କରିଲେ
କାନ ମୋଡିଦେବୁ ଅବଶ୍ୟ,
ପଣନ୍ତରେ ତୋ'ର ମୁହଁ ପୋଛୁଥିବି

କେବେ ନ କରିବୁ ନିରାଶ....
ବୋଉ ଲୋ, ବଞ୍ଚିଥା ତୁ....।

ତୋ' ଋଣ ଶୁଝିବି ଶକ୍ତି ମୋର କାହିଁ
ସେବାରେ ଲଭିବି ପୌରୁଷ,
ସବୁ ଜନମରେ ପୁଅ ହେବି ତୋର
ଝରୁଥାଉ ତୋ' ଓଠୁଁ ହସ....
ବୋଉ ଲୋ, ବଞ୍ଚିଥା ତୁ....।

ବୋହୂ କଥା କେବେ ମନେ ଧରିବୁନି
କ୍ଷମା କରିବୁ ତା'ର ଦୋଷ,
ସରବ ସହଣୀ ଗୋ ଆଦି ଅପର୍ଣ୍ଣା
ବସୁନ୍ଧରା ରୂପେ ପ୍ରକାଶ....
ବୋଉ ଲୋ, ବଞ୍ଚିଥା ତୁ....।

ତୋ' କୋଳ ପରା ମୋ' ପରମ ଆଶ୍ରୟ  ଆସୁ ଯେତେ ଝଡବତାସ,
ଆଉଁସି ଦେଉଥା  ମୁଣ୍ଡକୁ ମୋହର
ତେଜିବା ଯାଏ ମୋ' ନିଶ୍ୱାସ....
ବୋଉ ଲୋ, ବଞ୍ଚିଥା ତୁ....।

"ସୃଷ୍ଟିନୀଡ"
ମୁଦଲସର, ପାଟଣାଗଡ
ବଲାଙ୍ଗିର

# ରୂପଶୋଭା



ରଶ୍ମିତା ସାହୁ

ସୁନ୍ଦର ତାର ରୂପଶୋଭା ଦେଖି
ମନ ହୋଇଯାଏ ଉଲ୍ଲସିତ
କେତେ ତପ କରି ପାଇଥିବ ସେ
ସୁନ୍ଦର ଯଉବନର ବେଶ ।
ଯେତେ ଦେଖୁଥିଲେ ସୁନ୍ଦର ଦିଶେ ସେ
ବଦଳ ଯାଏନ ରୂପ
ବିଧାତାଙ୍କ ଅମୂଲ୍ୟ ବରଦାନ ସେ
ସୁନ୍ଦର ତୃପ୍ତିର ଶେଷ ।
ସବୁଜ ସୁନ୍ଦର ଚାରୁକାନ୍ତି ତା'ର
ଚତୁର୍ଦ୍ଦିଗେ ଦିଶେ ସୁନ୍ଦର
ସ୍ୱପ୍ନ ରାଇଜର ପ୍ରକୃତିରାଣୀ ସେ
ରୂପଶୋଭା ମନୋହର ।
ପାଗଳ ହୁଅନ୍ତି ଏ ଧରାବାସୀ
ଦେଖି ତାର ରୂପବେଶ
କେମିତି ବିଧାତା ଗଢିଲା ଏ ନାରୀ
କରି ସାତରଙ୍ଗର ସମାବେଶ ।
ସୁନ୍ଦର ତାର ରୂପାଶୋଭା ଦେଖି
ମନ ହୋଇଯାଏ ଉଲ୍ଲସିତ ।

ଛତ୍ରପୁର(ଗଞ୍ଜାମ)

# ଜୟ ମାଗୋ ସରସ୍ୱତୀ



କୌସ୍ତୁଭ ଜାଲ

ବ୍ରହ୍ମାଙ୍କ ନନ୍ଦିନୀ ବିଷ୍ଣୁଙ୍କ ଘରଣୀ
ଜୟ ମାଗୋ ସରସ୍ୱତୀ
ଶକ୍ତି ପ୍ରଦାୟିନୀ ଜ୍ଞାନ ପ୍ରଦାୟିନୀ
ତୋ ପାଦେ କରେ ପ୍ରଣତି ॥
ପୁସ୍ତକ ଧାରିଣୀ ମାଗୋ ବୀଣାପାଣି
ମଙ୍ଗଳମୟୀ ଜନନୀ
ମରାଳ ବାହିନୀ ଅଭୟ ଦାୟିନୀ
ବିଦ୍ୟା ବୁଦ୍ଧିପ୍ରଦାୟିନୀ ॥
ତୋର କୃପା ଘେନୀ ମୂର୍ଖ ହୁଏଜ୍ଞାନୀ
ପଂଗୁ ଚଢେ ଗିରି ବର
କୁମ୍ଭକର୍ଣ୍ଣମତି ହରିଲୁ ଭାରତୀ
ରକ୍ଷା ହୋ ଇଲା ସଂସାର ॥
ବସନ୍ତ ପଞ୍ଚମୀ ପ୍ରିୟତିଥୀ ଘେନୀ
ବିରାଜୁ ମରତ ଧାମେ
କୋଟି ଭକ୍ତ ମେଳେ ପୂଜା ପାଉ ହେଳେ
ଶାରଦା ବରଦା ନାମେ ॥
ପଡି ଏ ସଂସାରେ ମମତା ମାୟାରେ
ପଥଭ୍ରଷ୍ଟ ହୁଏ ନର
ଦେଇ ଜ୍ଞାନାଲୋକ ରଖତୋର ଟେକ
ଜଗତ ହେଉ ଉଦ୍ଧାର

ଡୁଡୁକା, ବଲାଙ୍ଗୀର

# ଅଚହ୍ନା ବନ୍ଧନ

## (ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ଜୀବନ ଅଭିଶପ୍ତ ହୋଇଯାଏ, ଯେତେବେଳେ ସୁଖ, ଶାନ୍ତି ହଜିଯାଏ। ସମୟ କାଳ ଚକ୍ରରେ ପରିଚ୍ଳତ ମାନବ ଜୀବନର ସୁଖର ସଂଜ୍ଞା ନିରୂପଣ କରିବା କଷ୍ଟସାଧ ଅଟେ। କିଛି ଘଟଣା ଭୁଲି ହୁଏନାହିଁ ଅଲିଭସ୍ମୃତି ହୋଇ ରହିଯାଏ। ଭାବବିହ୍ୱଳତା ଭିତରେ କେତେବେଳେ ଦାରୁଣ ଯନ୍ତ୍ରଣା ତ ପୁଣି କେତେବେଳେ ଆନନ୍ଦର ମହଲ ଜୀବନରେ କଣ୍ଟା, ଫୁଲ, ଦୁଃଖ, ସୁଖ ଝଡଝଞ୍ଜା ଅନେକ ସମସ୍ୟାକୁ ନେଇ ଯିବାକୁ ହୋଇଥାଏ। ପ୍ରଚଣ୍ଡ ରୌଦ୍ରତାପରେ ବଢ଼ିଚାଲିଓଛି ତାପମାତ୍ରା ବୈଶାଖରେ ଝାଞ୍ଜିପବନ ଉନ୍ମୁକ୍ତ ଝରକା ଦେଇ ପ୍ରବେଶ କରୁଛି ରୁମ୍ ଭିତରକୁ। ମାନସିକତାକୁ ମଧ୍ୟ ଉତପ୍ତ କରିଦେଉଥାଏ। ମନୁଷ୍ୟ ପ୍ରକୃତିର ଶ୍ରେଷ୍ଠତମ ପ୍ରାଣି ହୋଇ ମଧ୍ୟ ଭଲ ମନ୍ଦ ର ବିଚାର କରିବା ଶକ୍ତିକୁ ଅପଚୟ କରି କାମନାରେ ଆସକ୍ତ ହୋଇଯାଇଥାଏ। ଅମୃତର ସୁଖ ଖୋଜୁଥାଏ, ହେଲେ ମନ ଅଗଣାରେ ଖେଳୁଥାଏ ଆହତ ଭବିଷ୍ୟତର ଦୋଳ। ସମୟକୁ ଜୀବନ ପୃଷ୍ଠାରେ ସଜାଡି ନ ପାରିଲେ କ୍ଷତାକ୍ତ ହେବାକୁ ପଡେ। କାମନା ବାସନାରେ ଅନ୍ଧ ହୋଇ ଯୋଡି ଦିଅନ୍ତି ଶୂନ୍ୟ ହୃଦୟରେ ସମ୍ପର୍କର ପାଣ୍ଡୁଲିପି। ଯାହା ଅବିଶ୍ୱାସର ରଙ୍ଗ ଭରି ପବିତ୍ରତାକୁ ଚରିପକାଇଥାଏ। ଯୌବନର ଉନ୍ମାଦନାକୁ କାମନା ରାସ୍ତାରେ ନେଇଗଲେ ସବୁ ରଙ୍ଗହୀନ ହେବାକୁ ପଡିଥାଏ। ନଥାଏ ଠିକଣା ତଥାପି ଭୁଲ୍ କରି ବସେ ସ୍ନେହ ମମତାର ଲୋଭରେ। ଗୀତା ପରି କେତେଜଣ ପାପକୁ ନିଜର ସୁଖ ବୋଲି ଆପଣେଇ ଜୀବନସାରା ଲହୁଲୁହାଣ ହୋଇ ବଞ୍ଚିଥାନ୍ତି। ସମାଜର ଶସ୍ତା ହୋଇ ଯାଇଛି ସମ୍ପର୍କର ମୂଲ୍ୟ। ଯାହା ସହଜରେ ବିଶ୍ୱାସଘାତକତା କରିବାକୁ ପଛାନ୍ତି ନାହିଁ। ଅତି ଶିକ୍ଷିତ ମାନେ ହିଁ ବେଶୀ ପ୍ରତିଶ୍ରୁତି ଦେଇଥାନ୍ତି ଏବଂ ପର ମୁହୂର୍ତ୍ତରେ ସହଜରେ ପ୍ରତାରଣା କରନ୍ତି। ଜାଣିଜାଣି କିଛି ସମସ୍ୟାକୁ ନେଇ ସୁନ୍ଦର ଉପସ୍ଥାପନା କରି ଏଡାଇ ଯାଇଥାନ୍ତି। ହେଲେ ପ୍ରେମର ପ୍ରବିତ୍ରତାକୁ କଳୁଷିତ କରି ଦୁନିଆକୁ କୁସଂସ୍କାରରେ ସମାଜକୁ ଅପବିତ୍ର କରିଥାନ୍ତି। ଅଶାନ୍ତି, ଘୃଣାରେ

ପ୍ରତିଶୋଧପରାୟଣ ହୋଇ ଅନେକ ଖରାପ କର୍ମରେ ଲିପ୍ତ ରହନ୍ତି । ଗୀତା ମଧ୍ୟ ମନେ ମନେ ଯୁକ୍ତିବାଢେ ଅସହାୟ ମନକୁ ନେଇ ।

ସ୍ୱପ୍ନ କଣ ଦେଖିବା ମନା । ସ୍ୱପ୍ନର ଛୁଆଁରେ ଅପବାଦର ଗରଳକୁ ପିଇଯାଉଥିଲା ଗୀତା । ବିଶ୍ୱାସ ଥିଲା ଦିନେ ନା ଦିନେ ଜଗନ ସମସ୍ତଙ୍କର ଛାତି ଫଟାଇ ପ୍ରେମର ସ୍ୱପ୍ନକୁ ପରିଚୟର ଛୁଆଁ ଦେଇ ନଜର କରିନେବ । ବିଶ୍ୱାସର ଗଳରେ କଳ୍ପନାକୁ ପ୍ରୀତିର ମଳୟରେ ଭିଜାଇ ଦେବ । ରୋମାଞ୍ଚିତ ହୋଇ ଉଠୁଥିଲା ଦେହ ଓ ମନ । ବ୍ୟାକୁଳ ହୋଇଉଠେ ଅଭିମାନୀ ମନଟି । ଇଚ୍ଛା ହେଉଥିଲା ସମାଜର ରୀତିନୀତିକୁ ଭାଙ୍ଗିଦେଇ ପକ୍ଷୀ ସାଜି ଉଡିଯାଆନ୍ତା ଜଗନଙ୍କ ପାଖକୁ, ସମ୍ଭବ ନଥିଲା ଗୀତା ପାଇଁ । ଅନେକ ଦିନ ପରେ ରାତି ଅପେକ୍ଷାରେ ବିତିଯାଇଛି, ଅନ୍ତ ନାହିଁ ବିରହର ଭାବନାରେ ।

ଅନେକ ଶୁକ୍ରବାର ଅତୀତ ହୋଇଗଲାଣି । ଜଗନ ଆସି ନାହାନ୍ତି । ପ୍ରଥମେ ପ୍ରଥମେ ଦିନକୁ ଦୁଇଥର ଫୋନ କରୁଥିଲେ । ଏଇ କେତେ ଦିନ ହେବ ଆଉ ଜମାରୁ ଫୋନ କରୁନାହାନ୍ତି । ଦୁଇ ମାସ ହୋଇଗଲାଣି ଯିବାର । ମୁଁ ଫୋନ କଲେ କହୁଛନ୍ତି, ତୁ ବେଶୀ ଡିଷ୍ଟରବ୍ କରନା । ମୁଁ ବହୁତ ବ୍ୟସ୍ତରେ ରହୁଛି । ବଡ କମ୍ପାନ, ବେଶୀ କାମ ସମୟ ପାଉନାହିଁ ଖାଇବାକୁ । ମୁଁ ଭଲ ଅଛି, ତୁ ବେଶୀ ଫୋନ କରିବୁ ନାହିଁ । ବିକଳରେ ମନଟି ଆହତ ହୋଇଉଠେ । କାହାକୁ କହିବ ଏତେ କଥା । ବେଳେବେଳେ ବାନ୍ତି ଲାଗୁଛି । ଭାଉଜ ସନ୍ଦେହ କଲେଣି । ଡର ବି ଲାଗୁଛି । ମନ୍ଦିର ଯିବାକୁ ହବ, ଯାଉଛି ଗାଧୋଇବି । ଆଜି ସୋମବାର ମନ୍ଦିର ବହୁତ ଭିଡ ହେବ ।

ଗୀତା ହାହାରିଲ କ**?** ଭାଉଜ ଡାକ ପକାଇଲେ ।

ଯାଉଛି ଯାଉଛି......

କେତେ ଡେରି କରୁଛ**?** ଶୀଘ୍ର ଆସ ।

ହଁ .. ଭାଉଜ ।

ନାଲି ଡ୍ରେସ୍ ଗୋଟେ ପିନ୍ଧି ଦେଇ ବାହାରି ଆସିଲା । ଧଳା ଦେହକୁ ନାଲି ଡ୍ରେସ ବହୁତ ସୁନ୍ଦର ଲାଗୁଥାଏ । ଭାଉଜଙ୍କ ପୁଅ ବି ବହୁତ ଦୁଷ୍ଟ ହେଉଥାଏ ।

ଅପା, ତୁମେ ସୁନ୍ଦର ଲାଗୁଛ ।

ଭାଉଜ ମୁହଁ ମୋଡି ଦେଉଥାନ୍ତି । ହେ ଦୁଃଷ୍ଟ ଚାଲ ବା.. .. .. କାହିଁକି ଅପାକୁ ହଇରାଣ କରୁଛୁ?

ଜମିଦାରଙ୍କର ପୁଅ ବିଚନ୍ଦବାବୁ ରାସ୍ତାରେ ଦେଖାହେଲେ । ଭାଉଜଙ୍କୁ ଜୁହାର କରି ଗୀତାକୁ ବଡ ବଡ ଆଖିରେ ଚାହିଁଥାନ୍ତି । ସବୁବେଳେ ମଦ ପିଇ ଦେହ ଖରାପ ହୋଇଗଲାଣି । ବାପ ତ ରାଜନୀତି କରୁଛି ପୁଅ କୂଟନୀତି କରୁଛି । ଛତରା କଉଠିକାର । ଏଇ କେତେ ମାସ ଆଗରୁ ଜେଲ୍ ରୁ ଆସିଛି । ତା ବାପା ପଇସା ଦେଇ ଜେଲରୁ ବାହାର କରିଛି । ଲଫଙ୍ଗା, ମାଇଚଆ ଗୋଟେ ।

ଏହିଭଳି କେତେ ଜଣଙ୍କ ପାଇଁ ତ ସମାଜ ଆଜି କୁସଂସ୍କାରରେ ବୁଡି ରହିଛି । ଆଖିବୁଜି ଦୁର୍ବଳାମାନେ ନିର୍ଯ୍ୟାତିତ ହେଉଛନ୍ତି । ଦ୍ୱାପର ଯୁଗରେ ଦୌପଦୀଙ୍କୁ ଯେପରି ପ୍ରତ୍ୟେକ ମୁହୂର୍ତ୍ତରେ ନିର୍ଯ୍ୟାତିତ ହେବାକୁ ପଡୁଥିଲା ଠିକ୍ ସେହିପରି କଳିଯୁଗରେ ଚାଲିଛି । ସେଦିନ ଗୋଟେ ଦୁଃଶାସନ ଥିଲା । ହେଲେ ଏବେ ଅନେକ ଦୁଃଶାସନ ସୃଷ୍ଟି ହୋଇ ଖାଲି ବ ହରଣ ନୁହଁ, ଭ୍ରୁଣହତ୍ୟାଠାରୁ ଆରମ୍ଭ କରି କୁନି ପିଲାର ଶରୀରକୁ କାମ ଅନ୍ଧରେ ଟିକଟିକି କରି ଚିରିଫାଡି ରକ୍ତ ପିଉଛନ୍ତି । ପୁଣି ଖେଳନା କରି କଅାବୁଦା ମୂଳକୁ ଫିଙ୍ଗି ଦେଉଛନ୍ତି । ଏହା ହିଁ ଆମ ସମାଜର ପୁରୁଷପଣିଆ । ସହସ୍ର ବର୍ଷର ତଳର କଥା ଯେପରି ଏ ସମାଜ ପାଇଁ ଅଭିଶାପ ପାଲଟି ଯାଇଛି । ସେ ଦିନର ଭଗବାନ ଶ୍ରୀକୃଷ୍ଣଙ୍କର ଅତି ପ୍ରିୟ ପ୍ରାଣର ସଖୀ କୃଷ୍ଣା ହୋଇ ମଧ ସମାଜର କାମୁକ ମାନଙ୍କ ପାଖରୁ ବର୍ତ୍ତୀ ପାରିନାହାନ୍ତି । ସେଥିପାଇଁ ତାଙ୍କ ମନର ଅନେକ ପ୍ରତିଶୋଧର ନିଆଁ ଜଳି ଉଠିଛି ।ଧର୍ମ, ନ୍ୟାୟ, ପବିତ୍ରତା, ସଂସ୍କାରୀ ଥିବା ସତ୍ତ୍ୱେ ବି ପ୍ରଭୁ ଶ୍ରୀକୃଷ୍ଣ ତାଙ୍କ ଚରିତ୍ରକୁ କେତେ ଜାଗାରେ ଅବହେଳିତ କରିଛନ୍ତି ବୋଲି ଦୌପଦୀଙ୍କ ମନରେ ବିକାର ସୃଷ୍ଟି ହୋଇଛି । ହେଲେ ଏହା ଥିଲା ବିଧିର ବିଧାନ । ନିଜ କର୍ମର କର୍ମଫଳ । ଏତେ ସବୁ କରିସାରିଲା ପରେ ବି ଶେଷରେ ନିଜର ଅସ୍ତିତ୍ୱର ପରିଚୟ ନ ଥିଲା ହସ୍ତିନାରେ । ଯାହା ଫଳରେ ପରବର୍ତ୍ତୀ ସମୟ ପାଇଁ ଅଭିଶାପ ହୋଇ ଆଜିର ସମାଜକୁ ନିଷ୍ପେଷିତ ହେବାକୁ ପଡୁଛି । ଲାଗୁଛି ଯେମିତି ଦ୍ରୌପଦୀଙ୍କର ଅଭିଷାପ ପ୍ରତ୍ୟେକଙ୍କ ଝିଅ, ସ୍ତ୍ରୀ, ମା, ଭଉଣୀଙ୍କୁ ଭୋଗିବାକୁ ପଡୁଛି । ଅନେକ କାମକୁ ଦୁଃଶାସନ ହୋଇ ପଶୁ ପାଲଟି ଯାଇଛନ୍ତି । ସଂସ୍ରରେ ଦୁଃଖ, ସୁଖ, ଜନ୍ମ, ମରଣ, ମିଳନ, ବିରହ ସବୁ ସଂସ୍କାର ବିହୀନ ହୋଇ ବିଶୃଙ୍ଖଳିତ ହୋଇଯାଇଛି । ବୋଧେ ପାଞ୍ଚାଳଙ୍କର ଇଚ୍ଛା ଥିଲା

ସବୁ ନାରୀ ପ୍ରତିହିଂସାପରାୟଣ ହୋଇଉଠନ୍ତୁ । କାମୁକମାନଙ୍କୁ ଦୁର୍ଗା ସାଜି ହତ୍ୟା କରନ୍ତୁ । ଅହଂକାରୀ ଓ ପଶୁତ୍ୱଭାବକୁ ଜାଳପୋଡି ଧ୍ୱଂସ କରିଦିଅନ୍ତୁ । ନ ହେଲେ ମାତୃଜାତି ସବୁବେଳେ ଧର୍ଷିତା, ଅବହେଳତ ହୋଇ ଅସୁର ପ୍ରକୃତି ଦ୍ୱାରା ପତନ ହୋଇଯିବ । ମଦ ପିଇ ନଜତ୍ୱ ହରାଉଥିବା କାପୁରୁଷମାନଙ୍କର ଅଧିକାର ଛଡେଇ ଆଣନ୍ତୁ । ତ୍ରେତା ଯୁଗର ସ୍ୱାଭିମାନୀ ସୀତା ଠାକୁରାଣୀଙ୍କ ପରି ପ୍ରତିଜ୍ଞାବଦ୍ଧ ହୁଅନ୍ତୁ । ପ୍ରଭୁ ଶ୍ରୀ ହନୁମାନ ଯେତେବେଳେ ମାତା ସୀତାଙ୍କୁ ରାବଣ ଉଆସରୁ ନେଇ ଯିବାକୁ କହିଲେ, ମାତା ସୀତା ଠାକୁରାଣୀ ରୋକଠୋକ୍ ମନା କରିଦେଇଥିଲେ । କାହିଁକି ନା ସେ ଚାହିଁଥିଲେ ରାବଣକୁ ହତ୍ୟା କରି ସ୍ୱୟଂ ରାମଚନ୍ଦ୍ର ତାଙ୍କୁ ଆସି ନେଇଯିବେ । ନହେଲେ ତାଙ୍କର ପବିତ୍ରତା, ନାରୀତ୍ୱ, ଧର୍ମ, ନଷ୍ଠା, ସତୀତ୍ୱ ନଷ୍ଟ ହୋଇଯିବ । ମାତା ସୀତାଙ୍କର ନାରୀ ସ୍ୱାଭିମାନ ସୃଷ୍ଟି ହୋଇଥିଲା । ସେ ଚାହିଁଥିଲେ ଯେ ଯେଉଁ କାମୁକ, ରାକ୍ଷସ, କୁସଂସ୍କାରୀମାନେ ନାରୀର ଦୁର୍ବଳତା ଦେଖି ସେମାନଙ୍କର ଇଚ୍ଛା ବିରୋଧରେ ଅତ୍ୟାଚାର କରିବାକୁ ଅଗେଇ ଆସନ୍ତି, ସେମାନଙ୍କୁ ଉପଯୁକ୍ତ ଦଣ୍ଡ ପାଇବା ଦରକାର । ପ୍ରତ୍ୟେକ ନାରୀ ପାଇଁ ଏହା ଏକ ଆହ୍ୱାନ । ପ୍ରତ୍ୟେକ ସ୍ୱାମୀଙ୍କ ପାଇଁ ଥିଲା ଗୋଟେ ସ୍ତ୍ରୀର ଅଧିକାର । ମମତାର ପ୍ରାପ୍ୟ । କୁତ୍ସିତ ଚରିତ୍ରର ବିନାଶ ପାଇଁ ପ୍ରତ୍ୟେକ ପୁରୁଷଙ୍କର ମହାନ୍ କର୍ତ୍ତବ୍ୟ ରହିବା ଉଚତ । ଯାହା ନାରୀ ସମାଜକୁ ସୁରକ୍ଷିତ ଓ ସଂଗଠିତ କରିପାରିବ । ଯେଉଁ ନାରୀ ସମାଜକୁ ଶୃଙ୍ଖଳା ଦେଇପାରିବ । ଯିଏ ବିଶାଳ ଶାନ୍ତିର ଦ୍ୱାର, ସେହି ନାରୀ ଯଦି ନର୍ଯ୍ୟାତିତ ହୁଏ, ତେବେ ପୁରୁଷ ଜାତି କଣ, ସମାଜ ବି ଦିନେ ଧ୍ୱଂସ ହୋଇଯିବ । କଳଯୁଗରେ ସେଥିପାଇଁ ବୋଧେ ପ୍ରଭୁ ଜଗତ ଠାକୁର ପୂର୍ଣ୍ଣ ବ୍ରହ୍ମ ଶ୍ରୀ ଜଗନ୍ନାଥ ପରମପିତା ନଜ ଭାଇ ଭଉଣୀଙ୍କୁ ନେଇ ଆଦର୍ଶ ସୃଷ୍ଟି କରିଛନ୍ତି । ପ୍ରତ୍ୟେକଙ୍କ ଭିତରେ ଭ୍ରାତୃପ୍ରେମରେ ଭରିଯାଉ । ଏହାହିଁ ସମାଜର କଲ୍ୟାଣ ପାଇଁ ତାଙ୍କର ମହାନ ଦିଗଦର୍ଶନ । ଭାଇଭାରା ସମ୍ପର୍କ ଭାଇଭଉଣୀ ଓ ଭାଇଭାଇ ପବିତ୍ର ବନ୍ଧନ ଭିତରେ କାମନାର ପଶୁତ୍ୱକୁ ବନ୍ଧ କରି ଶାନ୍ତିର ଅମରତ୍ୱ ଲାଭ କରିପାରିବା ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର, ଟାଙ୍ଗୀ, କଟକ – ୭୫୪୦୨୨
ଭ୍ରାମ୍ୟଭାଷ – ୯୯୩୭୩୪୭୩୧୮

# ମୁଁ ପୁସ୍ତକ



ତପନ କୁମାର ସାହୁ

ମୁଁ ପୁସ୍ତକ
ମୁଁ ସମାହାର ସମସ୍ତ ଜ୍ଞାନର
ବିଜ୍ଞାନ ଠାରୁ ଗଣିତ
ମତେ କରେ ଯେ ଆୟତ
ବୋଲ୍ଏ ସେ ଜଣେ ପଣ୍ଡିତ !

ମୁଁ ପୁସ୍ତକ
ମୋ ଦେହେ
ଖୁନ୍ଦି ଖୁନ୍ଦି ହୋଇ ଭରିଛି
ଭୂଗୋଳ ଠାରୁ ସାହିତ୍ୟ
ନିତି କରେ ଯେ ଅଭ୍ୟସ୍ତ
ସେ ହିଁ ଜାଣେ ମୋ ମହତ୍ୱ !

ମୁଁ ପୁସ୍ତକ
ମୋ ଗର୍ଭରେ
ଭେଦ ଠାରୁ ବେଦ
ଶବ୍ଦ ଠାରୁ ନାଦ
ସଞ୍ଚିତ ପୂର୍ବପୁରୁଷ ଗୁପ୍ତଧନ
ଯିଏ କରେ ମୋତେ ଅଧ୍ୟୟନ
ସେ ଜ୍ଞାନ ହିଁ କରେ ତା ଚୟନ !

ମୁଁ ପୁସ୍ତକ
ଜ୍ଞାନ ର ଅଟେ ମୁ ମସ୍ତିସ୍କ
ରାମାୟଣ ଠାରୁ ମହାଭାରତ
ପଢ଼ି ହୁଏ ଅନ୍ୟଠାରୁ ପୃଥକ
ନ୍ୟାୟ ମୂର୍ତ୍ତି ସାଜି ଦୋଷି କୁ କରେ ସେ ଦଣ୍ଡିତ !

ମୁଁ ପୁସ୍ତକ
ପଢେମୋତେ ଯିଏ ଗଢେ ଭାଗ୍ୟ ଭବିଷ୍ୟତ
ଦିଶିଯାଏ ମାର୍ଗ
ଅନ୍ଧାର ଠାରୁ ଆଲୋକ
ବାହୁ ବଳେ ସିନା ଜିତି ହୁଏ ଯୁଦ୍ଧ
ବୁଦ୍ଧି ବଳେ ଜିତେ ଜଗତ !

ମୁଁ ପୁସ୍ତକ
ମାତା ପିତା ସାଜି ଦିଏ ମୁ ସଂସ୍କାର
ଗୁରୁଜନ ସାଜି ଦିଏ ଉପଦେଶ
ମୋ ଶିରା ପ୍ରଶିରା ରେ ଶବ୍ଦ ଆତ ଜାତ
ବ୍ରହ୍ମ ରୁ ବ୍ରହ୍ମାଣ୍ଡ
ପର୍ବ ରୁ କାଣ୍ଡ
ଖୋଲିପାରେ ମୁ ମୁକ୍ତି ମାର୍ଗର
ରୁଦ୍ଧଦ୍ୱାର !

ବେଲଗାଁ, ଏମ୍. ରାମପୁର
କଳାହାଣ୍ଡି

# ଯାହାକୁ ଯିଏ



ହରେରାମ ପଣ୍ଡା

ଆକାଶେ ସୁନ୍ଦର ରବି ଚନ୍ଦ୍ର ଶୋଭି
ସୁପୁତ୍ର ଯେପରି କୁଳକୁ,
ନାତି ନାତୁଣୀ ତ ସୁନ୍ଦର ଦିଶନ୍ତି
ଅଜାଆଈଙ୍କର କୋଳକୁ ।
ମୁଣ୍ଡରେ ଓଢ଼ଣୀ ସିନ୍ଦୁରର ଟୋପା
ସୁନ୍ଦର କୁଳର ବଧୂକୁ,
ପରକୁ ଆପଣା କରି ଯେ ବାଣ୍ଟଇ
ସଦା ମମତାର ମଧୁକୁ ।
ମଧୂପ ଗୁଞ୍ଜନ ଫୁଲ ବଗିଗୃରେ
ଯେମିତି ସାଧନା ଗୃଟର,
ଗଭିକୁ ସୁନ୍ଦର ରଜନୀଗନ୍ଧା ଲେ୍,
ପାଉଞ୍ଜି ଯେ ଶୋଭି ପାଦର ।
ବ୍ରାହ୍ମଣକୁ ଶୋଭି ଚତା ଓ ପଇତା
ବ୍ରହ୍ମକୁ ଚହ୍ନଇ ଯେବେ,
ନେତାଙ୍କୁ ଭୂଷଣ ଲାଗଇ ସୁନ୍ଦର
ଜନସେବା କଲେ ତେବେ ।
ମୁଦ୍ଧିକୁ ନଡ଼ିଆ ଲାଗଇ ବଢ଼ିଆ
ପଖାଳକୁ ଶାଗଭଜା,
ବୁଢ଼ା ପାଶେ ବୁଢ଼ୀ ଦିଶଇ ସୁନ୍ଦର
ଦେଖିବାକୁ ବଡ଼ ମଜା ॥

କୁଆଁସ, ମେର୍ଦା କାଟିଆ ଛକ, ଯାଜପୁର
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ

# ଏଡ଼ାନ୍ତି ଏମାନେ



ରୁଦ୍ର ନାରାୟଣ ଦାଶ

ଲୁହ ଆଜି ଧୋକାଦିଏ
ପରଲୋକ ଭାବି,
ଦୁଃଖ ଆଜି ଛାଡ଼ିଯାଏ
ଅପାସୋର୍ ଛବି।
ନନ୍ଦ ଆଜି ନାହିଁ ମୋତେ
ଗଲ୍ ସେ ତ ହଜି,
ଖୁସି ଆଜି ଏକୁଟିଆ
ସୁଖେ ଅଛି ମଜ୍ଜି।।

ଅତୀତ ଯେ ଫୋଡ଼ିଦ୍ୱନ୍ତି
ଛୁଞ୍ଚିରେ ତାଙ୍କର,
ଆଖି ଆଜି ଶତ୍ରୁ ସାଜେ
ବହେ ନାହିଁ ନୀର।
ଏଡ଼ାନ୍ତି ଏମାନେ ଆଜି
ପର ଭାବି ମୋତେ,
କହେ ମରୀଚିକା ଆଜି
ନଅ ତୁମ ସାଥେ।।

ନୟାପଲ୍ଲୀ, ଭୁବନେଶ୍ୱର

# ସାହିତ୍ୟ ଓ ସମାଜ

ଶ୍ୟାମସୁନ୍ଦର କୁମ୍ଭାର

ଉପକ୍ରମ-ସାହିତ୍ୟ ଓ ସମାଜ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ପରିପୁରକ । ସାହିତ୍ୟ ବିନା ସମାଜ ଅଧୁରା ଓ ସମାଜ ବିନା ସାହିତ୍ୟ ଅଧୁରା ଅଟେ । ସାହିତ୍ୟକ ସମାଜର ଘଟଣାବଳୀ କୁ ନେଇ ସାହିତ୍ୟ ସୃଷ୍ଟି କରିଥିବା ବେଳେ ପାଠକ ସେହି ସାହିତ୍ୟ କୁ ପଢି ଶିକ୍ଷା ଲଭ କରିଥିଏ ।

ସାହିତ୍ୟ ସୃଷ୍ଟି ର ପୃଷ୍ଠଭୂମି- ସାହିତ୍ୟର ପୃଷ୍ଠଭୂମି ହେଉଛି ମଣିଷ ସମାଜ, ପ୍ରକୃତି, ପାରିବେଶ ଓ ଜୀବଜଗତ। ମଣିଷ ସମାଜ ର ଗ୍ଲିଚଳଣୀ, ପର୍ବପର୍ବାଣି, ସଂସ୍କୃ ତ୍ତି ପରମ୍ପରା, କଳା ସ୍ଥାପତ୍ୟ ରୁ ସୃଷ୍ଟି ହେଉଥିବା ବେଳେ, ପ୍ରକୃତି ର ସୌନ୍ଦର୍ଯ୍ୟ, ପରିବେଶର ସୌନ୍ଦର୍ଯ୍ୟ କୁ ନେଇ ସାହିତ୍ୟ ପରିପୁଷ୍ଟ ହୋଇଥାଏ । ମଣିଷର ସାମାଜିକ ଚଳଣି ରେ ନୀତି, ଆଦର୍ଶ, କର୍ତ୍ତବ୍ୟ, ଦାଇତ୍ୱ ବୋଧତା ଇତ୍ୟାଦି ସ୍ଥାନ ପାଇଥାଏ । ଠିକ ସେହିପରି ବିଭିନ୍ନ ପର୍ବପର୍ବାଣି ର ଉପକାରୀତା, ଅପକାରିତା, ଉପାଦେୟତା, ସଂସ୍କୃ ତି ଓ ପରମ୍ପରା ର ମହାନତା, କଲା, ସ୍ଥାପତ୍ୟର ବିଶିଷ୍ଟତା ସାହିତ୍ୟ ରେ ପରିପ୍ରକାଶ ହୋଇଥାଏ। ମଣିଷ ସମାଜର ଦୈନନ୍ଦିନ ଜୀବନରେ ଜୀବଜଗତର ଆବଶ୍ୟକତା ଓ ଅବଦାନ, ବିଭିନ୍ନ ପ୍ରକାର ପଶୁ ଓ ପକ୍ଷୀ ମାନଙ୍କ ଗଠନ, ସ୍ୱର, ଚଲଣି ସାହିତ୍ୟରେ ପ୍ରକାଶ ପାଇଥାଏ। ଏଥିସହିତ ବିଭିନ୍ନ ଧର୍ମ ଓ ଏହାର ନୀତି ଆଦର୍ଶ। ଆଧାମ୍ରିକବାଦ ଭୌତିକବାଦ, ଭଗବାନ, ଭକ୍ତ, ଭକ୍ତିର ସୂଚନା ପ୍ରାପ୍ତ ହୋଇଥାଏ ।

ସମାଜକୁ ସାହିତ୍ୟର ଆବଶ୍ୟକତା-ମଣିଷ ଏକ ସାମାଜିକ ପ୍ରାଣୀ । ସମାଜ ର ଚଳଣି ପାଇଁ ସାହିତ୍ୟ ର ନତାନ୍ତ ଆବଶ୍ୟକ। ମଣିଷ ସାହିତ୍ୟ କୁ ପଢି ତାକୁ ଅନୁସରଣ କରେ ଓ ନଜ ଜୀବନରେ ଉପଯୋଗ କରେ। ସାହିତ୍ୟକୁ ପଢ଼ି ନଜେ କରୁଥିବା ଭୂଲ କୁ ବୁଝି ପାରେ ଏବଂ ଚରିତ୍ର ରେ ସୁଧାର ଆଣେ । ଏତତ୍ ବ୍ୟତୀତ ସାହିତ୍ୟ କୁ ପଢି ବିଭିନ୍ନ ପର୍ବପର୍ବାଣି, ସଂସ୍କୃ ତ୍ତି ପରମ୍ପରା, କଳା, ସ୍ଥାପତ୍ୟ ବିଷୟରେ ଅବଗତ ହୁଏ । ପ୍ରକୃତି, ପରିବେଶ,

ଜୀବଜଗତ ବିଷୟରେ ସାହିତ୍ୟରୁ ସୂଚନା ପାଇଥାଏ । ବିଭିନ୍ନ ଧର୍ମ ଏହାର ନୀତି, ଆଦର୍ଶ, ବିଗ୍ଭରଧାର୍ଚ୍ଚ କୁ ଜାଣିପାରେ ଓ ଭୁଲ୍‌ଠିକ ର ତର୍ଜମା କରେ।

ଉପସଂହାର-ସାହିତ୍ୟ ହେଉଛି ମଣିଷ ସମାଜ ର ଅବିଛେଦ୍ୟ ଅଙ୍ଗ। ଯାହା ସମାଜର ଆର୍ଥିକ, ସାମାଜିକ, ର୍‌ଜନୈତିକ, ସାଂସ୍କୃ ତି,କ୍ଶୈକ୍ଷିକ ବିକାଶ ପାଇଁ ସମାଜକୁ ଦିଗଦର୍ଶନ ଦେଇଥାଏ । ଅନେକାଂଶରେ ଦେଖିବାକୁ ମିଳେ କେତେକ ସହିତ୍ୟକ ଜାତି, ଧର୍ମ, ବିଦ୍ଵେଶି ସାହିତ୍ୟ ସୃଷ୍ଟି କରିଥାନ୍ତି । ଯାହାକ ସମାଜର ଏକତା, ଅଖଣ୍ଡତା କୁ ଭାଙ୍ଗି ସାମ୍ପ୍ରତିକ ଦଙ୍ଗା ସୃଷ୍ଟି କରିବାକୁ ପ୍ରୋତ୍ସାହିତ କରେ। ଏଣୁ ସବୁବେଳେ ସମାଜ ମଙ୍ଗଳାକାରୀ ସାହିତ୍ୟ ଗ୍ରହଣୀୟ ଏବଂ ଯେଉଁ ସାହିତ୍ୟ ଏକତା, ଅଖଣ୍ଡତା, ସମାନତା ଓ ଭାଇଗ୍ଭର୍ଚ୍ଚ କୁ ନଷ୍ଟ କରୁଛି ସେହି ସାହିତ୍ୟ ସର୍ବଦା ବର୍ଜନୀୟ ।

ସନ୍ଧିବାହାଲ, ଗାଇସିଲେଟ
ବରଗଡ଼

# ମଦୁଆ



ସତ୍ୟରଞ୍ଜନ ସ୍ୱାଇଁ

ମଦ ପିଇ ସେତ ମଦୁଆ ହୁଅନ୍ତି
ଭୁଲନ୍ତି ନିଜସ୍ୱ କଥା
ନିଶା ଛାଡିଯାଏ କିଛି ସମୟରେ
ଭାବୁଥାଏ ପଛ କଥା ।।
ପ୍ରେମ ମଦ ଯିଏ ଜୀବନେ ପିଇଛି
ନିଶା ତ ଛାଡଇ ନାହିଁ
ସଫଳ ବିଫଳ କାହାଣୀ ତାଙ୍କର
ଜୀବନୁ ଲିଭଇ ନାହିଁ ।।
ସ୍ୱାଦଟି ତାହାର କଏବା କହିବ
ପିଇବା ଲୋକକୁ ଜଣା
ନିଶାସକ୍ତ ହୋଇ ନିଜସ୍ୱ ଭୁଲନ୍ତି
ପ୍ରେମରେ ହୁଅନ୍ତି ବଣା ।।
ନିଶା ଚଢୁଥାଏ ଧୀରେ ଧୀରେ ପୁଣି
ରାତି ଦିନ ଏକ ହୁଏ
ମାସ ବର୍ଷ କେବେ ଆସି ଚାଲିଯାଏ
ପ୍ରେମ ନିଶା ଘାରିଥାଏ ।।
ପ୍ରେମ ନିଶା ଆଟେ ଏମିତିକା ନିଶା
ସବୁଲାଗେ ତୁଚ୍ଛ ପରି
ଦୁଇଟି ଜୀବନ ବାନ୍ଧି ହୋଇଥାନ୍ତି
ଆପଣାକୁ ପର କରି ।।

ଉଜୁଡା ଘରକୁ ସଜାଡି ଦିଏସେ
ନୂଆକରି ତୋଳଦିଏ
ସଜଡା ଘରକୁ ଭଙ୍ଗିରୁଜି ପୁଣି
ମାଟିରେ ମିଶାଇ ଥାଏ ।।
କାହାପାଇଁ ସେତ ସଫଳ କାହାଣୀ
ପୂର୍ଣ୍ଣମୀ ର ଜହ୍ନ ପରି
ଜହ୍ନ ଆଲୋକରେ ବାଟ ଚାଲୁଥାନ୍ତି
ସୁଖ ସଂସାରକୁ ଧରି ।।
ବିଫଳ କାହାଣୀ ଜୀବନେ ତାଙ୍କର
ଭରିଦିଏ ଅନ୍ଧକାର
ଦୁହେଁ ଦୁହିଁଙ୍କଠୁ ଦୂରେଇ ଯାଆନ୍ତି
ମନରୁ ନହୁଏ ଦୂର ।।
କାହାଣୀରେ ଥାଏ ଅନେକ ଚରିତ୍ର
ବୁଝିବାଟା କଷ୍ଟକର
ହସଇ କାନ୍ଦଇ ପ୍ରେମର ନଶାରେ
ଚଲାପଥ କଷ୍ଟକର ।।

# ଜୀବନ



ଭଗିରଥୀ ଯାନୀ

ଜୀଇଁ ରହିବାର ମାନେ ହେଉଛି ଜୀବନ,
ଜୀବନଟା ଅଛି ଯଦି ରହିଛି ସପନ।।

ଯନ୍ତ୍ରଣା ଜୁଇରେ ଦିନ ସରୁଥାଏ ନତି,
ଦିନେ ନଷ୍ଟେ ଲିଭିଯିବ ଜୀବନର ବତି।।

ପଞ୍ଚଭୂତେ ଗଢା ହୃଦ ପଞ୍ଚଭୂତେ ଲୀନ,
ସୁଖ ଦୁଃଖ ଭଲ ମନ୍ଦ ସବୁତ ସମାନ।।

ଭଙ୍ଗା ଗଢା ସଂସାରରେ ଆଶାର ଆଲୋକ,
ସ୍ୱପ୍ନ ଭରି ହୃଦୟରେ ଖୋଜୁଛି ସନ୍ତକ।।

ଝଡ ଝଞ୍ଜା ବାଧା ବିଘ୍ନ ସହ୍ୟ କରି ପ୍ରାଣ,
ବଞ୍ଚିବାର ର୍ହା ଖୋଜେ ତଥାପି ଜୀବନ।।

ଜୀବନ ଯନ୍ତ୍ରଣା ଘଟ ଲକ୍ଷ୍ୟ ସାଧି ପାଇଁ,
ଜନ୍ମି ଅଛି ବହୁ କଷ୍ଟେ ହୃଦେ ପ୍ରାଣ ନେଇ।।

ସୁସ୍ଥ ମନ ହୃଦ ପ୍ରାଣ ସର୍ବଦା ସୁନ୍ଦର,
ଲକ୍ଷ୍ୟହୀନ ଜୀବନଟା ହୁଏ ଛାର ଖାର।।

ପ୍ରଭୁଙ୍କ ସତ୍ତାର ମୂଳ ଜୀବନ ସଞ୍ଚାର,
ପ୍ରଭୁ ସଦା ଗୃହିଁଥାନ୍ତି ସୁନ୍ଦର ସଂସାର।।

ସଂସାର ରୂପକ ଜାଲେ ମୋହ ମାୟା ଛନ୍ଦେ,
ମୋକ୍ଷ ପ୍ରାପ୍ତି ଆଶା ନେଇ ପ୍ରଭୁଙ୍କୁ ସେ ବନ୍ଦେ।।

ରାମଚନ୍ଦ୍ର ପ୍ରାଣବନ୍ଧୁ ବିଦ୍ୟାପୀଠ ରାସଙ୍ଗ,
ଗଣିଆ, ନୟାଗଡ, ଓଡିଶା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା –
୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି
ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ
ଦିଅନ୍ତୁ ।

www.editor.vedantimagazine@gmail.com

# ତୁମେ ଶୋଇଗଲ୍ ପରେ



ପ୍ରତିମା ମେହେର

ତୁମେ ଶୋଇଗଲ୍ ପରେ
ସ୍ୱପ୍ନ ମୋର ଆସେ, ଖୁବ୍ ସନ୍ତର୍ପଣରେ
କପୋଳେ ମୋ ଆଙ୍କିଦିଏ ପ୍ରୀତି'ର ଚୁମ୍ବନ
ଚୁପି ଚୁପି କାନେ କହେ;
ରାଜକୁମାର ସେ ଅଜଣା ରାଇଜେ
ଖୋଲି ଅଛି ଗବାକ୍ଷ, ଆଗୋ ମୁକ୍ତକେଶୀ
ଥିରି ଥିରି ଗୋପନେ ଗୋପନେ
ଆଙ୍କିବୁ ତା' ଚକ୍ଷୁ ଯୁଗଳେ
ପରଶ ତୋ'ଗୋଲାପୀ ଓଠର
ଉଠିବ ଶିହରି ଶିହରି
ତୋଳନେବ ଆଲିଙ୍ଗନେ ପ୍ରସାରିତ ବାହୁ
ସଞ୍ଚରିବ ମିଳନେ ତୁମର
ପ୍ରାଣପକ୍ଷୀ ଏକ ନୂତନ ଯୁଗର
ଦେବାପାଇଁ ଶାନ୍ତିର ସନ୍ଦେଶ ପ୍ରତିଟି ଦୁଆରେ....

ପାଟଣାଗଡ଼

# ନୂଆ ବରଷ



ଅମରନାଥ ବାରିକ

ମନ୍ଦାର ମାଳନୀ ସିନ୍ଦୂର ମୁହିଁ
ତୋ ମମତା ଠାରୁ ମମତା ନାହିଁ ।
ହିମଗିରି ବାସିନୀ ଲୋ ମା ତାରିଣୀ
ମନ୍ଦାର ଫୁଲରେ ପ୍ରିଅ ଦୁଃଖ ହାରିଣୀ ।
ତୋ ପାଦ ପୂଜିବି ସଦା କର ଆଶିଷ
ନିଅ ଘେନ ପ୍ରଣତି ମୋ ଅବଶୋଷ ।
ହିମଗିରି ବାସିନୀ ଲୋ ତୁହି ମା ମଙ୍ଗଳା
ଉଦ୍ଧାର କରାଉ ତୁ ଲୋ ବୁଡିବା ଭେଳା ।
ଯାଜପୁରେ ବିରଜା ଲୋ ରୂପ ଧାରଣ
ସର୍ବ ଦୁଃଖ ବିନାସିନୀ କରୁ ନିବାରଣ ।
ଜୟ ଗୋ ଜୟ ତୁ ମା ହର ଚଣ୍ଡୀ
ମଲ୍ଲିପୁର ଠାରେ ପୁଣି ଜୟ ଚଣ୍ଡୀ ।
ତୁ ମା ସରସ୍ୱତୀ ହିମଗିରି ବାସିନୀ
ଅପୁତ୍ରୀ କୁ ପୁତ୍ର ଦେଉ ବିଦ୍ୟା ପ୍ରଦାୟିନୀ ।
ଅନ୍ଧକୁ ଲୋଚନ ଦେଉ ଛୋଟାକୁ ଚରଣ
ନିର୍ବଳାକୁ ବଳ ଦେଉ ପୂଜିଲେ ଚରଣ ।
ହିମଗିରି ବାସିନୀ ହେମ ନନ୍ଦିନୀ
ଲଙ୍କାରେ ରହିଲେ ହୋଇ ବନ୍ଦୀନି ।
ଲଙ୍କା ଗଡ଼ କଲେ ବିଜୟ ରାଜା
ରାମଚନ୍ଦ୍ର ସଙ୍ଗେ ଧରି ପରଜା ।

ଜୟ ହନୁମାନ ପବନ ସୂତ
ହିମଗିରି ବାସିନୀର ପ୍ରଥମ ପୁତ୍ର ।
କମଳା ବିମଳା ଭକତ ବତ୍ସଳା
ନାରାୟଣୀ ରୂପ ହୋଇଲ ବିମଳା ।
ଜୟ ହିମଗିରି ବାସିନୀ ଜଗନ୍ନାଥଙ୍କ ପତ୍ନୀ
କୃଷ୍ଣଙ୍କୁ ଦେଲ ହେ ଜନମ ଯେବେ ଥିଲ ବନ୍ଦୀନ।

ଯାଜପୁର, ମଙ୍ଗଳପୁର, କୟାଁ

# ଆମ ଗାଁ ଜଗନ୍ନାଥ



ସରୋଜ କୁମାର ଜେନା

ସମ୍ଭାବ୍ୟ ସୂଚନା - ଓଡ଼ିଶା ରାଜ୍ୟର କଟକ ଜିଲ୍ଲା ଅନ୍ତର୍ଗତ ନରସିଂହପୁର ବ୍ଲକ ର ମୁଖଶାଳା ଭାବେ ବିବେଚତ ହୁଏ ବାଲିଝରୀ ଗ୍ରାମ । ବଡ଼ମ୍ବା ଏବଂ ନରସିଂହପୁର ବ୍ଲକ ର ସୀମାନ୍ତ ହୋଇ ଛିଡ଼ା ହୋଇଅଛି ଏହି ଐତିହ ପୂର୍ଣ୍ଣ ଗ୍ରାମ ଟି । ଏହି ଗ୍ରାମରେ ସବୁ ଦେବା ଦେବୀ ମନ୍ଦିର ମଧ୍ୟରୁ ସ୍ୱୟଂ ଦାରୁବ୍ରହ୍ମ ଜଗତର ନାଥ ଜଗନ୍ନାଥ ଏହି ଗ୍ରାମରେ ବିରାଜିତ ଅଛନ୍ତି । ଯାହାକି ଏହି ଗ୍ରାମର ଜଗନ୍ନାଥ ସାହିରେ ପୂର୍ବରୁ ଏହି ସାହିର ନାମ ନିନାଥ ସାହି ନାମ କରଣ ଥିଲା କିନ୍ତୁ ଏବେ ଏହା ଜଗନ୍ନାଥ ସାହି ନାମେ ଖ୍ୟାତ ଅର୍ଜନ କରିଛି ।

କିମ୍ବଦନ୍ତୀ - ଏହି ଗ୍ରାମର ତଥା ଏହି ଜଗନ୍ନାଥ ସାହିର ଜଣେ କୈବର୍ତ୍ତ ପରିବାର ର ଜଣେ ବ୍ୟକ୍ତି ଯାହାଙ୍କ ନାମ ରୋହିତ ଦଳେଇ, ପିତା ସ୍ୱର୍ଗତ ଗୁଣ୍ଡିଚ୍ଚ ଦଳେଇ, ମାତା ସ୍ୱର୍ଗତ ସୁନା ଦଳେଇ ଙ୍କ ସୁ ପୁତ୍ର ଭଗବାନ ଙ୍କୁ ୨୦୧୧ ମସିହାରେ ଉଦ୍ଧାର କରିଥିଲେ । ଯାହା ଏକ ବିସ୍ମୟ କଥା, ସେହି ବର୍ଷ ରକ୍ଷା ବନ୍ଧନ ହେବା ପାଇଁ ଦୁଇ ତିନ ଦିନ ବାକି ଥାଏ । ଏହି ସମୟରେ ପ୍ରାୟ ଦୁଇ ତିନ ରାତ୍ରେ ପ୍ରାୟ ରୋହିତ ଦଳେଇ ଙ୍କୁ ସ୍ୱପ୍ନାଦେଶ ହେଉଥିଲା, ଏଥିରେ ସେ ଭଗବାନ ଙ୍କ ଏକ ପାଷାଣ ଦେହରେ ଅଙ୍କିତ ହୋଇଥିବା ଶଙ୍ଖ, ଚକ୍ର, ଗଦା, ପଦ୍ମ ତତ୍ ସହିତ ଅନନ୍ତ ଶୟନ ର ଛବି ଏହା ସହିତ ବହୁତ ସର୍ପ ଦର୍ଶନ ଦେଖୁଥିଲେ । ଏବଂ ସ୍ୱପ୍ନାଦେଶ ରେ ତାଙ୍କୁ ସୂଚନା ମିଳଥିଲା ମୁଁ ମହାନଦୀ ର ବକ୍ଷରେ ଅବସ୍ଥାପନ ଅଛି ମୋତେ ଏଠାରୁ ଉଦ୍ଧାର କରିନେଇ ମୋତେ ଗ୍ରାମରେ ପୂଜିତ କର । ଏହାକୁ ରୋହିତ ଦଳେଇ ସକାଳୁ ସକାଳୁ ଏହି କଥା ସମସ୍ତଙ୍କୁ କହିଥିଲେ । କିନ୍ତୁ ଏହି କଥା କୁ କେହି ବିଶ୍ୱାସ ନ କରି ହସରେ ଉଡ଼ାଇ ଦେଇଥିଲେ । କିନ୍ତୁ ବାରମ୍ବାର କହିବା ଫଳରେ କିଛି ଲୋକ କହିଥିଲେ ହଉ ଚାଲ ପ୍ରଥମେ ଦେଖିକି ଆସିବା । ଏହି ମୁତାବକ ଗ୍ରାମର କିଛି

ଯୁବକ ଙ୍କୁ ନେଇ ସେ ସ୍ୱପ୍ନାଦେଶ ମୁତାବକ ସେହି ମହାନଦୀ ର ବକ୍ଷକୁ ଯାଇଥିଲେ ଏବଂ ସେଠି ଦେଖିବାକୁ ପାଇଥିଲେ ବାଲି ଭିତର ହୋଇ ମୂର୍ତ୍ତିଟି ପଡ଼ିରହିଛି ଅଧା ଦେଖା ଯାଉଥିଲା । ଏହା ଦେଖି ସାରି ସମସ୍ତେ ଘର ବାହୁଡ଼ା ହୋଇଥିଲେ । ତାର ପରବର୍ତ୍ତୀ ଦିନ ଥାଏ ରକ୍ଷା ବନ୍ଧନ (ବଳଭଦ୍ର ଙ୍କ ଜନ୍ମ ଦିନ) ସେହି ଦିନ ନଦିଆ କୀର୍ତ୍ତନ କରି କଛି ଲୋକଙ୍କୁ ନେଇ ମହାପ୍ରଭୁ ଙ୍କ ପାଷାଣ ପ୍ରତିମା କୁ ଉଦ୍ଧାର କରିଥିଲେ । ଏବଂ ଏହାକୁ ଆଣି ସେହି ସାହିର କୋଠ ଘରେ ପ୍ରଭୁଙ୍କୁ ପୂଜାର୍ଚ୍ଚନା କରିଥିଲେ । କାଳକ୍ରମେ କଛି ଦିନ ବିତିଗଲା ପରେ ସେହି ଗୃହରେ ମହାପ୍ରଭୁଙ୍କର କାଷ୍ଠ ମୂର୍ତ୍ତି ନିର୍ମିତ ହୋଇଥିଲା । ଏହାକୁ ଗ୍ରାମ ଲୋକଙ୍କ ଦ୍ୱା ନିର୍ମାଣ କାର୍ଯ୍ୟ କରାଇଥିଲେ, କଣ୍ଟିଲୋ ଗ୍ରାମର ରାଜ୍ୟପାଳ ପୁରସ୍କୃତ ପ୍ରାପ୍ତ କାଷ୍ଠ ମୂର୍ତ୍ତି କାରିଗର ହରିହର ନାୟକ । ଏହାକୁ ନିର୍ମାଣ କରିଥିଲେ ଲିମ୍ବ ଦାରୁରେ ।ବିଧିବିଧାନ ଅନୁସାରେ ମନ୍ଦିର କୁ ପ୍ରତିଷ୍ଠା କରାଇ ପୁରି ରୁ ଆସିଥିବା ବ୍ରାହ୍ମଣ ଙ୍କ ଦ୍ୱାରା ଏହି ଦାରୁ ବିଗ୍ରହ ସ୍ଥାପନ କରାଯାଇଥିଲା ଏବଂ ପ୍ରଥମେ ଛାଳ ଘରେ ପ୍ରଭୁ ପୂଜା ପାଇଲେ । ରୋହିତ ଦଳେଇ ଙ୍କ ସୁ ପୁତ୍ର ପପୁ ଦଳେଇ କହିବା ମୁତାବକ ପ୍ରତି ବର୍ଷ ଜାନୁଆରୀ ୧୭ ତାରିଖରେ ମହାପ୍ରଭୁ ଙ୍କ ଜନ୍ମ ବାର୍ଷିକ ପାଳନ କରାଯାଉଛି । କାଳକ୍ରମେ ଏବେ ଏହି ମନ୍ଦିର ପକା ଘର ହୋଇ ମହା ପ୍ରଭୁ ପୂଜା ପାଉଛନ୍ତି । ମହା ପ୍ରଭୁଙ୍କ ରୀତିନୀତି ପରିଚାଳନା କଥା ମନ୍ଦିର ପରିଚାଳନା କମିଟି ସଭାପତି ବୁଝା ସୂଜା ବହନ କରିବା ସହିତ ଗ୍ରାମ ସାହି ଭାଇ ମଧ୍ୟ ବହନ କରୁଛନ୍ତି ।

ମନ୍ଦିର ରୀତିନୀତି - ଏହି ବାଲିଝରୀ ଜଗନ୍ନାଥ ମନ୍ଦିର ରେ ପ୍ରତି ଦିନ ନୈଷ୍ଠିକ ବ୍ରାହ୍ମଣ ଙ୍କ ଦ୍ୱାରା ସକାଳ ଧୂପ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଆଳତି, ସନ୍ଧ୍ୟା ଧୂପ, ରାତ୍ର ଧୂପ ଲାଗି ହୁଏ । ସକାଳୁ ବାଳ ଭୋଗ, ଦ୍ୱି ପ୍ରହର ରେ ସୁଙ୍କୁଡି ଭୋଗ ଲାଗିହୁଏ । ରାତ୍ର ରେ ମହା ପ୍ରଭୁଙ୍କୁ ଖଣ୍ଡୁଆ ପାନ ଲାଗିହୁଏ । ରାତ୍ର ଭୋଗ ମଧ୍ୟ ଲାଗିହୁଏ । ବଲ୍ଲଭ ଭୋଗ ମଧ୍ୟ ମହା ପ୍ରଭୁଙ୍କ ଠି ଲାଗିହୁଏ । ଅନ୍ୟ ପର୍ବ ପର୍ବାଣୀ ରେ ଗ୍ରାମ ବାସୀ ଏବଂ ମନ୍ଦିର ତରଫରୁ ବିଭିନ୍ନ ପିଠା ଯେମିତିକି, ଚିତା ଲାଗି ଅମାବାସ୍ୟା ରେ ମହାପ୍ରଭୁଙ୍କୁ ଚିତଉ ପିଠା ଲାଗିହୁଏ । ଭକ୍ତ ମାନେ ମଧ୍ୟ ଆଣି ଲଗାନ୍ତି ।

ପର୍ବ ପର୍ବାଣୀ - ମହା ପ୍ରଭୁଙ୍କ ଦେବ ସ୍ନାନ ପୂର୍ଣ୍ଣିମା, ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା, ତତ୍ ସହିତ ଜାନୁଆରୀ ୧୭ ତାରିଖ ପ୍ରତି ବର୍ଷ ମହାପ୍ରଭୁ ଙ୍କ ଜନ୍ମ ବାର୍ଷିକ ପାଳନ ଅବସର ରେ

ପ୍ରବଳ ଜନ ସମାଗମ ହୁଏ, ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନ କର୍ଯ୍ୟକ୍ରମ କରାଯାଏ । ଏହା ସହିତ ସଙ୍କୀର୍ତ୍ତନ ଗ୍ରନ୍ଦ ରେ ଦୁଇ ତିନ ଦିନ ପାଇଁ ପରିବେଷଣ ହୁଏ । କାର୍ତ୍ତିକ ମାସରେ ହବିଶିଆଳୀ ମାନେ ମଧ୍ୟ ପୂଜାର୍ଚ୍ଚନା କରନ୍ତି ।

ଅସୁବିଧା - ଏହି ମନ୍ଦିର କୁ ପ୍ରବଳ ଲୋକ ଦର୍ଶନ କରିବାକୁ ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହା ଦେବତ୍ତ୍ର ବିଭାଘ ହାତକୁ ଯାଇନାହିଁ । ଯେଉଁଥି ପାଇଁ ଏହି ମନ୍ଦିର ର କୌଣସି ଉନ୍ନତି କାର୍ଯ୍ୟ ହୋଇ ପାରୁନାହିଁ । ଯଦିଓ ମହାପ୍ରଭୁ ଙ୍କ ନତିଦିନ ଭୋଗ ପାଇଁ କଛି ଲୋକ ନଜ ହାତରୁ ସାମୁହିକ ଭାବେ ଦାନ କାର୍ଯ୍ୟରେ ସମ୍ପାଦନ ହେଉଛି । ବିଶେଷ କରି ଯୋଗିନାଥ ନାୟକ ଏହି ଭାର ତାଙ୍କର ଉପରେ ନ୍ୟସ୍ତ କରିଛନ୍ତି । ବହୁ ବିଳମ୍ବରେ ହେଲେ ମଧ୍ୟ ମହାପ୍ରଭୁ ଙ୍କ ର ପକା ଘର ହୋଇଛି କନ୍ତୁ ମନ୍ଦିର ପାଇଁ ଏହା ଉପଯୁକ୍ତ ସ୍ଥାନ ନୁହେଁ । ସେଥିପାଇଁ ଜନ ସାଧାରଣ ଙ୍କ ତରଫରୁ ଏତିକ ଅନୁରୋଧ ଅଛି ପ୍ରଶାସନ ପକ୍ଷରେ ଏହାର ସୁ ବନ୍ଦୋବସ୍ତ କରାଇ ଏହାର ଉନ୍ନତି କାର୍ଯ୍ୟ ଦେବତ୍ତ୍ର ବିଭାଗ ଏହାକୁ ନଜ ହାତକୁ ନେଉ ।

ବହୁତ ବାର ଏହା ପ୍ରଶାସନ କୁ ଜଣାଇବା ସ୍ୱତେ କୌଣସି ସୁଫଳ ମିଳୁନ । ଏପଟେ ଯେଉଁଠାରେ ମନ୍ଦିର ହୋଇଛି ସେହି ଜାଗା ଟି ରେ ପୂର୍ବରୁ ସାହି ପିଲାଙ୍କ ନମନ୍ତେ କ୍ଲବ୍ ଗୃହ ଥିଲା ଯାହା ଏବେ ପିଲା ସେଥିରୁ ବଞ୍ଚିତ ହୋଇ ରହିଛନ୍ତି । ଏଥି ପ୍ରତି ମଧ୍ୟ ଆଲୋକ ପାତ କରାଯାଇଛି । କନ୍ତୁ ଅସଫଳ ହୋଇ ରହିଛନ୍ତି ଜନତା । ତେଣୁ ଉଭୟ ଦୁଇଟି ଅସୁବିଧା ଦୂର ହେଲେ ନଶ୍ଚିତ ମନ୍ଦିର ସହିତ ଗ୍ରାମର ଉନ୍ନତି ହୋଇ ପାରିବ ।

ମୁଖ୍ୟ ସମସ୍ୟା - ଆଗରୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଏଠାରେ ବିଶାଳ ରଥ ନର୍ମାଣ ହୋଇ ରଥ ଯାତ୍ରା ମହା ପ୍ରଭୁଙ୍କ ଆୟୋଜନ କରାଯାଉଥିଲା । କନ୍ତୁ ଏବେ ଅର୍ଥ ଅଭାବ ଯୋଗୁ ଏତେ ବଡ଼ ରଥ ନର୍ମାଣ କରିବା ସମ୍ଭବ ପର ହୋଇ ପାରୁନାହିଁ । ସେଥିପାଇଁ ପିଲାଙ୍କ ଦ୍ୱା ଛୋଟ ରଥ କରି ଏହି କାର୍ଯ୍ୟ ଚାଲୁ ଅଛି । ସେଥି ପାଇଁ ନକଟସ୍ଥ ତହସିଲଦାର ମହୋଦୟଙ୍କୁ ମୋର ଓ ଗ୍ରାମ ବାସୀଙ୍କ ତରଫରୁ ନବେଦନ ରହିବ ଏହାକୁ ଦୃଷ୍ଟି ଗୋଚର କରି ଏହାକୁ ଦେବତ୍ତ୍ର ବିଭାଗ ରେ ସଂଯୁକ୍ତ କରନ୍ତୁ ।ଯାହା ଫଳରେ ରଥ ଯାତ୍ରା ପାଇଁ ମଧ୍ୟ କଛି ଅର୍ଥ ସହାୟତା ମିଳ ପାରିବ ।

ଗମନା ଗମନ - ଏହା ଭୁବନେଶ୍ୱର ଠାରୁ ୧୫୦ କମି ହେବ ଏବଂ କଟକ ଠାରୁ ୧୦୦ କମି ହେବ । ରାଜ୍ୟପଥ ୬୫ ଦେଇ ଖୁଣ୍ଟୁଣୀ ଠାରୁ ଆଠଗଡ଼ ରାସ୍ତାରେ ଆସିଲେ ନରସିଂହପୁର ବ୍ଲକ ର ପ୍ରଥମ ଗ୍ରାମ ରୂପେ ଆମ ଗାଁ ପଡ଼ିବ ଏବଂ ହାଟ ଛକ ଠାରୁ ପଳେଇ ତୋଟା ସାହି ଦେଇ ୫୦୦ ମିଟର ଗଲେ ମହାପ୍ରଭୁଙ୍କ ମନ୍ଦିର ଦର୍ଶନ କରି ପାରିବ ।

ଶୁଭ ଦୃଷ୍ଟି - ସେ ଯାହାବି ହେଉ ଏତେ ବାଧା ବିଘ୍ନ ରେ ମଧ ମହାପ୍ରଭୁ ବାଲିଝରୀ ଗ୍ରାମରେ ବିରାଜିତ ଅଛନ୍ତି ସମସ୍ତେ ଖୁସି ସେଥିପାଇଁ ଗ୍ରାମବାସୀ ।

ଶେଷରେ ମହାପ୍ରଭୁଙ୍କ ନକଟରେ ପ୍ରାର୍ଥନା କରୁଛି ଜଗତର ମଙ୍ଗଳ ହେଉ, ପ୍ରାକୃତିକ ବିପର୍ଯ୍ୟୟ ରୁ ସଦା ସର୍ବଦା ଓଡ଼ିଶା ବାସୀଙ୍କ ଏବଂ ଭାରତ ବର୍ଷକୁ ରକ୍ଷା କରୁଥାଅ । ଏବଂ ଆମ ନରସିଂହପୁର ଆରାଟ ମାଟିକୁ ଏବଂ ଆମ, ବାଲିଝରୀ, ଶ୍ୟାମସୁନ୍ଦର ଅଧିବାସୀ ଙ୍କୁ ସୁରୂପ ଦୃଷ୍ଟିରେ ଗ୍ରହିଁଥାଅ । ତୁମରି ଆଶିଷ କୁସୁମିତ ହୋଇ ଦୁନଆର ସମସ୍ତଙ୍କ ଉପରେ ଝଡ଼ିପଡୁ । ।

................(ଜୟ ଜଗନ୍ନାଥ).........................

ବାଲିଝରୀ, ନରସିଂହପୁର, କଟକ

# ଅଭୁଲା ସ୍ମୃତି



ରୀମା ମେହେର

ଶ୍ରାବଣ ତ ନଥିଲା ସେଦିନ
ହେଲେ ଝରି ପଡୁଥିଲା ବର୍ଷା,
ବର୍ଷାରେ ଭିଜି ଭିଜି ଚାଲୁଥିଲି ମୁଁ
ମୋର ପଥେ ଏକା ଏକା ।

ଅଚ୍ଚନକ ଆସି ଛତା ଟିଏ ଧରି
ନେଲ ମତେ ତୁମ ସାଥେ,
ଜାଣି ତ ନଥିଲି ତୁମକୁ ସେଦିନ
ହେଲେ ଚହ୍ନା ଚହ୍ନା ଲାଗିଲ ସତେ ।

ତୁମେ ତ ଚାଲିଗଲ ତୁମ ପଥେ
ହେଲେ ହୃଦୟକୁ ମୋର ନେଇଗଲ ତୁମ ସାଥେ,
ହୃଦୟ ବିନା ବଞ୍ଚିବି କେମିତି
ଫେରି ଆସ ହେ ପ୍ରିୟ ସେଇ ଅଭୁଲା ପଥେ ।

ମନେ ତ ପଡୁଛ ଭରି
ଆସନ୍ତକ ପୁଣି ସେ ରାସ୍ତା ରେ ଫେରି,
ଅପେକ୍ଷା କରେ ମୁଁ ନିତି
ପୁଣି ଆସନ୍ତା କ ଫେରି ସେଇ ବର୍ଷାର ଅଭୁଲା ସ୍ମୃତି ।

ଓଡ଼ିଆ ସମ୍ମାନ, ତୃତୀୟ ବର୍ଷ
ବିଜେପୁର ଡିଗ୍ରୀ କଲେଜ ବିଜେପୁର

# କରୋନା ଭାଗବତ-୮

ବ୍ୟଙ୍ଗ କବିତା



ଶମ୍ଭୁନାଥ ଦାସ

ଏ ସୃଷ୍ଟି ବ୍ରହ୍ମାଣ୍ଡ ସୃଜନ । ଯେ ସୃଷ୍ଟି କର୍ତ୍ତାଙ୍କ ବିଧାନ ॥
ବ୍ରହ୍ମାଣ୍ଡ ମଧ୍ୟେ ଏହି ବିଶ୍ୱ । ପୃଥିବୀ ସୁନ୍ଦର ସରସ ॥
କୋଟିରୁ ଅଧିକ ଯେ ପ୍ରାଣୀ । ଧରିଛି ଏହି ତ ଧରଣୀ ॥
ତିନ ଭାଗ ଯେ ଜଳରାଶି । ଏକ ଭାଗେ ସ୍ଥଳ ହରଷୀ ॥
ମାନବ ଅଟେ ଶ୍ରେଷ୍ଠ ଜୀବ । ସକଳ କରେ ଅନୁଭବ ॥
ଚଉ ହରଷ ର ମାଧ୍ୟମ । ତାହା ହିଁ ସାହିତ୍ୟର ରମ୍ୟ ॥
ଜାଣ ଓଡିଆ ଭାଗବତ । ଭାଷା-ସାହିତ୍ୟ ପଞ୍ଚାମୃତ ॥
କରିଛି ଯିଏ ଆସ୍ୱାଦନ । ବଳଛି ମନ ଘନ ଘନ ॥
ଯୋଗ ହୋଇଲେ ବ୍ୟଙ୍ଗ-ରସ । ପାଲଟିଯାଏ ସେ ପୀୟୂଷ ॥
ମିଶିଲେ ଅବିଶ୍ୱାସ ବିଷ । ଅଧାମ୍ୟ ଜଗତର ରୋଷ ॥
ଏମନ୍ତ କରୋନାର ବିଷ । କୁତ୍ସିତ କରେ ପରିବେଶ ॥
ଦୁଇ ଶତାଧିକ ଯେ ଦେଶ । ଆକ୍ରାନ୍ତେ କରୋନାର ବିଷ ॥
ଲକ୍ଷ ଲକ୍ଷ ଲୋକ ମରଣ । ସଭିଙ୍କ ଚନ୍ତାର କାରଣ ॥
କ୍ରୋଧିତହେଲେ ଦେଶ-ପତି । ଯୁଦ୍ଧର ଆଶଙ୍କା ନହାତି ॥
ଏ କବି ଜାଣିଛି ଦୁଇଟି । ବିଶ୍ୱ-ଯୁଦ୍ଧର କ୍ଷୟ-କ୍ଷତି ॥
ନ ହେଉ କେବେ ଯେ ତୃତୀୟ । ବିଶ୍ୱଯୁଦ୍ଧରେ ଯେଣୁଭୟ ॥
ହେ ବ୍ରହ୍ମା ବିଷ୍ଣୁ ମହେଶ୍ୱର । ଓହ୍ଲାଇ ଆସ ମର୍ତ୍ତ୍ୟପୁର ॥
ପୂଜା-ଅର୍ଘ୍ୟରେ ସମାବେଶ । ସେବକ ଶମ୍ଭୁନାଥ ଦାସ ॥

ମୁଖ୍ୟ ସଂପାଦକ:”ଅଭିଯାନ”
୧୭୫-ଏ/୧, ବିଶ୍ୱଲକ୍ଷ୍ମୀ ତାଲ୍ ରୋଡ, କୋଲକତା

# ମରୀଚକା



ବିଶ୍ୱ ରଞ୍ଜନ ମହାନ୍ତି

ନାଚୁଥାଏ ମୃତ୍ୟୁ ମରୀଚକା,
ଜୀବନର ନିର୍ଜନ ପ୍ରାନ୍ତରେ
ବାଟ ଭୁଙ୍ଗି ଯାଏ ନାହିଁ ପାନ୍ଥ,
ଦେଖୁଥାଏ ପାଖେ କେବେ ଦୂରେ
ଧୋଇଦେଇ ମୃଗତୃଷ୍ଣା ଜଳେ,
କରିଦିଏ ଆବରଣ ଶୂନ୍ୟ ।
କେବେ ଅବା ପୋଛିଦିଏ ଅଙ୍ଗ,
ଭିଡି ନେଇ ଅମୁଲ୍ୟ ବସନ ।
କାହା ପାଇଁ ଖରତର ନାଚେ
ସୁଗଭୀର ଶୀତଳ ଜଳରେ ।
ଝୁଲି ଝୁଲି ଖେଳେ କେବେ ଦୋଳ,
ବସନ୍ତର ସବୁଜ ଡାଳରେ
ଢଳ ଢଳ ସ୍ୱଚ୍ଛ ମରୀଚକା ।
ଢେଉ ଖେଳେ ବୋତଲ ଭିତରେ,
ଯଉତୁକ ବିଷଧର ବିଷ ।
ଅନନ୍ତର ସହସ୍ର ଫଣାରେ
ସବୁପରେ ଅଦୃ6ଶ୍ୟ ନିୟତି,
ଜଗିଥାଏ ସମୟ ନିର୍ଘଣ୍ଟ,
ମରୀଚକା ସମନୃତ୍ୟେ ରତ,
ଅନ୍ଧକାରେ ଖେଳାଇ ଅଦୃଷ୍ଟ ।.........

କୁଳସାହି, ଅଲଣା ହାଟ
ଜଗତସିଂହପୁର

# ସନ୍ଧ୍ୟା



ସରୋଜ କୁମାର ସାହୁ

ପକ୍ଷୀ ଫେରିଲେଣି ନୀଡକୁ ସରବେ
ଅସ୍ତଗାମୀ ସୂର୍ଯ୍ୟ ଦେଖି
କମନୀୟ ତାର କ ଅପୂର୍ବ ଶୋଭା
ଆଖି ଯାଏ ସତେ ଲାଖି ।
ଗାଇଆଳ ଫେରେ ଗୋଧୂଳି ସଞ୍ଜରେ
କଅଁଳା ବାଛୁରୀ ଧରି
ଗାଁ କୁନିପିଲା ଫେରନ୍ତି ସଙ୍ଗତେ
ଖେଳକୁଦ ଶେଷ କରି ।
ଚଷାପୁଅ ଫେରେ ନିଜ କୁଟୀରକୁ
କ୍ଲାନ୍ତି ଉପଶମ ପାଇଁ
ବିଦ୍ୟା ଅଧ୍ୟୟନ କରନ୍ତି ପିଲାଏ
ଗୁରୁଜନ ପାଦ ଛୁଇଁ ।
ଗାଁ କୋଠଘରେ ଶୁଭେ ସଂକୀର୍ତ୍ତନ
ହରିବୋଲ କରତାଳ
ଅଜାଆଇ ବସି ଦାଣ୍ଡଦୁଆରରେ
ଜପ କରୁଥାନ୍ତି ମାଳ ।

ଘଣ୍ଟ ଶଙ୍ଖ ବାଜେ ଗାଁ ମନ୍ଦିରରେ
ପଢାହୁଏ ଭାଗବତ
ଚଉରାମୂଳରେ ଘିଅଦୀପ ଜାଳ
ପତ୍ନୀ ମାଗେ ଭବିଷ୍ୟତ ।

ଆଠଗଡ, କଟକ

# ଭରଷା



ଝରଣା ବାରିକ

ସେଦିନ କିଛି ବି ନଥିଲା ସମସ୍ତେ ଭାରି ମନ ଦୁଃଖକରିଥାନ୍ତି । ଡାକ୍ତର କହିଲେ ଅପରେସନ ନକଲେ ହେଇ ପାରିବନି। ମାଆ ତ ବଞ୍ଚି ଯିବ ପିଲା ଟାକୁ ବଞ୍ଚେଇ ପାରିବୁନି। ଅପରେସନ ନାଁ ଶୁଣି ଦେହ ହାତ ଥରିଲାଣି ପୂଜା ର। ସାଙ୍ଗେ ସାଙ୍ଗେ କହିଲା ନାଁ ନାଁ ମୋ ପିଲା ଠିକ ଅଛି ତାର କିଛି ବି ହେଇନି କି ମୁଁ ହେବାକୁ ଦେବିନି। ବେଡ୍ ଉପରୁ ଉଠି ଆସି ସିପୁ କୁ କହିଲା ଚାଲ୍ ଆମେ ଏଠୁ ପଳେଇବା। ମାନେ ମୋ ପିଲାକୁ ମାରିଦେବେ ।ସିପୁ ପୂଜା ମୁହଁ କୁ ଚାହିଁ ଲା ଆଖି ଛଳଛଳ କରି।

ପାଖରେ ଏତେ ଟଙ୍କା ବି ନାହିଁ। ଅପରେସନ ହେଲେ ଅତି କମ୍ ରେ ତିରିଶ ହଜାର ଟଙ୍କା ଖର୍ଚ୍ଚ ହେବ। ଜମି ବାଡ଼ି ଯାହା ଅଛି ବିକଲେ କି ବନ୍ଧକ ରଖି ଆଣିହେବ ହେଲେ ଏତେ ଶୀଘ୍ର ଟଙ୍କା ଦେବ କିଏ **?** ଯଦି ମୋ ପୂଜା ର କିଛି ହେଇଯାଏ। ନାଁ ନାଁ ସେମିତି କିଛି ହବନି**::::!**

ଡାକ୍ତର କହୁଛନ୍ତି ଜଳୀୟ ଅଂଶ ସବୁ ସରିଗଲାଣି। ପିଲାଟି ପୁରା ଶୁଖିଲା ରେ ଅଛି ନର୍ମାଲ ଡେଲିଭରି କେବେବି ସମ୍ଭବ ନୁହେଁ। ନିରୀହ ଚାହାଣି ରେ ସିପୁ ଚାହିଁଲା ପୂଜା କୁ।ପୂଜା ସିପୁ କୁ ଠାରି ଦେଇ ଘରକୁ ନେଇ ଯିବା ପାଇଁ କହିଲା। ଡାକ୍ତର ମାନେ ବହୁତ କରି କହୁଥାନ୍ତି ଅପରେସନ କରି ଦିଅ ମାଆ ଓ ପିଲା ଉଭୟଙ୍କ ପାଇଁ ଭଲ । ପୂଜା କିନ୍ତୁ ଯମା ରାଜି ନ ଥାଏ। ତାର ପୁରା ବିଶ୍ୱାସ ତା ପିଲା ସୁସ୍ଥ ଆଉ ସୁରକ୍ଷିତ ଅଛି। ସାହାସ ର ସହିତ ସିପୁ କୁ ବୁଝାଏ। ମତେ ଘରକୁ ନେଇଚାଲ ମୋ ଉପରେ ବିଶ୍ୱାସ ରଖ ଆମ ପିଲାର କି ମୋର କିଛି ବି ହେବନି।

ତା କଥା ମାନ ଘରକୁ ନେଇ ଆସେ ସିପୁ । ଆଶ୍ରମ ରେ ଘରେ ରେଷ୍ଟ ନଏ ପୂଜା । ଓ,ଆର,ଏସ,ପାଣି ଗ୍ଳୁକୋଜ ପାଣି ସଫିସେଣ୍ଟ ପିଏ। ବାମ ପଟ ମାଡ଼ି ଗୋଡତଳେ ମୁଣ୍ଡରେ ତକଆ ଦେଇ ବେଡ ରେଷ୍ଟ ନଏ ପୂଜା । ସିପୁ କୁ ସିନା ବୁଝେଇ ଦେଲା କିନ୍ତୁ ନିଜକୁ ଯମା ବି ବୁଝେଇ ପାରୁ ନ ଥାଏ। କେହି ନ ଥିଲା ବେଳେ ବହୁତ କାନ୍ଦେ। କଣ କରିବ ସିଏ । ସତରେ କ'ଣ ତା କଥା ସତହେବ।

ୟା ଭିତରେ ଦୁଇଦିନ ବିତି ସାରିଥାଏ...! ପ୍ରସବ ଯନ୍ତ୍ରଣା ର କୌଣସି ଲକ୍ଷଣ ଏ ପର୍ଯ୍ୟନ୍ତ ଜଣା ପଡୁନଥାଏ। ବାର ଲୋକ ବାର କଥା କହୁଥାନ୍ତି। କେହି କେହି ପୂଜା କୁ ଦେଖିବାକୁ ବି ଆସନ୍ତି। ଭାରି ଦୁଃଖ କରନ୍ତି କଥା ଛଳରେ କହନ୍ତି କେତେ କେତେ ଲୋକ ଅପରେସନ ହେଇ ପିଲା ଜନ୍ମ କରୁଛନ୍ତି। ଆଉ ଏଥିପାଇଁ କ ଡର । ଡାକ୍ତର ଙ୍କ କଥା ନମାନ ଘରକୁ କାହିଁକି ଆଣୁଥିଲ... । ଏସବୁ କଥା ପୂଜାକୁ ଭାରି ଦୁଃଖ ଦିଏ । କିନ୍ତୁ କିଛି କହିପାରେ ନାହିଁ। ଖାଲି ଠାକୁର ଙ୍କୁ ଡାକୁ ଥାଏ, ହେ ପ୍ରଭୁ ମତେ ଏ ବିପଦରୁ ଉଦ୍ଧାର କରି ଦିଅ।

ସେଦିନ ଥାଏ ଗୁରୁ ବାର ରାତି ଆଠଟା ତରଙ୍ଗ ଚ୍ୟାନେଲ ରେ ବଧୂ ସିରିଏଲ ଦେଉଥାଏ। ସାଇବାବାଙ୍କୁ ପୂଜା କରୁଥାଏ ସିରିୟଲ ର ପ୍ରଧାନ ଭୂମିକା ରେ ଥିବା ନାୟିକା । ଏ ସବୁ ବେଡରେ ଶୋଇ ଶୋଇ ଦେଖୁଥିଲା ପୂଜା। ମନେ ମନେ କହିଲା ହେ ସାଇବାବା ଯଦି ସତରେ ଦୁଃଖୀ ର ଦୁଃଖ ବୁଝି ପାରୁଥାଅ ତେବେ ମତେ ଏ ବିପଦରୁ ଉଦ୍ଧାର କର । ବିଶ୍ୱାସ ନ ହେଲେ ବି ସତ ଠିକ ରାତି ସାଢ଼େ ନଅଟା ବେଳକୁ ପ୍ରସବ ବେଦନା ଆରମ୍ଭ ହୋଇଥିଲା । ରାତି ଯାକ ପ୍ରସବ ଯନ୍ତ୍ରଣା ରେ ଛଟପଟ ହେଉଥାଏ ପୂଜା। ମେଡିକାଲ ଯିବାକୁ ଏବେବି ରାଜି ହେଉ ନଥାଏ। ଯେତେବେଳେ ମୁଁ କହିବି ସେତେବେଳେ ମତେ ନେବ ବୋଲି ସିପୁ କୁ କହୁଥାଏ ପୂଜା।

ରାତି ପାହି ସକାଳ ହେଲା ! ମେଡିକାଲ ଗଲା ବେଳକୁ ସାଢ଼େ ଛଅଟା ! ଯିବାର କିଛି ସମୟପରେ ନର୍ମାଲ ରେ ପିଲା ଟିଏ ଜନ୍ମ ହେଲା। ଯେଉଁ ଡାକ୍ତର ମାନେ ଫେରେଇ ଦେଇଥିଲେ ସେମାନେ ଆଶ୍ଚର୍ଯ୍ୟ ହେଇ ଯାଇଥିଲେ। ଏହା କେମିତି ସମ୍ଭବ । ନିଜର ଧର୍ଯ୍ୟ ଓ ଭଗବାନ ଙ୍କ ଅପାର କରୁଣା ଯୋଗୁଁ ଏ ସବୁ ବୋଲି କହିଲା ପୂଜା। ପୂଜା ମୁଣ୍ଡ ପାଖରେ

ବସି ପୂଜା ମୁଣ୍ଡ କୁ ଆଉଁସି ଦେଉଥାଏ ସିପୁ । ମନେ ମନେ ଧନ୍ୟବାଦ ଦେଉଥିଲା ସାଇନାଥ ଙ୍କୁ । ଏମିତି ସ୍ତ୍ରୀ ଟିଏ ପାଇ ନିଜକୁ ଧନ୍ୟ ମନେ କରୁଥିଲା ସିପୁ... ॥

ସମଲ, ତାଳଚେର, ଅନୁଗୋଳ

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଋତୁ ରାଜ ବସନ୍ତ



ସୁଲୋଚନା ବେହେରା

ନବ ପଲ୍ଲବ ରେ ମଣ୍ଡିତ ବନ,
ଆମ୍ର ବୃକ୍ଷେ ଦେଖ ବକୁଳ ପୂର୍ଣ୍ଣ,
ତଟାକେ ସରୋଜ ଦିଶେ ଉଜ୍ଜ୍ୱଳ,
ସରୋବରରେ ଦେଖ କାମିନୀ ଦଳ,
ସର୍ବେ ହୋଇ ମାଳ ମାଳ,
ଭୃଙ୍ଗ ଅରବିନ୍ଦ ଚର୍ତ୍ତୁ ପାର୍ଶ୍ୱେ ଦେଖ
ଭ୍ରମନ୍ତି ଦଳକୁ ଦଳ ।

ମଳୟ ଶିଖରି ଶିରି ଗୈରାଇ,
ମନ୍ଦ ମନ୍ଦ ହୋଇ ସମୀର ବହି,
ପୁଷ୍ପ ରେଣୁ ଆଣି ଗୈର ଚଇତି,
ହରି ନେଏ ପୁଷ୍ପ ସୁଗନ୍ଧ ନିତି,
ପଞ୍ଚମ ସ୍ୱର ରେ ପୀକ,
ଉଚ୍ଚେ ରାବ ଦିଏ ଋତୁ ରାଜଙ୍କର
ଆଗମନେ ସର୍ବେ ଦେଖ ।

ଉପଢଉକନ ସମ୍ଭାର ରଖି,
ପ୍ରକୃତି ରାଣୀ ଯେ ସର୍ବ ପରଖି,
ଋତୁ ରାଜଙ୍କର ଆଗମନରେ,
ନମସ୍କାର କରେ ପତ୍ର ଛଳରେ,
ସୁଲଳତ ସର୍ବେ ଜାଣ,

ଭାଟ ହୋଇ କୁମ୍ଭାଟୁଆ ଯେ କହଇ
ଯଥା କୀର୍ତ୍ତି ର ବର୍ଣ୍ଣନ ।

ଗ୍ରହ ରାଜ କର୍ଣ୍ଣେ ପଡ଼ିଲା କଥା,
ସରଳ ପଥରେ କରି ବ୍ୟବସ୍ଥା,
ମହା ବିଷୁବ ରେ ସୂର୍ଯ୍ୟ କରଣ,
ଗ୍ଧରିଆଡେ ବିଛୁରିତ ଯେ ଜାଣ,
ମନ୍ଦ ମଳୟ ପବନ,
ଦେହେ ବାଜି ତନୁ ଆନମନା ହୁଏ
ଭାବରେ ଭାବ ଉଛନ୍ନ ।

ତାର ଆଗମନେ ପ୍ରାଣେ ବିଚନ୍ଦେ
ମୁଠା ମୁଠା ଫଗୁ ବିବିଧ ରଙ୍ଗେ,
ମନୋରମ ଛବି ଆଙ୍କିବ ସେ ଯେ,
ଚକତ ଇଛାର ପଲଙ୍କେ ସେଜେ,
ଅଶେଷ ଶାନ୍ତିରେ ଲୋଟି,
ହୃଦୟ କନ୍ଦର ପଲ୍ଲବୀ ଉଠଇ
ଦୁଃଖ ସହ କରେ କଟି ।

ବସନ୍ତ ଆସିବ ବହେ ଦକ୍ଷିଣା,
ମୃଦୁ ମୃଦୁ ବାଆ ମନକୁ କଣା,
ସବୁଜ ପତ୍ରରେ କୁହୁକ ଥରେ,
ସକଳ ନରାଶା ଯେ ଅପସରେ,
ଜଗାଇଛି ଉନ୍ମାଦନା,
ମଧୁର ଗନ୍ଧର ସୁନ୍ଦର ଛବିର
ବସନ୍ତ ଉଡାଏ ବାନା ।

ବଇଁଚୁଆ, ବାଲିଅନ୍ତା, ଖୋର୍ଦ୍ଧା

# କାର୍ଗିଲ ବିଜୟ ଦିବସ



ନଲେଶ କୁମାର ଭୋଇ

ମାନେ ପଡିଯାଏ କାର୍ଗିଲ ଯୁଦ୍ଧ'ର  ଭାରତ ସେନା'ର ବିରତ୍ୱ ଅଭୁଲ୍ କାହାଣୀ   ।
ଅନୁପ୍ରବେଶ କାରୀ ପାକସ୍ତାନ ସେନା ଯୁଦ୍ଧଆମନ୍ତ୍ରଣ କରିଥିଲ୍ ଲୁଚଛପି ପୁଣି   ।୧।

ହିମାଳୟ'ର ସୁଉଚ୍ଚ ଗିରିସୃଙ୍ଗେ ଥିଲ୍ ଶତ୍ରୁ ଦେଶର ସେନା ଛାଉଣୀ  ।
ଭାରତ ମାଁ'ର ବୀର ଯବାନ ତୋପମାଡରେ ପ୍ରମାଦ ଗଣିଲ୍ ଇସିଲ୍ମୀ ସେନା ପୁଣି  ।୨।

ଇସ୍ରାଏଲ ଦେଶ'ର ସହଯୋଗ କୁ  ଭୁଲିହେବ ନାହିଁ ସେ'ଅଟେ ଆମର ବନ୍ଧୁ, ଭ୍ରାତା ଦେଶ ।
ତାଙ୍କରି ସହଯୋଗୀ ତାରେ ପାକସ୍ତାନ ସେନା ହୋଇ ଗଲେ କେତେଯେ ବିନାଶ,  ।୩।

ପାକସ୍ତାନକୁ ସହଯୋଗ କରୁଥିଲ୍ ଇସିଲ୍ମୀ ଇଣ୍ଡୋନେସିଆ  ।
ଇସ୍ରାଏଲ ଦେଶର ବିରତ୍ୱ ଭୟରେ ଇଣ୍ଡୋନେସିଆ ମାଗିନେଲ୍ ପ୍ରାଣ ଭିକ୍ଷା  ।୪।

ଜୟରାମ ସିଙ୍ଗ'ଙ୍କ  ନେତୃତ୍ୱରେ ଭାରତସେନା କାର୍ଗିଲ ଯୁଦ୍ଧରେ ଜିଣିଲ୍ ।
ହିମାଳୟଶିରେ ଭାରତ ମାଁ'ର ସେହି ତ୍ରିରଙ୍ଗାବାନା ଫରଫର ଉଡିଲ୍   ।୫।

ଏହି ପବିତ୍ର ଜନ୍ମଭୂମିର ସୁରକ୍ଷା ନେବାରେ ଆସ ମୋପ୍ରିୟ ଭଉଣୀ ଭାଇ  ।
ବୀରତ୍ୱର ଗାଥା ଇତିହାସ ଗାନ  କରେ ଏହି ମୋ ପବିତ୍ର ଭାରତ ଭୂମି   ।୬।

କଟ୍ ବିଶ୍ୱ ବିଦ୍ୟାଳୟ ଛାତ୍ର(ବିଜ୍ଞାନ ବିଭାଗ)

# ସେଇ ଅନ୍ଧାର ରାତିରେ: ଭାଗ - ୪



ବିଜୟ କୁମାର ପଣ୍ଡା

ଏହା ଏକ ଧାରାବାହିକ କାହାଣୀ,
କାହାଣୀକୁ ସମ୍ପୂର୍ଣ୍ଣ ବୁଝିବା ପାଇଁ ପୂର୍ବଭାଗ ପଢ଼ିବାକୁ ଅନୁରୋଧ ।

### ଚତୁର୍ଥ ଭାଗ (୪)

ତୁମେ ଗଲା ପର ଦିନ କଥା ..। ମୋର ନିସଙ୍ଗତା ବଢ଼ି ବଢ଼ି ଯାଉଥିଲା, ଯଦିଓ ମିନୁ ମୋ ସାଥିରେ ରହେ କିନ୍ତୁ ତୁମର ଅନୁପସ୍ଥିତି ମୋତେ ଅନ୍ୟ ମନସ୍କ କରିଦେଉଥିଲା । ବେଳେ ବେଳେ ମିନୁ ମୋତେ ତମ କଥା ମନେପକେଇ ଚଡ଼ଉଥିଲା ।  ବୋଧେ ଛ ମାସ ବ୍ୟବଧାନ ପରେ ତୁମେ ସପ୍ତାହରୁ ଅଧିକ ଦିନ ପାଇଁ ଗାଁ କୁ ଯାଇଥିଲ ।

ସେଦିନ ଆମେ ଦୁଇଜଣ କଥା ହେଲା ବେଳେ ଲିପୁନ ଆମ ପଛପଟେ ଆସି କାନ୍ଥ ପାଖେ ଲୁଚ ଲୁଚ ଆମ କଥା ସବୁ ଶୁଣୁଥିଲା ।ଆମେ ଜାଣି ପାରି ତାକୁ ପ୍ରତିରୋଧ କରିବାରୁ ସେ ରାଗି କି ଆମକୁ କହିଥିଲା - "ସେ ଇଡିଏଟ ବୁବୁ ସହ ମିଶିବା  ବନ୍ଦ କରିଦେ ..ନହେଲେ କିଛି ଭଲ ହେବନି କହିଦେଉଛି "

ମୁଁ ତାକୁ ରୋକ ଠୋକ କହିଦେଲି "ମୁଁ କାହା ସହ କଥା ହେବି ନହେବି ତାହା ମୋର ଇଚ୍ଛା ..ମୋ ସ୍ୱାଧୀନତା ଉପରେ ତୁମର କୌଣସି ଅଧିକାର ନାହିଁ "। ତାର ପିଲାଳିଆମୀ ଦେଖି ମୋତେ ଯେତିକି ହସ ଲାଗିଥିଲା ସେତିକି କ୍ରୋଧ ବି ଆସିଥିଲା । ଦୂରରେ ତା ସାଙ୍ଗ ମାନଙ୍କ ସହ ଯାଇ କଣ ସବୁ ହୋ ହାଲ୍ଲା କରି ସେଠାରୁ ପଳେଇଥିଲେ ।

ତା ଦୁଇଦିନ ପରେ ସେ ମୋତେ ମୋର ଏକ ନୋଟ ମାଗିଥିଲା । ମୁଁ ବହୁତ ମନାକଲି ହେଲେ କ୍ଲାସ ସରିବା ପୂର୍ବରୁ ସେ ଜେରେକ୍ସ କରି ଫେରେଇଦେବ ବୋଲି ନେଇଗଲା । ଫେରାଇଲା ବେଳେ କହିଲା "ତମେ ମୋତେ ନୋଟ ଦେଇ ସାହାଯ୍ୟ କରିଲ, ମୁଁ ତୁମ ପାଇଁ ଛୋଟ ଗିଫ୍ଟ ଟିଏ ଆଣିଛି । ନିଅ.. ଦୟାକରି ମନା କରିବନି । "

ମୁଁ ଗ୍ରହଣ କରିଲିନାହିଁ । ସେ ରାଗି ପଳେଇଲା । କିନ୍ତୁ ନୋଟ ଭିତରେ " I Love You" ଲେଖା କାଗଜଟିଏ ରଖି ଦେଇଥିଲା । ମୁଁ ଘରକୁ ଗଲାପରେ ଦେଖିବାକୁ ପାଇଲି । ତାର ଚାରିଦିନ ଯାଏଁ ମୁଁ ଆଉ କଲେଜ ଆସିଲିନି । ପର ସପ୍ତାହରେ ଆସି ଡିନ କୁ କମ୍ପ୍ଲେନ କରିଦେଲି ।

ସେଦିନ କ୍ଲାସରେ ଅନ୍ୟଦିନ ମାନଙ୍କ ଭଳି ମୁଁ ନ ଲଞ୍ଚ ସମୟରେ ବାହାରିଲି ଟିଫିନ ବକ୍ସ ଧରି କମନ ରୁମ ଆଡ଼କୁ । ଅନେକ ବର୍ଷ ପରେ କାହିଁକି ପ୍ରଥମ ଥର ପାଇଁ ମୋ ମନରେ ଜୀବନ ଦର୍ଶନ ଭାବନା ଜାତ ହୋଇଉଠିଥିଲା ।ଏଇ ରକ୍ତମାଂସ ଧାରୀ ମଣିଷ ଭିତର ଶ୍ରୀରା ପ୍ରଶିରାରେ କେତେବେଳେ ଯେ କେମିତି ଭାବନା ଉଦ୍ରେକ ହୁଏ !! ସେଦିନ ତୁମ ଚେହେରା ଆଖି ଆଗରେ ନାଚ ଯାଉଥିଲା । ତୁମ ସହ ଥିଲା କିଛି ଅକୁହା ସମ୍ପର୍କ ଯାହା କେବଳ ଆମେ ଦୁହିଁଙ୍କୁ ଜଣାଥିଲା ।

ସେଇ ଅଳ୍ପଦିନର ସମ୍ପର୍କରେ ନା ତୁମେ ମାଗିଥିଲ କିଛି ନା ମୁଁ । ସେ ସମ୍ପର୍କରେ କିଛି ନାଁ ନଥାଇ ବି ହୃଦୟକୁ ଛୁଇଁଲା ଭଳି ଅତି ଆପଣାର ଥିଲା ଭାଇ ।

ଏତିକ କହି ବେହୋସ ହେଇ ଯାଇଥିଲା ମିନୁ ।

ପକ୍ଷୀ ଉଡ଼ି ଯାଇଥିଲା ନିଡ଼କୁ ।

ରାତି ଅନେକ ହୋଇ ଯାଇଥିଲା । ମିନୁର ଘର ଲୋକେ ମିନୁକୁ ଖୋଜି ଖୋଜି ଆସି ପହଞ୍ଚି ଯାଇଥିଲେ ।

(କ୍ରମଶଃ... ପଞ୍ଚମ ଭାଗରେ)

ସମ୍ପାଦକ "କନକପ୍ରଭା"
ସବଙ୍ଗ, ସିମୁଳିଆ, ବାଲେଶ୍ଵର

# ମୋ ସାଙ୍ଗ
# ମାମିନା(ସୁଭଦ୍ରା)



ସଙ୍ଗୀତା ମହାନ୍ତି

ମୋ ସାଙ୍ଗଟିର ନାମ ମାମିନା
ଦିନେ ନ ଦେଖିଲେ ମତେ ଭଲ ଲାଗେନା
ସେ ମୋର ସକାଳର ଆଇନା
ତା ସାଥେ କଥା ନହେଲେ ମନ ମୋର ବୁଝେନା
ତା ପରି ସାଥିଟିଏ ପାଇଛି କେତେ କରି ସାଧନା
ତା ପାଇଁ ମୋ ମନେ କେତେ ଭାବନା
ମୋର ପ୍ରଭୁଙ୍କ ପାଖେ ଏତିକି କାମନା
ଆମ ସମ୍ପର୍କରେ ଥାଉ ମଧୁର ବାସନା
ମନରେ ନାହିଁ ତାର ଛନ୍ଦ କପଟ
ସେ ଝିଅଟି ଭାରି ନିଷ୍କପଟ
ଝିଅଟିଏ ସେ ବାପ ମାଁଙ୍କର
ହେଲେ ବୋହୂ ହବ ସେ ଆଉ କାହାର
ବାପା ଆଉ ମା ତାକୁ କରିବେ ସାତ ପର
ସେ ତୋଳବ ଯାଇ ତା ଘର
କେତେ ଅଲିଅଳ ରେ ସେ ବଢିଥିଲା
ବାହାଘର ପରେ ତାର ସବୁ ସରିଲା
ବାପ ଘରେ ସବୁ ଖୁସି ଥାଏ ଝିଅର
ଶାଶୁ ଘର ଗଲେ ସବୁ ହେଇଯାଏ ଦୂର
ଦିନେ ହେଲେ ଘରେ ସେ କାମ କରେନାହିଁ
ଶାଶୁ ଘରେ କେମିତି ଚଳବ ସେ ଜାଣିନାହିଁ
କେମିତି ଚଳବ ମୋ ସାଙ୍ଗଟି
ଭାବି ଭାବି ଦୁଃଖ ହୁଏ ମୋ ମନଟି ॥

ତୁଳସୀପୁର, ମଠସାହି

# ବିଶ୍ୱାସ



ଚୈତନ୍ୟ ବାଗ

ତିନୋଟି ଅକ୍ଷର ର ମଧୁର ମିଳନ,
ଆଜିର ଦୁନିଆ ରେ ପଡେ ମଳନ ।।

ସମ୍ପର୍କ ରେ ଆଜି ଆଉ ନାହିଁ ବିଶ୍ୱାସ,
ମୁହୁର୍ତ ରେ  ଦେହ ଛାଡ଼ି ଗ୍ଭଲି ଯାଏ ନିଶ୍ୱାସ ।

ବାପା କରି ଥାଏ ପୁଅ ଉପରେ ଭରଷା,
ମୋ ବୃଦ୍ଧା କାଳରେ ହବ ରେ ସାହା ।

ସ୍ତ୍ରୀ ର ବନ୍ଧନ ରେ ପୁଅ ହୋଇଥାଏ ବାନ୍ଧି,
ବାପା କୁ ଦେଇ ପାରେ ନାହିଁ ଖାଦ୍ୟ ଦୁଇ ମୁଠି ।

ମାଆ ଭ୍ଭଲେ ମୋ ଝିଅ ହୋଇବ ସୁନା ନାଖି,
ଇଜତ  ମହତ କୁ ରଖିବ ସାଇତି ।
ଅଚହ୍ନା ପୁଅ କୁ ପ୍ରେମ କରି ଦିନେ
ମା କୁ ଝିଅ ଦିଏ ଠକ ।।

ପ୍ରେମିକ କରି ଥାଏ ପ୍ରେମିକା ଉପରେ
  ଅନ୍ଧ ପରି ବିଶ୍ୱାସ ଦିନେ ,
ପ୍ରେମିକା ଗ୍ଭଲିଯାଏ ପ୍ରେମିକା କୁ ଗ୍ଭଡ଼ି
  ଲୁହ ଭରି ତା' ଜୀବନେ ।।

କାହା ଉପରେ ଅବା ଭରଷା କରିବ
ସମସ୍ତେ ଏଠୀ ପର,

ସ୍ୱାର୍ଥ ସରିଗଲେ ଛାଡ଼ି ଗ୍ଲଲି ଯିବେ
ଏକା କରି ଜାଜାବର ।

ଥକ ଗଲ୍‌ପରେ ଜୀବନ ଗ୍ରସ୍ତା ରେ
ମରଣ ନୁହଇ ପଥ ଶେଷ ।

ହାରି ଯାଅ ପଛେ ଜୀବନ ସଂଗ୍ରାମ
ନଜ ଉପରେ କର ବିଶ୍ୱାସ। ।

# ବୃକ୍ଷ



ଦେବାର୍ଚ୍ଚନ ମେହେର

ନିଜେ ବଞ୍ଚିବା ପାଇଁ ହେଲେ
ବୃକ୍ଷ କୁ ବଞ୍ଚିବାକୁ ହେବ,
ତେଣୁ ବୃକ୍ଷ ରୋପଣ ପ୍ରତି
ନିଜ କର୍ତ୍ତବ୍ୟ ବୋଲି ମାନିନେବ। -୧

ବୃକ୍ଷ ନୁହେଁ ସେ ଜୀବନ ଆମର,
ତା ପାଇଁ ଆଜି ଚାଲେ ସଂସାର। -୨

ଚାଲୁ ଥାଏ ବାଟେ ବାଟୋଇ
ଗ୍ରୀଷ୍ମ କାଳର ପ୍ରଖର ଖରା,
ଦେହକୁ ସହି ନ ପାରଇ
ଧାଇଁ ଯାଇ ବୃକ୍ଷ ମୂଳେ ଶାନ୍ତି ପାଇ। -୩

ବୃକ୍ଷ କେବେ ନୁହୋଇ ଛୋଟ
ତା ପାଇଁ ଆଜି ଜଗତ ଜୀବିତ,
ପକ୍ଷୀ ଗଣ ଯେତେ
କରନ୍ତି ବୃକ୍ଷେ ବାସ ଏତ ସତ। -୪

ବୃକ୍ଷ ପ୍ରତି କେତେ ଔଷଧୀୟ ଗୁଣ ରହିଛି ଭରି,
ତାକୁ ଏଠି ନ ପାରି ଚିହ୍ନି ଚେର ରୁ ଦିଅନ୍ତି ମାରି। -୫

ବୃକ୍ଷ ରୁ ପାଇ ଥାଉ ଆମେ କେତେ ଦରବ,
ଖରା, ବର୍ଷା, ଶୀତ ସହି ଆମ ପାଇଁ ରୁହଇ ନୀରବ । -୨

ଧନ୍ୟ ତୁମ ମହିମା
ବୃକ୍ଷ ପରି ନାମ ପାଇ,
ବନ୍ଧୁ ପରି ବନ୍ଧୁ ଟିଏ ତୁମେ
ତୁମ ପାଶେ କରନ୍ତି ବାସ ସମସ୍ତେ ଯାଇ । -୨

ବାପୁଜୀନଗର
ବୌଦ୍ଧ

# ମାଗୁଣି ରଖ ଦୟାମୟ

ଧରିତ୍ରୀ ଦାସ

ଆସଗୋ ବଉଳ ଆସ ସଙ୍ଗାତ
ଏକଣ୍ଠ ଗାଇବା ଭକ୍ତି ସଙ୍ଗୀତ।
ହରିଙ୍କ ପୟରେ କରି ପୀରତି
ଗାଇବା ତାଙ୍କର ଭଜନ ନତି।
ମଙ୍ଗଳ ମନାସୀ ଯିବା ସରବେ
ରଖିବା ଜାତିର ମାନ ଗରବେ।
ଦୟାର ସାଗର ଦୟା କରିବେ
ଅନ୍ୟାୟ ଅନୀତି ଦୂରେଇ ଦେବେ।
ଦେଶଟି ଆମର ଧନ୍ୟ ହୋଇବ
ନାରୀଙ୍କୁ ଜନନୀ ସମ ମଣିବ।
ପୁରୁଷ ସହିତ ନାରୀ ମିଶିବେ
ଉଚତ ସମ୍ପର୍କ ସର୍ବେ ଗଢିବେ।
ବୈକୁଣ୍ଠ ସମାନ ଦେଶ ଆମର
ହୋଇବ ବିଶ୍ୱରେ ସେହି ସୁନ୍ଦର।
ଲଜ୍ଜାଟି ନାରୀର ହେବ ଭୂଷଣ
ଦୂରେଇ ଯିବରେ ତାର କଷଣ।

ଦେଶକୁ ଆମର ଘଣ୍ଟ ଘୋଡାଇ
ରଖିବେ ସର୍ବଦା ସେହି କହ୍ନାଇ।
ଆସଗୋ ବଉଳ ମିଳ ସରବେ
ପୁଜିବା ତାହାଙ୍କୁ ବସି ନରବେ।
ଗୁହାରୀ କରିବା ତାଙ୍କ ପୟରେ
ଚଳାଇ ନେବେ ସେ ସତ ପଥରେ।
ସରବେ ବଞ୍ଚିବା ହୋଇ ନର୍ଭୟ
ଏହି ମାଗୁଣି ଘେନ ଦୟାମୟ।

ଗ୍ରାଉତର୍ ପୁର, ପହଙ୍ଗା, ଯାଜପୁର

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନତା ପଣ୍ଡା

## କୃତକାର୍ଯ୍ୟର ଆନନ୍ଦ:- (କୃତକାର୍ଯ୍ୟଙ୍କୁ ଅଭିନନ୍ଦନ)'

କୃତୀ ପ୍ରତିଯୋଗୀଟି ହେଉଛନ୍ତି ଏକ ବିଜି ପରସ୍ନାଲିଟି । ବହୁ କଷ୍ଟରେ ସେ ରବିବାର ଦିନ ନିଜପାଇଁ କିଛିଟା ସମୟ ବାହାର କରି ପାରନ୍ତି । ଅନ୍ତରଙ୍ଗ ମାନଙ୍କ ପାଇଁ ସେଇଥିରୁ କିଛି । ପ୍ରାୟ ମାସକ ପରେ ରବିବାରଟିଏ ସ୍ଥିର ହୋଇ ପାରିଥିଲା । ଆମ ବଗିଚାଟା ଖୁବ୍ ପ୍ରସସ୍ତ । ସେଇଠି ଏକ ଲଞ୍ଚ ପାର୍ଟିର ଆୟୋଜନ କରାଇଥିଲି । ପରିବାର ସଦସ୍ୟ ମାନଙ୍କର ବିରକ୍ତି । ଅକୃତ କାର୍ଯ୍ୟ ହୋଇ କିଏ କ'ଣ ପାର୍ଟି ଦେଇଥାଏ! ଏଇଟା ଇତିହାସରେ ଲିପିବଦ୍ଧ ହୋଇ ରହିବ । ପୁଅ କହିଲା "ଏଇ ପଇସା ଇଲେକସନ୍ ସମୟରେ ଖର୍ଚ୍ଚ କରିଥିଲେ ଅନ୍ତତଃ ଆଉ କେଇଟା ଭୋଟ୍ ଅଧିକା ମିଳି ଯାଇଥାନ୍ତା । ଏଇଟା ଲେନ୍ ଦେନ୍ ଦୁନିଆ ମା' । ଏ ହାତରେ ଦିଅ, ସେ ହାତରେ ନିଅ ।"

ଅଳ୍ପ ହସି କହିଲି, "ବଡ଼ ହୋଇ ଗଲୁଣି" ।

ସହକର୍ମୀ ମାନଙ୍କର ଟିପ୍ପଣୀ "ଅକୃତକାର୍ଯ୍ୟ ହୋଇ ପାର୍ଟି" । ଆଜିର ପାର୍ଟି ମୋ'ର ଜଣେ ପୁରୁଣା ଛାତ୍ରଙ୍କର ପ୍ରଗତିକୁ ନେଇ । ତେଣୁ ଏଠାରେ କୃତକାର୍ଯ୍ୟ, ଅକୃତକାର୍ଯ୍ୟର ପ୍ରଶ୍ନ କାହିଁକି ଉଠୁଛି ।

ଆଉ ଜଣକର ମନ୍ତବ୍ୟ "ଆପଣଙ୍କ ହୃଦୟ କେତେ ବଡ଼ ମାମ୍ । ଅନ୍ୟମାନଙ୍କ ପାଇଁ ଆପଣ କେତେ ଚିନ୍ତା କରନ୍ତି! ହେଲେ ଆଜିକାଲିର ଦୁନିଆ, ପୁରାପୁରି ସ୍ୱାର୍ଥପର ।"

ଖୁସି ଦିନରେ ଏମିତି ଗୁଡ଼ାଏ ଅପ୍ରୀତିକର ଶବ୍ଦର ବ୍ୟବହାର କରି ଆମେ ପରିସ୍ଥରକୁ ଦୂଷିତ କରିବାଟା ଉଚତ୍ ହେଉନ । ଛାତ୍ର ଉପରକୁ ଉଠିଲେ ଶିକ୍ଷକର ଗର୍ବ ।

## ଆତ୍ମଜୀବନୀ ପାଇଁ ଅନୁରୋଧ:-

ସେଦିନ ଅଫିସ୍ ଭିତରେ ପହଞ୍ଚି ଜାଣିବାକୁ ପାଇଲି ମୋ' ପାଇଁ ଜଣେ ଅଳ୍ପ ବୟସ୍କା ଭଦ୍ରମହିଳା ବହୁ ସମୟ ଧରି ପ୍ରତୀକ୍ଷା କରିଛନ୍ତି । ଭିତରକୁ ପଠାଇବା ପାଇଁ ଅନୁମତି ଦେଲି । ମୋ' ହାତରେ ନିଜର ଭିଜିଟିଙ୍ଗ୍ କାର୍ଡ଼ ଖଣ୍ଡକ ଧରାଇ କହିଲେ, "ମୁଁ ମନୀଷା, ଲେଖାଲେଖି ପ୍ରତି ବେଶୀ ଆଗ୍ରହ । ତେଣୁ ଜର୍ଣ୍ଣାଲିଜମ୍ କୋର୍ସ କରି ତାକୁ ମୋ'ର ବର୍ତ୍ତମାନର ପେସା ରୂପେ ଧରି ନେଇଛି । ଆପଣଙ୍କ ବିଷୟରେ ବହୁ କିଛି ତଥ୍ୟ ସଂଗ୍ରହ କରିଛି । ଯାହା ସବୁ ମୁଁ ଦୁନିଆକୁ ଜଣାଇ ଦେବାକୁ ଚାହେଁ । ଆପଣଙ୍କ ଅନୁମତିର ଅପେକ୍ଷାରେ ଅଛି ।"

"କ'ଣ ଅନୀତି, ଭ୍ରଷ୍ଟାଚାର, କଳାଧନ୍ଦା, ରିସ୍ୱତ ଇତ୍ୟାଦି । ସେଥିପାଇଁ ମୋ' ମତାମତର କ'ଣ ଆବଶ୍ୟକ! ସତ୍ୟକୁ ପ୍ରତ୍ୟକ୍ଷକୁ ଆଣିବା ତ ଜର୍ଣ୍ଣାଲିଷ୍ଟ ମାନଙ୍କର କର୍ତ୍ତବ୍ୟ । ଗୋ ଆହେଡ୍..."

ଥାଙ୍କସ୍ ଏ ଲଟ୍ ମାମ୍... ଆଉ ଗୋଟାଏ ଅନୁରୋଧ...

କୁହ –

ଅନ୍ୟଜଣେ ଯେତେ ମାର୍ଜିତ କରି ଲେଖିଲେ ମଧ୍ୟ ନିଜ ବିଷୟରେ ଜଣେ ନିଜେ ଖୁବ୍ ଭଲ କରି ଲେଖି ପାରିଥାଏ, ତା'ର କାରଣ ହେଲା ପ୍ରକୃତ ଅନୁଭବ ।

କିଛି ବୁଝିପାରିଲିନି ମନୀଷା । କେଉଁ ଲେଖା ବିଷୟରେ କହୁଛ?

କହୁଥିଲି ଆପଣ ନିଜେ ନିଜର ଆତ୍ମଜୀବନୀ କାହିଁକି ଲେଖୁ ନାହାନ୍ତି? ଖୁବ୍ ମର୍ମସ୍ପର୍ଶୀ ହେବ । ତା'ଛଡ଼ା କେତେ ଯେ ଯୁବଗୋଷ୍ଠୀ ତାହା ଦ୍ୱାରା ବାସ୍ତବରେ ପ୍ରଭାବିତ ହେବେ ତା'ର କଳନା ନାହିଁ ।

ଆତ୍ମଜୀବନୀ?? ମୋ'ର ଆତ୍ମଜୀବନୀ??? ଆତ୍ମଜୀବନୀ କେବଳ ବିଶିଷ୍ଟ ବ୍ୟକ୍ତି ମାନଙ୍କର ଲେଖାଯାଏ, ଯାହାଥିରୁ ସମାଜ କିଛି ଶିକ୍ଷଣୀୟ ବସ୍ତୁ ଆହରଣ କରି ପାରିଥାଏ ।

ଠିକ୍ କହୁଛନ୍ତି, ସେଇଥିପାଇଁ ତ ଆପଣଙ୍କୁ ମୁଁ ଆନ୍ତରିକ ଅନୁରୋଧ କରୁଛି । ଆପଣ ନିଜର ବିଶିଷ୍ଟତା ଅନୁଭବ କରି ପାରୁ ନାହାନ୍ତି । ମୁଁ ଯେତିକି ଆପଣଙ୍କ ଜୀବନୀ ବିଷୟରେ

ଜାଣିଛି ତାହା ମଧ୍ୟ, ଅତୁଳନୀୟ ।

ନା ମନୀଷା, ଆତ୍ମଜୀବନୀ ଲେଖିବା ଏତେ ସରଳ ନୁହେଁ । ତା'ର କାରଣ ହେଲା,

ସମସ୍ତ ସତ୍ୟ ଘଟଣା ଲେଖିବା ଅସମ୍ଭବ, ମିଥ୍ୟା ଲେଖିବା ମହାପାପ । ମୋ' ମୁହଁକୁ ଚାହିଁ ବସିବା ସ୍ଥାନରୁ ଉଠି ପଡ଼ିଲା ମନୀଷା, "ଏ ବିଷୟରେ ଭଲ କରି ଥରେ ଚିନ୍ତା କରନ୍ତୁ ମାମ୍। ଆପଣ ନିଜର ଷ୍ଟୁଡେଣ୍ଟ ମାନଙ୍କୁ ବହୁ ହୋମୱାର୍କ ଦେଉଥିବେ । ଧରିନିଅନ୍ତୁ ମୋ' ତରଫରୁ ଏହା ଆପଣଙ୍କ ପାଇଁ ଏକ ହୋମୱାର୍କ ।" ନମସ୍କାର ଜଣାଇ ବିଦାୟ ନେଲା ମନୀଷା ।

## ପ୍ରତୀକ୍ଷାର ଫଳ ମିଠା - ୩୧.୧୦.୨୦୦୯

ଉପସଭାପତି ନିର୍ବାଚନ ପାଇଁ ଆମେ ତିନିଜଣ ପ୍ରାର୍ଥୀଥିଲୁ । ମତେ ବାଦ୍ ଦେଲେ ଜଣେ ଦକ୍ଷିଣ ଏବଂ ଅନ୍ୟଜଣେ ପୂର୍ବରୁ । ଦକ୍ଷିଣ ପ୍ରାର୍ଥୀ ଜଣକ ମୋ'ଠାରୁ ନିଶ୍ଚିତ ଭାବେ ବଡ଼ । ତାଙ୍କ ସହ ପ୍ରତିଦ୍ୱନ୍ଦୀତା ଅର୍ଥାତ୍ ତାଙ୍କ ସମ୍ମାନ ପଦକୁ ଅପମାନ ଦେବା । ଡାଃ ଶଯ୍ୟା ତାଙ୍କର ବହୁ ନିକଟତମ । ତାଙ୍କୁ ଫୋନ୍ ମିଳାଇଲି "ମୂର୍ତ୍ତୀ ଗାରୁ ନିର୍ବାଚନ ପାଇଁ ନିଶ୍ଚିନ୍ତ ଭାବେ ପ୍ରତିଦ୍ୱନ୍ଦୀ ତ? ସେମିତି କିଛି ସନ୍ତୋଷଜନକ ଉତ୍ତର ନ ଦେଇ ସେ ମୂର୍ତ୍ତୀଗାରୁଙ୍କର ନିଜୀ ମୋବାଇଲ୍ ନମ୍ବରଟି ମତେ ଦେଲେ । ସମୟ ବହୁତ କମ୍ ପାଞ୍ଚଟା ପୂର୍ବରୁ ନାମ ପ୍ରତ୍ୟାହାର କରାଯାଇ ପାରେ । ତିନି ଚାରି ଥର ମୂର୍ତ୍ତୀ ଗାରୁଙ୍କୁ ଫୋନ୍ ମିଳାଇବାକୁ ଚେଷ୍ଟା କରି ହତାଶ୍ ହେଲି । ସତକୁ ସତ ଧର୍ମ ସଂକଟରେ ପଡ଼ିଗଲି । ଯଦି ମୂର୍ତ୍ତୀ ଗାରୁ ଉଇଥ୍ ଡ୍ର ନ କରୁଥିବେ ମୁଁ ମୋ'ର ବ୍ୟକ୍ତିତ୍ୱ ପାଖରେ ଦୋଷୀ ହୋଇ ଚିରଦିନ ପାଇଁ ରହିଯିବି । ଅର୍ଥାତ୍ ଅନ୍ୟମାନଙ୍କ ସଦୃଶ ମୁଁ ମଧ୍ୟ ସମ୍ମାନୀୟଙ୍କୁ ସମ୍ମାନ ଦେବା ଶିଖିନ । ଯଦି ମୁଁ ନିଜେ ଉଇଥ୍ ଡ୍ର କରିନିଏ ଆଉ ସେ ମଧ୍ୟ ଉଇଥ୍ ଡ୍ର କରିଥାନ୍ତି... ତେବେ? ମୁଣ୍ଡ ଭିତରଟା

ଗୋଳମାଳ ହୋଇଗଲା । ସମୟ ଗ୍ୟରିଟା ବାଜି ତିରିଶ୍ ମିନଟ୍, ଆଉ ଥରେ ଫୋନ୍ ମିଳାଇବାକୁ ଚେଷ୍ଟା କଲି । ଅନ୍ୟପଟୁ ମୂର୍ତ୍ତୀ ଗାରୁଙ୍କର ଜବାବ, "ହେଲୋ ମାଡ଼ାମ୍ ।"

"ଆର୍ ଇଉ ସିରିୟସ୍ ସାର୍ । ଇଫ୍ ସୋ ଆଇ ଉଇଲ୍ ଉଇଥ୍ ଡ୍ର ।"

"ସେ ଭୂଲ୍ କରନ୍ତୁନ ମାଡ଼ାମ୍ । ଆପଣ ସିଓର ଉଇନଂ ପ୍ରାର୍ଥୀ ଆମେ ସବୁ ଗୌଣ ଲିଷ୍ଟରେ ।"

ମୂର୍ତ୍ତୀ ଗାରୁଙ୍କ ସଂଗେ ପନ୍ଦର ମିନଟ୍ ବାର୍ତ୍ତାଳାପ କରିଥିଲେ ମଧ୍ୟ ମୋ' ମନ ମାନିଲାନି । ଜଲ୍‌ଦି ଜଲ୍‌ଦି ଉଇଥ୍ ଡ୍ର ପାଇଁ ଦୁଇ ଲାଇନ୍ ଗାରେଇ ଦେଇ ଓ୍ୱାର୍ଡ଼ ଆଟେଣ୍ଡାଣ୍ଟ ହାତରେ ଅଫିସ୍ ପଠାଇଦେଲି । ଅଫିସ୍‌ରେ ପହଞ୍ଚିଛି ଜାଣିଲା ପରେ ସ୍ୱସ୍ତିର ନିଶ୍ୱାସ ମାରିଲି ।

୨.୧୧.୨୦୦୯ –

ଅଫିସ୍‌ରେ ବସିଥିଲି । ଆଟେଣ୍ଡାଣ୍ଟ ହାତରେ ଗୋଟିଏ ଲଫାପା ଧରାଇଲା । ଖୋଲି ଦେଖିଲି ନିର୍ବାଚନ ସମ୍ବନ୍ଧୀୟ । ତିନିଜଣ ପ୍ରତିଯୋଗୀ - ସେଥିରେ ମୋ' ନାମ ମଧ୍ୟ ଅଛି । ଆଶ୍ଚର୍ଯ୍ୟ... ଉଇଥ୍ ଡ୍ର ଲେଟର୍ ଦେଲା ପରେ ମଧ୍ୟ ନାମ ରହିଛି ନିଶ୍ଚୟ କିଛି ଗୋଟାଏ ରହସ୍ୟ ଲୁପ୍ତ ରହିଛି । ଯେଉଁ ଅଫିସ୍ ମୋ' ନିଜ ଦସ୍ତଖତକୁ ଅନ୍ୟ ଭିତରେ ଫର୍ଜରୀ କହି

ମୋ' ଫର୍ମ ରଦ୍ଦ କରି ଦେଇଥିଲା । ନାମ ଫେରସ୍ତ ଅନୁରୋଧକୁ ମଧ୍ୟ ଗ୍ରହଣ କଲାନି । ନିଜ ଅଫିସ୍‌ରୁ ବାହାରି କରିଡ଼ରରେ ପଦଗ୍ୟରଣ କରୁଥିଲି । ଅନ୍ୟ ଏକ ଅଫିସ୍ କ୍ଲର୍କଙ୍କର ମୋ' ଉପରେ ନଜର ପଡ଼ିଲା । କହିଲା, "ମୁଁ ଖୁବ୍ ଦୁଃଖୀତ ମାଡ଼ାମ୍" ।

କ'ଣ ହେଲା? ଆବେଗର ସହ ପ୍ରଶ୍ନ କଲି ।

ମୁଁ ଛୁଟୀରେ ଥିଲି । ଆପଣଙ୍କ ୩୧ ତାରିଖର ଚିଠିଟି ଭୂଲ୍‌ରେ ଆମ୍ଭା ରୁମ ଆମ ଅଫିସ୍‌ରେ ଦେଇ ଯାଇଛି, ମୁଁ ଚିଠିଟିକୁ ଆଜି ଦେଖିଲି । ସଂଗେ ସଂଗେ ଏ.ଆଇ.ଓ.ଏସ୍ ଅଫିସ୍‌କୁ ପଠାଇ ଦେଉଛି ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ଭକତ



ନବ କୁମାର ଦାସ

ଭକତ ସାଜିଲେ ଭକତି ଅନ୍ତରେ
ପାଇବୁ ଗୋବିନ୍ଦ ହରି
ଅଭକ୍ତର ବେଶ ନୁହେଁରେ ସାହସ
କରିଦେବ ତୋତେ ପାରି

ଯୁଗେ ଯୁଗେ ଭକ୍ତ ଦୁଃଖରେ ପୀଡିତ
କାଟିଛି ସିନା ଜୀବନ
ଜୀବନର ଶେଷ ଆନନ୍ଦ ଅଶେଷ
ଦିଅଇ ଜଗ ମୋହନ


ତିକ୍ତ ଖାଦ୍ୟ ସିନା ପାଟିକୁ ରୁଚେନା
ଦେହ କୁ ହିତ ଟି ଜାଣ
ଭକତର ରୂପ ଅଟଇ ଅମାପ
ଦୁଃଖ ହୁଏ ସବୁ କ୍ଷୀଣ

ସେ ଅଟେ ଭକତ ବୋଲ୍ଏ ଜଗତ
ଯାର ଲୋଭ ମୋହ ନାହିଁ
ସଭିଙ୍କ ସ୍ୱାର୍ଥରେ ସଭିଙ୍କ ହିତରେ
ତାର ଲକ୍ଷ୍ୟ ରହିଥାଇ

ଭକତ ର ହସ୍ତ ଭକତର ଚକ୍ଷୁ
ନେତ୍ର ନାସା କର୍ଣ୍ଣ ଜିହ୍ୱା
ହରି ବିଶ୍ୱାସରେ ଶୁଭ କରମରେ
ମରମ ଚନ୍ଦନ ଯାହା

ବାଲିଆପାଳ, ବାଲେଶ୍ୱର

# ବିଜୁବାବୁ



ଅଜିତ ପାଢ଼ି

୧. ମରିଚକା ମଧ୍ୟେ ମଞ୍ଜି ବୁଣିଦେଲ
ଜାଗ୍ରତ ପ୍ରହରୀ ଅଟ ତୁମେ ସେହି,
ନୂଆପଡା ଜିଲ୍ଲା ଗଢିଲ ।
ଶତ ଜନଙ୍କର ମନ ତୋଷିନେଇ
ପ୍ରବାଦ ପୁରୁଷ ମଣିଲ ।

୨. ବିଦେଶ ଗମନେ ଯାଇଥିଲେ ତୁଏ,
ଦୁଃସାହସିକ କାମ କଲ ।
ଇଣ୍ଡୋନେସିଆର ମନ ତୋଷିନେଲ
"ଭୂମିପୁତ୍ର" ତୁମେ ହେଲ ।
"ରତ୍ନ"ଟିଏ ଅଟ ହେ ! ବିଜୁବାବୁ
ବିଶାଳ ତୁମ ହୃଦୟ ।
"ଉତ୍କଳ ଦିବସେ" ନୂଆପଡା ଆସି
ହେଇଅଛ ତୁମେ ଉଦୟ ।

ଘାସିରାମ ମାଝୀ ହାଇସ୍କୁଲ୍, ନୂଆଗାଁ

# ଦୁର୍ଲ୍ଲଭ ଦୃଶ୍ୟ



ଖଗେଶ୍ୱର ବାଗ

ଜଗତେ ଜୀବିତ ନାନା ଦୃଶ୍ୟ ଆଜି
ଲୋକଲୋଚନକୁ ଆସେ
ପରକୃତି ରୀତି ଅବମାନନା କ
ଆସେ କେଉଁ ଅଭିଳାଷେ ।।
ପିତା କାନ୍ଧେ ପୁତ୍ର ଶବ ଯାତ୍ରା ଦେଖ
ସତେ କ କରିଛି ଅଳ
ବିଜୟେ ବିଜୟଉଲ୍ଲାସ ବଦଳେ
ନୀରବତା ଯାଏ ଖେଳ ।।
ଜନକ ଜୁଇରେ ମୁଖାଗ୍ନି ଝିଅର
ମାତା କାନ୍ଦେ ନ୍ୟାୟ ପାଇଁ
ନବ ଯୁବତୀ ଯେ ନିତି ବିବସନା
ସତେ ଅଭିଶାପ ପାଇ ।।
ଜନନୀ ପିଅର ବୃଦ୍ଧ ଆଶ୍ରମରେ
ଭାଗ୍ୟ ଦୋଷାରୋପ କରି
ପୁଅ ପ୍ରିୟା ପ୍ରୀତି ଫାଶରେ ଆବଦ୍ଧ
ଜଞ୍ଜାଳେ ଚକ୍ରାର କରି ।।
ଶିଶୁ ଲେଖେ କେତେ ଉପଦେଶମାନ
ବୃଦ୍ଧ ପରିଣୟ କଥା
ନତ୍ୟ ଲେଖା ଝରେ ଯୁବକ ତରୁଣୀ
କଲମୁ ଶିଶୁକବିତା ।।

ବାହା ହୋଇ କା'ର ଗରଭେ ସନ୍ତାନ
ବରଷ ଯେ ବିତି ଯାଏ
କୁଆଁରି ଚପଳା ଛୁଆ ଜନ୍ମ କରି
ଖୋଜେ ନିଜ ପତି କିଏ ।।
ରାଜ କର୍ମଚାରୀ ବେତନକୁ ଭରି
ସଲାଜରେ ଭିକ ମାଗେ
ଦୀନ ମୂଲିଆ ବି ଏତେ ଦାନୀ କାହିଁ
ନୀତି ବିରୁଦ୍ଧରେ ଭାଗେ ।।
ଧମନୀ ରୁଧୀର ନିରଗତ ହୁଏ
ଶ୍ରମେ ସ୍ୱେଦବିନ୍ଦୁ ହୋଇ
ତଥାପି ରଇତ ବିଷ ପିଇ କରେ
ଆତ୍ମହତ୍ୟା କାହିଁ ପାଇଁ ।।
ସର୍ବତ୍ର ଆସଇ ଦୃଷ୍ଟିଗୋଚରକୁ
ଦୁର୍ଲ୍ଲଭ ଦୃଶ୍ୟ ଅଶେଷ
ଲାଗେ ଖେଦ ରାଗ ପାଇଅଛି ଭାଗ
ଜୀବନର ଅବଶୋଷ ।।

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

# ପୁରୁଷ ବି କାନ୍ଦିପାରେ



ଅର୍ପିତା ଦାସ

କେବେ ଦେଖିଚକ ପୁରୁଷ ଆଖିରେ ଲୁହ
ସେ ବି କାନ୍ଦିପାରେ
ପ୍ରେମ ଆଉ ସ୍ନେହର ଅଭାବରେ
ସଂସାର ଚଳେଇବାର ବୋଝନେଇ
ସେ ବି ହେଇପଡେ ଭାରାକ୍ରାନ୍ତ
ସେ ବି ଅର୍ଥର ଅଭାବରେ କେତେ କାନ୍ଦିଥିବ
କାହାକୁ ନ ଜଣେଇ
ଗୃକରି ଖୋଜାରେ ଘୋରିଥିବ କେତେ ଚପଲ ତ
ବିଲରେ ବୋହିଥିବ କେତେ ଲହୁ
କେବଳ ତା ସଂସାରଟି ପାଇଁ
କେବେ କହିନ ତା କଷଣ କାରଣ ସେ ପୁରୁଷ
ସଂସାର ଭିତରେ କାଳେ କାନ୍ଦିଦେବ
ସମାଜେ ବୋଲାଇବ ଅଣପୁରୁଷ
ସେଥିଲାଗି ସେ ଲୁହକୁ ଜାବୁଡି ଧରିଛି
ମନରେ ଗୁମୁରି କାନ୍ଦିଛି
ସେ ବି ଗୃହିଁଥିବ ମା କୋଳ ବାପାଙ୍କ କାନ୍ଧ ପିଲାଙ୍କ ହସ ଆଉ ସ୍ତ୍ରୀର ପଣତ
ହେଲେ ସମୟ ଦୌଡରେ ସେ ପ୍ରତିଯୋଗୀ
ସମସ୍ତଙ୍କୁ ଖୁସି ଦେଉ ଦେଉ
କେତେବେଳେ ଯେ ସେ ହସିବା ଭୁଲିଯାଏ
ନିଜେବି ଜାଣେନାହିଁ......

# ଦୂରତ୍ୱ....



କେଶରୀ ପ୍ରସାଦ ମହାନ୍ତି

ପରିସ୍ଥିତି ମନୁଷ୍ୟ କୁ ବାଧ କରେ ସମାଜ ସାମ୍ନା ରେ ମୁଣ୍ଡ ନଇଁବା ପାଇଁ ତ କେତେବେଳେ ବାଧ କରେ କଳଙ୍କ ର ଟୀକା ପିନ୍ଧି କଳଙ୍କିତ ଅଧ୍ୟାୟ ଟିଏ ଲେଖିବା ପାଇଁ । ସବୁ ପରିସ୍ଥିତି କୁ ସାମ୍ନା କରି ପାରୁଥିବା ମଣିଷ ବି ବେଳେବେଳେ ସମୟ ଚକ୍ର ରେ ହାର ମାନ ବାଧ ହୁଏ  କଳୁଷିତ କାଳମା କୁ ବୋଳ ହେବା ପାଇଁ । ସତ ମିଛ ର ଦ୍ୱାହି ଦେଇ ବଞ୍ଚୁ ଥିବା କେତେ ଗୁଡିଏ ମଣିଷ ଙ୍କୁ ନା ବାଧେ କଳଙ୍କ ର ଦାଗ ନା କଷ୍ଟ ଦିଏ  ସମାଲୋଚନା ର ଶବ୍ଦ । ସେଇ ଭଳ କେତେ ଗୁଡ଼ାଏ ମଣିଷ ଙ୍କ ସାମ୍ନା ରେ ସମ୍ପର୍କ ର ମୂଲ୍ୟବୋଧ ଯେପରି ଲଙ୍କା ରେ ହରି ଶବ୍ଦ । କେତେବେଳେ ଅଦିନଆ ମେଘ ପରି  ହଠାତ ଆସି ଜୀବନ କୁ ସବୁଜିମା ରେ ଭରି ଦିଅନ୍ତି ତ କତେବେଳେ ହଠାତ ଉଭାନ ହୋଇ ଦୁରୁଭିକ୍ଷ ର ବିଭୀଷିକା ସୃଷ୍ଟି କରନ୍ତି । କେତେବେଳେ ଚନ୍ଦ୍ରାଲୋକ  ରେ ଆଲୋକତ କରି  ଜୀବନ ରେ ପୁର୍ଣିମା ଆଣନ୍ତି ତ କେତେବେଳେ ଅମାବାସ୍ୟା ର ଅନ୍ଧାର ରେ ନଜେ ହଜି ଯାନ୍ତି । ଏମିତି କରୁଥିବା ପ୍ରାଣୀ ମାନଙ୍କୁ ଆମ ଓଡ଼ିଆ ରେ ସ୍ୱାର୍ଥପର କହନ୍ତି । ହେଲେ ଅନେକ କ୍ଷେତ୍ର ରେ ଏମିତି ବି ହୁଏ ବିନା ବର୍ଷା ରେ ବନ୍ୟା ହେଲ୍ ପରି  କଛି ନଥାଇ ବି ସମ୍ପର୍କ ରେ ଜଣେ ଅନ୍ୟ ଜଣକ ଠୁ ଦୁରେଇ ଯାଆନ୍ତି । ଲୋକେ ଏଥି ପାଇଁ *ଭୁଲ ବୁଝାବଣା* କୁ ଦାୟି କରନ୍ତି  ।

ଅନେକ କବି , ଗାଳ୍ପିକ,  କଥାକାର ଭୁଲ ବୁଝାବଣା ର ଅନେକ ସଂଜ୍ଞା ଦେଇଛନ୍ତି  । ଆଉ ଆମେ ଶୁଣିଛନ୍ତି :

***"THE WORST DISTANCE BETWEENS TWO PEOPLE IS MISUNDERSTANDING"***

ଏଇ ଭୁଲ ବୁଝାବଣା ଏମିତି **slow poison** ଭାବେ କାମ କରେ ଯେ ଯାହାର କଳ୍ପନା କରାଯାଇ ପାରେନ ।

ଛାତ୍ର, ଉଦ୍ଭିଦ ବିଜ୍ଞାନ ଛାତ୍ର,
ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଳୟ, ଯାଜପୁର

# ପ୍ରିୟସୀ



ସିଦ୍ଧେଶ୍ୱର ତ୍ରିପାଠୀ

କେଉଁଠି ତୁଥିଲୁ କେମିତି ଆସିଲୁ
ଏଇ ଜୀବନକୁ ମୋର
ଯେବେ ଗୁହିଁଦେଲୁ କଥାଟୁ କହିଲୁ
ପ୍ରେମ ଝରେ ଝରଝର ।

ଯେବେଠୁ ପାଇଲି  ତୋଓରି ଠିକଣା
ତୋ ପାଖେ ହଜିଲା ମନ
ଗୋଟିଏ ମୁହୂର୍ତ୍ତ ରହି ପାରେ ନାହିଁ
ଖୋଜେ ତୋତେ ପ୍ରତିଦିନ ।

ପ୍ରେମର ପ୍ରତୀକ ଭ୍ବଠୁ ଅଧିକ
ସୁଖର ତୁ ଅବତାର
କେଉଁଠି ତୁ ଥିଲୁ କେମିତି ଆସିଲୁ
ଏଇ ଜୀବନକୁ ମୋର ।

ଜହ୍ନ ଉଇଁ ଯେବେ ଜୋଛନା ଢାଳଇ
ପୀରତି ମହୁତୁ ଢାଳୁ
ସେତିକି ସେତିକି ମନେ ଶୀତଳତା
କାମନାରେ ଯେତେ ଜାଳୁ ।

ତୋ ପାଦଚହ୍ନ ପଡିଲା ପରଠୁ
ହସେମୋ ଅଗଣା ଘର
କେଉଁଠି ତୁ ଥିଲୁ କେମିତି ଆସିଲୁ
ଏଇ ଜୀବନକୁ ମୋର ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

# ପ୍ରସଙ୍ଗ - ଜଳ

ଜନ୍ମେଜୟ ନାୟକ

ଜଳ ଅଟଇ ପରା  ଆମ ଜୀବନ,
ଜଳ ବିହୁନେ ନରହିବ ପରାଣ  |
ଜଳଚକ୍ର ପାଇଁ ହୁଅଇ ବରଷା,
ଜୀବଜଗତର ଜଳ ହିଁ ଭରସା |୧|
ଜଳ ଅଭାବେ ପରା  ହୁଏ ମରୁଡି,
ଚାଷୀ ସବୁଜକ୍ଷେତ ଯାଏ ଉଜୁଡି |
ଜଳ ବିନା ସମ୍ଭବ ନୁହଁଇ  ଚାଷ ,
କ୍ଷୁଧାରେ ସଭିଏଁ ହୋଇବ ବିନାଶ |୨|
 ଜଳର ମୁଖ୍ୟ ଉତ୍ସ ଅଟଇ ବୃଷ୍ଟି,
ସେଥିପାଇଁ ତିଷ୍ଠି ରହିଛିଏ ସୃଷ୍ଟି |
ଜଳର  କେହି କରନ ଅପବ୍ୟୟ,
ଜଳ ବିନା ବିଶ୍ୱ ହୋଇବ ବିଲୟ |୩|
ମଧୁର ଜଳ ପରା  ସରନ୍ତି ସମ୍ବଳ,
ପାନୀୟ ଜଳବିନା ହୋଇବ ବିକଳ |
ପରିପାକ କ୍ରିୟାରେ ସହାୟକଜଳ,
ଜଳ ପାଇଁ ରକତ ଅଟେ ତରଳ | ୪|
ପଶୁପକ୍ଷୀ ,ଗଛଲତା ଓ   ମଣିଷ,
ଜଳ ସବୁ ସଜୀବଙ୍କ ମେଣ୍ଟାଏ  ଶୋଷ |
ଜଳ ଯୋଗୁଁ  ଏ  ପୃଥିବୀ ନୀଳଗ୍ରହ,
ଜୀବନ ଯୋଡା ଆମର ଜଳ ସହ |୫|

TGT PCM, ଚିଲିକା ନୋଡାଲ ହାଇସ୍କୁଲ, ପୁରୀ

# ଅଙ୍ଗେନଭ୍ କଥା



ସୁଧାଂଶୁ ଶେଖର ସୁତାର

ସେଦିନ ଜଣେ ବ୍ୟକ୍ତି ଖଣ୍ଡଗିରି ପାହାଡ଼ ପାଦଦେଶରେ ବସି ମାଙ୍କଡ଼ ମାନଙ୍କୁ ଗୋଟିଏ ବ୍ୟାଗରେ ଫୁଲକୋବିରୁ କଛି ଛୋଟ ଛୋଟଖଣ୍ଡ ଧରି ଖାଇବାକୁ ଦେଉଥିଲ୍। ଏହି ଦୃଶ୍ୟ ଦେଖି ଆମେ ସପତ୍ନୀକ ଦେଖି ଭରି ଖୁସି ହେଇଗଲୁ, ମାନ୍ ମାଙ୍କଡ଼ଙ୍କୁ ମୋର ଭରି ଡର। **10 15** ମାଙ୍କଡ଼ ଗ୍ରୁପ ଦେଖି କେମିତି ୟେ ଗେଟ ପାରି ହୋଇ ପାହାଡ଼ ଉପରକୁ ଚଢ଼ିବୁ ଏୟା ଭବୁ ଭବୁ ସେ କୋବି ଧରିଥିବା ଲ୍ୱେକଟି ଅତି ସହଜରେ କହିଲ୍:- ଆଜ୍ଞା, କଛି ଡରିବାର ନାହିଁ, ସେମାନେ ତୁମର କଛି କରିବେନ ଆସ। ଶଙ୍କିଲ୍ ଆଖିରେ ଭୟଭୀତ ହୋଇ ଯାଉ ଯାଉ ଲ୍ୱେକଟି କଛି କୋବି ଟୁକୁଡ଼ା ମୋ ହାତକୁ ବଢ଼େଇ ଦେଲ୍, ମୁଁ ଧରୁ ଧରୁ **2**ଟି ମାଙ୍କଡ଼ ଆସି ମୋ ହାତରୁ ଝାମ୍ପିନେଲେ, ମୋ ଚତୁର୍ପାଶେ ବେଢ଼ିଗଲେ ମାଙ୍କଡ଼ ଗ୍ରୁପ। ସେ ଆହୁରି କଛି କୋବି ମତେ ଦଉ ଦଉ ଗୋଟେ ମାଙ୍କଡ଼ ସିଧା ମୋ ମୁଣ୍ଡ ଉପରୁ ଚଢ଼ିଗଲ୍। ଆଃ, ଭୟରେ ମୁଁ ଠିଆ ହୋଇଗଲି, ସେ ପୁଣି କଛି କୋବି ଦେଉଥାଏ, ମାଙ୍କଡ଼ ମୋ ମୁଣ୍ଡରେ ବସି ଖାଉଥାଏ। ହେ ହେ ୟାକୁ ଟିକେ ତଳକୁ ଆଣରେ କଏ।

ଏଥର ସେ ପାଖରେ ଥିବା ଆଉ ଜଣେ ପର୍ଯ୍ୟଟକ ଦମ୍ପତିଙ୍କ ଆଡେ କୋବି ପ୍ରେରଣ କଲ୍ ସେଇ ଢଙ୍ଗରେ, ମାଙ୍କଡ଼ ବି ସ୍ୱମାନଙ୍କ ପାଖକୁ ଡେଇଁ ପଳେଇଲ୍। ହୁଏତ ମାଙ୍କଡ଼ ମାନେ ବୋଧ ହୁଏ ଏମିତିକା ଭ୍ୱେଜନରେ ପ୍ରବୀଣ।

ଓଃ,, ଭୟମିଶା ଏକ ନୂଆ ପ୍ରକାର ଖୁସିରେ ପ୍ରକୃତିସ୍ଥ ହେଲି। ସେ କୋବିବାଲ୍ ପ୍ରତି ମନରେ ଟିକେ ଦୟା ଓ ଭଲପାଇବା ପ୍ରକଟିତ ହେଲ୍ ମୋର। ପତ୍ନୀଙ୍କୁ ଇଙ୍ଗିତ କଲି ଯେ, ସେ ଗରିବ ଲ୍ୱେକକୁ **10/ 20** ଟଙ୍କା ଦିଅ। କାହିଁ କେତେଦୂର ରୁ ଆସିଥିବ।

**--** ନାଇଁ ବାବୁ ତୁମର **70** ଟଙ୍କା ହେଲା**,** ତୁମେ ପରା **7**ଥର ନେଇଛ।

**-** **7**ଥର ମାନେ**???**

**--**ମତେ ବା କଣ ଦେଉଛନ୍ତି ଯେ**,** ପ୍ରଭୁ ବଜରଙ୍ଗିଙ୍କୁ ଦେଉଛନ୍ତି ଯାହା**!!!!** ତୁମର ଧର୍ମ ହେବ ବାବୁ**,** ଆଜି ତୁମେ ପ୍ରଭୁ ଶ୍ରୀରାମଭକ୍ତ ହନୁମାନଙ୍କ ସେବା କରିଛ। ଭଗବାନ ତୁମ ଭଣ୍ଡାର ପୂର୍ଣ କରିବେ।

ଘଡ଼ିଏ ଚାହିଁଲି ସେ ଲୋକଟିକୁ। ସିଏ ମୋ ଭଳିଆ ଆଉ ଜଣେ ପର୍ଯ୍ୟଟକଙ୍କୁ କୋବି ଧରାଉ ଥାଏ। ତାଜୁବ ଲାଗିଲା ସେ ଲୋକର କଥା ଶୁଣି**,** ଯିଏ ଧର୍ମ**/**ପୁଣ୍ୟର ନାଁ ନେଇ **7**ଟଙ୍କାର ଗୋଟିଏ କୋବିକୁ ଟିକ ଟିକ କରି ଛିଣ୍ଡେଇ **70** ଟଙ୍କାର ବିକିବାର ସାହସ କରିଛି। ତା ବେପାର ବୁଦ୍ଧି ଆଉ ବାକଚାତୁରିକୁ ମୁଣ୍ଡିଆ ମାରି **7**ଟଙ୍କାର କୋବିକୁ **70** ଟଙ୍କା ଦେଇ **(**କଣି**)** ଆଗକୁ ଚାଲିଲୁ।

ମନରେ ତା ପ୍ରତି ଏକ ଶବ୍ଦ ବାହାରିଗଲା।

#ଟେକ୍ନିକାଲ_ବେପାରୀ

ଢ଼ିଙ୍କିଆ, କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର

# ମୋ କଳାହାଣ୍ଡି ସାଜିଛି ସମଗ୍ର ବିଶ୍ୱର ଭାତହାଣ୍ଡି



ଦିନେଶ ମେହେର

କହୁଥିଲା ଏହି ଦୁନିଆ ଯାହାକୁ
ଭୋକର ଭୂଗୋଳ କଳାହାଣ୍ଡି,
ସେହି କଳାହାଣ୍ଡି ସାଜିଛି ଆଜି
ସମଗ୍ର ବିଶ୍ୱର ଭାତହାଣ୍ଡି।।

ସେହି କଳାହାଣ୍ଡି
ଯାହା ଦିନେ ଶାସିତ ହୋଇଥିଲା
ପ୍ରତାପୀ ରାଜା ବିକ୍ରମ କେଶରୀ ଦେଓ ହାତ ରେ,
ମାଟି ମାଁ ର ସେହି ପ୍ରଜା ଭାଇ ଭଉଣୀ ସକାଶେ,
ରାଜାଙ୍କ ନିଜ ପରିବାର କଥା ମାନେ ପଡୁନଥିଲା।।

ସେହି କଳାହାଣ୍ଡି
ଯାହାର ପୁରାତନ ନାମ କରୁଣ୍ଡ ମଣ୍ଡଳ,
ଯାହା ଦିନେ ସମଗ୍ର ବିଶ୍ୱ କୁ ତା ବୁକୁ ଚିରି
ପରଷି ଦେଉଥିଲା ହୀରା ମୋତି ଭଳି
କେତେ ରତ୍ନ ପଥର।।

ରେଣ୍ଡୋ ମାଝୀ ଭଳି କେତେ ବୀର ପୁରୁଷ ଜନମି
ଗାଇ ଯାଇଥିଲେ ଏଇ ମାଟିର ମହାନ୍ ଗାଥା।

ମାଟି ମାଁ ର ସକାଶେ ସମର୍ପି ଦେଲେ
ନିଜର ଅମୂଲ୍ୟ ଜୀବନ,
ସେହି ମହାପୁରୁଷଙ୍କ ଚରଣ ତଳେ ମୋର କୋଟି ନମନ।।

ଇନ୍ଦ୍ରାବତୀ ମାଁ ର ସେଇ ଅଶେଷ ଅବଦାନ
ଯାହା ସମଗ୍ର ପ୍ରଦେଶ ର କୃଷୀ ମୁହଁରେ,
ଖେଳାଇ ଦିଏ ହସ ର ଲହରୀ,
ତାହାର ସେଇ ମଧୁର ଜଳ,
ଆଜି ରକ୍ତ ବିନ୍ଦୁ ହୋଇ ବହୁଛି ଆମ ଶରୀରେ।।

ଏଇ ମାଟିର କୃଷୀ ଭାଇ କୁ କୋଟି ନମନ
ତାହାର ପରିଶ୍ରମ ପାଇଁ
ତିଷ୍ଠି ରହିଛି ଆଜି ସମଗ୍ର ବିଶ୍ୱର ଜୀବନ।।

ଅଛି କେତେ ସଂସ୍କୃତି ପରମ୍ପରା ଏହି ମାଟିର
ଘୁମୁରା ଘଣ୍ଟ ଢୋଲ ମହୁରୀ ତାଳେ
ଦୁଲୁକେ ମାଁ ମାଣିକେଶ୍ୱରୀ ର ଛତର,
ସ୍ନେହମୟୀ ମାଁ ର କରୁଣା ପାଇଁ,
କଳାହାଣ୍ଡିଆ ଆଜି ସମଗ୍ର ବିଶ୍ୱର ମୁଣ୍ଡ ଟେକ ଚାଲେ।।

ଏଇ ମାଟିର ବଜାଶାଳ ନୃତ୍ୟ
ଦୁଲୁକାଉଛି ରାଜଧାନୀ ଦିଲ୍ଲୀ ର ମାଟି,
ସେଇ ମାଟି ରେ ଆଜି କଳାହାଣ୍ଡିଆ ଭାଇ
ଗାଉଛି ମାଟି ମାଁ ର ଅମର କୀର୍ତ୍ତି।।
ମାଟି ର ଲୋକଗୀତ ଆଜି ଦେଶ, ବିଦେଶରେ
ହେଉଛି ଅମୃତ ବାଣୀ।

ଯାହାକୁ ଶୁଣି କଳାହାଣ୍ଡିଆ ଛାତି,
ଗର୍ବ ରେ ଉଠୁଛି ଫୁଲି।।

ଇଏ ମୋର ସେଇ କଳାହାଣ୍ଡି
କଳା ସଂସ୍କୃତି ରେ ଭରା ସୁନା ର ହାଣ୍ଡି।
ଆଜି ସାଜିଛି
ବିଶ୍ୱ ଦରବାରେ ସମଗ୍ର ବିଶ୍ୱ ର ଭାତହାଣ୍ଡି।।

ମାଣିକେଶ୍ୱରୀ ମାଁ ର କରୁଣା ଆଜି ସାଜିଛି
ସବୁ ଗୃଷୀଭାଇ ଙ୍କ ମୁହଁର ହସ।
ସେଇ ମାଁ ଚରଣ ତଳେ ଶରଣାଗତ
ହେଉଛି ମୁଁ ତୁଚ୍ଛ ଦିନେଶ।।

ଜୟ ମାଁ ମାଣିକେଶ୍ୱରୀ।

ଚର୍ଚ୍ଚିଗୁଡ଼ା ମହାବିଦ୍ୟାଳୟ ଚର୍ଚ୍ଚିଗୁଡ଼ା, କଳାହାଣ୍ଡି

# ଜୀବନ ଆୟୁଷ



ବିଜୟ କୁମାର ସାହୁ

ଜୀବନ ଆୟୁଷ ସରି ଆସିଲାଣି
ଭାବୁଛି କୟତି କଥା
କେବେ କାଳ ଆସି ଧରିବ ମୋ ଚୁଟି
ଦେବଟି ଦାରୁଣ ବ୍ୟଥା ।୧।
ମୋ ପାପ ଭାରି ତଉଲି ଦେଲେ ତ
ଊଣା ହୋଇଯିବ ଧର୍ମ
ଜୀବ କଣ୍ଠାଗ୍ରତ ସମୟରେ ପୁଣି
ଧରିବି ତ ତୁମ ନାମ ।୨।
ଯୋଗ ଜପ ତପ ନଥିଲା ମୋହରି
ନଥିଲା ନାମ ସ୍ମରଣ
ବୃଥା ଅହଂକାରେ ଧନ୍ୟ ସତ୍ୟ ବୋଲି
ଭାବୁଥିଲି ଅନୁକ୍ଷଣ ।୩।
ବାର୍ଦ୍ଧକ୍ୟ ଜୀବନ କୋଳାହଳମୟ
ମରିନାହିଁ ମୋର ମନ
ମୁଁ ମୋର ଭବ ମରୀଚକା ହୋଇ
ମନକୁ କରେ ଅଥୟ ।୪।
ନରାଶ୍ରୟ ହୋଇ ଡାକୁଛି ହେ ପ୍ରଭୁ
ଶରଣ ଦିଏ ଚରଣେ
ଜ୍ଞାନର ଆଲୋକେ ଦେଖା ଦିଅ ପ୍ରଭୁ
ନେଇଯାଅ ମୁକ୍ତି ପଥେ ।୫।

ହେ ରାମ ହେ ରାମ ତୁଣ୍ଡେ ବୋଲୁଥିବି
ମନ ମୋର ମରିଯିବ
ତୁମ୍ଭ ଶ୍ରୀଚରଣ ଅମୃତ ପିଇଣ
ଆତ୍ମା ପକ୍ଷୀ ଉଡିଯିବ ।୬ ।

ବିଜିଗୋଳ

# ମୁଁ ଓ ତୁ



ଦେବାଶିଷ୍ ସାଗର

ମୁଁ ମଣିଷ ?
ରକ୍ତ, ହାଡ଼, ମାଂସରେ ଗଢା ।
ନାଁ, ମୋର ନଥିବ
ସୁନା, ରୁପା, ହୀରା, ମୋତି, ମାଣିକ୍ୟ
ଆଦିର ଶରୀର ।

ମୁଁ ଯେବେ ଆଘାତ ପାଏ
ଲାଲ୍ ପାଣି ବାହାରେ,
ତୁମ ଗଙ୍ଗା ଜଳ ।
ମୁଁ ଯେବେ ଗଲେ
ଭୂଇଁରେ ମୋ ପାଦ ଚିହ୍ନ ।
ତୁମ ପାଦ ଚିହ୍ନ ଉପରେ ?

ମୋ ସ୍ତ୍ରୀ, ମୋ ସାଥେ
ଦେହ ମେଳେ ଛୁଆ ।
ତୁମେ ତ ' ବାଦୁଡି
କେବଳ ମୁଖରେ
ମୋ ଛୁଆ ଜନ୍ମରୁ ବଢ଼ିବାକୁ
ଲାଗେ,
ତମେ ଜନ୍ମରୁ ବଡ଼ ।
ମୁଁ ଜାଣେ ନାହିଁ ।

ଜଳ, ଜମିନ, ମାଏଟ, ପବନ, ବନ,
ପାହାଡ଼
ପ୍ରକୃତି ମୋ ଦିଅଁ ।
ତୋ ଆକାର, ମୋ ଅଣାକାର ।
------------

ବଡ଼ନୂଆଁପାଲି, ଚେରୁପାଲି
ସୁବର୍ଣ୍ଣପୁର

# ସୋମବାର



ଦୁଷ୍ମନ୍ତ ବେହେରା

ଶରଣପଶି ଗ୍ରାମରେ ଦୁଇଶହ ପରିବାର ବାସ କରନ୍ତି। ସେଇ ଗ୍ରାମ ରେ ବଟକୃଷ୍ଣ ଦଳେଇ ଙ୍କ ପରିବାର ବାସ କରନ୍ତି। ପରିବାର କହିଲେ ସ୍ତ୍ରୀ-ରାଧାଦେଇ ପୁଅ-ମୁନା ଦଳେଇ। ହସ ଖୁସିରେ ଚଳି ଆସୁଥିଲା ବଟକୃଷ୍ଣ ଙ୍କ ପରିବାର। ସତେ ଯେମିତି ବଟକୃଷ୍ଣ ଙ୍କ ଚାଳଘରେ ଶାଗ ପଖାଳ କଂସାରେ ହସ ଫୁଟି ଉଠୁଥିଲା। ଦିନ ଗୁଡାକ ବେଳ ସରି ସରି ଯାଉଥିଲା।

ହଠାତ୍ ପରିବାର ରେ ବିପଦ ମାଡି ଆସିଲା। ବଟକୃଷ୍ଣ ଙ୍କ ଦେହ ଜ୍ୱରରେ ଖଇ ଫୁଟୁଥିଲା ଭାଗ୍ୟର ଖେଳ ଦାଉ ସାଜିଗଲା ଡାକ୍ତରଖାନା ନେବା ଅଧାବାଟରେ ଦେହରୁ ଜୀବନ ଚାଲିଗଲା। ବଟକୃଷ୍ଣ ସବୁଦିନ ପାଇଁ ଚାଲିଗଲେ।

ପରିବାର ଉପରେ ବୋଝଉପରେ ଲଳତା ବିଡା ପଡିଲା ପରି ପଡିଲା। ସେପାଖେ ପୁଅ ମୁନା ପାଠପଢୁଥାଏ +୨ ଦ୍ୱିତୀୟ ବର୍ଷ ଛାତ୍ର ଏଇ ବୟସ ରେ ସେବା କଣ କରି ପାରିବ। କିଛି ଉପାୟ ନ ପାଇ ରାଧାଦେଇ ସିଲେଇ ମେସିନ୍ ଖଣ୍ଡିଏ ପକାଇଲେ ଯାହା ରୋଜଗାର ହେଲା କଷ୍ଟ ରେ ଚଳି ଯାଆନ୍ତି।

ମୁନା ଏପରି ବଦମାସ ହେଉଥିଲାକି ଗାଁ କଳି ଘରକୁ ଆଣୁଥିଲା। ଗାଁ ର ଲୋକେ କିଛି କିଛି ମୁନା ବିରୋଧରେ ପଚେଇ ଆସନ୍ତି। ଛୋଟରୁ ବଡ ପର୍ଯ୍ୟନ୍ତ କିଛି ନା କିଛି ବଦମାସ କରେ। ଗରିବ କୁଡିଆ ର ମୁନା ଏତେ ବଦମାସ ତଥାପି ଗାଁ ଲୋକେ ତାକୁ ଭଲ ପାଆଠାନ୍ତି। ଅତି ଶ୍ରଦ୍ଧାରେ ଡାକନ୍ତି ମୁନା ରେ............

ଘରର ଦୁଃଖ ଗୁଡାକ ଆଖି ଆଗରେ ନାଚ ଉଠୁଥିଲା ହୃଦୟ ଅନେକ କଥା କହି ଦଉଥିଲା। ଏଇ ମାଟି ପାଇଁ କିଛି କରିବି।

ରାଧାଦେଇ ଙ୍କ ହାତରେ ଫର୍ମ୍ ଟିକୁ ଧରି  ସ୍ୱପ୍ନ ଦେଖିଲେ ଏଇ ମାଟି ପାଇଁ କିଛି ଗୋଟେ କରିବି। ଦେଶ ଜାତିର ଟେକ ରଖିବି। ରାଧାଦେଇ ଙ୍କ ହାତରେ ଥିବା ଫର୍ମ୍ ମୁନା ଆଡକୁ ବଢେଇ ଦେଇ କହିଲେ ଏଇ ନେ ସମୟ ଆସିଛି ଚାକରି ପାଇଁ ଦରଖାସ୍ତ କର।

କିଛିଦିନ ଗଲାପରେ ଚାକରି ର ଇଣ୍ଟରଭ୍ୟୁୟୁର ତାରିଖ ବାହାରିଲା। ମୁନା ଇଣ୍ଟରଭ୍ୟୁୟୁ ଦେବା ପାଇଁ ବାହାରିଗଲେ ଏଇ ବାହାରିବା ବାଟରେ ରାଧାଦେଇ ଙ୍କ ଆଖିରୁ ଧାର ଧାର ଲୁହ ମାଟି ଉପରେ ପଡି କହୁଥିଲା ତୁ ଯା ଲଘିଂ ଯା ମୁଁ ତ ସାଥିରେ ଅଛି। କିଛି ମାସ ଗଲାପରେ ଚାକରି ଚଠି ଟି ଆସି ପହଞ୍ଚିଲା ରାଧାଦେଇ ଙ୍କ ପାଖରେ । ଚଠି ଟିକୁ ଧରି ଗରିବ କୁଡିଆରେ ଯେ ହସ ଫୁଟି ବ ଏ ଦୁନଆ ଦେଖିବ। ଏ ମାଟି କହିବ ତୁ ମୋର ସନ୍ତାନ। ପୁଅ ମୋର ଆଜି ଭାରତର ସୈନକରେ ଚାକରି ପାଇଛି।

ଗ୍ରାମର ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, କଥାଟି ଚାରିଆଡ଼େ ଖେଲିଗଲା। ମୁନା କହି ବୋଲିଲା ମୁଁ ଚାକରି ପାଇଛି ତୋ ପାଇଁ ଲଢିବି ଏ ମାଟିର ନାଁ ରଖିବି। ଆଜି ଯେ ବଦମାସ ପିଲାଟି ଏମିତି ଗୋଟିଏ ଭଲ ପିଲା ହୋଇଯିବ ଏ ମାଟି ତାକୁ ମନେ ରଖିବ।

ଜୁଲାଇ ମାସ ୨୫ ତାରିଖ ଦିନ ଘରୁ ବାହାରିଲା ମୁନା। ଭାରତ ର ସୈନକ ରେ ଯୋଗ ଦେବା ପାଇଁ  ଓ ଗାଁ ର ସମସ୍ତ ଲୋକମାନେ ରେଳ ଷ୍ଟେସନ୍ କୁ ଛାଡିଆଣିଲେ। ଆସିବା ବାଟରେ ଅନେକ କଥା ଗୁଡିଏ ମନେ ପଡି ଯାଉଥିଲା। ବଦମାସ ପିଲାଟି ଆଉ କଣ ବଦମାସ ହେବ। କିଏ ଲାଗିବ ଯେ ଆମ ସହିତ କାହା ପାଖକୁ ଯାଇ ଗୁହାରି କରିବା। ଏଇ କଥା ଭାବୁ ଭାବୁ ଲୋକଙ୍କ ଆଖିରୁ ଲୁହ ବୋହି ଆସୁଥାଏ। ମୁନା କହିଲା ମୋ ଗାଁ ର ବଣ ପାହାଡ ଗଛ ଲତା, ଝରଣା ଓ ଲୋକମାନଙ୍କୁ କହିଦେଇ ଯାଉଛି ସମସେ ଭଲରେ ରହିବ। ଦୁଇ ବର୍ଷ ଗଲାପରେ ଡାକରେ ଖଣ୍ଡିଏ ଚଠି ଆସି ପହଞ୍ଚିଲା। ରାଧାଦେଇ ଚଠି କୁ ଖୋଲି ପଢିଲେ।  ........

ରାଧାଦେଇ ଆପଣଙ୍କ ପୁଅ ଦେଶ ମାତୃଭୂମି ପାଇଁ "ଜୀବନ ଦେଇଛି " ମୁନା........ ଅନ୍ଧକାର ଭିତରେ ଶତ୍ରୁ ଆମ ଦେଶକୁ ପଶି ଆସୁଥିଲେ। ଶତ୍ରୁମାନଙ୍କୁ ପଶାଇ ନ ଦେବା ପାଇଁ ଦୃଢ ଜବାବ ଦେଇ ସହିଦ୍ ହୋଇଛି।

"ଜୟହିନ୍ଦ୍"

ରାଧାଦେଇ ଙ୍କ ଆଖି ରୁ ଧାର ଧାର ଲୁହ ବୋହି ଆସିଲା । ପାଟିରୁ ଧୀର ସ୍ୱର ରେ ବାହାରିଲା "ମୁନା".......

ଜନ୍ମଭୂମି ର ମାଟି ପାଇଁ
ରକ୍ତ ଠୋପା ଦେଇଛୁ
ଏ ମାଟି ତୁମକୁ ଧାରି
ଗର୍ବ କରୁଥିବ ଫୁଲେଇ ହୋଇ।
ଗାଉଥିବ ଗାଥା ତୁମର
ସ୍ୱର ଶୁଭୁଥିବ ଚଉଦିଗେ
ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣେ
ଜନନୀର ଟେକ ଶୁଭୁଥିବ ଭବନେ।
କଣ କହିବି ଭାରତ ମାଆ ଲୋ
ଜୀବନ ରକ୍ତ ଦେଇ ତୋ
ଚରଣ ଧୋଇଛି ମୋ ପୁତ୍ର
ମହିମା ତୋହର କୋଟି ମହାନତା
ମୃତ୍ୟୁ କୁ କୋଳେ ଧରି
ମୃତ୍ୟୁ କୁ କୋଳେ ଧରି,,,

ଭାରତ ମାତାଙ୍କ ଜୟ ଏତିକି କହି ରାଧାଦେଇ ଙ୍କ ଆଖି ରୁ ଲୁହ ଠୋପେ ଚଟି ଉପରେ ପଡି ମାଟି ରେ ପଡିଲା। ଏ ଗାଁ ଏ ମାଟି ଏ ବଣ ପର୍ବତ ବୀର ପୁତ୍ର ର ସ୍ୱର ଶୁଭୁଥିଲା " ମୁନା" ସେଇଠି ରାଧାଦେଇ ଟଳି ପଡିଲେ ସବୁଦିନ ପାଇଁ.............

ରାସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

# ଭାରତ ମାଁ



ଜିତୁରାମ ସାହୁ

ଆମ ଦେଶ ଭାରତ ସବୁଠୁ ସୁନ୍ଦର
ଧର୍ମ ନିରପେକ୍ଷ ରାଷ୍ଟ୍ର ଆମର ।
ହିନ୍ଦୁ, ମୁସଲିମ୍, ଶିଖ୍, ଇଶାଇ
ସମସ୍ତେ ଭାଇ ଭଉଣୀ ଆମର ।୧।

କଳା, ସଂସ୍କୃତି ପରମ୍ପରାକୁ
ଆମେ ବଞ୍ଚାଇ ରଖିବୁ ।
ସୁନା ଦେଶ ରୂପରେ
ଆମ ଭାରତ ଗଢିବୁ ।୨।

ସ୍ୱଚ୍ଛ ପରିମଳ ଭାରତ ଆମର
ଦିଅଇ ସ୍ୱଚ୍ଛତାର ପରିଚୟ ।
ଏଠି କେହି ନୁହେଁ ପର ଆପଣାର
ସଭିଏ ସଭିଙ୍କ ଆଦର ।୩।

ଭାରତ ମାଆ କୋଳରେ ଜନ୍ମିଛନ୍ତି
ଅନେକ ବୀରାଙ୍ଗନା ଓ ବୀରପୁରୁଷ ।
ଦେଶକୁ ଗଢି ତୋଳି ଅମର
ହୋଇଯାଇଛନ୍ତି ବହୁ ମହାନ ପୁରୁଷ ।୪।

ଭାରତ ମାଁ ର ସୁପୁତ୍ର ଆମେ
ଜନ୍ମି ଅଛୁ ଏହି ପବିତ୍ର ସ୍ଥଳରେ ।
ନାମ ତାହାର ଭାରତ ମାଁ
ପାଳୁଅଛି  ଆମକୁ ତା' କୋଳରେ ।୫।

ଗ୍ରାମ- ଖାସବାହାଲ୍
ବ୍ଲକ- ସଇଁନ୍ତଲ୍ (ବଲାଙ୍ଗୀର)

# ମୋ ଜୀବନ



ମୃଣ୍ମୟୀ ପ୍ରଧାନ

ମୋ ଜୀବନ ଏମିତି ନାଆ
ନା ସେ ବୁଡି ମରୁଛି ନା ସେ ଭସି ପାରୁଛି
ମୋ ଜୀବନ ଏମିତି ବାଆ
ନା ସେ ଝଡ ହେଉଛି ନା ସେ ସାହା ହେଉଛି
ହୋ...ଦୁଇଟି କୂଳରେ ପାଦ ଦେଇ ସିଏ
ନା ସେ ଜିଇଁ ପାରୁଛି ନା ସେ ମରିପାରୁଛି
ମୋ ଜୀବନ........ ।୧ ।

ଜାଣେନା ମୁଁ ଏସଜା କାହିଁ,
ମୋ କପାଳେ ସୁଖ ନାହିଁ
କଣ୍ଟାର ବାଟରେ ଗ୍ଭଲେ ଆଜି
ମୋ ସୁଖର ସଉଦା ପାଇଁ ।
ହୋ.... ଏମିତି ଶିଳ୍ପୀ ସାଜିଛି ସିଏ
ନା ସେ ଗଢିପାରୁଛି ନା ସେ ଭଙ୍ଗି ପାରୁଛି
ମୋ ଜୀବନ........ ॥୨॥

ଆଖିରୁ ଲୋତକ ବୋହେ,
ଛାତିର କୋହକୁ ସହେ
ଏମିତିକା ଭଗ୍ୟ ମୋର,
ଅଧା ଗଢା ପୁଣି ସିଏ ।

ହୋ....ଏମିତି ବାଟର ବାଟୋଇ ହୋଇ ସେ
ନା ସେ ଖର୍ଚ୍ଚ ଗୃହୁଁଛି ନା ସେ ଛାଇ ଖୋଜୁଛି ॥
ମୋ ଜୀବନ...... ।୩ ।

ସମୟର ତାଲଦେଇ, ଗ୍ଭଲିବାକୁ ଆଜି ହୁଏ
ଗୋଲ୍‌ପର ସୁଖ ଗୃହିଁ, କଣ୍ଟାର ଆଘାତ ସହେ
ହୋ.....ଏମିତି ମୋଡରେ ଠିଆ ହୋଇ ସିଏ
ନା ସେ ହସି ପାରୁଛି ନା ସେ କାନ୍ଦିପାରୁଛି ।
ମୋ ଜୀବନ........ ।୪ ।

ସଂସାର ଛଳନା କେବେ, ମନ ମୋରଭ୍ଭଙ୍ଗିଦିଏ
ପାପର ଦୁନିଆ ପାଖେ, ପୁଣ୍ୟ(ଧର୍ମ)ମୋର ହାରିଯାଏ
ହୋ...ଏମିତି କର୍ମର ଅପରାଧୀ ସାଜି
ନା ସେ ନ୍ୟାୟ ଖୋଜୁଛି ନା ସେ ଦଣ୍ଡ ଗୃହୁଁଛି ।
ମୋ ଜୀବନ...... ।୫ ।

# କେତେ ଅସହାୟ ଏ ଜୀବନ



ସଞ୍ଜୟ କୁମାର ନାଏକ

ପ୍ରତ୍ୟହ ଦୁଃଖସବୁ,
କବାଟ ଠକ୍ ଠକ୍ କରନ୍ତି ।
ମୁହଁ ଫେରାଇ ନଏ
ତଥାପି.....
ଘରି ଅମାନିଆ ଏମାନେ,
ପଶି ଆସନ୍ତି, ସୁନା ପିଲ୍ ପରି
ଭିଡ଼ ଜମାନ୍ତି ।
ବେସାହାରା ଜୀବନକୁ ଆହୁରି
ଖିନ୍ ଭିନ୍ କରିଦିଅନ୍ତି ।
ଅବସନ୍ନ ମନ ଭିତରେ,
କୋହସବୁ ଚକ୍କର କରନ୍ତି ।
ତୁନ କରାଏ.........
କଛିକ୍ଷଣ ପରେ........ ପୁଣି
ପୂର୍ବପରି ହୋଇଯାଆନ୍ତି ।
କ୍ରମଶଃ.....
ଆଖିର ଧାର ବହଳ ହୁଏ ।
ନିଃଶ୍ୱାସର ଶବ୍ଦ ତୀବ୍ର ହୋଇଉଠେ
ବୋଧେ  ନିଃଶବ୍ଦ ହେବାପାଇଁ.....।
ବାସ୍....... ତା ପରେ ......
ସବୁକଛି ନିଃଶେଷ ହୋଇଯାଏ !!!!!

ବଡଝାଙ୍କର ପାଲି, ପିପଲ ଡାବର,
ଶିକ୍ଷକ-ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ପାଟଣାଗଡ଼

# ମୁଇଁ ତ ଗରିବ ଛାତ୍ର

## ଭାଗ -୨



ମହେଶ୍ୱର ସାହୁ

ସମ୍ପୂର୍ଣ୍ଣ ରାତି ଉଜାଗର ରହିଲା ଭଳି ତପନ ନିଜର କପଡା ଦେଖୁଥାଏ । ଜାମା ଖଣ୍ଡକୁ ଟାଣି ସରେଇ ଦେଉଥାଏ ହେଲେ ତାହା ପୁଣି ମୋଡି ଯାଉଥାଏ । ଶେଷରେ ଘରେ ଥିବା ଏକ କଂସା ଥାଳ ନେଇ ନିଜର ହାଣ୍ଡିଶାଳ ରୋଷେଇ ଚୁଲି ପାଖକୁ ଗଲା । ସେଇଠାରେ ଚୁଲିରେ ଥିବା ଜଳନ୍ତା ନିଆଁରେ ଥାଳଟିକୁ ଗରମ କରି ଇସ୍ତ୍ରୀ କଲା ଭଳି ଜାମା ଉପରେ ରଖି ଘଷିଦେଲା । ଏବେ ତ ଟିକେ ଜମାଟିର ମୋଡ଼ ସିଧା ହେଉଛି । ହଁ ଏମିତି ଥରେ ଦୁଇଥର ଘରର ବାସନ ଥାଳରେ ଜାମାକୁ ଇସ୍ତ୍ରୀ ଦେଉ ଦେଉ ଜାମାଟିର ଗୋଟେ ପାଖରୁ ଟିକେ ତରଳଗଲା । ଭାରିବିରକ୍ତ ଲାଗିଲାଣି ତାକୁ । ଯାହା ହେଉ ଟିକେ ତରଳଗଲା ! ଚଳିବ, ହେଲେ ମୋଡି ଯାଇ ଅସୁନ୍ଦର ଦେଖା ଯାଉଥିଲା । ଏମିତି ନିଜକୁ ସଜେଇବାର ଚେଷ୍ଟା କରି ଶେଷରେ ଭୀଷଣ ନିଦ୍ରା ଆସିବାରୁ ଯାଇ ସୋଇପଡ଼ିଲା ।

ରାତି ପାହି ସକାଳ ହେଲା । ତପନ ଯିବ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଭାଗ ନେବାକୁ । ତା ସାଙ୍ଗ ମହେଶ ଓ ରାଜେଶ ବହୁତ ବଡ଼ ବଡ଼ିଆ ପିଲା । କେତେ ନୂଆ ନୂଆ କପଡା ପିନ୍ଧିଥିବେ । ତପନ ରାସ୍ତାରେ ଦୌଡ଼ ମାରୁଥାଏ ଓ କେତେ କଥା ଭାବୁଥାଏ ।

ଏମିତି ଯୋଗକୁ ତପନ ଘରକୁ ଫେରି ଦେଖେତ ବଡ଼ି ଭୋରରୁ ଠିକାଦାର ଆସି ତାଙ୍କ ଘରେ ହାଜର । ତପନ ଠିକାଦାର ଜଣକ ତାଙ୍କ ଘରକୁ ଆସିଛନ୍ତି ଦେଖି ଗୋଟିଏ ଲମ୍ବ ମୁଣ୍ଡିଆ ମାରିଲା । ଠିକାଦାର ହାତରେ ଧରିଥିବା ଗୋଟେ ପଛ ଓଳା ବ୍ୟାଗ ତପନ ହାତକୁ ବଢ଼େଇ ଦେଲେ । କହିଲେ ମାଆ ପୁଅଙ୍କର ଦୁଇଦିନର ମଜୁରୀ ମଧ୍ୟ ସେଇ ବ୍ୟାଗ ଭିତରେ ଅଛି । "ହଉ ମୋର ବହୁତ କାମ ଅଛି ମାଉସୀ ! ପୁଅ କଥା କାଲି ମନେ ପଡ଼ିଗଲା । ମୋ ମନ ବୁଝିଲା ନାହିଁ କାରଣ ତାର ଆଜି ପରୀକ୍ଷା ଅଛି । ତେଣୁ ସେଦିନ କେଇଟା ପଇସା ପାଇଁ ସେ ମୋ ଗୋଡ଼ ଧରିବାକୁ ବି ପଛାଇ ନ ଥିଲା । ମୁଁ ରାତି ସାରା ସୋଇପାରିନି କେମିତି

ତପନକୁ ତା ମଜୁରୀ ଧରେଇବି । ଆଜିକାଲି ଯଦି ଅଧିକ ରୋଜଗାରିଆ ଲୋକ ମାନେ ନିଃସହାୟ ଲୋକ ମାନଙ୍କୁ ସମୁଦ୍ରରୁ ଶଙ୍ଖେ ଦାନ କରନ୍ତେ ନା ତେବେ ଏହି ଦୁନିଆର ଗରିବ ରୁହନ୍ତେ ନାହିଁ ! ମୋର ବିଳମ୍ବ ପାଇଁ ମୁଁ ହାତ ଯୋଡି କ୍ଷମା ମାଗୁଛି ମାଉସୀ" । ଏତକ କହି ଠିକାଦାର ସେଠାରୁ ବିଦାୟ ନେଲେ ।

ଠିକାଦାର ଗଲା ପରେ ତପନ ଅତ୍ୟନ୍ତ ଖୁସି ହୋଇଯାଇଥିଲା । କେତେ ସୁନ୍ଦର ବ୍ୟାଗ ହୋଇଛି ଯେ ! ଏଥିରେ ମଜୁରୀ ବି ରହିଛି ଓ ଆଉ କଣ ରହିଛି ଦେଖିବି । ପୁଣି ଭାବିଲା ସକାଳ ନିତ୍ୟ କର୍ମ ସାରି ମାଆ ପୁଅ ଖୋଲିକରି ଦେଖିବୁ କଣ ଅଛି ଏତେ ସୁନ୍ଦର ବ୍ୟାଗ ଭିତରେ । ସମସ୍ତ କାମ ଗୁଡାକୁ ଯେମିତି ଉଡେଇଲା ଭଳି କରି ପକାଉଥାଏ । ଦାନ୍ତ ଘସା ସରିଲା ପରେ ମାଆଙ୍କୁ ଡାକ କହିଲା ଜଲଦି ଆ, ବ୍ୟାଗଟା ଖୋଲିବ ପରା । ମାଆ ପୁଅ ବ୍ୟାଗ ଖୋଲିବାକୁ ବସିଗଲେ । ୟେ କଣ ପ୍ରଥମେ ବ୍ୟାଗରୁ ପାଉରୋଟି ସହିତ କଦଳୀ ବାହାରିଲା । "ମୁଁ ଖାଇବି, ମୁଁ ଖାଇବି", କହି ପାଉଁରୁଟିକୁ ଧରି ଟିକେ ନାଚ ଆସିଲା ତପନ। ପୁଣି ଦେଖିଲା ସାବୁନ, ସାମ୍ପୁ, ତେଲ ଓ କୋଲଗେଟ ସହିତ ଦାନ୍ତ ଘସା ବ୍ରସ । ଏବେ ତପନର ଖୁସି କହିଲେ ନ ସରେ । ଦୁଇ ତିନ ଥର ସୁଗନ୍ଧ ଭରା ସାବୁନ ଦୁଇଟିକୁ ଶୁଙ୍ଘିବାରେ ଲାଗିଲା ଓ ବାଃ ବାଃ କହି ଦେଉଥାଏ । ପୁଣି କହୁଥାଏ କ ବାସ୍ନା । ବ୍ରସଟିକୁ କାଢି ଟିକେ କୋଲଗେଟ ଲଗେଇ ଦେଲା, କେମିତି ଦାନ୍ତ ବ୍ରସରେ ଘସା ଯାଏ ଜାଣିବାକୁ । ହେଲେ ସେ ତ ଆଜି ଦାନ୍ତ ଘଷି ସାରିଛି, ଖାଲିଟାରେ ନଷ୍ଟ ହେବ । ତେଣୁ ନଷ୍ଟ ନ କରି ପୁଣି ଥରେ ଦାନ୍ତ ଘସିଦେବ ଭାବିଲା । କହୁଥାଏ ମୁଁ ବି ବଡ଼ଲୋକଆଙ୍କ ଭଳି ଦାନ୍ତ ଘସିବି। କାରଣ ମାଆ ତା ପାଇଁ କରଞ୍ଜ ଦାନ୍ତ କାଠି ସହିତ ଗୋବର ଘସିର ପାଉଁଶ ରଖିଥାନ୍ତି । ସେଇଥିରେ ସେ ଦାନ୍ତ ଘଷେ । ହେଲେ ଆଜି ଠାରୁ ତାକୁ ଦାମୀକିଆ ଓ ବଡ ଲୋକଆଙ୍କ ଜିନିଷ ମିଳଛି । ହଉ ଦେଖେ ଆଉ କଣ ଅଛି ବ୍ୟାଗରେ, ଏଁ ଭଗବାନ ! ନୂଆ କପଡା ! ବିଦ୍ୟାଳୟର ଦୈନିକ ପିନ୍ଧିବା ପାଇଁ ଜାମା ସହିତ ପ୍ୟାଣ୍ଟ ପୁଣି ତା ସହିତ ସ୍ପୋର୍ଟସ ଲେଖା ଯାଇଥିବା ପୁରା ପ୍ୟାଣ୍ଟ ସହିତ ଗଞ୍ଜି । ବାପ୍ ରେ କଣ ଦୁଇ ଦିନ କାମରେ ଏତିକ ମଜୁରୀ। ପରିଶ୍ରମର ମୁଲ୍ୟକଣ ଏତେ ଅଧିକା । ରାଜେଶ ଓ ମହେଶର ବାପା ବହୁତ ପରିଶ୍ରମ କରନ୍ତି । ସେଇଥି ପାଇଁ ସେମାନେ ବଡ଼ଲୋକଆ ହେଇଛନ୍ତି । ଏବେ ଜାଣିଲି ଦୁନିଆର ଯେତେଜଣ ବଡ଼ଲୋକଆ ଅଛନ୍ତି, ସମସ୍ତେ ଜଣେ ଜଣେ ପରିଶ୍ରମୀ । ଏବେ ଜାମା ପ୍ୟାଣ୍ଟ କାଢି ସାରିବା ପରେ ଟଙ୍କା ବିଡା ଗୋଟେ କାଗଜରେ ଗୋଡା ଯାଇଥିବାର ଦେଖିଲା । ତପନ କାଗଜ ଖୋଲିଲା ଓ ଦେଖିଲା କାଗଜରେ ଲେଖା ହୋଇଛି "ପରିଶ୍ରମ ଓ ସାଧନା

ସବୁକଛି ଦେଇଥାଏ । ତୁ ମୋ ହୃଦୟ ଜିତିନେଲୁ କାରଣ ମୁଁ ଗୁରୁତ୍ୱ ନ ଦେଇ ବାହାରକୁ ଗ୍ଲଲି ଯାଇଥିଲି । ଯାହାକ ଆଜି ନ ପହଞ୍ଚି ଥିଲେ ତପନର ଅବସ୍ଥା କଣ ହେଇଥାନ୍ତା କହିଲୁ । ତେଣୁ ମୋତେ ନଜ ଭ୍ଇ ଭଳ ଭ୍ବି ଆଗକୁ ବଢିବୁ ବୋଲି ମୋର ଆଶା ।"

ଲେଖା ପଢି ସାରି ଟଙ୍କା ଗଣି ଦେଖିଲ୍ ରହିଛି ଏକ ହଜାର ଟଙ୍କା । ଯାହାକ ତା ଜୀବନରେ କେବେ ଦେଖି ନ ଥିଲ୍ । ତାକୁ ଭ୍ରି ଭୟ ଲ୍ଗିଲ୍ । ଭୟରେ ଥରି ଥରି ହାତରୁ ପଇସା ଖସେଇ ପକେଇଲ୍ । ଆଉ କହିଲ୍ ମାଆ ସେ କାହିଁକ ଏତେ ଟଙ୍କା ଦେଇଛନ୍ତି । ମାଆ କହିଲେ ସେ ପତ୍ର ମୋତେ କହିଗଲେ ମୁଁ ଯାହା ଦେଲି ସବୁ ତପନର ଭବିଷ୍ୟତ ପାଇଁ ଦେଇଛି । ତୋର ତ ଦଶମ ଶ୍ରେଣୀ ହେଲ୍ଣି ତୁ ଏଇ ପଇସାରେ ଗୋଟେ ଦୋକାନ କରିଦେଲେ କଣ ସମ୍ଭାଳ ପାରିବୁ ନାହିଁ । ଦୋକାନରେ ବସିବୁ ତା ସହିତ ପାଠ ପଢ଼ିବୁ । ହଉ ଛାଡେ ସେ କଥା ତୁ ଏବେ ଯିବା ପାଇଁ ପ୍ରସ୍ତୁତ ହଅ ।

ତପନ ଠାକୁରଙ୍କୁ ବହୁତ ଡାକଲ୍ ହେ ପ୍ରଭୁ ତମେ ଦୁନଆରେ କାହିଁକ ଠିକାଦାର ଭ ବଡ଼ଲ୍ୋକଆ ବନେଇଲ ନାହିଁ । ଜିଏ ଅନ୍ୟର ଦୁଃଖ ବୁଝି ପାରେ । ଯିଏ ଅନ୍ୟକୁ ଜୀବିକା ଦେବା ସହ ଜୀବନ ଦେଉଛନ୍ତି । ତାଙ୍କ ପରି ମଣିଷ କଣ ଯେ ଦୁନଆରେ କେହି ଅଛନ୍ତି । ଏମିତି ବହୁତ ପ୍ରାଥନା କଲ୍ ଠିକାଦାରଙ୍କ ମଙ୍ଗଳ କାମନା କରି ।

ଭଲ ଭ୍ବେ ସାବୁନ ତେଲ ଲଗେଇ ଗାଧୋଇଲ୍ ତପନ । ତା ଦେହରେ ସତ ସହସ୍ର ସିଂହର ବଳ ଜାତ ହେଲ୍ ଭଳ ଲ୍ଗିଲ୍ । ଯେମିତି ଆଜିର ପ୍ରତିଯୋଗିତାରେ ସମସ୍ତ ଖେଳରେ ଉତ୍ତୀର୍ଣ୍ଣ ହେଇ ବିଜୟର ଟୀକା ପିନ୍ଧିକରି ଆସିବ । ସମସ୍ତ ନତ୍ୟକର୍ମ ସରିବା ପରେ ମାଆଙ୍କୁ ସାଷ୍ଟାଙ୍ଗ ପ୍ରଣାମ ଜଣେଇ, କହିଲ୍ "ମାଆ ଆଶୀର୍ବାଦ କର ! ଯେମିତି ମୁଁ ସକ୍ଷମ ହୁଏ" କହି ବିଦ୍ୟାଳୟକୁ ବାହାରିଲ୍ । ହେଲେ ଯେ କଣ ? ଡାକ ଛାଡିଲ୍ "ମାଆ... ମାଆ... ଦେଖିଲୁ" ।

**(ଭ୍ଗ -3 ରେ ଆଗାମୀ ଅଧ୍ୟାୟ ନଶ୍ଚୟ ପଢିବେ)**

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ
ବାଲେଶ୍ୱର(ଭଦ୍ରକ)

# ମରୀଚକା...



ଅରୁଣ କୁମାର ମହାନ୍ତି

ସବୁଦିନ ମୁହିଁ ଦେଖୁଛି ଗୋ ସହି କେତେଯେ ସୁନ୍ଦରୀ ଝିଅ
ତୁମ ପରି କେହି ଦେଖ୍‌ନାହିଁ କାହିଁ  ଲ୍‌ଜେ ଲୁଗ୍ନନ୍ତିନ  ମୁଁହ
ତଥାପି କାହିଁକ  ତୁମର ମୁଁହଟି ଆଖ୍ ଆଗେ ମୋର ନାଚେ
ଜାଣି ପାରେ ନାହିଁ ତୁମ ପାଇଁ କାହିଁ କରୁଣ କବିତା ରଚେ**...!!**
ହୃଦୟର କୋଣେ  ନଭୃତ ପ୍ରାଙ୍ଗଣେ ହୁଅ ତୁମେ ଯେବେ ଉଭ୍
ବିଦ୍ୟୁତ ବେଗରେ  ଶିର୍ ଧମନୀରେ  ଖେଳଯାଏ ଏକ ପ୍ରଭ୍
କଟୁନ ଯାମିନୀ କଳ୍ପିତା କାମିନୀ  ରଚଗୋ ସପନ ପୁରୀ
ଆକୁଳତା ଭର୍  ହୃଦୟଟା ପର୍  ହେଉଛି ତୁମକୁ ଝୁରି**....!!**
ଗ୍ନନ୍ଦିନୀ ର୍‌ତିରେ ଶୀତଳ ଜୋସ୍ନାରେ କାହିଁକ ତପିତ ହୁଅ
ଫଗୁଣ ଫଗୁରେ ବସନ୍ତ ବେଳାରେ କାହିଁକ ଯନ୍ତ୍ରଣା ଦିଅ
କାଉଁରୀ କାଠିର ସ୍ପର୍ଶ ତୁମେ ମୋର ସଦା ହୃଦୟ ପ୍ରେରଣା
ତୁମ ବିନା ରିକ୍ତ ମୋ ଜୀବନ ପାତ୍ର ଢାଳ ସେନେହ ଝରଣା**....!!**
ପ୍ରେମିକା ମୋହର ମରୁ ସାହାର୍‌ର ମରୀଚକା ସମ ଭ୍ରାନ୍ତି
ଘୂର୍‌ଇ ଘୂର୍‌ଇ ମାରଇ କେବଳ ନ ଦେଇ ପର୍‌ଣେ ଶାନ୍ତି**....!!**

ଇଶାଣ ପୁର, ଯାଜପୁର

# ମୁଁ ନାହିଁ କ ତମେ ନାହିଁ



ପ୍ରିୟଦର୍ଶୀ

ମୁଁ ଚକ୍ରବୁହ ଯୋଦ୍ଧା
ତମେ ମହାଭାରତ କବିତା,
ମୁଁ ସପ୍ତରଥୀ ଘେର
ତମେ ମାୟାଜାଲ ସୁଚରିତା ।
X X X X X X X X X X X X X X
ଜାଣେନା ମୁଁ ଆବାହନ
ଶ୍ଲୋକ, ପଂକ୍ତି, ମନ୍ତ୍ରବିଧି,
ଚତୁର୍ବେଦ ମନ୍ତ୍ରଧ୍ୱନ
ମନୁଷ୍ୟତ ସର୍ବସିଦ୍ଧି ।

ମୋହାବିଷ୍ଟ ମୋହଚ୍ଛନ୍ନ
ଇନ୍ଦ୍ରିୟର ମତଭେଦ,
ସାନ୍ନିଧର ସମ୍ମୋହନ
ମୋକ୍ଷ ଆଜି ଅତିକ୍ରାନ୍ତ ।

ଗାୟତ୍ରୀର ମନ୍ତ୍ରଧ୍ୱନ
ପରଦାର ଅନ୍ତରାଳେ,
ଦିଗନ୍ତର ବଂଶୀସ୍ୱନ
ସିଂହଦ୍ୱାରେ ଅଶ୍ରୁଢାଳେ ।

ମରୁଦ୍ୟାନ ମୃଗତୃଷ୍ଣା
ବୈଶାଖର ଶୁଷ୍କତନୁ,
ଶ୍ରାବଣର ଜଳକନ୍ୟା
ଭାଦ୍ରବର ଇନ୍ଦ୍ରଧନୁ ।
X X X X X X X X X X X X X X X

ଅସ୍ପଷ୍ଟ ସେ ସ୍ୱପ୍ନିଳ କାହାଣୀ
ନିସ୍ତବ୍ଧ ସେ ନିର୍ମମ ଯନ୍ତ୍ରଣା,
ନିର୍ବିକାର ସେ ନିଶବ୍ଦ ଆର୍ତ୍ତନାଦ
ଅସ୍ତମିତ ସେ ଅଦୃଶ୍ୟ ଭାବନା ।

ମୁଁ ନାହିଁ କି ତମେ ନାହଁ ...............
କିନ୍ତୁ ସ୍ମୃତି ହୁଏ ଆନମନା ।

ଗୋବିନ୍ଦନିବାସ, ପୁଟିଆ,
ଆନନ୍ଦପୁର, କେନ୍ଦୁଝର

# ନାରୀ



ବିଶ୍ୱଜିତ୍ ନାଥ

ନାରୀ ତୋର କେତେ ରୂପ କେତେ କାହାଣୀ
ତୁ, ଭଗ୍ନୀ , ଅର୍ଦ୍ଧାଙ୍ଗିନୀ ଆଉ ଜନନୀ
ତୁ ମମତା ମୟୀ ମନ୍ଦାକିନୀ
କରୁଣା ମୟି ଶ୍ରଦ୍ଧା ର ସ୍ରୋତସ୍ୱିନୀ
ଦେବକୀ ସାଜି ତୁ ଜନ୍ମଦାୟିନୀ
ଯଶୋଦା ରୂପେ କହ୍ନା ତୋ ପାଖେ ଋଣୀ,୧

ତୁ ଭଗ୍ନୀ ସ୍ନେହ ର ବିନ୍ଧାଣୀ
ଶୁଭକଙ୍କ୍ଷୀ ଆଶାର ବୈତରଣୀ
ତେଜ ରୁପେ୍ୟଣ ଶକ୍ତି ତୁ ତେଜସ୍ୱୀନୀ
ତୁ ସୃଷ୍ଟି, ତୁ ସ୍ରଷ୍ଟା, ଆଉ ସଂହାରିଣୀ ୨
କେବେ ତୁ ଧାର୍ ଶ୍ରାବଣୀ
ଆଉ କେବେ ବସନ୍ତ ର୍ଗିଣୀ
ଦିବାସ୍ୱପ୍ନ ର ନାୟିକା ପ୍ରୀତି ର ତଟିନୀ
ସାଧନା ର ଉସ୍ ତୁମେ ଅର୍ଦ୍ଧାଙ୍ଗିନୀ
ପ୍ରଣୟ ର ସୁଧା ତୁମେ ରତ୍ନପୂର୍ଣ୍ଣ ଶ୍ରାବଣୀ(୩)

ତୁ ସହି ପାରୁ କେତେ ନିଷ୍ଠୁର କଷଣ
ଯୁଗେ ଯୁଗେ ନିର୍ଯାତିତା  ତୁ କରିଛୁ କୁ ପଣ

ତୁ ନିର୍ଭୟା, ତୁ ସ୍ୱୟଂ ସିଦ୍ଧା, ତୁ ଅପରାଜିତା
ନିଷ୍ଠୁର ସମାଜ ଦ୍ୱାରା  ତୁ ଆଜି ନିର୍ଯାତିତା,
ଅଶ୍ରୁ ତୋର ସୃଷ୍ଟି କରେ ଧ୍ୱଂସ ର ଧରଣୀ
ନାରୀ ତୋର କେତେ ରୂପ, କେତେ କାହାଣୀ

ଜିଲ୍ଲା ମୁଖ୍ୟ ଶିକ୍ଷା ପ୍ରତିଷ୍ଠାନ କେନ୍ଦୁଝର ର ଛାତ୍ର,
ଉଲ୍ଲୋଲ, ଘଷିପୁରା,

# ମୃତ୍ୟୁ ପରେ ମାନବ ଶରୀର କ'ଣ ହେବ?



ବାଲ୍ମୀକ ନାୟକ

ବ୍ୟବହାରିକ ଦୃଷ୍ଟିରେ ଏହା ଏକ ଜଟିଳ ପ୍ରଶ୍ନ କିନ୍ତୁ ବୌଦ୍ଧିକ ତଥା ତାର୍କିକ ଦୃଷ୍ଟିରେ ଅତି ସହଜ ପ୍ରଶ୍ନ । ଚଳନ୍ତି ପ୍ରଥା ଅନୁସାରେ ଦୁନିଆର ସମସ୍ତ ମାନବ ସମାଜରେ ମୃତ୍ୟୁ ପରେ ମାନବ ଶରୀରକୁ ମୁଖ୍ୟତଃ ଦୁଇଟି ପ୍ରକାରରେ ଯଥା : ପୋଡି ଦେଇ କିମ୍ବା ପୋତି ଦେଇ ନଷ୍ଟ କରାଯାଏ । ଅଳ୍ପ କେତେକ କ୍ଷେତ୍ରରେ ଶବକୁ ନଦୀ ଜଳରେ ଭସାଇ ଦିଆଯାଏ କିମ୍ବା ଜଙ୍ଗଲରେ ପଶୁଙ୍କ ଖାଦ୍ୟ ପାଇଁ ଫିଙ୍ଗି ଦିଆଯାଏ । ଶବକୁ ପୋଡିବା ଦ୍ୱାରା ମାନବ ସମାଜର ଯେଉଁ ସବୁ କ୍ଷତି ହୁଏ, ତାହା ହେଉଛି - ପରିବେଶ ଓ ବାୟୁ ପ୍ରଦୂଷଣ । ଶବକୁ ଜାଳିବା ପାଇଁ କାଠ ସହିତ ଅନ୍ୟାନ୍ୟ ଇନ୍ଧନର ଖର୍ଚ୍ଚ । ଯଦିଓ ହିନ୍ଦୁ ଧର୍ମରେ ଶବକୁ ଜାଳିବା ପରମ୍ପରା ରହିଛି ତଥାପି ଦକ୍ଷିଣ ଭାରତର କେତେକ ହିନ୍ଦୁମାନେ ଶବକୁ ଭୂମିରେ ପୋତି ଶବସତ୍କାର କରିଥାନ୍ତି । ଶବକୁ ଦହନ କରିବାପାଇଁ କେତେକ ଆର୍ଥିକ ସମ୍ପନ୍ନ ହିନ୍ଦୁ ବ୍ୟକ୍ତି କୌଣସି ପବିତ୍ର ନଦୀ କୂଳକୁ, ଯଥା: ଗଙ୍ଗା ନଦୀ କିମ୍ବା ଧାର୍ମିକ ମତ ଅନୁସାରେ ମାନ୍ୟତା ପ୍ରାପ୍ତ ଶ୍ମଶାନ, ଯଥା: ପୁରୀର ସ୍ୱର୍ଗଦ୍ୱାର ଆଦିକୁ  ବହୁତ ଖର୍ଚ୍ଚ କରି ଶବକୁ ନେଇ ଯାଆନ୍ତି । ସେଠାରେ ବ୍ରାହ୍ମଣମାନଙ୍କ ଦ୍ୱାରା ଗରୁଡ ପୁରାଣ ଅନୁସାରେ ପିଣ୍ଡଦାନ, ପ୍ରେତ କ୍ରିୟା ଆଦି କରାଇ ଦାହ ସଂସ୍କାର କରନ୍ତି । ଅନ୍ୟ ସବୁ ସାଧାରଣ ବ୍ୟକ୍ତି ନିକଟସ୍ଥ ଶ୍ମଶାନ କିମ୍ବା ନିଜର କ୍ଷେତରେ ହିଁ ଶବଦାହ କରିଦିଅନ୍ତି । ନଦୀ କୂଳରେ ଶବଦାହ ପରେ ଅବଶିଷ୍ଟ ବସ୍ତୁ ଏପରିକି ଅଧା ଜଳା ଶରୀରକୁ ମଧ୍ୟ ସେହି ନଦୀରେ ହିଁ ଭସାଇ ଦିଅନ୍ତି । ଏହାଦ୍ୱାରା ନଦୀଜଳ ପ୍ରଦୂଷିତ ହୋଇଯାଏ ।ଶ ବକୁ ଯେଉଁଠି ଜଳାଇଲେ ମଧ୍ୟ ବାୟୁ ପ୍ରଦୂଷଣ ଓ ବନ୍ୟ ସମ୍ପଦର କ୍ଷତି ତ ଅବଶ୍ୟ ହେଉଛି । ଦାହ ସଂସ୍କାର ଦ୍ୱାରା ଦେଶରେ ପ୍ରତିବର୍ଷ ହଜାର ହଜାର ଟନ କାଠ ନଷ୍ଟ ହୋଇଯାଉଛି । ଶବ ଦହନ କରିବାପାଇଁ ଆଜିକାଲି କେତେକ ସହରମାନଙ୍କରେ ବିଜୁଳିଶକ୍ତି ଚାଳିତ ଚୁଲି କିମ୍ବା ଗ୍ୟାସ ଚୁଲି ବ୍ୟବହାର ହେଲାଣି । ଏଗୁଡିକ

କିନ୍ତୁ ବହୁତ କମ ପରିମାଣରେ ନିର୍ମାଣ ହୋଇଛି, ତେଣୁ ସମସ୍ତଙ୍କ ପାଇଁ ଉପଲବ୍ଧ ହୋଇପାରୁନି । କେତେକ ଲୋକ ଗଙ୍ଗାରେ ଅସ୍ଥି ବିସର୍ଜନ ପାଇଁ ସେହି ଚୁଲିରୁ ଅସ୍ଥି ପାଇବେ ନାହିଁ ବୋଲି ମଧ୍ୟ ଶବକୁ ସେଠାକୁ ନିଅନ୍ତି ନାହିଁ । ବିଶେଷ କରି ଗ୍ରାମ୍ୟ ଅଞ୍ଚଳର ଲୋକମାନେ ସେହି ସୁବିଧା ପାଉନାହାନ୍ତି ।

ଅନ୍ୟାନ୍ୟ ଧର୍ମରେ ପ୍ରାୟ ଶବକୁ ଦଫନ ଅର୍ଥାତ ଭୂମିଗତ କରିଥାନ୍ତି । ଏହା ହେଉଛି ବୈଜ୍ଞିକ ଦୃଷ୍ଟିରେ ଏକ ଉତ୍ତମ ପ୍ରଥା । ଏହା ଦ୍ୱାରା ବାୟୁ ବା ଜଳ ପ୍ରଦୂଷଣ ହୋଇ ନଥାଏ କିମ୍ବା ବନ୍ୟ ସମ୍ପଦ ନଷ୍ଟ ହୁଏନାହିଁ । ଦ୍ୱିତୀୟରେ ଭୂମି ଭିତରେ ଶରୀର ଧିରେ ଧିରେ କମ୍ପୋଷ୍ଟ ବା ଖାଦରେ ପରିଣତ ହୋଇଯାଏ । ଶବକୁ ଏଭଳି ଏକ ସ୍ଥାନରେ ପୋତି ସାରି, ସେହି ଜାଗାରେ ଯଦି ଗୋଟିଏ ବୃକ୍ଷ ରୋପଣ କରିଦିଆଯାଏ, ତାହା ବଡ ହୋଇ ପରିବେଶକୁ ସବୁଜ ସୁନ୍ଦର କରିବା ସହିତ ମାନବ ଜଗତର ହିତ ସାଧନ ବି କରିବ । ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପାଇଁ ଯଦି ଗୋଟିଏ ଲେଖାଏଁ ଗଛ ରୋପଣ କରାଯିବ, ତେବେ ବନ୍ୟ ସମ୍ପଦ ବି ବୃଦ୍ଧି ପାଇବ । ବୃକ୍ଷଟି ମୃତ ବ୍ୟକ୍ତିର ସ୍ମୃତି ସ୍ୱରୂପ ଅନେକ ଦିନ ପର୍ଯ୍ୟନ୍ତ ରହିବ ।

ମୃତ ଶରୀରକୁ ମାନବ ଉପଯୋଗୀ କରିବାପାଇଁ ଅନ୍ୟ ଏକ ବିଜ୍ଞାନ ସମ୍ମତ ପଦ୍ଧତି ଆଜିକାଲି ବହୁତ ଲୋକପ୍ରିୟ ହୋଇଛି । ଏହାକୁ ଆମେ ସର୍ବୋତ୍ତମ ପଦ୍ଧତି ବୋଲି କହିପାରିବା, ତାହା ହେଉଛି - "ଶରୀର ଦାନ" । କାଳ୍ପନିକ ଆତ୍ମା-ପରମାତ୍ମାର ଚକ୍ରବ୍ୟୁହରୁ ମୁକ୍ତ ହୋଇ ସଚେତନ ହୋଇଥିବା ଶହ ଶହ ଲୋକମାନେ ମୃତ୍ୟୁ ପୂର୍ବରୁ ନିକଟସ୍ଥ ମେଡିକାଲ କଲେଜକୁ ନିଜର ଶରୀର ଦାନ କରିବାପାଇଁ ଲିଖିତ 'ଶପଥ ପାଠ' **(Will)** ଦାଖଲ କରିଦେଉଛନ୍ତି । ଏଥିରେ ଅବଶ୍ୟ ପରିବାର ଲୋକମାନଙ୍କର ସହମତି ରହିବା ଆବଶ୍ୟକ । ମୃତ୍ୟୁର ଯଥା ସମ୍ଭବ କମ ସମୟ (ପ୍ରାୟ ଛଅ ଘଣ୍ଟା) ଭିତରେ ଯଦି ଶବ ମେଡିକାଲରେ ପହଞ୍ଚି ଯାଇପାରିବ, ତେବେ ଡାକ୍ତରମାନେ ସେହି ଶରୀରର କିଛି ଉପଯୋଗୀ ଅଙ୍ଗ-ପ୍ରତ୍ୟଙ୍ଗ ବାହାର କରି ଅନ୍ୟ କୌଣସି ରୋଗୀ ଦେହରେ ରୋପଣ କରିପାରିବେ । ଏହାର ଉଦାହରଣ ବହୁତ ଦେଖିବାକୁ ମିଳୁଛି । ମୃତ ବ୍ୟକ୍ତିଙ୍କ ଚକ୍ଷୁ ବାହାର କରି ଆଜି ହଜାର ହଜାର ସଂଖ୍ୟାରେ ଚକ୍ଷୁହୀନ ବ୍ୟକ୍ତିଙ୍କୁ ଆଲୋକ ପ୍ରଦାନ କରାଯାଉଛି । ସେହିଭଳି କିଡନୀ, ଲିଭର ଓ ହାର୍ଟ ଆଦି ମଧ୍ୟ ଟ୍ରାନ୍ସପ୍ଲାଣ୍ଟ ହୋଇପାରୁଛି । ଦେଶ ବିଦେଶର

ହଜାର ହଜାର ଲୋକ ଶରୀର ଦାନ କରିବାପାଇଁ ଉଦାର ମନରେ ଆଗେଇ ଆସୁଛନ୍ତି । ଦ୍ୱିତୀୟରେ ମେଡିକାଲ କଲେଜରେ ଶିକ୍ଷା ଗ୍ରହଣ କରୁଥିବା ହଜାର ହଜାର ଡାକ୍ତରୀ ଛାତ୍ର ଓ ଛାତ୍ରୀଙ୍କୁ ଶବ ବ୍ୟବଚ୍ଛେଦ କରି ମାନବ ଶରୀର ସମ୍ପର୍କରେ ଉପଯୁକ୍ତ ଶିକ୍ଷା ମିଳପାରିବ । କେତେକ ଅଜ୍ଞାନୀ ଲୋକ ଯୁକ୍ତି କରୁଛନ୍ତି ଯେ ଏହି ଜନ୍ମରେ ମୃତ୍ୟୁ ପରେ ଚକ୍ଷୁ ଦାନ କରିଦେଲେ ଆସନ୍ତା ଜନ୍ମରେ ସେ ଅନ୍ଧ ହୋଇ ଜନ୍ମ ହେବ । ଶବକୁ ବଡପୁଅ ମୁଖାଗ୍ନି ଦେଇ କାଠ ନିର୍ମିତ ଯୁଇ କୁଣ୍ଡରେ ଦେଶୀ ଘିଅ ଓ ଚନ୍ଦନ ଆଦି ଦେଇ ଦାହ ନକଲେ ତା'ର ଆତ୍ମା ମୋକ୍ଷ ପାଇବନାହିଁ । ସେହି ଯୁଇରୁ ଅସ୍ଥି ଖଣ୍ଡେ ନେଇ କୌଣସି ପବିତ୍ର ନଦୀ ବା ପୁଷ୍କରିଣୀରେ ଶ୍ରାଦ୍ଧ ଓ ପିଣ୍ଡଦାନ କରି ବିସର୍ଜନ କଲେ ହିଁ ଅତୃପ୍ତ ଆତ୍ମାର ମୋକ୍ଷ ହେବ । ବିଜ୍ଞାନ ପଦ୍ଧତିକୁ ମାନୁଥିବା ପରିବାରର ଲୋକମାନେ ଶରୀର ଦାନ କରିବା ପରେ ମୃତ ବ୍ୟକ୍ତିଙ୍କ ଆତ୍ମାର **(?)** ମୋକ୍ଷପାଇଁ କୌଣସି ଧାର୍ମିକ କର୍ମକାଣ୍ଡ ମଧ୍ୟ କରୁନାହାନ୍ତି । ଏହାଦ୍ୱାରା ସେମାନଙ୍କର ଆର୍ଥିକ କ୍ଷତି ହୁଏନାହିଁ କିମ୍ବା ମାନସିକ ଓ ଶାରୀରିକ ଯନ୍ତ୍ରଣା ମଧ୍ୟ ଭୋଗ କରନ୍ତି ନାହିଁ ବରଂ ତାଙ୍କର ପ୍ରିୟଜନଙ୍କ ଶରୀର ଏକ ମହତ କାମରେ ଲାଗିଲା ବୋଲି ଆତ୍ମସନ୍ତୋଷ ପାଇଥାନ୍ତି ।

ଉପରୋକ୍ତ ଦୁଇଟି ପ୍ରଥାରେ କିଛି ସାମାଜିକ ଓ ଧାର୍ମିକ ସମସ୍ୟା ମଧ୍ୟ ରହିଛି । ଶବକୁ ଦାହ କରାଯାଉ କିମ୍ବା ଦଫନ କରାଯାଉ, ଅତୃପ୍ତ ଆତ୍ମାର ମୋକ୍ଷ ନାମରେ ଶ୍ରାଦ୍ଧ, ପିଣ୍ଡଦାନ, ବ୍ରାହ୍ମଣମାନଙ୍କୁ ଧନ ଦାନ ସହିତ ସମାଜର ଲୋକମାନଙ୍କୁ ମୃତ୍ୟୁ ଭୋଜ ଦେବା ଏକ ପ୍ରକାର ବାଧ୍ୟତା ମୂଳକ ରୂପେ ଚାଲିଛି । ଏହାଦ୍ୱାରା ସମାଜର କିଛି ଧନାଢ୍ୟ ବ୍ୟକ୍ତିଙ୍କୁ ଛାଡି ଦେଲେ, ଅନେକ ମଧ୍ୟବିତ୍ତ ଓ ଗରିବ ଲୋକମାନଙ୍କ 'ବୋଝ ଉପରେ ନଳିତା ବିଡା' ଭଳି ସମସ୍ୟା ସୃଷ୍ଟି ହୋଇଥାଏ । ଏହାକୁ ସମସ୍ତେ ସ୍ୱୀକାର କରୁଥିଲେ ମଧ୍ୟ ଅତୃପ୍ତ ଆତ୍ମାର ଅହେତୁକ ଭୟ ଯୋଗୁଁ କେହି ପରମ୍ପରାକୁବନ୍ଦ କରିବାପାଇଁ ସାହାସ କରୁନାହାନ୍ତି । ଏହି ରୂଢିବାଦୀ ପରମ୍ପରାକୁ ଯଦି କେହି ସଚେତନ ବ୍ୟକ୍ତି ବନ୍ଦ କରିବାକୁ ଚାହୁଁଛି, ତାକୁ ପରିବାର ଓ ସମାଜର ଲୋକମାନେ ତୀବ୍ର ବିରୋଧ କରୁଛନ୍ତି । ସେ ନିରୁପାୟ ହୋଇ ସବୁ ମାନିବାକୁ ବାଧ୍ୟ ହେଉଛି । ଜୀବିତାବସ୍ଥାରେ ତାଙ୍କର ପିଲାମାନଙ୍କୁ ଅତ୍ୟନ୍ତ ଭଲ ପାଉଥିବା, ସବୁକିଛି ତ୍ୟାଗ କରିଥିବା ପିତା ଓ ମାତା ମୃତ୍ୟୁ ପରେ ସେମାନଙ୍କ ପାଇଁ ସତେ ଯେମିତି ଶତ୍ରୁ ପାଲଟି ଯାଉଛନ୍ତି । କାଳେ ତାଙ୍କର ଅତୃପ୍ତ ଆତ୍ମା ଭୂତ ହୋଇ ଆମକୁ ଡରାଇବ କିମ୍ବା କ୍ଷତି କରିବ ବୋଲି ଏକ ଭ୍ରାନ୍ତ ଧାରଣାରେ ଥରହର ହୁଅନ୍ତି । ଅତୃପ୍ତ ଆତ୍ମାର ମୋକ୍ଷ ପାଇଁ କର୍ମକାଣ୍ଡ

ବାହାନାରେ ବ୍ରାହ୍ମଣଙ୍କ ନିର୍ଦ୍ଦେଶରେ ଉଠ ବସ ହୁଅନ୍ତି । ଯାହା କହିଲେ ମାନନ୍ତି, ଯାହା ମାଗିଲେ ବି ଦିଅନ୍ତି । କେବଳ ଥରେ ନୁହେଁ, ପ୍ରତିବର୍ଷ ଏହି ଡ୍ରାମା ଚାଲେ । ଏହା କ'ଣ ପାଗଳ ପଣ ନୁହେଁ ? ତୁମର ବାପା ଓ ମା'ଙ୍କୁ ତୁମ ଅପେକ୍ଷା କ'ଣ ବ୍ରାହ୍ମଣ ବେଶୀ ଜାଣିଛି? ତୁମର ପ୍ରିୟ ବାପା ଓ ମାଆ ତୁମର କ୍ଷତି କରିବେ କାହିଁକି ? ନିଜକୁ ଥରେ ଏହି ପ୍ରଶ୍ନ ପଚାରି ଦେଖ ।

ମହାନ ସମାଜ ସୁଧାରକ(ଦିବଙ୍ଗତ) ଇ.ଭି. ରାମାସ୍ୱାମୀ ପେରିୟାରଙ୍କ ଜନ୍ମସ୍ଥଳ, ତାମିଲନାଡୁର ଏରୋଡ଼ ତଥା ଅନେକ ଜିଲ୍ଲାରେ ବାସ କରୁଥିବା ଅଧିକାଂଶ ପେରିୟାରଙ୍କ ସମର୍ଥକମାନେ ଶବକୁ ମାଟିତଳେ ପୋତି ଦିଅନ୍ତି । ସେମାନେ ଅତୃପ୍ତ ଆତ୍ମାର ମୋକ୍ଷପାଇଁ କୌଣସି ଧାର୍ମିକ କର୍ମକାଣ୍ଡ କରନ୍ତି ନାହିଁ । ପିତୃ ପୁରୁଷଙ୍କପାଇଁ ପ୍ରତିବର୍ଷ ପିଣ୍ଡଦାନ ଓ ଶ୍ରାଦ୍ଧ ବି କରନ୍ତିନାହିଁ । ସେମାନଙ୍କର ଏକ ଅନୁକରଣୀୟ ପ୍ରଥା ହେଉଛି - ପୀଡିତ ପରିବାରକୁ ଅନ୍ୟମାନଙ୍କୁ ଖୁଆଇବା ପାଇଁ କୌଣସି ଖର୍ଚ୍ଚ କରିବାକୁ ପଡେନାହିଁ । କିଛିଦିନ ପର୍ଯ୍ୟନ୍ତ ତାଙ୍କର ବନ୍ଧୁ ବାନ୍ଧବ ଓ ଗ୍ରାମର ଲୋକମାନେ ନିଜ ନିଜର ଘରୁ ଖାଦ୍ୟ ସାମଗ୍ରୀ ଆଣି ରାନ୍ଧି ସମସ୍ତଙ୍କୁ ଖୁଆଇଥାନ୍ତି । ଅର୍ଥାତ ପୀଡିତ ପରିବାରକୁ ମାନବିକତା ଦୃଷ୍ଟିରୁ ସାହାଯ୍ୟ, ସମବେଦନା ଓ ସାନ୍ତ୍ୱନା ଦେଇ ସମ୍ଭାଳିବାକୁ ଯଥେଷ୍ଟ ପ୍ରୟାସ କରାଯାଏ ।

ସୁଖର କଥା ଯେ ଗତ ବର୍ଷ **(2020)** ରାଜସ୍ଥାନ ସରକାର "ମୃତ୍ୟୁ ଭୋଜ ନିଷେଧ" ନାମକ ଏକ ଅଧ୍ୟାଦେଶ ଜାରି କରିଦେଇଛନ୍ତି । ତାଙ୍କ ରାଜ୍ୟରେ ମଣିଷର ମୃତ୍ୟୁ ପରେ ହେଉଥିବା ସମସ୍ତ କର୍ମକାଣ୍ଡ କରିବା ଓ ଲୋକମାନଙ୍କୁ ମୃତ୍ୟୁଭୋଜ ଦେବା ଉପରେ ନିଷେଧାଜ୍ଞା ଜାରି କରିଛନ୍ତି । କାନୁନକୁ ଅବମାନନା କଲେ ଏକ ବର୍ଷ ଜେଲ ଓ ଏକ ହଜାର ଟଙ୍କା ଜୋରିମାନା ଦେବାକୁ ହେବ । ସେଠାରେ ଏହି ଧନ୍ଦା କରୁଥିବା କିଛି ଧର୍ମପଣ୍ଡା ଲୋକମାନଙ୍କ ବ୍ୟତୀତ ସମସ୍ତେ ଏହି କାନୁନକୁ ସ୍ୱାଗତ କରିଛନ୍ତି । ସେହିରାଜ୍ୟ ଭଳି ଦେଶର ଅନ୍ୟାନ୍ୟ ରାଜ୍ୟ ସରକାର ମଧ୍ୟସମାଜର ମଙ୍ଗଳପାଇଁଏଭଳି କାନୁନ ବନେଇ ଲୋକମାନଙ୍କୁ ଆର୍ଥିକ, ମାନସିକ ଓ ଶାରୀରିକ ଶୋଷଣରୁ ରକ୍ଷା କରିବା ଉଚିତ ।

କେ.ଆର. ପୁରମ, ବାଙ୍ଗାଲୋର

# ତୁମ ବିନା



ସମ୍ୟଜିତ ପାତ୍ର

ଅଦୃଶ୍ୟ ଆଜି ସେ ଦିଗବଳୟ
ମନରେ ସୃଷ୍ଟି ଅସୀମିତ ଭାବନା
ଅଦୃଶ୍ୟ ସେ ଆଜି ଝାପ୍ସା କୁହୁଡ଼ି ରେ
ବିକ୍ଷିପ୍ତ ଆଜି ଅନେକ ସପନ।

ଅସ୍ଥିର ଆଜି ମୋ କଲମ ମୁନ
ଅସ୍ଥିର ସେ ଶବ୍ଦସମୂହ
ଅଲଗା ଆଜି ତାର ଭାବଭଙ୍ଗୀ
ଅଲଗା ଦିଶୁଛି  ଆଜି ତାର ଅଭିନୟ।

ଅଶାନ୍ତ ଆଜି କ୍ଲାନ୍ତ ସର୍ବଂସହା
ଅଶାନ୍ତ ଆଜି ତାର କୋପ
ଅଜ୍ଞାନ ମାନବର  କରମ ଯୋଗୁଁ
ଦୁନିଆ ପାଇଛି ଅଭିଶାପ।

ଉନ୍ମତ୍ତ ଭ୍ରମର ର
ସୁନ୍ଦର ଶେଫାଳୀ
ମନୋମୁଗ୍ଧକର ତାର ସୌନ୍ଦର୍ଯ୍ୟର
ଅସ୍ଥିର ଅନୁଭୂତି।

ଗ୍ରାମ/ପୋଷ୍ଟ-ଗଡିଆ
ଜିଲ୍ଲା-ମୟୂରଭଂଜ

# ଆମ ପରିବାର



ସତ୍ୟବ୍ରତ ନାୟକ

ଶିଶୁଟିଏ ଯେବେ ଗର୍ଭରୁ ବାହାରି
ଧରା ସ୍ପର୍ଶ କରିଥାଏ ।
ଭଗବାନଙ୍କର ଆଶୀର୍ବାଦ ରୂପେ
ପରିବାର ଗୋଟେ ପାଏ ॥

ଜନ୍ମ ହେବା ମାତ୍ରେ ଛୋଟ ବଡ କେତେ,
ପାଇଥାଏ ଉପହାର ।
ଉପହାର ସବୁ ଆକଳନ କଲେ,
ଶ୍ରେଷ୍ଠ ହେବ ପରିବାର ॥

ପୂର୍ବ ଜନମର କର୍ମଫଳ ରୂପେ,
ଏ ଜନ୍ମେ ପାଇଛୁ ଦାନ ।
ପରିବାର ରୂପି ଉପହାର ଟିକୁ,
ଦେଇଛନ୍ତି ଭଗବାନ ॥

ପିତା ମାତା ଆଉ ଭାଇ ଭଗ୍ନୀ ନେଇ,
ହୋଇଥାଏ ପରିବାର ।
ଏକ ମନ ଆଉ ଏକ ପ୍ରାଣ ହୋଇ,
ହୁଅନ୍ତି ସଂସାର ପାର ॥

ଯେତେ ଦୁଃଖ ଅବା ଝଡଝଞ୍ଜା ହେଉ,
ଆପେ ଦୂର ହୋଇଯାଏ ।

ପରିବାର ଯେବେ ପ୍ରାଚୀର ସଦୃଶ
ଆଶେ ଆସି ଛିଡା ହୁଏ ॥

ପରିବାର ଥାଏ ଆମ ପାଶେ ବୋଲି,
ଶତୃ କରିଥାଏ ଭୟ ।
ଗୌରବ ସହିତ ଆଗ ବଢି ଆମେ,
ପ୍ରାପ୍ତ କରୁ ସଦା ଜୟ ॥

ଧନ ଉପାର୍ଜନ କରିବାକୁ କଏ,
ଛାଡିଥାଏ ପରିବାର ।
ଆଉ କଏ ପୁଣି ପରିବାର ମଧ୍ୟେ,
ରହି କରେ କାରବାର ॥

ଦେଶ ହେଉ ଅବା ବିଦେଶ ରେହେଉ,
ଯିଏ ଯହିଁ ରହିଥାଉ ।
ଶେଶ ଇଚ୍ଛା ତାର ଅନ୍ତିମ ଯାତର୍‌
ପରିବାର ସାଥେ ହେଉ ॥

ଧନ୍ୟବାଦ ପ୍ରଭୁ ଦେବା ପାଇଁ ତୁମେ,
ସୁନ୍ଦର ଏ ପରିବାର ।
ଆଶା କରୁ ଅଛୁ ଜନ୍ମେ ଜନ୍ମେ ମିଳୁ
ଆମକୁ ଏ ଉପହାର ॥

୪୨/୧, ସୁଲତାନ ଆଲମ ରୋଡ୍‌,
ଟଲିଗଞ୍ଜ, କୋଲକତା

# ବସନ୍ତ ବିରହୀ

ଶିତିକଣ୍ଠ ଗାଇଗରିଆ

ଋତୁରାଜ ବସନ୍ତର
ସେ ମଳୟ ପବନ
ଶୀତୁଆ ସକାଳ ସାଥେ
ସେ ସୁନେଲି କରଣ ।

ତବ ଆଗମନେ ଭରେ
ମୋ ଦେହରେ ପୁଲକ
ସଦା ଝୁରୁଥାଏ ତାକୁ
ଏ ବିରହି ପଲକ ।

ତୁମେ ଯେବେ ଫେରିଆସ
ମୋହ୍ଦୃ ମୋ କୋଳକୁ
ରୌଦ୍ରତାପ,ବାରିପାତେ
ଆସେନାହିଁ ପାଖକୁ ।

ସୁନୀଳ ଗଗନେ କେତେ
ଶୁଭ୍ର ଭର୍ ବାଦଲ
ଆନନ୍ଦର ଗୀତଗାଏ
ସୁମଧୁର କୋକିଳ ।

ମଳୟ ପବନ ସାଥେ
ଆମ୍ରକୁଞ୍ଜେ ବଉଳ

ଦେଖି ନେତ୍ର ପ୍ରଫୁଲ୍ଲିତ
ଆନନ୍ଦ ବିଭୋର ।

ତବ ପ୍ରତ୍ୟାବର୍ତ୍ତନରେ
ଏ ଧରା ସାଗର
ନାଚଉଠେ ଉଲ୍ଲାସ ରେ
ହୋଇ ବିହ୍ୱଳ ।

ପ୍ରକୃତିକ ସୌନ୍ଦର୍ଯ୍ୟରେ
ଏ ମହିମଣ୍ଡଳ
ସବୁବେଳେ ଦୃଶ୍ୟମାନ
ସବୁଜ ସୁନ୍ଦର ।

ତୁମେ ଚାଲିଗଲା ପରେ
ହେଉନାହିଁ ପ୍ରସ୍ଫୁଟିତ ମୋ ବକ୍ଷରେ ପ୍ରସୁନ
ଶୁଭୁନାହିଁ ଭ୍ରମରର ସେ
ପ୍ରିତିଭରା ଗୁଞ୍ଜନ ।

ଶୁଭୁନାହିଁ କୋକିଳର
ସେ ମଧୁର ସ୍ୱନ
ବହୁନାହିଁ ଆଉ ଜମା
ସେ ମୃଦୁ ମଳୟ ପବନ ।

ତମେ ଯେବେ ଚାଲିଯାଅ
ଏ ଧରାପୃଷ୍ଠ ରୁ
ଚାହିଁଥାଏ ସତେ ଅବା
ତୋ ଫେରିବା ପଥକୁ

# ମହାଭାରତ କଥା.....୨



ନରେନ୍ଦ୍ର ପ୍ରସାଦ ବେହେରା

## ଭୀଷ୍ମ ବୋଲି ତୁମର ନାମ ଜଗତରେ ଅମର ହୋଇ ରହିବ ବୋଲି ପିତା ଶାନ୍ତନୁ ପୁତ୍ର ଦେବବ୍ରତଙ୍କୁ କାହିଁକି କହିଲେ ।

ଦିନେ ରାଜା ଶାନ୍ତନୁ ଗଙ୍ଗା ନଦୀ କୂଳରେ ବସି ଅତୀତର ଘଟଣା ସବୁ ମନେ ପକାଉଥିବା ସମୟରେ ନଦୀ ମଧ୍ୟରୁ ଗଙ୍ଗା ଜଣେ ୧୬ ବର୍ଷ ବୟସର କଶୋରଙ୍କୁ ସାଙ୍ଗରେ ଧରି କୂଳକୁ ଆସି ରାଜାଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ରାଜା ଅପ୍ରତ୍ୟାଶିତ ଭାବରେ ଏହି ଦୃଶ୍ୟ ଦେଖି ଅବାକ୍ ହୋଇ ଯାଇଥିଲେ । ତାଙ୍କ ମୁହଁରୁ ବାକ୍ୟ ସ୍ଫୁରିଲା ନାହିଁ । ସେ ଆଶ୍ଚର୍ଯ୍ୟ ହୋଇ ରହିଁ ରହିଥିବା ସମୟରେ ଗଙ୍ଗା ତାଙ୍କୁ ସମ୍ବୋଧନ କରି କହିଲେ, ହେ ରାଜନ୍, ଏଇ ବାଳକଟି ହେଉଛି ତୁମର ଅଷ୍ଟମ ସନ୍ତାନ, ଯାହାକୁ ମୁଁ ଲାଳନ ପାଳନ କରି ବଡ଼ କରିଛି । ଏହି ବାଳକ ସମସ୍ତ ଶାସ୍ତ୍ର ଓ ବେଦବେଦାନ୍ତ ଅଧ୍ୟୟନ କରିଛି । ଏଇ ନିଅ ତୁମର ପୁତ୍ରକୁ । ଏହାର ନାମ ରଖିଛି ଦେବବ୍ରତ । ଏହା କହି ଗଙ୍ଗା ଅଦୃଶ୍ୟ ହୋଇ ଗଲେ । ରାଜା ଆନନ୍ଦରେ ଉଲ୍ଲସିତ ହୋଇ ପୁତ୍ରକୁ ଆଲିଙ୍ଗନ କରି ମୁଖରେ ଚୁମ୍ବନ ଦେଇଥିଲେ । ଏହା ପରେ ପିତା ଓ ପୁତ୍ର ଦୁହେଁ ରଥରେ ବସି ରାଜଧାନୀକୁ ଫେରି ଆସିଲେ । ଏହି ପୁତ୍ର ସନ୍ତାନ ରାଜାଙ୍କର କୋଳମଣ୍ଡନ କରିଥିବାରୁ ସାରା ନଗରୀରେ ଆନନ୍ଦ ଉଲ୍ଲାସ ଖେଳଗଲା । ପୁତ୍ର ଦେବବ୍ରତ ତାଙ୍କର ଉତ୍ତରାଧିକାରୀ ହେବେ ବୋଲି ରାଜା ଘୋଷଣା କଲେ । ଏହା ପରେ ଦୀର୍ଘ ୪ ବର୍ଷ ବିତିଗଲା । ରାଜକୁମାରଙ୍କ ସହିତ ଶାନ୍ତନୁ ଆନନ୍ଦରେ କାଳାତିପାତ କରୁଥାନ୍ତି ଏବଂ ପୁତ୍ରଙ୍କୁ ରାଜକାର୍ଯ୍ୟ ଶିକ୍ଷା ଦେଉଥାନ୍ତି । ଦିନେ ଶାନ୍ତନୁ ନଦୀ କୂଳରେ ଏକାକୀ ଭ୍ରମଣ କରୁଥିବା ସମୟରେ ଦେଖିବାକୁ ପାଇଲେ ଜଣେ ନବଯୌବନ ସମ୍ପନ୍ନା ସୁନ୍ଦରୀ କନ୍ୟା ଏକ ନୌକାରେ ଯାତ୍ରୀମାନଙ୍କୁ ନଦୀ ପାର କରାଉଛି । କନ୍ୟାଟିର ଅସାମାନ୍ୟ ସୌନ୍ଦର୍ଯ୍ୟ ଦେଖି

ଶାନ୍ତନୁ ଅତିଶୟ ମୋହିତ ହୋଇ ଯାଇଥିଲେ । ରାଜା ସେହି କନ୍ୟାଟି ନିକଟରେ ପହଞ୍ଚି ତା'ର ପରିଚୟ ଜାଣିବାକୁ ଚାହିଁବାରୁ ସେ ନିଃସଙ୍କୋଚରେ ଉତ୍ତର ଦେଲା, ମୁଁ ହେଉଛି ଏଠିକାର ଧୀବରମୁଖ୍ୟଙ୍କ କନ୍ୟା ସତ୍ୟବତୀ । ମୁଁ ଏଠାରେ ପ୍ରତିଦିନ ଯାତ୍ରୀମାନଙ୍କୁ ଡଙ୍ଗାରେ ନଦୀ ପାରି କରାଏ ।

ରାଜା ସେହି କନ୍ୟାର ପିତାଙ୍କୁ ଡକାଇ ନିଜର ପରିଚୟ ଦେଇ ତାଙ୍କ କନ୍ୟାଙ୍କୁ ବିବାହ କରିବା ନିମନ୍ତେ ଇଚ୍ଛା ପ୍ରକାଶ କଲେ । ଏହା ଶୁଣି ଧୀବର ଅତିଶୟ ଆନନ୍ଦିତ ହୋଇ କହିଲା, ମହାରାଜ, ଆପଣ ମୋ ପରି ଜଣେ ଧୀବର କନ୍ୟାର ପାଣିଗ୍ରହଣ କରିବାକୁ ଇଚ୍ଛା କରୁଛନ୍ତି, ଏହାଠାରୁ ଅଧିକ ଗୌରବର କଥା ମୋ ପକ୍ଷେ କ'ଣ ଥାଇପାରେ ? ଗୋଟିଏ ସର୍ତ୍ତରେ ମୁଁ ମୋର ଏହି ଏକମାତ୍ର କନ୍ୟା ସତ୍ୟବତୀକୁ ଆପଣ ସହିତ ବିବାହ କରାଇବି ଏବଂ ସେହି ସର୍ତ୍ତଟି ହେଲା, ମୋର କନ୍ୟାର ପୁତ୍ର ସନ୍ତାନ ହିଁ ଆପଣଙ୍କର ଉତ୍ତରାଧିକାରୀ ହୋଇ ରାଜଗାଦିରେ ବସିବ । ଶାନ୍ତନୁ ଏହି ସର୍ତ୍ତଟି ଶୁଣି କୌଣସି ଉତ୍ତର ନ ଦେଇ ଚିନ୍ତିତ ଅବସ୍ଥାରେ ରାଜଧାନୀକୁ ଫେରି ଆସିଥିଲେ । ମନରେ ଅତ୍ୟନ୍ତ ବିମର୍ଷ ଭାବ । ତାଙ୍କର ପ୍ରଥମ ପତ୍ନୀ ଗଙ୍ଗାଙ୍କ ପୁତ୍ର ଦେବବ୍ରତଙ୍କୁ ସେ ତାଙ୍କର ଉତ୍ତରାଧିକାରୀ ବୋଲି ଘୋଷଣା କରିସାରିଥିଲେ । ତାକୁ ଏହି ଅଧିକାରରୁ ବଞ୍ଚିତ କରି ଆଉ କାହାରିକୁ କିପରି ରାଜସିଂହାସନରେ ଉତ୍ତରାଧିକାରୀ କରିବେ ? ଏହି ଚିନ୍ତାରେ ଶାନ୍ତନୁ ଦିନ ପରେ ଦିନ ଅତିବାହିତ କରିବାକୁ ଲାଗିଲେ ଏବଂ ରାଜକାର୍ଯ୍ୟରେ ଆଉ ମନ ଦେଇପାରିଲେ ନାହିଁ । ସେ ସଦାସର୍ବଦା ବିଷାଦରେ ରହିଥାନ୍ତି । ଦେବବ୍ରତ ପିତାଙ୍କର ଏପରି ଚିନ୍ତାଗ୍ରସ୍ତ ଅବସ୍ଥା ଲକ୍ଷ୍ୟ କରୁଥାନ୍ତି । ସେ ରାଜାଙ୍କର ଜଣେ ବିଶ୍ୱସ୍ତ ମନ୍ତ୍ରୀଙ୍କୁ ତାଙ୍କ ପିତା ଏପରି ଚିନ୍ତିତ ରହିଥିବାର କାରଣ ପଚାରିବାରୁ ସମସ୍ତ ଘଟଣା ଜାଣିବାକୁ ପାଇଲେ । ଦେବବ୍ରତ ସେହି ମନ୍ତ୍ରୀଙ୍କୁ ସଙ୍ଗରେ ଧରି ସତ୍ୟବତୀର ପିତାଙ୍କ ନିକଟରେ ଯାଇ ପହଞ୍ଚିଲେ ଏବଂ ତାଙ୍କର କନ୍ୟାଙ୍କୁ ନିଜର ମାତାରୂପେ ଗ୍ରହଣ କରି ପିତାଙ୍କ ଇଚ୍ଛା ପୂରଣ କରିବା ନିମନ୍ତେ ଧୀବରରାଜାଙ୍କୁ ଅନୁରୋଧ କଲେ । ଏହା ଶୁଣି ସତ୍ୟବତୀଙ୍କ ପିତା ସେହି ପୂର୍ବ ସର୍ତ୍ତଟି ଦୋହରାଇବାରୁ ଦେବବ୍ରତ ବଜ୍ରଗମ୍ଭୀର ସ୍ୱରରେ କହିଲେ, ହେ ମାତାମହ, ମୋର ପ୍ରତିଜ୍ଞା ଶୁଣ । ତୁମର କନ୍ୟା ମୋର ପିତାଙ୍କୁ ବିବାହ କଲେ ତାଙ୍କର ପୁତ୍ର ହିଁ ରାଜସିଂହାସନରେ ବସିବ ।

ଏହାଶୁଣି ସତ୍ୟବତୀର ପିତା କହିଲେ, ହେ ରାଜକୁମାର, ତୁମେ ଯେତେବେଳେ ବିବାହ କରିବ ଆଉ ତୁମର ପୁତ୍ରମାନେ ରାଜସିଂହାସନ ଦାବି କରିବେ, ସେତେବେଳେ ମୋ କନ୍ୟାର ପୁତ୍ରଙ୍କ ଭାଗ୍ୟ କ'ଣ ହେବ, ମୋର ଏହି ସନ୍ଦେହ ମୋଚନ କର । ଧୀବରଙ୍କ ଏହି ସନ୍ଦେହ ମୋଚନ କରିବାକୁ ଯାଇ ଦେବବ୍ରତ କହିଲେ, ହେ ମାତାମହ, ମୁଁ ଆଗରୁ ପ୍ରତିଶ୍ରୁତି ଦେଇସାରିଛି ଯେ ମୁଁ ରାଜସିଂହାସନର ଅଧିକାରୀ ହେବାକୁ ଚାହେଁ ନାହିଁ । ବର୍ତ୍ତମାନ ମୁଁ ଆଉ ଏକ ପ୍ରତିଜ୍ଞା କରୁଛି, ମୁଁ ଆଦୌ ବିବାହ ନ କରି ସାରା ଜୀବନ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିବି । ମୋର ପ୍ରତିଜ୍ଞା ଅଟଳ ବୋଲି ଜାଣି ରଖ । ଦେବବ୍ରତ ଏହି ପ୍ରକାର ପ୍ରତିଜ୍ଞା କରୁଥିବା ସମୟରେ ଆକାଶରୁ ପୁଷ୍ପବୃଷ୍ଟି ହେବା ସଙ୍ଗେ ସଙ୍ଗେ, "ତୁମେ ଭୀଷ୍ମ ତୁମେ ଭୀଷ୍ମ " ବୋଲି ଶବ୍ଦ ଶୁଣାଗଲା । ଅଟଳ ପ୍ରତିଜ୍ଞା କରିଥିବା ଯୋଗୁଁ ଦେବବ୍ରତ ସେହି ମୁହୂର୍ତ୍ତରୁ ଭୀଷ୍ମରେ ପରିଣତ ହେଲେ । ଭୀଷ୍ମ ସତ୍ୟବତୀର ଚରଣ ବନ୍ଦନା କରି କହିଲେ, ହେ ମାତାଶ୍ରୀ, ଆଜିଠାରୁ ତୁମେ ମୋର ଜନନୀ ହେଲ । ଏହା କହି ରାଜକୁମାର ଧୀବରରାଜାଙ୍କ ଅନୁମତି ନେଇ ସତ୍ୟବତୀଙ୍କୁ ରଥରେ ବସାଇ ମନ୍ତ୍ରୀଙ୍କ ସହ ହସ୍ତିନାପୁରକୁ ଫେରି ଆସି ସିଧା ଯାଇ ପିତାଙ୍କ ନିକଟରେ ପହଞ୍ଚିଲେ । ଏହାଦେଖି ପାତ୍ରମନ୍ତ୍ରୀଗଣ ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲେ । ପିତାଙ୍କ ନିକଟରେ ସତ୍ୟବତୀଙ୍କୁ ପହଞ୍ଚାଇ ରାଜକୁମାର କହିଲେ, ହେ ପିତାଶ୍ରୀ, ଏଇ ମୋର ମାତା ସତ୍ୟବତୀଙ୍କୁ ଆପଣ ଗ୍ରହଣ କରନ୍ତୁ । ଭାବ ବିହ୍ୱଳ ଅବସ୍ଥାରେ ଶାନ୍ତନୁ ସିଂହାସନରୁ ଓହ୍ଲାଇ ଆସି ପୁତ୍ରଙ୍କୁ ଗାଢ ଆଲିଙ୍ଗନ କରି କହିଲେ, ଧନ୍ୟ ପୁତ୍ର, ଧନ୍ୟ ତୁମର ଏହି ତ୍ୟାଗ । ତୁମେ ହେଉଛ ଏ ସଂସାରରେ ଅଦ୍ୱିତୀୟ । ତୁମେ ପ୍ରକୃତରେ ଭୀଷ୍ମ । ମୁଁ ପିତା ରୂପେ ତୁମକୁ ଏହି ଆର୍ଶୀବାଦ ଦେଉଛି, ତୁମେ ଜୀବନର ଶେଷ ପର୍ଯ୍ୟନ୍ତ ଏ ସଂସାରରେ ଯଶସ୍ୱୀ ହୋଇ ବଞ୍ଚି ରହି ଇଚ୍ଛାମୃତ୍ୟୁ ବରଣ କରିବ । ଭୀଷ୍ମ ବୋଲି ତୁମର ନାମ ଜଗତରେ ଅମର ହୋଇ ରହିବ । ଏହାପରେ ମହାସମାରୋହରେ ସତ୍ୟବତୀଙ୍କ ସହିତ ରାଜା ଶାନ୍ତନୁଙ୍କର ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । କାଳ**.....(କ୍ରମଶଃ)**

ଇତି**.....(କ୍ରମଶଃ)**

ଆଳଦା, ଖଇରା, ବାଲେଶ୍ୱର

# ଅବଶେଷ



ତପୁ ମାହାର୍ଣ୍ଣା

ବାଲୁକା ଶେଯରେ ବାଲିଘର ତୋଳ
ଚାହିଁ ବସିଥିଲି ତୁମକୁ
ସନ୍ଧ୍ୟାଦୀପ ଆଜି ଲିଭି ଆସୁଛି
ଆସିଲେନ ତୁମେ ପାଖକୁ .....।
ଦେଇଥିଲ ଯେଉଁ ନୂତନ ସ୍ୱପ୍ନ
ଜୋଛନା ଭିଜା ରାତି ରେ
ମୁରୁକ ମୁରୁକହସୁଛି ଆଜି ସେ ଜ୍ୟୋସ୍ନା ।
ନୀଳ ସପନ ରେ ପୁରେ
ଉଡ଼ିଗଲତମେଅନ୍ୟ ଆକାଶ ରେ
ପୁରୁଣା ପୃଥିବୀ ଛାଡ଼ି
ପାରୁନ ଯାଇ ମୁଁ ତୁମରି ପଛରେ
ଆହତ ଡେଣା କୁ ଝାଡି ।
କପରି ହେଲ ତ ଏଡ଼େ ନର୍ଦ୍ଦୟ
ମନେ ରହିଯାଏ ଶଙ୍କା
ଜୀବନର ଗତି ତୁମରି ପାଇଁ ଗୋ
ହୋଇଗୋଲା ଅଙ୍କାବଙ୍କା ।
ଶୂନ୍ୟ ହୃଦୟରେ ଏକା କାହାପାଇଁ
ଦେଲନ ତ ଅବକାଶ
ଶୂନ୍ୟତା ଖାଲି ଭରିଦେଲ ହୃଦେ
ଏହା ହିଁ ଗୋ ଅବଶେଷ ।

ଛାତ୍ର, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗୁଜରାଟ,
ଗାନ୍ଧୀନଗର,ଗୁଜରାଟ

# ସନ୍ଧ୍ୟା



ସୁଚରିତା ମେହେର

ପ୍ରକୃତିର ଗୋଟେ ଅପୂର୍ବ ମୂହୁର୍ତ୍ତ
ସୂର୍ଯ୍ୟ ଯେବେ ହୋଇଥାନ୍ତି ଅସ୍ତ
ଧରଣୀ ଦେଶକୁ ଯାଉଛନ୍ତି ଛାଡ଼ି
ପଶ୍ଚିମ ଦିଗରେ ଏବେ ଯିବେ ବୁଡି
କେମିତି ସତେ ଏ ବିରହ ମୂହୁର୍ତ୍ତ
ଧରଣୀ ରାଣୀକୁ କରେ ଅସ୍ତ ବ୍ୟସ୍ତ
ସୂର୍ଯ୍ୟ ଦ୍ୱନ୍ତି ଧରଣୀକୁ ପ୍ରତିଶ୍ରୁତି
ନିଶ୍ଚୟ ଫେରିବି ପାହିଲେ ରାତି
ତାଙ୍କରି କିରଣେ ପଶ୍ଚିମ ଦେଶକୁ
ରଙ୍ଗେଇ ମୋହନ୍ତି ସଭିଙ୍କ ମନକୁ
ସେ ଦୃଶ୍ୟ ସତେ କେଡ଼େ ମନୋହର
ପାଟ ଓଢଣୀ ଟେ ସୁନେଲି ରଙ୍ଗର
ଘୋଡି ଦିଅନ୍ତି ଯେବେ ଧରଣୀ ରାଣୀକୁ
ଖୁସିରେ ବିଦାୟେ ଧରଣୀ ଯେ ତାଙ୍କୁ
ଦିବସର ଶେଷେ ରାତ୍ରିର ପ୍ରବେଶରେ
ଏମିତି ଗୋଟେ ମୂହୁର୍ତ୍ତ ଟେ ଆସେ
ଧିରେ ଧିରେ ଦିନ ଯାଏ ଅପସରି
ଧିରେ ଧିରେ ଅନ୍ଧକାର ଆସେ ଘେରି
ପାହିଯିବ ଯେବେ ଘନ ଅନ୍ଧକାର
ଆଗମନ ହେବ ସୂର୍ଯ୍ୟଙ୍କର

ଧିରେ ଧିରେ ଅନ୍ତ ହେଲା ଅପେକ୍ଷାର
ପ୍ରାଚୀ ଦିଗେ ଉଭା ହେଲେ ଯେ ଭାସ୍କର
ବିରହ ହଟିଲା ଧରଣୀ ରାଣୀର
ପ୍ରତିଶ୍ରୁତି ରକ୍ଷା କଲେ ଦିବାକର ।

ବିଜେପୁର ଡିଗ୍ରୀ କଲେଜ ବିଜେପୁର
ତୃତୀୟ ବର୍ଷ, ଓଡ଼ିଆ ସମ୍ମାନ

# ଭଜନ-ଶୀତଋତୁ



ସୋମନାଥ ରାଜଗୁରୁ

ବାରମାସ ଛ-ଋତୁରେ ହୁଏ ଏକ ବରଷ ।
ପଉଷମାଘେ-ଏଡିକ ଶୀତ-
ଥୁରୁଥୁରୁ ଶୀତଋତୁ ଲ୍‌ଗେ ବଡ ଅଳସ ।୦।
ପୌଷ ପୂର୍ଣ୍ଣମୀରେ ପ୍ରଭୁ ହୁଅନ୍ତି ରଜା
ମାଘ ଶୁକ୍ଳ ପଞ୍ଚମୀରେ ଶାରଦା ପୂଜା ॥
ସେହି ସପ୍ତମୀରେ ଚନ୍ଦ୍ରଭ୍‌ଗା ବୁଡ,
ମାଘ ପୂର୍ଣ୍ଣମୀରେ ଅଗ୍ନି ଉତ୍ସବ ଖେଳ ॥
ପନପରୀବାରେ ଉଛୁଳେ ଏ ମାଟି
ବତାଦର ମଉଳବ ଏକମାସତ ॥୧॥
ଶୀତେଲକ୍ଷ୍ମୀ ପିତାଘରବୁଲ୍‌ଆନ୍ତି
ଧନୁମାସେ ପହଲି ଭୋଗ ପ୍ରଭୁ ଖାଆନ୍ତି ॥
ପହିଲି ଅବଡା ଭୋଗ ଖାଇସେ ତୋଷ ।
ଏଇଠୁ ସେ ଶୀତଋତୁ ହୁଅଇ ଶେଷ ॥
ଜୟ ଜଗନ୍ନାଥ ଜୟରେ ଭକତ
ସେନାମ ତୁଣ୍ଡରେ ଧରି ହୁଅ ସନ୍ତୋଷ ॥୨॥
ଶୀତେ ମାଣ ବସା ଲକ୍ଷ୍ମୀ ପୂଜା କରନ୍ତି ।
ସ୍ତ୍ରୀରିମାନେ ଖିରି ପିଠା କରି ପୂଜନ୍ତି ॥
ଅଗ୍ନିଜାଳ ତା ପାଖରୁ ଉଠନ୍ତି ନାହିଁ ।
ଶୀତଛାଡି ଗ୍ଲିଯାଏ ନଆଁ ପୁଆଁଇ ॥
ଶୀତରୁ ବସନ୍ତ – ଫାଲଗୁନ ଚଇତ୍ର
ଏ ଋତୁରେ ଦୋଳ ମେଳା ବଡ ବିଚତ୍ର ॥୩॥

ବେଗୁନଆ, ଜିଲ୍ଲା- ଖୋର୍ଦ୍ଧା

# ଶୀତଳ କନ୍ୟା



ଦୁର୍ବାଦଳ କରାଳୀ

ତୁମ ଅସରନ୍ତି  ବାଟର ଦୂରତା
ଶିଶିର ପାରୁନ କହି
ଚାଲି ଚାଲି ତାର ପାଦ ଥକ୍କଯାଏ
ହୋଇଯାଏ ଧରାଶାୟୀ  ।

ତାର ସ୍ୱେଦବାରି  ପୋଛି ତିନ୍ତିଯାଏ
ସମୀର ପଣତ କାନ
ଧୀରେ ଧୀରେ ବହେ ନିଃଶବ୍ଦ ପବନ
ସୂରୁଜର ବାଟ ଚାହିଁ

ସିନ୍ଦୁରା ଫାଟିଲେ କାଉ ରାବୁନାହିଁ
ଶୁଭୁନ ବୀହଙ୍ଗ ସ୍ୱନ
ତରୁଡାଳେ ନାହିଁ  ଫୁଲର ଇସାରା
ନାହିଁ ମଧୁପ ଗୁଞ୍ଜନ ।

ନନ୍ଦିତ ବାଟର ନକ୍ଷତ୍ର ପଲକ
ଅନ୍ତରୀକ୍ଷ ଯାଏଁ ଛବି
ପ୍ରାଚୀ ଗଗନର ସକାଳ କରଣେ
ଏକଲୟେ ଚାହେଁ ରବି ।

ଶାନ୍ତ ବୃକ୍ଷ ଗ୍ରଶି ବ୍ୟଥିତ କୋକଳ
କଣ୍ଠେ ନାହିଁ ଗୀତ ସ୍ୱର
ଥଣ୍ଡେ  ନାହିଁ ଶୋଷ ପବନରେ ଝୁଲେ
ବସା, ବାୟା ଚଢେଇର ।

ଲ୍ଜବତି ତୁହି ସଖୀ ମେଳେ ଥାଉ
ଥିରି ଥିରି ଗ୍ଭଲି ତୋର
ତୋହରି ସଙ୍ଗାତ ସୁଲୁ ସୁଲୁ ବାଆ,
ଛାଇ, ଗ୍ରତିର ଅନ୍ଧାର ।

ପଉଷ ମାସର ଅଦିନ ବର୍ଷାରେ
ଭିଜିବାକୁ ଭ୍ରରି ଇଛା
ଶୁଖେନାହିଁ ତୋର ପିନ୍ଧା ଓଦାବସ୍ତ୍ର
ସକାଳ କରଣ ଫିକା ।

କଳାମେଘ କଣେ ସୁରୁଜ ଗ୍ଭହିଁଲେ
ଲ୍ଜରେ ଓଢଣୀ  ଦେଉ
'ଶୀତଳ କନ୍ୟା' ତୁ ଶୀତଳ ସମୀରେ
ମନ୍ଦ ମନ୍ଦ ଗୀତ ଗାଉ ।

ଅବସର ପ୍ରାପ୍ତ ମଣ୍ଡଳ ପ୍ରବନ୍ଧକ
ଭ୍ରରତୀୟ ଜୀବନ ବୀମା ନଗମ
ଝରଣା ନବାସ, ବାବୁଆ ବଗିଗ୍ଭ
ଝାରସୁଗୁଡା,  ଓଡିଶା

# ନାଟକ– ମୁକ୍ତିର ମୃତ୍ୟୁ

ସୂର୍ଯ୍ୟକାନ୍ତ ମଲିକ

ଦୃଶ୍ୟ - 2

ଚରିତ୍ର - ସୁଜିତ, ଶ୍ରବଣର ମା

**(ଗୋଟିଏ ସ୍କୁଲ ସାମ୍ନାର ଗଛମୂଳେ ଠେଲା ଗାଡ଼ିରେ କଛି ଜୀନସ (ସୋଲ୍, ମଟର କୋଳ ଖଟା ପାମ୍ପଡ଼) ରଖି ସ୍କୁଲ ପିଲାଙ୍କୁ ବିକୁଛି ଶ୍ରବଣର ମା, ହସି ସମସ୍ତଙ୍କୁ ଦେଉଥାଏ, ଯାହାକୁ ଦେଖୁଛି ସୁଜିତ)**

ସୁଜିତ : (ମନେ ମନେ) ମାଉସୀ କଣ ଏଠି, ପୁଣି ଏ ଅବସ୍ଥାରେ, ନା ଏ କେବେ ସମ୍ଭବ ନୁହେଁ, ଶ୍ରବଣ ଭଳ ପିଲା ସେ କେବେ ତା ମା'ର ଏପରି ଅବସ୍ଥା ଦେଖି ହିଁ ପାରିବନ, ତାମାନେ ଶ୍ରବଣ କଣ ଏଦୁନଆରୁ...। ନା ପାଖକୁ ଯାଇ ଦେଖିବାକୁ ପଡିବ, (ସବୁ ପିଲା ଯାଇସାରିବା ପରେ) ମାଉସୀ !

ଶ୍ରବଣ ମା : (ହସି ହସି) ହଁ, କଣ ଦେବୀ କହ, କୋଳ ଖଟା ପାମ୍ପଡ଼.. ।

ସୁଜିତ : ଗୋଟିଏ କାନ ମୋଡା ଗୁପୁଡ଼ା..

ଶ୍ରବଣ ମା : (ଡବା ସବୁକୁ ସଜାଡୁଥିଲା, ହଠାତ ରହିଯାଇ ମନେ ମନେ କହୁଛି ) ଅନେକ ଦିନ ତଳେ ମୋ ପୁଅର ସାଙ୍ଗ ମାନେ ଏଇ କଥା କହୁଥିଲେ, ହେଲେ ଆଜି ସେମାନେ ସବୁ ତାଙ୍କ ବାଟରେ, ସମୟ ବଡ ସ୍ୱାର୍ଥ ପର, ଛାଡ଼ କାଇଁକି ମାନେ ପକାଇବି ତାଙ୍କୁ,

ସୁଜିତ : ମାଉସୀ

ଶ୍ରବଣ ମା : (ହସି ହସି) ଆରେ ବାବା ମୁଁ କାଇଁକି ତତେ କାନ ମୋଡା ଗୃପୁଡ଼ା ଦେବି, ଆଉ ସେ ଜିନଷତ ମୋ ପାଖରେ ନାଇଁ, ଯା ଅଛି ଏଇ ତୋ ସାମ୍ନାରେ ଥୁଆ ହୋଇଛି, ହଁ ବହୁ ବର୍ଷ ତଳେ ମୋ ପୁଅର ସାଙ୍ଗଙ୍କୁ ପୁଅ ଭଳି ଭାବି ତାଙ୍କୁ କାନ ମୋଡି ଗୃପୁଡ଼ା ମାରେ, ହେଲେ କେବେ ରାଗନ୍ତିନ, ବରଂ ପୁଣି ଥରେ କାନ ମୋଡା ଖାଇବା ପାଇଁ ଆଉ ଗୋଟେ ଜାଣି ଜାଣି ଭୁଲ କରିଦିଅନ୍ତି, ହେଲେ ସମୟ ତ ବଡ଼ ଲୋକ ଅନେକ ଦିନ ହେବ ସେମାନଙ୍କ ସହିତ ମୋର ଦେଖା ହୋଇନାହିଁ ଭଗବାନଙ୍କୁ ଡାକୁଛି ଯଉଠି ଥାନ୍ତୁ ଭଲରେ ଥାନ୍ତୁ ।

ସୁଜିତ : ମାଉସୀ ଥରେ ଦେଖ, ମୁଁ ହଉଛି ସେଇ କାନ ମୋଡା ଖିଆ ପୁଅଙ୍କ ଭିତରୁ ଜଣେ ସୁଜିତ

ଶ୍ରବଣ ମା : (ସୁଜିତ ନା ଶୁଣୁ ଶୁଣୁ ହାତରେ ଧରିଥିବା ଡ଼ବାଟିକୁ ଛାଡି ଦେଇ ଅନେଇଛି) କଣ କହିଲୁ ତୁ..

ସୁଜିତ : ହଁ ତୁମେ ଠିକ ଶୁଣିଛ, ମୁଁ ସୁଜିତ ଶ୍ରବଣର ସେଇ ସାଙ୍ଗ

ଶ୍ରବଣ ମା : (ସୁଜିତ ପାଖକୁ ଆସିବ ତା ମୁହଁରେ ହାତ ମାରି) ଏତେଦିନ ହେଲା କୁଆଡେ ଯାଇଥିଲୁ, ମୋ କଥା କଣ ମନେ ପଡୁ ନଥିଲା?

ସୁଜିତ : ମାଉସୀ, ତୁମକୁ କଣ କେବେ ଭୁଲି ପାରିବି, ଯଦିବି କେବେ ଭୁଲିବାକୁ ଚେଷ୍ଟା କରେବି ମୁଁ କଣ ଭୁଲି ପରେ ତୁ ସେ କାନ ମୋଡା ଗୃପୁଡ଼ା ମତେ ମନେ ପକାଇଦିଏ ।

ଶ୍ରବଣ ମା : ତାହେଲେ ଏତେ ଦିନ ହେଲା କୁଆଡେ ଯାଇଥିଲୁ, କୋଉଠି ଥିଲୁ ।
ସୁଜିତ : (ଟିକେ ଦୁରକୁ ଯାଇ ମନ ଦୁଃଖରେ) ସୁନାର ମୃଗ ପଛରେ ଧାଁଉଥିଲି ଆକର୍ଷଣ ପାଇଁ ହେଲେ ତାକୁ ଧରିଲା ପରେ ଜାଣିଲି ସେ ସୁନା ନ ଥିଲା ଥିଲା ମାୟା ମୃଗ ହଁ ମାୟା

ମୃଗ । ଛାଡ଼ ମାଉସୀ ସେ କଥା, ସମୟ ତ ବଡ଼ଲୋକ, ହେଲେ ମତେ କୁହ ତମେ ଏଠି ପୁଣି ଏ ଅବସ୍ଥାରେ କଣ ପାଇଁ ଆଉ କେମିତି, ମୁଁ ତ କଛି ବୁଝି ପାରୁନ ।

ଶ୍ରବଣ ମା : କଣ କହିବିରେ ତତେ, ମୁବି ସେଇ ସମୟ ସହିତ ଦଉଡୁଛି, ଦେଖା ଯାଉ କେବେ ଏହାର ଅନ୍ତ ହେବ ।

ସୁଜିତ : ମାଉସୀ.. । ତାମାନେ ଶ୍ରବଣ କଣ ଏ ଦୁନଆରେ ଆଉ... ।

ଶ୍ରବଣ ମା : ଅଛି, ଏ ଦୁନଆରେ ଅଛି, ହେଲେ ମା କୋଳର ଏ ଦୁନଆରେ ଆଉ ନାଇଁ

ସୁଜିତ : ମାଉସୀ ତାମାନେ ଶ୍ରବଣ କଣ ଜାଣି ଜାଣି ତୁମକୁ ଏଠିକ ରୋଜଗାର କରିବା ପାଇଁ ପଠାଇଛି, ଯୋଉ ପୁଅ ଯାକୁ ଦିନେ ନ ଦେଖି ରହି ପାରୁନଥିଲା ଯୋଉ ପୁଅ ଯାର ପ୍ରତ୍ୟେକ କାମକୁ ଛଡାଇ ନେଇ ନଜେ କରୁଥିଲା, ହେଲେ ଆଜି ତୁମର ଏ ଅବସ୍ଥା ସେ କପରି ଦେଖି ପାରୁଛି ।

ଶ୍ରବଣ ମା : ନଇରେ ରେ ବାବା ତୁ ଭୁଲ ବୁଝିଛୁ ସେ କାଇଁକି ମତେ ରୋଜଗାର ପାଇଁ ପଠେଇବ, ଘରେ ବସି ବସି ଭଲ ଲାଗିଲାନ ଭାବିଲି ବାହାରେ ଟିକେ ବୁଲାବୁଲି କରିଲେ ଭଲ ଲାଗିବ, ତେଣୁ ସୁନ ଟାରେ କାଇଁକି କଣ କରିବି ଏମିତି ଏଇ ପିଲାଙ୍କ ସହିତ ମିଶିକ ଖୁସି ହୋଇଯାଉଛି ଆଉ, ଏମିତି ରେ ବି ଶ୍ରବଣ କୁ ଭଲ ମଣିଷ କରିବାପାଇଁ କେତେ କୁଆଡେ ଦୁଃଖ କରିଛି, କନ୍ତୁ ଏଠିତ ଏଇ ପିଲାଙ୍କ ସହିତ ଖୁସିରେ କାଟୁଛି

ସୁଜିତ : ନାଇଁ ମାଉସୀ ନାଇଁ ତୁମେ ମିଛ କଉଛୁ.. ।

ଶ୍ରବଣ ମା :ମିଛ କାଇଁକି କହିବିରେ..।

ସୁଜିତ : ନାଇଁ ମାଉସୀ ତୁମର ଏଇ ଥର ଥର ଓଠ ଆଉ ଆଖିର ଲୁହ ଜଣେଇ ଦଉଛି ଏ କଥା କେତେ ସତ

ଶ୍ରବଣ ମା : ସୁଜିତ

ସୁଜିତ : ଯା ହାତରୁ ଭାତ ଖାଇଛି ମାଡ ଖାଇଛି ଆଉ ଯା କୋଳରେ ମୁଣ୍ଡ ଦେଇ ନଦରେ ଶୋଇଛି ସେ ସତ କଉଛି କ ମିଛ କଉଛି ମୁଁ ଜାଣି ପାରିବିନ, ଏ ମାଉସୀ କଣ ହୋଇଛି ସତ କହ ମତେ ସତ କହ..ତତେ ମୋ ରାଣ.. ।

ଶ୍ରବଣ ମା : ଏ ପାଗଳା ଏ ତୁ ଏ କଣ କଲୁ ଶେଷରେ ରାଣ ପକେଇଦେଲୁ, ତାହେଲେ ଗୋଟିଏ କଥା ମନେ ରଖେ ବଗିଚ୍ଚର ମାଳକୁ କେବେ ବୁଝିବାକୁ ଚେଷ୍ଟା କରିଛୁ, କେତେ କଷ୍ଟ, ଯନ୍ତ୍ରଣାକୁ ସହି ଗଛଟିକୁ ବଡ଼ କରାଏ, କେତେ ପରିଶ୍ରମ କରିଥାଏ ଗଛଟିକୁ ବଡ଼ କରିବା ପାଇଁ, ଆଉ ଯେତେବେଳେ ଗଛରେ ଫୁଲଟିଏ ଫୁଟେ ତା'ର ଖୁସି କହିଲେ ନା ସରେ, ହେଲେ ତାର ଗୋଟିଏ ବଡ଼ ଦୁଃଖ କଣ ଜାଣିଛୁ ?

ସୁଜିତ : ଦୁଃଖ କଣ ଆଉ.. ଫୁଲରୁ ଫଳ ଆଉ ତା ପରେ ସେଇ ଫଳକୁ..।

ଶ୍ରବଣ ମା : ହେଲେ ସିଏ ଖାଇ ପାରେନ, କାରଣ ସେ ଫଳରେ କେବଳ ତା ମାଲିକର ଅଧିକାର ହଁ ମାଲିକ ର

ସୁଜିତ : ମାଉସୀ.. ।

ଶ୍ରବଣ ମା : ତୁ କହେ ଯଦି ମାଳର ଅଧିକାର ଥାନ୍ତା ତେବେ ମୁଁ କଣ ଆଜି ଏଇଠି.. ।

ସୁଜିତ : ମାଉସୀ ତା ମାନେ ଶ୍ରବଣ କଣ ଜାଣି ଜାଣି ରୋଜଗାର ପାଇଁ ରାସ୍ତାକୁ ପଠାଇଛି .. ଛି ।

ଶ୍ରବଣ ମା : ସବୁତ ଦେଖୁଛୁ ଆଉ କଣ କହିବି, ଦୁଇ ବର୍ଷର ହୋଇଥିଲା, ପୁଅକୁ ବଡ କରି ମଣିଷ ପରି ମଣିଷଟିଏ ତିଆରି କରି ଗୁରି ଖଣ୍ଡ ଗାଁରେ ନା କମେଇବ ଯେମିତି, ମୃତ୍ୟୁ ପୂର୍ବରୁ କହିଯାଥିବା ତା ବାପାଙ୍କ ପାଇଁ, ତା' ର ସବୁ ଦୁଷ୍ଟାମୀକୁ ବିନା ପ୍ରତିବାଦରେ

ସହିଯାଉଥିଲି, ଥରୁଟିଏ କେବେବି ରାଗିକ ପଦେ କହିନୀ, କାଇଁକ ଜାଣିଛୁ, କାଇଁକନା କାଳେ ରାଗରେ କଣ କରିବସିବ, ଆଉ ସେ ଯଦି କିଛି କରିଦିଏ ତା ବାପାର ସ୍ୱପ୍ନ କେମିତି ପୁରଣ ହବ,..

ସୁଜିତ : ଧନ୍ୟ ମାଉସୀ ତୁମେ ଆଉ ଧନ୍ୟ ତୁମ ଏଇ ମା ପଣିଆକୁ ଯେଉଁ ମା ନିଜ ସନ୍ତାନର ସୁଖ ପାଇଁ ନିଜକୁ ଜଳାଞ୍ଜଳି ଦେଇପାରେ ସେଇ ପରି ମା କୁ ମୋର କୋଟି କୋଟି ନମସ୍କାର( ହାତ ଯୋଡି ଆଣ୍ଠେଇ ପଡିଲା ଶ୍ରବଣ ମା ପାଖରେ)

ଶ୍ରବଣ ମା : (ସୁଜିତ କୁ ଉଠାଇ ) ତୁ କାଇଁ ବ୍ୟସ୍ତ ହଉଛୁ, ଭଗବାନ ମତେ ଖୁସିରେ ରଖିଛନ୍ତି, ମୋ କଥା ଛାଡେ, ମତେ କହିଲୁ ଶ୍ରବଣ ଦେଖା ହେଲାଣି କି ନାଇଁ, ।

ସୁଜିତ : ଭଲ ହୋଇଛି ଏ ଯାଏ ତା ସହିତ ମୋର ଦେଖା ହୋଇନାହିଁ, ଭାବୁଛି ଆଉ କେବେବି ତାକୁ ଦେଖା କରିବିନି

ଶ୍ରବଣ ମା : ନାଇଁ ରେ ତୁ ଏମିତି କହନି, ସେ ତୁମକୁ ବହୁତ ଭଲ ପାଏ

ସୁଜିତ : ହେଲେ ତାଠୁ ଅଧିକ ତୁମକୁ ଭଲ ପାଏ ମାଉସୀ, ଯଦି ତୁମକୁ ସେ ଏମିତି କରି ପାରୁଛି ଆମେ କଏ.. ।( ସୁଜିତ ମାଉସୀର ହାତ ଧରି ) ମାଉସୀ ମତେ କ୍ଷମା କରିଦେବୁ ତୁମ ଠୁ ଏ ସବୁ ଶୁଣିଲା ପରେ ମୋ ମନ କାଇଁକ କେଜାଣି.. ।

ମୁଁ ଏବେ ଆସୁଛି ମାଉସୀ (କାନ୍ଦି କାନ୍ଦି ପଳେଇଛି)

( ଦ୍ୱିତୀୟ ଦୃଶ୍ୟ ଶେଷ )

କ୍ରମଶଃ......

ଘଣ୍ଟପଦା, କେନ୍ଦ୍ରାପଡ଼ା

# ଏକପଦୀ ସମ୍ଭାର



ରୋହିତ ସେଠୀ

**ଅବଶୋଷ:**

ଇପ୍ସିତ ଦରବ ପ୍ରାପ୍ତିରେ ସଦା
ମୁଖେ ଭରିଯାଏ ହସ
ହାତ ପାହାନ୍ତାରୁ ଛୁଟିଗଲେ ସେତ
ମନେ ରହେ ଅବଶୋଷ ।

**ପଥ:**

ମରଣ ନମନ୍ତେ ରହିଅଛି ବନ୍ଧୁ
ଶତ କ ସହସ୍ର ପଥ
ଜନମ ପାଇଁ କେବଳ ଜନନୀ
ଏହା ଚରନ୍ତନ ସତ୍ୟ ।

**ଶୀକାର:**

ନିଃସ୍ୱାର୍ଥ ଭାବରେ ପର ଉପକାର
କରୁଥିବା ଲୋକଟିଏ
କାହିଁକି କେଜାଣି ସ୍ୱାର୍ଥପରତାର
ଅଧିକ ଶୀକାର ହୁଏ ।

**ପାର:**

ପାଦ ନ ଭିଜେଇ ହୁଏ ତ ଜୀବନେ
ନଦୀ ପାର ହୋଇଯିବ

ପରନ୍ତୁ, ଆଖି ନ ଭିଜେଇ ଜୀବନ
ବାଟ ନ ଲଙ୍ଘି ପାରିବ ।

ବାହାନା:
କଛି ଲୋକ ଏଇ ସମାଜେ ଅଛନ୍ତି
ଉଚ୍ଚ ସ୍ୱରେ କଥା କହି
ଅନେକ ବାହାନା କରନ୍ତି ନଇତି
ଦୋଷ ଲୁଚ୍ଚଇବା ପାଇଁ ।

ମନୋବଳ:
ଦୃଢ଼ ମନୋବଳ ଆଉ ଇଚ୍ଛାଶକ୍ତି
ଯେଉଁ ଜନ ରଖିଥିବ
ଜୀବନରେ କେବେ ବିଫଳତା ତା'କୁ
ସ୍ପର୍ଶ କରି ନ ପାରିବ ।

ଶିକ୍ଷକ
ଦୁତୀମେଣ୍ଡି,ଖଜୁରୀପଡ଼ା,କନ୍ଧମାଳ

# ତୁମ ପାଇଁ ସିନା



ଅଜୟ କୁମାର ବେହେରା

ନଜ ସୁଖ ଶିରି    ପଛରେ ପକାଇ
ଆଗେଇ ଆସିଛି ମୁହିଁ
ବିପଦ ଗୁହାରେ   ଜୀବନ ମୋହର
ଏକଥା ଭୁଲିବ ନାହିଁ।୧।

ସଙ୍କଟ କାଳରେ   ପଦେ ମିଠା କଥା
କହି ଦେବ ଯଦି କାନେ
ସତ କହୁଅଛି    ଭୁଲି ଯିବି ସବୁ
ରଖିବି ନାହିଁ ଟି ମନେ।୨।

ତୁମ ପାଇଁ ସିନା    ପରିଚୟ ମୋର
ପାଇଛି ଯତନେ କେତେ
ଯେତେ ଗାଇଲେ ବି  ଗୁଣ ଯେ  ତୁମର
ସରିବ ନାହିଁଟି ସତେ।୩।

ଆଜି ଅନ୍ତସତ୍ତ୍ୱା    ସାଜି ଅଛି ମୁହିଁ
ସବୁତ ତୁମରି ଦାନ
ମନ ଜାଣି ମନ    ବୁଝିଅଛ ତୁମେ
ରଖିବି ତୁମରି ମାନ।୪।

ହେଉ ପଛେ ଯେତେ  ଦୁଃଖ କ କଷଣ
 ସହି ଯିବି ଲୁହ ପିଇ
କଥା ଦିଅ ଆଗୋ ପାଶେ ଥିବ ମୋର
ସଦା ଛାଇଟିଏ ହୋଇ।୫।

ଯନ୍ତ୍ରଣାକୁ ମୋର  ଭୟ ନାହିଁ ତିଳେ
 ହେଉ ପଛେ ମୋତେ ଯେତେ
ମୋ ମଥାରେ ଯଦି  ତୁମ ହାତ ଥିବ
 ଶାନ୍ତିରେ ଶୋଇବି ସତେ।୬।

ମୋରଡ଼ା, ମୟୂରଭଞ୍ଜ

# ଫେରିଲ୍ ତୁମ ନାମର ମୋ ଚିଠି



ମେନନ୍ ସାହୁ

ତୁମ ଆସିବାର ବହୁତ ବିଳମ୍ବ ହେଲ୍
ତେଣୁ ଡେରି ନ କରି ଆରମ୍ଭ କଲି
ତୁମ ଠିକଣାରେ ଲେଖା ମୋର ଚିଠି
ଚିଠିରେ  ରହିଲ୍ କେତେ ସ୍ନେହ,ପ୍ରେମ, ଭଲପାଇବା
ତା' ସହିତ  ମୋ ଯନ୍ତ୍ରଣାର ଶବ୍ଦ ଚନ୍ଦ
ବାଟରେ କେତେ ନନ୍ଦା,ଅପବାଦର ଗ୍ରସ୍ତ ଦେଇ
ପହଞ୍ଚିଛି ତୁମ ଘର ଅଗଣାରେ ,,,,
ଆଉ ଦେଖିଛି ତୁମେ ଘୋଡାଇ ହୋଇଥିବା
ଛଳନାର ଗ୍ଵଦରକୁ,,,
ଦେଖିଛି ତୁମ ରୂପରେ ଲୁଚ ଥିବା ଅରୂପକୁ
ଦେଖିଛି ତୁମ ମନରେ ମୋ ପାଇଁ ଥିବା ପ୍ରେମକୁ
ଯାହା ପଚ ଯାଇଥିବା ଶବ ଠାରୁ କେତେ ଗନ୍ଧ
ଆଉ ଖୁବ୍ ଶୀଘ୍ର ବାୟୁରେ ମିଶୁଥିବା ଧୂଆଁ ପରି
ଦେଖିଛି ତୁମ ମନର ସୁଖ ପଣିଆ କେଉଁଠି
ଦେଖିଛି ଆଦର୍ଶ ଠାରୁ ଦୂରରେ ଥିବା
ସୌନ୍ଦର୍ଯ୍ୟ  ଓ ପ୍ରତିଷ୍ଠାର ବଳୟ ମଧ୍ୟରେ
ତୁମର ହସ ହସ ମୁହଁ,,,,,
ଠିକଣା ଥାଇ ମଧ୍ୟ ନଜକୁ ଠିକ୍ ଜାଗାରେ
ପହଞ୍ଚାଇ ପାରିଲ୍ ନାହିଁ,,,,,
ନଜର ସାମର୍ଥ୍ୟ ଜାଣି ସେଇଠୁ ଫେରିଲ୍ ମୋର
ତୁମ ନାମର ଚିଠି  ।

ପର୍ଜଙ୍ଗ, ଢେଙ୍କାନାଳ

# ଜୀବନ



ରାଧାରାଣୀ ରାଉଳ

ଜୀବନଟା ଏକ ପାଣିର ଫୋଟକା
କେବେ ମିଶିଯାଏ ନଦୀରେ
ଜୀବନଟା ଏକ ଗୃଖଣ୍ଡେ ସୂତା
କେବେ ଛିଡିଯାଏ ଜାଣେନା
ଜୀବନଟା ଏକ ଲମ୍ବା ରାସ୍ତାଟିଏ
କେବେ ସରିଯାଏ ବାଟରେ
ଜୀବନଟା ଏକ ବରଫ ମୁଣ୍ଡାଏ
କେବେ ତରଳ ଯାଏରେ
ଜୀବନଟା ଏକ ବାସିଫୁଲ ପରି
କେବେ ଝରିଯାଏ ସଂଜ ସକାଳେ
ଜୀବନଟା ଏକ ନଈଟିଏ ପରି
କେବେ ଝଡ ଆସେ କେବେ ଯାଏ ବହି
ଜୀବନଟା ଏକ ଲୁହର ବୁନ୍ଦାଟେ
କେବେ ଝରିଯାଏ ଦୁଃଖରେ ସୁଖରେ ॥

କଟିକଟା, ଯାଜପୁର

# ରୂପାନ୍ତର



ପଙ୍କଜିନୀ ଭୋଇ

ମାଁ । ଅନନ୍ତ ସୁଖଦ ଆଉ ପବିତ୍ର ଶବ୍ଦଟିଏ ମାଁ । ଈଶ୍ୱର ଙ୍କ ସ୍ୱୟଂ ସ୍ୱରୂପଟେ ମାଁ । ମାଁ ନାଁ ର ଡାକରେ ହିଁ ପ୍ରାଣ ପୁରି ଉଠେ । ମାଁ ଡାକ ନ ଶୁଣୁ ଶୁଣୁ ମୋ ଧନ କହି ଗେଲ କରିଦିଏ ମାଁ । ପଣତ କାନରେ ଉଛୁଳ ପଡେ ତା ହୃଦୟ ରୁ ସ୍ନେହ ମମତା ର ଅସୀମ ଢେଉ । କୁହନ୍ତି ଭଗବାନ ସମସ୍ତଙ୍କ ପାଖରେ ନିଜେ ରହିପାରିବେନି ବୋଲି ମାଁ କୁ ସୃଷ୍ଟି କରିଛନ୍ତି । କାରଣ ସମସ୍ତଙ୍କ ପାଖରେ ମାଁ ରହିବେ ଆଉ ମାଁ ରୂପରେ ଭଗବାନ ସମସ୍ତଙ୍କ ପାଖରେ ରହିପାରିବେ ।

ନାଁ ଟି ଯେମିତି ସୁନ୍ଦର ଆଉ ପବିତ୍ର ମାଁ ମଧ୍ୟ ସେହିପରି ସ୍ନେହମୟୀ, ପ୍ରେମର ମୂର୍ତ୍ତି । ସନ୍ତାନ ନିମନ୍ତେ ତାଙ୍କ ଜୀବନ ଉତ୍ସର୍ଗ । ଗର୍ଭ ପୀଡା ପରି ଅସହ୍ୟ କଷ୍ଟ କୁ ସେ ସହିଯିବାକୁ ରାଜି ସିନା କିନ୍ତୁ କୋଳରେ ଦେଖିବାକୁ ଚାହାନ୍ତି କୋଳନନ୍ଦିନୀଟିଏ । ଏହି ସନ୍ତାନ ନିମିତ୍ତ କେବଳ ଗର୍ଭର ଅତ୍ୟନ୍ତ ପୀଡା କୁ ସହୁ ସହୁ ମରଣ ର ଦ୍ୱାରଦେଶରେ ମଧ୍ୟ କେବେ କେବେ ଚାଲି ଯାଆନ୍ତି ମାଁ । କିନ୍ତୁ ଚନ୍ଦ୍ର ଉଦିଆ ଟିକି ମୁହଁଟିକୁ ତାର ଚାହୁଁ ଚାହୁଁ ଖେଳି ଯାଏ ଓଠରେ ଟିକି ହସଟିଏ ଆଉ ମୁହଁରେ ଆନନ୍ଦର କଳରବ ଧ୍ୱନି । ଯେତେବେଳେ ବାପାଙ୍କ ପାଖରେ ପହଞ୍ଚି ଡକ୍ଟର କୁହନ୍ତି, କଙ୍ଗ୍ରାଚୁଲେସନସ୍ ଆପଣଙ୍କର ଝିଅଟିଏ ହେଇଛ, ବାପାଙ୍କ ଖୁସି କହିଲେ ନ ସରେ । ମିଠାର ପାହାଡ ଘରକୁ ଆସେ । ଖୁସିର କଳରବ ଧ୍ୱନି ରେ ଚହଳ ପଡ଼ିଯାଏ ସାରା ଘରଟି । ବନ୍ଧୁକୁଟୁମ୍ବଙ୍କ ସହିତ ମିଶି ଖୁସି ମନାନ୍ତି ବାପା । କେତେ ନାଚ ଗୀତ ଆନନ୍ଦ ଉତ୍ସବ ।

ଏମିତି ଭୋଇ ବାବୁ ଙ୍କ ପରିବାରରେ ମଧ୍ୟ ଆନନ୍ଦ ର ସଙ୍ଗୀତ ଆକାଶ ଛାତିଚିରି ଘୁମୁରି ଉଠୁଥିଲା । ଝିଅଟିର ଆଗମନରେ ରେ ପରିବାରରେ ଖୁସିର ଲହରୀ ଖେଳି ଉଠୁଥିଲା । ମାଁ ବାପା ଶରଧାରେ ଝିଅର ନାଁ ରଖିଲେ ମିକି । ଅନ୍ଧାର ଲଉଡି ଆଲଅଳ କନ୍ୟା ମିକିର

ବହୁତ ଯତ୍ନ ନଅନ୍ତି ମାଁ ବାବା ଦୁହେଁ । ମିକ ଯାହା ଖାଲି ନଦହେଲେ ଖଟରେ ଟିକଏ ଶୁଏ। ବାକି ସମୟ ତାକୁ ବାପା କେବଳ କାଖେଇ କୋଳେଇ ଉପରେ ଟେକକ ହିଁ ଧରିଥିବେ, ଗୀତ ଗାଇବେ, ହଲେଇ ଝୁଲେଇ ନଚେଇ ନଚେଇ ଶୁଆଇଦେବେ । ବହୁତ ସ୍ନେହ ଶରଧା ରେ ଝିଅର ଲାଳନ ପାଳନ କରନ୍ତି ଦୁହେଁ । ତା ପାଇଁ ଗୋଟେ ଅଲଗା କୋଠରୀ ଥିଲା ଯେଉଁଠି ମିକ ର ଦୁନିଆ ସାରା ର ଖେଳନା ଭର୍ତ୍ତି ହେଇକ ଥିଲା । ସେ ଯଦି ଖେଳନା ଘୋଡା କହିବା ବାପା ସତ ସତିକା ଘୋଡା ଆଣିଦେଉଥିଲେ । ତା କୁନି ପାଦ ପକେଇ ଚାଲିଲା ବେଳକୁ ବାପା ତାର ଜଗୁଆଳ ହେଇ ରହୁଥିଲେ ଆଉ ମାଁ ଦୂରରେ ବସି ହାତ ହଲେଇ ହଲେଇ କହୁଥିଲେ ଦେଖ ଦେଖ ମୋ ଝିଅକୁ ଦେଖ । ତା କୁନି ପାଦ ପକେଇ ପକେଇ ଦୂରକୁ ଚାଲିଗଲେ ଟେକ ଆଣୁଥିଲେ ବାପା ମାଁ ଙ୍କ ପାଖକୁ ଆଉ "ମୋ ସୁନା, ମୋ ଧନ, ମୋ ଟିକ ମିକ ମାମା ଲୋ...." କହି ଗେଲା କରୁଥିଲେ । ବାପା ଘୋଡା ହେଇ ଝିଅକୁ ପିଠିରେ ବୁଲେଇ ବୁଲେଇ ମାଁ ପାଖକୁ ନେଇଗଲା ବେଳେ ମାଁ ହାତରେ ଖାଇବା ଧରି ବସିଥିବେ ଆଉ ତାକୁ ବୁଝେଇକ ଖୁଆଇଦେବେ, ବାପା ପୁଣି ତାକୁ ଆଉ ଟିକେ ଦୂରକୁ ନେଇଯିବେ ପିଠିରେ ବସେଇ, ହସେଇ ହସେଇ ଗୀତ ଗାଇ ଗାଇ ।

ନୟନର ତାରା ଦୁଃଖ ପାସୋରା ଯାହା କହୁଥିଲା କ୍ଷଣିକ ଭିତରେ ଯାଚ ଦେଉଥିଲେ ବାପା । କୌଣସି ଟି ଜିନଷର ଅଭାବନାହିଁ । ଯାହା ଖାଇବାକୁ କହିଲା ଦେଲେ, ଯାହା ପିନ୍ଧିବାକୁ କହିଲା ଦେଲେ, ଯାହା ଲୋଡିଲା ସବୁ ଆଣିଦେଲେ ମାଁ ବାପା ଦୁହେଁ ମିଶି । ଲୁହ ଝିଅର ଛାଇ ବି ଛୁଇଁ ନ ଥିଲା । ଏମିତି ଦିନ ଗାଡି ଚାଲିଲା । ଏ ଭିତରେ ତାର ଆଉ ଗୋଟେ ଛୋଟ ଭାଇ ବି ଆସିଗଲା । ମିକ ବହୁତ ଖୁସି ଭାଇ ସହ ଖେଳବ ବୋଲି । ମାଁ ବାପା ନଜ ପିଲାଙ୍କ ଟିକ ମୁହଁରେ ହସଟିଏ ଦେଖି ଖୁସିରେ ଆତ୍ମା ବିଭୋର ହେଇଯାଉଥିଲେ ।

× × × × × × × × × × × × × × × ×

କନ୍ତୁ ସମୟ ଗଡି ଚାଲିଲା । ମିକ ବି ଧୀରେ ଧୀରେ ବଡ ହେବାରେ ଲାଗିଲା ଏବଂ ଏଥି ସହିତ ମାଁ ବାପା ଙ୍କୁ ସ୍ନେହ ମମତା ଧୀରେ ଧୀରେ ଆୟତ୍ତଅଧିନ ଆଉ ଅନୁଶାସନର ରୂପ ନେବାରେ ଲାଗିଲା । ମାଁ ଙ୍କ ନୟନ୍ତ୍ରଣ ବାହାରେ କଛି କାମ କରିପକେଇଲେ ମାଁ ମିକ କୁ ଏମିତି ତାଗିଦ କଲେ ଯେ ବିଚାରି ନଜ ଇଚ୍ଛାଟାକୁ ହିଁ ମନରେ ଚାପି ରଖିଲା ଆଉ କହି

ପାରିଲ୍‌ନ । ବାପା ଏମିତି ଅନୁଶାସନ କଲେ ଯେ ଶେଷରେ ଏମିତି ହେଲ୍ ମିକ ବାପା ସହ କଥା ହେବାକୁ ବି ଡରିଲ୍ । ମନର କଥା କଛି ଖୋଲି ବା କହିପାରିବ କଣ । ପିଲ୍‌ଟକୁ ଏମିତି କରିଦେଲେ ଯେ ମାଁ ବାପା ଙ୍କ ହଁ ନା ରେ ହିଁ ତା ସବୁ କଥା କାମ ନର୍ଭର କଲ୍ । କଛି କରିବା ଆଗରୁ ସେ ବାପାଙ୍କ ଅନୁମତି ନେବାକୁ ଗ୍ହୁଁଥିଲ୍ କନ୍ତୁ କହିବାକୁ ତାକୁ ଡର ଲ୍‌ଗୁଥିଲ୍ । ବାପା ନଜ କାମରେ ବ୍ୟସ୍ତ ରହୁଥିଲେ ଆଉ ମାଁ ବାପାଙ୍କ ଭିତରେ ବି କେବେ କେବେ ଛୋଟ ମୋଟ ଝଗଡା ବୁଝାମଣା ର ଅଭ୍ବ ରହୁଥିଲ୍ । ଏତିକ ବେଳେ ଯଦି ମିକ କୁ କଛି ଇଛା ହେଉଥିଲ୍ ଆଉ ସେ ମାଁ ପାଖେ ଯାଇ କହୁଥିଲ୍ ତେବେ ମାଁ ଙ୍କ ମନରେ ଯେଉଁ ରା଼ଗ କୁହୁଳୁ ଥିବ ତାକୁ ଝାଡ଼ିଦେଉଥିଲେ ମିକ ଉପରେ । ଟିକ ମନରେ ଯାହା ଟିକେ ଇଚ୍ଛା ଅଭିଳାଷ ଜାଗୃତ ହେଇଥିବା ସବୁ ପୁଣି ସୁପ୍ତ ଅବସ୍ଥାକୁ ଫେରି ଯାଉଥିଲ୍ ।

ମିକ ଯେବେ ଚନ୍ଦ୍ର ଟିଏ କରିକ ବାପା କୁ ଦେଖାଏ, ବାପା କୁହନ୍ତି; ଚନ୍ଦ୍ର କଲେ କଣ ହବ ପାଠ ପଢିଲେ ସିନା, ଯା ପାଠ ପଡ଼ିବୁ ଯା । ମନ ଦେଇ ପାଠ ପଢ଼ ବୁଝିଲୁ । ମନରେ ଦୁଃଖ ଦେଇ କହୁଛନ୍ତି ନା ମନ ଦେଇ ପାଠପଢ଼ ।

ମିକ ଯେବେ ସ୍କୁଲ ଫଙ୍କସନ୍ ରେ ଭ୍‌ଗ ନେବାକୁ ଗ୍ହିଁବ ବାପା କହିବେ, ଆମର ସେସବୁ କଛି କରିବାର ନାହିଁ, ସେଠି ଯାଇକ ନାଚବୁ ଲ୍‌କେ ଆମକୁ ଚହିବେ, କେତେ ଲ୍‌କ କେତେ କଥା କହିବେ । ଝିଅର ଖୁସି କୁ ବୁଝି ପାରୁନାହାନ୍ତି, ହେଲେ ଲ୍‌କ ଙ୍କ କଥା ଚନ୍ତା କାରୁଛନ୍ତି କ ସେମାନେ କଣ କହିବେ ।

ମିକ ଯେବେ ସାଙ୍ଗମାନେ ଆଉ ସାର୍ ମାନଙ୍କ ସହ ଭ୍ରମଣରେ ଯିବାକୁ କହିବ ମାଁ ବାପା ଦୁହେଁ ମିଶି ସଫା ସଫା ମନା କରିଦେବେ । ବୁଲିବାକୁ ଗଲେ କଣ ହବ । ଆମର କୁଆଡେ ଯିବା ଦରକାର ନାହିଁ ।

ମିକ ଯଦି କହିବ ବାପା ମୁଁ ବି ତମ ସହ ସପିଙ୍ଗ୍ କରିବାକୁ ଯିବି । ମାଁ କହିବେ, ନା ନା ତୁ ଆଉ ଯାଆନା । ବାପା ତ ପାଇଁ ନୁହଁ ଡ୍ରେସ୍ ଜୋତା, ବ୍ୟାଗ୍, ଖାତା କଲମ ସବୁ ନେଇ ଆସିବେ । ଆଉ କଣ ଦରକାର କହିଦେ । ଝିଅର ଇଚ୍ଛା କୁ ଗୋଡ଼ରେ ଚକଡି ଦେଇ ତା ପାଇଁ ଯାହା ଆଣିଦେଲେ ହେଲେ ତା ମନ ବୁଝିବ କ, ସେ ଖୁସି ହେଇ ପରିବକ **??**

ମିକ ବହୁତ ଚୁପଚାପ୍ ରହେ । ସାଙ୍ଗ ସାଥି ସହିତ ମଧ ବହୁତ କମ୍ ମିଳାମିଶା କରେ । ବେଳେବେଳେ ଚୁପି ଚୁପି କାନ୍ଦିପକାଏ, କାହିଁକି କାରଣ ଜଣା ପଡେନା । ତା ହାଇସ୍କୁଲ ରୁ କଲେଜ ଲାଇଫ୍ ଏମିତି ହିଁ କଟିଛି । ସବୁବେଳେ ଡିପ୍ରେସ୍ ମାଇଣ୍ଡ ରେ ରହୁଥିଲା । ଏୟା କଲେ, ସେୟା କଲେ ଲୋକେ କଣ କହିବେ । ତୁ ଝିଅ ପିଲାଟା ତୁ ଏଟା କରନା ସେଟା କରନା କହି କହି ଝିଅଟା କୁ ପୁରା ପାଗଳ କରିଦେଲେ ପରିବାର ଲୋକେ । ତାକୁ ଯାହା ଆବଶ୍ୟକ ହେଉଥିଲା ଦେଉଥିଲେ କିନ୍ତୁ ତା ଇଚ୍ଛା ରେ ନୁହଁ, ମାଁ ବାପା ନିଜ ଇଚ୍ଛାରେ ତାକୁ କାବୁ କରିକି ରଖିଦେଇ ଥିଲେ । ଟିକିଏ ସ୍ନେହ ମମତା ପାଇଁ ସେ ଏତେ ବ୍ୟାକୁଳ ହେଇଯାଉଥିଲା ଯେ କୋଉଠୁ ଖୋଜିଲେ ବି ମିଳୁ ନ ଥିଲା ।

ଝିଅର ହାର ରେ ବି ତାଙ୍କର କିଛି ଧ୍ୟାନ ନାହିଁ କି ଜିତ୍ ରେ ବି ଟିକିଏ ଖୁସି ନାହିଁ । ହଁ ହଉ ହେଲା ଏତିକି କହି କେବଳ ସବୁ କଥାରେ ବ୍ରେକ୍ ଲଗେଇବା ଖାଲି ଜାଣିଥିଲେ । ଯୋଉ ଟିକି ଟିକି କଥାରେ ମିକ ଖୁସି ହେଉଥିଲା ସେସବୁ ମାଁ ବାପା ଙ୍କୁ ପସନ୍ଦ ନ ଥିଲା ତେଣୁ ସେମାନେ ଝିଅର ଇଚ୍ଛାରେ ବ୍ରେକ୍ ଲଗେଇ ଦେଉଥିଲେ । ମିକ କିଛି କହିବା ପୂର୍ବରୁ ଏବେ ଭାବେ, ଯାହା ବି କହିଲେ ମନା ତ କରିବେ, କହିକି ପୁଣି କଣ ଲାଭ, ନ କହି ଦି ଟୋପା ଲୁହ ଝରେଇ ଦେବା ହିଁ ଭଲ । ସେ ସାମ୍ନାରେ ତ ଖୁସିକୁ ଦେଖିପାରେ କିନ୍ତୁ ଛୁଇଁପରେନା । ଗ୍ରହଗ୍ରସ୍ତ ସୁପ୍ତ ପ୍ରାଣକୁ ପୁଣି ଜଳେଇଦିଏ ଛାତିତଳ ର କୋହ ରୂପୀ ଦୁଇ ଟୋପା ଅଶ୍ରୁ ଅନଳ ।

ମିକର **+2** ସରିକି **+3** ସରିଲା ଆଉ କିଛି କରିବାକୁ ଇଚ୍ଛା କଲା ସେ, କିନ୍ତୁ ବାପା ମାଁ କହିଲେ ବାହାଘର ବୟସ ହେଇଗଲାଣି । ବାପା ପୁଅ ଠିକ୍ କଲେ । କିନ୍ତୁ ମିକ ବି ବଡ ହେଇଗଲାଣି ଭଲ ମନ୍ଦ ଜ୍ଞାନ ତାର ବି ଆସିଗଲାଣି । ଠିକ ଭୁଲ ସେ ବି ବିଚାର କରିପାରିବ । ମିକ ମାଁ ବାପା ଙ୍କୁ ପ୍ରସ୍ତାବକୁ ମନା କଲା କହିଲା ସେ ପୁଅ ମୋ ପାଇଁ ଠିକ ନୁହଁ । ମାଁ ବାପା କିନ୍ତୁ ଏ କଥା ଶୁଣିବାକୁ ନାରାଜ । ମାଁ ବୁଝେଇଲେ, ଏସବୁ ତୋ ବାପା ଙ୍କ ପ୍ରେଷ୍ଟିଜ୍ ର କଥା ମାଁ, ତୁ ଯଦି ମନା କରିବୁ ଆମେ କୋଉ ମୁହଁରେ ତାଙ୍କ ସହ କଥା ହେଇପାରିବୁ । ତତେ ଦେଖିଲା ଦିନଠୁ ହିଁ ତୋ ବାପା ଙ୍କ ବନ୍ଧୁ ତତେ ବୋହୂ କରି ନେବେ ବୋଲି ମନସ୍ଥ କରିଛନ୍ତି ଆଉ ତୁ କେମିତି ମନା କରୁଚୁ । ବାପା ବି କହିଲେ, ତା ପରି ପିଲା

ଏ ଆଖ ପାଖରେ ମିଳବେନ, ବହୁତ ଭଲ ପିଲା ଆଉ ତୁ ଯଦି ତାକୁ ମନା କରିବୁ ତେବେ ମୋ ଇଜ୍ଜତ ର କଣ ହବ । ଅନ୍ୟମାନେ କହିଲେ, ଯୋଡି ବହୁତ ସୁନ୍ଦର ମାନବ । ବନ୍ଧୁ ପରିଜନ ବି କହିଲେ, ଦି ଜଣକୁ ବହୁତ ମାନବ । ଯୋଡି ସୁନ୍ଦର ଦିଶିବ । ମିକ ସବୁ ଶୁଣିଲା, କଣ ବା ଆଉ କାହାକୁ କହିବ । ମନରେ ମନରେ କୋହର ଧୂଆଁ କୁହୁଳ କୁହୁଳ ଯାଉଛି । ମନରେ ଅସଂଖ୍ୟ ପ୍ରଶ୍ନ ସାଙ୍ଗକୁ ଅସୀମ କ୍ଲେଶ । ହୃଦୟ ଛଟପଟ ହେଉଛି । ଦୁଃଖର ଦରିଆ ପାରି କରୁ କରୁ ମଝି ନଈରେ ଝଡ ଆସିଲା ଭଳ ଅଥୟ ଅଶାନ୍ତ ହେଇ ଉଠୁଛି ତା ହୃଦୟ ।

ତିଥି ବାର ଆସିଗଲା । ବାହାଘର ଦିନ ଆସି ପହଞ୍ଚିଲା । ସବୁ ଝିଅର ଇଚ୍ଛା ଥାଏ ଭଲ ଘର ଭଲ ବରଟିଏ ପାଇଁ । କନ୍ତୁ ମିକ ଇଚ୍ଛା କରିବା ବିନା ହିଁ ତା ନାପସନ୍ଦ ର ପୁଅ ସହ ଆଜି ତାର ବାହାଘର । ସମସ୍ତେ ଆସିଲେ । ଭେଜି ଖାଇ ଆଶୀର୍ବାଦ ଦେଇ ଗଲେ । ବାହାଘର ବି ସରିଗଲା । ଏବେ ଆରମ୍ଭ ହେଲା ଜୀବନ ର ଲମ୍ବା ରାସ୍ତା । ଯେଉଁ ରାସ୍ତା ଗୁଲି ଜାଣିବାର ଏତିକ ଟିକଏ ବି ଧାରଣା ନ ଥିଲା ମିକକୁ, ତାକୁ ହିଁ ବାନ୍ଧି ଦେଲେ ବିବାହ ନୁହଁ ବିବାଦର ବନ୍ଧନରେ । ମିକ ର କନ୍ତୁ ଦେହ ପ୍ରାଣ କମ୍ପି ଉଠୁଥିଲା । ନା ସେ ଖୁସି ରେ କଛି କହି ପାରୁଥିଲା ନା ସହି ପାରୁଥିଲା । ସେ ରାସ୍ତାରେ ପାଦ ପକାଉ ପକାଉ ଟଳମଳ ହେଇ ଯାଉଥିଲା ତା ପାଦ ଦୁଇ । ତାର ଅନଚ୍ଛା ସତ୍ତ୍ୱେ ବି ତା ଦ୍ୱାରା ସବୁ କାର୍ଯ୍ୟ ବାଧ ରେ କରାଯାଉଥିଲା । ତା ଉପରେ ପୁଣି ଯଦି ସେ ଟିକେ ଦୁଃଖରେ ଦି ଟୋପା ଲୁହ ଗଡେଇଦିଏ ଆଉ ଯେବେ ଶାଶୁ ନଣନ୍ଦ ଜାଣନ୍ତି କେତେ କଣ କହି ତାକୁ ତାନା ମାରୁଥିଲେ, କହୁଥିଲେ କ, କଣ ଯେ ହଉଚ ୟା କୁ, କାହିଁକ ଯେ ସବୁବେଳେ ଏମିତି ହଉଚ, ଦେଖ ତ ଟିକେ ଲୋକେ ହେଲେ କଣ କହିବେ । ସେ ଯେ କେତେ କଷ୍ଟରେ ଗୋଟେ ଗୋଟେ କାମକୁ କପରି କରୁଛି, ସେ କଥା କାହାକୁ ବା ଜଣା । ଏକାନ୍ତରେ ମନ ଭରିକ ବହୁତ ଗୁଡ଼ାଏ ଲୁହ ଝରାଇ ଦିଏ । ଆଖି ଦି'ଟା ବେଙ୍ଗ ଭଳ ଫୁଲିଯାଏ ସକାଳକୁ । ସେଇଟା ଦେଖି ଆଉ କେହି କଛି ନ କହୁ ବୋଲି ସକାଳେ ଟିକେ ଡେରି ରେ ଘରୁ ବାହାରିଲେ ତା ଗ୍ରରିପାଖ ସମାଲୋଚକ ସଦସ୍ୟଗଣ ପ୍ରସ୍ତୁତ ହେଇ ଯାଇଥିବେ ତା ସମାଲୋଚନା, ନନ୍ଦା-ଚର୍ଚ୍ଚା କରିବାକୁ କ ସେ ଦିନ ଆଠଟା ଯାଏଁ ଶୋଇଛି ବୋଲି ।

ମିକ ଜୀବନରେ ଯେତିକି ବି ଲୋକ ଅଛନ୍ତି ଖାଲି ତାକୁ ନିଜ ଆୟତ୍ତ କରିବା, ଆୟତ୍ତ ରେ ରଖିବା ହିଁ ତାଙ୍କୁ ଜଣା, ତାଙ୍କ ଆୟତ୍ତାଧିନରେ ଥିଲେ ହିଁ ଭଲ, ନ ହେଲେ ଚକରେ ପେଶୀ ଦେଲା ଭଳି ଗପ ଦେଉଥିଲେ ସମସ୍ତେ ତାକୁ । ସ୍ୱାମୀ ସହ ବି ମନ ମିଶେଇକି ରହି ପାରୁ ନ ଥିଲା । ଏଥିରେ ଦୁନିଆକୁ ମିକର ଭୁଲ ସଫା ସଫା ଦିଶୁଥିଲା । ଘରେ ବସିକି ଚର୍ଚ୍ଚା ହେଉଥିଲା ଶାଶୁ ନଣନ୍ଦ ର । ନା ସେ ତାର କେୟାର୍ କରୁଥିଲା ନା ତା ସ୍ୱାମୀ ତାର କେୟାର୍ କଲେ ତାକୁ ଭଲ ଲାଗୁଥିଲା । କାହାକୁ କାହାର ଖବର ନାହିଁ । ମିକ ଯଦି କେତେବେଳେ କିଛି କଥା ପାଇଁ ଦୁଃଖରେ ଥିବ ଆଉ ଭଲସେ କଥା ହେଇ ପାରୁନଥିବ ଆଉ ତା ଶୁଖିଲା ମୁହଁ ଭିତରୁ ଯଦି ଉତ୍ତର ରେ କହିବା ନା କିଛି ହେଇନି, ତେବେ ସ୍ୱାମୀଠୁ ଶୁଣିବାକୁ ପଡୁଥିଲା, ଆକ୍'ଚୁଲି ତମେ ନିଜକୁ ଭାବୁଛ କଣ ମିକ, ମୋ ପାଖରେ ତମର ଏ ଶୁଖିଲା ମୁହଁ ଦେଖେଇବନି ବୁଝିଲ, ଦିନ ରାତି ମୁଁ ତମ ପଛରେ ହିଁ ପଡ଼ିଥିବି ବୋଲି ଭାବୁଚ ନା କଣ **?** କଣ ହେଲା କଣ ହେଲା ବୋଲି ପଚାରିବା ମତେ ବୁଝୁନି ଆଉ ମୁଁ ତମ ପଛରେ ଲାଗି ଲାଗି ସେମିତି କିଛି ପଚାରି ପାରିବିନି । କଥା ଟିକେ ବି ଭଲସେ ହେଇପାରୁନି କି **?** ଏମିତି ଆଉ କେତେ କଣ ।

ଛାତିତଳେ ଅଜସ୍ର ଅଶ୍ରୁର ଧାର, ବହିଯିବାକୁ ରାହୁଁଚ କିନ୍ତୁ କଷ୍ଟର ମାତ୍ରା ଏତେ ବଢି ଗଲାଣି ଯେ ନୟନଯୁଗଳ ମଧ୍ୟ କମ୍ ପଡିଯାଉଛି, କିନ୍ତୁ ଅଥୟ ଆକୁଳ ହୃଦୟଅ ଅପେକ୍ଷା କରିଛି ସେଇ ରାତ୍ରିର ଦ୍ୱିତୀୟ ପ୍ରହରକୁ, ଯେତେବେଳେ ସମସ୍ତେ ଶୋଇବେ, ମନ ଭରିକି ଟିକଏ କାନ୍ଦିବ ବୋଲି । ଜୀବନଟା ତାର ନର୍କ ପାଲଟି ଗଲା । ନା ଜୀଇଁ ପାରୁଛି ନା ମରିପାରୁଛି। ତାଙ୍କ ଦି ଜଣଙ୍କ ଯୋଡି ଅନ୍ୟ ମାନଙ୍କ ସୁନ୍ଦର ଦିଶୁଥିଲା କିନ୍ତୁ, ତାକୁ ସୁନ୍ଦର ଦିଶୁଥିଲା କି ନାହିଁ କେହି ତା ମନକୁ ବୁଝିଲେନି । କ୍ଲେଶରେ ସଢି ଯାଉଥିଲା କୋହଭରା ହୃଦୟଟି ତାର। ଅନ୍ୟ ଆଖିରେ ସୁନ୍ଦର ଦିଶିଲା ସେଥିପାଇଁ ସଭିଏଁ ମଜା ନେଲେ, ଉପଭୋଗ କଲେ ।
ଏବେ ଭୋଗିବା ଲୋକ ଭୋଗୁଛି । କେହି ତ ସାଥ୍ ଦେଉନାହାନ୍ତି । ଆଉ ଏବେ ସାଥ୍ ଦେଉନାହାନ୍ତି ତେବେ କାହିଁକି ସେମାନେ କହୁଥିଲେ ଯୋଡି ମାନୁଚ, ସୁନ୍ଦର ଦିଶୁଚ ବୋଲି କାହିଁକି ବାଧ୍ୟ କରୁଥିଲେ । କିଏ ଦେଲା ତାଙ୍କୁ ସେ ଅଧିକାର**....??**

ହେ ପ୍ରିୟ ମାଁ ବାପା ଯେଉଁ ଶିଶୁ ଆପଣ ଙ୍କ କୋଳ ମଣ୍ଡନ କରି ଆପଣ ଙ୍କ ଓଠରେ ଖୁସି ଭରିଦେଲା, ଯାହାର ଆଗମନ ରେ ଆପଣ ଙ୍କ ଘରକୁ ମିଠେଇର ପାହାଡ ଆସିଥିଲା,

ଯାହାର ଛୋଟ ବଡ ସମସ୍ତ ଇଚ୍ଛା କୁ ନ କହୁ କହୁ ଆପଣ ପୂରଣ କରୁଥିଲେ, କଣ୍ଢେଇ ଘୋଡା କହିଲେ ସତ ସତିକା ଘୋଡା କିଣି ଦେଉଥିଲେ, ତାକୁ କାହିଁକି**....??** ତା ପାଇଁ ଥିବା ସ୍ନେହକୁ କାହିଁକି ଅନୁଶାସନ ରେ ରୂପାନ୍ତରିତ କରିଦେଲେ **??** ତା ପାଇଁ ଥିବା ମମତା କୁ କାହିଁକି କାହିଁକି ଆୟତ୍ତ ର ରୂପ ଦେଇଦେଲେ**....??** ଆପଣ ଙ୍କ ପିଲା ଛୋଟ ଥିଲେ ହିଁ ତାକୁ ସ୍ନେହ ଦେବେ ତା ଇଚ୍ଛାରେ ଯାହା ଚାହିଁବ ଦେବେ ଆଉ ବଡ ହେଇଗଲେ ନିଜ ଆୟତ୍ତ କରି ନିଜ ଇଚ୍ଛାରେ ରଖିବେ, ଏମିତି କାହିଁକି**.....??** ଜୀବନର ସବୁଠୁ ବଡ ନିଷ୍ପତ୍ତି, ତା ଜୀବନର ଲମ୍ବା ରାସ୍ତା ଚାଲିବା ପାଇଁ କେଉଁ ବାଟରେ ସେ କେମିତି ଯିବ ଏ ନିଷ୍ପତ୍ତି ମଧ୍ୟ ଆପଣ କରିବେ**...???** ସେ କିପରି ଚାଲିବ କେମିତି କାହା ସହ ଖାପ ଖୁଆଇ ଚଳିବ, ସେ ଜାଣିବା ବିନା ବୁଝିବା ବିନା ଆପଣ ତାକୁ ଏ ରାସ୍ତା ଦେଖେଇଦେବେ**...???** ଯେବେ ସମସ୍ୟା ଜଟିଳ ହେଇଯିବ ଆଉ ତା ଆଖିରେ ଲୁହର ବନ୍ୟା ଆସିଯିବ, ପୋଛିଦବା ପାଇଁ ଆପଣଙ୍କ ପଣତ ବି କମ୍ ପଡିଯିବ, ଆଉ ସେତେବେଳେ କହିବେ ଏୟା ହିଁ ତୋ କପାଳରେ ଥିଲା ମାଁ, ଏମିତି କାହିଁକି**...???** ଆପଣଙ୍କ ପାଇଁ ନିଜ ପିଲାର ଖୁସିର ମାନେ କଣ କିଛି ନାହିଁ**...???** କିନ୍ତୁ ଆପଣ ଙ୍କୁ ଲୋକେ କଣ କହିବେ ସେ କଥା ଚିନ୍ତା ଅଛି, ଇଜ୍ଜତର କଥା ଚିନ୍ତା ଅଛି । କିନ୍ତୁ ଆପଣ ଙ୍କ ପାଇଁ ହିଁ ଆପଣ ଙ୍କ ପିଲା ନିଜ ଖୁସି କୁ ବଳି ଦେଇ ଦିନ ରାତି କ୍ଲେଶର ପୋଖରୀରେ ଉବୁଟୁବୁ ହେଉଚ । ହେଲେ ଆପଣଙ୍କୁ ତ ପର କଥା ଇଜ୍ଜତ କଥା ଚିନ୍ତା ଅଛି । କେବଳ ମାଁ ବାପା ହିଁ ପିଲାଙ୍କ ପାଇଁ ନିଜ ଖୁସି କୁ ପଛରେ ପକାଇ ପିଲାଙ୍କ ଖୁସି କୁ ପ୍ରାଧାନ୍ୟ ଦେଇ ନଥାନ୍ତି । ଏମିତି ପିଲା ବି ଅଛନ୍ତି, ନିଜ ଜୀବନ କୁ ମାଁ ବାପା ଙ୍କ ପାଇଁ ବି ନର୍କ ରେ ପକେଇଦିଅନ୍ତି ଆଉ ନିଜ ଖୁସି କୁ ଭୁଲି ଯାଆନ୍ତି । ଆପଣ ମାଁ ବାପା ହେଇ କିନ୍ତୁ ବୁଝି ପାରନ୍ତିନି ।

ପିଲାଟି କିଛି ନ ଦେଖିଲା ବୁଝିଲା ବେଳେ ମାଁ ବାପା ଯେତିକି ଅଧିକ ତାଙ୍କ ପାଇଁ କଲେ ମଧ୍ୟ ତାଙ୍କ କୁନି ପ୍ରାଣ ବୁଝି ପାରିବନି ଯେ ତାଙ୍କ ମାଁ ବାପା ତାଙ୍କ ପାଇଁ କରୁଛନ୍ତି କଣ ବୋଲି । କିନ୍ତୁ ସେ ଯେତେବେଳ ମାଁ ଙ୍କ ମମତା ଆଉ ବାପାଙ୍କ ସ୍ନେହ ଖୋଜନ୍ତି ସେତିକି ବେଳେ ହିଁ ସେଇ ସ୍ନେହ ମମତା ଅନ୍ୟ କିଛି ନାଁ ରେ ରୂପାନ୍ତର ହେଇ ସାରିଥାଏ । ଆଉ ସେ ଟିକି ପ୍ରାଣରେ ଆଘାତ ଲାଗେ ଆଉ ସେ ଭାବେ ତାଙ୍କ ମାଁ ବାପା ତାଙ୍କୁ ଭଲ ପାଉନାହାନ୍ତି । ଖାଲି ରାଗିଦ୍ କରୁଛନ୍ତି, ଇଚ୍ଛା କଲା ଜିନିଷ କିଣିଦଉ ନାହାନ୍ତି । ଭାଙ୍ଗିପଡ଼େ ସେ, ଟିକିଏ ପ୍ରେମ

ପାଇଁ ତା ବ୍ୟାକୁଳ ହେଇଉଠେ ତା ପ୍ରାଣ । ଏପଟ ସେପଟ ସାହାର୍ ଖୋଜେ ସେ । ଆଉ ଶେଷରେ କଛି ପିଲ୍ ବାଲୁଙ୍ଗା ହେଇଯାଆନ୍ତି । ଏତିକ ବେଳେ ଆପଣ ରାଗିକ କୁହନ୍ତି, ଆମେ ତମ ପାଇଁ କେତେ କଣ ନ କରିଛୁ କେତେ କଣ ସହିଚୁ, ଏୟା କରିଚୁ ସେୟା କରିଛୁ । ଆଜ୍ଞା, ପିଲ୍‌ଟା ଯେତେବେଳେ ଆପଣଙ୍କ କାମର ମହତ୍ତ୍ୱ ବୁଝି ନାହିଁ ଯେତେ କଲେ ସେ କଣ ବୁଝିବ । ସେ ବୁଝିଲ୍ ବେଳକୁ ଆପଣ କରନ୍ତୁ । ଦେଖିବେ ସେ ବି ଆପଣ ଙ୍କୁ ବହୁତ ଭଲ ପାଇବ । କହିବ ମୋ ମାଁ ବାବା ଇଜ୍ ଦି ବେଷ୍ଟ । ଆପଣ ଙ୍କ ସ୍ନେହପ୍ରେମ ହିଁ ତା ପାଇଁ ସବୁକଛି ।

ପୁଣି ଆପଣ ଯୋଉ ପିଲ୍‌ର ଛୋଟ ରୁ ବଡ ସବୁ ଜିନଷ ତା ଇଚ୍ଛା ରେ ଦେବେ ହେଲେ ସେ କାହାକୁ ବାହା ହବ ଆଉ ତା ଇଚ୍ଛା କଣ, ତା ନଜ ଖୁସି କୁ ହିଁ ତା ହାତରୁ ଛଡେଇ ଜୀବନ ର ଏତେ ବଡ ନଷ୍ପତ୍ତି ଟା ଆପଣ କାହିଁକ ନେଉଛନ୍ତି...?? କଣ ଲୁହକୁ, ଦୁଃଖକୁ, ବିବାଦକୁ ଆପଣଙ୍କ ପିଲ୍ ର ଚର ସହଚର କରେଇବା ପାଇଁ । ତା ଲାଇଫ୍ ର ନଷ୍ପତ୍ତି ତ ଆପଣ ନେଇଗଲେ କନ୍ତୁ ଭୋଗ ତ ସେ ହିଁ କରୁଛି, ଆଉ ଏସବୁ କାହା ପାଇଁ... ଆପଣଙ୍କ ପାଇଁ। ଆପଣଙ୍କ ସେଇ ପ୍ରେମ ଟିକକର ଅଭାବ ପାଇଁ ସ୍ନେହ ମମତା ଟିକକ ର ଅଭାବ ପାଇଁ । ତା ଟିକ ଖୁସି ଟିକୁ ବୁଝିନପାରିବା କାରଣକୁ ପାଇଁ । ଆଉ ଯେତେବଳେ ଆପଣ ତାକୁ ସ୍ନେହ କରିବା ଛାଡି ଆୟତ୍ତ କରିବା ଆରମ୍ଭ କରିଦେଲେ ସେତେବେଳଠୁ ହିଁ ଆପଣ ଆପଣ ଙ୍କ ପିଲ୍ ପାଇଁ ଅନ୍ୟାୟ କରି ବସିଲେ । ଆଉ ଆପଣ ନଜ ପିଲ୍‌ର ଇଚ୍ଛା, ଖୁସିଟାକୁ ଜାଣି ପାରିଲେ ନାହିଁ । ତେବେ ଏ ରୂପାନ୍ତର କଣ ପାଇଁ...?? କାହିଁକ ତାକୁ ସ୍ନେହ ପ୍ରେମ ଟିକଏ ଦେବା ଜାଗାରେ ଆପଣ ତାକୁ ହିଁ ନଜ ଆୟତ୍ତଅଧିନ କରିବାକୁ ଚେଷ୍ଟା କରୁଚନ୍ତି...?? କୋହଭାର ହୃଦୟ ଭିତରୁ ଶୁଣା ଯାଉଛି ଏମିତି ସବୁ କେତେ କଥା । ଏସବୁ ଭାବି ଭାବି ନଥିରି ଯାଉଛି ଦୁଇ ଆଖିରୁ ଲୋତକ ର ନମ୍ନମୁଖୀ ସ୍ରୋତ । କାହା ପାଖେ କହୁନ ସିନା କନ୍ତୁ ନଜେ ହିଁ ନଜ ଭିତରେ ଲଢେଇ କରୁଛି ଏହିସବୁ କଥା କହି ।

ହେ, ମାଁ ବାବା !! ଆପଣ ଙ୍କ ସ୍ନେହ ମମତା ହିଁ ଆପଣ ଙ୍କ ସନ୍ତାନ ଙ୍କ କାମ୍ୟ, ଅନ୍ୟଥା କଛି ନୁହଁ ।

ଲାଞ୍ଜି, କେଗାଁ, କଳାହାଣ୍ଡି

# ଶୀତ ସକାଳ



ଲଲ୍ଟେନ୍ଦୁ ବାରିକ

ମେଘୁଆ ପାଗର ଶୀତ ସକାଳ ରେ
ଦେଖିଲି ତରୁଣୀ ଟିଏ
ସୈ! ନର୍ଯ୍ୟ ବର୍ଣ୍ଣନା ରୂପ ର ଗାରିମା
କହିବି କପରି ଜାଣେନା
ଶୀତ ସକାଳ ର ଝାପସା କୁହୁଡି ରେ
ଗ୍ଲୁଥିଲ୍ ଥିରି ଥିରି
ଦୂର ରୁ ଲ୍ଗଇ ସରଗ ଅପସରୀ
ଆସିଛି ମରତେ ଓହ୍ଲାଇ
ଗ୍ଲୁ ଗ୍ଲୁ ପୁଣି ହଜି ଯାଉଥିଲ୍
ଧବଳ କୁହୁଡି ର ଆସ୍ତରଣେ
ନ ପାଇ ତାକୁ ମନେ ଗାଳଦିଏ
କୁହୁଡି ସାଧୁଛି ମୋ ଦାଉ
ମଳୟ ପବନ ଦେହେ ତା ଛୁଏଁ
ଶିହରି ଉଠେ ତା ମନ
ଉତ୍କଣ୍ଠା ମନ ରେ କଣ୍ଠ ରୁ ଝର୍ଏ
ର୍ଗ ତରଙ୍ଗିଣୀ ମାନ

ର୍ଗ ତରଙ୍ଗିଣୀ ଶୀତ ସକାଳ ରେ
ମନ କୁ ମୋ ନେଲ୍ ମୋହି
ମରମ ର କଥା କପରି କହିବି
ଭ୍ବନା ର୍ଇଜେ ଗଲି ହଜି
ତାର ନିଃଶ୍ୱାସ ରେ କୁହୁଡି ସତେ କ
ଧର୍ ପୃଷ୍ଠେ ଗଲ୍ ହଜି
ମନର ଭ୍ବନା କହିବା ଆଗରୁ
ପାହାନ୍ତି ସକାଳ ଗଲ୍ ହଟି

ବାସୁଦେବପୁର ଭଦ୍ରକ

# ରଙ୍ଗତୂଳୀ

ମିନତ୍ଭାନୁ ବିଶ୍ୱାଳ

ରଙ୍ଗତୂଳୀ ରେ
ମୁଁ ବି ଗୁହିଁ ଥିଲି
ଲେଖି ଦେବାପାଇଁ
ପ୍ରେମର ସେଇ ଅଢେଇ ଅକ୍ଷର ।

ହଁ ମୁଁ ବି ଦେଖିଥିଲି
ସେଇ ରଙ୍ଗୀନ ଦୁନିଆରେ
ବିଭୋର ହୋଇ
ନିଜ କୁ ନିଜେ ହଜେଇ ଦେବାର  ସ୍ୱପ୍ନ  ।

ହିଁ
ଏ ମଣିଷ ଜୀବନରେ
କିଏ ବା ନ ଗୁହେଁ
ଶୀତଳତାର ସ୍ପର୍ଶରେ
ନିଜ ଜୀବନକୁ ସାମିଲ କରିବାପାଇଁ  ।

ହୁତୁହୁତୁ ହୋଇ ଜଳୁଥିବା
ପ୍ରେମର ନିଆଁରେ
ପାଦ ଥାପିବାର ଇଚ୍ଛା
ହଁ ମୁଁ ବି କରିଛି  ।

ହେଲେ' ନିଜ ପରିବାର ର

ଆଶା ,ଆକାଂକ୍ଷା ଓ  ମାନକୁ
ଜଳାଞ୍ଜଳି ଦେଇ
ଅଗ୍ରସର ହେବାର ସ୍ୱପ୍ନ
ଆଜିଯାଏ କେବେ ବି ଦେଖିନ  ।

ତେଣୁ ତ'
ଗୁରୁଙ୍କ ଶିକ୍ଷା
ପରିବାର ଦୀକ୍ଷା
ବନ୍ଧୁପରିଜନ ର ଆଶୀର୍ବାଦ ରେ
ସମ୍ମାନର ସାଥେ
ସମାଜରେ  ଛିଡା ହୋଇଛି
କଲମ ରୂପକ ରଙ୍ଗତୂଳୀ ଧରି
କଲମ ରୂପକ ରଙ୍ଗତୂଳୀ ଧର ।

ବ୍ରାହ୍ମଣ ଡ଼ିହି  (ପାଇକମାଲ), ବରଗଡ଼

# ସମ୍ପର୍କ

ନିରଂଜନ ପଧାନ

କିଏ ତୋର ଭାଇ କିଏ ତୋର ବଂନ୍ଧୁ
ଏ ଦୁନିଆଁ ରଂଗ ମଂଚେ
ନିଜେ ନିଜ କଥା ଭାବି କି ମଣିଷ
ନିଜ ପାଇଁ କି ହିଁ ବଂଚେ --------୧

ସଂମ୍ପର୍କ ର ମାନେ କିଛି ନାହିଁ ଏଠି
କିଏ ବା ଏଠି ନିଜର
ମଣିଷ ତ ଏଠି ମଣିଷ ଚନ୍ଦ୍ରେନ
କରୁଛି ନର ସଂହାର ---------୨

ଆଜି ର ଦୁନିଆଁ ରେ ସଂମ୍ପର୍କ ର ମାନେ
ଆକାଶ କଇଁଆଁ ପରି
ଯାହାକୁ ଏଠି ବିଶ୍ୱାସ କରିବୁ ଭାଇରେ
ସେ ହିଁ ପଛ ପଟୁ ମାରୁଛି ଛୁରୀ ------୩

ଆପେ ବଂଚଲେ ପର୍‌ ବାପ ର ନାଁ
ଆଜି ଦୁନିଆଁ ର ମୂଳ ମନ୍ତ୍ର
ହାତେ ମାପି ଗୃଖଣ୍ଡେ ନିଗୃଲିଲେ ଭାଇ
ମଝି ନଇରେ ଭାସିବା ଟା ହବ ସାର ---------୪

ମା ବାପା ଙ୍କୁ ଛାଡି ସଭିଏଁ ଏଠି ସ୍ୱାର୍ଥି
ସଭିଏଁ ସ୍ୱାର୍ଥ ପର
ସ୍ୱାର୍ଥ ହୀନ ପ୍ରେମ କେବଲ ମା ବାପା ଙ୍କର
ସେ ପର୍‌ ଆମ ପାଇଁ ଚଲନ୍ତି ଠାକୁର -----------୫

ନୁନିଆଁ ପାଲି, ଆଗଲପୁର,
ବଲାଂଗୀର

# କଳାକର ଶ୍ରୀ ଜଗନ୍ନାଥ



ପ୍ରଦୀପ କୁମାର ଜିଲିକାର୍

ବିଶେଷତା ହେଉଛି କ ଠାରୁ କ୍ଷ ପର୍ଯ୍ୟନ୍ତ କ୍ରମାନୟରେ ପ୍ରଥମ ଅକ୍ଷର ହୋଇଛି। ଚଉତିଶା ଅକ୍ଷର। ଶୀର୍ଷକ -କ୍ଷମା ସାଗର ଚଉତିଶା ।

କରପଦ୍ମ ଯୋଡ଼ି ଶରଣ ଗଲି ଶ୍ରୀ ଜଗନ୍ନାଥ।
କୃପା ସରିତ ଜଳ ଧାର୍ ଢାଳ ଦିଅ ହେ ନାଥ।

ଖୋଲି ଦିଅ ତୁମ୍ଭ ହୃଦୟ ପ୍ରୀତି ଭକ୍ତି ଆଳୟେ।
ଖଟୁଥିବି ତୁମ୍ଭ ଚରଣେ ପରିଗ୍ରହ ପର୍ୟେ।

ଗଗନ ପବନ ଜୀବନେ ତୁମ୍ଭ ଲୀଳା ପ୍ରକାଶି।
ଗର୍ବ କଦନ କର ଦୂର କଳା ଶ୍ରୀମୁଖ ଶଶୀ।

ଘନ ନବ ଜଳଧର ହେ ମୁହିଁ ଚାତକ ପ୍ରାୟ।
ଘନ କଦନ ଅବଲୋକ ବାରେ ହୁଅ ସଦୟ।

ଉଆଁସୀ କଳାକର ପ୍ରାୟେ ମୋର କଳ ପଞ୍ଜରେ।
ଉଇଁ ଆସ ପ୍ରଭୁ ଦ୍ଵ ମଣି କୌମୁଦୀ ର ବିସ୍ତାରେ।

ଚରଣ ଯୁଗଳେ ଶରଣ ହେଉ ମୋର ଜୀବନ।
ଚାହିଁ ରହିଅଛି ପ୍ରଭୁ ହେ ମୁହିଁ ତବ ବଦନ।

ଛନ୍ଦ ପାୟ ଶିରରେ ମୋର ପ୍ରଭୁ ଥିବ ଆବରି।

ଛବି ପ୍ରାୟ ତୁମ ଶ୍ରୀମୁଖ ଯାଉ ନୟନେ ଭରି।

ଜନ ସନମାନ ଗୌରବ ପଦ କୀର୍ତ୍ତି ନ ଆଶେ।
ଜପୁଥିବି ତୁମ ନାମକୁ ଥିବ ହୃଦୟ ବାସେ।

ଝର୍‌ଇ ନର୍ଝରିଣୀ ଭକ୍ତି ମନ ଚଞ୍ଚଳ ସ୍ରୋତେ।
ଝରୁ ମୋ ହୃଦେ ଜୀମୂତ ଭକ୍ତି ପୀୟୂଷ ଯେତେ।

ନଅଣ୍ଟ କଞ୍ଜାମୂଲ ମୋତେ ପୁଣି କଣ୍ଟକ ପଥେ।
ନଅ ତୁମ ପଦେ ଆଦରେ ରଖ ତୁମରି ସାଥେ।

ଟଳମଳ ହୃଦ ପର୍‌ଣ ସାଂସାରିକ କର୍ଦ୍ଦମେ।
ଟାଣିବ ପାମର ଜୀବନ ପ୍ରାଣ ସଞ୍ଚାଳ ତୁମେ।

ଠକ ସଂସାରରେ ବୁଡିଛି ଠକ ହୋଇ ପାତକୀ।
ଠିକଣା ବେଳରେ ପ୍ରଭୁ ହେ ଦୟା କର ନରେଖି।

ଡର ଲ୍‌ଗେ ମିଛ ସଂସାରେ ବିଷୟା ନଧିଧରେ।
ଡଙ୍ଗା ହୋଇ ପାର କରିବ ବହି ଭବ ଜଳରେ।

ଢାଳୁଥିବ ଭକ୍ତି ପୀୟୂଷ ହୃଦେ ଥିବ ଜୀବନ୍ତ।
ଢଳ ଢଳ ମୋ ପ୍ରାଣ କଣିକା କଞ୍ଜ ପତ୍ରେ ଯେମନ୍ତ।

ଅଣାକାର ଶୂନ୍ୟ ପୁରୁଷ ଶୂନ୍ୟ ପଥେ ଭ୍ରମାଇ।
ଅଣାୟତ୍ତ ମୋର ଜୀବନ କାଳ ଭ୍ରମେ ଭ୍ରମଇ।

ତିଳେ ତିଳେ ମୋର ହୃଦୟେ କର ବିର୍‌ଜମାନ।
ତୁମେ ମୋ ହୃଦୟ କେତନେ ରହି ସଞ୍ଚାର ପ୍ରାଣ।

ଥଳକୂଳ ଦିଶ ନ ଦିଶେ ମାୟା ତିମିର କାରେ।
ଥୁଣ୍ଟା ଦ୍ରୁମ ପ୍ରାୟେ ଜୀବନ ଝଞ୍ଜା ତାପ ସମୀରେ।

ଦରଶନ ଦିଅ ଶ୍ରୀ ହରି  ହୃଦୟ     କନ୍ଦରରେ।
ଦଣ୍ଡେ ନ ପ୍ରାଣ ଜୀଇଁ ପାରେ ବିନୁ ତୁମ ପୟରେ ।

ଧରି ରଖୁ ଥିବ ମନକୁ  ଭକ୍ତି ରଜ୍ଜୁ ବନ୍ଧନେ।
ଧର୍‌ଧାମ ମନ୍ଦ ଲାଗଇ ମୋହମାୟା ବନ୍ଧନେ ।

ନୟନେ ଅୟନ ନ ଦିଶେ ଦୁଃଖ ଦୁର୍ଗମ ପଥ।
ନ କର ଦୃଷ୍ଟି ହୀନ ମୋତେ ବାହ ଜୀବନ ରଥ।

ପଡି ଅଛି ଭବ ସଂସାରେ ପାପ ଜମ୍ବାଳେ ମଜ୍ଜି।
ପରତେ ତୁମକୁ ସ୍ମରିବି ପାରୁନାହିଁ ମୁଁ ହେଜି।

ଫଳ ଭୁଞ୍ଜୁଅଛି ଜୀବନେ କର୍ମ କରି ମତର।
ଫଟା କପାଳ ରେ ମୋହର ତିଳେ ନାହିଁ କାତର।

ବସିଅଛ ନର୍ବିକାରରେ ଆଦିମୂଳ   ପୁରୁଷ।
ବହିଅଛ ନାମ ଗୋବିନ୍ଦ  ଜଗନ୍ନାଥ ନରେଶ।

ଭକତ କଷଣ ନ ସହି ଭବେ ଅବତରଣ।
ଭେଟି ଦିଅ ମୋର ନୟନେ କରୁ ତବ ଦର୍ଶନ।

ମରତର କାଳ ବିଧିକୁ  ମୁଁ ନ ପାରେ ବୁଝି।
ମଣିମା ତୁମ୍ଭର ଭକତି କାହିଁ ନ ହୁଏ ହେଜି।

ଯତନେ ଭବେ ପାଳୁ ଅଛ  ମୋର ତନୁ ବନକୁ।
ଯୋଗେ ସପନେ ଜାଗରଣେ ଶୟନେ ପଞ୍ଜରକୁ।

ରକ୍ଷା କର ଭକ୍ତ ଭତ୍ସଳ ରଖ ଭକ୍ତର ମାନ।
ରହିତ ସଂସାର ହୋଇଲି ଭୁଲିଣ ଆତ୍ମଜନ।

ଲୋତକ ସରିତ ସରିତ  ତୁମ ପାଦେ ପଖାଳ।
ଲୋଡେ ତୁମ ପଦ ଆଶ୍ରା ମୋର ଏତିକ ଅଳ।

ବରଜିବି ମୋର ଜୀବନ ତେଜି ଜଡ଼ ଶରୀର।
ବାରିନଧି ପତି ଗୋବିନ୍ଦ  ଭଜୁ ତବ ପୟର।

ଶ୍ରବଣେ କୀର୍ତ୍ତନେ ମନନେ ତୁମ ନାମକୁ ସ୍ମରି।
ଶୂରବାହୁ ଚଞ୍ଚଳାପତି ଭବୁ ଯାଉ ମୁଁ ତରି।

ଷଢ ଅରି ମେଳେ ମାତିଣ କ୍ରୀଡା କରଇ ମୁହିଁ।
ଷଢ ରିପୁ   କମ୍ବୁ ଚକ୍ରେଣ ବକ୍ର ନ କର କାହିଁ।

ସତ୍ୟ ତୁମେ ଏକା ସଂସାରେ ବାକ ସବୁ ଅସାର।
ସତ୍ୟକୁ ପାଳନ କରି କୂଳ ନ ଲଙ୍ଘେ ସାଗର।

ହଜିଯାଉ ମୋର ସ୍ଥୂଳ ପଞ୍ଜର ତୁମ ସୂକ୍ଷ୍ମ ଅଙ୍ଗର।
ହୁଅ ନିରାକାରୁ ସାକାର ମୋରେ ଉଦ୍ଧାର କର।

କ୍ଷମା ସାଗର ଦୀନବନ୍ଧୁ କାହିଁ କରୁଣା ଊଣା।
କ୍ଷମ ମୋର ଦୋଷ ତ୍ରୁଟି ହେ ନୋହିବି ବାଟବଣା।

ହାଡ଼ଗିଙ୍କୁଳା, ରାୟଗଡ଼ା

# ପାତାଳୀ ଶ୍ରୀକ୍ଷେତ୍ରରେ ଦିବ୍ୟ ଅନୁଭୂତି



ଶୁଭ୍ରାଂଶୁ ଶେଖର ପାଢୀ

କମ୍ବଦନ୍ତୀ କହେ ପରାକ୍ରମଶାଳୀ ଉତ୍କଳର ରାଜା ମାନେ ରାଜ୍ୟ ଜୟକରି ଫେରିବା ପରେ ସେହି ରାଜ୍ୟରୁ ସାଙ୍ଗରେ ଆଣିଥିବା ଧନ ସମ୍ପତ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅର୍ପଣ କରୁଥିଲେ । ଏହି କ୍ରମରେ ଶ୍ରୀମନ୍ଦିର ଧନସମ୍ପତ୍ତିରେ ପରିପୂର୍ଣ୍ଣ ଥିଲା । ସେଥିପାଇଁ ଶ୍ରୀମନ୍ଦିରକୁ ଲୁଣ୍ଠନ କରିବା ପାଇଁ ଅନେକ ସମୟରେ ବିଦେଶୀ ଶତ୍ରୁ ଶ୍ରୀମନ୍ଦିର ଆକ୍ରମଣ କରିଥିବା ଐତିହାସିକ ତଥ୍ୟ ରହିଛି ।

ଇତିହାସ କୁହେ ୫୮୮ ଖ୍ରୀଷ୍ଟାବ୍ଦରେ ଉତ୍କଳର ଶାସନ କରୁଥିବା କେଶରୀ ବଂଶର ରାଜା ଶୋଭନ ଦେବ ଙ୍କ ରାଜତ୍ୱ ସମୟରେ ରକ୍ତବାହୁ ନାମକ ଜଣେ ଯବନ ସେନାପତି ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିଲେ । ଯବନ ମାନଙ୍କୁ ଆକ୍ରମଣକୁ ପ୍ରତିହତ କରି ନପାରି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସୁରକ୍ଷା ଦେବାପାଇଁ ଠାକୁରଙ୍କୁ ଜଳପଥରେ (ମହାନଦୀ ପଥରେ) ଡଙ୍ଗା ସାହାଯ୍ୟରେ ସୁବର୍ଣ୍ଣପୁର ରାଜ୍ୟକୁ ନେଇ ଯାଇଥିଲେ ଏବଂ ସୁବର୍ଣ୍ଣପୁର ରାଜାଙ୍କ ସହଯୋଗରେ ଘୋର ଜଙ୍ଗଲ ମଧ୍ୟରେ ଅବସ୍ଥିତ ତ୍ରିକୂଟ ପାହାଡ଼ରେ ଥିବା ଗୁମ୍ଫାରେ ପାତାଳୀ କରିଥିଲେ । ସେଠାରେ ମହାପ୍ରଭୁ ୧୪୪ ବର୍ଷ ଧରି ପାତାଳୀ ହୋଇ ରହିବା ପରେ ମହାରାଜା ଯଯାତି କେଶରୀ ତାଙ୍କୁ ଉଦ୍ଧାର କରି ଶ୍ରୀମନ୍ଦିରରେ ପୁନଃ ପ୍ରତିଷ୍ଠା କରିଥିଲେ । ଏକଥା ମାଦଳା ପାଞ୍ଜିରେ ମଧ୍ୟ ବର୍ଣ୍ଣନା କରାଯାଇଛି । ମହାପ୍ରଭୁ ଦୀର୍ଘ ବର୍ଷ ଧରି ଏଠାରେ ପାତାଳୀ ହୋଇଥିବାରୁ ଏହାକୁ ପାତାଳୀ ଶ୍ରୀକ୍ଷେତ୍ର କୁହାଯାଏ ।

ଗତ ଫେବୃଆରୀ ଦଶ ତାରିଖରେ ଦିବ୍ୟ ଜୀବନ ସଂଘ, ସୁବର୍ଣ୍ଣପୁର ଜିଲ୍ଲା ତରଫରୁ ପାତାଳୀ ଶ୍ରୀକ୍ଷେତ୍ର ଠାରେ ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ସ୍ୱାମୀ ସ୍ୱରୁପାନନ୍ଦ ସରସ୍ୱତୀ ପ୍ରବଚନ ଦେବାର କାର୍ଯ୍ୟକ୍ରମ ଥିଲା । ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ମୁଁ ମୋ ବାପା ମାଆ ଙ୍କ ସହିତ ପାଞ୍ଚ ବର୍ଷର କୁନି ପୁଅ ଶୁଭସ୍ମିତ୍

କୁ ଧରି ପାତାଳୀ ଶ୍ରୀକ୍ଷେତ୍ର ଯାଇଥିଲି । ତେବେ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଗୁମ୍ଫା ମଧ୍ୟରେ ବିରାଜମାନ କରୁଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିବାକୁ ଚନ୍ତା କଲୁ । ସେତିକି ବେଳେ ସ୍ୱାମୀ ସ୍ୱରୁପାନନ୍ଦ ସରସ୍ୱତୀ ସେଠାରେ ପହଞ୍ଚି କଛି ଭକ୍ତଙ୍କ ସହ ଦେବ ଦର୍ଶନ ପାଇଁ ଗୁମ୍ଫା ଅଭିମୁଖେ ଯାତ୍ରାରମ୍ଭ କରି ସାରିଥିଲେ । ଗୁମ୍ଫାଟି ପାଖାପାଖି ଏକ କଲୋମିଟର ଉପରେ ଅବସ୍ଥିତ । ପ୍ରାୟତଃ ତିନଶହ ରୁ ଚାରି ଶହ ଉଚ୍ଚତା ଉପରେ ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିର । ସେତିକ ଦୂର ପର୍ଯ୍ୟନ୍ତ ପାହାଚ ବ୍ୟବସ୍ଥା ରହିଛି । ସେଠାରୁ ପ୍ରାୟ ସାତ ଶହ ମିଟର ପର୍ଯ୍ୟନ୍ତ ପର୍ବତ ଶଯ୍ୟାର ବନ୍ଧୁର ପଥ ଦେଇ ଉପରକୁ ଉଠିଲା ପରେ ପଚାଶ ରୁ ଶହେ ମିଟର ବିପଦ ସଙ୍କୁଳ ଭାବେ ତଳକୁ ଓହ୍ଲାଇବାକୁ ହୋଇଥାଏ । ସେଠାରେ ଅବସ୍ଥିତ ଦାରୁକୋଣ ଗୁମ୍ଫା, ଯେଉଁଠି ମହାବାହୁ ପାତାଳୀ ହୋଇଥିଲେ ।

ଜଗନ୍ନାଥ ମନ୍ଦିର ନକଟରେ ପହଞ୍ଚିବା ବେଳକୁ ମୋର ବାପା ମାଆ ବାର୍ଦ୍ଧକ୍ୟ ଜନତ କ୍ଲାନ୍ତି ଅନୁଭବ କରୁଥିଲେ । ତେଣୁ ସେମାନେ ଗୁମ୍ଫା ନକଟକୁ ଯିବାକୁ ଅନଚ୍ଛା ପ୍ରକାଶ କଲେ । କନ୍ତୁ ମୋର ପାଞ୍ଚ ବର୍ଷର କୁନ ପୁଅ ଶୁଭସ୍ମିତ୍ ପର୍ବତ ଚଢିବା ପାଇଁ ଜିଦ୍ କଲା । ଅଗତ୍ୟା ତାକୁ ଧରି ଗୁମ୍ଫା ଅଭିମୁଖେ ଯାତ୍ରାରମ୍ଭ କଲି । ସେଠାରୁ ପାଖାପାଖି ଦୁଇ ଶହରୁ ତିନ ଶହ ମିଟର ଉପରକୁ ଉଠିବା ପରେ କ୍ଲାନ୍ତ ହୋଇ ଆଗକୁ ଯିବା ପାଇଁ ଆଉ ଇଚ୍ଛା ପ୍ରକାଶ କଲା ନାହିଁ । ତାକୁ କାନ୍ଧରେ ବୋହି ଉପରକୁ ଉଠିବା ମଧ୍ୟ ମୋ ପକ୍ଷେ ସମ୍ଭବ ନଥିଲା । ତେବେ ମୋତେ ସେଠାରୁ ତଳକୁ ଓହ୍ଲାଇବାକୁ ହେଲା । ମନ୍ଦିର ଚଟାଣରେ ବସିଥିବା ବାପା ମାଆଙ୍କ ପାଖରେ ମୋ ପୁଅକୁ ଛାଡ଼ି ଦେଇ ପୁଣିଥରେ ଗୁମ୍ଫା ଅଭିମୁଖେ ଅଗ୍ରସର ହେଲି । ଅନେକ ଭକ୍ତ ଗୁମ୍ଫା ଅଭିମୁଖେ ଯାତ୍ରା କରୁଥିଲେ । କେହି କେହି ଗଛ ମୂଳରେ ବସି ଥକ୍କା ମାରୁଥିଲେ ତ କେହି କେହି ଅଧା ରାସ୍ତାରୁ ଆଗକୁ ବଢ଼ି ନପାରି ଫେରି ଆସୁଥିଲେ । ତେବେ ସ୍ୱାମୀ ସ୍ୱରୁପାନନ୍ଦ ସରସ୍ୱତୀ କଛି ଅନୁଗାମୀ ଭକ୍ତଙ୍କ ସହ ଏକ ବୃକ୍ଷମୂଳରେ ବିଶ୍ରାମ ନେଉଥିଲେ । ଶେଷରେ ଯାତ୍ରା ଜନତ କ୍ଲାନ୍ତି ସହିତ ଗୁମ୍ଫା ନକଟରେ ପହଞ୍ଚିବାର ସମର୍ଥ ହେଲି ।

ଗୁମ୍ଫା ମଧ୍ୟକୁ ପ୍ରବେଶ କଲା ବେଳେ ଗୁମ୍ଫା ମଧ୍ୟରେ ଅନ୍ଧାର ବିରାଜମାନ କରୁଥାଏ । ମୋବାଇଲ ଲାଇଟ୍ ଲଗାଇବାକୁ ଚେଷ୍ଟା କଲି, କନ୍ତୁ ଆଶ୍ଚର୍ଯ୍ୟ; ମୋର ଦୁଇଟି ଏବଂ ଅନ୍ୟ ଜଣେ ଭକ୍ତଙ୍କର ଗୋଟିଏ ଏପରି ତିନୋଟି ମୋବାଇଲ କାମ ଦେଲା ନାହିଁ କ ଜଳଲା ନାହିଁ।

ସେତେବେଳେ ମୁଁ ଠାକୁରଙ୍କ ପାଖରେ ପହଞ୍ଚି ସାରିଥାଏ । ତାଙ୍କ ଆଗରେ ଚକା ପକାଇ ବସିଲି । ମୋ ମନରେ ଭକ୍ତି ଥିଲା କି ନା, ମୁଁ ଜାଣିନ । ତେବେ ଥଟ୍ଟା କଲାପରି କହିଲି *ବନ୍ଧୁ! ବହୁ କଷ୍ଟରେ ତୁମ ପାଖକୁ ଆସିଛି । ଭଲରେ ଆଖି ପୁରାଇ ନଦେଖି କି ଫଟୋ ନ ଉଠାଇ ଯିବିନ* । ମୋ ବନ୍ଧୁ ବୋଧହୁଏ ଜାଣିପାରିଲେ ମୋ ମନର କଥା । ସେ ତ ଅନ୍ତର୍ଯ୍ୟାମୀ ନା! ଦେଖାଇଲେ ଚମତ୍କାରିତା । ଏକାସାଙ୍ଗରେ ତିନୋଟି ଯାକ ମୋବାଇଲ ର ଟର୍ଚ୍ଚ ଜଳ ଉଠିଲା । ଏହା ସହିତ ଗୁମ୍ଫା ବାହାରୁ ଏକ ଆଲୋକର ରେଖା ଆସି ଜଗନ୍ନାଥଙ୍କ ମୂର୍ତ୍ତି ଦେହରେ ପଡ଼ିଲା । ସତେକି ଦିବ୍ୟ ଆଲୋକ । ଯାହାକି ମୋ ମୋବାଇଲ କ୍ୟାମେରା ରେ କଏଦ୍ ହୋଇ ରହିଛି । ଉପସ୍ଥିତ ଭକ୍ତଙ୍କ ମୁଖରୁ ଜୟ ଜଗନ୍ନାଥ ଧ୍ୱନରେ ସମଗ୍ର ଗୁମ୍ଫା ପ୍ରକମ୍ପିତ ହୋଇ ଉଠିଲା । ଏଭଳି ଦିବ୍ୟ ଅନୁଭବର ଶ୍ରେୟ ମୋ ଉପରେ ଦେଇ ପାଖରେ ଥିବା ଜଣେ ଅଚହ୍ନା ବୃଦ୍ଧା ମାଆ ଭାବ ବିହ୍ୱଳ ହୋଇ ମୋତେ ଆଲିଙ୍ଗନ କରି ପକାଇଲେ ଏବଂ ମୋ ଉପରେ ଢାଳିଦେଲେ ଅୟୁତ ଅୟୁତ ଆଶିର୍ବାଦ ।

ଏଭଳି ଦିବ୍ୟ ଅନୁଭବ ମୁଁ କେବେ ଆଗରୁ ପାଇ ନଥିଲି । ସତରେ ବନ୍ଧୁ ତୁମେ ମହାନ୍ । ତୁମେ ପୁଣି ପ୍ରମାଣ କରିଦେଲ ବନ୍ଧୁ (ଭକ୍ତ) ପାଇଁ ତୁମେ କେତେ ବିକଳ ।

ବୀରମହାରାଜପୁର, ସୁବର୍ଣ୍ଣପୁର

# ମୋ ଗାଆଁ



ଜଗନ୍ନାଥ ପ୍ରଧାନ

କେଡ଼େ ମନୋହର ଶାକତଣ୍ଡୁଳର ସୁନ୍ଦର ମୋହରି ଗାଆଁ
ଭୂଗୋଳ ବହି କ ପୋଥିପତରରେ ନାହିଁ ସିନା ତା'ରି ନାଆଁ (୧)
ସିନ୍ଦୂର୍ ଫାଟିବା ଆଗରୁ କୁକ୍କୁଟ ଗାଏ ସ୍ୱାଗତ ସଙ୍ଗୀତ
ସବୁଜ ରଙ୍ଗର ଘାସ ପତରରେ ଶିଶିର ସିଞ୍ଚଇ ଶୀତ (୨)
ସଞ୍ଜ ନଇଁଗଲେ ଭଜନେ କୀର୍ତ୍ତନେ କମ୍ପେ ଭ୍ଗବତ ଟୁଙ୍ଗି
ଦୋଳ, ନୂଆଁଖାଇ, ରଥ, ବାହୁଡାରେ ଜୀବନ ଯେ ସାତରଙ୍ଗୀ (୩)
ଜହ୍ନିଓଷା ହେଲେ ଅନୂଢ଼ା ହୃଦୟେ ଅଶିଣର ଜହ୍ନ ଉଏଁ
ରଜ ମଉଜରେ ତରୁଣୀ ହୃଦୟ ଦୋଳଗୀତ ଗାଇଯାଏ (୪)
ଧାନ କଆରୀର ସୁନେଲି ରଙ୍ଗରେ ଖୁସିର ଲହରୀ ଖେଳେ
ବସନ୍ତ ଆସିଲେ ଆମ୍ବ ଗଛ ଡାଳେ କୋଇଲି ର୍‌ଗିଣୀ ତୋଳେ (୫)
ଭୁଆସୁଣୀ ଆସି ପୋଖରୀ ତୁଠରେ ପାଦର ପାହୁଡ଼ ମାଜେ
ହଳଦୀ ଲେପିତ ମୁହଁକୁ ତାହାର ହଲିଲ୍ ପାଣିରେ ଖୋଜେ (୬)
ଆଧୁନକତାର ପରଶେ ମୋ ଗାଆଁ ନ ହର୍‌ଉ ତା'ର ଶିରୀ
ସୁନ୍ଦର ମୋ ଗାଆଁ ମୋ ପାଇଁ କ ସଦା ସରଗ ଭୁବନ ପରି (୭)

କେଳାକଟା, ବୌଦ୍ଧ

# ମୁଁ ଦାଦନ କହୁଛି



ସନାତନ ଦାସ

ମୁଁ ଦାଦନ କହୁଛି,
ଭିଟାମାଟି ଛାଡି ପର ଗାଇଜରେ
ପେଟ ପାଇଁ ନାଟ କରୁଥିବା
ସେଇ ଦିନ ଦାଦନ କହୁଛି...!!

ସରକାର ର ମିଛ ପ୍ରତିଶ୍ରୁତି
ଫମ୍ପା ଭାଷଣ, ମିଠା କଥାରେ
ଦାଦନର ଗଣ୍ଡରେ ହଜିଗଲା
ଚାକରୀର ସପନ....!!

ଆଜି ପେଟକୁ ନାହିଁଦାନା
ମୁଣ୍ଡ ଉପରେ ଛାତ ଆଉ
ଦେହରେ ନାହିଁ କନା...!!

ପିଲା ମୋର ଦରିଦ୍ର ର ତାଡନାରେ
ଭବିଷ୍ୟତ ପାଇଁ ସନ୍ଦିହାନ,
ଦାଦନ ର ଅନ୍ଧାର ଗଳ ରେ
ଖୋଜି ବୁଲୁଛି ସାହାଗ୍ୟ ଟିକେ...!!

କେତେ ଯୋଜନା ହେଉଛି,
ସବୁ ଫାଇଲ ତଳେ ର ରହୁଛି,

ବଡବଡିଆ ସବୁ ଦରିଦ୍ର ଶୋଷଣ କରି
ଦାଦନକୁ ପ୍ରଶୟ ଦେଉଛି...,
ମୁଁ ଦାଦନ କହୁଛି...!!

ଗ୍ରାମ-ସଅଁର୍, ନାଲିବର, ଜଗତସିଂହପୁର

# ଦଶମ ଶ୍ରେଣୀଙ୍କୁ ବିଦାୟ



ସେବକାନ୍ତ ନନ୍ଦ

ପ୍ରଥମେ ବହୁଛି ସଭାପତି, ଦ୍ୱିତୀୟରେ ଅତିଥି
ତୃତୀୟରେ ମୋର ପ୍ରିୟ ଶିକ୍ଷକ,
ଶେଷରେ ମୋର ଛୋଟ ବଡ ଭାଇ ଭଉଣୀ ଯାକ,
ଆଜିର ବିଦାୟ ସଭାରେ କହିବାକୁ
ମୁହିଁ ପାଇଛି ସୁଯୋଗ
ଭୁଲ ଥିଲେ କ୍ଷମା ଦେବ
ହୃଦୟରେ ହୋଇ ଅନୁରାଗ ।
କଣ କହିବି, ମୁଁ ପରା ତୁମ ସାନଭାଇ,
ଏତିକ କହୁଛି ବୁଝାଇ,
ପାଠ ପଢ଼ିବାକୁ ଜମା ଭୁଲିବ ନାହିଁ ।
ପଢିଥିଲେ ପାଠ ସୁବିଧା ଅନେକ
ଜୀବନରେ ନ ଥାଏ ଡର,
ପାଠରେ ନହୋଇ କାତର
ପାଠକୁ କରିବା ଆଦର ।
ବିଦ୍ୟା ଅଟଇ ମହାଧ୍
ତାହାକୁ କରିବା ଅର୍ଜନ ।
ଦିନ ରାତି କରି ପରିଶ୍ରମ
ରଖିବା ଦେଶ ଜାତିର ସମ୍ମାନ ॥
ଭଲ ମଣିଷଟିଏ ହୋଇ
ସମାଜକୁ ଶିକ୍ଷିତ କରିବା,
ଜ୍ଞାନ, ଅଜ୍ଞାନ ଭାବ ଦୁରେଇ
ଶିକ୍ଷିତ ଭାରତ ଗଢିବା ॥

ପିତା, ମାତା, ଗୁରୁ ବଚନ
ସଦା କରୁଥିବା ପାଳନ
ତାଙ୍କରି ଆଶିଷ ଲଭିଲେ
ଧନ୍ୟ ହେବ ଆମ ଜୀବନ ॥
ଛୁଟି ଅଛି ବୋଲି ବୁଲିବ ନାହିଁ
ପାଠ ପଢାରେ ହେବ ହରଷ
ପରୀକ୍ଷାରେ ସୁଉତ୍ତିର୍ଣ୍ଣ ହୋଇ
ବିଦ୍ୟାଳୟର ରଖିବା ଯଶ
ଶେଷରେ ତୁମକୁ ଏହି ଉପଦେଶ
ମାନ ଚଳବ ଆଶା ମୋର,
ଭୁଲ ଥିଲେ ନ ଧରିବ ଦୋଷ,
ଗୁରୁଜନଙ୍କୁ କୋଟି ନମସ୍କାର ॥

ସରକାରୀ ଉଚ୍ଚ ବିଦ୍ୟାଳୟ
ମଲ୍ଲାଡ, ଗଞ୍ଜାମ

# ଅଜଣା ପ୍ରେମ



ଶୋଭାଗିନୀ ବିଶି

ଜାଣେନା ମୁଁ କିଏ ସେଇ
ପ୍ରେମଭରା ଆଶା ଦେଇ
ଋତୁରାଜ ଆଗମନେ ହୃଦୟ ଝରକା ଡେଇଁ
ଏକାଲୟେ ଗୃହେଁ ହରିଖେଇ ॥

ସତେକି ଅଫେରା ସ୍ୱପ୍ନ
ସଜଳ କୋମଳ ପର୍ଣ୍ଣ
ମରୁଭୂମି ବୁକୁ ଚିରି ମୃତକାୟା ପ୍ରାଣେ ଦେଲା
ସଞ୍ଜୀବନୀ ମନ୍ତ୍ର କର୍ଣ୍ଣେ କହି ॥

ଜାଣେନା ମୁଁ କାହାପାଇଁ
ଉଠଇ ଆବେଗ ଚେଇଁ
ହୃଦ୍ ସ୍ପନ୍ଦନ ତୀବ୍ରତାର ମାପକାଠି ଭେଦକରି
ପ୍ରତିକ୍ଷଣେ ଉଲ୍ଲସିତ ହୋଇ ॥

ଅଦିନଆ ଫଗୁଣଟେ
କନ୍ଦର୍ପର ଶର ବହି
ମଧୁ ମୁରଲୀ ସ୍ୱନ ସତେକି ଗଧି ଜୀବନେ
ଅମୃତର ବର୍ଷା ଯେ କରଇ ॥

ଅଜଣା ମୁଁ ସେହି ହୃଦ
ପ୍ରଣୟେ ଯେ ଆଚ୍ଛାଦିତ
ପ୍ରଣୟ ସ୍ରୋତେ ସର୍ବସ୍ୱ ସାଥେକ ଭସେଇନେବ
ଆଶାର ବନ୍ଧନ ଫିଟାଇ ॥

କେତେ ଯେ ଏମିତି ଦିନ
ସ୍ୱପ୍ନ ବିଭ୍ରେର ଜୀବନ
ମରି ମରି ବଞ୍ଚିଥିବି ମୃଗତୃଷ୍ଣା ହୃଦେ ବହି
ଚାତକ ପକ୍ଷୀଟେ ହେଇ ॥

ଲକ୍ଷ୍ୟହୀନ ପଥିକଟେ
ଧରାଶାୟୀ ରାଜମାର୍ଗେ
କଣ୍ଟାକାଚ୍ଛାଦିତ ପୁଷ୍ପ, ହୃଦ ମରୁଭୂମୈ
ନ ପାରିବି ତିଳେ ବହି ॥
ନପାରିବି ତିଳେ ତିଳେ ବହି ॥

ଦୁଆନ ପାଲି, ସୋହେଲା, ବରଗଡ

# ଡିଜିଟାଲ ଦୁନିଆ



ରୁବ୍ଲିନ୍ ସାହୁ

କି ସୁନ୍ଦର ଲାଗେ କଲମ ଧରିବା
ମନର ଭାବକୁ କାଗଜେ ପ୍ରକାଶିବା ।
ପାଠକ ପଢେ ତାକୁ ଧ୍ୟାନ ଦେଇ,
ରୁଚିକର ଲାଗେ ସଭିଙ୍କୁ ସେହି ।
ଆଜିକାଲିର ଏ ଦୁନିଆ,
ଯହିଁ କେବଳ ମେସିନ୍ ର କାମିଆଁ ।
ମନୁଷ୍ୟର ଭାବ ସ୍କ୍ରୀନରେ ସିମୀତ,
ଜାଣେନା ସେ ଏ ବିଚିତ୍ର ଜଗତ ।
ନାହିଁ ଆଉ ସାଙ୍ଗସାଥୀ ମେଳ,
ରଜ, ଦୋଳ ଆଉ ଅନ୍ୟ ପର୍ବ ।
ନିଜ ଦୁନିଆରେ ସଭିଏଁ ବ୍ୟସ୍ତ,
ଡିଜିଟାଲ ଦୁନିଆର୍ ଅଟେ ଅଂଶ ଏତ ।
ଆଗେଇ ବଢୁଛି ସେ କମ୍ପ୍ୟୁଟର ସହ,
ପଛକୁ ଛାଡି ନିଜ ବାଲ୍ୟ ପରିବାର ।
ସାଜିଛି ସାଥୀ ତା ଏ ଜଡ ବସ୍ତୁ,
ଭୁଲିଯାଉଛି ନାହିଁ ସେଥି ଭାବର ବିନ୍ଦୁ ।

# କେବେ ଯଦି ପୁଣି ଦେଖାହୁଏ



ବିଭୁତି ରଞ୍ଜନ ପାଣିଗ୍ରାହୀ

କେବେ ଯଦି ପୁଣି ଦେଖା ହୁଏ
ପଦେକଥା କହିବି ତୁମକୁ

ପୁନେଇ ଜ୍ୟୋତ୍ସ୍ନା ରେ ଯେବେ ଆକାଶ ଆଲୋକିତ ହୁଏ
ଅପେକ୍ଷା କରିବି ସେଇ ଦିନକୁ
ସାଥିରେ ତୁମର ବସି ମୁଁ ଯେବେ
କହିବି ପଦେ କଥା କଛି ତୁମକୁ

ଶୀତ ସକାଳେ ଯେବେ କୁହୁଡି ଭରେ
କାକର ଭିଜା ପାଦରେ ତୁମେ
ଆସିବା ଯେବେ ମୋ ଘରକୁ
ମନେ ଲୁଗ୍ଣ କଛି କଥା କହିବି ତୁମକୁ

ସନ୍ଧ୍ୟାରେ ଯେବେ ମୃଦୁ ମଳୟେ
କେଶ ତୁମ ଉଡି ଛୁଇଁଥିବ ଓଠକୁ
ଆଖିରେ ଆଖିରେ ମିଶେଇ ତୁମର
ସେ ଦିନ କହିବି ପଦେ କଥା ତୁମକୁ

ଯଦି କେବେ ଏକା କରି ଗ୍ଭଲିବି ଯାଅ ତୁମେ
ନକରିବି ଘୃଣା କେବେ ବି ତୁମକୁ
ନା କେବେ ପଗ୍ଭରିବି ପ୍ରତାରଣା କରିଲ କାହିଁକ
ଭଲ ପାଉଥିବି ଠିକ ସେବେ ବି ସେମିତି
ଆଜି ବି ଯେମିତି ଭଲ ପାଉଛି ତୁମକୁ

ଅପେକ୍ଷା କରିବି ତୁମ କଥା ପଦେକୁ
ମନେ ରଖି କଛି ଅଭୁଲା ସ୍ମୃତିକୁ
କହିବି ଦିନେ ଦୁନୟାକୁ ମୋ ପ୍ରେମର କବିତା
କହିବି କଛି କଥା
କଛି ବ୍ୟଥା ସବୁ ଆର ଜନ୍ମକୁ ।

# ଆଞ୍ଚଳିକ

# ଫେନ ପଡବା କାଁଥି



ଶୁକଦେବ ସାହୁ

ହଁ ତମର୍ ହକ୍ ଅଛେ
ତମେ ଜାହିର୍ କର
ତମର୍ ଅସାଂତି ଅସଂତୋସକେ
ବଂଦ କର ରାଜରାସ୍ତା, ଦୁକାନ୍-ବଜାର୍
କର ଚକା ଜାମ୍
ହଲେଇ ନାଇଁ ଦିଅ
ଗଛର୍ ପତର
ଛେକ ଦିଅ ପବନ ପାନିର୍ ବାଟ୍
ତମର୍ ହକ୍ ଅଛେ
ତମର୍ ଭବିସକେ ଉଜାଲ୍ କରବାର୍
ତମର୍ ପୋ ନାତି କର୍ ନଏ ମାଗବାର୍
ତମର୍ ହକ୍ ଅଛେ
ହେଲେ ସମି ନାଇଁ ଦିଅ ତାହାକେ
ତମର୍ ଖଁଦେ ବଂଧୁକ୍ ରଖି
ସାଧୁଛେ ଜେ ନିସାନା
ମେସେଇ ନାଇଁ ଦିଅ ଭେଲି
ତମର୍ ପିଠି ଉଧା ମାରି ଜେ
ଚଘୁଛେ ସୁଆରଥର୍ ଗଦି
କଥାର୍ ଭୁଲେ ପଡି
ନାଇଁ ବୁହ ଉସାସ୍ ଭର୍ ଖଁଦେ
ସମୁଦର୍ ଭବି

ନାଇଁ ପହଁର କୁହୁଡି
ଜେନମାନେ ତମକୁ ସୁଏଇ ଦେଇଥିଲେ
ଦୁଖ-ଦରଦର୍ ଆନାସ୍ଥେସିଆ ଦେଇ
ଏତକ ଦିନ୍
ସେମାନେ ଆଜି
ପିଅଉଛନ୍ ଗୁଲକୁସ୍ ପାଏନ
ସିଆନ ହ ଗୁମାନ୍ କର
ନେହେଲେ
ସସ୍ତା ଲଲିପପ୍ ଧରେଇ ଦେଇ
ଢେକାର୍ ମାରବେ
ଚକେନ୍ ମଟନ୍ ଖାଇ ଖାଇ
ତମେ ଫେନ ମାଗୁଥିବ ଥାଲି ଧରି
ଦିଅ ଦିଅ ବଲି
ସେମାନେ ସେତେବେଲେ ବି
ସାସନ୍ କରିଥିଲେ
ବାଆଁଟି ଭଗ୍-ଭଗ୍ କରି
କେତେବେଲେ ମୁଗଲ୍ ତ
କେତେବେଲେ ଇଂରେଜ ହେଇ
ଆଏଜ୍ ବି ଦେଖୁଛନ୍ ତାମସା
ତମର୍ ଭିତରେ ଝନେ ହେଇ
ତାଙ୍କ ତରକ ଥ
ନେହେଲେ ଭଇ-ଭଇର୍ ଘର୍ ମଝାନେ
ଫେନ ପଡବା କାଁଥି ।

ଖାରୀ, ତରଭା, ସୋନପୁର

# ପରକୁତିର୍ ଉତରେନ୍

ସୁନୀଲ କୁମାର ଅଗସ୍ତି

ଠାଟର୍ ସୁନ୍ଦର୍ ହାତ୍ ଧରୁ
ଦଗ୍ ଦଗା ଗାଗରେ ବଫୁ ଯବର୍
ଇ'ଫାଲେ ଆର୍ ବଢେ
'କୁବେର୍' କଁର୍ ଦାଦି,
ତବଭି ....
ଉନହାଁ କେ ମନ୍ କରସି
ପଡଲେ ସମିଆଁ ଠାନ୍ ବତରେ
ମାରସି ଛଲାଙ୍ଗ୍
କରିଆ ଖାଏଲା 'ଜୁଏ' ଲିଭେଇ,,

ଟିଟିଲାଗଡ଼,ବଲାଙ୍ଗୀର

# ହଜି ଜଉଛେ ଗ୍ରାମ୍



ସହଦେବ ଧରୁଆ

କାହାର୍ ନଜର୍ ପଡି
ଅପନା ସୁନା ଭୁଣ୍
ଘୁଟି ଆଏଲା କଲିଆ ବାଦଲ୍
ଅକରତିଆ ଧୁକା ପାଏନ୍
ଦିହିଁ ଉଦା ସରସର୍
ଧସକ ବିଦରିତା କାଏଁନ
ଲୁହା ମେତାର୍ ଟାନ୍ ॥

ଦେଖି ସଭେ କାବା
ଆସରିଜ୍.... ଆକାଭୁତ୍
ସରଲ୍ ସୁତର୍ ଗାଏ ଗଁଗା
ଆର୍ ଅଏସୋ ସୁନର୍
ମନ୍ ଘିନା ଲୁଭ୍ ଲୁଭୁନା ଚେହେର୍
ନମିସ୍ ଟାକେ ଖଡଖଡା କାଠ୍ ॥

କାହାର୍ କୁଟ୍ କପଟ୍ ଛଲେ
ଦେ ଦେବତାର୍ ଦିହେଁ
ଗ୍ରାକସ୍ ପନ୍ ଢୁକ
ତାର୍ ଦିହେଁ ଲେପିଦେଲେ କାଏଁଟ୍
ଦିଶୁଛେ କଲା ଟରଟର୍ ଅଂଗେନ୍ ॥

ଫାଁଦେ ପରି ଚିଁ ଚପଟ୍ ନେଇଁ
ଗ୍ଢ଼ରିଖୁଡି ନଶବଦ୍
ରଗ୍ ରଗା ଅଂଗର୍ ହଁକାରେ
ଜଲିପୁଡି ଛାରଖାର୍
ନରମଲ୍ ତନ୍ ମନ୍ ॥

ଦୁଷି ନରଦୁଷି ବିଗ୍ଢ଼ର୍
ହେବାର୍ ଆଘୋନୁ
ମରତ୍ ମୁରବିଆ ପନ୍
ତାକେ ସଜେଇ ଦେଇଛେ
ଅଚଲନ ଅନଜତିଏନ୍ ॥

"ବିଟାଂଗି" ବଦନାମର୍
ନଦା ପଖନ୍ ଭିତରେଁ
ବାଟ୍ ଦେଖ୍ ଅନସରିଛେ
ଅସଲ୍ ନଏର୍ ଗ୍ରମ୍ କେ
ସୁତର୍ ନରମଲ୍ ମନ୍ ॥

ଅଁଧୁ ଝାରି ସାଫ୍ ସୁତର୍
ମେଟେଇ ନେତା ଦିହୁଁ
ଲେପଲ୍ କଲା ଚୁନ୍
ଗ୍ରମର୍ ପାହା ପଡି
ପାଲଟିତା ଫେନ୍ ଘାଏ
ପବିତର୍ ତିରି ରତନ୍ ॥

ହେଲେଁ, ଗ୍ଳକସ୍ ଗୁହୁଡି ଭିତରେଁ
କାହୁଁ ମିଲବା ପଦୁପାହାର୍ ଚନହା
ଇନେ ତ ଛିଟା ଦେଇ
ତିରିକେ ପଖନ୍ ସଜାବାର୍
କେଥନ କେତେ
ହଜି ହଜିି ଜଉଛେ ଗ୍ରମ୍ ॥

ସାଇପାଲି, ବିଜେପୁର, ବରଗଡ଼

# ପୁଡ଼ାବା ଆଘୁ କହୁଛେ ରାବନ୍

ସତ୍ୟନାରାୟଣ ମିଶ୍ର

ତାକେ ପୁଡ଼ାବା ଆଘୁ ରାବନ୍ କହେଲା "ହଏ ହୋ ମୁନୁଷ୍ ମାନେ ! ମତେ ତମେ ଅଧର୍ମୀ ଅତ୍ୟାଚାରୀ ବୋଲି ଭୁଲ ବୁଝିଛ ଆରୁ ମୋର୍ ପୁତୁଲି ବନେଇ କରି ଆଁକ ଦଉଛ । ତାର୍ ଭିତିରେ ଫଟ୍ କରା, କୁମ୍ଫି ଖଞ୍ଜି କରି ବାରୁଦ୍ ଖେଲ ର୍ ମଜା ନଉଛ । ହେଲେ, ମୁଁଇ ପ୍ରକୃତ ଦୁଷି କ ନାଇଁ ଯେ ମୋର ନୁ ପହେଲା ଶୁନ ।

ମୁଇ ଯାନୀ ଥିଲି ଯେ ରାମ ହଉଛନ୍ ଭଗବାନ୍ ବିଷ୍ଣୁ କୁମ୍ଭକର୍ଣ ଆରୁ ମୁଇ ତାଙ୍କର ଦ୍ୱାରପାଲ୍ ଜୟ ବିଜୟ ।ଋଷି ଅଭିଶାପ ଥି ଆମେ ଚାରିଯୁଗେ ଅସୁର ଜନମ୍ । ବିଷ୍ଣୁ ବି ମନୁଷ୍ ଜନ୍ମ ନେଉଚନ୍ ଆମକୁ ମାରି କରି ମୁକ୍ତି ଦେବା ର୍ ଲାଗି । ଯେନ ରାମ ଙ୍କର ମହନ୍ ରୂପ କେ ଦେଖଲେ ଋଷି ମୁନ କେ ବି ମହନ ଲାଗୁଥିଲା ତାକେ ଦେଖି କରି ମୋର ବହେନ୍ନ ସୂର୍ପଣଖା କେ ମହନ ଲାଗବା ର୍ ଟା ଭୁଲ୍ ନାଇଁ ଥେଇ । ବିରହ ଜୁଏ ଥି ଜଲି ମରି ରାମ ଠାନେ ରତି ଭିକ୍ ମାଗଲା । ହେଲେ ସେ ମୋର ବହଣି ର୍ ନାକ କାନ କାଟି କରି ବଟେଇ ଦେଲେ । ଗୁଟେ ବହେନ୍ନ ର୍ ଇ ଦୁର୍ଦଶା ଦେଖିକରି କେନ୍ ଭାଇ ତୁମ୍ ପଡି ରହେବା । ରିସମୀ ହେଇ କରି ମୁଇ ବଦଲା ନେବାକେ ସୀତା ମା କେ ଚୁରେଇ ଆଁନଲି ।

ତାକେ ଚୁରେଇ ଅନକାରୀ ଗୁଟେ ନରାପଦ ଜାଗା ଅଶୋକ ବାଟି ନେ ବସେଇ ଦେଲି ।ଶହ ଶହ ଅସୁରେନ୍ ଯୁଗେଇ ଥିଲି । ଜେନ୍ତା କ କେନ୍ ପୁରୁଷ ଲୋକ ର୍ ଛାଏଁ ନ ପଡେ ମୋର ସୀତା ମା ଉପରେ । ମୁଇ ଅଶୋକ ବନେ ମା କେ ବସେଇ ରଖି କରି ଫି ଦିନେ ପୂଜା କରୁଥିଲି । ଅଶୋକ ଗଛର ପ୍ରଭାବ ଥି ମା ର୍ ବଙ୍ଝେଂନ୍ ଦୋଷ ବି କଟିଗଲା । ମୁଇ ଯଦି ଗୁଟେ ସୂତର୍ ଶାନ୍ତି ଲୋକ ର୍ ବେଭାର ଦେଖେଇ ଥିତି ରାମ ମତେ ମରା ବାର୍ ଟା ଉଚ୍ଛୁର ହେଇ ଥିତା, ମୁକ୍ତି ମିଲିବାକେ ଅଧିକା ଦିନ ଲାଗିଥିତା, ତହିଁର ଲାଗି ମୁଇ ତାଙ୍କୁ ନଷ୍ଠୁର ବେଭାର କରି କରି ରାଗି କରୁଥିଲି । ମୁଇ ଚାହିଁ ଥିଲେ ତାଙ୍କର ସେତୁ ବନ୍ଧ କେ ଭାଙ୍ଗି

ଦେଇଥିତି ହେଲେ, ମୁଁଇ ତାକେ ପ୍ରତିଷ୍ଠା କରି ଦେଲି ଆରୁ ରାମ କେ ଲଙ୍କା ଆସ ବୋଲି ସ୍ୱାଗତ ଜନାଲି । ଆମର ମରନ୍ ଭେଦ ରାମ ଜନଲେ ଆମକେ ମାର ବାର୍ ସୁବିଧା ହେବା ବୋଲି ଭିବିଷନ୍ କେ ପଠେଇ ଦେଲି ରାମ ର୍ ପାଶେ ।ସଭେ କହେସନ୍ ମୁଇ ତାହାକେ ଖେଦ୍ ଲି ପରେ ।

ତମର ନଜର ଥି ମୁଇ ଖରାପ୍ । ହେଲେ ହେ ମୁନୁସ ମାନେ ! ତମେ ସବୁ ଯେନ୍ ଅସୁର ପରକୃତି ହଉଛ, ନାରୀ ହରନ୍ ବଲାତ୍କାରୀ ଅତ୍ୟାଚାର କରୁଛ ।ଭାଇ କେ ମାରି ଦେଉଛ, ମା ଗର୍ଭେ ଶିଶୁ କନ୍ୟା କେ ହତ୍ୟା କରୁଛ । ସରଲ୍ ଉପରେ ଜୋର ଜୁଲୁମ୍ କରୁଛ, ତମର ହେ ସବୁ ଖରାପ କାମ୍ ଖରାପ୍ ପ୍ରକୃତି ସବୁ କେ ଜାଲୀ ପୁଡ଼େଇ କରି ରାବନ୍ ପୁଡିର୍ ମଜା ନଅ । ମାନବ ହେଇଛ ମାନ କରି ରହେବ।ନୀତି ନଅମ କେ ନ ମାନ କରି ଦାନବ୍ ସାଜୁଛ କେନ୍ତା **?????**

ସିଂଧେକେଲ୍, ବଲ୍ଙ୍ଗୀର

# କଲିଯୁଗର୍ ମୁନୁଷ୍ ଚଲନ୍



ବାଙ୍କାବିହାରି ମହାକୁର

ଅର୍'ଘଲ୍ ବେଲେ ଆଏଭ୍ଏ ହେଇ
କରୁଥିସି କେତେଁ ଅର୍'ଦଲି
ଆଲ୍'ମାଲ୍ ହାତେ ପଏସା ଜୁଟ୍'ଲେ
ନଜ୍'କେ ଭ୍ବ୍'ସି ବାହୁବଲି ।

ମାଏଝି କଥା ଗୁରୁ ଗଁଏଠ୍ କରି
ବୁଆମାଆଁକେ ଗୁଚୁରେ ନାଇଁ
ଲୁକ୍ ଦେଖେନ୍ କବାର୍ କରୁଥିସି
ହୁର୍'ଦେ ଶର୍'ଧା ମୁଟୁ ନାଇଁ ।

ମୁଇଁ ଜାନ୍'ବାର୍ ବଲି ଅହରହ
ପିଟୁ ଥାଏସି ନଜର୍ ଢୁଲ୍
ନଜର୍ ଦୁଷ୍'କେ ଲୁକାବାର୍ ଲ୍ଗି
ନୁରୁଥିସି ଦୁସ୍'ର୍ର୍ ଭୁଲ୍ ।

ନଜ୍'କେ ନଜେ ଭ୍ବ୍'ସି ମାହାପୁରୁ
ର୍ମ୍ ଆରୁ କୁଁଷ୍ନ ଅର୍ବ୍'ତାର୍
ଦୁସ୍'ର୍ ଲୁକ୍ ଏକା ର୍ବନ୍ କଁସ୍
ସଁସାର୍ କରୁଛନ୍ ବେକାର୍ ।

ପର୍ ସୁଖ୍ ଦେଖି ଦିହେ ଧର୍ସି ଜୁଏ
ଭିଜୁର୍ କୁଟୁର୍ରେ ଦିନ୍ ବିତେ
ଯିଏ କୁଡିଥିସି ସେ ଝପେଇ ହେସି
ପରର୍ ଲାଗି କୁଡ୍'ଲା ଗାତେ ।

କୁଲ୍ ହେଇକରି ସୁଜିକେ କହେସି
ତୋର୍ ପଛାଡେ ଗୁଟେ କଣ୍'ହାଁ
ନଜର୍ ଦିହେ ଥାଆନ୍ ଲୁଦ୍ରେ ମାଛି
ଦେଖାସି ଦୁସ୍ରାର୍ ଘା ଚନ୍'ହାଁ ।

ବୁଡିବୁଡି କରି ପାଏନ୍ ଢୁକ୍'ସି
କହେ ନାଇଁ ଦେଖ୍'ବାର୍ ବଲି
ସତ୍'କଥା ତାକେ କହି ପକାଲେ ଗା
ଚୁଛାଟାରେ କର୍ସି ମାଡ୍'ଗାଲି ।

କଥା ଗୁଟେକେ କବାର୍ ଆର୍ ଗୁଟେ
ହେଜାଲେଖା କେଭେଁ ନାଇଁ ତୁଟେ
ଯାଆନ୍ ନାଇଁ କ ବାଟ୍ ନ ଛାଡନ୍
ଉବାଟେଟା ଲାଗସି ତାକେ ବାଟେ ।

ଉପର୍ ମନ୍'କେ ଚକଚକଆ ଭିବ୍
ହୁରୁଦ୍ ଭିନ୍ନେ ଥିସି ଜହର୍
ହେଲା ନୁହିଲାକେ ଜୁଟାଇ କଥାଥି
ସମ୍ଭୁ କର୍ସନ୍ ଛିନ୍ ଛତର୍ ।

ଇ  କଲିଯୁଗର୍  ମୁନୁଷ୍  ଚଲନ୍
          କହେଲ୍‌କେ କର୍ବେ ମନ୍ ଫୁଲ୍
ହେଲ୍ ନୁହିଲ୍‌ଥି  ଯିଏ ହେଲ୍ ଗଜି
          ତାକଁର୍ ଲ୍‌ଗି ସେ  ସୁନା ପିଲ୍ ।

ବୁରୁବୁଡା  ବୀରମହାର୍‌ଜପୁର  ସୁବର୍ଣ୍ଣପୁର

# ଫଲସା ଫୁଲ



ଏମ୍: ବିଜୟ କୁମାର

ଫଲସାଫୁଲ ଘର୍ ଘର୍ ଜୁଏଁ
ଢ଼ହ ଢ଼ହ ହେଇ ଜଲବା
ଛାତି କଲଜେ ଆଙ୍କିଁ ଦାଗିଦେବା
ଉଲଗୁଲ୍ନ
ଘର ଘର ଜାଇ କହେବା
ଫଲସାଫଲ  ଅଗଂର୍ ଜୁଏ
ଉଲଗୁଲ୍ନ ଉଲଗୁଲ୍ନ
ତମର ଦେଖାଥି ଫଲସାଫୁଲ
କହଁର ନାଇ କ୍ ମହକ ନାଇ
ଲ୍ଲ ଗଲ ଗଲ
ଦେଖେନ ସୁନ୍ଦରୀ
ମୁଇ ଦେଖସି ରକତମୂଲ
ଗୁଟେ ବିପଲବ ବୀରର
ହସି ମୁଲ୍ ମୁଲ୍
ନଆଁଲଗାଏ ଜୁଏହୁଲ୍ଧରି
କଲ୍ ପାତକା ଦେଖାଇ
ଜୁଏଁ ଜଲୁଛେ
ସଥେଁକେ ସାନତିର ଛୁରୀ
ନରମଲର ଖାଲି ନାଁ
ଫାଡ଼ିଛେ କେଢ଼େ   ଆଁ
ଜଲ ଜମିନ ଜଗଂଲ

ପାହାଡ଼ ଗୋଲ୍ ଗୋଲ୍
ଗିଲବାକେ  ଢୁଣିମୁଢ଼ି
କଲ୍ ସଂସକୃତି ସବୁଜିମା
ସମପୁରୁନ ଧଂଅସ ଲିଗି
ଆଉଛେ ଆଗକେ ମାଡ଼ି
ହେତିରଲ୍‌ଗି ଫଲସା ଫୁଲ
    ରକତ ନଆଁ
ଉଲଗୁଲ୍‌ନ ଜୁଏହୁଲ୍‌ନ

# ଶିଶୁ ବିଭାଗ



# ନୂଆ ଶାଗ ବେସର



ଡ଼ଃ ରଞ୍ଜିତ କୁମାର ସାହୁ

ଚମକ ପଡିଲା ଟୁକୁନା । ମାଉସୀ ବାଡ଼ିରେ ତ କୌଣସି ଶାଗ କିଆରୀ ନାହିଁ? ମାଉସୀ ଏତେ ଶୀଘ୍ର ଶାଗ କେମିତି ତିଆରି କରିଦେଲା? ପୋଖରୀକୁ ଯାଇ ଗାଧେଇକି ଫେରୁ ଫେରୁ ମାଉସୀ ତ ସଉଦା କରିକି ଆସି ନଥିବ? ସଉଦା ଦୋକାନୀ ତ ଗାଆଁର ଆର ମୁଣ୍ଡରେ ଆଉ ମାଉସୀ ଧୀରେ ଧୀରେ ଚାଲେ!

ସହରରୁ ଆସି ଗାଆଁରେ ପହଞ୍ଚିଛି ଟୁକୁନା କିଛି ଦିନ ପାଇଁ ଜଗୁଆଳି ହୋଇକି ମାଉସୀଙ୍କର। ମଉସା ଜଣେ ସ୍ୱାସ୍ଥ୍ୟକର୍ମୀ ଏବଂ କରୋନା ଯୋଗୁଁ ତାଙ୍କୁ 15 ଦିନ ଲାଗି ଏକ ଅନ୍ୟ ସ୍ଥାନରେ ରହି ସେଠାରେ ସ୍ୱା ସେବାର ତଦାରଖ କରିବାକୁ ନିର୍ଦ୍ଦେଶ ଆସିଥିଲା ଏବଂ ମଉସା ଚାଲି ଯାଇ ଥିଲେ । ମଉସାଙ୍କର ଦୁଇ ପୁଅ ଅନ୍ୟ ରାଜ୍ୟରେ କାମ କରନ୍ତି ଏବଂ ସେମାନଙ୍କର ଯାତ୍ରାରେ ପ୍ରତିବନ୍ଧ ଲାଗିଅଛି । ତେଣୁ ମଉସା ଟୁକୁନାକୁ କିଛି ଦିନ ପାଇଁ ଗାଆଁରେ ମାଉସୀଙ୍କ ସହ ରହିବାକୁ ଅନୁରୋଧ କଲେ । ଟୁକୁନା ମଧ୍ୟ ଖୁସି । ସହରରେ ଏମିତିରେ ମଧ୍ୟ ସବୁ ଆଡେ ଆଗ ଭଳି ଆଉ ସେ ଜାକ ଜକମ ନାହିଁ । ଗାଁରେ କିଛି ନ ହେଲେ ବିନା ମୁଖାରେ କିଛି ସମୟ ବାହାରେ ବୁଲି ହେବ ଖୋଲା ଜାଗାରେ କରୋନା କୁ ଭୟ ନ କରିକି । କାହା ସହ ଦେଖା ନ କରିକି ଶାନ୍ତିରେ ନିଶ୍ୱାସ ନେଇ ହେବ । ଆଉ ସବୁଠାରୁ ବଡ କଥା ହେଲା ପଦ୍ମ ପୋଖରୀରେ ଗାଧେଇ ହେବ !

ମାଉସୀ ବହୁତ ଭଲ ପାଆନ୍ତି ଟୁକୁନାକୁ । ତେଣୁ ଘରେ ପଶୁ ପଶୁ ଟୁକୁନା ମାଉସୀଙ୍କୁ ବରାଦ କରିଦେଲା, "ମାଉସୀ ଥକି ଯାଇଛି, ଯାତ୍ରାରୁ, ଶାଗ ପଖାଳ ଗଣ୍ଡିଏ କରିଦେ, ଖାଇକି ଆଗ ଶୋଇଯିବି ଦୁଇ ଘଡି । ମୁଁ ଯାଉଛି ପୋଖରୀରେ ଗାଧେଇକି ଆସୁଛି ।”

ଟୁକୁନା ଗାଧେଇବାକୁ ଗ୍ଲଲିଗଲା । ବାହାରୁ ଫେରିଲେ ମୁଁହ, ହାତ ଆଉ ଗୋଡ ଧୋଇବା ଏବଂ ଗାଧେଇବା ଏକ ଭଲ ଅଭ୍ୟାସ, ଖାସ କରିକି ଏହି ସଂକ୍ରମଣ ସମୟରେ ।

ପୋଖରୀରୁ ଫେରି ପୂଜା ସାରି ଟୁକୁନା ବସିଗଲା ଖାଇବାକୁ । ମାଉସୀ ଶାଗ ଭଜା, ଆଉ ଶାଗରେ ବଡ଼ି କଖାରୁ ଆଉ ଆମ୍ବୁଲ ଦେଇକି ଶାଗ ବେସର କରିକି ଥୋଇଛି, ପଖାଳ ସହିତ । ଦେଖୁ ଦେଖୁ ଆଉ ଟୁକୁନା ସମ୍ଭାଳି ପାରି । ଭୋକରେ ଆଉଟୁ ପାଉଟୁ ହେଉଥିବାରୁ ଅଧା କଂସା ପଖାଳ ଖାଇଦେଲା । ଅଲଗା ପ୍ରକାର ଲାଗୁଛି ଶାଗ ବେସର ଆଉ ଶାଗ ଭଜା । ଟିକିଏ ଘାସର ସ୍ୱାଦ ଭଳି ମଧ୍ୟ ଲାଗୁଛି । ପୋଇ ଶାଗ ବେସର ଭଳି ଟିକିଏ ନାଲୁଆ ଲାଗୁଥିଲା ବେସର ମଧ୍ୟ !

"ଏଇଟା କି ଶାଗ କି ଲୋ ମାଉସୀ?" ପଗ୍ଷରିଦେଲା ଟୁକୁନା ।

"ତୁମ ସହରରେ ଏଇଟା ମିଳିବନି ରେ ଛୁଆ, ଏଇଟା ବହୁତ କମ ଲୋକ ଜାଣନ୍ତି," ମାଉସୀ କହିଲେ ।

"କିନ୍ତୁ କୋଉ ଶାଗ? ମୋତେ ତ ବାଡ଼ି ଆଡେ କୌଣସି ଶାଗ କିଆରି ଦେଖା ଯାଉନି," ଟୁକୁନା କହିଲା, "ମୁଁ ପିଲା ବେଳେ ଶୁଣିଛି ଜଣେ ବୁଢ଼ୀ ଥରେ କିଛି ନ ପାଇ ରାଜାଙ୍କୁ ଘାସ ଗ୍ରେଷେଇ କରିକି ଖାଇକବାକୁ ଦେଇଥିଲା ଆଉ ସେହି କାରଣରୁ ସେ ଗାଆଁର ନାମ ଘାସପଦର ହୋଇଥିଲା । ତୁ ଆଉ ଘାସ ରାନ୍ଧି ଦେଇନାହୁଁ ତ?"

"ଧେତ ଚଗଲା ଟୋକା । ମୁଁ କଣ ଏମିତି କରିବି କି? ହଁ ଆମର ଏଠି ଧାନ ବିଲରୁ ବେଳେ ବେଳେ ମୁଥି ଶାଗ ଆସେ ଯାହା ଘାସ ଭଳି ଦେଖିବାକୁ, କିନ୍ତୁ ଏବେ ଆସିନି । ଏଇଟା ବାଡ଼ିରେ ଲାଗିଛି । ସେଥିରୁ ଆଣିଛି," ମାଉସୀ କହିଲେ ।

"କିନ୍ତୁ ବାଡ଼ିରେ ତ କେବଳ କିଆରୀଟିଏ ଭେଣ୍ଡି ଆଉ ବାଇଗଣ ଲାଗିଛି । ସଜନା ଗଛ ବହୁତ ଉପରେ, ତୁ ତୋଳି ପାରିବୁନି ।"

ହସି ଉଠିଲ୍ ମାଉସୀ ଆଉ କହିଲ୍," ତୁ ଯେଉଁ ଭେଣ୍ଡି ଗଛ ସବୁ ଦେଖିଲୁ ତାହାର କଅଁଳଆ ପତ୍ରକୁ ମୁଁ ଶାଗ କରିଛି ।"



"ଓଃ ମୁଁ ଜାଣି ନଥିଲି ଭେଣ୍ଡିର ପତ୍ରକୁ ମଧ ଖିଆ ଯାଇ ପରେ !" ଟୁକୁନା କହିଲ୍ ।

"ମୁଁ କୋଉ ଜାଣିଥିଲି କ? ଥରେ ତୋ' ମଉସା ତାଙ୍କର ଜଣେ ଡାକ୍ତର ବନ୍ଧୁଙ୍କ ଘରକୁ ଯାଇଥିଲେ । ସେଠାରେ ଖାଇକ ଆସିକ ମୋତେ କହିଲେ ଭେଣ୍ଡି ପତ୍ର ବହୁତ ପୃଷ୍ଟିକର। ମୁଁ ବାଡିରୁ ଆଣି ବେସର ତିଆରି କରିଥିଲି । ମୁଁ ବାଡ଼ିରେ କୌଣସି କୀଟନାଶକ ପ୍ରୟୋଗ କରେ ନାହିଁ । ତେଣୁ ଭେଣ୍ଡି ପତ୍ରକୁ ଶାଗ ଭଳ ମଧ ବ୍ୟବହାର କରେ," ମାଉସୀ କହିଲେ।

"ଓଃ ଏମିତି କଥା ! ମୁଁ ତ ଜାଣିଛି ଭେଣ୍ଡି ଗୋଟାଏ ବହୁତ ଭଲ ପରିବା । ଏଥିରେ ବିଭିନ୍ନ ଭିଟାମିନ ବ୍ୟତୀତ ପୃଷ୍ଟିସାର ମଧ ଅଛି ଯାହା ଅନେକ ପରିବାରେ ନ ଥାଏ । ଏହା ରକ୍ତ ଗ୍ଲପ, ମଧୁମେହ ଏବଂ ଅନ୍ୟ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ଲୋକଙ୍କ ପାଇଁ ଉପକାରୀ, " ଟୁକୁନା କହିଲ୍ ।

"ମୁଁ କଣ ଏତେ ସବୁ ଜାଣେ କ? ତୋ ମାଉସ କହିଥିଲେ ଯାହା । ସେ ଆହୁରି ମଧ କହିଥିଲେ, ଭେଣ୍ଡିର ଫୁଲ ମଧ ଖିଆ ଯାଇ ପାରେ । ମୁଁ ବେଳେ ବେଳେ କଛି ଫୁଲ ମଧ ମିଶେଇ ଦିଏ ଶାଗ ଭଜାରେ," ମାଉସୀ କହିଲେ ।



"କନ୍ତୁ ଫୁଲ ବାହାର କରିଦେଲ ଭେଣ୍ଡି କେମିତି ଫଳବ ?" ଟୁକୁନା  ପଗୃରିଲ୍ I

"ଯୋଉ ଗଛରେ ବହୁତ ଫୁଲ ହେଇ ଯାଇଥାଏ, ମୁଁ ସେଥିରୁ କଛି ବାହାର କରିଦିଏ ଯାହା ଦ୍ୱାର୍ ଅନ୍ୟ ଭେଣ୍ଡି ଗୁଡିକ ବଡ ହୋଇ ଫଳବ," ମାଉସୀ କହିଲେ I

"ଓଃ ଏମିତି କଥା I ଆଉ କଣ ଭେଣ୍ଡି ବିଷୟରେ କହିଥିଲେ ମଉସା?" ଟୁକୁନା ପଗୃରିଲ୍ I

"ଭେଣ୍ଡି କୁଆଡେ ନାଲି ରଙ୍ଗର ମଧ ମିଳେ I ଭେଣ୍ଡିର ମଞ୍ଜିରୁ ବାହାରୁଥିବା ତେଲକୁ ଖାଦ୍ୟରେ ବ୍ୟବହାର କର୍‌ଯାଇ ପାରେ ଏବଂ ଏହାର ମଞ୍ଜିକୁ ଗୁଣ୍ଡକରି କଫି  ଭଳ ମଧ ବ୍ୟବହାର କର୍ ଯାଇ ପାରେ I ଆଉ ଯାହା ଜାଣିବାକୁ ଗୃହୁଁଛୁ ନଜେ କେଉଁଠୁ ଜାଣିବୁ ନ ହେଲେ ତୋ ମଉସାଙ୍କୁ ପଗୃରିବୁ," ମାଉସୀ କହୁ କହୁ ଆଉ କଛି ବେସର ଢାଳ ଦେଲେ  I ଟୁକୁନା  ଆଉ କଛି ନ କହି ଖାଇବରେ ମସଗୁଲ ହେଇଗଲ୍ I

୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ଗୃରଲେ୍ଟସଭିଲେ, ଭିର୍ଜିନଆ, ଯୁକ୍ତରଷ୍ଟ୍ର ଆମେରିକା

# ଆମ ଘର



ଅମରନାଥ ବାରିକ୍

ଆମରି ଘର ସରଗ ପୁର
ସୁନ୍ଦର  ପରିବାର
ବାପା ବୋଉ ମୋ ଠାକୁର ଏଠି
ସୁଖୀ ଆମ ସଂସାର ।

ବାର ମାସର ତେର ପରବ
ହୁଅଇ ଆମ ଘରେ
ପିଠା ପଣାର ନରମି ଖାଇ
ଖୁସିରେ ଦିନ ସରେ ।

ହାଟକୁ ଗଲେ ବାପା ଆଣନ୍ତି
ତଟକା ଫଳ ମୂଳ
ଧୋଇ ଧାଇକ କାଟନ୍ତି ମାଆ
ଖୁଆନ୍ତି କରି କୋଳ ।

ଆଇ ମା ମୋର ବାଡିରୁ ଆଣେ
ସଜନା ଶାଗ ବାଛି
କରନ୍ତି ମାଆ ସୁନ୍ଦର ଭାବେ
ଲଙ୍କା ରସୁଣ ଛେଚ ।

ଗରମ ଭାତ, ଡାଲି, ତିଅଣ
ମାଆ ଦିଏ ପରସି
ଭାଇ ଭଉଣୀ ଜେଜେଙ୍କ ସାଥେ
ବାପା ଖାଆନ୍ତି ହସି ।

ବୁଡ଼ିଲେ ବେଳ କରୁ ପ୍ରାର୍ଥନା
ସଭିଏଁ ଆମେ ମିଶି
ଗୁରୁ ଜନଙ୍କୁ ପ୍ରଣାମ କରି
ପଢୁଛୁ ପାଠ ବସି ।

ନିଦ ନ ହେଲେ ଆଇ ମା କହେ
ଟୁଆଁ ଟୁଇଁ କାହାଣୀ
ଜେଜେ ଶୁଣାନ୍ତି ରାମାୟଣ ଓ
ଭାଗବତ ର ବାଣୀ ।

କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧

# ଫଗୁଣ ମାସଟି ଭଲ



କୁଞ୍ଜବିହାରୀ ସାହୁ

ଆସରେ ପିଲାଏ ଆସ
ଫଗୁଣ ରଙ୍ଗରେ ରଙ୍ଗେଇଯିବାରେ
ବିଞ୍ଚିବା ଫଗୁର ବାସ ।
ଖେଳବା ଫଗୁର ଖେଳ
ଖେଳରେ ହାରିବା ଜିତିବା ନ ଖୋଜି
ଖୁସିରେ ହୋଇବା ମେଳ ।
ଫଗୁଣ ଆଣିଛି ଫଗୁ
ଦେହରେ ଲାଗିଲେ ଫଗୁର ରଙ୍ଗଟି
ରାଗଟି ଯିବରେ ଆଗୁ ।
ସେନେହ ଶରଧା ବାଣ୍ଟି
ସଭିଙ୍କୁ ଭାବିବା ନଜର ପରିକା
ଅମେରେ ଓଡିଆ ଖାଣ୍ଟି ।
ବାସିଲା ଆମ୍ବର କଷି
ଶାକର, ଚଣାର ଭୋଗଟେ ସଜାଇ
ଠାକୁର ପୂଜିବା ବସି ।

ଦୋଳ ବିମାନରେ ଝୁଲି
ରାଧାକୃଷ୍ଣ ଦୁହେଁ ସାହି ବୁଲିଲେଣି
ଭେଦଭାବ ମନୁ ଭୁଲି ।
ଫଗୁଣ ମାସଟି ଭଲ
ବୁଲିବାପାଇଁକି ମଉଜ ଲାଗଇ
ତା ପରି ନୁହେଁ କେ ତୁଲ ।

ଏଲ୍. ଆଇ. ଜି ୧୫ ନୟାପଲ୍ଲୀ
ବ୍ରୀଟ୍ କଲୋନୀ ଭୁବନେଶ୍ୱର

# ପ୍ରବାସୀ ପକ୍ଷୀ ଓ ଚଲିକା



ନୀଳମାଧବ ସାହୁ

ହେମନ୍ତ ଋତୁ ସରି ଆସୁଥାଏ ଓ ଶୀତଋତୁ ପାଦ ଥାପିବା ଆରମ୍ଭ କରୁଥାଏ | ପ୍ରମୋଦବାବୁ ଏହି ବର୍ଷ କୁଆଡେ ବୁଲିବାକୁ ଯିବେ ଭାବୁଥାନ୍ତି | ତାଙ୍କ ନାତି କଟୁ ଆସି ପଚାରେ, "କ'ଣ ଭାବୁଛନ୍ତି ଅଜା ?" ପ୍ରମୋଦବାବୁ ଉତ୍ତର ଦିଅନ୍ତି, "କୁଆଡେ ବୁଲି ଯିବା ଭାବୁଥିଲି |" କଟୁ ଚଲିକା ବିଷୟରେ ବହୁତ କଛି ପଢିଚ ଓ ଶୁଣିଚ ବି, ସେଠାକୁ ଶୀତଦିନରେ ବହୁତ ପ୍ରଜାତିର ବିଦେଶୀ ପକ୍ଷୀ ଆସନ୍ତି ବୋଲି | ତେଣୁ କଟୁର ଚଲିକା ବୁଲିଯିବା ଇଛା ଜାଗ୍ରତ ହେଲା ଓ ଅଜାଙ୍କୁ କହିଲା, "ଚଲିକା ବୁଲିଗଲେ କେମିତି ହୁଅନ୍ତା |" "ଚଲିକାରେ କ'ଣ ଅଛି କ ସେଠିକ ଯିବୁ ", ପ୍ରମୋଦବାବୁ କଟୁଠୁ ଜାଣିବାକୁ ଚାହୁଁଥିଲେ ଓ କଟୁ ବି ଯାହା ଜାଣିଥିଲା ସବୁ ଜଣେଇଲା | ଶେଷରେ ନିଷ୍ପତି ହେଲା ଯେ ଶୀତଛୁଟିରେ ସମସ୍ତେ ମିଶିକ ଚଲିକାକୁ ବିଦେଶୀ ପକ୍ଷୀ ଦେଖିବାକୁ ଯିବେ |

ତା'ପର ଦିନଠୁ ଚଲିକା ବିଷୟରେ ବହୁତ କଛି ତଥ୍ୟ ସଂଗ୍ରହ କରିବାରେ ଲାଗିପଡ଼ିଲା | ପ୍ରଥମେ ସେ ବିଦ୍ୟାଳୟରେ ଶିକ୍ଷକଙ୍କୁ ପଚାରିଲା ଯେ ଚଲିକାକୁ କାହିଁକ ପକ୍ଷୀମାନଙ୍କ ଭୂସ୍ୱର୍ଗ ବୋଲି କୁହାଯାଏ | ଶିକ୍ଷକ କହିଲେ, "ଶୀତଦିନ ଆରମ୍ଭ ହେଉ ହେଉ ବିଦେଶରୁ ବହୁତ ପକ୍ଷୀ ସେଠାକାର ଥଣ୍ଡାକୁ ସହ୍ୟ କରିପାରନ୍ତି ନାହିଁ ଓ କେତକ ସାଇବେରିଆନ ଦେଶରେ ଅଧିକ ତୁଷାର ପାତ ହେବା ଫଳରେ ଖାଦ୍ୟ ପାଇଁ ଭାରତ ପରି ଏସିଆ ମହାଦେଶୀୟ ଦେଶଗୁଡିକୁ ଚାଲିଆସନ୍ତି | ଚଲିକାର ଜଳବାୟୁ ଓ ପରିବେଶ ବିଭିନ୍ନ ଆଞ୍ଚଳକ ଦେଶୀ ପକ୍ଷୀକୁ ବାସସ୍ଥାନ ଦେବା ସହ ବିଦେଶୀପକ୍ଷୀଙ୍କ ପାଇଁ ମଧ୍ଯ ବେଶ ଉପଯୋଗୀ ହୋଇଥାଏ| ଚଲିକା ଲୁଣି ହ୍ରଦରେ ୧୬୦ ପ୍ରଜାତିର ପକ୍ଷୀ ଶୀତଋତୁରେ ଦେଖାଯାଇଥିଲା, ଯେଉଁମାନେ କ ରୁଷିଆ, ସାଇବେରିଆ, କାଜାକସ୍ତାନ, ମଧ୍ଯ ଓ ଦକ୍ଷିଣପୂର୍ବ ଏସିଆ, ଲଦାଖ ଓ ହିମାଳୟରୁ ଆସିଥାନ୍ତି | ସମୟ ଚାରିଟା ବାଜିଲା ଓ ବିଦ୍ୟାଳୟ ଘଣ୍ଟି ବାଜିଲା | ଆଜି

ଏତିକି ଥାଉ, ପୁଣି ଆଉ ଗୋଟେ ଦିନ ଚିଲିକା ଉପରେ ବିସ୍ତୃତ କହିବି ବୁଝେଇବି |" ତା'ପରେ ବିଦ୍ୟାଳୟ ଛୁଟି ହେଲା ଓ କଟୁ ଘରକୁ ଫେରିଲା | ଚିଲିକା ଯିବାର ଉତ୍କଣ୍ଠା ତା' ମନରେ ସରୁନଥାଏ |



ତା'ପର ଦିନ ପୁଣି ଖାଲି ସମୟ ଦେଖି ଶିକ୍ଷକଙ୍କ ପାଖରୁ ଚିଲିକା ବିଷୟରେ ଆହୁରି କିଛି ଜାଣିବାକୁ ଚାହିଁଲା ଓ ଶିକ୍ଷକ ବି ନିଃଦ୍ୱନ୍ଦରେ ଯାହା ଜାଣିଛନ୍ତି ଜଣାଇଲେ | ୧୯୮୧ ମସିହାରେ ଚିଲିକା ହ୍ରଦକୁ ପ୍ରଥମ ଭାରତୀୟ ଅନ୍ତଃରାଷ୍ଟ୍ରୀୟ ଉପଯୋଗୀ ସମ୍ପର୍ଣ ଆଦ୍ରଭୂମିର ମାନ୍ୟତା ମିଳିଥିଲା | ସର୍ଭେରୁ ଜଣାଯାଇଛି ଯେ ୧୦୦ ପ୍ରତିଶତ ପକ୍ଷୀରୁ ଯଥାକ୍ରମେ ୪୫ ପ୍ରତିଶତ, ୩୨ ପ୍ରତିଶତ ଓ ୨୩ ପ୍ରତିଶତ ସ୍ଥଳପକ୍ଷୀ, ଜଳପକ୍ଷୀ ଓ ଲମ୍ବାଗୋଡିଆ ପାଣିଚଲା ଜଳପକ୍ଷୀ ଦେଖାଯାଏ | ବିଭିନ୍ନ ପ୍ରକାର ପକ୍ଷୀକୁ ଛାଡିଦେଲେ ଚିଲିକାରେ ବିଭିନ୍ନ ପ୍ରଜାତିର ମାଛ, କଙ୍କଡା, ଉଭୟଚର, ସରୀସୃପ, ମାଛଖିଆ ଭୁଆ ଓ ଇରାୱାଡି ଡଲଫିନ ଦେଖାଯାଏ | ଚିଲିକାରେ ସାମୁଦ୍ରିକ ଆଲଗି ଓ ସାମୁଦ୍ରିକ ଘାସ ଚାଷ ବି କରାଯାଏ | କେତେକ ବିଲୁପ୍ତ ପ୍ରାୟ ପକ୍ଷୀ ଚିଲିକାରେ ଦେଖାଯାଇଛନ୍ତି ଓ ଏଠି ବିଭିନ ପ୍ରଜାତିର ଜିନ ସାଇତି ହୋଇଥାଏ |

ଡିସେମ୍ବର ଶେଷ ଆଡକୁ ଛୁଟି ଆରମ୍ଭ ହୋଇଗଲା | ପ୍ରମୋଦବାବୁ ଚିଲିକା ଯିବା ପାଇଁ ତାରିଖ ନିଷ୍ପତି କରିଦେଲେ | କଟୁ ବି ବହୁତ ଖୁସି ହେଉଥାଏ, ସେ ଚିଲିକା ପ୍ରଥମ ଥର ପାଇଁ ଯାଉଛି | ପ୍ରମୋଦବାବୁ କହିଲେ ଯେ ସକାଳ ସମୟ ପକ୍ଷୀମାନଙ୍କ ପାଇଁ ଭଲ ହୋଇଥାଏ ଓ ଆମେ ଅଧିକ ପ୍ରଜାତିର ପକ୍ଷୀ ଦେଖିପାରିବା, ତେଣୁ ସବୁ ଭୋର ସକାଳୁ ସଜବାଜ ହୋଇଯିବ | ଭୋର ସକାଳୁ ସମସ୍ତେ ସଜବାଜ ହୋଇଗଲେ ସୂର୍ଯ୍ୟ ଉଦୟ ହେବା ଆଗରୁ ଯେମିତି ଚିଲିକା ପହଞ୍ଚିଯିବେ | କଟୁ ସମସ୍ତଙ୍କ ଆଗରୁ ଯାଇ ଗାଡିର

ଝରକା ସିଟରେ ବସିଯାଇଛି | ସମସ୍ତେ ମଙ୍ଗଳାଯୋଡି ଠାରେ ପହଂଚଗଲେ ଯେଉଁଠାରେ କ ବେଶୀ ପକ୍ଷୀ ଦେଖାଯାଏ | ଚଲିକାର ନଳବଣରେ ମଧ୍ୟ ବେଶୀ ଚଢେଇ ଦେଖାଯାନ୍ତି ବୋଲି ପ୍ରମୋଦବାବୁ ଜଣାଉଥାନ୍ତି | ଏବେ ସମସ୍ତେ ବୋଟରେ ବସି ଚଲିକା ମଧ୍ୟରେ ପକ୍ଷୀ ଦେଖିବାକୁ ବାହାରିଗଲେ |




ଚଲିକାରେ ବହୁତ ସାର୍ ପକ୍ଷୀଙ୍କ ସମାଗମ ହେବାସହ ଫୋଟୋଗ୍ରାଫରମାନଙ୍କ ବି ସମାଗମ ହୋଇଥିଲ୍ | ସମସ୍ତେ ସୁନ୍ଦର ପକ୍ଷୀମାନଙ୍କ ଫୋଟୋ ଉଠଉଥାନ୍ତି | କଟୁ ଏସବୁ ଦେଖି ବହୁତ ଖୁସି ହେଲ୍ ଓ ପକ୍ଷୀମାନଙ୍କ ବିଷୟରେ ସେମାନଙ୍କ କଥାବାର୍ତା ଶୁଣୁଥିଲ୍ | ସେହିଠାରେ ଫୋଟୋଗ୍ରାଫର, ଗବେଷକ ଓ ଅନ୍ୟ ପକୃତିପ୍ରେମୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଆଲୋଚନା ଗ୍ଲୁଥାଏ, ଯେପରିକି ପ୍ରବାସୀ ପକ୍ଷୀଙ୍କ ଉପକାରିତା, ମନୁଷ୍ୟକୃତ କାର୍ଯ୍ୟ ଦ୍ୱାର୍ ସେମାନଙ୍କ ଉପରେ ପ୍ରଭ୍ବ ଓ ସେମାନଙ୍କ ସଂରକ୍ଷଣ ଇତ୍ୟାଦି | କଟୁକୁ ଏସବୁ ବିଷୟରେ ଜାଣିବାକୁ ବହୁତ ଇଛା ଓ ଅଜାଙ୍କୁ କହି ସେମାନଙ୍କ ପାଖରେ ଯାଇ ବସିଗଲ୍ |

ପ୍ରବାସୀ ପକ୍ଷୀମାନେ ପରିବେଶରେ ମୁଖ୍ୟ ଭୂମିକା ନିଅନ୍ତି ଓ କୀଟପତଙ୍ଗମାନଙ୍କୁ ନିଜ ଖାଦ୍ୟ ରୁପେ ନେଇ ପରିବେଶର ସନ୍ତୁଳନ ରକ୍ଷା କରନ୍ତି | ପ୍ରବାସୀ ପକ୍ଷୀଙ୍କ ଯୋଗୁଁ ଗୋଟିଏ ସ୍ଥାନର ବୀଜ ଅନ୍ୟ ସ୍ଥାନକୁ ପ୍ରସାରିତ ହୋଇଥାଏ ଓ ବିଭିନ୍ନ ପ୍ରକାରର ଗଛଲତାର ସମ୍ଭାର ହୋଇ ସେହି ସ୍ଥାନର ପରିବେଶକୁ ଆହୁରି ଉତ୍କୃଷ୍ଟ କରେ | ସେହିପରି ବିଭିନ୍ନ ମାଛର ପ୍ରକାର ଦେଖିବାକୁ ବି ମିଳେ, କାହିଁକି ନା ସେମାନେ ତାଙ୍କ ଥଣ୍ଟରେ ଜାଣତରେ ବା ଅଜାଣତରେ ମାଛ ଅଣ୍ଡା ବାହାରୁ ଧରି ଆସନ୍ତି | ପକ୍ଷୀମାନଙ୍କ ଝାଡ଼ାକୁ

ଗୁଆନୋ ବୋଲି କୁହାଯାଏ ଯେଉଁଥିରେ କ ନାଇଟ୍ରୋଜେନ ଥାଏ, ସେହିପରି ପକ୍ଷୀର ଅଣ୍ଡାଖୋଳରେ କ୍ୟାଲ୍ସିଅମ ଓ ଅନ୍ୟ ମିନେରାଲ ଥାଏ ।

ପ୍ରାକୃତିକ ପରିବେଶ ନଷ୍ଟ, ରାସାୟନିକ ପ୍ରଦୂଷଣ, ନିର୍ଦ୍ଦିଷ୍ଟ ଗଛଲତାର ଲୋପ, ଅତ୍ୟଧିକ ମାଛ ଧରିବା ଓ ବିଭିନ୍ନ ପ୍ରକାର ବିକାଶମୂଳକ କାମ ଯେଉଁଥିରେ ପ୍ରାକୃତିକ ସମ୍ପଦର ନଷ୍ଟ ହୁଏ, ଇତ୍ୟାଦି ଦ୍ୱାରା ପ୍ରବାସୀ ପକ୍ଷୀ ସହ ଅନ୍ୟ ସ୍ଥାନୀୟ ପକ୍ଷୀଙ୍କ ସଂଖ୍ୟା କମିବାରେ ଲାଗୁଛ ଓ ପରିବେଶର ସନ୍ତୁଳନ ବିଗିଡ଼ିବାରେ ଲାଗୁଛ । ତେଣୁ ଏଥି ପ୍ରତି ଧ୍ୟାନ ଦେବାକୁ ହେବ ବୋଲି ଆଲୋଚନା ହେଉଥିଲା । ଗବେଷକମାନେ ଶେଷରେ ମତ ରଖିଲେ ଯେ ପ୍ଲାଷ୍ଟିକ ଓ ରାସାୟନିକ ପଦାର୍ଥର ବହୁଳ ବ୍ୟବହାର କୁ ଯେତେ ସମ୍ଭବ କମାଇବାକୁ ପଡିବ ଓ ପରିବେଶ ଉପଯୋଗୀ ଜିନିଷର ବ୍ୟବହାର କରିବାକୁ ହେବ । ବିଦ୍ୟାଳୟ, କଲେଜ ଓ ସ୍ଥାନୀୟ ଜନବସତିରେ ସମସ୍ତଙ୍କୁ ପ୍ରବାସୀ ପକ୍ଷୀଙ୍କ ବିଷୟରେ ସଚେତନ କରାଇବାକୁ ହେବ । ମାଛଧରା କାର୍ଯ୍ୟକୁ ପ୍ରବାସୀ ପକ୍ଷୀ ଆସିବାଠୁ ଯିବା ପର୍ଯ୍ୟନ୍ତ କମାଇବାକୁ ବା ବନ୍ଦ କରିବାକୁ ହେବ । ସରକାରଙ୍କ ଦ୍ୱାରା ମଧ୍ୟ ନିୟମ ଲାଗୁ କରିବାକୁ ହେବ । ତାହାହେଲେ ପ୍ରବାସୀ ପକ୍ଷୀମାନଙ୍କ ବଂଶ ବିସ୍ତାର ପାଇଁ ଉପଯୋଗୀ ହୋଇପାରିବ । ଏତିକରେ ସେମାନଙ୍କ ଆଲୋଚନାର ସମାପ୍ତି ହେଲା ।

କଟୁ ସବୁ ବିଷୟକୁ ଚିଲିକାରୁ ଫେରିଲାପରେ ସାଙ୍ଗମାନଙ୍କୁ ଜଣାଇଲା । ସମସ୍ତେ ଚିଲିକା ଓ ପ୍ରବାସୀ ପକ୍ଷୀ ବିଷୟରେ ସଚେତନ ହେଲେ ଓ ପରିବେଶ ସଂରକ୍ଷଣ ପାଇଁ ଆଗଭର ହେବେ ବୋଲି ନିଷ୍ପତି ନେଲେ ।



ସମରଝୋଳ, ଗଂଜାମ, ଓଡିଶା

# କର୍ମନିଷ୍ଠ ମଧୁସ୍ମିତା



ଅଶୋକ କୁମାର ପ୍ରଧାନ

ମଧୁସ୍ମିତା ଆଜି ଭଲପାଠ ପଢି ଗାଆଁର ରଖିଛି ଟେକ
ଗରିବ ଘରେ ସେ ଜନମିଛି ବୋଲି କରିନାହିଁ ତିଳେ ଦୁଃଖ
କର୍ମ କରିଛି କୁଣ୍ଠା ନକରି ସଫଳ ପାଇବା ଯାଏ
କିଏ କ'ଣ କହେ କାନରେ ନଦେଇ କାମ କଥା ଭାବୁଥାଏ ।

ଦୁନିଆ ଦାଣ୍ଡରେ ଏମିତି ଅନେକ କଥା ଶୁଣିବାକୁ ମିଳେ
କଥା ଶୁଣି କାହିଁ ବିବ୍ରତ ହେବି ଏକଥା ମନରେ ଭାଳେ
କର୍ମ କରିବି କୀର୍ତ୍ତି ସାଉଟିବି ଜାଣିବ ଦୁନିଆ ମୋତେ
ଦୁର୍ବଳ ଭାବନା ପାରେନାହିଁ ଛୁଇଁ ଚାଲିଯାଏ ଯେଯା ପଥେ ।

ନିଷ୍ଠାରୁ ନହଟି ନିତ୍ୟ କରିବି ଆଜିର କର୍ମ ଯେତେ
ବଳକା କିଛି ବି ରଖିବିନି କାଲି ହେଲେ ହେଉ କଷ୍ଟ ମୋତେ
କଷ୍ଟକୁ କେବେ ଅନ୍ତର ଦୃଢ଼ତା ଭାଙ୍ଗିଛି କେଉଁଠି କୁହ
କଷ୍ଟ କରିଲେ କର୍ମ ନିଷ୍ଠ ହୋଇ ଦିଶେ ସଫଳତା ମୁହାଁ ।

ନିତ୍ୟ କରମ ସତ୍ୟ ପଥରେ ଆଗେଇ ଚାଲିବି ବାଟ
ଝଡଝଞ୍ଜା ଦେଖି ଅଟକିବି ନାହିଁ ପଢିବି ପଢିବି ପାଠ ।

ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରାହିଗାଁ, ଗଞ୍ଜାମ

# ସୌଦାମିନୀ

ଧରିତ୍ରୀ ଦାସ

ଅଜା ଡାକଥିଲେ କୁନା ମୁନା ଆସ
ଆମେ କଥାହେବା ସାଙ୍ଗ ହୋଇ ବସ ।
ବର୍ଷାଦିନେ ଆମେ ସତର୍କ ହୋଇବା
ସୌଦାମିନୀ ବିଷୟରେ ଜାଣିଯିବା ।
ଶୁଣିଥାଅ ତୁମେ ସବୁ କୁନପିଲା
କେବେ କେମିତି ଏହା ସୃଷ୍ଟି ହେଲା ।
ମେଘ ମେଘ ମଧ୍ୟରେ ଘର୍ଷଣ ଜନିତ ଶକ୍ତି
ସ୍ଥାନାନ୍ତରିତେ ମାରିଥାଇ ଝଟକା ।
ଆଗେ ଆଗେ ବିଜୁଳି ପରେ ଆସଇ
ଘଡଘଡି ପୁଣି ଘୋର ରଡି କରଇ ।
ସତର୍କ ରହିବାକୁ ହେବ ଜାଣିଥାଅ
ଘର କବାଟ, ଝରକା ବନ୍ଦ କରିଦିଅ ।
ବସ କାରରେ ଥିଲେ ଝରକା ବନ୍ଦକରି
ନିଶ୍ଚିନ୍ତରେ ବସିବା ଆମେ ନିର୍ଭୟ ହୋଇ ।
ପାଣି ଟ୍ୟାପ ବ୍ୟବହାର କରିବାନି
ଭୂମି ଉପରେ କେବେବି ଶୋଇବାନି ।
ବିଦ୍ୟୁତ ଉପକରଣ ଟେଲିଫୋନ
ସେତେବେଳେ ଆଦୋଉ ଧରିବାନି ।
ବାହାରେ ଥିଲେ କାନେ ଦେବା ହାତ
ପାଦ ଆଙ୍ଗୁଳରେ ବସି ଯିବା ମିତ ।
ଗଛ ମୂଳେ ରହିବା ସମ୍ପୂର୍ଣ୍ଣ ମନା

ଏସବୁ କଥାକୁ ଜାଣିଥାରେ କୁନା ।
ତୀବ୍ର ଗତି ସହ ଉତ୍ତାପ ପ୍ରଖର
କ୍ଷଣକେ ଜାଳ କରେ ଛାରଖାର ।
ଏକଥାକୁ ସର୍ବେ କରିବ ବିଗ୍ଭର
ସୌଦାମିନୀ ପ୍ରତି ସତର୍କ ଆଚର ।

ଗ୍ରଉତର୍ ପୁର, ପହଙ୍ଗା, ଯାଜପୁର

# ଚିତ୍ର



ରିୟାନ୍ସ ପଣ୍ଡା



ଷ୍ଟାଣ୍ଡର୍ଡ ୧, ରବୀନ୍ଦ୍ର ଭାରତୀ ଗ୍ଲୋବାଲ ସ୍କୁଲ୍,
ବାଙ୍ଗାଲୋର

# ମାର୍ଚ୍ଚ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୩/୦୩/୨୦୨୧ | ଓଁକାରନାଥ ଜୟନ୍ତୀ |
| ୦୫/୦୩/୨୦୨୧ | ପଞ୍ଚାୟତିରାଜ ଦିବସ |
| ୦୮/୦୩/୨୦୨୧ | ଶରଣ ଆରମ୍ଭ |
| ୦୯/୦୩/୨୦୨୧ | ପଙ୍କୋଦ୍ଧାର ଏକାଦଶୀ |
| ୧୧/୦୩/୨୦୨୧ | ଶିବରାତ୍ରି (ଜାଗର) |
| ୧୨/୦୩/୨୦୨୧ | ସବେ-ମେରାଜ୍ (ପୂର୍ବରାତ୍ରି) |
| ୧୩/୦୩/୨୦୨୧ | ଫାଲଗୁନ ଅମାବାସ୍ୟା |
| ୧୪/୦୩/୨୦୨୧ | ମୀନ ସଂକ୍ରାନ୍ତି |
| ୧୮/୦୩/୨୦୨୧ | ଗୁରୁ ପଞ୍ଚମୀ ବ୍ରତ |
| ୨୨/୦୩/୨୦୨୧ | ରାଷ୍ଟ୍ରୀୟ ନବ ବର୍ଷ ଆରମ୍ଭ |
| ୨୪/୦୩/୨୦୨୧ | ଫଗୁ ଦଶମୀ ଓ ଦୋଳ ଯାତ୍ରାରମ୍ଭଃ |
| ୨୫/୦୩/୨୦୨୧ | ପାପନାଶିନୀ ଏକାଦଶୀ |
| ୨୬/୦୩/୨୦୨୧ | ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ |
| ୨୭/୦୩/୨୦୨୧ | ବରାହ ଦୋଳ |
| ୨୮/୦୩/୨୦୨୧ | ଦୋଳ ପୂର୍ଣ୍ଣିମା, ଶ୍ରୀ ଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ |
| ୨୯/୦୩/୨୦୨୧ | ହୋଲି ଉତ୍ସବ |
| ୩୦/୦୩/୨୦୨୧ | ତାରାତାରେଣୀ ଯାତ୍ରାରମ୍ଭଃ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com

## ଫେବୃୟାରୀ ମାସର ବିଜେତାଙ୍କ ନାମ



ଶୀତ ସକାଳର ମାଟି ଖୁରୀଟିରେ
ସରପକା ଗୁ ଦିଶେ
ନରୁତା ଦୁଧରେ ଅଦା ଗୁଜୁରାତି
ମହ ମହ ହୋଇ ବାସେ ।
ମାଟି ଖୁରୀ ପ୍ରଚଳନ
କୁମ୍ଭାର ଭାଇର ଉନ୍ନତି ହୁଅନ୍ତା
ବଢନ୍ତା ଜୀବନ ମାନ ॥

<u>ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର</u>

ସକାଳର ଚ୍ୟହା
ପ୍ରେମର ମିଠା ମିଠା ବାସ୍ନା
ସଂପର୍କର ଉଷ୍ମତା ରେ ଭରା,
ବାଷ୍ପୀଭୂତ ମନର ଅଳନ୍ଧି,
ବିଲୀନ ମହାକାଶରେ।
ଉଦାସ ଥିଲା ଏ ମନ,
ଅନ୍ତରରୁ କୋହଭରା ସ୍ୱର,
ଆର୍ତ୍ତନାଦ କରି ମୁକ୍ତି ର ଭିକ ଲାଗୁଥିଲା,
ଏମିତି କଛି ଅସହାୟ ମୁହୂର୍ତ୍ତ,
ଆତ୍ମସମର୍ପଣ ର ରାସ୍ତା ଖୋଜୁଥିଲା...
ଭରିଦେଲା ମାଦକତା ଏକ କପ
ସକାଳର ଚ୍ୟହା।

<u>ବିଜେତା: ମୀନାକ୍ଷି ପାଢୀ, ଥାନେ, ମହାରାଷ୍ଟ୍ର</u>

ପ୍ରକୃତି ଦେଇଛି ତତେ ଅନେକ ଗୁଣ
ସାଙ୍ଗ ଭଙ୍ଗ ପଙ୍ଗତରେ ତୁ ଲୋଡ଼ା ।
କୁନଆମଇତର ଆସିଲେ ଖୋଜା ପଡେ ତୁ
କ ଧନୀ କ ଦରିଦ୍ର ସଭିଏଁ ତୋ ପଖରେ ସମାନ
ଖାଲି ପେଟରେ ଖାଇଲେ ଦିହକୁ ଅହିତ
ଖାଉ ଖାଇଲେ ତତେ ସଭିଙ୍କୁ ଲାଗେ ହିତ ॥

କୀର୍ତ୍ତି ଦେବୀ, ସିଭିଲ୍ ଟାଉନ୍ ସିପ୍, ରାଉରକେଲା

ଗରମ ଚା'କୁ ପାଟିରେ ଦେଲେ ଶୋଷି
କ୍ଲାନ୍ତ ମନପ୍ରାଣ ହୋଇ ଉଠେ ଖୁସି
ପେଟ ନ ପୁରେ କନ୍ତୁ ତୃପ୍ତ ମନ
ଅତିଥି ସତ୍କାରେ ବଢାଏ ମାନ
ଗାଁଠୁ ସହର ସବୁଠି ଆଦର
ସକାଳ ଜଳଖିଆ ମୁଢି ସାଥିର
ଖରା ବରଷା କ ହେଉ ଶୀତ
ସହଜେ ସବୁଠି ହୁଇଅ ପ୍ରାପ୍ତ ।

ବାଙ୍କାବିହାରି ମହାକୁର, ବୁରୁବୁଡା  ବୀରମହାରାଜପୁର ସୁବର୍ଣ୍ଣପୁର

ଗ୍ରୀଷ୍ମ, ବର୍ଷା, ଶୀତ, ବସନ୍ତ
ସବୁ ଋତୁ ସବୁବେଳେ, ସବୁଦିନେ
ତୋରି ଆଦର ।
ଦୁଃଖ-ସୁଖରେ,
ମଉଜ-ମଜଲିସ୍ ରେ,
ତୁ ମୋର "ସାଥୀ" ।

ତୋ ସହ ରହିଛି ମୋର

ଅନେକ ସ୍ମୃତି...... ॥

<u>ପ୍ରତୀକ୍ଷା ଶତପଥି, ସିଭିଲ୍ ଟାଉନସିପ୍, ରାଉରକେଲା</u>

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତି ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁ www.vedantimagazine.com visit କରନ୍ତୁ ।

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com। ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**